RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR ♦VOLUME- 43 ♦ISSUE-222 ♦SATURDAY ♦7 FEBRUARY 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୨୨୨ ♦ଶନିବାର ♦୭ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




## ବୈଭବ ଝଡ଼

### ୧୯ ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲରେ ଇଂଲଣ୍ଡ ପରାସ୍ତ

# ଯୁବ ଭାରତ ବିଶ୍ୱବିଜୟୀ

■ ହରାରେ, ୬।୨ (ଏଜେନ୍ସି): ଜିମ୍ବାୱେର ହରାରେ ସ୍ପୋର୍ଟ୍ସ କ୍ଲବ୍‌ରେ ଇଂଲଣ୍ଡ ସହ ଆଜି ଶୁକ୍ରବାର ଅନୁଷ୍ଠିତ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲରେ ଭାରତର ଓପନର ବୈଭବ ସୂର୍ଯ୍ୟବଂଶୀଙ୍କ ବ୍ୟାଟିଂ ଝଡ଼ ଦେଖିବାକୁ ମିଳିଛି। ଚୌକା ଓ ଛକାର ବର୍ଷାରେ ବୈଭବ ବିସ୍ଫୋରକ ଶତକ ହାସଲ କରି ଭାରତକୁ ଚାମ୍ପିଅନ କରାଇଛନ୍ତି। ଏହି ୧୪ ବର୍ଷୀୟ ବିସ୍ଫୋରକ ବ୍ୟାଟର ୮୦ ବଲ୍‌ରୁ ୧୫ଟି ଚୌକା ଓ ୧୫ଟି ଛକା ବଳରେ ୧୭୫ ରନ୍ କରିବା ପରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୪୧୧ ରନ୍‌ର ବିଶାଳ ସ୍କୋର କରିଥିଲା। ଜବାବରେ ଇଂଲଣ୍ଡ ମଧ୍ୟ ଦ୍ରୁତଗତିରେ ରନ୍ ସଂଗ୍ରହ କରିବାକୁ ଯାଇ ଜଣଙ୍କ ପରେ ଜଣେ ଖେଳାଳି ଆଉଟ ହୋଇଯାଇଥିଲେ ଓ ଦଳ ୩୧୧ ରନ୍ କରି ଅଲଆଉଟ ହେବା ସହ ୧୦୦ ରନ୍‌ରେ ପରାଜିତ ହୋଇଥିଲା। ଏହି ବିଜୟ ଫଳରେ ୧୦ମଥର ଫାଇନାଲ ଖେଳି ଭାରତ ୬ଷ୍ଠ ଥର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ବୈଭବ ସୂର୍ଯ୍ୟବଂଶୀଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ▶ପୃଷ୍ଠା-୭

# ଆଜିଠାରୁ ଟି-୨୦ ବିଶ୍ୱକପ୍

## କଲମ୍ବୋରେ ପାକିସ୍ତାନ-ନେଦରଲାଣ୍ଡସ ପ୍ରଥମ ମୁକାବିଲା

■ ମୁମ୍ବାଇ/କଲମ୍ବୋ, ୬।୨ (ଏଜେନ୍ସି): ଆଇସିସି (ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ) ଆନୁକୂଲ୍ୟରେ ପୁରୁଷ ଟି-୨୦ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ଆସନ୍ତାକାଲିଠାରୁ ଆରମ୍ଭ ହେବ। ବାଂଲାଦେଶକୁ ବହିଷ୍କାର, ଭାରତ ସହ ମୁକାବିଲାକୁ ପାକିସ୍ତାନର ବୟକଟ୍ ମଧ୍ୟରେ ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ପୂର୍ବପରି ୨୦ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଲିଗ୍ ଓ ନକ୍‌ଆଉଟ ଭିତ୍ତିରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ଉଭୟ ଭାରତ ଓ ଶ୍ରୀଲଙ୍କାରେ ମିଳିତଭାବେ ଆୟୋଜିତ ହେଉଛି। ଆଇସିସିର ନୂଆ ରାଜିନାମା ଅନୁଯାୟୀ ଏହି ଟୁର୍ଣ୍ଣାମେଣ୍ଟ ଭାରତରେ ଆୟୋଜିତ ହେଉଥିବାରୁ ପାକିସ୍ତାନ ତାହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋ ସହରରେ ଖେଳିବ।



ଟୁର୍ଣ୍ଣାମେଣ୍ଟରେ ମୋଟ ୫୫ଟି ମ୍ୟାଚ୍ ଉଭୟ ଦେଶରେ ଥିବା ୮ଟି ଭେନ୍ୟୁ ବା ଷ୍ଟାଡିୟମ୍‌ରେ ଖେଳାଯିବ ବୋଲି ସ୍ଥିର ହୋଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅହମ୍ମଦାବାଦ୍‌ରେ ମାର୍ଚ୍ଚ ୮ ତାରିଖରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ପାକିସ୍ତାନ ଯଦି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରେ ତେବେ ଏହି ମୁକାବିଲା କଲମ୍ବୋରେ ଖେଳାଯିବ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଟୁର୍ଣ୍ଣାମେଣ୍ଟରେ ଆୟୋଜକ ତଥା ଡିଫେଣ୍ଡିଂ ଚାମ୍ପିଅନ ଭାରତ, ଇଂଲଣ୍ଡ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ସେମିଫାଇନାଲକୁ ଯିବାର ଆଶା କରାଯାଉଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଖେଳୁଥିଲାବେଳେ ଏହି ଦଳକୁ ଅନ୍ୟତମ ଟାଇଟଲ ଫେବରାଇଟ ବିବେଚନା କରାଯାଉଛି।

## ପାକିସ୍ତାନକୁ ମନାଇବାକୁ ଶ୍ରୀଲଙ୍କାର ଉଦ୍ୟମ

ଭାରତ ବିପକ୍ଷ ମ୍ୟାଚ୍ ବୟକଟ ନ କରିବାକୁ ପାକିସ୍ତାନକୁ ମନାଇବାକୁ ଆଇସିସି ଓ ସହ ଆୟୋଜକ ଶ୍ରୀଲଙ୍କା ଉଦ୍ୟମ ଜାରି ରଖିଛନ୍ତି। ଫେବୃଆରୀ ୧୫ରେ ଭାରତ ଓ ପାକିସ୍ତାନ ମଧ୍ୟରେ ହାଇପ୍ରୋଫାଇଲ ମୁକାବିଲା କଲମ୍ବୋରେ ଖେଳାଯିବ। ଏହି ମ୍ୟାଚ୍‌କୁ ପାକିସ୍ତାନ ବୟକଟ କରିଛି। ଏହି ମ୍ୟାଚ୍ ଖେଳିବାକୁ ପାକିସ୍ତାନ କ୍ରିକେଟ ବୋର୍ଡକୁ ଅନୁରୋଧ କରି ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଚିଠି ଲେଖିଛି। ଭାରତ-ପାକିସ୍ତାନ ମୁକାବିଲା ଦେଖିବାକୁ ଟିକଟ କଟା ସରିଥିଲାବେଳେ ହୋଟେଲ ମଧ୍ୟ ବୁକ୍ ହୋଇଛି। ପାକିସ୍ତାନ ଏହି ମ୍ୟାଚ୍ ନ ଖେଳିଲେ ଆମର ବହୁତ କ୍ଷତି ହେବ ବୋଲି ଶ୍ରୀଲଙ୍କା ▶ପୃଷ୍ଠା-୭

## ନମାଜ ବେଳେ ସିଆ ମସଜିଦରେ ଆତ୍ମଘାତୀ ବିସ୍ଫୋରଣ

# ୩୧ ମୃତ, ୧୫୦ରୁ ଊର୍ଦ୍ଧ୍ୱ ଗୁରୁତର

■ ଇସଲାମାବାଦ୍, ୬।୨ (ଏଜେନ୍ସି): ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନ ପୁଣି ଏହାର ଶିକାର ହୋଇଛି। ଆତ୍ମଘାତୀ ବିସ୍ଫୋରଣରେ ଶୁକ୍ରବାର ଇସଲାମାବାଦ୍ ଥରି ଉଠିଛି। ଜୁମା ନମାଜ ସମୟରେ ଶେହଜାଦ ଟାଉନରେ ଥିବା ତରଲାଇ ଇମାମବାରଗା ସ୍ଥିତ ସିଆ ମସଜିଦ୍ (ଇମାମବାରା)ରେ ଏହି ଆତ୍ମଘାତୀ ଆକ୍ରମଣ ହୋଇଛି। ଏଥିରେ ୩୧ ଜଣ ପ୍ରାଣ ହରାଇଛନ୍ତି। ୧୫୦ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅନେକଙ୍କ ସ୍ଥିତି ସଙ୍ଗୀନ ରହିଛି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଅଧିକାରୀମାନେ କହିଛନ୍ତି। ପୁଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଛି। ଡାକ୍ତରଖାନଗୁଡ଼ିକୁ ହାଇ ଆଲର୍ଟରେ ରଖାଯାଇଛି। ଆହତମାନଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଇସଲାମାବାଦରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ସୂଚନା ଅନୁଯାୟୀ, ଆଜି ଅପରାହ୍ଣରେ ଜଣେ ଆତ୍ମଘାତୀ ବୋମା ବିସ୍ଫୋରଣକାରୀ ଉପାସନା ସ୍ଥଳ ଅଭିମୁଖେ ବଢୁଥିଲା। ମାତ୍ର ପୁଲିସ ଅଟକାଇ ଦେବାରୁ ମୁଖ୍ୟ ଫାଟକରେ ଆତ୍ମଘାତୀ ନିଜକୁ ବିସ୍ଫୋରଣ କରି ଉଡାଇ ଦେଇଥିଲା। ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ଫାଟକ ଓ ଆଖପାଖ ବିଲ୍ଡିଂର କାଚ ଭାଙ୍ଗି ଚୁରମାର୍ ହୋଇଯାଇଛି। ଘଟଣାସ୍ଥଳରେ ମୃତଦେହଗୁଡିକ ଏଣେ ତେଣେ ବିକ୍ଷିପ୍ତ ହୋଇ ପଡ଼ିରହିଛି। ଲୋକେ ମୃତଦେହ ମଧ୍ୟରୁ ନିଜ ସମ୍ପର୍କୀୟଙ୍କୁ ଖୋଜୁଛନ୍ତି। ଏହାର ବିକଳ ଦୃଶ୍ୟ ଭାଇରାଲ ହେବାରେ ଲାଗିଛି।

### ଇସଲାମାବାଦରେ ଜରୁରୀକାଳୀନ ପରିସ୍ଥିତି

ବିସ୍ଫୋରଣକୁ ନେଇ ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲି ଜର୍ଦ୍ଦାରୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏହା ମାନବତାର ବିରୋଧୀ ବୋଲି ସେ କହିଛନ୍ତି। ସରକାରଙ୍କ ରାଜନୈତିକ ବ୍ୟାପାର ମନ୍ତ୍ରୀ ତାରିକ ଫଜଲ ଚୌଧୁରୀ ▶ପୃଷ୍ଠା-୭



# ଦଶମ ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ଜଙ୍ଗଲରେ ଫିଙ୍ଗିଦେଲେ



## ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ମୃତ୍ୟୁ

■ ରାଉରକେଲା, ୬।୨ (ସମିସ): ବିଶ୍ରା ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରି ଦୁଷ୍କର୍ମ ପରେ ଜଙ୍ଗଲରେ ଫିଙ୍ଗିଦେବା ଏବଂ ମୁମୂର୍ଷୁ ଅବସ୍ଥାରେ ଡାକ୍ତରଖାନାରେ ଛାତ୍ରୀଙ୍କ ମୃତ୍ୟୁ ହେବା ଘଟଣା ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୁଲିସ ଏହାକୁ ଏକ ଅପମୃତ୍ୟୁ ମାମଲା କହୁଥିବା ବେଳେ ଝିଅକୁ ଦୁଷ୍କର୍ମ ପରେ ବିଷ ପିଆଇ ଜଙ୍ଗଲରେ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି।

ବିଶ୍ରା ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଛାତ୍ରୀ ଜଣକ ଗୁରୁବାର ସକାଳେ ସବୁଦିନ ପରି ଘରୁ ବାହାରି ସ୍କୁଲକୁ ଯାଇଥିଲେ। କିନ୍ତୁ ସେ ଘରକୁ ଫେରି ନଥିଲେ। ଚିନ୍ତିତ ହୋଇ ପରିବାର ଲୋକେ ସ୍କୁଲରେ ପଚରାଉଚରା କରିବା ବେଳେ ଝିଅ ସ୍କୁଲକୁ ଯାଇ ନ ଥିବା ଜାଣିଥିଲେ। ପରେ ପରିବାର ସମେତ ଗ୍ରାମବାସୀ ଆଖପାଖ ଅଞ୍ଚଳରେ ଖୋଜାଖୋଜି ଆରମ୍ଭ କରି ନିରାଶ ହୋଇଥିଲେ। ଏନେଇ ଥାନାରେ ଅଭିଯୋଗ କରିବାକୁ ଯାଇଥିବା ବେଳେ ଜଣେ ଯୁବକ ଗାଁ ଏବଂ ସ୍କୁଲ ମଧ୍ୟସ୍ଥ ଜଙ୍ଗଲ ନିକଟରେ ଛାତ୍ରୀଙ୍କ ସାଇକଲ ପଡ଼ିଥିବା ଖବର ଦେଇଥିଲେ। ଏହାପରେ ଖୋଜାଖୋଜି ବେଳେ ରାତି ପ୍ରାୟ ୯ଟାରେ ଜଙ୍ଗଲରେ ଏକ ଗଛ ତଳେ ଛାତ୍ରୀଙ୍କୁ ଅଚେତ୍ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କ ଶରୀରରେ କିଛି ଚିହ୍ନ ଥିବା ଦେଖିବାକୁ ମିଳିଥିବା ବେଳେ ଘଟଣାସ୍ଥଳରେ ଛାତ୍ରୀଙ୍କ ସ୍କୁଲ ବ୍ୟାଗ, ଚପଲ ଓ ଏକ ବିଷ ବୋତଲ ପଡିଥିବା ଦେଖାଯାଇଥିଲା। ଛାତ୍ରୀ ଜଣଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବିଶ୍ରା ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେବେ ପୁଲିସ ଏହି ସମ୍ବେଦନଶୀଳ ମାମଲାରେ ଉପଯୁକ୍ତ ତତ୍ପରତା ପ୍ରକାଶ ନ କରିବାରୁ ଏପରି ଘଟଣା ଘଟିଥିବା ଏବଂ ଉପଯୁକ୍ତ ଚିକିତ୍ସା ଅଭାବରୁ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି।

### ଆର୍‌ବିଆଇ ମୁଦ୍ରା ନୀତି କମିଟି ବୈଠକ

# ସୁଧ ହାର ଅପରିବର୍ତ୍ତିତ

■ ମୁମ୍ବାଇ, ୬।୨ (ଏଜେନ୍ସି): ବଦଳିଲାନି ସୁଧ ହାର (ରେପୋ ରେଟ୍)। ଶେଷରେ ସୁଧ ହାରକୁ ଅପରିବର୍ତ୍ତିତ ରଖିଛି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)। ଏଥର ରେପୋ ହାରରେ କୌଣସି ପରିବର୍ତ୍ତନ ନ କରି ଏହାକୁ ୫.୨୫%ରେ ଅପରିବର୍ତ୍ତିତ ରଖାଯାଇଛି। ଏହାର ଅର୍ଥ ହେଉଛି ଋଣ ଅଧିକ ମହଙ୍ଗା ହେବ ନାହିଁ ଏବଂ ଇଏମ୍‌ଆଇ ବୃଦ୍ଧି ପାଇବ ନାହିଁ। ଶୁକ୍ରବାର ଶେଷ ହୋଇଥିବା ଆରବିଆଇର ମୁଦ୍ରା ନୀତି କମିଟି ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ ଯେ, ୨୦୨୫ରେ କେନ୍ଦ୍ରୀୟ ବ୍ୟାଙ୍କ ୪ ଥରରେ ସୁଧ ହାରରେ ୧.୨୫% ହ୍ରାସ କରିଥିଲା। ଫେବୃଆରୀ, ଏପ୍ରିଲ, ଜୁନ ଏବଂ ଡିସେମ୍ବରରେ ଆର୍‌ବିଆଇ ସୁଧହାରରେ ହ୍ରାସ ଘଟାଇଥିଲା। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା କହିଛନ୍ତି ଯେ, ବିଶ୍ୱ ବଜାରରେ ଅନିଶ୍ଚିତତା ଜାରି ରହିଛି। ଏବେ ଭାରତରେ ଦରଦାମ ବୃଦ୍ଧି ନିୟନ୍ତ୍ରଣରେ ରହିଛି। ମୁଦ୍ରାସ୍ଫୀତି ଆରବିଆଇର ସୀମା ୪ ପ୍ରତିଶତ ପାଖାପାଖି ରହିଛି।

# ୧୯ ମାଓବାଦୀଙ୍କ ଆତ୍ମସମର୍ପଣ



■ ଭୁବନେଶ୍ୱର/ ରାୟଗଡ଼ା/ ଫୁଲବାଣୀ, ୬।୨ (ସମିସ): ମାଓ ମୁକ୍ତ ଅଭିଯାନରେ ଆଉ ପାଦେ ଆଗେଇଛି ଓଡ଼ିଶା। ରାୟଗଡ଼ା ଓ କନ୍ଧମାଳର ୧୯ ଜଣ ମାଓବାଦୀ ଆଜି ବିଧିବଦ୍ଧ ଭାବରେ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ରାୟଗଡ଼ା ଜିଲ୍ଲା ବଂଶଧାରା-ଘୁମୁସର-ନାଗାବଳୀ (ବିଜିଏସ୍) ଡିଭିଜନର ୧୫ମାଓ କ୍ୟାଡରଙ୍କ ମଧ୍ୟରେ ରାଜ୍ୟ କମିଟି ସଦସ୍ୟ କୁହାଯାଉଥିବା ଜଗତସିଂହପୁର ଜିଲ୍ଲାର ନିଖିଲ ଓରଫ ନିରଞ୍ଜନ ରାଉତ ଓ କଟକ ଜିଲ୍ଲା ଟାଙ୍ଗୀ ଅଞ୍ଚଳର ଅଙ୍କିତା ଓରଫ ରଶ୍ମିତା ଲେଙ୍କା ରହିଛନ୍ତି। ଉଭୟଙ୍କ ନାମରେ ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସେହିପରି ବିଜିଏନ୍ ଡିଭିଜନର ଆଉ ୧୩ ଜଣ କ୍ୟାଡର ମଧ୍ୟ ଆତ୍ମମର୍ପଣ କରିଛନ୍ତି। ମାଓବାଦୀମାନେ ଦୁଇଟି ଏକେ-୪୭, ୫ଏସ୍‌ଏଲ୍‌ଆର୍, ଗୋଟିଏ ଷ୍ଟେନ୍, ଗୋଟିଏ ଇନ୍‌ସାସ୍, ଗୋଟିଏ ୩-ନଟ୍-୩ ରାଇଫଲ, ୪ସିଙ୍ଗିଲ୍ ସଟ୍ ଗନ୍ ସହ ମୋଟ ୧୪ଟି ଆଗ୍ନେୟାସ୍ତ୍ର ପୁଲିସକୁ ଅର୍ପଣ କରିଛନ୍ତି।। ନିଖିଲ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ରାୟଗଡ଼ା, ଗଜପତି ଓ କନ୍ଧମାଳ ଅଞ୍ଚଳରେ ସକ୍ରିୟ ଥିଲେ ବୋଲି ପୁଲିସ ଡ଼ିଜି ୱାଇ.ବି.ଖୁରାନିଆ ସୂଚନା ଦେଇଛନ୍ତି। ସେହିପରି କନ୍ଧମାଳ ଜିଲ୍ଲା ପୁଲିସ ନିକଟରେ କଳାହାଣ୍ଡି- କନ୍ଧମାଳ-ବୌଦ୍ଧ- ▶ପୃଷ୍ଠା-୭

# ପୁଣି ଅଦାଲତକୁ ଆତଙ୍କୀ ଧମକ

## ରାଜ୍ୟର ୪ ଅଦାଲତକୁ ଉଡ଼ାଇ ଦେବାକୁ ମେଲ୍



■ ଭୁବନେଶ୍ୱର/ କଟକ/ ଫୁଲବାଣୀ/ ପୁରୀ ୬।୨ (ସମିସ): ଓଡ଼ିଶାର ନ୍ୟାୟର ମନ୍ଦିରଗୁଡ଼ିକୁ ପୁଣି ନିଶାଣ। ଗୋଟିଏ ମାସ ମଧ୍ୟରେ ଦ୍ୱିତୀୟବାର ରାଜ୍ୟର ବିଭିନ୍ନ ଅଦାଲତକୁ ବୋମାରେ ଉଡ଼ାଇଦେବାକୁ ମିଳିଛି ଧମକ। କଟକ ଜିଲ୍ଲା ଦୌରା ଜଜ୍‌ଙ୍କ ଅଦାଲତ ସମେତ ଯାଜପୁର, ପୁରୀ ଓ କନ୍ଧମାଳ କୋର୍ଟଗୁଡ଼ିକୁ ବୋମାରେ ଉଡ଼ାଇ ଦେବାକୁ ଆସିଛି ଧମକ। ପୂର୍ବପରି ଇ-ମେଲ୍ ଯୋଗେ ଏହି ଧମକ ଆସିବା ପରେ ଅଦାଲତଗୁଡ଼ିକରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବିଭିନ୍ନ ସ୍ଥାନରେ ଅଦାଲତର କୋଠରିଗୁଡ଼ିକୁ ଖାଲି କରାଯାଇ ଖାନତଲାସ କରାଯାଇଛି।

### ଗୋଟିଏ ମାସ ମଧ୍ୟରେ ଦ୍ୱିତୀୟ ଧମକ ଘଟଣା

### ମେଲ୍ ପଠାଉଥିବା ଦୁର୍ବୃତ୍ତର ପତ୍ତା ପାଉନି ପୁଲିସ

### ସାରା ରାଜ୍ୟରେ ଆଇନଜୀବୀଙ୍କ ଅସନ୍ତୋଷ

ତେବେ କୌଣସି ସ୍ଥାନରୁ କିଛି ବିପଜ୍ଜନକ ବା ସନ୍ଦେହଜନକ ସାମଗ୍ରୀ ମିଳିନାହିଁ। ଅପରପକ୍ଷରେ ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିଲେ ମଧ୍ୟ ପୁଲିସ ବୋମା ଧମକ ଦେଉଥିବା ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିବାରେ ଅସଫଳ ହେବା ସାଧାରଣ ଲୋକ ଓ ଆଇନଜୀବୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

ଶୁକ୍ରବାର ମଧ୍ୟାହ୍ନ ଭୋଜନ ସମୟରେ ଏକାଧିକ କୋର୍ଟକୁ ବୋମାରେ ଉଡ଼ାଇ ଦେବା ଭଳି ଧମକପୂର୍ଣ୍ଣ ଇ-ମେଲ୍ ଏହି ୪ଟି ଅଦାଲତରେ ପହଞ୍ଚିଥିଲା। ଏହାକୁ ନେଇ କୋର୍ଟ ପରିସରରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ଖବର ଦିଆଯିବା ପରେ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରାଯାଇଥିଲା। ଘଟଣାସ୍ଥଳରେ ଆଣ୍ଟି ବମ୍ ସ୍କ୍ୱାଡ୍, ଡଗ୍ ସ୍କ୍ୱାଡ୍ ସହ ବ୍ୟାପକ ପୁଲିସ ▶ପୃଷ୍ଠା-୭

### ଗଭୀର ଉଦ୍‌ବେଗ ପ୍ରକାଶ କଲେ ନବୀନ

## ଧମକକୁ ସରକାର ହାଲୁକା ଭାବେ ନ ନିଅନ୍ତୁ

■ ଭୁବନେଶ୍ୱର, ୬।୨ (ସମିସ): ରାଜ୍ୟକୁ ମିଳୁଥିବା ବାରମ୍ବାର ବୋମା ଧମକ ଘଟଣାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିନ୍ତା ପ୍ରକଟ କରିଛନ୍ତି। ଶୁକ୍ରବାର ରାଜ୍ୟର ଏକାଧିକ କୋର୍ଟକୁ ବୋମା ଧମକ ମିଳିବା ପରେ ନବୀନ 'ଏକ୍ସ'ରେ



ଉଦ୍‌ବେଗ ପ୍ରକାଶ କରି କହିଛନ୍ତି ଯେ ପୁଣି କଟକ, ପୁରୀ, ଫୁଲବାଣୀ ଓ ଯାଜପୁର ଜିଲ୍ଲା କୋର୍ଟକୁ ବୋମା ଆକ୍ରମଣର ଧମକ ଆସିଥିବା ବିଷୟରେ ଜାଣି ମୁଁ ବେଶ ଚିନ୍ତିତ। କିଛି ଦିନ ତଳେ ସମ୍ବଲପୁର, କଟକ ଓ ଦେବଗଡ଼ ଜିଲ୍ଲା କୋର୍ଟକୁ ବୋମା ଆକ୍ରମଣର ଧମକ ▶ପୃଷ୍ଠା-୭

### ୭୫୪ ବିମାନ ଯାଞ୍ଚ ପରେ ସାମ୍ନାକୁ ଆସିଲା ତଥ୍ୟ

# ଏୟାର ଇଣ୍ଡିଆର ୧୯୧, ଇଣ୍ଡିଗୋର ୧୪୮ ବିମାନରେ ବାରମ୍ବାର ତ୍ରୁଟି

■ ନୂଆଦିଲ୍ଲୀ, ୬।୨ (ଏଜେନ୍ସି): ଦେଶରେ ବିମାନ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ବାରମ୍ବାର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ୨୦୨୫ ଜାନୁଆରୀରୁ ଦେଶର ୬ଟି ପ୍ରମୁଖ ବିମାନ ସେବା ପ୍ରଦାନକାରୀ ସଂସ୍ଥା (ଏୟାରଲାଇନ୍ସ)ର ମୋଟ୍ ୭୫୪ଟି ବିମାନର ବୈଷୟିକ ଯାଞ୍ଚ କରିବାକୁ ଭୟଙ୍କର ତଥ୍ୟ ସାମ୍‌ନାକୁ ଆସିଛି। ଯାତ୍ରୀଙ୍କ ଜୀବନ ସହ ବିମାନ କମ୍ପାନୀଗୁଡ଼ିକ କିଭଳି ଖେଳୁଛନ୍ତି ତାହା ଏଥିରୁ ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ ୭୫୪ରୁ ୩୭୭ଟି ବିମାନରେ ବାରମ୍ବାର



### ଅଧିକାଂଶ ସମସ୍ୟା ଡି ବର୍ଗର: ଏୟାର ଇଣ୍ଡିଆ

### ସରକାରୀ ସଂସ୍ଥାରେ ୨,୬୪୫ ପଦବୀ ଖାଲି

ତ୍ରୁଟି ଦେଖାଯାଇଥିବା ଜଣାପଡ଼ିଛି। ଅର୍ଥାତ ଗୋଟିଏ ତ୍ରୁଟି ବାରମ୍ବାର ଆସିଛି, ଯଦିଓ ପୂର୍ବରୁ ଏହାକୁ ଠିକ୍ କରାଯାଇଥିଲା। ଏୟାର ଇଣ୍ଡିଆ ଗ୍ରୁପ୍‌ର ୨୬୭ଟି ବିମାନ ମଧ୍ୟରୁ ୧୯୧ଟିରେ (୭୨%) ବାରମ୍ବାର ବୈଷୟିକ ତ୍ରୁଟି ଦେଖିବାକୁ ମିଳିଛି। ଏହା ପଛରେ ଇଣ୍ଡିଗୋ ରହିଛି। ଇଣ୍ଡିଗୋର ୪୦୫ଟି ବିମାନ ଯାଞ୍ଚ କରାଯାଇଥିଲା। ସେଥିମଧ୍ୟରୁ ୧୪୮ଟି ଚଳିତବର୍ଷ ଫେବୃଆରୀ ୩ ତାରିଖ ସୁଦ୍ଧା 'ରିପିଟେଟିଭ ଡିଫେକ୍ଟ' (ଗୋଟିଏ ତ୍ରୁଟି ବାରମ୍ବାର ଆସିବା) ଦେଖିବାକୁ ମିଳିଥିଲା। ଶୁକ୍ରବାର ଲୋକସଭାରେ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହାଲ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଗତବର୍ଷ ସୁରକ୍ଷାକୁ ନେଇ ବ୍ୟାପକ ଯାଞ୍ଚ କରିଥିଲା। ଏହି ସମୟରେ ୩୮୯୦ଟି ସର୍ଭିଲାନ୍ସ ଇନିସପେକ୍ସନ, ୫୬ଟି ଅଡିଟ୍, ୪୯୨ଟି ରାମ୍ପ ଯାଞ୍ଚ ଓ ୮୪ଟି ବିମାନର ଯାଞ୍ଚ କରାଯାଇଥିଲା। ଏହା ବ୍ୟତୀତ ୮୭୪ଟି ସ୍ପଟ୍ ଚେକ୍ ଓ ୫୫୦ଟି ନାଇଟ୍ ସର୍ଭିଲାନ୍ସ ମଧ୍ୟ କରାଯାଇଥିଲା।

ତ୍ରୁଟି ନେଇ ସରକାରୀ ତଥ୍ୟ ଜାରି ହେବା ପରେ ଏୟାର ଇଣ୍ଡିଆ ପକ୍ଷରୁ ସ୍ପଷ୍ଟିକରଣ ଦିଆଯାଇଛି। ଏୟାର ଇଣ୍ଡିଆର ଜଣେ ମୁଖପାତ୍ର କହିଛନ୍ତି ଯେ, ଆମେ ଅତ୍ୟଧିକ ସତର୍କତା ଅବଲମ୍ବନ କରି ▶ପୃଷ୍ଠା-୭





### ଗୁଣ୍ଡା ପରେଡ୍‌କୁ ଆସୁନାହାନ୍ତି ୨୫୫ ଅପରାଧୀ

# ପୁଲିସର ନୋଟିସ୍‌କୁ ଅପରାଧୀଙ୍କ ଖୋଲା ଚ୍ୟାଲେଞ୍ଜ୍

କଟକ,୬ ।୨(ସମିସ)

ପୁଲିସର ନୋଟିସକୁ ଅପରାଧୀମାନେ ଅଣଦେଖା କରୁଥିବା ବେଳେ ଗୁଣ୍ଡା ପରେଡ୍‌ରେ ଥାନାରେ ହାଜିରା ଦେଉ ନାହାନ୍ତି। ଡି'ଲିଙ୍କ୍‌ରେ ଥିବା ଏକାଧିକ ଅପରାଧୀ ଜାମିନ୍‌ରେ ମୁକୁଳି ଏବେ ସହର ମଧ୍ୟରେ ମେଳି କରୁଥିବା ନଜରକୁ ଆସିଛି। ସେମିତି ସକିଲ୍'ର ଅପରାଧିକ ସାମ୍ରାଜ୍ୟ ମଧ୍ୟ ବେଶ୍ ସକ୍ରିୟ ରହିଛି। ଏଭଳି ଭାବେ ପ୍ରାୟ ୩୦୦ରୁ ଅଧିକ ଅପରାଧୀ ରାଜ୍ୟର ବିଭିନ୍ନ ଜେଲ୍‌ରୁ ମୁକୁଳି କଟକ ସହରରେ ରହୁଛନ୍ତି। ତେବେ ମହାନଗରକୁ ଅପରାଧ ମୁକ୍ତ କରିବା ଲାଗି କମିସନରେଟ ପୁଲିସ ପକ୍ଷରୁ ଗୁଣ୍ଡା ପରେଡ ଅଭିଯାନ ଆରମ୍ଭ ହୋଇଥିଲା। ଏହି ଅଭିଯାନରେ ଅପରାଧୀଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ଦିଆଯାଉଥିଲା। ଜେଲ୍‌ରୁ ସଜା କାଟି ଫେରିଥିବା ଅପରାଧୀଙ୍କୁ ପୁଲିସ ପକ୍ଷରୁ ପ୍ରତି ରବିବାର ଥାନାରେ ହାଜିରା ପକାଇବା ପାଇଁ କୁହଯାଇଥିଲା। ବିଭିନ୍ନ ଥାନା ପକ୍ଷରୁ ଗୁଣ୍ଡା ପରେଡର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କଟକ ୟୁପିଡି ଅନ୍ତର୍ଗତ ସମସ୍ତ ଥାନାରେ ମୋଟ ୨୫୫ ଜଣ ପୁରୁଣା ଅଭିଯୁକ୍ତ ଥାନାରେ ହାଜିରା ପାଇଁ ନୋଟିସ୍ ଦିଆଯାଇଥିଲା। ଏବେ କୌଣସି ରବିବାର ଜାମିନ୍‌ରେ ମୁକୁଳିଥିବା ତାଲିକାଭୁକ୍ତ ଅପରାଧୀ ଥାନାକୁ ଆସୁନାହାନ୍ତି। ଯାହାକି ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ଏସବୁକୁ ଦୃଷ୍ଟିରେ ପୁଲିସ କମିସନର ଏସ୍.ଦେବଦତ୍ତ ସିଂ ଥାନାୱାରୀ ରିପୋର୍ଟ ପ୍ରସ୍ତୁତ କରି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ରବିବାରଠାରୁ ଗୁଣ୍ଡାପରେଡ୍‌ରେ କେଉଁମାନେ ଉପସ୍ଥିତ ରହୁଛନ୍ତି ଏବଂ କେଉଁମାନେ ଆସୁନାହାନ୍ତି, ତାହାର ତାଲିକା ଆଇଆଇସିମାନେ ପ୍ରସ୍ତୁତ କରି ଡିସିପିଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ କମିଶନର ଶ୍ରୀ ସିଂ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଚୌଦ୍ୱାର ଥାନାରେ ୭ ଜଣ ଅପରାଧୀ ରହିଥିବା ବେଳେ ଜଗତପୁର ୨୫ଜଣ, ମାଲଗୋଦାମ ୧୬ଜଣ, ଚାଉଳିଆଗଞ୍ଜ ୨୩ଜଣ, ମଧୁପାଟଣା ୧୫ଜଣ, ବାଦାମବାଡି ୨୭ଜଣ, ପୁରୀଘାଟ

- ଆଇଆଇସି କରୁନାହାନ୍ତି ସମୀକ୍ଷା
- ଥାନାୱାରୀ ହେଉନି 'ହାଜିରା ରିପୋର୍ଟ'
- ରିପୋର୍ଟ ନଦେଲେ କାର୍ଯ୍ୟାନୁଷ୍ଠାନ: ପୁଲିସ କମିସନର

୨୦ଜଣ, ଲାଲବାଗ ୨୦ଜଣ, ଦରଘାବଜାର ୧୫ଜଣ, ବିଡ଼ାନାସୀ ୧୪ଜଣ, ମର୍କତନଗର ୯ଜଣ,ଫେଜ-୨ ୪ଜଣ, କ୍ୟାଣ୍ଟନମେଣ୍ଟ ୧୦ଜଣ, ମଙ୍ଗଳାବାଗ ୨୨ଜଣ, ସଦର ୧୫ଜଣ, ୪୨ମୌଜା ୭ଜଣ ଓ କନ୍ଦରପୁର ଥାନାରେ ୧୬ଜଣ ପୁରୁଣା ଅଭିଯୁକ୍ତ ହାଜିର ହେବାକୁ କୁହାଯାଇଛି। ସେହିପରି ଏହି ତାଲିକାରେ ନୂଆ କରି ଜାମିନ୍‌ରେ ମୁକୁଳୁଥିବା ଅପରାଧୀଙ୍କ ନାଁ ଯୋଡାଯାଉଛି। ହେଲେ ମୋଟ୍ ୨୫୫ଜଣ ପରେଡ୍‌କୁ ଆଦୌ ଆସୁନାହାନ୍ତି। ଏହି ପରେଡର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଥାନାସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀଙ୍କଠାରୁ ଆରମ୍ଭ କରି ହୋମଗାର୍ଡ ପର୍ଯ୍ୟନ୍ତ ସମସ୍ତେ ପୁରୁଣା ଅପରାଧୀଙ୍କୁ ଭଲ ଭାବେ ଦେଖି ସେମାନଙ୍କ ବିଷୟରେ ଜାଣିପାରିବେ। ଫଳରେ ଯଦି ଏମାନେ କେଉଁଠାରେ ଅପରାଧ ଘଟାନ୍ତି ବା ଘଟାଇବାକୁ ଚେଷ୍ଟା କରନ୍ତି, ତେବେ ଥାନା କର୍ମଚାରୀମାନେ ସେମାନଙ୍କୁ ଅତି ସହଜରେ ଚିହ୍ନି ପାରିବା ସହିତ ତୁରନ୍ତ ପଦକ୍ଷେପ ନେଇପାରିବେ। ସେମାନଙ୍କୁ ପ୍ରତି ରବିବାର ସକାଳ ୯ଟାରୁ ୧୦ଟା ମଧ୍ୟରେ ଥାନାରେ ହାଜର ହେବା ସହିତ ରେଜିଷ୍ଟରରେ ଦସ୍ତଖତ କରିବାକୁ କୁହାଯାଇଥିଲା। ଯଦି କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ହାଜର ହେବାକୁ ଅପରାଧି ଅକ୍ଷମତା ପ୍ରକାଶ କରନ୍ତି, ତେବେ ପରିବାର ସଦସ୍ୟଙ୍କୁ ଥାନାକୁ ପଠାଇ ଏ ସମ୍ପର୍କରେ ଜଣାଇବାକୁ ହେବ। ଏହି ନିୟମ ନ ମାନିଲେ ପୁଣି ସେମାନଙ୍କୁ ବାନ୍ଧି ଜେଲ ପଠାଇ ଦିଆଯିବ। ପୂର୍ବରୁ ଏହି ଗୁଣ୍ଡା ପରେଡ ଅଭିଯାନ ବିଭିନ୍ନ ଥାନାରେ ମଝିରେ ମଝିରେ କରାଯାଉଥିଲା। ଏହା ହେବା ଦ୍ୱାରା ଜେଲରୁ ଫେରିଥିବା ଅପରାଧୀମାନେ ପୁନର୍ବାର ଅପରାଧରେ ଜଡିତ ରହୁଛନ୍ତି କି ନାହିଁ ତାହାର ଖବର ନିଆଯାଉଥିଲା। ଫଳରେ ଆଗକୁ ପୁଣି ଅପରାଧ ଘଟାଇବା ସାହସ କରୁ ନଥିଲେ। ଏହି ନିୟମ କିଛିବର୍ଷ ପୂର୍ବରୁ ବନ୍ଦ ହୋଇଯାଇଥିଲା। ଏହା ପୁଣି ସହରରେ ୩ବର୍ଷ ହେବ ଲାଗୁ କରାଯାଇଥିବା ବେଳେ ଏବେ ସମ୍ପୂର୍ଣ୍ଣ ଭାବେ ଏହି ପରେଡ୍ ବନ୍ଦ ହୋଇଯାଇଛି।

### ● ବ୍ୟବହୃତ ପୁରୁଣା ଗାଡ଼ି କିଣାବିକାରେ ଠକେଇ

## ସତର୍କ ରହିବାକୁ ପରିବହନ ବିଭାଗର ପରାମର୍ଶ

କଟକ, ୬।୨(ସମିସ): ବ୍ୟବହୃତ ପୁରୁଣା ଯାନବାହନ କିଣାବିକା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ କେତେକ ଲୋକ ଏନେଇ ଠକେଇର ଶିକାର ହେଉଛନ୍ତି। ଏପରିକି ଗାଡ଼ିର ମୂଳ ମାଲିକାନା ପରିବର୍ତ୍ତନ ହେଉ ନଥିବାରୁ ଗାଡ଼ି ମାଲିକଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହେଉଛି। ବିଶେଷକରି ବିନା ସ୍ୱୀକୃତିରେ କୌଣସି ଡିଲର ଯାନବାହନ କିଣାବିକା କରିବା ମୋଟର ଯାନ ଆଇନ୍ ଅନୁଯାୟୀ ବେଆଇନ ହୋଇଥିଲେ ମଧ୍ୟ କେତେକ ଅଣସ୍ୱୀକୃତପ୍ରାପ୍ତ ଡିଲର ଗାଡ଼ି କିଣାବିକା କରିଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ତଥା କ୍ରେତା ଓ ବିକ୍ରେତା ଉଭୟଙ୍କ ସୁବିଧା ନିମନ୍ତେ ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ) ପକ୍ଷରୁ ପରାମର୍ଶ ଜାରି କରାଯାଇଛି। ଏସଟିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ବ୍ୟବହୃତ ଗାଡ଼ି ବିକ୍ରି କିମ୍ବା କ୍ରୟ ଯେଉଁ ଡିଲରଙ୍କ ମାଧ୍ୟମରେ କରାଯାଉଛି, ଉକ୍ତ ଡିଲର ପରିବହନ ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହେବା ବାଧ୍ୟତାମୂଳକ। ଗାଡ଼ି ବିକ୍ରୟ ପାଇଁ ଡିଲରଙ୍କୁ ଦେବା ସମୟରେ ଡିଲରଙ୍କ ନାମରେ ଡିମଡ ଓନରସିପ୍ ହେବା ଅବଶ୍ୟକ। ଏହା ଗାଡ଼ି ବିକ୍ରୟ ଅବଧିରେ ଘଟୁଥିବା କୌଣସି ଅଘଟଣ ପାଇଁ ମୂଳ ଗାଡ଼ି ବିକ୍ରେତାଙ୍କୁ ସୁରକ୍ଷା ପ୍ରଦାନ କରେ ଏବଂ ଠକେଇ ସମ୍ବନ୍ଧୀୟ କୌଣସି ଅଭିଯୋଗ ଆସିଲେ ତଦନ୍ତ ପ୍ରକ୍ରିୟାରେ ସହାୟକ ହୁଏ। ବ୍ୟବହୃତ ଗାଡ଼ି କିଣିବା ବେଳେ ସମ୍ପୃକ୍ତ ଡିଲର ପରିବହନ ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ କି ନୁହେଁ ତାହାର ଯାଞ୍ଚ କରିବାକୁ ଏସଟିଏ ପକ୍ଷରୁ ପରାମର୍ଶ ଦିଆଯାଇଛି। ପରିବହନ ବିଭାଗର ବାହାନ ପୋର୍ଟାଲରେ ପ୍ରତ୍ୟେକ ଆରଟିଓ ଅଧୀନରେ ସ୍ୱୀକୃତିପ୍ରାପ୍ତ ଡିଲରଙ୍କ ତାଲିକା ଉପଲବ୍ଧ ରହିଛି। ପୁରୁଣା ଗାଡ଼ିର ମାଲିକାନା ହସ୍ତାନ୍ତର, ନୂଆ ଗାଡ଼ି ପଞ୍ଜୀକରଣ, ପୁନଃପଞ୍ଜୀକରଣ ସହିତ ସମସ୍ତ ପରିବହନ ସେବା ପାଇଁ କେବେ ବି କୌଣସି ଦଲାଲ କିମ୍ବା ଏଜେଣ୍ଟଙ୍କୁ ବେଆଇନ ଭାବେ ଟଙ୍କା ନଦେବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି। କୌଣସି ପ୍ରକାର ଠକାମିର ଶିକାର ହେଲେ, ପୁଲିସ କିମ୍ବା ଆରଟିଓରେ ତୁରନ୍ତ ଅଭିଯୋଗ କରିବାକୁ କୁହାଯାଇଛି। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି, କୌଣସି ଡିଲର ନିୟମ ଉଲ୍ଲଙ୍ଘନ କରିଲେ ଆଇନ୍ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ପୋର୍ଟାଲରେ ସ୍ୱୀକୃତିପ୍ରାପ୍ତ ଡିଲରଙ୍କ ତାଲିକା**



କଟକ ମହାନଗର ନିଗମ ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ସିଟି ହସ୍ପିଟାଲ) ପରିଦର୍ଶନ କରି ସ୍ୱଚ୍ଛତା ଓ ରୂପାନ୍ତରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି

### ବିଜେଡି ଜିଲ୍ଲା କମିଟିର ନୂତନ କର୍ମକର୍ତ୍ତା

## ୧୬ ଉପସଭାପତି, ୨୫ ସାଧାରଣ ସମ୍ପାଦକ ଓ ୯ ସମ୍ପାଦକଙ୍କ ନାଁ ଘୋଷଣା

କଟକ,୬ ।୨(ସମିସ): ବିଜେଡି ଜିଲ୍ଲା କମିଟିର ନୂତନ କର୍ମକର୍ତ୍ତାଙ୍କ ନାଁ ଘୋଷଣା କରାଯାଇଛି। ଏଥିରେ ସଭାପତି ନବୀନ ପଟ୍ଟନାୟକ ମୋହର ବାଜିଥିବା ବେଳେ ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ କଟକ ଜିଲ୍ଲାରେ ୧୬ଜଣ ଉପସଭାପତି, ୨୫ଜଣ ସାଧାରଣ ସମ୍ପାଦକ, ୯ଜଣ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷଙ୍କ ନାଁ ରହିଛି। ଉପସଭାପତି ଭାବେ ଆଠଗଡ଼ର ନୃସିଂହଚରଣ ମହାପାତ୍ର, ଚୌଦ୍ୱାର-କଟକର ଶିବେନ୍ଦ୍ର ହାତୀ ଓ ପ୍ରଫୁଲ୍ଲ ବେହେରା, ବଡ଼ମ୍ବାର ସରୋଜ କୁମାର ପଟ୍ଟନାୟକ, ବାଙ୍କୀ ସୌମେନ୍ଦ୍ର ମିଶ୍ର, ମାହାଙ୍ଗାର ଗୀରିଶ ମହାପାତ୍ର, କଟକ-ସଦରର ଶିଶିର କୁମାର ଦାସ, ବାରବାଟୀ-କଟକର ବିକାଶ ବେହେରା, ସାଲେପୁରର ଦିଲ୍ଲୀପକୁମାର ଦାସ ଓ ଚିତ୍ତରଞ୍ଜନ ସାମଲ, ବାଙ୍କୀର ବିଜନ ସାହୁ, ମାହାଙ୍ଗାର ହିମାଂଶୁ ଶେଖର ମହାନ୍ତି, କଟକ-ସଦରର ନରେନ୍ଦ୍ରନାଥ ବାରିକ, ନିଆଳିର ଏସ.କେ ହୁମାୟୁନ୍, ବଡମ୍ବାର କୃପାସିନ୍ଧୁ ଦାସ ଏବଂ ନିଆଳିର ବେଣୁଧର ମୂଳିଆଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ସାଧାରଣ ସମ୍ପାଦକ ଭାବେ ଚୌଦ୍ୱାର-କଟକର ମହେନ୍ଦ୍ର ନାୟକ, ସାଲେପୁରର ମନୋରଞ୍ଜନ ଦାସ, ଚୌଦ୍ୱାର-କଟକର ମହେନ୍ଦ୍ର ନାୟକ, ସାଲେପୁରର ମନୋରଞ୍ଜନ ଦାସ, ଚୌଦ୍ୱାର-କଟକର ଶୁଭେନ୍ଦୁ ସାମଲ, ସାଲେପୁରର ଶୁଭେନ୍ଦୁ ସାମଲ, ସାଲେପୁରର ରମେଶଚନ୍ଦ୍ର ଜେନା, ଆଠଗଡ଼ର ରଞ୍ଜନ ଆଚାର୍ଯ୍ୟ ଓ ପ୍ରଦୀପ୍ତ କୁମାର ଦାସ, ନିଆଳିର ବିଭୂତିଭୂଷଣ ସ୍ୱାଇଁ, କଟକ-ସଦରର ବୀରବର ଲେଙ୍କା ଓ ପ୍ରମୋଦ କୁମାର ନାୟକ, ବାଙ୍କୀର ରମାକାନ୍ତ ରାଉତ, କୃଷ୍ଣଚନ୍ଦ୍ର ବରାଳ, ସନାତନ ବେହେରା ଓ ସୁକାନ୍ତ ବେହେରା, ବାରବାଟୀ-କଟକର ଦେବେନ୍ଦ୍ର ପାଣିଗ୍ରାହୀ, ଆଇନଜୀବୀ ସ୍ୱଦେଶ ଦାସ, ପ୍ରେମାଂଶୁ ଭୂଷଣ ବେହେରା ଓ ଆଇନଜୀବୀ ଗଦାଧର ସାହୁ, ଚୌଦ୍ୱାର-କଟକର ତାପସ ମହାନ୍ତି, ନିଆଳିର ରାଜେନ୍ଦ୍ରକୁମାର ବେହେରା, ବଡମ୍ବାର ଦୀଲ୍ଲିପକୁମାର ନାୟକ ଓ ଶକ୍ତିକୁମାର ମିଶ୍ର, ମାହାଙ୍ଗର ଅନିଲ୍‌କୁମାର ଭୂୟାଁ ଓ ହନିବ୍ ଖାନ୍ ଓ ମିର୍ଜା ସମିନ୍‌ଙ୍କୁ ଅବସ୍ଥାପିତ କରାଯାଇଛି। କୋଷାଧ୍ୟକ୍ଷ ଭାବେ କଟକ-ସଦରର ସୁବୋଧ ବେହେରାଙ୍କ ନାଁ ଘୋଷଣା କରାଯାଇଛି। ସମ୍ପାଦକ ଭାବେ ନିଆଳିର ଅଭିମନ୍ୟୁ ସାହୁ, ଆଠଗଡ଼ର ଲଳିତେନ୍ଦୁ ସେନାପତି, ଭାଗୀରଥୀ ନନ୍ଦ ଓ ଅଶୋକ କୁମାର ରାଉତ, ଚୌଦ୍ୱାର-କଟକର ଦେବେନ୍ଦ୍ର କାହାଳୀ, ବାରବାଟୀ-କଟକର ବୀରେନ୍ଦ୍ରକୁମାର ବେହେରା, କଟକ-ସଦରର ଅରୁଣକୁମାର ବୋଷ, ବଡମ୍ବାର କଳିଙ୍ଗକେଶରୀ ମହାଳିକ ଏବଂ ସାଲେପୁରର ପ୍ରହ୍ଲାଦ ସିଂଙ୍କୁ ନିଯୁକ୍ତ କରାଯାଇଛି।

## ଜଳଛତ୍ର ନାଁରେ ଜାଲିଆତି ଅଭିଯୋଗ

ନିଶ୍ଚିନ୍ତକୋଇଲି, ୬ ।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ତିଲକଣା ପଞ୍ଚାୟତରେ ଜଳଛତ୍ର ନାଁରେ ବ୍ୟାପକ ଜାଲିଆତି ସହ ସରକାରୀ ଅର୍ଥ ଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି। ଦୁଇଟି ଆର୍ଥିକ ବର୍ଷ ୨୦୨୪-୨୫ରେ ୨୦ ହଜାର ଓ ୨୦୨୫-୨୬ ଆର୍ଥିକ ବର୍ଷରେ ୩୦ ହଜାର ଟଙ୍କା ସରକାରୀ ତହବିଲରୁ ଉଠାଯାଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଏହି ପଞ୍ଚାୟତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଏପ୍ରିଲରୁ ଜୁନ୍‌ମାସ ପର୍ଯ୍ୟନ୍ତ ଜଳଦାନ କରାଯାଇଥିବା ନେଇ ଯେଉଁ ବିଲ୍ କରାଯାଇଛି ସେଥିରେ ତିନି ମୁହାଣୀ ବଜାର ଛକରେ ଜଳଦାନ କରାଯାଇଥିବା ରେକର୍ଡ ପତ୍ରରେ ଦର୍ଶାଯାଇଛି। ହେଲେ ଇଗ୍ରାମ ସ୍ୱରାଜ ପୋର୍ଟାଲରେ ଯେଉଁ ଫଟୋ ଚିତ୍ର ଅପ୍‌ଲୋଡ ହୋଇଛି ତାହା ୨୯ ନଭେମ୍ବର ୨୦୨୫ ବୋଲି ଜଣାପଡିଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ମଧ୍ୟ ସେହି ଏକା ଫଟୋଚିତ୍ରକୁ ଦିଆଯାଇ ବିଲ୍ ହୋଇଥିବା ଦେଖାଯାଇଛି। ସରକାରୀ ନିୟମାନୁଯାୟୀ ପ୍ରତ୍ୟେକ ବର୍ଷ ସାଧାରଣତଃ ଏପ୍ରିଲ ମାସଠାରୁ ଜୁନ୍ ମଧ୍ୟରେ ପଞ୍ଚଦଶ ଅର୍ଥ କମିସନ ଅନୁଦାନରେ ଲୋକମାନଙ୍କୁ ଜଳଦାନ କରାଯିବା କଥା; ହେଲେ ତିଲକଣା ପଞ୍ଚାୟତରେ ଏହାର ସଂପୂର୍ଣ୍ଣ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ବିଲ୍ ହେବା ପରେ ସନ୍ଦେହ ହେବାରୁ ଏହି ପଞ୍ଚାୟତର ପ୍ରଦୀପ୍ତ ସାହୁ ଏହାର ବିଧିବଦ୍ଧ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଭାରତ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ସଚିବଙ୍କ ନିକଟରେ ଅଭିଯୋଗ କରିଛନ୍ତି।

### ● କଟକ-ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ପାଇଁ ନାହିଁ ବଜେଟ୍

## ପ୍ରତିବାଦରେ ବିଜେଡି କରିବ ଆନ୍ଦୋଳନ

କଟକ,୬ ।୨(ସମିସ): ୨୦୨୬ ରେଳ ବଜେଟରେ କଟକ-ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପକୁ କେନ୍ଦ୍ର ବଜେଟରେ ସଂଯୋଗ କରିବାକୁ କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଦାବି କରାଯାଇଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କଟକ ମହାନଗର ନିଗମ ମେୟର ସୁବାସ ସିଂହ ମେଟ୍ରୋ ପ୍ରକଳ୍ପ ପାଇଁ ତୁରନ୍ତ ବ୍ୟୟବରାଦ କରି କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଛନ୍ତି। ୨୦୨୩ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ୬,୨୫,୫୯୪ କୋଟି ଟଙ୍କାରେ ତ୍ରିଶୂଳିଆଠାରେ ଭିତ୍ତିପ୍ରସ୍ତର ପକାଯାଇ କାର୍ଯ୍ୟ ଆରମ୍ଭ ହେଇଥିଲା। ୪ ବର୍ଷ ମଧ୍ୟରେ କାର୍ଯ୍ୟ ଶେଷ ହେବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ଦିଲ୍ଲୀ ମେଟ୍ରୋ ରେଳ ନିଗମ ଏହି କାର୍ଯ୍ୟ କରିବାକୁ ଟେଣ୍ଡର ପାଇଥିଲା। ୨୦୨୪ରେ ବିଜେପି ସରକାର ଆସିଲା ପରେ ଏହି ପ୍ରକଳ୍ପକୁ ବାତିଲ କରିଦିଆଯାଇଥିବା ଅଭିଯୋଗ କରିଛନ୍ତି ଶ୍ରୀ ସିଂହ। ୨୦୨୬ କେନ୍ଦ୍ରୀୟ ରେଳ ବଜେଟ୍‌ରେ ମେଟ୍ରୋ ଯୋଜନା ନ ରହିବା ଏକ ବଡ଼ ପ୍ରତାରଣା ବୋଲି ବିଜୁ ଜନତା ଦଳର ବରିଷ୍ଠ ନେତା କଟକ ମେୟର ଶ୍ରୀ ସିଂହ ଓ କଟକ ଜିଲ୍ଲା ବିଜୁ ଜନତା ଦଳର ସଭାପତି ପ୍ରଫୁଲ୍ଲ ସିଂହ ପ୍ରକାଶ କରିଛନ୍ତି। ଆସନ୍ତା ଫେବୃୟାରୀ ୮ ତାରିଖ ବାରବାଟୀ ଷ୍ଟାଡିୟମ ନିକଟ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜୁ ଜନତା ଦଳ ପକ୍ଷରୁ ଧାରଣା ଓ ଆନ୍ଦୋଳନ କରାଯିବ ବୋଲି ଆହ୍ୱାନ ଦିଆଯାଇଛି।

### ■ ୧୧ଟି ସାହିର ଲୋକ ହନ୍ତସନ୍ତ

## 'ବୋଟିଂ କ୍ଲବ୍ ନିକଟରେ ଦଶତୁଠ ହେଉ'

କଟକ,୬ ।୨(ସମିସ): ମହାନଦୀ କୂଳ ସିଲଭର୍ ସିଟି ବୋଟିଂ କ୍ଲବ୍ ପାଖରେ ଏକ ଦଶତୁଠ କରିବା ପାଇଁ ଦୀର୍ଘ ଦିନ ହେବ ଦାବି ହୋଇଆସୁଥିବା ବେଳେ ଏଥିପ୍ରତି ଜିଲ୍ଲା ପ୍ରଶାସନ କିମ୍ବା ମହାନଗମ ନିଗମ ଦୃଷ୍ଟି ଦେଉନାହାନ୍ତି। ଯାହାଫଳରେ ୧୧ରୁ ଅଧିକ ସାହିର ଲୋକମାନେ



ହନ୍ତସନ୍ତ ହେଉଛନ୍ତି। ନଦୀତୁଠରେ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ବେଳେ ପୁରୁଷ ମହିଳା ଗୋଟିଏ ସ୍ଥାନରେ ଦଶାହ କର୍ମ ଓ ଗାଧୋଇବା ପାଇଁ ବାଧ ହେଉଛନ୍ତି। ମାଛୁଆ ବଜାର ପଞ୍ଚାୟତ କମିଟି ପକ୍ଷରୁ ବିଗତ ୩ ବର୍ଷ ହେବ ବିଧାୟକଙ୍କ ନିକଟରେ ଦାବି କରାଯାଉଥିବା ବେଳେ ଦଶତୁଠ ହୋଇ ପାରିନାହିଁ। ଏ ସମସ୍ୟାର ସମାଧାନ ନିମନ୍ତେ ପୂର୍ବତନ କର୍ପୋରେଟର ନମିତାମଞ୍ଜରୀ ସାହୁ ମେୟର ସୁବାସ ସିଂହଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ବୋଟିଂ କ୍ଲବ୍ ନିକଟରେ ଦଶାହ ତୁଠ ନିର୍ମାଣ କରିବା ସହିତ ୨ଟି ବସ୍ତ୍ର ବଦଳାଇବା ଗୃହ ନିର୍ମାଣ କରିବାକୁ ସେ ନିବେଦନ କରିଛନ୍ତି।

## ସ୍ୱଚ୍ଛତା ଅଭିଯାନରେ 'ପ୍ରତ୍ୟୁଷ'ର ନୂଆ ଅଭିଯାନ



କଟକ,୬ ।୨(ସମିସ): ସହରର ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣ ଦିଗରେ 'ପ୍ରତ୍ୟୁଷ' ସଂସ୍ଥା କଟକର ନିର୍ମଳ ପ୍ରକଳ୍ପର ଦାୟିତ୍ୱ ନେଇଛି। ଏହି ପ୍ରକଳ୍ପ ଜରିଆରେ ସମସ୍ତ ସିଏଚସି, ପିଏଚସି ଓ ଡିଏଚଏଚ ଦ୍ୱାରା ସ୍ୱଚ୍ଛତା ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ସହ ସାଧାରଣ ଜନତାଙ୍କୁ ସ୍ୱଚ୍ଛ ପରିବେଶ ଯୋଗାଇବା ଲକ୍ଷ୍ୟ ରଖାଯାଇଛି। ଏହି ନୂଆ ଦାୟିତ୍ୱ ନେଇଥିବା ପ୍ରତ୍ୟୁଷ ସଂସ୍ଥା କଟକରେ ଚମକାଇଲା ଭଳି କାର୍ଯ୍ୟ କରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଆଜି ସକାଳେ ସଂସ୍ଥାର ହସ୍ପିଟାଲ ପରିସରରେ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସିଡିଏମଓ ଡାକ୍ତର ପ୍ରଶାନ୍ତ କୁମାର ହୋତା, ହସ୍ପିଟାଲ ଅଧୀକ୍ଷକ ଡାକ୍ତର ଚନ୍ଦନ ଗଡ଼ନାୟକ, ଡିପିଏମ, ହସ୍ପିଟାଲ ମ୍ୟାନେଜର ପ୍ରମୁଖ ଯୋଗଦାନ କରିଥିଲେ। ସଂସ୍ଥାର ପ୍ରତିଷ୍ଠାତା ବଳରାମ ସାହୁ ଉପସ୍ଥିତ କର୍ମଚାରୀଙ୍କୁ ହସ୍ପିଟାଲର ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ଉପରେ ପରାମର୍ଶ ଦେବାସହ କଟକକୁ ଏକ ସ୍ୱଚ୍ଛ ଓ ସୁନ୍ଦର ସହର ଭାବେ ଗଢିତୋଳିବା ଏହି ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଇପିଏଫ ଏବଂ ଇଏସଆଇସିର ଭୂମିକା ଉପରେ ମଧ୍ୟ ସେ ସୂଚନା ଦେଇଥିଲେ। ପ୍ରତ୍ୟୁଷର ଅଧ୍ୟକ୍ଷ ଇଂ ଅରବିନ୍ଦ କୁମାର ସିଂହ, ଡେପୁଟି ଚେୟାରମ୍ୟାନ ଗଣେଶଚନ୍ଦ୍ର ପଣ୍ଡା, କୋଷାଧକ୍ଷ ଆଦିକନ୍ଦ ରାଉତ, ସଂଯୋଜକ ରଶ୍ମିତା ପାଲ, ସୁଜାତା ଜେନା, ପ୍ରତୀକ ପାତ୍ର ଓ କଟକ ଜୋନ ଇନଚାର୍ଜ ଜ୍ଞାନେନ୍ଦ୍ର ବେହେରା ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଓ ସ୍ୱଦେଶୀ ମେଳା ଉଦ୍‌ଘାଟିତ



କଟକ,୬ ।୨(ସମିସ): ନାରୀ ସଶକ୍ତୀକରଣ, ଆତ୍ମନିର୍ଭରଶୀଳତା ଓ ସ୍ୱଦେଶୀ ଉତ୍ପାଦର ପ୍ରଚାରପ୍ରସାର ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ତରଫରୁ ଆଜି ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଓ ସ୍ୱଦେଶୀ ମେଳା ଉଦ୍‌ଘାଟିତ ହୋଇଛି। ଏହି ମେଳାର ଉଦଘାଟନୀ ଉତ୍ସବରେ ବିଧାୟିକା ବାରବାଟୀ କଟକ ଇଂ ସୋଫିଆ ଫିର୍ଦୋଶ ନାରୀମାନଙ୍କର ଆର୍ଥିକ ସ୍ୱାବଲମ୍ବନ ଓ ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ଉପରେ ଜୋର ଦେବା ସହିତ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନେ କିପରି ସ୍ୱୟଂରୋଜଗାରୀ ହୋଇ ସମାଜରେ ନିଜ ସ୍ଥାନ ସୃଷ୍ଟି କରୁଛନ୍ତି, ସେଥିପାଇଁ ଏହି ମେଳା ଏକ ଉତ୍ତମ ମଞ୍ଚ ବୋଲି କହିଥିଲେ। ଏଥିରେ ବିଧାୟକ କଟକ ସଦର, ଇଂ ପ୍ରକାଶଚନ୍ଦ୍ର ସେଠୀ ଆତ୍ମନିର୍ଭର ଭାରତ ଗଢିବାରେ ଏହି ଭଳି ମେଳା ସହାୟକ ହେବ ଏବଂ ନାରୀ ସଶକ୍ତୀକରଣରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ବିଧାୟକ ବଡ଼ମ୍ବା ବିଜୟ କୁମାର ଦଳବେହେରା ଯୋଗଦେଇ ନାରୀ ସଶକ୍ତ ହେଲେ ସାମୂହିକ ଉନ୍ନତି ହେବ ବୋଲି ମତ ବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ, ଏହି ମେଳାରେ ୪୦୦ଟି ଷ୍ଟଲ୍ ରହିଛି। ମେଳାରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ତିଆରି ହସ୍ତଶିଳ୍ପ ସାମଗ୍ରୀ, ଖାଦ୍ୟ ଉତ୍ପାଦ, ବସ୍ତ୍ର, ଗୃହୋପକରଣ ଓ ଅନ୍ୟାନ୍ୟ ସ୍ୱଦେଶୀ ସାମଗ୍ରୀର ଷ୍ଟଲ୍‌ଗୁଡ଼ିକ ସ୍ଥାପିତ ହୋଇଛି। ଏହି ଅବସରରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ ଓ ଇପସିତା ପ୍ରିୟଦର୍ଶିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବାଦ୍ଯ ଶିଳ୍ପୀ ପଦ୍ମଶ୍ରୀ ଶରତ ପାତ୍ରଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।


ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ।।



ସ୍ୱର୍ଗତ ଭାସ୍କର ମହାରଣା
ରାମନଗର ପ୍ରଥମ ଲେନ, କମାପଲି, ବ୍ରହ୍ମପୁର (ଗଞ୍ଜାମ)

ଆବିର୍ଭାବ : ୧୦.୧୦.୧୯୪୮
ତିରୋଧାନ : ୨୮.୦୧.୨୦୨୬

ବାପା ଆପଣ ଯିବାର ୧୧ ଦିନ ହେଇଗଲା । ଆପଣଙ୍କର ସ୍ନେହ, ଭଲ ପାଇବା, ତ୍ୟାଗ ଆମପାଇଁ ଚିର ସ୍ମରଣୀୟ ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶ୍ରଦ୍ଧାଞ୍ଜଳି ସହ : ପୁତ୍ର ଜଗଦୀଶ, ମହେଶ, ପୁତ୍ରବଧୂ କ୍ରୀଷ୍ଣା, ଝିଅ,ଜୋଇଁ ଓ ନାତି ନାତୁଣୀମାନେ


## ନିଶା ମହାରଣାଙ୍କୁ ଆଶ୍ୱସ୍ତି

କଟକ,୬ ।୨(ସମିସ): ବଲାଙ୍ଗିର ସଦର ଥାନା ମାମଲାରେ ନିଶା ମହାରଣାଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ନିଶା ନିମ୍ନ ଅଦାଲତରେ ହାଜର ହେବା ପରେ ନିମ୍ନ ଅଦାଲତ ୨୦ ହଜାର ଟଙ୍କାର ଜଣେ ଜାମିନଦାରଙ୍କ ବଦଳରେ ତାଙ୍କୁ ସର୍ତ୍ତମୂଳକ ଜାମିନରେ ଛାଡ଼ିବେ ଓ ଅନ୍ୟ ଆବଶ୍ୟକ ସର୍ତ୍ତ ଧାର୍ଯ୍ୟ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଆର.କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ନିଶାଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଗତ ଜାନୁଆରୀ ୧୨ରେ ବଲାଙ୍ଗିର ସଦର ଥାନା ଚନ୍ଦନଭାଟି ଗାଁରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ସଂକ୍ରାନ୍ତ ପୁଲିସ ମାମଲା ରୁଜୁ କରିଥିଲା। ସମ୍ଭାବ୍ୟ ଗିରଫଦାରୀ ଏଡ଼ାଇବା ପାଇଁ ନିଶା ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ।

# ବୁଲା ଗୋରୁଗାଈ ପାଇଁ ବଢୁଛି ଟ୍ରାଫିକ୍ ଦୁର୍ଦ୍ଦଶା

କଟକ,୬।୨(ସମିସ)

କଟକ ସହରରେ ବୁଲା ଗୋରୁଙ୍କ ପାଇଁ ଟ୍ରାଫିକ ସମସ୍ୟା ସଂଗୀନ ହେବା ସହ ଦୁର୍ଘଟଣା ବଢୁଥିବା ଦେଖିବାକୁ ମିଳିଛି। ଏଥିପାଇଁ ପଥଚାରୀଙ୍କ ସହ ଯାନବାହନ ଚଳାଚଳ ଏବଂ ପୁଲିସ ପ୍ରଶାସନକୁ ନାକେଦମ୍ ହେବାକୁ ପଡୁଛି। ମହାନଗର ନିଗମ ଗୋଟିଏ ବଡ଼ ଗାଡ଼ି ନିୟୋଜିତ କରିଛି; ହେଲେ ଏହି ଗାଡ଼ି ସମସ୍ତ ଗଳିକନ୍ଦିକୁ ପଶିପାରୁନାହିଁ। ଫଳରେ ଗୋରୁଗାଈଙ୍କ କବଳରୁ ରାସ୍ତାଘାଟ ଅବରୋଧମୁକ୍ତ କରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସଞ୍ଜ ନଇଁଲେ ବୁଲା ଗୋରୁଗାଈ ରାସ୍ତା ଅବରୋଧ କରି ଶୋଇ ରହୁଥିବାରୁ ଟ୍ରାଫିକ ସମସ୍ୟା ଉଦବେଗଜନକ ହୋଇଛି। ଏଭଳି ସ୍ଥିତିରେ କିନ୍ତୁ ମହାନଗର ନିଗମର ଏନଫୋର୍ସମେଣ୍ଟ ଫଳପ୍ରଦ ହୋଇପାରୁନି। ମହାନଗର ନିଗମ ପକ୍ଷରୁ ଆବଶ୍ୟକ ଗାଡ଼ି ଓ ମାନବସମ୍ବଳ ଅଭାବ କାରଣରୁ ନିୟମିତ ସବୁ ଅଞ୍ଚଳରୁ ବୁଲା ଗୋରୁଙ୍କୁ ଧରି କାଞ୍ଜିଆହୁଦାରେ ଛଡ଼ାଯିବା ସମ୍ଭବ ହେଉନି। ବୁଲା ଷଣ୍ଢଗୁଡିକ କ୍ଷେତ୍ରରେ କିଛି ସିଏମସି ପଦକ୍ଷେପ ଗ୍ରହଣ କରୁ ନଥିବା ଅଭିଯୋଗ ହେଉଛି। ମହାନଗର ନିଗମର ମୋଟ ୫୯ଟି ୱାର୍ଡ ରହିଥିବା ବେଳେ ମାତ୍ର ଗୋଟିଏ ଗୋରୁଗାଈ ଧରା ଗାଡି ନିୟୋଜିତ କରାଯାଉଛି। ଏଣୁ ସମସ୍ତ ୱାର୍ଡ ଅଞ୍ଚଳକୁ ଏହି ଗାଡି ଯାଇପାରୁନି। ଏପରିକି ବୁଲା ଗୋରୁଙ୍କ ଉପଦ୍ରବ ନେଇ ହାଇକୋର୍ଟ ମଧ୍ୟ ରିପୋର୍ଟ ତଲବ କରିଥିବାର ନଜିର ରହିଛି। ସୂଚନାନୁସାରେ, ଗତ ୬ ମାସ ସମୟ ମଧ୍ୟରେ ଫିଟା ଛାଡି ଦେଉଥିବା ଗୋରୁ ଗାଈ ମାଲିକଙ୍କଠାରୁ ପ୍ରାୟ ୩ଲକ୍ଷ ଟଙ୍କା ଜରିମାନା ବାବଦରେ ଆଦାୟ କରାଯାଇଛି। ସିଏମସି କର୍ତ୍ତୃପକ୍ଷଙ୍କ କହିବାନୁସାରେ, ଗୋରୁଗାଈଙ୍କୁ ଧରିବା ପାଇଁ ଦୁଇଟି ପର୍ଯ୍ୟାୟରେ ଅଭିଯାନ କରାଯାଉଛି। ପ୍ରତି ପର୍ଯ୍ୟାୟରେ ୭ଜଣଙ୍କୁ ନିୟୋଜିତ କରାଯାଉଛି। ପ୍ରଥମ ପର୍ଯ୍ୟାୟ ସକାଳ ୭ଟାରୁ ଦିନ ୧୨ଟା ଓ ଦ୍ୱିତୀୟ ପର୍ଯ୍ୟାୟ ଦିନ ୨ଟାରୁ ସଂଧ୍ୟା ୭ଟା ପର୍ଯ୍ୟନ୍ତ ହେଉଛି। ଧରାଯାଉଥିବା ଗୋରୁଙ୍କୁ ସତୀଚୋରାସ୍ଥିତ କାଞ୍ଜିଆହୁଦାରେ ୭ଦିନ ପାଇଁ ଛଡ଼ାଯାଉଛି। ଏହି ସମୟ ମଧ୍ୟରେ ନିର୍ଦ୍ଧାରିତ ଜରିମାନା ପଇଠ କରି ଯଦି ଗୋରୁଗାଈ ମାଲିକ ସେମାନଙ୍କ ଗୋରୁ ନନେଲେ ଅଦାଲତଙ୍କ ପୂର୍ବରୁ ରହିଥିବା ନିର୍ଦ୍ଦେଶ ଅନୁସାରେ ଗୋରୁଗାଈଙ୍କୁ ସହରର ୨୦କିଲୋମିଟର ଦୂରରେ ଛାଡ଼ି ଦିଆଯାଉଛି। ରାତି ସମୟରେ ରାସ୍ତାଘାଟରେ ଶୋଉଥିବା ବୁଲା ଗୋରୁ ସ୍ପଷ୍ଟ ଦୃଶ୍ୟମାନ ହେଉ ନଥିବାରୁ ଦୁର୍ଘଟଣା ଘଟୁଛି। ଏ ସଂକ୍ରାନ୍ତରେ ପୁଲିସ ପ୍ରଶାସନ ପକ୍ଷରୁ ମଧ୍ୟ କଟକ ମହାନଗର ନିଗମକୁ ଅବଗତ କରାଯାଇଛି।

**କର୍ମଚାରୀ ଅଭାବକୁ ୫୯ ୱାର୍ଡ ପାଇଁ ମାତ୍ର ଗୋଟିଏ ଗାଡ଼ି**

● ଜନଗଣନା ପ୍ରସ୍ତୁତି ନେଇ ପ୍ରଶିକ୍ଷଣ ଶିବିର

# ସଠିକ ଓ ନିର୍ଭୁଲ ତଥ୍ୟ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱାରୋପ



କେନ୍ଦୁଝର,୬।୨(ସମିସ): ଜନଗଣନା-୨୦୨୭କୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ସମସ୍ତ କର୍ମଚାରୀଙ୍କୁ ସହକାରୀ ନିର୍ଦ୍ଦେଶକ, ଜନଗଣନା ପରିଚାଳନା ନିର୍ଦ୍ଦେଶାଳୟ ଉମାଶଙ୍କର ସାହୁ, ପରିସଂଖ୍ୟାନ ଅନୁସନ୍ଧାନକାରୀ ବସନ୍ତ ସେନାପତିଙ୍କ ଅଧ୍ୟକ୍ଷତାରେ 'ଗୃହ ତାଲିକାକରଣ ଓ ଗୃହ ଗଣନା'ର ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରାଯାଇଥିଲା। ଜନଗଣନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆସନ୍ତା ୧୬ ଏପ୍ରିଲ ୨୦୨୬ରୁ ଆରମ୍ଭ ହୋଇ ୧୫ ମଇ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହା ଦେଶର ପ୍ରଥମ ଡିଜିଟାଲ ଜନଗଣନା ହୋଇଥିବାରୁ ସାଧାରଣ ଜନତାଙ୍କ ସୁବିଧା ପାଇଁ ୦୧ ଏପ୍ରିଲ ୨୦୨୬ରୁ ୧୫ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ନିଜସ୍ୱ ଗଣନା ବ୍ୟବସ୍ଥା ଉପଲବ୍ଧ ହେବ, ଯେଉଁଠାରେ ନାଗରିକମାନେ ନିଜେ ନିଜର ତଥ୍ୟ ପ୍ରଦାନ କରିପାରିବେ। ମୋବାଇଲ ଆପ୍ ବ୍ୟବହାର ଏବଂ 'ଜନଗଣନା ପରିଚାଳନା ଓ ନିରୀକ୍ଷଣ ପୋର୍ଟାଲ' ସମ୍ପର୍କରେ ସମସ୍ତ ଚାର୍ଜ ଅଧିକାରୀଙ୍କୁ ବିଧିବଦ୍ଧ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଉପଜିଲ୍ଲାପାଳ କେନ୍ଦୁଝର ଉମାଶଙ୍କର ଦଳେଇ, ଉପଜିଲ୍ଲାପାଳ ଆନନ୍ଦପୁର ନୀଳମାଧବ ସୁନା, ଉପଜିଲ୍ଲାପାଳ ଚମ୍ପୁଆ ଉମାକାନ୍ତ ପରିଡା, ସହକାରୀ ଜିଲ୍ଲାପାଳ ସରୋଜ ମଲ୍ଲିକ ଓ ଜିଲ୍ଲାର ସମସ୍ତ ତହସିଲଦାର ଏବଂ ପୌରପାଳିକାର ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ଜନଗଣନା କାର୍ଯ୍ୟକୁ ସଠିକ୍ ସମୟରେ ଓ ନିର୍ଭୁଲ ଭାବେ ସମ୍ପାଦନ କରିବାକୁ ଜିଲ୍ଲାପାଳ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଧାନବିକ୍ରିରେ କଟ୍‌ନୀ-ଛଟ୍‌ନୀ; ଚାଷୀ ଅସନ୍ତୋଷ

## ମନମାନି ଚଳାଇଛନ୍ତି ପାକ୍ସ ଓ ମିଲର୍ କର୍ତ୍ତୃପକ୍ଷ

ହାଟଡ଼ିହୀ,୬।୨(ସମିସ): ଧାନ ମଣ୍ଡିରେ କୁଇଣ୍ଟାଲ ପିଛା ୫ କି.ଗ୍ରାରୁ ଆରମ୍ଭ କରି କାହାର ୮ କି.ଗ୍ରା, କାହାର ୧୦ କି.ଗ୍ରା ତ ଆଉ କାହାର ୧୫ କି.ଗ୍ରା ପର୍ଯ୍ୟନ୍ତ ଧାନ କଟାଯାଉଛି। ଚାଷୀ ମୁହଁ ଖୋଲିଲେ ଧାନ ନିଆଯିବ ନାହିଁ ବୋଲି ଧମକ ମିଳୁଛି। କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍‌ର ଅଧିକାଂଶ ମଣ୍ଡିରେ ଏଭଳି ସ୍ଥିତିକୁ ନେଇ ଚାଷୀମାନେ ଅଭିଯୋଗ ଉଠାଇଛନ୍ତି। ମଣ୍ଡିରେ ସରକାରୀ ବାବୁଙ୍କ ପାଦ ପଡୁ ନଥିବାରୁ ମିଲର୍‌ମାନେ ମନଇଚ୍ଛା କଟ୍‌ନୀ-ଛଟ୍‌ନୀ କରୁଥିବା ଚାଷୀ କହିଛନ୍ତି। ଏଫ୍‌ଏକ୍ୟୁ ମାନକୁ ଆଳ କରି ଗତବର୍ଷଠାରୁ ସହମତିରେ କଟ୍‌ନୀ-ଛଟ୍‌ନୀ ଚାଲିଛି। ପୂର୍ବରୁ କୁଇଣ୍ଟାଲ ପ୍ରତି ସର୍ବନିମ୍ନ ୫ କିଗ୍ରା ଧାନ କଟାଯାଉଥିବାବେଳେ ଏବେ ତାହା ୧୫ କି.ଗ୍ରାରେ ପହଞ୍ଚିଲାଣି। ମଣ୍ଡିରେ ଧାନ ନନେବା ଓ ବେପାରୀଙ୍କୁ କମ୍ ଦରରେ ବିକିବା ଆଶଙ୍କା କରି ଚାଷୀମାନେ ବାଧହୋଇ କଟ୍‌ନୀ-ଛଟ୍‌ନୀରେ ସମ୍ମତି ଜଣାଉଛନ୍ତି। ଏହାକୁ ସୁଯୋଗ ଭାବି କୁଇଣ୍ଟାଲ୍ ପିଛା ୫ କି.ଗ୍ରାରୁ ଅଧିକ ଧାନ କଟାଯାଉଛି। ବ୍ଲକ୍‌ର ଅନେକ ମଣ୍ଡିରେ ସର୍ବନିମ୍ନ ୭ରୁ ୮କି.ଗ୍ରା ପର୍ଯ୍ୟନ୍ତ କଟାଯାଉଛି। ଧାନର ମାନ ସାମନ୍ୟ ଖରାପ ଥିଲେ ୧୨କି.ଗ୍ରା ପର୍ଯ୍ୟନ୍ତ କଟାଯାଉଥିବା ଚାଷୀ କହିଛନ୍ତି।

ହାଟଡ଼ିହୀର ଚାଷୀ ଗୌରାଙ୍ଗ ରଣା ମଣ୍ଡିକୁ ଧାନ ନେଇଥିବା ବେଳେ ତାଙ୍କ ୧୨କି.ଗ୍ରା ଲେଖାଏଁ କଟିଥିବା କହିଛନ୍ତି। ସେବା ସମବାୟ ସମିତି କର୍ତ୍ତୃପକ୍ଷ ଓ ମିଲର୍‌ଙ୍କ ମର୍ଜିରେ କଟ୍‌ନୀ-ଛଟ୍‌ନୀ ଚାଲିଥିବାରୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରିବାକୁ ଢେଙ୍କା ଅଞ୍ଚଳର ଶେଷଦେବ ସାମଲ, ରେବତୀ ନାୟକ, ସୁବାସ ମଣ୍ଡଳ, ଲୋକନାଥ ମଣ୍ଡଳ, କେଶବ ଜେନା, ଦିଲ୍ଲୀପ ଜେନା, ସତ୍ୟାନନ୍ଦ ପହି, ମଧୁସୂଦନ ମଣ୍ଡଳ, ସୁଦର୍ଶନ ନାୟକ, ପ୍ରଭାତ ବିଶ୍ୱାଳ, ନାରାୟଣ ରାଉତ, ପ୍ରଶାନ୍ତ ମହାନ୍ତି, ବିଜୟ ନାୟକ, ନାରାୟଣ ବେହେରା, ପ୍ରଫୁଲ୍ଲ ମହାନ୍ତି, ଦୀନବନ୍ଧୁ ମହାନ୍ତି, ରମେଶ ମଣ୍ଡଳ, ଡମ୍ବୁରୁ ବିଶେଇ, କୁଶଚରଣ ରାଉତ, ଟିକନ ବେହେରା, ରଶ୍ମିକାନ୍ତ ଜେନା, କୈଳାସ ନାୟକ, ଅଣିଜ ମୁଦୁଲି, ଗୌରାଙ୍ଗ ସାହୁ, ଗଣେଶ ମୁଦୁଲି, ବିଶ୍ୱପ୍ରକାଶ ବେହେରା, ଗଦାଧର ନାୟକ, ସୁରେଶ ଦାସ, ବାବାଜୀ ମଣ୍ଡଳ, ବଟକୃଷ୍ଣ ମହାନ୍ତି, ସୁରେନ୍ଦ୍ର ପଣ୍ଡା, ରଞ୍ଜନ ମାଝୀ, ଗୌରାଙ୍ଗ ସ୍ୱାଇଁ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଦାବି କରିଛନ୍ତି।

# ତରମାକାନ୍ତ ଚା' ବଗିଚା ପରିଚାଳନା କମିଟି ଗଠିତ



ବାଂଶପାଳ, ୬।୨(ସମିସ): ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲା ଭୂୟାଁ ସଂସ୍କୃତିକ ସଂଗଠନର ସଭାପତି ତଥା କେନ୍ଦୁଝର ପୌରପାଳିକା ସାଂସଦ ପ୍ରତିନିଧି ଶ୍ୟାମସୁନ୍ଦର ନାଏକ, ବାଂଶାପାଳ ମଣ୍ଡଳର ଲୋକସଭା ପ୍ରତିନିଧି ପ୍ରହଲାଦ ମାହାକୁଡ଼, ବିଧାୟକ ପ୍ରତିନିଧି ଉମାକାନ୍ତ ବାରିକ, ମଣ୍ଡଳ ସଭାପତି ଶୁକ୍ରା ମୁଣ୍ଡା, ଯାତ୍ରା ପଞ୍ଚାୟତର ସମିତିସଭ୍ୟ ସଞ୍ଜୟ ଶେଖର ଗିରିଙ୍କ ଅଧ୍ୟକ୍ଷତାରେ ତରମାକାନ୍ତ ଚା ବଗିଚା ପୁନରୁଦ୍ଧାର ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏକ ୨୫ ଜଣିଆ କମିଟି ଗଠନ କରାଯିବା ସହ ୯ ଜଣକୁ ସରକାରୀ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବା ପାଇଁ ଚୟନ କରାଯାଇଛି। ସର୍ବସମତିକ୍ରମେ ସଭାପତି ଭାବେ ଗୁରୁଚରଣ ମହାନ୍ତ ଓ ଉପସଭାପତି ଭାବରେ ମଧୁସୂଦନ ପ୍ରଧାନ ଓ ଶୁକ୍ରା ମୁଣ୍ଡା ଚୟନ ହୋଇଥିବା ବେଳେ ସମ୍ପାଦକ ଭାବେ ସଞ୍ଜୟ ଶେଖର ଗିରି ଓ ସହସମ୍ପାଦକ ଚିନ୍ତାମାଣି ଦେହୁରୀ ଓ କୋଷାଧ୍ୟକ୍ଷ ବିନୟ ଦେବ ସିଂହଙ୍କୁ ଚୟନ କରାଯାଇଛି। ଏହି କମିଟିରେ ଲୋକସଭା ଓ ବିଧାନସଭା ପ୍ରତିନିଧିଙ୍କ ସହ ୧୧ଟି ଗ୍ରାମରୁ ୨ ଜଣ ଲେଖାଏ ସଭ୍ୟ ମଧ୍ୟ ଚୟନ କରାଯାଇଛି। ଏହି ବୈଠକରେ ବାହାର ଲୋକଙ୍କୁ ପ୍ରଶ୍ରୟ ନଦେବା ପାଇଁ ସିଦ୍ଧାନ୍ତ ହୋଇଥିବା ସୂଚନା ମିଳିଛି।

# ସିପାହୀ ମହାସଂଘ ନିର୍ବାଚନର ପ୍ରାର୍ଥିପତ୍ର ଦାଖଲ

ଆନନ୍ଦପୁର, ୬।୨ (ସମିସ): କେନ୍ଦୁଝର ଜିଲ୍ଲା ସିପାଇ ମହାସଂଘର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଅବସରରେ ଘସିପୁରା ଥାନା ପରିସରରେ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ଆଗାମୀ ୧୦ ତାରିଖ ହେବାକୁ ଥିବା ଏହି ନିର୍ବାଚନକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମସ୍ତ ପ୍ରସ୍ତୁତି କରାଯାଇଛି। ଘସିପୁରା ଥାନା ପରିସରରେ ସଭାପତି ପ୍ରାର୍ଥୀ ପ୍ରଫୁଲ୍ଲ ପଣ୍ଡା ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଥାନାର ନିଜ ସମର୍ଥକ ହାବିଲଦାର ଓ କନେଷ୍ଟବଳ ସାଥୀଙ୍କୁ ନେଇ ପହଞ୍ଚିଥିଲେ। ନିଜର ପ୍ରାର୍ଥିପତ୍ର ଦାଖଲ କରି ଏକ ଶୋଭାଯାତ୍ରାରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଥାନା ଅଭିମୁଖେ ଯାଇଥିଲେ। ଦୁଇ ବର୍ଷରେ ଥରେ ହେବାକୁ ଥିବା ଏହି ନିର୍ବାଚନକୁ ନେଇ ସଂଘ ସଦସ୍ୟଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି।

# ୧୯୭୫ ବ୍ୟାଚ୍ ବିଏନ୍ ହାଇସ୍କୁଲ ଛାତ୍ରଙ୍କ ବନ୍ଧୁ ମିଳନ



ଆନନ୍ଦପୁର, ୬।୨ (ସମିସ): ସର୍ବପୁରାତନ ଶିକ୍ଷାନୁଷ୍ଠାନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ୧୯୭୫ ମସିହା ବ୍ୟାଚ ଛାତ୍ରମାନଙ୍କର ବାର୍ଷିକ ବନ୍ଧୁମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦିବଂଗତ ଶିକ୍ଷକ ଓ ସହପାଠୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅଶୋକ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପ୍ରଥମେ ପ୍ରବଚକ ଉମାକାନ୍ତ ନାୟକ ମଙ୍ଗଳାଷ୍ଟକ ଆବୃତ୍ତି କରିଥିଲେ। ସାହିତ୍ୟିକ ରମାକାନ୍ତ ନାୟକ, କବି କୀର୍ତ୍ତନ ସାହୁ, ଓଡ଼ିଶା ଅଲିମ୍ପିକ ଆସୋସିଏସନର ପ୍ରାକ୍ତନ ଉପସଭାପତି ନବରଞ୍ଜନ ପଟ୍ଟନାୟକ, ରାଜେନ୍ଦ୍ର ନାରାୟଣ ଦାସ, ବିରଜା ପ୍ରସାଦ ନାୟକ ପ୍ରମୁଖ ଅତୀତର ସ୍କୁଲ ଅଧ୍ୟୟନ କାଳର ସ୍ମୃତି ରୋମନ୍ଥନ କରିଥିଲେ। ବ୍ୟାଚ୍‌ର ୫୦ ବର୍ଷ ପୂର୍ତ୍ତି ଅବସରରେ ନବରଞ୍ଜନ ପଟ୍ଟନାୟକ ସମସ୍ତ ସହପାଠୀ ବନ୍ଧୁମାନଙ୍କୁ ସ୍ମୃତିଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅମୀୟ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଜଗନ୍ନାଥ ସିଂ, ପ୍ରଦୀପ ନନ୍ଦୀ, ନିରାକାର ସାହୁ, ଭାଗୀରଥି ସାମଲ, କୃଷ୍ଣ ସିଂ, ଲକ୍ଷ୍ମୀଧର ସାହୁ, ରରୋତ୍ତମ ସାହୁ, ନରେନ୍ଦ୍ର ରାଜ, ଗୋଲକ ବିହାରୀ ସାହୁ, ଶ୍ରୀକାନ୍ତ ପଟ୍ଟନାୟକ, କିଶୋର ମିଶ୍ର, ଗଗନ ବିହାରୀ ଭଟ୍ଟାଚାର୍ଯ୍ୟ, ଦାମୋଦର ରାମ, ଜଗବନ୍ଧୁ ରାମ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସନାତନ ବେହେରା, ଈଶ୍ୱର ପାଢ଼ୀ, ସୁଦର୍ଶନ ରଣା, ପ୍ରଦୀପ ପାତ୍ର, ଜୟନ୍ତ ତ୍ରିପାଠୀ, ବଳରାମ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ସାହୁ, ଶରତ ସାହୁ, ଶରତ ମହାରଣା, ଯୋଗେନ୍ଦ୍ର ସାହୁ, ପଞ୍ଚାନନ ଦାସ, ବିନୟ ଦାସ, ସନାତନ ଖୁଣ୍ଟିଆ, ବୀରକିଶୋର ବେହେରା, ପ୍ରଫୁଲ୍ଲ ପାଢ଼ୀ, ଉତ୍ସବ ଜେନା, ରମେଶ ସିଂହ, ଶ୍ୟାମସୁନ୍ଦର ମହାନ୍ତି, ରମେଶ ସାହୁ, ହାଡିବନ୍ଧୁ ସାହୁଙ୍କ ସମେତ ଶତାଧିକ ପୁରାତନ ଛାତ୍ର ଯୋଗ ଦେଇଥିଲେ।

# ମାଣିଗିରିରେ ବନ ସୁରକ୍ଷା ସଚେତନତା



ଆନନ୍ଦପୁର, ୬।୨ (ସମିସ): ଆନନ୍ଦପୁର ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଦେଓଗାଁ ବନାଞ୍ଚଳର ମାଣିଗିରିଠାରେ ଡିଏଫଓ ପ୍ରଶାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଜଙ୍ଗଲ ନିଆଁର ପ୍ରତିରୋଧ ଓ ପ୍ରତିକାର ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫରେଷ୍ଟର ମଙ୍ଗୁଳିଚରଣ ସା, ଫରେଷ୍ଟ ଗାର୍ଡ ମମତା ପ୍ରିୟଦର୍ଶିନୀ ରାଉତ, ପ୍ରିୟଦର୍ଶିନୀ ଜେନା, ଅଙ୍କିତା ସାହୁ, ଆମ ଜଙ୍ଗଲ ଯୋଜନାର ଟିମ ଲିଡ଼ର ଛବିନ୍ଦ୍ର ପାତ୍ର, ଡିଓ ତ୍ରିଲୋଚନ ପ୍ରଧାନ ଯୋଗ ଦେଇଥିଲେ। ମାଣିଗିରି, ସାମୁକାନେଣ୍ଡି, ତଳନଟିଆ, ବରବାହାଲି, କେନ୍ଦୁଡ଼ିହା, ଝିଙ୍କିପିଟା, ପଞ୍ଚୁଗୋଛିଆ, ନିଆଳି ଝରଣ, ସୁଆପୁର, ଧବାଡିର ବନ ସୁରକ୍ଷା ସମିତିର ସଦସ୍ୟ ସଦସ୍ୟା ଅଂଶଗ୍ରହଣ କରିଥିଲେ।

# କ୍ୟାରିଅର ପରାମର୍ଶ ସମ୍ବନ୍ଧୀୟ ବ୍ଲକ୍‌ସ୍ତରୀୟ କର୍ମଶାଳା



ତେଲକୋଇ, ୬।୨(ସମିସ): ସ୍ୱେଚ୍ଛାସେବୀ ସଂଗଠନ ୟୁଏସି ଦ୍ୱାରା କ୍ୟାରିଅର ପରାମର୍ଶ ସମ୍ବନ୍ଧୀୟ ବ୍ଲକସ୍ତରୀୟ କର୍ମଶାଳା ତେଲକୋଇ ସରକାରୀ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକର ୩୨ଟି ଉଚ୍ଚବିଦ୍ୟାଳୟ ଓ ୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଅଧ୍ୟାପକ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ୟୁଏସିର ସମ୍ପାଦକ ନିମାଇଁ ନାରାୟଣ ଶତପଥୀ ଜାତୀୟ ଶିକ୍ଷାନୀତି ଓ ଆନ୍ତର୍ଜାତିକ ସ୍ତରରେ ନିରୂପିତ ସ୍ଥାୟୀ ବିକାଶ ଲକ୍ଷ୍ୟର ଅବତାରଣା କରି ଉଚ୍ଚବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ କ୍ୟାରିଅର ଯୋଜନା ହିଁ ପ୍ରକୃତ ବାଟ ଦେଖାଇବ ବୋଲି ମତ ପୋଷଣ କରିଥିଲେ। କାର୍ମଶାଳାର ମୁଖ୍ୟଅତିଥି ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗେଶ୍ୱର ବେହେରା ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ମାର୍ଗଦର୍ଶନ କରିଥିଲେ। ତେଲକୋଇ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର୍ଷଣ ନାୟକ ଶିଶୁଙ୍କ ଭବିଷ୍ୟତ ଗଢ଼ିବା ଆମ ସମସ୍ତଙ୍କ ଗୁରୁଦାୟିତ୍ୱ ବୋଲି କହିଥିଲେ। ଆଇଏଲ୍‌ପିର ସଂଯୋଜକ ଙ୍ଗ ବିଜୟକୃଷ୍ଣ ପଣ୍ଡା ତାଲିମ ପ୍ରଦାନ କରିବା ସହ ହଲାଣ୍ଡ କୋଡ ଓ କ୍ୟାରିଅର ଚାର୍ଟ ସମ୍ବନ୍ଧରେ ଧାରଣା ପ୍ରଦାନ କରିଥିଲେ। ୟୁଏସିର କର୍ମୀ ଭଉଣୀବୃନ୍ଦ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ କ୍ଷେତ୍ର ସଂଯୋଜକ ଅଶୋକ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ୟୁଏସିର ସାଥୀ ଶିବବ୍ରତ ଦାସ, ମନୋଜ ପ୍ରଧାନ, ବାସନ୍ତୀ ନାୟକ, ସ୍ମିତାରାଣୀ ପହି, ଯଶୋଦା ନାୟକ, ଧୀରେନ ମହାନ୍ତ, ସୋମନାଥ ସାହୁ, ଧନେଶ୍ୱରୀ ସାହୁ, ଭୁଲେଶ୍ୱରୀ ସାହୁ, ଲିକିତା ପ୍ରଧାନ, ସଞ୍ଜୁଲତା ସାହୁ, କୃପାସିନ୍ଧୁ ପେଣ୍ଟେଇ, ସୁଜ୍ଞାନ ମିଶ୍ର ସହଯୋଗ କରିଥିଲେ।

# ଧକୋଠା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ



ଆନନ୍ଦପୁର, ୬।୨ (ସମିସ): ଆନନ୍ଦପୁର ବ୍ଲକ ଧକୋଠା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ସେଣ୍ଠଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଇଓ ହରିହର ଦଳେଇ, ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧ୍ୟକ୍ଷ ଆନନ୍ଦପୁର କଲେଜର ରମାକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ଏବିଇଓ ହେମେନ୍ଦ୍ରନାଥ ମହାନ୍ତି, ସରପଞ୍ଚ ବୀରଭଦ୍ର ସେଠୀ, ପୂର୍ବତନ ପ୍ରଧାନଶିକ୍ଷକ ଶତ୍ରୁଘନ ସାହୁ, ବ୍ରଜକିଶୋର ସାହୁ, କୃଷ୍ଣଚନ୍ଦ୍ର ମହାନ୍ତ, ଶିବଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଅତିଥିମାନେ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନିବେଦିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ ବିବରଣୀ ବିଶ୍ୱବନ୍ଦିତା ସାହୁ ପାଠ କରିଥିଲେ। ଅଶୋକଚନ୍ଦ୍ର ଗୋଛାୟତ ଧନ୍ୟବାଦ ଦେଇଥିଲେ। ସୌଜନ୍ୟ ପଣ୍ଡା, ସତ୍ୟାନନ୍ଦ ନାଏକ, ସୌମେନ୍ଦ୍ର ପଟ୍ଟନାୟକ, ରାକେଶ ନାୟକ, ଶିକ୍ଷୟିତ୍ରୀ ସୁଜାତା ଦଳେଇ, ଅନିତା ପରିଡ଼ା, ଦୀପ୍ତିମୟୀ ଜେନା, ଅର୍ପିତା ଦାଶ ଓ କର୍ମଚାରୀ ଅଖିଳ ଦେହୁରୀ, ଭାଗୀରଥି ବାରିକ ପରିଚାଳନା କରିଥିଲେ।

# ୮୦ ଟନ୍ ଚୋରା ମାଙ୍ଗାନିଜ୍ ଜବତ



ଯୋଡ଼ା, ୬।୨ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣିକ୍ଷେତ୍ର ଅନ୍ତର୍ଗତ ବୈତରଣୀ (କ) ସଂରକ୍ଷିତ ଜଙ୍ଗଲ ତିରିଂ ପାହାଡ଼ ଅଞ୍ଚଳରୁ ୮୦ ଟନ୍ ଚୋରା ମାଙ୍ଗାନିଜ ଜବତ କରିଛି ଖଣି ବିଭାଗ। ତିରିଂ ପାହାଡ଼ ଜଙ୍ଗଲ ଅଞ୍ଚଳରେ କିଛି ମାଙ୍ଗାନିଜ ଖଣିଜ ଚୋରାରେ ଉତ୍ତୋଳନ କରି ମାଫିଆ ବିକ୍ରି କରିବାକୁ ରଖିଥିବା ବେଳେ କୌଣସି ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା ଯୋଡ଼ା ଖଣି ବିଭାଗ। ଖଣି ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ଉ କରିଥିଲା। ଗଛିତ ଥିବା ପାଖାପାଖି ୮୦ ଟନ ମାଙ୍ଗାନିଜ ଖଣି ବିଭାଗ ଜବତ କରିବାରେ ସକ୍ଷମ ହୋଇଛି। ତେବେ ଏହି ଚୋରା କାରବାରରେ କେଉଁମାନେ ସଂପୃକ୍ତ ଅଛନ୍ତି ଏବଂ ଏହା କେଉଁ ଅଞ୍ଚଳକୁ ଚୋରା ଚାଲାଣ ହେବାକୁ ଥିଲା ସେନେଇ ଖଣି ବିଭାଗ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି। ତେବେ ଆଗକୁ ଏପରି ଚଢ଼ଉ ଜାରି ରହିବ ବୋଲି ଖଣି ବିଭାଗ ପକ୍ଷରୁ ଜଣାପଡ଼ିଛି।

# ସାଇଁକୁଲରେ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ



ଆନନ୍ଦପୁର,୬।୨ (ସମିସ): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ଅନ୍ତର୍ଗତ ସାଇଁକୁଳ ପତିତପାବନ ମହାବିଦ୍ୟାଳୟର ୧୯୯୩-୧୯୯୮ ବ୍ୟାଚର ପୁରାତନ ଛାତ୍ରଛାତ୍ରୀମାନଙ୍କ ବନ୍ଧୁମିଳନ ହଦଗଡ଼ ଡ୍ୟାମ ପରିସରରେ ଦ୍ୱିପପ୍ରକାଶ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସୁଶାନ୍ତ ମହାପାତ୍ର, ରଞ୍ଜିତ ପାଢ଼ୀ, ସରୋଜ ଦାସ, ସୁପ୍ରଭା ସ୍ୱାଇଁ, ରଶ୍ମିତା ପଣ୍ଡା, ପ୍ରୀତିନନ୍ଦା ଭୂଇଆଁ, ମଧୁସ୍ମିତା ଲେଙ୍କା ପରିଚାଳନା କରିଥିବା ବେଳେ ପାଠପଢ଼ା ସମୟର ସ୍ମୃତି, କଲେଜ ଜୀବନର ମଜା ଓ ସ୍ମୃତିଚାରଣ ମଧ୍ୟରେ ପରିବେଶ ହସ-ଖୁସିରେ ଭରିଯାଇଥିଲା। ଅନେକେ ଦୂରଦୁରାନ୍ତରୁ ଆସି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୁରୁଣା ସମ୍ପର୍କକୁ ପୁନଃ ଜୀବନ୍ତ କରିଥିଲେ। ଆଜି ପୁଣି ସେହି କଲେଜ ଦିନକୁ ମନେ ପକାଇଦେଲା ବୋଲି ପୁରାତନ ଛାତ୍ରଛାତ୍ରୀମାନେ ପ୍ରକାଶ କରିଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ପୁରୁଣା ସମ୍ପର୍କକୁ ଆଉ ମଜବୁତ କରିବା ସହ ଆଗାମୀ ଦିନରେ ମଧ୍ୟ ଏପରି ଆୟୋଜନ କରିବାକୁ ସମସ୍ତଙ୍କୁ ପ୍ରେରଣା ଦେଇଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ।।



ସ୍ୱର୍ଗତ ଭାସ୍କର ମହାରଣା

ରାମନଗର ପ୍ରଥମ ଲେନ, କମାପଲି, ବ୍ରହ୍ମପୁର (ଗଞ୍ଜାମ)

ଆବିର୍ଭାବ : ୧୦.୧୦.୧୯୪୮
ତିରୋଧାନ : ୨୮.୦୧.୨୦୨୬

ବାପା ଆପଣ ଯିବାର ୧୧ ଦିନ ହେଇଗଲା । ଆପଣଙ୍କର ସ୍ନେହ, ଭଲ ପାଇବା, ତ୍ୟାଗ ଆମପାଇଁ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି ସହ : ପୁତ୍ର ଜଗଦୀଶ, ମହେଶ, ପୁତ୍ରବଧୂ କ୍ରୀଷ୍ଣା, ଝିଅ,ଜୋଇଁ ଓ ନାତି ନାତୁଣୀମାନେ

# ବିନା କ୍ୟାମେରାରେ ଅସୁରକ୍ଷିତ ରହିଛି ଏନ୍‌ଏଚ୍ ୨୦



ଆନନ୍ଦପୁର,୬।୨(ସମିସ): କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥରେ କ୍ୟାମେରା ଲଗାଇବାକୁ ବହୁଦିନରୁ ଦାବିହୋଇଆସୁଥିଲେ ମଧ ପରିବହନ ବିଭାଗ ଦୃଷ୍ଟି ଦେଉ ନଥିବା ଅଭିଯୋଗ ହେଉଛି। ଏଥିରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭିନ୍ନ ସମୟରେ ବେପରୁଆ ଗାଡ଼ି ଚାଳନା ସହ ଅପରାଧୀଙ୍କ ଗତିବିଧି ଦୃଷ୍ଟିରୁ ଏନ୍‌ଏଚ୍ ପରିସରରେ କ୍ୟାମେରା ସଂଲଗ୍ନ କରାଯାଇ ଶୃଙ୍ଖଳିତ ଯାତାୟାତ ଏବଂ ଆଇନଶୃଙ୍ଖଳା ପରିସ୍ଥିତିକୁ ନିରୀକ୍ଷଣ କରାଯିବା ନେଇ ପୁଲିସ ପକ୍ଷରୁ ବିଶେଷ ମାନଦଣ୍ଡ ରହିଥିବା ବେଳେ ଏହାକୁ ଖୋଦ ପ୍ରଶାସନ ପକ୍ଷରୁ ଉଲ୍ଲଂଘନ କରାଯାଉଥିବା ଆଲୋଚନା ପରିସରକୁ ଆସିଛି। ତେବେ, ଏନେଇ ଜାତୀୟ ରାଜପଥ ବିଭାଗ ପରିବହନ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କ୍ୟାମେରା ଲାଗି ନପାରିବା ଚିନ୍ତାର କାରଣ ହୋଇଛି। ଏଥିପାଇଁ ପରିବହନ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି। ଏହାଦ୍ୱାରା ଗାଡ଼ିର ବେଗ ନିୟନ୍ତ୍ରଣ କରାଯିବା ସହିତ ଦ୍ରୁତ ଗତିରେ ଯାଉଥିବା ଗାଡ଼ିର ଚାଲାଣ କଟାଯିବାକୁ ଯୋଜନା କରାଯାଇଛି। ୨୦ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଘସିପୁରା ଥାନା ଅନ୍ତର୍ଗତ କୋଳିମାଟି, ଶାଳପଡ଼ା ଅଞ୍ଚଳରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ପରିବହନ ବିଭାଗ ପକ୍ଷରୁ ବୀରଗୋବିନ୍ଦପୁର, ଧକୋଠା, କୋଳିମାଟି, ଦରଖଳା, ମେଲାଣ, ବାଲିଯୋଡ଼ି, ଘଟଗାଁ, ବାଟହରିଚନ୍ଦନପୁର, ଘସିପୁରା, ଶାଳପଡ଼ା, ହସନପୁର, ପଦନାରେ କ୍ୟାମେରା ଲଗାଯିବାକୁ ଖୁଣ୍ଟ ପୋତାଯାଇଛି। ଖୁବଶୀଘ୍ର ଏଥିରେ ଅତ୍ୟାଧୁନିକ କ୍ୟାମେରା ଲଗାଯିବା ପରିବହନ ବିଭାଗ ପକ୍ଷରୁ କ୍ୟାମେର ଲଗାଯାଉଥିବା ନେଇ ଏନ୍‌ଏଚଏଆଇ ଅଧିକାରୀ ଅରୁଣ ଦାସ କହିଛନ୍ତି। ଜାତୀୟ ରାଜପଥରେ ଯାଉଥିବା ଗାଡ଼ିଗୁଡ଼ିକର ଚାଲାଣ କଟାଯିବ ବୋଲି କେନ୍ଦୁଝରେ ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ କହିଛନ୍ତି। ଏହାଦ୍ୱାରା ଦୁର୍ଘଟଣା ହ୍ରାସ ପାଇବ ବୋଲି ଆଶା ରହିଛି।

● ଯୋଡ଼ା ପଞ୍ଚାୟତସମିତିର ଉନ୍ନୟନ ସମୀକ୍ଷା

# ସମୟ ପୂର୍ବରୁ ପ୍ରକଳ୍ପ ସାରିବାକୁ ନିର୍ଦ୍ଦେଶ

ଯୋଡ଼ା,୬।୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ସଭା ଗୃହଠାରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତସମିତି ଅଧ୍ୟକ୍ଷ କବିନ୍ଦ୍ର ନାଏକ, ଯୋଡା ବିଡ଼ିଓ ଡେନିସ ବେହେରା ପ୍ରମୁଖ ୧୯ଟି ପଞ୍ଚାୟତରେ ଚାଲିଥିବା ବିଭିନ୍ନ ସରକାରୀ କାର୍ଯ୍ୟର ସମୀକ୍ଷା କରିଥିଲେ। ସମ୍ପୃକ୍ତ ସରପଞ୍ଚ, ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ସମୟ ପୂର୍ବରୁ ଉକ୍ତ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ୨୦୨୧-୨୨ ଆର୍ଥିକ ବର୍ଷର ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡିକର ସମୀକ୍ଷା କରାଯାଇଥିଲା। ସେହି ଆର୍ଥିକ ବର୍ଷରେ ୫୧୭ଟି ବିଭିନ୍ନ ପ୍ରକଳ୍ପରେ ୩ କୋଟି ୫୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇନାହିଁ। ଏହି ଅର୍ଥକୁ ପ୍ରକଳ୍ପ ମାଧ୍ୟମରେ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ଖର୍ଚ୍ଚ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏତଦବ୍ୟତୀତ କାନପୁର ବୃହତ୍ ଜଳସେଚନ ପ୍ରକଳ୍ପରେ ବୁଡ଼ି ଅଞ୍ଚଳରେ ଯାଉଥିବା ବିରିକଳା, କଣ୍ଡରା ଓ ଚମକପୁର ଗ୍ରାମପଞ୍ଚାୟତର ବିସ୍ଥାପିତ ଗ୍ରାମବାସୀଙ୍କୁ ଭୋଟର ତାଲିକାରୁ ନାମକୁ ନ କାଟି ଥଇଥାନ ହୋଇ ରହୁଥିବା ଗ୍ରାମରେ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ପଞ୍ଚାୟତର ବିଏଲଓ, ସରପଞ୍ଚ, ଏବିଓଙ୍କୁ ବ୍ଲକ୍ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ। ବିସ୍ଥାପିତମାନେ ଯେପରି ଭୋଟର ତାଲିକାରୁ ବାଦ୍ ନ ପଡନ୍ତି ସେନେଇ ନିର୍ଭୁଲ ସର୍ଭେ କରିବା ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଛି।

# ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଚନ୍ଦ୍ରପୁର,୬।୨(ସମିସ): ରାୟଗଡ଼ା ଜିଲ୍ଲାର ଚନ୍ଦ୍ରପୁର ଏସ୍‌ଏସ୍‌ଡ଼ି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଗଣେଶ ଶବର, ମୁଖ୍ୟବକ୍ତା , ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ ଶବର, ସମ୍ମାନିତ ଅତିଥି ବ୍ଲକ ସଂପ୍ରସାରଣ ଅଧିକାରୀ ଶ୍ରୀତମ ପୂର୍ତ୍ତି, ଅଧକ୍ଷ ଭୟରାମ ନାୟକ, ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ପଟନାୟକ, ଭାସ୍କର ଗୋମାଙ୍ଗ,ଅନୁରାଧା ଲିଙ୍ଗମ୍, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିଙ୍ଗନା ତାଡ଼ିଙ୍ଗ, ବାଳକୃଷ୍ଣ ବିହାରୀ, ପ୍ରଧାନ ଶିକ୍ଷକ ରାଜୁ ପାଲ, ସନ୍ତସ କୁମାର କୁସୁଲିଆ, ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ, ସରପଞ୍ଚ ରଞ୍ଜିତା ବ୍ରେକବେଡ଼ା, ଫକୀର ମୋହନ ଗୁମିଟାଙ୍ଗା, ଏସ୍‌ଏମ୍‌ସି, ସଭାପତି ମଧୁବ୍ରେକବେଡ଼ା, ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରିପତି ଶ୍ରୀରାମଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଥିଲା। ଆବାହକ ଭାବେ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ବଳନ କରି ଅନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଛାତ୍ରୀ ମାନଙ୍କଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ଶ୍ରୀରାମ ବାର୍ଷିକ ବିବରଣୀ ପଢ଼ି ଶୁଣାଇ ଥିଲେ। ମଞ୍ଚ ପରିଚାଳନା କରିଥିଲେ ପଣ୍ଡିତ ଶିକ୍ଷକ ବିରଞ୍ଚି ରଣା। ଏହି ଉତ୍ସବରେ ବିଦ୍ୟାଳୟର ଛାତ୍ରୀ ସମସ୍ତ ଅତିଥି ମାନଙ୍କୁ ବିଦ୍ୟାଳୟ ତରଫରୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଟୁ ଗ୍ରେଡରେ ଦଶମ ଶ୍ରେଣୀରେ ବ୍ଲକ ପ୍ରଥମ ସ୍ଥାନ ପାସ କରିଥିବା ଛାତ୍ରୀ ବାସନ୍ତୀ ପିଡିକାଙ୍କୁ ପୁଷ୍ପ ଗୁଚ୍ଛ ଓମାନ ପତ୍ର ସହ ୩୦୦୦ହଜାର ଟଙ୍କା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଶିକ୍ଷକ ଗୁରୁପ୍ରସାଦ ପରିଡ଼ା, ଅନିଲ ଗୋମାଙ୍ଗ, ମନୋଜ ଗୌଡ଼, ହରିଶ୍ଚନ୍ଦ୍ର ପାଢ଼ୀ, ପ୍ରିୟଙ୍କା ଗୋମାଙ୍ଗ, ଉମାକାନ୍ତ ନିମାଲ, ସହ ମେଟ୍ରନ ସରଜନୀ ପ୍ରତୀହରୀ, ସସ୍ମିତା ସାହୁ ଓ କର୍ମଚାରୀ ସହଯୋଗ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀରାମ ଧନ୍ୟବାଦ ଅର୍ପଣ କରିଥିଲେ।

### ବଣ୍ଡାଘାଟିରେ ଆବାସ ଦୁର୍ନୀତି

# ହିତାଧିକାରୀଙ୍କୁ ନ୍ୟାୟ ମିଳିବ କେବେ?

ମାଲକାନଗିରି, ୬।୨(ସମିସ): ମାଲକାନଗିରି ଜିଲ୍ଲାର ବଣ୍ଡା ଘାଟିରେ ଆବାସ ଯୋଜନାରେ ମହାଦୁର୍ନୀତି ହୋଇଥିବା ଅଭିଯୋଗହ ତଦନ୍ତ ନ ହୋଇ ବିଡିଓଙ୍କ ବଦଳି ହୋଇଛି। ତେବେ ଏପରି ସ୍ଥିତିରେ ହିତାଧିକାରୀଙ୍କୁ ନ୍ୟାୟ କେବେ ମିଳିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲଶ ଖଇରପୁଟ ବ୍ଲକ ଅନ୍ତର୍ଗତ ବଣ୍ଡାଘାଟିରେ ଆବାସ ଯୋଜନାରେ ଘର କରିଦେବା ନାଁରେ କୋଟି କୋଟି ଟଙ୍କାର ଘୋଟାଲା ହୋଇଥିବା ଅଭିଯୋଗ ହୋଇଛି। ବଣ୍ଡାଘାଟିରେ ଘର ଦୁର୍ନୀତି ଅଭିଯୋଗ ମଧ୍ୟରେ ଖଇରପୁଟ ବିଡିଓଙ୍କ ଅନ୍ୟତ୍ର ବଦଳି ଘଟଣାରେ ଅଧିକ ଖୋରାକ ଯୋଗାଉଛି। ଜିଲ୍ଲାର ବଣ୍ଡା ଘାଟିରେ ଥିବା ମୁଦୁଲିପଡା ପଞ୍ଚାୟତ ତୁସାଇପଡା ଗାଁରରେ ୨୨ ଟି ଘରକୁ କରିଦେବା ନାଁ ରେ ଅର୍ଥ ହଡପ କରି ଠିକାଦାରଙ୍କ ଆଉ ଦେଖା ମିଳୁନି। ଖାଲି ତୁସେଇପଡା ଗାଁ ନୁହଁ ବରଂ ବଣଣ୍ଡାଘାଟିର ଅଧିକାଂଶ



ଗାଁରେ ଆବାସ ଯୋଜନାରେ ଏପରି ଅବସ୍ଥା। ଯାହା ଫଳରେ ନିରୀହ ମଣିଷଙ୍କ ପାଇଁ ବଣ୍ଡାଘାଟିରେ ଆବାସ ଘର ସ୍ୱପ୍ନ ପାଲଟିଯାଇଛି। ଅଧିକାରୀଙ୍କ ମନମୁଖି ଓ ଯାଞ୍ଚ ନ କରି ଅର୍ଥ ଛାଡିବା ଯୋଗୁ ହିତାଧିକାରୀ ଫସିଛନ୍ତି। ଠିକାଦାର ଏବଂ ଅଧିକାରୀଙ୍କ ସଲାସୁତରା ନୀତିରେ ଅର୍ଥ ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ଏହା ସହ ଘଟଣାରେ ସକାରୀ ଯନ୍ତ୍ରୀ ଏବଂ ପିଇଓଙ୍କ ଭୂମିକାକୁ ନେଇ ମଧ ପ୍ରଶ୍ନ ଉଠିଛି। ଏପଟେ ଘଟଣାକୁ ନେଇ ଜିଲ୍ଲା ଆଦିବାସୀ ସମାଜ ମହସଂଘ ମଧ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି। ଅନ୍ୟପଟେ ବିଗତ କିଛି ଦିନ ପୂର୍ବେ ମାଲକାନଗିରି ଗସ୍ତରେ ଆସିଥିବା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଏବାବଦରେ ପଚାରିବାରୁ ସେ ପ୍ରକାଶ କରିଛନ୍ତି ଯେ, ଏନେଇ ସେଭଳି କୌଣସି ଅଭିଯୋଗ ଆସିନି। ଅଭିଯୋଗ କରନ୍ତୁ ତାପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ ଶ୍ରୀ ଗଣ କହିଛନ୍ତି। ବଣ୍ଡାଘାଟିରେ ଆବାସ ଦୁର୍ନୀତି ଅଧିକାରୀଙ୍କ ସାଲିସ୍ ରେ ଠିକାଦାର ମାଲେମାଲ ହେଉଥିବା ବେଳେ ହିତାଧିକାରୀ ଏପଟେ ବେହାଲ ହୋଇ ଚିନ୍ତାରେ ପଡିଛନ୍ତି।

# ଏକ ରାଷ୍ଟ୍ର, ଏକ ନିର୍ବାଚନ ଦସ୍ତଖତ ଅଭିଯାନ

ପଦ୍ମପୁର,୬।୨(ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ସ୍ଥିତ ତ୍ରିବେଣୀ ବିଜ୍ଞାନ ଏବଂ କଳା ମହା ବିଦ୍ୟାଳୟ ଠାରେ ଏକ ରାଷ୍ଟ୍ର ଏକ ନିର୍ବାଚନ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱର ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ର ଭାରତ,କିନ୍ତୁ ନିରନ୍ତର ନିର୍ବାଚନ ଯୋଗୁଁ ଅନେକ ସମସ୍ୟା ସୃଷ୍ଟି ହେଉଛି। ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏକ ରାଷ୍ଟ୍ର ଏକ ନିର୍ବାଚନ କରି ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ପ୍ରୟାସ ଆରମ୍ଭ ହେଇଛି। ଏହା ଦ୍ୱାରା ଦେଶର ଉନ୍ନତି, ପ୍ରଗତି ଏବଂ ସମୃଦ୍ଧି ଦିଗରେ ଦୃତ ଗତିରେ ଆଗକୁ ବଢ଼ିବାରେ ସାହାଯ୍ୟ କରିବ। ୨୦୧୯



ନିର୍ବାଚନରେ ୬୦୦୦୦ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଗତ ୨୦୨୪ ସାଧାରଣ ନିର୍ବାଚନରେ ୧୩୫୦୦୦ କୋଟି ଖର୍ଚ୍ଚ ହେଇଥିଲା,୨୦୨୪ ନିର୍ବାଚନକୁ ଭାରତ ଇତିହାସରେ ବ୍ୟବବହୁଳ ନିର୍ବାଚନ ବୋଲି ମଧ୍ୟ ଧରାଯାଇପାରିବ। ଏକ ରାଷ୍ଟ୍ର ଏକ ନିର୍ବାଚନ ହେବା ଦ୍ୱାରା ଆର୍ଥିକ ଅଭିବୃଦ୍ଧି ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଭଳି ଅନେକ ଦିଗରେ ଉନ୍ନତି ହେଇପାରିବ। ଏକ ରାଷ୍ଟ୍ର ଏକ ନିର୍ବାଚନରୁ ହେଉଥିବା ସଞ୍ଚୟ ଦେଶର ଜିଡ଼ିପି ୧.୫ ସହିତ ସମାନ। ଏହା ସହ ଯୁବପିଢ଼ି ଦେଶର ଭବିଷ୍ୟତ।ତେଣୁ ଦେଶର ହିତ ଦୃଷ୍ଟିରୁ ଏକ ରାଷ୍ଟ୍ର ଏକ ନିର୍ବାଚନ ଦସ୍ତଖତ ଅଭିଯାନ ମାଧ୍ୟମରେ ସମର୍ଥନ କରି ଦେଶକୁ ବିକଶିତ ଦିଗରେ ବଢେଇବା ବୋଲି 'ୱାନ୍ ନେଶନ ୱାନ ଇଲେକ୍ସନ' ପଦ୍ମପୁର ବ୍ଲକ କୋର୍ଡିନେଟର୍ ନଚିକେତା ସାହୁ ଆହ୍ୱାନ ଦେଇଥିଲେ। ବିକାଶ ଦାସ, ଚନ୍ଦନ ମହାପାତ୍ରଙ୍କ ସହ କଲେଜ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।

# ଆପନମାଳା ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ

କୋରୁକୋଣ୍ଡା, ୬।୨(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥ ପୁର ପଞ୍ଚାୟତ ଆପନମାଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଚଳିତ ଶିକ୍ଷା ବର୍ଷ ନିମନ୍ତେ ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ଆପନମାଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ମଞ୍ଜୁଶ୍ରୀ ମାହାଲିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ରୀଡ଼ା ଉତ୍ସବକୁ ପଞ୍ଚାୟତ ସାଧନ କେନ୍ଦ୍ର ସଂଯୋଜକ କିଶୋର ଖୋସଲାଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଉଦ୍‌ଘାଟନ କରାଯିବା ସହ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଖେଳରେ ଶୃଙ୍ଖଳା , କର୍ତ୍ତବ୍ୟ ନିଷ୍ଠ ଏବଂ କ୍ରୀଡ଼ା ସ୍ପୃହା ମନୋବୃତ୍ତିର ଭାବନା ରଖି ଖେଳିବା ନିମନ୍ତେ ଶପଥ ପାଠ କରାଯାଇଥିଲା। ଏହା ପରେ ଭିନ୍ନ ଭିନ୍ନ କ୍ରୀଡ଼ା ବିଭାଗରେ ଭାଗ ନେଇଥିବା ଛାତ୍ରଛାତ୍ରୀ ମାନେ ଖେଳକୁଦ ପ୍ରତିଯୋଗିତାର ପ୍ରଦର୍ଶନ କରିଥିଲେ। ବିଶେଷ କରି କୁନି କୁନି ପିଲାମାନଙ୍କ ଖେଳ ଅଧିକ ଆକର୍ଷଣୀୟ ରହିଥିଲା। ସ୍ଥାନୀୟ ଗ୍ରାମବାସୀ ସହ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଏହି କ୍ରୀଡ଼ା ଉତ୍ସବର ମଜା ନେଇଥିଲେ। କୃତି ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଶେଷରେ ଖେଳ ହେଉ କି ଜୀବନର କୌଣସି ପରୀକ୍ଷା ହାର ଜିତ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଆମେ ଅସଫଳତା ମଧ୍ୟରେ ସଫଳତାର ଚାବିକାଠି ଖୋଜିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନ ଶିକ୍ଷୟତ୍ରୀ ମଞ୍ଜୁଶ୍ରୀ ମାହାଲି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହପୂର୍ଣ୍ଣ ବାର୍ତ୍ତା ଦେଇଥିଲେ।ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକ୍ଷ୍ମଣ ଶିଶା , ପୂର୍ବତନ ଛାତ୍ର ଗଣେଶ ଶିଶାଙ୍କ ସହ ସହକାରୀ ଶିକ୍ଷକ ନିତାଇ କୁମାର ରାଏ, ଶିକ୍ଷୟତ୍ରୀ ରଶ୍ମିତା ଜାଲି, ଶ୍ରଦ୍ଧାଞ୍ଜଳି ମଲ୍ଲିକ, ସୌଦାମିନୀ ମହାରଣା ଏବଂ ଅନ୍ୟ କର୍ମଚାରୀ ମାନେ ଏହି କ୍ରୀଡ଼ା ଉତ୍ସବରେ ସହଯୋଗ କରି ସଫଳ କରିଥିଲେ।

## କର୍ତ୍ତବ୍ୟରେ ଅବହେଳା, ୨ ଶିକ୍ଷକ ନିଲମ୍ବିତ

ରାୟଗଡ଼ା,୬।୨(ସମିସ): ରାୟଗଡ଼ା ଜିଲ୍ଲା ସଦର ମହକୁମା ସ୍ଥିତ ଗୋପବନ୍ଧୁ ମ୍ୟୁନିସିପାଲିଟି ହାଇସ୍କୁଲ (ଜିବିଏମ)ର ୨ ଶିକ୍ଷକଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ ନିଲମ୍ବନ କରିଥିବା ଜଣାପଡିଛି। କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ସହକାରୀ ଶିକ୍ଷୟିତ୍ରୀ ରଞ୍ଜିତା ମହାପାତ୍ର ଓ ହିନ୍ଦୀ ଶିକ୍ଷକ ସହଦେବ ସାହୁଙ୍କୁ ନିଲମ୍ବନ କରିଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ। ନିଲମ୍ବନ ସମୟରେ ଶିକ୍ଷକ ସହଦେବ ସାହୁଙ୍କୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ରଞ୍ଜିତା ମହାପାତ୍ରଙ୍କୁ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟରେ ଉପସ୍ଥିତ ରହିବାକୁ ଡିଇଓ ନିର୍ଦ୍ଦେଶ ଦେଇଛନ୍ତି।

## ଗାଁ ନାମ ଉଚ୍ଚାରଣ ବଦଳିଲା, ପୋଡ଼ିଆ ହେଲା ପଡ଼ିଆ

ପଡିଆ, ୬।୨(ସମିସ) : ଦୀର୍ଘ ବର୍ଷ ଧରି ମାଲକାନଗିରି ଜିଲ୍ଲା ସୀମାବର୍ତ୍ତୀ ପଡିଆ ବ୍ଲକର ନାମ ଉଚ୍ଚାରଣ ଓ ଇଂରାଜୀରେ ଶବ୍ଦ ବର୍ଣ୍ଣନା ବେଳେ ବରମ୍ବାର ଦ୍ୱନ୍ଦ୍ୱ ସୃଷ୍ଟି ହେଉଥିଲା। ତେବେ ଏହାର ସ୍ଥାୟୀ ପ୍ରତିକାର ସ୍ୱରୂପ ରାଜ୍ୟ ସରକାରଙ୍କ ପକ୍ଷରୁ ପଡିଆ ଗ୍ରାମର ନାମ ଉଚ୍ଚାରଣ ଓ ବର୍ଣ୍ଣର ସଠିକ ବ୍ୟବହାର କରିବା ପାଇଁ ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଏହି ସରକାରୀ ସାର୍ବଜନୀନ ନୋଟିସ ଓ ସମ୍ପର୍କିତ ବିଜ୍ଞପ୍ତି ଅନୁଯାୟୀ, ସରକାରଙ୍କ ପକ୍ଷରୁ ସାତଟି ଜିଲ୍ଲାର ଇଂରାଜୀ ନାମ ସଂଶୋଧନ ଏବଂ ୧୧ଟି ଜିଲ୍ଲାରେ ବିସ୍ତାରିତ ୨୪ଟି ସ୍ଥାନର ସଠିକ ବର୍ଣ୍ଣନାକୁ ସଂଶୋଧନ କରାଯାଇଥିବା ଜଣାପଡ଼ିଛି। ଏହି କ୍ରମରେ ପଡିଆ ଗ୍ରାମର ଇଁରାଜୀ ସଂଶୋଧନ ସ୍ୱରୂପ ଓ ପଡିଆ ଶବ୍ଦରେ ବ୍ୟବହୃତ ଇଂରାଜୀ "ଓ' ସ୍ଥାନରେ "ଏ' ବ୍ୟବହୃତ କରିବାକୁ ବିଜ୍ଞପ୍ତିରେ ପ୍ରକାଶ ହୋଇଛି। ଯାହା ଫଳରେ ବିଭିନ ସମୟରେ ପଡିଆ ଗ୍ରାମର ନାମକୁ ଲେଖିବାରେ ଦେଖା ଯାଉଥିବା ଦ୍ୱନ୍ଦ୍ୱ ଦୂର ହୋଇଛି। ଅନ୍ୟ ପଟେ ବ୍ରିଟିଶ ଅମଳରୁ ପଡିଆ ଗ୍ରାମର ଶବ୍ଦ ଗତ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ବେଳେ ସରକାରଙ୍କ ଏଭଳି ନିଷ୍ପତି ଯୋଗୁ ବର୍ଣ୍ଣଗତ ସମସ୍ୟା ତୁଟି ଯାଇଥିବା ବେଳେ ଅଞ୍ଚଳବାସୀ ମଧ୍ୟ ଖୁସି ଜାହିର କରିଛନ୍ତି। ଏହି ପରିବର୍ତ୍ତନ ଗୁଡ଼ିକ ମୁଖ୍ୟତଃ ବର୍ତ୍ତମାନର ଇଂରାଜୀ ଅନୁବାଦରେ ଭୁଲ-ବନାନ କିମ୍ବା ଦୁର୍ନୀତିକୁ ସମାଧାନ କରିଥାଏ। ସେଗୁଡ଼ିକୁ ମୂଳ ଓଡ଼ିଆ ନାମ (ପ୍ରସ୍ତାବର ପରିଶିଷ୍ଟ-କ ରେ ତାଲିକାଭୁକ୍ତ) ଉପରେ ଆଧାରିତ ସଂଶୋଧନ ସଂସ୍କରଣ ସହିତ ବଦଳା ଯାଇଥାଏ।

# ଜନଗଣନା ପାଇଁ ଆଲୋଚନା, ତାଲିମ

ନବରଙ୍ଗପୁର, ୬।୨(ସମିସ): ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜନ ଗଣନା ୨୦୨୭ ପାଇଁ ଆଲୋଚନା ଓ ତାଲିମ ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜନଗଣନା ନିର୍ଦ୍ଦେଶାଳୟ ,ଭୁବନେଶ୍ୱରରୁ ଆସିଥିବା ଉପ ନିର୍ଦ୍ଦେଶକ ଜୟକୃଷ୍ଣ ଭୋଇ ପିପିଟି ମାଧ୍ୟମରେ ଜନଗଣନା ୨୦୨୭ ପାଇଁ ସରକାରଙ୍କ ଆଭିମୁଖ୍ୟ, ପ୍ରସ୍ତୁତି, ପଦକ୍ଷେପ, ପ୍ରକ୍ରିୟା ଉପରେ ବିଶେଷ ଆଲୋଚନା କରିଥିଲେ। ଆମ ଦେଶର ଏହି ଜନଗଣନା ୧୬ ତମ ଏବଂ ସ୍ୱାଧୀନ ପରବର୍ତ୍ତୀ ଭାରତ ବର୍ଷରେ ୮ତମ ଜନଗଣନା ଅଟେ। ଜିଲ୍ଲାରେ ପ୍ରମୁଖ ଜନଗଣନା ଅଧିକାରୀ ଜିଲ୍ଲାପାଳ ଥିବାବେଳେ ମୋଟ ୧୨ ଜଣ ଜନଗଣନା ଚାର୍ଜ ଅଧିକାରୀଙ୍କ ସମେତ ୩୩୦୦ ଜଣ ଗଣନାକାରୀ ଓ ସୁପରଭାଇଜର ଜନଗଣନା ଶେଷ ପର୍ଯ୍ୟନ୍ତ କାର୍ଯ୍ୟ କରିବେ। ଏହି ଗଣନାକାରୀ, ସୁପରଭାଇଜରଙ୍କୁ ମାଷ୍ଟର ଟ୍ରେନର ତାଲିମ ଦେବେ। ପ୍ରଥମ ଥର ଡିଜିଟାଲ ମାଧ୍ୟମରେ ଜନଗଣନା କରାଯାଉଛି। ନାଗରିକମାନେ ପ୍ରଥମ ଥର ପାଇଁ ୨୦୨୬ ଏପ୍ରିଲ ୧ରୁ ୨୦୨୬ ଏପ୍ରିଲ ୧୫ ମଧ୍ୟରେ ନିର୍ଦ୍ଦିଷ୍ଟ ମୋବାଇଲ୍ ଆପରେ ଡିଜିଟାଲ ମାଧ୍ୟମରେ ଜନ ଗଣନା ସମ୍ବନ୍ଧୀୟ ୩୩ ଟି ବ୍ୟକ୍ତିଗତ ପ୍ରଶ୍ନର ଉତ୍ତର ଭର୍ତ୍ତି କରିବେ। ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୧୬ ଏପ୍ରିଲରୁ ୧୫ମେ ପର୍ଯ୍ୟନ୍ତ ତାଲିକା ଓ ଘରଗଣନା କାର୍ଯ୍ୟକ୍ରମ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ଜନଗଣନାକାରୀ ୯.୨.୨୦୨୭ ରୁ ୨୮.୨.୨୦୨୭ ପର୍ଯ୍ୟନ୍ତ ଘରକୁ ଘର ଯାଇ ଜନ ଗଣନା କରିବେ। ଯେଉଁ ମାନେ ନିଜର ବ୍ୟକ୍ତିଗତ ତଥ୍ୟ ସଂଶୋଧନ କରିବାକୁ ଚାହିଁବେ, ତେବେ ୧.୩.୨୦୨୭ ରୁ ୫.୩.୨୦୨୭ ମଧ୍ୟରେ କରିପାରିବେ। ଜନଗଣନାରେ ଘର,ଆର୍ଥିକ ସ୍ଥିତି, ଶିକ୍ଷା ଓ ଅନେକ ତଥ୍ୟ ସଂଗ୍ରହ ହେବ।ଯାହା ପରବର୍ତ୍ତୀ ସମୟରେ ଦେଶରେ ଅନେକ ଯୋଜନା ଓ ସୁଶାସନ ପାଇଁ ସହାୟକ ହେବ। ସିଏମ୍‌ଏସ ପୋର୍ଟାଲ ମାଧ୍ୟମରେ ଜନଗଣନା ଅଧିକାରୀ ମାନେ ସମୀକ୍ଷା କରି ପଦକ୍ଷେପ ନେବେ। ଏହି ବୈଠକର ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ନିର୍ବାହୀ ଅଧିକାରୀ ନବରଙ୍ଗପୁର/ ଉମରକୋଟ ପୌରପାଳିକା, ଜନଗଣନା ସହ ସଂପୃକ୍ତ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ଶୁଣ୍ଠିପୁଟରେ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ

ସେମିଳିଗୁଡ଼ା, ୬।୨ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ୍ ଅନ୍ତର୍ଗତ ଶୁଣ୍ଠିପୁଟ ଗ୍ରାମରେ ନୂତନ ଭାବେ ଶ୍ରୀ ଶ୍ରୀ ବିଶ୍ୱାସର ମହାଦେବ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଞ୍ଚ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଏକ ବିରାଟ କଳସଯାତ୍ରାର ଆୟୋଜନ କରାଯାଇଥିଲା। ଏହାପରେ ଅଙ୍କୁରାରୋପଣ, ଗୋପୂଜା, ସୂର୍ଯ୍ୟପୂଜା, ଶାଳା ସଂସ୍କାର, ମନ୍ଦିର ସ୍ନାନ, ରତ୍ନମୃଦ ,ଅଗ୍ନିସ୍ଥାପନ, ମଣ୍ଡଳ ପୂଜନ, ଦେବତା ସ୍ନାନ, ଶୟନ ବିଶ୍ରାମ ,ନ୍ୟାସ, ସିଂହାସନ ପ୍ରତିଷ୍ଠା, ହୋମ , ଅଷ୍ଟପ୍ରହର ଅଖଣ୍ଡ ନାମ ସଂକୀର୍ତ୍ତନ ଓ ମନ୍ଦିରରେ ଦେବ ପ୍ରବେଶ ଅନୁଷ୍ଠିତ ହେଉଛି। ବିଭିନ୍ନ ଅଞ୍ଚଳରୁ ଭକ୍ତ ଆସିଛନ୍ତି। ଅତ୍ୟନ୍ତ ଶାନ୍ତି ଶୃଙ୍ଖଳାର ସହିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ମନ୍ଦିର ପରିଚାଳନା କମିଟି ବହୁତ ସୁନ୍ଦର ଭାବରେ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ, ପ୍ରିତମ ପାଢ଼ୀ, ସମାଜସେବୀ ଜଳେନ୍ଦ୍ର ତ୍ରିପାଠୀ, ଶିକ୍ଷାବିତ ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ସମାଜସେବୀ ସ୍ନିଗ୍ଧାରାଣୀମିଶ୍ର, ଶ୍ରୀ ସାମନ୍ତରାୟ ଓ ବହୁ ମାନ୍ୟଗଣ୍ୟ ଲୋକଙ୍କ ସମାଗମ ଘଟିଥିଲା।

## ଦିବ୍ୟାଙ୍ଗ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଘାଟିତ



ସେମିଳିଗୁଡ଼ା,୬।୨(ସମିସ): ଓଡ଼ିଶା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ଓ ସୁନାବେଡ଼ା ପୌର ପରିଷଦ ସ୍ତରୀୟ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସେମିଳିଗୁଡାର ମିନି ଷ୍ଟାଡିୟମରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଟାଙ୍ଗି ବିଧାୟକ ରାମ ଚନ୍ଦ୍ର କାଡାମ ଯୋଗ ଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ କାଡାମ କୁନିକୁନି ପ୍ରତିଭାମାନଙ୍କୁ ଉତ୍ସାହିତ କରି ସମର୍ଥତା ନୁହେଁ, ସାହସ ଓ ଦୃଢ଼ ସଙ୍କଳ୍ପ ହିଁ ସଫଳତାର ଚାବିକାଠି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧକ୍ଷା ଲିଲି ଅଣ୍ଟାବିରିଆ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର୍ ପ୍ରଧାନ, ସାଂସଦ ପ୍ରତିନିଧି ଜଗତ ରାୟ, ଖୁନିବୁଡ଼ି, ଦୁଧାରି ସରପଞ୍ଚ ମାଧବ ନନ୍ଦିବାଲି ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଟି ସୁରଭି, ଗୌତମ ଗୁମାଲଙ୍କ ନେତୃତ୍ୱରେ ଦୁଇ ଦିନ ଧରି ଆୟୋଜିତ ପ୍ରତିଯୋଗିତାରେ ୧୫୦ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରି ଶନିବାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ଆୟୋଜକ ମାନଙ୍କ ଦ୍ୱାରା ସୂଚନା ମିଳିଛି।

# ଓଡ଼ିଆ ସିନେମା 'ଅପେକ୍ଷା'ର ପ୍ରିମିୟର ସୋ

ରାୟଗଡ଼ା,୬।୨(ସମିସ): ଶୁକ୍ରବାର ଓଡ଼ିଆ ସିନେମା "ଅପେକ୍ଷା'ର ପ୍ରିମିୟର ସୋ' ରାୟଗଡା ଭି କେ ସେଣ୍ଟ୍ରାଲ ହଲରେ ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ରାୟଗଡ଼ା ବୁଦ୍ଧିଜୀବୀ, ଓଡ଼ିଆ ସିନେ ପ୍ରେମୀ ଏବଂ କଳାକାର ମାନଙ୍କ ଭିଡ଼ ଜମିଥିଲା। ଏହି ସିନେମା ଦେଖିବା ପାଇ ଚଳଚ୍ଚିତ୍ରର ସମସ୍ତ ଅଭିନେତା, ଅଭିନେତ୍ରୀ ଏବଂ ଟେକ୍ନିସିଆନ




ଟନ, ସୁଶାନ୍ତ ଶୁଶ୍ରୁ, ଗୁଡୁ ପ୍ରମୁଖ ଅନ୍ୟତମ ଥିଲେ। ସ୍ଟୁଡିଓ ଥ୍ରୀ ସିକ୍ସଟି ୫ ବ୍ୟାନରରେ ପ୍ରଯୋଜନା କରିଛନ୍ତି ଡ଼. କେ. ତମନ୍ନା ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଆନନ୍ଦ କୁମାର. "ଉଭୟ ହେଉଛନ୍ତି ରାୟଗଡାର ସୁପୁତ୍ର. ଏହି ସିନେମାରେ ସଂଗୀତ ନିର୍ଦ୍ଦେଶନାରେ ଅଛନ୍ତି ବୈଦ୍ୟନାଥ ଦାଶ। କାହାଣୀ ଓ ସଂଳାପ ଆଶୁତୋଷ ବାରିକ ଲେଖିଥିବା ବେଳେ ନିର୍ମଳ ନାୟକ, ଅରୁଣ ମନ୍ତ୍ରୀ ଗୀତ ରଚନା କରିଛନ୍ତି। ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, ଚିରାଗ, ଇପ୍‌ସିତା ସାହୁ ଓ ଉମାକାନ୍ତ

ଏହି ପ୍ରିମିୟର ସୋରେ ଯୋଗ ଦେଇଥିଲେ । ସମ୍ପୂର୍ଣ୍ଣ ନୂତନ ମୌଳିକ ରୋମାଣ୍ଟିକ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ଏହି ସିନେମା ଏବଂ ଭୂତର ପ୍ରାଦୁର୍ଭାବ ମଧ୍ୟ ଦେଖିବାକୁ ମିଳିଛି । ପ୍ରିମିୟର ସୋ ପ୍ରଥମରେ ହ୍ୟୁମାନ ସାଗରଙ୍କ ମାଆ ସିନେମା ହଲରେ ଫିତା କାଟି ପ୍ରଥମ ଟିକେଟ କିଣି ଦେଖିଥିଲେ। ସମସ୍ତେ ବେଶ ଭାବ ବିହ୍ୱଳ ଥିଲେ। କାରଣ ହ୍ୟୁମାନ ସାଗର ଏହି ସିନେମାରେ ଦୁଇଟି ସୁପରହିଟ ଗୀତ ଗାଇଥିବା ବେଳେ ପ୍ରିମିୟରରେ କିନ୍ତୁ ନାହାନ୍ତି। ପ୍ରିମିୟର ସୋ'ରେ ଯୋଗ ଦେଇଥିବା ପ୍ରମୁଖ ଅଭିନେତା ଅଭିନେତ୍ରୀ ମାନଙ୍କ ମଧ୍ୟରେ ଚୌଧୁରୀ ବିକାଶ ଦାସ, ପ୍ରଦୀପ ଦେବତା, ପୁଷ୍ପା ପଣ୍ଡା, ଶକ୍ତି ବରାଳ, ସାର୍ଥକ, ଶୁଭାଙ୍ଗୀ, ଅଲିଭା ଦାସ, ଟୁନା ଟନ ବାରିକ। କ୍ରିଏଟିଭ ପବ୍ଲିସିଟି ଡିଜାଇନର ଅଛନ୍ତି ବରିଷ୍ଠ ଗଣ ମାଧ୍ୟମ ବ୍ୟକ୍ତିତ୍ୱ ଏବଂ ଫିଲ୍ମ କାହାଣୀକାର ଶ୍ୟାମା ପ୍ରସାଦ ମିଶ୍ର। ପ୍ରାୟ ଓଡ଼ିଆ ସିନେମା କଟକ ଭୁବନେଶ୍ୱରରେ ପ୍ରିମିୟର ସୋ ହେଉଥିବା ବେଳେ ରାୟଗଡାରେ ହେଉଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ମନରେ ଖୁସିର ଲହରୀ ଖେଳି ଯାଇଛି। ଏହି ଅବସରରେ ସ୍ଥାନୀୟ ଏକ ସପିଙ୍ଗ ମଲ ଠାରୁ ଭି କେ ସେଣ୍ଟ୍ରାଲ ସିନେମା ହଲ ପର୍ଯ୍ୟନ୍ତ ଫିଲ୍ମ କଳାକାରମାନେ ଏକ ଶୋଭାଯାତ୍ରାରେ ବାହାରିଥିଲେ । ଏହି ଅବସରରେ ରାୟଗଡାର ବିଶିଷ୍ଟ ଅଭିନେତା ଟୁନା ଟନ ଟନ , ସୁପ୍ରିତ ବଚ୍ଛା, ମଞ୍ଚ କଳାକାର ଏବଂ ସିନେମା ପ୍ରେମୀ ମାନେ ଯୋଗ ଦେଇ ଚଳଚ୍ଚିତ୍ର "ଅପେକ୍ଷା'ର ଭୂୟଶୀ ପ୍ରଶଂସା କରିଥିଲେ।

## ମା' ମାଝୀଗୌରୀ କିନ୍ନର ସଂଘର କ୍ୟାଣ୍ଡେଲ୍ ରାଲି



ଗୁଣୁପୁର,୬।୨(ସମିସ): ପିପିଲି ଠାରେ କିନ୍ନର (ଟ୍ରାନ୍ସଜେଣ୍ଡର) ବ୍ୟକ୍ତିଙ୍କୁ ନିର୍ମମ ହତ୍ୟା ଘଟଣାକୁ ନେଇ ମା' ମାଝୀଗୌରୀ ସିବିଓ ସଂଘର ସମ୍ପାଦକ ପିଙ୍କି ମହାପାତ୍ରଙ୍କ ନେତୃତ୍ୱରେ ଏକ କ୍ୟାଣ୍ଡେଲ ରାଲିର ଆୟୋଜନ କରାଯାଇଥିଲା। ଏହି ରାଲି ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ ସ୍ଥିତ ଗାନ୍ଧି ପ୍ରତିମୂର୍ତ୍ତି ନିକଟରେ ଦୀପ ପ୍ରଜ୍ୱଳନ କରି ନ୍ୟାୟ ଭିକ୍ଷା ମାଗିବା ସହ କିନ୍ନର ଅଞ୍ଜଳିଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏହି ରାଲି ପୁରୁଣା ବସ୍ ଷ୍ଟାଣ୍ଡ ଠାରୁ ବାହାରି ନୂତନ ବସଷ୍ଟାଣ୍ଡ ନିକଟରେ ଶାନ୍ତି ପୂର୍ଣ୍ଣ ଭାବେ ପହଞ୍ଚି ଥିଲା। ଏହି ଘଟଣା କେବଳ ଏକ ଆଇନ ଗତ ମାମଲା ନୁହେଁ, ବରଂ ସମ୍ପୂର୍ଣ୍ଣ କିନ୍ନର ସମ୍ପ୍ରଦାୟ ପାଇଁ ଜୀବନ ଓ ମରଣର ପ୍ରଶ୍ନ। ଏହା ସମଗ୍ର ଟ୍ରାନ୍ସଜେଣ୍ଡର ଭାଇ ଓ ଭଉଣୀମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି ବୋଲି ମା ମାଝୀ ଗୋରି ସିବିଓ ସମ୍ପାଦକ ପିଙ୍କି ମହାପାତ୍ର କହିଛନ୍ତି।

### ପ୍ରତିବନ୍ଧକ କାମରେ ଆସୁନି, ପ୍ରଶାସନ ଚୁପ୍

# ଚଢ଼ାଦରରେ ଗୁଟ୍‌ଖା ଓ ଖଇନି ବିକ୍ରି

ମାଥିଲି,୬।୨ (ସମିସ): ଗୁଟ୍‌ଖା ଓ ଖଇନି ଖାଇବା ଦ୍ୱାରା ମୁଖ କର୍କଟ ରୋଗ ଦିନକୁ ଦିନ ଦେଶରେ ବଢ଼ିବାରେ ଲାଗିଛି। କିଛି ଦିନ ପୂର୍ବରୁ ସୁପ୍ରିମକୋର୍ଟ ଦେଶର ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ଗୁଟ୍‌ଖା ଓ ଖଇନି ପରି ସମସ୍ତ ଦ୍ରବ୍ୟ ପ୍ରତିବନ୍ଧକ ଲଗାଇବା ପାଇଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ସରକାର ମଧ ଆମ ରାଜ୍ୟରେ ଗୁଟ୍‌ଖା ଓ ଖଇନି ଦ୍ରବ୍ୟର ବିକ୍ରି ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। କିନ୍ତୁ ଅନେକ ସ୍ଥାନରେ ଦୁଇ ବିଭାଗର ଅଧିକାରୀ ମାନଙ୍କ ଅପାରଗତା ପାଇଁ ଗୁଟ୍‌ଖା ଓ ଖଇନି ବେଧଡକ ଭାବରେ କଳା ବଜାରୀ କରି ଚଢା ଦରରେ ବଜାରରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଯେଉଁ ଗୁଟୁଖା ପାଞ୍ଚ ଟଙ୍କାରେ ଗୋଟିଏ ମିଳୁଥିଲା, ତାହା ଏବେ ୨୦ ଟଙ୍କାରେ ମାତ୍ର ୩ଟା ମିଳୁଛି। ସେହିପରି ଯେଉଁ ଖଇନି ୫ଟଙ୍କାରେ ମିଳୁଥିଲା ତାହା ଏବେ ୧୦ଟଙ୍କାରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ସରକାର ସିନା ଶୀତତାପ ନିୟନ୍ତ୍ରଣ କାର୍ଯ୍ୟାଳୟରେ ବସି ପ୍ରତିବନ୍ଧକ ଲଗାଇ ଦେଲେ । କିନ୍ତୁ ଏବେ ଦଲାଲ ମାନେ ମାଲାମାଲ। ବିଚରା ସାଧାରଣ ଲୋକେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏପରି ଚିତ୍ର ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ । ଚୋରାରେ ବେଧଡକ ଚଢା ଦରରେ ଚାଲିଛି ଗୁଟୁଖା ଓ ଖଇନି ବିକ୍ରି । କିନ୍ତୁ ବିଭାଗୀୟ ଅଧିକାରୀ ମାନେ ସବୁ ଜାଣି ଆଖିରେ ଅନ୍ଧ ପୁଟୁଳି ବାନ୍ଧି ଚୁପ ହୋଇ ହାତରେ ହାତ ବାନ୍ଧି ବସିଛି । ଜିଲ୍ଲା ପ୍ରଶାସନ ଗୁଟୁଖା ଓ ଖଇନି ପ୍ରତିବନ୍ଧକ ସତ୍ତ୍ୱେ ଚୋରାରେ ଚଢା ଦରରେ ବିକ୍ରି କରୁଥିବା ଦଲାଲ ମାନଙ୍କ ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ଜୋର ଧରିଛି।

## ସରସ୍ୱତୀ ବିଦ୍ୟାମନ୍ଦିରରେ ମେଡିଟେସନ୍ କାର୍ଯ୍ୟକ୍ରମ



ସେମିଳିଗୁଡା/ ଦାମନଯୋଡ଼ି, ୬।୨ (ସମିସ): କୋରାପୁଟ ଜିଲ୍ଲା ଦାମନଯୋଡିର ନାଲ୍‌କୋ ଶିଳ୍ପାଞ୍ଚଳସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ପ୍ରେକ୍ଷାଳୟରେ ତିନି ଦିନ ବ୍ୟାପି ହାର୍ଟ ଫୁଲନେସ୍ ( ମେଡିଟେସନ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ୨ ତାରିଖରେ ସମ୍ପାଦକ ଡ. ଚିତରଞ୍ଜନ ମିଶ୍ର ଓ ଅଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତିଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋ ଖଣି ବିଶୋଧନ ପ୍ରକଳ୍ପର ବିତ୍ତ ବିଭଗର ମହାପ୍ରବନ୍ଧକ ପ୍ରଶାନ୍ତ କୁମାର ମହାରଣା ତଥା ମୁଖ୍ୟ ସାଧନ କର୍ମୀ ଭାବେ ଯୋଗଦେଇ ବ୍ୟସ୍ତ ବହୁଳ ଜୀବନ ଭିତରେ ମାନସିକ ଶାନ୍ତି ଖୋଜୁଥିବା ଲୋକମାନଙ୍କ ପାଇଁ ଧ୍ୟାନ ହିଁ ଶରୀର ମନ ଓ ହୃଦୟକୁ ସୁସ୍ଥ ରଖିବାର ଏକ ମାତ୍ର ଉପାୟ ବୋଲି ବିଭିନ୍ନ ଉଦାହରଣ ଓ ସର୍ଟ ଫିଲ୍ମ ଦ୍ୱାରା ପାୱାର ପଏଣ୍ଟ ମାଧ୍ୟମରେ ଓ ପ୍ରାଟିକାଲ କରି ବୁଝାଇଥିଲେ। ଏହି ମେଡିଟେଶନ କାର୍ଯ୍ୟକ୍ରମରେ ବିଦ୍ୟା ମନ୍ଦିରର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ।

## ୩ଦିନିଆ ଗସ୍ତ ସାରି ପ୍ରତ୍ୟାବର୍ତ୍ତନ କଲେ ରାଷ୍ଟ୍ରପତି

# 'ପ୍ରତିକୂଳ ସ୍ଥିତିରେ ଦୃଢ଼ତା ସଫଳତା ଆଣେ'

**ରାଇରଙ୍ଗପୁର, ୬।୨(ସମିସ)**

ପ୍ରତିଟି ପ୍ରତିକୂଳ ପରିସ୍ଥିତିରେ ଦୃଢ଼ ନିଶ୍ଚୟ ହିଁ ସଫଳତା ଆଣି ଦେଇଥାଏ। କଠିନ ପରିଶ୍ରମ କରି ଦେଶର ବିକାଶ ଯାତ୍ରାରେ ସକ୍ରିୟ ଭାବେ ସମସ୍ତେ ଭାଗିଦାର ହେବାକୁ ଶିମିଳିପାଳ ମଧ୍ୟରେ ବସବାସ କରୁଥିବା ଜନସାଧାରଣଙ୍କୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩ ଦିନିଆ ଜିଲ୍ଲା ଗସ୍ତ ଶେଷ କରି ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗସ୍ତର ଶେଷ ଦିନରେ ସେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ମହିଳା ଓ ଯୁବକଙ୍କ ସହିତ ଆଲୋଚନା କରିଛନ୍ତି। ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ଏ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିକ୍ଷାର ଗୁରୁତ୍ୱ ଉପରେ ଉଲ୍ଲେଖ କରିଥିଲେ। ସେ ନିଜ ଗାଁ, ମାଟିର ଲୋକଙ୍କ ନିକଟକୁ ଆସିଛି। ମୁଁ କୌଣସି ଭାଷଣ ଦେବାକୁ ଆସିନି, ମୋ ଗାଁ ଲୋକ କେମିତି ଅଛନ୍ତି ତାହା ଜାଣିବା ପାଇଁ ଆସିଛି। ରାତ୍ର ରହଣି ଅବସରରେ ବର୍ତ୍ତମାନ ଉକ୍ତ ଅଞ୍ଚଳ ବାବଦରେ ଜାଣିବାକୁ ଚେଷ୍ଟା କରିଥିଲେ। ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ଅନ୍ୟାନ୍ୟ ସମସ୍ୟା ବାବଦରେ ଜାଣିଲେ ତାହାର ସମାଧାନ ନିମନ୍ତେ ରାସ୍ତା ସୃଷ୍ଟି କରିବା। ମଣିଷ ଜୀବନ ସୁବିଧା ମଧ୍ୟରେ ନୁହେଁ ଅସୁବିଧା ମଧ୍ୟରେ ତିଆରି ହୋଇଛି। ସମସ୍ୟା ମଧ୍ୟରେ ଆମେ ସମାଧାନ ପାଇଁ ନିଜର ସଂଘର୍ଷ ଜାରି ରଖିବା। ଜୀବନର ସମସ୍ୟା ସହ ସଂଘର୍ଷ କରି ଆଗକୁ ବଢ଼ିଲେ ଯେଉଁ ଖୁସି ମିଳେ, ତାହା ଅମୂଲ୍ୟ ଅଟେ। ନେବାରେ ନୁହେଁ ଦେବାରେ ହିଁ ଶକ୍ତି ଅଛି ମହତ୍ତ୍ୱ ବି ଅଛି। ଆମେ କେତେ ଆମର ସମାଜକୁ ଦେଇଛୁ, ଆଉ ଆମେ କେତେ ପାଇବାକୁ ହକଦାର ଅଛୁ, ଜଙ୍ଗଲ ମଧ୍ୟରେ ରହିଛୁ ଜଙ୍ଗଲ ଆମର ବନ୍ଧୁ ଅଟେ। ସମସ୍ତେ କଠିନ ପରିଶ୍ରମ କରିବାକୁ ଓ ଦେଶର ବିକାଶ ଯାତ୍ରାରେ ସକ୍ରିୟ ଭାଗିଦାର ହେବାକୁ ଆହ୍ୱାନ ଜଣାଇଛନ୍ତି। ଉକ୍ତ କାର୍ଯ୍ୟକ୍ରମ ଜରିଆରେ ଶିମିଳିପାଳ ଅଭୟାରଣ୍ୟର ଆଦିବାସୀ ସମ୍ପ୍ରଦାୟର ଜନସାଧାରଣଙ୍କୁ ସଶକ୍ତ ହେବାକୁ ମତ ପ୍ରକାଶ କରିଛନ୍ତି।

- ମଣିଷ ଜୀବନ ସୁବିଧା ମଧ୍ୟରେ ନୁହେଁ, ଅସୁବିଧା ମଧ୍ୟରେ ତିଆରି
- ଦେଶର ବିକାଶ ଯାତ୍ରାରେ ଭାଗିଦାର ହେବାକୁ ଆହ୍ୱାନ







ପରେ ଶିମିଳିପାଳ ଅଭୟାରଣ୍ୟରୁ ସଡ଼କ ପଥ ଦେଇ ଯଶିପୁରର ଅନୁକୁଳପୁରସ୍ଥ ଅସ୍ଥାୟୀ ହେଲିପ୍ୟାଡ ଅଭିମୁଖେ ଗସ୍ତ କରିଥିଲେ। ବାୟୁସେନାର ସ୍ୱତନ୍ତ୍ର ହେଲିକ୍ୟାପ୍ଟର ଯୋଗେ ପ୍ରତ୍ୟାବର୍ତ୍ତନ କରିଥିଲେ। ହେଲିପ୍ୟାଡରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସାଂସଦ ନବଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ଏଡିଜି ଦୟାଲ ଗାଙ୍ଗୱାର, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଡଃ ପ୍ରକାଶ ଚାନ୍ଦ ଗୋଗିନେନି ପ୍ରମୁଖ ଉପସ୍ଥିତ ଥିଲେ।

## ଶିମିଳିପାଳରେ ଉପଲବ୍ଧ ହେଲା ୪ଜି ମୋବାଇଲ ସେବା




- ଉଦ୍‌ଘାଟନ କଲେ ରାଷ୍ଟ୍ରପତି
- ସୋଲାର ଦ୍ୱାରା ପରିଚାଳିତ ହେବ ଟାୱାର

**ରାଇରଙ୍ଗପୁର:** ବଣ, ପାହାଡ଼ ଘେରା ଶିମିଳିପାଳ ଅଭୟାରଣ୍ୟ ଭଳି ଉପାନ୍ତ ଅଞ୍ଚଳରେ ଆଉ ରହିବନି ନୋ-ନେଟୱର୍କ ସମସ୍ୟା। ଏବେ ଜଙ୍ଗଲ ମଧ୍ୟରେ ୪ଜି ମୋବାଇଲ ସେବା ଉପଲବ୍ଧ ହୋଇଛି। ଶିମିଳିପାଳ ଅଭୟାରଣ୍ୟରେ ବିଏସଏନଏଲ ପକ୍ଷରୁ ୪ଜି ମୋବାଇଲ ସେବା ପାଇଁ ୩ଟି ଟାୱାର ସ୍ଥାପନ କରାଯାଇଛି। ଗୁଡୁଗୁଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଏହା ଉଦଘାଟନ ହୋଇଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଉପସ୍ଥିତ ଥିଲେ। ପ୍ରାୟ ୨୭୫୦ ବର୍ଗ କିଲୋମିଟର ପରିବ୍ୟାପ୍ତ ଜଙ୍ଗଲରେ ଭୂପ୍ରକୃତି ଜଟିଳ ହେବାରୁ ସାଧାରଣ ମୋବାଇଲ ଟାୱାର କଭରେଜ ବହୁତ କମ୍ ରହିଛି। ସ୍ଥାନୀୟ ଗ୍ରାମବାସୀ ଓ ପର୍ଯ୍ୟଟକ ପ୍ରାୟତଃ ନୋ ନେଟୱର୍କ ସମସ୍ୟା ନେଇ ଅଭିଯୋଗ କରନ୍ତି। ଏହାର ସମାଧାନ ପାଇଁ ପ୍ରୟାସ କରାଯାଇଛି। ଶିମିଳିପାଳରେ ମୋବାଇଲ ସେବା ନିମନ୍ତେ ଟାୱାର ସ୍ଥାପନ ପାଇଁ ରାଜ୍ୟ ସରକାର ପ୍ରସ୍ତାବ ଦେଇଥିଲେ। ୨୦୨୫ ଫେବୃଆରୀରେ ଏନଟିସିଏ ଟିମ୍ ଅଞ୍ଚଳ ପରିଦର୍ଶନ କରି ମାର୍ଚ୍ଚ ମାସରେ କେତେକ ସ୍ଥାନରେ ଟାୱାର ସ୍ଥାପନ ନେଇ ଅନୁମତି ଦେଇଥିଲେ। କୋର୍ ଜୋନକୁ ବାଦ ଦେଇ କେବଳ କିଛି ଗ୍ରାମ ଓ ବଫର ଜୋନ୍ ଅଞ୍ଚଳରେ ସ୍ଥାପନ ନେଇ ଅନୁମତି ପ୍ରଦାନ କରିଥିଲେ। ଯାହାକୁ ନେଇ ୪ଟି ସ୍ଥାନରେ ମୋବାଇଲ ଟାୱାର ସ୍ଥାପନା କରାଯାଇଛି। ଯଶିପୁର ବ୍ଲକ ଅନ୍ତର୍ଗତ ଗୁଡୁଗୁଡ଼ୁଆ, ଅସ୍ତକୁଆଁରୀ ଓ ବାରସିଆରେ ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ମୋବାଇଲ ଟାୱାର ସେବା ଆରମ୍ଭ ହୋଇଛି। ଆସନ୍ତା ସପ୍ତାହକ ମଧ୍ୟରେ ନଆଁଣାରେ ମଧ ସେବା ଆରମ୍ଭ ହେବ ବୋଲି ବିଏସଏନଏଲ ଓଡ଼ିଶା ମୁଖ୍ୟ ଦୁଷ୍ମନ୍ତ କୁମାର ବେହେରା ସୂଚନା ଦେଇଛନ୍ତି। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ୫, ୦୦୦ରୁ ଊର୍ଦ୍ଧ୍ୱ ଲୋକମାନେ ଉପକୃତ ହୋଇପାରିବେ। ଉକ୍ତ ଟାୱାର ସୋଲାର ଦ୍ୱାରା ପରିଚାଳିତ ହେବ। ଆଜିଠୁ ମୋବାଇଲ ସେବା ସହ ଡିଜିଟାଲ ସେବା ମଧ୍ୟ ଯୋଡି ହୋଇ ରହିବେ।

ଶିମିଳିପାଳ ଅଭୟାରଣ୍ୟ ଭଳି ଜଙ୍ଗଲ ପରିବେଶ ଓ ଉପାନ୍ତ ଅଞ୍ଚଳରେ ୪ଜି ମୋବାଇଲ ସେବା ଉପଲବ୍ଧ ଦ୍ୱାରା ତାଙ୍କର ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ସାଧିତ ହେବ। ପ୍ରଥମ ପର୍ଯ୍ୟାୟରେ ୪ କୋଟି ଟଙ୍କାର ବ୍ୟୟରେ ବିଏସଏନଏଲ ପକ୍ଷରୁ ୪ଟି ଟାୱାର ସ୍ଥାପନ କରାଯାଇଛି। ଆଗକୁ ମୟୂରଭଞ୍ଜ ଜିଲ୍ଲାରେ ୫୦ଟି ଟାୱାର ସ୍ଥାପନ ପାଇଁ ଚୂଡ଼ାନ୍ତ ହୋଇଛି। ଯେଉଁଠାରେ ମୋବାଇଲ ଟାୱାର ଉପଲବ୍ଧ ନାହିଁ, ତାହାର ଅନୁମତି ନେଇ ଟାୱାର ସ୍ଥାପନ ପ୍ରକ୍ରିୟା କରାଯିବ ବୋଲି ଶ୍ରୀ ବେହେରା କହିଛନ୍ତି।

## ରାଷ୍ଟ୍ରପତିଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହେଉଛି କ୍ଷୁଦ୍ର ଚଳଚ୍ଚିତ୍ର

**ରାଇରଙ୍ଗପୁର:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ ନେଇ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରସ୍ତୁତ ହେଉଛି। ରାଷ୍ଟ୍ରପତିଙ୍କ ଜିଲ୍ଲା ଗସ୍ତ ଅବସରରେ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରସ୍ତୁତକାରୀ ଟିମ ତାଙ୍କ ସହିତ ଆସିଥିଲେ। ପ୍ରତିଟି ଗସ୍ତ ସ୍ଥଳ, ଘର, ମନ୍ଦିର ଆଦି କାର୍ଯ୍ୟକ୍ରମ ସ୍ଥାନରୁ ଭିଡିଓ ଓ ଲୋକଙ୍କ ମତାମତ ସଂଗ୍ରହ କରିଥିଲେ। ରାଷ୍ଟ୍ରପତିଙ୍କ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଜୀବନ ଯାତ୍ରା କରି କିପରି ରାଇରଙ୍ଗପୁରରୁ ରାଇସେନା ହିଲ ପହଞ୍ଚିଛନ୍ତି, ତାଙ୍କ ସଂଘର୍ଷମୟ ଜୀବନ କାହାଣୀ ବାବଦରେ ଉକ୍ତ କ୍ଷୁଦ୍ର ଚଳଚ୍ଚିତ୍ରରେ ସ୍ଥାନିତ କରାଯାଉଛି। ଏହା ପ୍ରାୟତଃ ଏକ ଛୋଟ ଆଦିବାସୀ ଗାଁରୁ ଭାରତର ରାଷ୍ଟ୍ରପତି ପଦବୀ ପର୍ଯ୍ୟନ୍ତ ପ୍ରେରଣାଦାୟକ ଯାତ୍ରା ବାବଦରେ ଚିତ୍ରଣ କରିବ। ଯାହାକି ଅନ୍ୟମାନଙ୍କ ନିମନ୍ତେ ଉଦାହରଣ ସାଜିବ। ଏହା ବଲିଉଡ୍ ନାୟକ ଅମୀର ଖାନଙ୍କ ପ୍ରଡକସନ ସଂସ୍ଥା ଦ୍ୱାରା ପ୍ରସ୍ତୁତ କରାଯାଉଥିବା ସୂଚନା ମିଳିଛି।

## 'ଶିମିଳିପାଳ ବାସିନ୍ଦା ଆଜିଯାଏଁ କଥା କହିବା ଶିଖିନାହାଁନ୍ତି'



**ରାଇରଙ୍ଗପୁର:** ଶିମିଳିପାଳ ଗସ୍ତ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକଙ୍କ ସହ ସମସ୍ୟା ବାବଦରେ ଆଲୋଚନା କରିବାକୁ ମଞ୍ଚ ତଳକୁ ଆସିଥିଲେ। ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ବସବାସ କରୁଥିବା ଆଦିବାସୀ ଲୋକେ ସମସ୍ୟା ସମ୍ପର୍କରେ ମୁହଁ ଖୋଲି ଜଣାଇ ନ ଥିଲେ। ରାଷ୍ଟ୍ରପତି ନିଜେ ମାଇକ ବଢ଼ାଇ ସମସ୍ୟା କଥା କହିବାକୁ କହିଥିଲେ। ଏହାପରେ ମଧ୍ୟ ଲୋକେ ଭୟ କରି ଚୁପ୍ ରହିଥିଲେ। ଯାହାକୁ ନେଇ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଶିମିଳିପାଳର ଭାଇଭଉଣୀ କଥା କହିବା ଶିଖିନାହାଁନ୍ତି ବୋଲି କହିଛନ୍ତି। ନିଜ ସମସ୍ୟା ବାବଦରେ ଜଣାଇବା ନିମନ୍ତେ ଭୟ କରୁଛନ୍ତି। ଭୟକୁ ଶେଷ କରିବାକୁ ପଡ଼ିବ। କଥା କହିବା ଶିଖିବାକୁ ପଡ଼ିବ, ସଂଘର୍ଷ କରିବାକୁ ଶିଖିବାକୁ ପଡ଼ିବ। ନଚେତ ଏଭଳି ବର୍ଷ ଧରି ସମସ୍ୟା ମଧ୍ୟରେ ରହିବାକୁ ପଡ଼ିବ। ଯଦି କିଛି ନ କହିବ, ତେବେ କିଛି ପାଇବ ନାହିଁ ବୋଲି କହିଥିଲେ। ଜଣେ ବ୍ୟକ୍ତି ଆସି ଗମନାଗମନ ସୁବିଧା ନିମନ୍ତେ କାଳିକା ପ୍ରସାଦରୁ ଅସ୍ତକୁଆଁରି ଗ୍ରାମ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ନିମନ୍ତେ ଦାବି ଜଣାଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ।

## ଦଳକି, ପିତାନାଉ, ରତନମରା ଓ ସଜନାପାଳକୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବି



**ଶରତ/ଆନନ୍ଦପୁର, ୬।୨(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ହାଟଡିହୀ ବ୍ଲକ ଅନ୍ତର୍ଗତ ହଦଗଡ଼ ପଞ୍ଚାୟତର ଦଳକି, ପିତାନାଉ, ରତନମରା ଓ ସଜନାପାଳକୁ ରାଜସ୍ୱ ଗ୍ରାମର ମାନ୍ୟତା ଦାବିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆଜି ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ଜରିଆରେ ଗ୍ରାମବାସୀଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଉପାନ୍ତ ଅଞ୍ଚଳର ଏହି ୪ଟି ଗ୍ରାମ ଦଳକି, ପିତାନାଉ, ରତନମରା ଓ ସଜନାପାଳ ରାଜସ୍ୱ ଗ୍ରାମ ମାନ୍ୟତା ପାଇ ନ ଥିବାରୁ ଏହି ଗ୍ରାମରେ ସରକାରଙ୍କର ବହୁ ଜନକଲ୍ୟାଣକାରୀ ଯୋଜନାଗୁଡିକ କାର୍ଯ୍ୟକାରୀ କରାଯାଇପାରୁନାହିଁ। ପଞ୍ଚାୟତରେ ଚାରି ହଜାରରୁ ଉଚାର ପରିବାର ଏହି ଗ୍ରାମରେ ୬୦ ବର୍ଷରୁ ଅଧିକ ସମୟ ଧରି ବସବାସ କରୁଥିବାବେଳେ ସେମାନେ ଅନେକ ସମସ୍ୟା ମଧ୍ୟରେ କାଳାତିପାତ କରୁଛନ୍ତି। ଏହି ଗ୍ରାମମାନଙ୍କରେ ଆଜି ପର୍ଯ୍ୟନ୍ତ ମନରେଗା (ଭିବିଜି -ରାମ) ଭଳି ଲୋକାଭିମୁଖୀ ଯୋଜନାରେ ରାସ୍ତା ଘାଟ ନିର୍ମାଣ କାର୍ଯ୍ୟ ହୋଇପାରିନାହିଁ। ଏହି ଗ୍ରାମଗୁଡ଼ିକ ରାଜସ୍ୱ ଗ୍ରାମର ମାନ୍ୟତା ପାଇପାରି ନ ଥିବାରୁ ଏହି ଗ୍ରାମରେ ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ କାର୍ଯ୍ୟକାରୀ ହୋଇପାରୁନାହିଁ। ସେଥିପାଇଁ ସେଠାକାର ପାରମ୍ପାରିକ ଅଧିବାସୀ ସେହି ଗ୍ରାମରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବସବାସ କରୁଥିଲେ ସୁଦ୍ଧା ସେମାନେ ଏହି ନିର୍ଦ୍ଦିଷ୍ଟ ଯୋଜନାରେ ଜମିପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି ଗ୍ରାମଗୁଡ଼ିକ ରାଜସ୍ୱ ଗ୍ରାମର ମାନ୍ୟତା ପାଇ ନ ଥିବାରୁ ବସୁନ୍ଧରା ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ। ହଦଗଡ଼ ଜଳ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା ପରିବାର ଆଜି ପର୍ଯ୍ୟନ୍ତ ପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସାମାଜିକ କର୍ମୀ ଗାମାଏ ରୀମିଲ ସିଂ ଗୋଇପାଇ, ନାରାୟଣ ଲାମାଏ, ବୁଙ୍ଗେଏ ଲାମାଏ, ବିଦ୍ୟାଧର ସେନାପତି, ଉଗ୍ରସେନ ଖଟୁଆ, ରଙ୍ଗା ହେମ୍ବ୍ରମ, ରବୀନ୍ଦ୍ର ଦେହୁରୀ, ପିଣ୍ଟୁ ହେମ୍ବ୍ରମ ଓ ନବୀନ ମୁଣ୍ଡୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପୃଥକ୍ ଦୁର୍ଘଟଣାରେ ଦୁଇ ଆହତ

**ମୋରଡ଼ା, ୬।୨(ସମିସ):** ମୋରଡା ଥାନା ଅଧିନ ମୋରଡା-ପାଞ୍ଚଗୋଛିଆ ମୁଖ୍ୟ ରାସ୍ତା କଡରେ ଥିବା କେନାଲରେ ଭାରସାମ୍ୟ ହରାଇ ଏକ କାର୍ କେନାଲ ଭିତରେ ପଶିଯାଇଥିବା ଦେଖିବାକୁ ମିଳିଛି। ସେହିପରି ଗୁରୁବାର ରାତି ୮ଟା ସମୟରେ ମୋରଡା ଥାନା ଅଧୀନ ମାଳିହତା ଗ୍ରାମରେ ଏକ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ ବେତନଟୀ ଥାନା ଅଧୀନ ବାହାନଡା ଉପଖଣ୍ଡ ମଉଦା ଗ୍ରାମର ମଙ୍ଗଳ ମହାନ୍ତ(୪୦)। ପୁଲିସ ପହଞ୍ଚି ମଙ୍ଗଳଙ୍କୁ ଉଦ୍ଧାର କରି ବାରମାଇଲସ୍ଥ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ସ୍କୁଟିକୁ ଜବତ କରିଛି। ରାସଗୋବିନ୍ଦପୁର ଥାନା ଅଧୀନ ଗାଁଅମର୍ଦା ପଞ୍ଚାୟତର ଆମ୍ବଶୁଳି ଗାଁର ଖେଲାରାମ କିସ୍କୁଙ୍କ ଘର ଭିତରକୁ ଏକ ଡମ୍ଫର ଭାରସାମ୍ୟ ହରାଇ ପଶିଯାଇଥିଲା।

## ମୟୂରଭଞ୍ଜ ଜିଲ୍ଲା ପାଲା ପାଳିଆ ଓ ବାୟକ ମହାସଂଘ ଗଠିତ

**କରଞ୍ଜିଆ, ୬।୨(ସମିସ):** ମୟୂରଭଞ୍ଜ ଜିଲ୍ଲା ପାଲା ପାଳିଆ ଓ ବାୟକଙ୍କୁ ନେଇ ଏକ ବୈଠକ ମାଟିଆଗଡ଼ଠାରେ ଅନୁଷ୍ଠିତ ହୋଇଯାଇଛି। ପରମେଶ୍ୱର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୟୂରଭଞ୍ଜର ସୁନାମଧନ୍ୟ ପାଲାକାର ତଥା ଜିଲ୍ଲା ପାଲାକାର ସଙ୍ଘ ସାଧାରଣ ସମ୍ପାଦକ ଗାୟକ ଉମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ରୂପେ ଯୋଗ ଦେଇ ପାଳିଆ ଓ ବାୟକ ମହାସଂଘ ଅନୁରୋଧକ୍ରମେ ପାଲା ପରିବେଷଣ କରିଥିଲେ। ଉକ୍ତ ବୈଠକରେ ସଂଗଠନ ସମ୍ପାଦକ ଶରତ ଚନ୍ଦ୍ର ନାଏକ, ବରିଷ୍ଠ ପାଲାକାର ଓ ଶିକ୍ଷାବିତ ଶିବପ୍ରସାଦ ବେହେରା, ଯୁବ ପାଲା ଗାୟକ ଦାଶରଥି ବେହେରା ପ୍ରମୁଖଙ୍କ ସମେତ ଅନେକ ପାଳିଆ ଓ ବାୟକ ଯୋଗଦେଇଥିଲେ। ପାଳିଆ ଓ ବାୟକ ମହାସଂଘର ସଭାପତି ଭାବେ ପରମେଶ୍ୱର ବେହେରା, ସମ୍ପାଦକ ଭାବେ ହରେକୃଷ୍ଣ ଦାଶ, କୋଷାଧ୍ୟକ୍ଷ ଭାବେ ରସାନନ୍ଦ ବେହେରା, ସହସମ୍ପାଦକ ଭାବେ ରାମଚନ୍ଦ୍ର ପାତ୍ରଙ୍କୁ ଚୟନ କରାଯାଇଥିଲା। ବୈଠକରେ ପାଲା କ୍ଷେତ୍ରରେ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ସଂକଳ୍ପ ଗ୍ରହଣ କରାଯାଇଥିଲା। ଆଗାମୀ ଦିନରେ ସୁଚାରୁରୂପେ ପାଲା କଳାକାରଙ୍କ ସୁବିଧା, ଅସୁବିଧା ବା କୌଣସି ବିପଦ ସମୟରେ ତାଙ୍କୁ କିଭଳି ସହାୟତା ପ୍ରଦାନ କରାଯାଇପାରିବ, ସେଥି ନିମନ୍ତେ ଏକ କଲ୍ୟାଣ ପାଣ୍ଠି ଗଠନ ନିମନ୍ତେ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଥଲା।



## ଜାତୀୟ ରଗ୍‌ବୀରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟ୍ସ ଏକାଡେମୀ ଖେଳାଳିଙ୍କ ସଫଳତା

**ବାରିପଦା, ୬।୨(ସମିସ):** ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ରଗ୍‌ବୀ ଲିଗରେ ଓଡ଼ିଶାର ୧୫ ବର୍ଷରୁ କମ, ୧୮ ବର୍ଷରୁ କମ ଓ ସିନିୟର ମହିଳା ବର୍ଗ ଦଳ ଚାମ୍ପିଅନ ହୋଇ ଇତିହାସ ରଚିଛନ୍ତି। ଓଡ଼ିଶା ସିନିୟର ଦଳରେ ମୟୂରଭଞ୍ଜ ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀର ସୁନୀତା ହାଁସଦା ଓ ପାର୍ବତୀ ହାଁସଦା, ୧୮ ବର୍ଷରୁ କମ ଦଳରେ ହିସି ଟୁଡୁ ଓ ୧୫ ବର୍ଷରୁ କମ ଦଳରେ ସୁଲେନା ହେମ୍ବ୍ରମ ଚମତ୍କାର ଖେଳ ପ୍ରଦର୍ଶନ କରି ନିଜ ନିଜର ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ପ୍ରଦର୍ଶନ ପାଇଁ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ମୟୂରଭଞ୍ଜ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ବିଜୟ କୁମାର ଦାସ, ଆକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଲ ହାଁସଦା, ସହକାରୀ ପ୍ରତିଷ୍ଠାତା ରୂପାଲୀ ସୋରେନ, ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ, କୋଚ୍ ଚନ୍ଦନ ସିଂ, ଅଶୋକ ହାଁସଦା ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ଦେବଶୋଳ ମହାଶିବରାତ୍ରି ପାଇଁ ଟ୍ରଷ୍ଟ ବୋର୍ଡର ଚୂଡ଼ାନ୍ତ ବୈଠକ

**ରାସଗୋବିନ୍ଦପୁର, ୬।୨(ସମିସ)**

ରାସଗୋବିନ୍ଦପୁର ଥାନା ଦେବଶୋଳ ପଞ୍ଚାୟତସ୍ଥ ବାବା ବୁଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମଧ୍ୟବର୍ତ୍ତୀ ପରିଚାଳନା କମିଟି ପରିଚାଳକ ପ୍ରଫୁଲ୍ଲ କୁମାର ଦଳେଇଙ୍କ ଆହ୍ୱାନକ୍ରମେ ଟ୍ରଷ୍ଟ ବୋର୍ଡ ସଦସ୍ୟଙ୍କୁ ନେଇ ମେଳା ପରିଚାଳନା ପାଇଁ ଚୂଡ଼ାନ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଉପେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୧୫ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ମହାଶିବରାତ୍ରି ମେଳା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଦେବୋତ୍ତର ବିଭାଗ ନିର୍ଦ୍ଦେଶ ପାଳନ କରିବାକୁ ଆଲୋଚନା ହୋଇଥିଲା। ସମୟର ସ୍ୱଳ୍ପତାକୁ ଦୃଷ୍ଟିରେ ରଖି ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମେଳାରେ ଦୋକାନୀ ପୂର୍ବ ରସିଦଠାରୁ ୨୦ ପ୍ରତିଶତ ଅଧିକ ଅର୍ଥରାଶି ଜମାଦେଇ ୨ ଫୁଟ ଜାଗାରେ ଦୋକାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ମୁଖ୍ୟ ମନ୍ଦିର ସହିତ ଅନ୍ୟ ମନ୍ଦିର ରଙ୍ଗ କରାଯିବା, ପୂର୍ବପରି ମହାଶିବରାତ୍ରି ମେଳା ପାଇଁ ବିଦ୍ୟୁତ ଯୋଗାଣ ନିଲାମ ସହିତ ଦୈନନ୍ଦିନ ମେଳାରେ ବସିଥିବା ଉଠାଦୋକାନୀ ଓ ହାଟକୁ ନିଲାମ ସୂତ୍ରରେ ପ୍ରଦାନ କରାଯିବା ସହିତ ଇଲେକ୍ଟ୍ରି ଯୋଗାଣ ଟେଣ୍ଡର ନୋଟିସ ପ୍ରକାଶିତ ହେବା ୪ରୁ ୯ ତାରିଖ ଦିନ ୧୧ଟା ଭିତରେ ଏଡ଼ିସନାଲ ଆସିଷ୍ଟାଣ୍ଟ କମିଶନର କଟକ ବକ୍ସିବଜାରରେ ସମସ୍ତ ସର୍ତ୍ତାବଳୀକୁ ପୂରଣ କରି ଦାଖଲ କରିପାରିବେ। ଉକ୍ତ ଦିନ ୧ଟାରେ ଅଫିସ ଗୃହରେ ଖୋଲାଯିବା ସହିତ ସମସ୍ତ ସର୍ତ୍ତ ପୂରଣ କରିଥିବା ଓ ସର୍ବୋଚ୍ଚ ଅର୍ଥ ପ୍ରଦାନ କରିଥିବା ବ୍ୟକ୍ତିଙ୍କ ନାମରେ ମେଳାକୁ ବିଦ୍ୟୁତ୍ ଯୋଗାଣ ପାଇଁ ଅନୁମତି ପ୍ରଦାନ କରାଯିବ। ଭିଡ଼ ନିୟନ୍ତ୍ରଣ ସ୍ୱେଚ୍ଛାସେବୀ ଓ ଏନଏସଏସ ଛାତ୍ରଛାତ୍ରୀଙ୍କୁ ବ୍ୟାପକ ମୁତୟନ କରାଯିବାକୁ ସ୍ଥିର ହୋଇଛି। ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ଆଇନଶୃଙ୍ଖଳା ରକ୍ଷା ପାଇଁ ପୁଲିସ ବାହିନୀ, ଅଗ୍ନିଶମ ବାହିନୀ ଆଦି ବ୍ୟାପକ ମୁତୟନ ହେବେ ବୋଲି ସିଦ୍ଧାନ୍ତ ନିଆଯାଇଥିଲା। ବୈଠକରେ ପରିଚାଳକ ପ୍ରଫୁଲ୍ଲ ଦଳେଇ, ଟ୍ରଷ୍ଟ ସଦସ୍ୟ ସାନ୍ତନୁ ଦାଶ, କାହ୍ନୁ ଟୁଡୁ ପ୍ରମୁଖ ଯୋଗ ଦେଇଥିଲେ।



## ଗାଡ଼ି ଧକ୍କାରେ ଜଣେ ମୃତ

**ବାରିପଦା, ୬।୨(ସମିସ):** ବାରିପଦା ସଦର ଥାନା ଅଞ୍ଚଳରେ ଅଜଣା ଗାଡି ଧକ୍କାରେ ଜଣକ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ପାରିଆକୁଦା ଗ୍ରାମର ଧର୍ମ କୁମାର ମୁର୍ମୁ। ସେ ସାଇକଲରେ ବାରିପଦାରୁ ଘରକୁ ଯାଉଥିବାବେଳେ ପଛ ପଟୁ ଏକ ଗାଡି ଆସି ଧକ୍କା ଦେଇଥିଲା। ସେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ପିଆରଏମ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବାରିପଦା ସଦର ଥାନାରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

# କଲଚରାଲ ଏକାଡେମୀର ସାହିତ୍ୟ ଆସର



**ରାଉରକେଲା, ୬।୨(ସମିସ):** ପୁସ୍ତକ ମହୋତ୍ସବ-୨୦୨୬ ଅବସରରେ କଲଚରାଲ ଏକାଡେମୀ ପକ୍ଷରୁ 'ସାହିତ୍ୟ ଆସର' ଆୟୋଜିତ ହୋଇଛି। କଲଚରାଲ ଏକାଡେମୀର ବରିଷ୍ଠ ସଦସ୍ୟ ଅକ୍ଷୟ ସାମଲ ଅଧ୍ୟକ୍ଷତା କରି ରଜନୀକାନ୍ତ ଦାସଙ୍କ ଜୀବନ ସଂଘର୍ଷ, ସାହିତ୍ୟ ସାଧନା ତଥା କଲଚରାଲ ଏକାଡେମୀର ପ୍ରତିଷ୍ଠତା, ସାଧାରଣ ସମ୍ପାଦକ ଏବଂ 'ନବପତ୍ର'ର ସମ୍ପାଦକ ଭାବରେ ଓଡ଼ିଆ ଜାତିକୁ ତାଙ୍କର ଅମୂଲ୍ୟ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରଜନୀ କାନ୍ତ ଦାସଙ୍କ ସାହିତ୍ୟରେ ପ୍ରଗତିଶୀଳ ଚେତନା' ଶୀର୍ଷକ ବିଷୟରେ ଆଲୋଚନା କରି ଡ. ପ୍ରଭାତ ମଲ୍ଲିକ କହିଥିଲେ, ରଜନୀକାନ୍ତ ଦାସ ଏକାଧାରରେ ଜଣେ କବି, ଉପନ୍ୟାସିକ, ଗାଳ୍ପିକ, ଅନୁବାଦକ, ସାମ୍ବାଦିକ ଏବଂ ପିଟିଆଇ ପ୍ରତିନିଧି। ସାହିତ୍ୟର ପ୍ରତିଟି କ୍ଷେତ୍ରକୁ ତାଙ୍କର ବୈପ୍ଳବିକ ବିମର୍ଷ, ନୂତନ ଆୟାମ ପ୍ରଦାନ କରିଥିଲା। ଏପରିକି ଇସ୍ପାତ ସହର ରାଉରକେଲାରେ କବିତା ପାଠ ଓ ଗଳ୍ପ ଆଲୋଚନାର ସେ ଥିଲେ ପଥପ୍ରଦର୍ଶକ। ତାଙ୍କର ସାହିତ୍ୟିକ ସୃଷ୍ଟି ଥିଲା ଜୀବନଧର୍ମୀ, ପ୍ରଗତିଶୀଳ ଏବଂ ବିପ୍ଳବର ବାର୍ତ୍ତାବହ। ଏହି ଆସରରେ ଏକାଡେମୀର ସାଧାରଣ ସମ୍ପାଦକ କାଶୀନାଥ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ଡା. କୃପାସିନ୍ଧୁ ନାୟକଙ୍କର ପ୍ରାକ୍‌ଭାସ୍ୟ ଏବଂ କବିତାରୁ କବିତା ପାଠ ଆରମ୍ଭ ହୋଇଥିବା ବେଳେ କବିତାଗୁଡ଼ିକୁ ସଂଯୋଜନା କରିଥିଲେ କବି ବଳରାମ ରାଉଳ। ଏହି ଅସରରେ କବି ସଦାଶିବ ଦାସ, ବିଜୟ ରାୟ, ରାଜୀବ ପାଣି, ପ୍ରତାପ କୁମାର ପଣ୍ଡା, ଗୀତାରାଣୀ ବେହେରା, ସୌମ୍ୟରଞ୍ଜନ ବାଗ, ଅଶୋକ କୁମାର ପଟ୍ଟନାୟକ, ଅର୍ଚ୍ଚନା ପାତ୍ର, ଭୂମିପ୍ରିୟା ମହାନନ୍ଦ, ଶ୍ରୀଧର ସୁନା, ସୁଶାନ୍ତ ନାୟକ, ଆଲୋକ ବୋଷ, ଅକ୍ଷୟ ପଣ୍ଡା, ତ୍ରିଲୋଚନ ସ୍ୱାଇଁ, ମୀନକେତନ ପଶାୟତ, ଧୋବେଇ ବେହେରା ପ୍ରମୁଖ କବି କବିତା ପାଠ କରିଥିବା ବେଳେ ରାଧାକୃଷ୍ଣ ମହାପାତ୍ର, ଗଜେନ୍ଦ୍ର ମୁର୍ମୁ, ସୌମ୍ୟରଞ୍ଜନ ମହାନ୍ତି, ଅଜୟ ମହାନ୍ତି, ଗୌତମ ଦାଶ, ଗଗନ ବିହାରୀ ନାୟକ ପ୍ରମୁଖ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଶେଷରେ ବଳରାମ ରାଉଳ ଧନ୍ୟବାଦ ଦେଇଥିଲେ।

# ଆର୍‌ଏସ୍‌ପିର ହଟ୍‌ ଷ୍ଟ୍ରିପ ମିଲ-୨ କଏଲ ୟାର୍ଡରେ ଖର୍ଚ୍ଚ ସଞ୍ଚୟ

ରାଉରକେଲା, ୬।୨(ସମିସ)



ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ହଟ୍ ଷ୍ଟ୍ରିପ୍ ମିଲ୍-୨(ଏଚଏସଏମ-୨) ବିଭାଗର ଏକ ଉଦ୍ୟୋଗୀ ଦଳ ବିଭାଗର କଏଲ ୟାର୍ଡ ଏବଂ ସିଟ୍ ସିୟରିଂ ଲାଇନ୍ (ଏସଏସଏଲ)ରେ ନିଜସ୍ୱ ସମ୍ବଳ ବିନିଯୋଗରେ ଏକ ଉନ୍ନତ ମୋବାଇଲ୍ ଟଙ୍ଗ / ସିଟ୍ ପ୍ୟାକ୍ ଲିଫ୍ଟର ପରୀକ୍ଷଣ ପ୍ୟାନେଲ୍ ସଫଳତାର ସହିତ କାର୍ଯ୍ୟକାରୀ କରିଛନ୍ତି। ଏହି ଅଭିନବ ସମାଧାନ ପାରମ୍ପରିକ ପରୀକ୍ଷଣ ପ୍ୟାନେଲ୍ ଅପେକ୍ଷା ଏକ ମୂଲ୍ୟ ନିପୁଣ ଏବଂ ଦକ୍ଷ ବିକଳ୍ପ ପ୍ରଦାନ କରିଛି ଯାହା ଉକ୍ତ ବ୍ୟବସ୍ଥାର ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ଉତ୍କୃଷ୍ଟତାରେ ଉନ୍ନତି ଆଣିଛି। ପୂର୍ବରୁ ଉକ୍ତ ୟାର୍ଡ ମଧ୍ୟରେ ଅନେକ ସ୍ଥାନରେ ଘଟୁଥିବା ଟଙ୍ଗ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ ଅନେକ ଫିକ୍ସଡ ପରୀକ୍ଷଣ ପ୍ୟାନେଲ୍ ସ୍ଥାପନ ଆବଶ୍ୟକ ଥିଲା, ଯାହା ଫଳରେ ଭିତ୍ତିଭୂମି ଖର୍ଚ୍ଚ ବୃଦ୍ଧି ସହିତ ରକ୍ଷଣାବେକ୍ଷଣ ବୃଦ୍ଧିର ଆବଶ୍ୟକତା ହେଉଥିଲା। ଏହି ଆହ୍ୱାନ ଗୁଡିକର ମୁକାବିଲା ନିମନ୍ତେ ଚକ ଲଗାଯାଇଥିବା ଏକ ମୋବାଇଲ୍ ଟଙ୍ଗ୍ ପରୀକ୍ଷଣ ପ୍ୟାନେଲ୍‌ର ପରିକଳ୍ପନା ସହ ଏହାର ବିକଶିତ କରାଯାଇଥିଲା। ଏହାକୁ ସଠିକ ସ୍ଥାନକୁ ସହଜରେ ସ୍ଥାନାନ୍ତର କରାଯାଇପାରିବା ସହିତ ଏକ ୟୁନିଟ୍ ବ୍ୟବହାର କରି ତିନୋଟି ୟାର୍ଡର ସେବା ପ୍ରଦାନ କରିବାକୁ ସକ୍ଷମ କରାଯାଇପାରିବ। ଏହି ପଦକ୍ଷେପ ଭିତ୍ତିଭୂମି ଆବଶ୍ୟକତାକୁ ଦୂର କରିବା ସଙ୍ଗେ ସଙ୍ଗେ ରକ୍ଷଣାବେକ୍ଷଣ ସମୟକୁ ମଧ୍ୟ କମ କରିପାରିଛି। ମୋବାଇଲ୍ ପରୀକ୍ଷଣ ପ୍ୟାନେଲର ପ୍ରମୁଖ ଲାଭଗୁଡ଼ିକ ମଧ୍ୟରେ ଖର୍ଚ୍ଚ-ନିପୁଣତା ଏବଂ ମିତବ୍ୟୟତା, ସରଳ ଏବଂ ସୁଗମ ପରିଚାଳନା, ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ ପାଇଁ ସମୟ ସଞ୍ଚୟ ସହିତ ଅତିରିକ୍ତ ଭିତ୍ତିଭୂମି କମ ଜନିତ ଏହାର ପରିବେଶ ଅନୁକୂଳତା ସାମିଲ ରହିଛି। ଏଚଏସଏମ-୨ର ଇଲେକଟ୍ରିକାଲ ବିଭାଗର ଏଜିଏମ ତ୍ରିବିକ୍ରମ ସେଠ ଏହି ପ୍ରକଳ୍ପ କାର୍ଯ୍ୟକାରିତାର ନେତୃତ୍ୱ ନେଇଥିଲେ। ରାଜେଶ କୁମାର ପଣ୍ଡା, ଶ୍ରୀକାନ୍ତ ମଲିକ, କେଶରୀ ଚନ୍ଦ୍ର ଆଦା, ଇ. ନାଗେଶ୍ୱର ରାଓଙ୍କୁ ନେଇ ଗଠିତ ଉକ୍ତ ଦଳ ଓ ଅନ୍ୟ ସହଯୋଗୀ କର୍ମଚାରୀ ଇଲେକଟ୍ରିକାଲ ବିଭାଗର ଏଚଓଏସ ରଞ୍ଜିତ କୁଜୁର ଏବଂ ଏଚଏସଏମ-୨ ବିଭାଗର ସିଜିଏମ ସୁବ୍ରତ କୁମାରଙ୍କ ସକ୍ରିୟ ମାର୍ଗଦର୍ଶନରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୁବ୍ରତ କୁମାର ଏହି ନୂତନ ଯନ୍ତ୍ରୋପକରଣର ଉଦଘାଟନ କରିଥିଲେ। ଏହି ଅବସରରେ ରଞ୍ଜିତ କୁଜୁର, ଅପରେସନ ବିଭାଗର ଏଚ ଓ ଏସ ଦୀପକ କୁମାର ଯାଦବ, ମେକନିକାଲ ବିଭାଗର ଜିଏମ ସନ୍ୟାସୀ ଚରଣ ସାହୁ, ଡିଏସଓ ଚିଦାନନ୍ଦ ନାୟକ, କ୍ରେନ ମେଣ୍ଟେନାନ୍ସ ବିଭାଗର ଡିଜିଏମ ମୋହନ ମୁରାରୀ, ଡେପୁଟି ମ୍ୟାନେଜର ଏମ୍‌ସି ଦାସ ଏବଂ ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ହାଇମାଷ୍ଟ ଲାଇଟ୍ ଅଚଳ

**ବଣାଇଁ, ୬।୨(ସମିସ):** ଗୁରୁଣ୍ଡିଆ ବ୍ଲକ ନରେନ୍ଦ୍ର ପଞ୍ଚାୟତ ଝାରବେଡା ଗ୍ରାମରେ ଗତ କିଛି ବର୍ଷ ତଳେ ଲାଗିଥିବା ହାଇମାଷ୍ଟ ଲାଇଟ୍‌ଟି ଅଚଳ ହୋଇ ପଡ଼ିରହିଛି। ଫଳରେ ଅନ୍ଧାର ଯୋଗୁଁ ଗ୍ରାମବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲାଇଟ୍ ଖରାପ ହେବାର ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହାଦ୍ୱାରା ଗାଁ ଗୁଡ଼ିକରେ ଲାଗୁଥିବା ଲାଇଟ୍‌ର ଭବିଷ୍ୟତ ଓ ମାନ ପ୍ରତି



ଅନେକ ସମୟରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଲାଇଟ୍ ମରାମତି ପାଇଁ ଗ୍ରାମବାସୀ ଅନେକ ସମୟରେ ଅଭିଯୋଗ କରିଥିଲେ ମଧ୍ୟ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉନଥିବା ଯୋଗୁଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏବେ ଗୁରୁଣ୍ଡିଆ ଅଞ୍ଚଳରେ ହାତୀପଲଙ୍କ ଉପଦ୍ରବ ଲାଗି ରହିଛି। ତେଣୁ ଝାରବେଡା ଗ୍ରାମବାସୀ ମଧ୍ୟ ଅନ୍ଧକାର ଯୋଗୁଁ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଆଗାମୀ ଦିନରେ ଲାଇଟ୍ ମରାମତି କରାଯିବାର ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି।

# ବରିଷ୍ଠ ନାଗରିକଙ୍କ ପାଇଁ ସ୍ମୃତି ବିଭ୍ରମ ଚୟନ ଶିବିର




**ବଣାଇ, ୬।୨(ସମିସ):** ବରିଷ୍ଠ ନାଗରିକଙ୍କ ନିମନ୍ତେ ସ୍ଥାନୀୟ ଆଦିବାସୀ ଉନ୍ନୟନ ସଂସ୍ଥାର ସଭାଗୃହଠାରେ ଉପଖଣ୍ଡସ୍ତରୀୟ ସ୍ମୃତି ବିଭ୍ରମ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡଃ ଛଇଳା ଅଡା, ଡ଼ଃ. ସ୍ୱାତି ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ଡ଼ଃ ସନ୍ତୋଷ ବେହେରା ରୋଗୀମାନଙ୍କ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକରୁ ମାନସିକ ରୋଗୀମାନେ ଆସିବା ସହିତ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା କରିଥିଲେ। ଏହି ଅବସରରେ ଯୋଗ୍ୟ ହିତାଧିକାରୀଙ୍କୁ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ଓ ବଣାଇଁ ଗୋଷ୍ଠି ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆ ଭତ୍ତା କାର୍ଡ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ, ସାମାଜିକ ସୁରକ୍ଷା ଅଧିକାରୀ ଅଜୟ କୁମାର ସାହୁ ତଥା ବିଭିନ୍ନ ପ୍ରାନ୍ତରୁ ଆସିଥିବା ବୃଦ୍ଧ ବୃଦ୍ଧା ମାନସିକ ରୋଗୀ ପ୍ରମୁଖ ଉପସ୍ଥିତ ଥିଲେ। ଅଜୟ କୁମାର ସାହୁ ପରିଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ।

## ଆର୍‌ଏସ୍‌ପିର ଷ୍ଟିଲ ମେଲ୍ଟିଂ ସପ୍-୨ରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

# ୮୬ କର୍ମଚାରୀ ପୁରସ୍କୃତ



**ରାଉରକେଲା, ୬।୨(ସମିସ):** ରାଉରକେଲା ଇସ୍ପାତ କାରଖାନା(ଆରଏସପି)ର ଷ୍ଟିଲ ମେଲ୍ଟିଂ ସପ୍-୨ରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଉତ୍ପାଦନ, ରକ୍ଷଣାବେକ୍ଷଣ, ଗୁଣବତ୍ତା, ଯୋଜନା ଏବଂ ସୁରକ୍ଷା କ୍ଷେତ୍ରରେ ନିଜର ଅନୁକରଣୀୟ ଅବଦାନ ପାଇଁ ଏସଏମଏସ-୨ ସମେତ ସହାୟକ ବିଭାଗଗୁଡିକର ୮୬ ଜଣ କର୍ମଚାରୀଙ୍କୁ ସେଲ୍‌ଫ ସାବାସ୍ ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏସଏମଏସ-୨ ବିଭାଗର ସିଜିଏମ ଏମ.ଜି. ଶ୍ରୀକାନ୍ତ ଅଧ୍ୟକ୍ଷତା କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରୀ ଶ୍ରୀକାନ୍ତ ଏହି କାର୍ଯ୍ୟକ୍ରମରେ ୨୦୨୫ ମସିହା ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବର ଏବଂ ଅକ୍ଟୋବର ମାସ ମଧ୍ୟରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା କର୍ମଚାରୀଙ୍କୁ କର୍ମବୀର ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ କାରଖାନାରେ ନିଜର ୨୫ ବର୍ଷ ଉତ୍ସର୍ଗୀକୃତ ସେବା ପୂରଣ କରିଥିବା ୬ ଜଣ କର୍ମଚାରୀଙ୍କୁ ଦୀର୍ଘ ସେବା ପୁରସ୍କାର ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ପୁରସ୍କାରପ୍ରାପ୍ତମାନଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ଶ୍ରୀକାନ୍ତ ସେମାନଙ୍କ ପ୍ରୟାସ ଏବଂ ନିଷ୍ଠାକୁ ପ୍ରଶଂସା କରିବା ସହ ସମସ୍ତ କର୍ମଚାରୀଙ୍କୁ ଆଗକୁ ଏହି ଭଳି ନେତୃତ୍ୱ ନେଇ ଉତ୍ପାଦନ, ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ପାଇଁ ସମାନ ଉତ୍ସାହ ଏବଂ ପ୍ରତିବଦ୍ଧତା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗ ମୁଖ୍ୟ, ଡିଏସଓ, ବରିଷ୍ଠ ଅଧିକାରୀ ଏବଂ ସମ୍ବଳ ବିଭାଗର ପ୍ରତିନିଧିଙ୍କ ସମେତ ବହୁ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏସଏମଏସ-୨ର ସିନିୟର ମ୍ୟାନେଜର ପ୍ରଶାନ୍ତ କୁମାର ନାୟକ ସଂଯୋଜନା କରିଥିଲେ।

# ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଡିନ୍‌ଙ୍କୁ ଭେଟିଲେ ବିଜେଡି ନେତା

**ରାଉରକେଲା, ୬।୨(ସମିସ):** ସୁନ୍ଦରଗଡ଼ ବିଜୁ ଜନତା ଦଳର ବରିଷ୍ଠନେତା ତଥା ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲର ନୂତନ ମୁଖ୍ୟ ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ଡ. ଗୀତା ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ଏକ ସୌଜନ୍ୟମୂଳକ ସାକ୍ଷାତ କରି ମେଡିକାଲରେ ଥିବା ବିଭିନ୍ନ ପ୍ରକାର ଅସୁବିଧା ବିଷୟରେ ଅବଗତ କରିଥିଲେ। ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ସିଟିସ୍କାନ ଏବଂ ଅଲଟ୍ରା ସାଉଣ୍ଡ ପରୀକ୍ଷା ବ୍ୟବସ୍ଥା କରିବା, ଏବିଜି ରକ୍ତ ପରୀକ୍ଷଣ, ସିଟିସ୍କାନ, ଖୁବ୍‌ଶୀଘ୍ର ଆରମ୍ଭ କରାଯିବାକୁ ଦାବି କରିଥିଲେ। ଏହି ସାକ୍ଷାତ ଆଲୋଚନା ସମୟରେ ସୁନ୍ଦରଗଡ଼ ମ୍ୟୁନିସିପାଲିଟିର ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ବିଜେଡିର ଯୁବନେତା ସଞ୍ଜୀୟ ପଟ୍ଟନାୟକ ଓ ବରୁନ ବାଗ ଉପସ୍ଥିତ ଥିଲେ।



## ୧୨ରେ ସିପିଆଇଏମ୍‌ର ଧର୍ମଘଟ

# ସଫଳ ପାଇଁ ବିଭିନ୍ନ ସ୍ଥାନରେ ସାଧାରଣ ସଭା

**ରାଉରକେଲା, ୬।୨(ସମିସ):** ଆଗମୀ ୧୨ ତାରିଖରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ କର୍ମଚାରୀ ଫେଡେରେସନର ଆହ୍ୱାନରେ ସିପିଆଇଏମ୍ ପକ୍ଷରୁ ଧର୍ମଘଟ କରାଯିବ। କେନ୍ଦ୍ରସରକାରଙ୍କ ଶ୍ରମିକ ବିରୋଧୀ ୪ଟି ଶ୍ରମ କୋର୍ଡ ପ୍ରତ୍ୟାହାର ସହିତ ଦରଦାମ ନିୟନ୍ତ୍ରଣ, ରାଷ୍ଟ୍ରାୟତ ଉଦ୍ୟୋଗ ଘରୋଇକରଣ ବନ୍ଦ କରିବା, ମନେରଗାକୁ ହଟାଇ ଭିବି ରାମ ଜି ଆଇନ୍ -୨୦୨୫ର ପ୍ରତ୍ୟାହାର, ବିଦ୍ୟୁତ ସଂଶୋଧନ ବିଲ୍ -୨୦୨୫, ବିହନ ବିଲ୍ -୨୦୨୫, ନୂତନ ବୀମା ବିଲ୍ -୨୦୨୫ ପ୍ରତ୍ୟାହାର ନେଇ ଦାବିରେ ଏହି ଧର୍ମଘଟ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଇଣ୍ଡଷ୍ଟ୍ରିଆଲ ମଜଦୁର ୟୁନିୟନ (ଇମୁ)ର ସାଧାରଣ ସମ୍ପାଦକ ତଥା ସିଆଇଟିୟୁ ରାଜ୍ୟ ଉପସଭାପତି ବିମାନ ମାଇତିଙ୍କ ନେତୃତ୍ୱରେ ବେଦବ୍ୟାସ ସ୍ଥିତ ଶିବା ରିଫ୍ରାକ୍ଟରୀ ଓ ଶିବା ମିନେରାଲସ ସହିତ ରାଉରକେଲା ସେଲ୍‌ଫ ଷ୍ଟକ୍ ୟାର୍ଡ, ସେକ୍ଟର-୧୪ ଅଞ୍ଚଳର କାମ କରୁଥିବା ଶ୍ରମିକମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨ ତାରିଖରେ ହେବାକୁ ଥିବା ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ କରାଯାଇଛି।




**ବଣାଇଁ:** ସିପିଆଇଏମ୍ ବଣାଇଁ ଆଞ୍ଚଳିକ କମିଟି ପକ୍ଷରୁ ଆସନ୍ତା ୧୨ ତାରିଖରେ ହେବାକୁ ଥିବା ସାଧାରଣ ଧର୍ମଘଟରେ ସାମିଲ ହେବା ପାଇଁ ବଣାଇଁ ଉପଖଣ୍ଡର ସମସ୍ତ ଶ୍ରମିକ, କୃଷକ, ଗ୍ରାମୀଣ ଶ୍ରମିକ, କ୍ଷେତ ମଜଦୁର, ଯୁବକ ଯୁବକ ଯୁବତୀ, ମହିଳା, ଛାତ୍ର ଏବଂ ସମାଜର ସମସ୍ତ ବର୍ଗଙ୍କୁ ଆହ୍ୱାନ କରାଯାଇଛି। ଶ୍ରମ ସୁରକ୍ଷାକୁ ଦୁର୍ବଳ କରିବା ପାଇଁ ଚାଲିଥିବା ଶ୍ରମିକ ବିରୋଧୀ ନିୟମ ଓ ନୀତି ଗୁଡ଼ିକୁ ସିପିଆଇଏମ ବଣାଇଁ ଆଞ୍ଚଳିକ କମିଟି ଦୃଢ ନିନ୍ଦା କରୁଛି ବୋଲି ଆୟୋଜିତ ସଭାରେ କୁହାଯାଇଛି। ବିଜେପି ସରକାରଙ୍କ ଜନ ବିରୋଧୀ ନୀତିକୁ ବିରୋଧ କରୁଥିବା ସମସ୍ତ ବିରୋଧୀ ଦଳ ଓ ଗଣତାନ୍ତ୍ରିକ ଶକ୍ତି ଏହି ଧର୍ମଘଟରେ ସାମିଲ ହେବା ପାଇଁ କମିଟି ଆହ୍ୱାନ କରିଛି। ଏଥିରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସମେତ ସମସ୍ତ କର୍ମୀ ଓ ଶ୍ରମିକ ଭାଇମାନେ ଯୋଗ ଦେଇଥିଲେ।

## ବ୍ଲକସ୍ତରୀୟ ସଂସ୍କୃତିକ ମହୋତ୍ସବ

# ଲୋକ ସଂସ୍କୃତି, କଳା, ପରମ୍ପରା ଉଜ୍ଜିବୀତ ରଖିବାର ମାଧ୍ୟମ 'ଯତରା'



ରାଉରକେଲା, ୬।୨(ସମିସ)

ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକସଦର ନୂଆଗାଁ ପଞ୍ଚାୟତ ସ୍ଥିତ ବିର୍ସାମୁଣ୍ଡା ଖେଳ ପଡ଼ିଆଠାରେ ବ୍ଲକସ୍ତରୀୟ ଯତରା ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ମହୋତ୍ସବରେ ମୁଖ୍ୟଅତିଥି ଭାବରେ ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଶଙ୍କର ଓରାମ, ନୂଆଗାଁ ବ୍ଲକ ଅଧ୍ୟକ୍ଷ ବିଶ୍ୱାସୀ ଟପ୍ପୋ, ନୂଆଗାଁ ଜିଲ୍ଲା ପରିଷଦ (କ) ଜ୍ୟୋତି ଦଲରେସା ଟେଟେ ଏବଂ ନୂଆଗାଁ ଜିଲ୍ଲା ପରିଷଦ(ଖ) ସଞ୍ଜିତା କିସପଟ୍ଟା ଉପସ୍ଥିତ ଥିଲେ। ଏହି ମହୋତ୍ସବ ପାଇଁ ଝାଡ଼ଖଣ୍ଡ ରାଜ୍ୟର ନାଗପୁରୀ କଳାକାରଙ୍କ ଗୀତ ସଙ୍ଗୀତ ବେଶ ଆକର୍ଷଣୀୟ ହୋଇଥିଲା। ଏହା ସହିତ ନୂଆଗାଁ ବ୍ଲକର ୨୦ ପଞ୍ଚାୟତରୁ ୫୦ରୁ ଅଧିକ କଳାକାର ଗ୍ରୁପ ଯୋଗଦେଇ ସାଂସ୍କୃତିକ ନାଚ ପରିବେଷଣ କରିଥିଲେ। ଏହି ମହୋତ୍ସବରେ ପ୍ରାୟ ୨୦ ହଜାରରୁ ଅଧିକ ଜନସାଧାରଣ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଳାକାର, ଅଗ୍ନିଶମ ବିଭାଗ, ପୁଲିସ ପ୍ରଶାସନ ଏବଂ ବ୍ଲକର ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ୍ ଜ୍ଞାପନ କରାଯାଇଥିଲା। ଅନ୍ୟପଟରେ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାର ଲୋକ କଳା, ଖେଳ, ସଂସ୍କୃତିକୁ ଅଣଦେଖା କରାଯାଇ ଝାଡଖଣ୍ଡରୁ ବ୍ୟୟ ବହୁଳ ଅର୍କେଷ୍ଟ୍ରା ଆଣି ଏହି କାର୍ଯ୍ୟକ୍ରମରେ ସାମିଲ କରିବାକୁ ନେଇ କିଛି ଲୋକ ଅସନ୍ତୋଷ ବ୍ୟକ୍ତ କରିବା ସହ ଏହା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରିଥିବା ଶୁଣିବାକୁ ମିଳିଛି।

**ଲହୁଣିପଡ଼ା:** ଲହୁଣିପଡ଼ା ବ୍ଲକ ପଡ଼ିଆଠାରେ ବ୍ଲକସ୍ତରୀୟ ସାଂସ୍କୃତିକ 'ଯତରା' ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଲହୁଣିପଡ଼ା ବିଡିଓ ଅନୁରାଗ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓରାମ, ଲହୁଣିପଡ଼ା ସରପଞ୍ଚ ନେଲସନ ହେମ୍ବ୍ରମ, ବ୍ଲକ ଏବିଡିଓ ବିନୋଦ ଲାକ୍ରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ପଟ୍ଟନାୟକ, ସିଡିପିଓ ପୁଷ୍ପଲତା ନାୟକ, ଯୋଗ ଦେଇଥିଲେ। ଅତିଥିମାନେ ସ୍ୱୟଂ ସହାୟକ ଗୋଷ୍ଠିମାନଙ୍କ ଦ୍ୱାରା ଆୟୋଜନ କରାଯାଇଥିବା



ବିଭିନ୍ନ ଷ୍ଟଲ ପରିଦର୍ଶନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏପିଓ ବିଷ୍ଣୁ ମୋହନ ନାୟକ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ବିଚାରକ ଭାବେ ଅଲିଭା ଜେନା, ସୁଚିସ୍ମିତା ପଣ୍ଡା, ନାଥୁରାମ ମାହାନ୍ତ, ବ୍ରଜବନ୍ଧୁ ବେହେରା, ବିଶ୍ୱଜିତ ସାହୁ ଯୋଗ ଦେଇଥିବା ବେଳେ ୧୮ ଟି ଦଳ ଯୋଗ ଦେଇ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିରଥିଲେ। ଶେଷରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭଗବତ ଟୁଡୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏସ୍‌ଓ ମନୋଜ କୁମାର ପଟେଲ, ଜିପିଡିଓ ମନିଶା ଟୋପ, ବରିଷ୍ଠ କିରାଣୀ ଦେବରାଜ ମାହାନ୍ତ, କନିଷ୍ଠ ଯନ୍ତ୍ରୀ ଲଳିତ କୁମାର ବିଶ୍ୱାଳ, ନରେଶ ମାଝୀ, ନିରୁପମା ନାୟକ, ଅବନ୍ତି ନାୟକ, ରଜତ ସାହୁ, ଅଭିଜିତ ମଲ୍ଲ, ଏଏଚଓ ମୃତ୍ୟୁଞ୍ଜୟ ଘଡେଇଙ୍କ ପ୍ରତ୍ୟେକ ତତ୍ତ୍ୱାଧାନରେ କାର୍ଯ୍ୟକ୍ରମ ଶୃଙ୍ଖଳା ସହ ଅନୁଷ୍ଠିତ ହୋଇଥିବା ବେଳେ ସମନ୍ୱିତ ଶିଶୁ ବିଭାଗ ସୁପରଭାଇଜର, ପ୍ରତ୍ୟେକ ପଞ୍ଚାୟତ ପିଇଓ, ଏଡିଇଓଙ୍କ ସମେତ ବ୍ଲକ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ବ୍ଲକସ୍ତରୀୟ ଯତରା ସଂସ୍କୃତିକ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନ ସାଧାରଣ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

# ସୋହେଲା ରାସ୍ତାର ଅବସ୍ଥା ଶୋଚନୀୟ



ବରପାଲି, ୬।୨(ସମିସ): ସୋହେଲାରୁ ବାହାରିଥିବା ବରପାଲି ଜଗନ୍ନାଥ ଧାମ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ି ରହିଛି। ରାମପୁର-ପୁରୀ ଜଗନ୍ନାଥ ଧାମ ସଡ଼କ ରାସ୍ତାଟି ଏକ ମୁଖ୍ୟ ସଡ଼କ ଭାବେ ବ୍ୟବହୃତ ହେଉଥିବା ବେଳେ ହଜାର ହଜାର ଛୋଟବଡ ଯାନବାହାନ ପ୍ରତିଦିନ ଯାତାୟତ ହୋଇଥାଏ। ହେଲେ ପ୍ରଶାସନିକ ଦୃଷ୍ଟି ଅଭାବରୁ ବର୍ତ୍ତମାନ ରାସ୍ତାଟି ମରଣଯନ୍ତା ହୋଇଛି। ରାସ୍ତା ଉପରେ ଯାତାୟତ କରୁଥିବା ସାଧାରଣ ଲୋକେ ପ୍ରତିଦିନ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବରପାଲିରୁ ଲମ୍ବିଥିବା ୧୧କିମି ସରଣ୍ଡାପାଲି ଛକ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ସଙ୍କଟାପନ୍ନ ହୋଇଛି। ରାସ୍ତାର ପିଚୁ ମାନ ଉଠିଯିବା ସହ ଛୋଟବଡ ଖାଲଖମାରରେ ଭର୍ତ୍ତି ହୋଇ ଯାତାୟତ ପାଇଁ ଘୋର ବିପଦ ସୃଷ୍ଟି କରୁଛି। ସମସ୍ୟା ଉପରେ ପ୍ରସାସନିକ ଦୃଷ୍ଟି ଆକର୍ଷଣ ସହିତ ବାରମ୍ବାର ଅଭିଯୋଗ ଆଣିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କୌଣସି ସମାଧାନର ବାଟ ଫିଟିଲା ନାହିଁ। ରାସ୍ତା ଉପରେ ସ୍ଥାନୀୟ ବାସିନ୍ଦାଙ୍କ ସମେତ ବିଜେପୁର, ସୋହେଲା, ନୂଆଁପଡ଼ା, ପଦ୍ମପୁର, ପାଇକମାଳ ସହ ଅନ୍ୟାନ୍ୟ ଜିଲ୍ଲାର ବହୁ ଅଞ୍ଚଳ ଏବଂ ବିଭିନ୍ନ ରାଜ୍ୟର ଗାଁ ସହର ତଥା ସ୍ଥାନୀୟ ବ୍ଲକ ଅଧୀନ ଗାଁ ମାନଙ୍କ ସହ ପଡୋଶୀ ବ୍ଲକ ଭେଡେନ, ସୋନପୁର, ବିନକା, ବୌଦ୍ଧ, ଫୁଲବାଣୀ ଆହୁରି ବହୁ ଗାଁର ଲୋକମାନେ ପ୍ରତିଦିନ ନିର୍ଭର କରିଥାନ୍ତି। ଯାତାୟତ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ କର୍ତ୍ତୃପକ୍ଷ କାହା ସ୍ୱାର୍ଥରେ ଚୁପ ରହୁଛନ୍ତି ଠିକ ଭାବେ ଜଣାପଡୁନାହିଁ ବୋଲି ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

# ଚାଷୀଙ୍କ ହକ୍ ପାଇଁ ଝାରବନ୍ଧ ତହସିଲ ଘେରଉ

ଝାରବନ୍ଧ, ୬।୨ (ସମିସ)



- ମୁଖ୍ୟମନ୍ତ୍ରୀଙ୍କୁ ୮ ଦଫା ଦାବିପତ୍ର
- ସଂକ୍ରି ଗ୍ରୀଡ୍ କାର୍ଯ୍ୟକ୍ଷମ ନ ହେଲେ ଆନ୍ଦୋଳନ

ଦୀର୍ଘଦିନର କୃଷକ ସମସ୍ୟା ସମାଧାନ ଦାବିରେ ଆଞ୍ଚଳିକ କୃଷକ ସଂଗଠନ ‘ଡଭା’ ଆହ୍ୱାନରେ ଝାରବନ୍ଧ ବ୍ଲକର ଶତାଧିକ ଚାଷୀ ବିଶାଳ ଶୋଭାଯାତ୍ରା କରି ତହସିଲ କାର୍ଯ୍ୟାଳୟ ଘେରଉ କରିଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ଦାବିପତ୍ର ଝାରବନ୍ଧ ଅତିରିକ୍ତ ତହସିଲଦାର ବିଶ୍ୱକ ସେନ ପୁରୋହିତଙ୍କୁ ପ୍ରଦାନ କରାଯାଇଥିଲା। ଚାଷୀ ଝାରବନ୍ଧ ପେଟ୍ରୋଲ ପମ୍ପ ଠାରୁ ରାଲିରେ ବାହାରି ଜୋରଦାର ସ୍ଲୋଗାନ ଦେଇ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଝାରବନ୍ଧ ଥାନା ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ନିଆଯାଇ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖାଯାଇଥିଲା। ଆନ୍ଦୋଳନରେ କୃଷକ ଦୁଃଖର ସ୍ୱର ଉଠିଥିଲା। ସଂଗଠନର ଆବାହକ ଅଶୋକ ସାହୁଙ୍କ ସହ ହେମନ୍ତ ଚରଣ ସାହୁ, ପ୍ରମୋଦ ରାୟ, ଅବଧୁତ ଜଗତ, ତୁଳାରାମ ଭୋଇ, ଧନିରାମ ସାହୁ, ପରକ୍ଷିତ ବିଶି, ମହେନ୍ଦ୍ର ସାହୁ, ମନରଣା, ଲଳିତ ପଟେଲ, ଭୋଜରାଜ ବାଗ, ଜୟ ନିଗମ, କ୍ଷମାନିଧି ସାହୁ, ଜଗଦୀଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, ଆଇନ ପରାମର୍ଶଦାତା ଅଜିତ ଶତପଥୀ, ଗାଇସିଲଟ ବ୍ଲକ ସଭାପତି ଅରବିନ୍ଦ ପଣ୍ଡାଙ୍କ ସହ ପ୍ରଶନ କୁମ୍ଭାର, ସୁବାଷ ସାମନ୍ତରାୟ, କୈଳାସ ବାରିକ, ନବୀନ ବେହେରା, ବିଜୟ ସାହୁ ଚାଷୀ ଅଧିକାର ବିଷୟରେ ଉଦ୍‌ବୋଧନ ଦେଇଥିଲେ। ୮ ଦଫା ଦାବିର ମୁଖ୍ୟ ବିଷୟ ଦୀର୍ଘଦିନ ଧରି ଆଟ ଜମିରେ ଚାଷ ହେଉଥିବା ଜମିର କିସମ ପରିବର୍ତ୍ତନ, ସକ୍ରିରେ ନିର୍ମାଣାଧୀନ ୧୩୨/୩୩, କେଭି ଗ୍ରୀଡ୍ କାର୍ଯ୍ୟକ୍ଷମ କରିବା, ସୋଲାର ଗଭୀର ନଳକୂପ ପାଇଁ ଜମା ହୋଇଥିବା ଟଙ୍କା ଅନୁସାରେ ଶୀଘ୍ର ଖନନ, ନିଜସ୍ୱ ନଳକୂପକୁ ବିଦ୍ୟୁତ୍ ସଂଯୋଗରେ କୃଷି ବିଭାଗର ଏନଓସି ସମସ୍ୟା ସମାଧାନ, ଝାରବନ୍ଧ ବ୍ଲକରେ ଧାନ ଉଠାଣ ବ୍ୟବସ୍ଥା ସୁଦୃଢ଼, ଓପିଟିସିଏଲ କାର୍ଯ୍ୟାଳୟ ବୁର୍ଲାରେ ପୁନଃସ୍ଥାପନ କୃଷି ବିଦ୍ୟୁତ୍ ବିଲ୍‌ରେ ରିହାତି, ୨୦୨୩ ମସିହାର ଫସଲ ବୀମା ପ୍ରଦାନ, ଧାନ କଟଣିଚଟଣି ଆଦି ଅଭିଯୋଗ ସହ ଠିକ୍ ଭାବେ ଧାନ ଉଠାଣ ନ ହେବାରୁ ସେମାନେ ଆର୍ଥିକ ସଙ୍କଟରେ ପଡୁଥିବା ଚାଷୀ କହିଥିଲେ। ସମସ୍ୟା ସମାଧାନ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ବରଗଡ଼ ଜିଲ୍ଲା କୋର୍ଟରେ ବୋମା ଆତଙ୍କ





ବରଗଡ଼, ୬।୨(ସମିସ): ବରଗଡ଼ ଜିଲ୍ଲା କୋର୍ଟରେ ଶୁକ୍ରବାର ବୋମା ଆତଙ୍କ ଦେଖା ଦେଇଛି। ବୋମା ଧମକ ପରେ ସମଗ୍ର କୋର୍ଟ ପରିସରରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। କୋର୍ଟରେ ଉପସ୍ଥିତ ଅଧିବକ୍ତା, କର୍ମଚାରୀ ଓ ସାଧାରଣ ଲୋକେ ଆତଙ୍କରେ କୋର୍ଟ ପରିସର ଛାଡି ବାହାରକୁ ଚାଲି ଆସିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କୋର୍ଟ ପରିସରକୁ ଘେରଉ କରିଥିଲା। ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ତନାଘନା ହୋଇଥିଲା। ସନ୍ଦେହଜନକ ସ୍ଥାନ ଗୁଡିକୁ ଯାଞ୍ଚ କରା ଯାଇଥିଲା। ତେବେ କୌଣସି ପ୍ରକାରର ବିସ୍ଫୋରକ ସାମଗ୍ରୀ ମିଳି ନ ଥିଲା। କିନ୍ତୁ ଏହି ଘଟଣାକୁ ନେଇ ସହରବାସୀଙ୍କ ମଧ୍ୟରେ ଭୟ ଖେଳିଯାଇଥିବା ଦେଖା ଦେଇଛି।

# ଯୁବ ସ୍ୱେଚ୍ଛାସେବୀଙ୍କ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ



ମେଲଛାମୁଣ୍ଡା, ୬।୨(ସମିସ): ‘ଏକ ଭାରତ ଶ୍ରେଷ୍ଠ ଭାରତ’ର ଭାବନାକୁ ସୁଦୃଢ଼ କରିବା, ବିଭିନ୍ନ ଅଞ୍ଚଳର ଭାଷା, ସଂସ୍କୃତି ଓ ବିକାଶ ଶୈଳୀ ବିଷୟରେ ଜାଣିବା, ପାରମ୍ପରିକ ଲୋକଗୀତ, ନୃତ୍ୟ ଏବଂ ଖାଦ୍ୟପେୟର ସହଭାଗିତା, ଐତିହାସିକ ସ୍ଥଳ, ଶିଳ୍ପ ଏବଂ ସଫଳ ଗୋଷ୍ଠୀ ପ୍ରକଳ୍ପ ପରିଦର୍ଶନ, ନୂତନ ବନ୍ଧୁତା ସ୍ଥାପନ କରିବା, ଆଞ୍ଚଳିକ ଭେଦଭାବ ଦୂର କରି ଏକତା ବଜାୟରଖିବା, ଯୁବପିଢ଼ିଙ୍କ ମଧ୍ୟରେ ଦେଶ ଗଠନ ପାଇଁ ନେତୃତ୍ୱ ମନୋଭାବ ସୃଷ୍ଟି କରିବାର ଉଦ୍ଦେଶ୍ୟ ନେଇ ବରଗଡ଼ ଜିଲ୍ଲା ଗସ୍ତ କରିଛନ୍ତି ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକର ଯୁବ ସ୍ୱେଚ୍ଛାସେବୀ ମାନେ। ଜିଲ୍ଲା ୟୁଥ୍ ଅଧିକାରୀ କମଲ ସାର୍, ପ୍ରସାରଭାରତୀ ବରିଷ୍ଠ ସାମ୍ବାଦିକ ଉମେଶ ବିଶ୍ୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁବ ସ୍ୱେଚ୍ଛାସେବୀ ଗଣ ଜିଲ୍ଲାର ନୃସିଂହନାଥ ତୀର୍ଥକ୍ଷେତ୍ର, ଗନ୍ଧମାର୍ଦ୍ଦନ ପାହାଡ, ଆୟୁର୍ବେଦିକ କଲେଜ, ବୌଦ୍ଧ କ୍ଷେତ୍ର, ଐତିହାସିକ ଘେଁସ ଶହୀଦ ମାଧୋସିଣ୍ଟ ଜନ୍ମପୀଠ, ପଦ୍ମଶ୍ରୀ ହଳଧର ନାଗଙ୍କ ସହିତ ସାକ୍ଷାତକାର, ବାରପାହାଡ, ଡେବିରିଗଡ଼ ଅଭୟାରଣ୍ୟ, ସ୍ୱାଧୀନତାସଂଗ୍ରାମର ମୁକସାକ୍ଷୀ ଐତିହାସିକ ସିଂଘୋଡାଘାଟି ଏଭଳି ବିଭିନ୍ନ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ କରିଅଛନ୍ତି। ଘେଁସ ଶହୀଦ ପୀଠରେ ଶହୀଦ ମାଧୋସିଂ ପରାକ୍ରମ ଓ ଦେଶପ୍ରୀତି, ସମ୍ବଲପୁରୀ ଭାଷା ସାହିତ୍ୟ ନେଇ ପଦ୍ମଶ୍ରୀ ହଳଧର ନାଗଙ୍କ ସହିତ ସାକ୍ଷାତକାର କରାଇଥିଲେ। ଐତିହାସିକ ଗବେଷକ ଅଶୋକ ପୂଜାହାରୀ ଓ ସାମ୍ବାଦିକ ଉମେଶ ବିଶ୍ୱାଲ। କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ସ୍ୱେଚ୍ଛାସେବୀ ଅନୁପ୍ରାଣିତ ହୋଇ ସେମାନଙ୍କ ମଧ୍ୟରେ ଦେଶ ଗଠନପାଇଁ ନେତୃତ୍ୱନେବାର ମନୋଭାବ ସୃଷ୍ଟିହେବା ସହିତ ସମ୍ବଲପୁରୀ ଭାଷା ସାହିତ୍ୟର ସମୃଦ୍ଧ ଇତିହାସ ଜାଣିବାର ସୁଯୋଗ ପାଇଥିବାର ପ୍ରକାଶ କରିଥିଲେ ଯୁବ ସ୍ୱେଚ୍ଛାସେବୀ ଗଣ।

# ସ୍ମୃତି ସାଲେମ ଭୋସାଗରଙ୍କ ବିଶ୍ୱ ରେକର୍ଡ



ବରଗଡ଼, ୬।୨(ସମିସ): ବରଗଡ଼ ଜିଲ୍ଲାର ଧାଙ୍ଗେର ଗାଁର ସ୍ମୃତି ସାଲୋମ ଭୋସାଗର ଅନ୍ତର୍ଜାତୀୟ ବିଶ୍ୱ ରେକର୍ଡ ପୁସ୍ତକରେ ନିଜ ନାମ ଲେଖାଇଛନ୍ତି। ପ୍ରେମାନନ୍ଦ ଭୋସାଗର ଓ ରଞ୍ଜନା ପାଇକଙ୍କ ପୁଅ ସ୍ମୃତି ୨ ମିନିଟରେ ୫୦ଟି ସଂଖ୍ୟାର ବର୍ଗ ନିରୂପଣ କରି ଏହି ସମ୍ମାନ ଅର୍ଜନ କରିଛନ୍ତି। ନିଜ ଗାଁ ଓ ଜିଲ୍ଲା ତଥା ନିଜ ବିଦ୍ୟାଳୟ ବିଦ୍ୟାସାଗର ଏକାଡେମୀକୁ ମଧ୍ୟ ଗର୍ବିତ କରିଛନ୍ତି। କିଛି ଦିନ ପୂର୍ବରୁ ସେ ୨ ମିନିଟରେ ୧୦୦ଟି ପ୍ରଶ୍ନର ଉତ୍ତର ଦେଇ ନିଜ ନାମକୁ ଭାରତ ଆଇନ ବୁକରେ ବାହାର କରି କୃତିତ୍ୱ ଅର୍ଜନ କରି ଜିଲ୍ଲାକୁ ଗୌରବାନ୍ୱିତ କରିଥିଲେ। ସ୍ମୃତିଙ୍କର ଏହି ଅଦ୍ଭୁତ ସଫଳତା ପଛରେ ତାଙ୍କର ଦୃଢ଼ ସମର୍ପଣ, ମାତା ରଞ୍ଜନା ପାଇକଙ୍କ ଅକ୍ଳାନ୍ତ ପରିଶ୍ରମ ଓ ପିତା ପ୍ରେମାନନ୍ଦ ଭୋସାଗରଙ୍କ ଅତୁଟ ସହଯୋଗ ରହିଛି। ଏହି ରେକର୍ଡ ପାଇଁ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋଏଲ ମଧ୍ୟ ତାଙ୍କୁ ଉତ୍ସାହ କରିବା ପାଇଁ ତାଙ୍କ ନିଜ ହାତରୁ ପୁରସ୍କାର ପ୍ରଦାନ କରିଥିଲେ। ଭବିଷ୍ୟତରେ ସେ କଣ ହେବ ପାଇଁ ଜିଲ୍ଲାପାଳ ପଚାରିବାରୁ ସ୍ମୃତି ଗୋଟେ ବୈଜ୍ଞାନିକ ହେବାର ଲକ୍ଷ୍ୟ ଅଛି ବୋଲି ଉତ୍ତର ଦେଇଥିଲେ। ଜିଲ୍ଲାପାଳ ଜିଲ୍ଲା ପ୍ରଶାସନ ତରଫରୁ ସବୁ ପ୍ରକାରର ସାହାଯ୍ୟ କରିବା ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ସ୍ମୃତିଙ୍କ ଏହି ସଫଳତାରେ ବିଦ୍ୟା ସାଗର ଏକାଡେମୀ ଚେୟାରମ୍ୟାନ ବଳରାମ ବିଶି ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି।

# ଛିଦେଇକେଲା ସତ୍ୟସାଇ ସେବା ସଙ୍ଗଠନ ଆବାହକ ନିର୍ବାଚନ

ପାଇକମାଳ, ୬।୨(ସମିସ): ପାଇକମାଳ ବ୍ଲକ ଛିଦେଇକେଲା ସତ୍ୟସାଇ ସେବା ସଙ୍ଗଠନର ପୂର୍ବତନ ଆବାହକ ପତିତପାବନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନୂତନ ଆବାହକ ଭାବେ ସନ୍ତୋଷ ପାଢ଼ୀ, ଧାର୍ମିକ ସଂଯୋଜକ ସୁରଥ ସାହୁ, ସନ୍ତୋଷିନୀ ସାହୁ, ସେବା ସଂଯୋଜକ ପତିତପାବନ ସାହୁ, ବୀଣା ସାହୁ, ଶିକ୍ଷା ସଂଯୋଜକ ହେମସାଗର ସାହୁ, ରଞ୍ଜିତା ସାହୁ, ଆଇଟି ସଂଯୋଜକ ନିରୋଜ ସାହୁ, ଯୁବ ସଂଯୋଜକ ଶେଖର ସେଠ, ମହିଳା ସଂଯୋଜକ ଗୀତା ସାହୁ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ଶେଷରେ ନୂତନ ଆବାହକ ସନ୍ତୋଷ ପାଢ଼ୀ ଧନ୍ୟବାଦ ଦେଇଥିଲେ।

# ଘରୋଇ ବସ ମାଲିକ ସଂଘର ଜୋନ୍‌ସ୍ତରୀୟ ସମ୍ମିଳନୀ



ବରଗଡ଼, ୬।୨(ସମିସ): ସ୍ଥାନୀୟ ହୋଟେଲ କୋହିନୁର ସମ୍ମିଳନୀ କକ୍ଷରେ ବରଗଡ଼ ଘରୋଇ ବସ୍ ମାଲିକ ସଂଘ ସମେତ ୧୨ଟି ଜୋନ୍ ସମେତ ସମସ୍ତ ବସ୍ ମାଲିକ ମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ବିକାଶ ମହାପାତ୍ର ଉପସଭାପତି (ବରଗଡ଼), ଅକ୍ଷୟ ନନ୍ଦ (ଖରିଆର) ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ସମସ୍ତ ଜୋନ୍‌ରୁ ନିର୍ବାଚିତ ପ୍ରତିନିଧି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସଭାପତି ନିର୍ବାଚନରେ ଭାଗ ନେବେ। ଆଗାମୀ ଦିନରେ ଘରୋଇ ବସ୍ ସେବାକୁ ସୁବ୍ୟବସ୍ଥିତ କରାଯିବ ବୋଲି ଉପସଭାପତି ଶ୍ରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅବିନାଶ ମିଶ୍ର, ଏମ୍‌ଡି ସମିର, ଗୋବିନ୍ଦ ଦୋରା, ଏମଡି ଇଦ୍ରିସ, ଦେବାଶିଷ ଦାଶ, ମନୋଜ ମହାପାତ୍ର, ବୃନ୍ଦାବନ ଧର, ସୁନୀଲ ଦାଶ, ସୁବଳ ଦାଶ, ଏମ୍‌ଡି କଲିମୁଲ୍ଲା, ସୁବ୍ରତ ଧର, ଉମାଶଙ୍କର ପଟ୍ଟନାୟକ, ଦିନେଶ ମହନ୍ତ, ଅବତାବ ହୁସେନ ଓ ଆହୁରି ଅନେକ ଉପସ୍ଥିତ ଥିଲେ। ଶେଷରେ ବିନୋଦ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମାନଦଣ୍ଡ ପୂରଣ ନହେବା ଦେଖାଇ ଘରଭଙ୍ଗା ସହାୟତା ରଦ୍ଦ

- ବିଜାଢୋଲର ପ୍ରହଲ୍ଲାଦ ଗୁପ୍ତାଙ୍କ ନ୍ୟାୟ ଦାବି

ଝାରବନ୍ଧ, ୬।୨(ସମିସ): ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅଧୀନ ବିଜାଢ଼ୋଲ ଗାଁର ପ୍ରହଲ୍ଲାଦ ଗୁପ୍ତାଙ୍କ ଘର ପ୍ରବଳ ବର୍ଷାରେ ଭାଙ୍ଗି ଯାଇଥିବା ସତ୍ତ୍ୱେ ସରକାରୀ ଘରଭଙ୍ଗା ସହାୟତାରୁ ବଞ୍ଚିତ ହୋଇଥିବା ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଗତ ୨୩ ଓ ୨୪ ଜୁଲାଇ ୨୦୨୫ରେ ହୋଇଥିବା ପ୍ରବଳ ବର୍ଷାରେ ପ୍ରହଲ୍ଲାଦ ଗୁପ୍ତାଙ୍କ ମାଟିଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଥିଲା।



ଏଥିପାଇଁ ୧ ଲକ୍ଷ ୨୦ ହଜାର ଟଙ୍କା ସହାୟତା ପ୍ରଦାନ ପାଇଁ ଝାରବନ୍ଧ ରାଜସ୍ୱ ନିରୀକ୍ଷକ, ରାଜସ୍ୱ ପରିଦର୍ଶକ ଓ ତହସିଲଦାର ସଂଯୁକ୍ତ ଭାବେ ଯାଞ୍ଚ କରି ରିପୋର୍ଟ ଉପ ଜିଲ୍ଲାପାଳ ପଦ୍ମପୁରଙ୍କୁ ପ୍ରେରଣ କରିଥିଲେ। ପରେ ଉପଜିଲ୍ଲାପାଳ ଏହାକୁ ଅନୁମୋଦନ କରି ଜିଲ୍ଲାପାଳ, ବରଗଡ଼ଙ୍କ କାର୍ଯ୍ୟାଳୟକୁ ପଠାଇଥିବା ଜଣାପଡ଼ିଛି। କିନ୍ତୁ ଜିଲ୍ଲାପାଳ କାର୍ଯ୍ୟାଳୟର ଚିଠି ଅନୁଯାୟୀ, ସେହି ସମୟରେ ଝାରବନ୍ଧ ତହସିଲରେ “ପ୍ରବଳ ବର୍ଷା” ମାପଦଣ୍ଡ ପୂରଣ ହୋଇନଥିବା ବୋଲି ଦର୍ଶାଇ ପ୍ରହଲ୍ଲାଦ ଗୁପ୍ତାଙ୍କ ଆବେଦନକୁ ରଦ୍ଦ କରାଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ଗ୍ରାମାଞ୍ଚଳ ସ୍ତରରେ ଅଧିକାରୀ ମାନଙ୍କ ଯାଞ୍ଚ ରିପୋର୍ଟ ସତ୍ୟ ନା ବର୍ଷା ମାପଯନ୍ତ୍ରର ତଥ୍ୟ ସତ୍ୟ? ଘର ନଷ୍ଟ ହୋଇଥିବା ସତ୍ତ୍ୱେ ଜଣେ ଆର୍ଥିକ ଭାବେ ଦୁର୍ବଳ ବ୍ୟକ୍ତି ସହାୟତାରୁ ବଞ୍ଚିତ ହେବାକୁ ସ୍ଥାନୀୟ ମାନେ ଅନ୍ୟାୟ ବୋଲି ମନେ କରୁଛନ୍ତି। ପ୍ରହଲ୍ଲାଦ ଗୁପ୍ତା ଏନେଇ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଓ ବରଗଡ଼ ସାଂସଦଙ୍କୁ ଲିଖିତ ଅନୁରୋଧ ପତ୍ର ପଠାଇ ନ୍ୟାୟ ଦାବି କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସହାୟତା ନ ମିଳିଥିବାରୁ ଜଣେ ଗରିବ ପରିବାର ମାନବିକ ସହାୟତାରୁ ବଞ୍ଚିତ ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ପୁନଃବିଚାର ଦାବି ଜୋର ଧରିଛି।

# ସିକେ ନାଇଡୁ ଟ୍ରଫି

# ଓଡ଼ିଶା ବିପକ୍ଷରେ ବେଙ୍ଗଲର ଦୃଢ଼ ବ୍ୟାଟିଂ






ବରଗଡ଼, ୬।୨(ସମିସ)

- ପ୍ରଥମ ଇନିଂସରେ ବେଙ୍ଗଲ ଦଳ ୬/୩୦୧
- ବେଙ୍ଗଲ ଦଳର ଆୟୁଷ ସିଂଙ୍କ ଶତକ

ବରଗଡ଼ ସ୍ଥିତ କ୍ରିଷ୍ଣା ବିକାଶ ଗ୍ରାଉଣ୍ଡରେ ଓଡ଼ିଶା ଓ ବେଙ୍ଗଲ ମଧ୍ୟରେ ୨୩ ବର୍ଷରୁ କମ ସିକେ ନାଇଡୁ ଟ୍ରଫିର ଏଲାଇଟ୍ ଗ୍ରୁପ୍-ବି ଲିଗ୍ ମ୍ୟାଚ୍ ଆଜି ଉଦ୍‌ଘାଟିତ ହୋଇଛି। ବେଙ୍ଗଲ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଆଜି ଦିନର ଖେଳ ଶେଷ ସୁଦ୍ଧା ବେଙ୍ଗଲ ଦଳ ୬ ୱିକେଟରେ ୩୦୧ ରନ୍ କରିଛି। ଦଳର ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ୍ ଆୟୁଷ ସିଂ ଓ ଅନସ ଅଲୀ ଖାଁ ଜୋରଦାର ଆରମ୍ଭ କରିଥିଲେ। ଦଳୀୟ ସ୍କୋର ୧୭୨ରନରେ ଅଲୀ ନିଜର ଅର୍ଦ୍ଧଶତକ ସହ ୬୮ରନ କରି ଆଉଟ୍ ହୋଇଥିଲେ। ପରେ ଅନ୍ୟ ବ୍ୟାଟ୍ସମ୍ୟାନ୍ ମାନଙ୍କ ସହ ଯୋଡି କରି ଆୟୁଷ ନିଜସ୍ୱ ୧୦୭ରନ କରି ଆଉଟ୍ ହୋଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଭାତ ମୋର୍ଯ୍ୟ ୩୨ରନ, ବିଶାଳ ଭଟି ୪୪ରନ କରି ଆଉଟ୍ ହୋଇଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ବେଙ୍ଗଲର ସ୍କୋର ୬ ୱିକେଟ ବିନିମୟରେ ୩୦୧ରନ ଥିଲା। ଆଜି ଖେଳ ଶେଷ ବେଳକୁ ଶଶାଙ୍କ ସିଂ ୨୦ରନ କରି ଓ ରବି ୧ରନ କରି ଅପରାଜିତ ଅଛନ୍ତି। ଓଡ଼ିଶା ପକ୍ଷରୁ ବାଦଲ ବିଶ୍ୱାଳ ୨୮/୩ ୱିକେଟ, ସାଇଦିପ ମହାପାତ୍ର ୪୨/୨ ୱିକେଟ, ସାଇ ସୁବ୍ରତ ଜେନା ୪୧/୧ ୱିକେଟ ନେଇଥିଲେ।

ଆଜିର ଖେଳକୁ ବିସିସିଆଇର ଅମ୍ପାୟାର ରଞ୍ଜୀବ ଶର୍ମା ଓ ଗଣେଶ ଚରହଟେ ପରିଚାଳନା କରିଥିବା ବେଳେ ମ୍ୟାଚ୍ ରେଫରି ଅଛନ୍ତି ଗୌରବ ବସିଷ୍ଠ। ବିସିସିଆଇ ପକ୍ଷରୁ ଅନ୍‌ଲାଇନ୍ ସ୍କୋରର୍ ଅଛନ୍ତି ସିଡି ସୁନିଲ ଓ ବୀରବର ନାୟକ, ସିନିୟର୍ ଭିଡିଓ ସାରଦା ପ୍ରସନ୍ନ ବିଶ୍ୱାଳ ଓ ଭିଡିଓ ଆନାଲିଷ୍ଟ ତାପସ ନାୟକ ରହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା କ୍ରିକେଟ ଆସୋସିଏସନ ଓ କ୍ରିଷ୍ଣା ବିକାଶ ଗ୍ରୁପର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର ସଭାପତି ହରିହର ପ୍ରଧାନ, ସମ୍ପାଦକ ରବି ନାରାୟଣ ପଣ୍ଡା, ଉପସଭାପତି ଶୁଭ୍ରାଂଶୁ ଶେଖର ମହାପାତ୍ର, ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡା, କୋଷାଧ୍ୟକ୍ଷ ଅମିୟ ଭୂଷଣ ସାହୁ, ପୂର୍ବତନ ସମ୍ପାଦକ ସୁବ୍ରତ ଚାଟାର୍ଜୀ, କିଶୋର ରଥ, ପ୍ରଦୀପ ନନ୍ଦ, ଚନ୍ଦ୍ରଶେଖର ପ୍ରଧାନ, ପ୍ରଦୀପ ସାହୁ, ଗୁରୁଦତ୍ତ ଦାସ, ରଜତ ଦାଶ, ଅଙ୍କିତ ମହାନ୍ତି, କ୍ରିଷ୍ଣା ବିକାଶ ଗ୍ରୁପର ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, କ୍ରୀଡା ଅଧିକାରୀ ପିତାମ୍ବର ପ୍ରଧାନ, କ୍ରିକେଟ କୋଚ ଅଶୋକ ସିଂ, ଆସିଷ୍ଟାଣ୍ଟ କ୍ରିକେଟ କୋଚରୂପକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଦଳର ମୁଖ୍ୟ କୋଚ୍ ପୂର୍ବତନ ରଣଜୀ ଖେଳାଳି ସୁବିତ ବିଶ୍ୱାଳ, ଆସିଷ୍ଟାଣ୍ଟ କୋଚ୍ ବିଭୁଦତ୍ତ ପଣ୍ଡା, ଫିଜିଓ ଦିନେଶ ସାହୁ, ଟ୍ରେନର୍ ମନୋଜ ବିଶ୍ୱାଳ, ଭିଡିଓ ଆନାଲିଷ୍ଟ ନବୀନ ବେହେରା, ସାଇଡ ଆର୍ମ ଥ୍ରୋଅର ଭାବେ ଦିଲୀପ ଚନ୍ଦନ, ଦେବାଶିଷ ପ୍ରଧାନ ମେଶ୍ୟୁର ଥିବା ବେଳେ ସୋର୍ଯ୍ୟ ରଞ୍ଜନ ରୟ ମ୍ୟାନେଜର, ଅନିଲ ବିଶ୍ୱାଳ ଆଡମିନ ମ୍ୟାନେଜର, ପୂର୍ବତନ ରଣଜୀ ଖେଳାଳି ଅବକାଶ ଖଟୁଆ ଚୟନ କର୍ତ୍ତା ଓ ଅନ୍ୟତମ ପୂର୍ବତନ ରଣଜୀ ଖେଳାଳି ସୁଭ୍ରଜିତ ସାହୁ ପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା ଦଳରେ ରହିଛନ୍ତି। ସେହିପରି ବେଙ୍ଗଲ ଦଳର ମୁଖ୍ୟ କୋଚ୍ ରହିଛନ୍ତି ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ରିଦ୍ଧିମାନ ସାହା, ଆସିଷ୍ଟାଣ୍ଟ କୋଚ୍ ଅଛନ୍ତି ପୂର୍ବତନ ଆନ୍ତର୍ଜାତୀୟ ଖେଳାଳି ଉତ୍ପଳ ଚାଟାର୍ଜୀ ଓ ଦେବବ୍ରତ ଦାସ, ଫିଜିଓ ଦୀପ୍ତିରଞ୍ଜନ ପରିଡ଼ା, ଟ୍ରେନର୍ କପୂର୍ ଚନ୍ଦ ଅଗ୍ରୱାଲ, ଭିଡିଓ ଆନାଲିଷ୍ଟ ମୁକେଶ ସିହ୍ନା, ସାଇଡ ଆର୍ମ ଥ୍ରୋଅର ଭାବେ ବିଶାଳ ଯାଦବ, ମୃଣାଳକାନ୍ତି ପଲ ମେଶ୍ୟୁର ରହିଛନ୍ତି।

ପ୍ରକାଶ ଥାଉକି ବର୍ତ୍ତମାନ ଯାଏ ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ୫ ଟି ମ୍ୟାଚ୍ ଖେଳି ୨ଟି ଜିତିଥିବା ବେଳେ, ୧ଟିରେ ପରାଜୟ ଓ ୨ଟି ମ୍ୟାଚ୍ ଡ୍ର ହୋଇ ୪୩ ପଏଣ୍ଟ୍ ଏବଂ ବେଙ୍ଗଲ ତାର ୫ଟି ମ୍ୟାଚ୍‌ରୁ ୨ଟି ବିଜୟ, ୨ଟି ପରାଜୟ ଓ ଗୋଟିଏ ଡ୍ର କରି ସମାନ ସଂଖ୍ୟକ ୪୩ ପଏଣ୍ଟ୍‌ରେ ରହିଛି। ହେଲେ ରନରେଟ ବେଶୀ ଥିବାରୁ ଓଡ଼ିଶା ଦଳ ବେଙ୍ଗଲ ଉପରକୁ ରହିଛି। ଫଳରେ ଏଠାରେ ହେଉଥିବା ମ୍ୟାଚ୍ ଉଭୟ ଦଳ ପାଇଁ ଗୁରୁତ୍ୱ ବହନ କରୁଛି।

# ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଯୁବ ଗର୍ଜନ ସମାବେଶ

ବରଗଡ଼, ୬।୨ (ସମିସ): ବରଗଡ଼ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଅମିତ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଯୁବ ଗର୍ଜନ ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଟାଟା ପାୱାର ଦ୍ୱାରା ବାଧ୍ୟତାମୂଳକ ସ୍ମାର୍ଟ ମିଟର ସ୍ଥାପନକୁ ତୁରନ୍ତ ବନ୍ଦ କରିବା, ଅତ୍ୟଧିକ ବିଦ୍ୟୁତ ବିଲ୍ ସମ୍ମୁଖୀନ ହେଉଥିବା ଚାଷୀ ଏବଂ ଗ୍ରାହକ ମାନଙ୍କୁ ସହାୟତା, ବରଗଡ଼ ଜିଲ୍ଲା ପାଇଁ ନିଯୁକ୍ତି ସୃଷ୍ଟି ଯୋଜନା, ମନରେଗାକୁ ନାମ ପରିବର୍ତ୍ତନକୁ ବିରୋଧ ଆଦି ଜିଲ୍ଲା ଯୁବ କଂଗ୍ରେସର ଦାବି ରହିଥିଲା। ଯୁବ କଂଗ୍ରେସ ଚେତାବନୀ ଦେଇଥିଲା ଯେ ଯଦି ଏହି ଜନହିତକର ପ୍ରସଙ୍ଗଗୁଡିକୁ ଅଣଦେଖା କରାଯାଏ, ତେବେ ଆଗାମୀ ଦିନରେ ସେମାନେ ଗଣତାନ୍ତ୍ରିକ ପ୍ରତିବାଦକୁ ତୀବ୍ର କରିବାକୁ ବାଧ ହେବେ। ଏଥିରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ପ୍ରଭାରୀ ରିହାନରାଜୁ, ନିପନ ଦାସ, ଅଭିଷେକ ସେଠ୍, ବ୍ରହ୍ମାନନ୍ଦ ମହାକୁଡ, ବରଗଡ଼ ନଗର ସଭାପତି



ସୁଧୀର ଜେନା, ଅନନ୍ତ ତାଣ୍ଡି, ବରଗଡ଼ ଜିଲ୍ଲା ଉପ ସଭାପତି ମାନସ ଦାସ, ଓଡ଼ିଶା ଛାତ୍ର କଂଗେସ ଉପ ସଭାପତି ଗୌରବ ଆଜାତ ପତି, ଅଭିଳାଷ ପତି ପପୁକୁମ୍ଭାର, ଅମିତ ନାୟକ, ପିକୁନ ନାୟକ ମୁନୁ କର, ଆଶିଷ ବେହେରା, ଉମା ଭୋଇ ଗୋବିନ୍ଦ ମେହେର, ସାଧାରଣ ସମ୍ପାଦକ ମନୋହର ପ୍ରଧାନ, ଆନନ୍ଦ ମେହେର, ନୀତିଶ ସୁନା, ପୁରୀ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ ଦାସ, ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁରଜ୍, ଦିନେଶ ବେହେରା, ତପୋବନ୍ତ ମହାନନ୍ଦ, ଆମର ବେଦୀ, ନିହାର ବେହେରା, ସନ୍ତୋଷ ସାହୁ, ଗଣେଶ ନାଇଡୁ, ବରଗଡ଼ ବିଧାନ ସଭା ଯୁବ କଂଗ୍ରେସ ସଭାପତି ନୀତିନ ଦାସ, ମୁଜାଫର୍ ହୁସେନ, ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଅଭିଜିତ ଜେନା ବିଜୟ ପଟ୍ଟନାୟକ, ଅନିଲ ଅଗ୍ରୱାଲ, ଶ୍ୟାମ ଅଗ୍ରୱାଲ ପ୍ରମୁଖ ବହୁ କଂଗ୍ରେସ୍ କର୍ମୀ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ମଧୁ ଛନ୍ଦା ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଗୋଷ୍ଠୀ ସତ୍‌ସଙ୍ଗ ଓ ମହିମା ମେଳା



ଗଁଦିଆ, ୬ ।୨(ସମିସ): ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମହିମାଗାଦିରେ ଚାଲିଥିବା ମହିମା ମେଳାରେ ସୋମବାର ଗୋଷ୍ଠୀ ସତସଙ୍ଗ ସମ୍ପନ୍ନ ହୋଇଛି । ପୂର୍ବାହ୍ନରେ ବେଢ଼ା ମଧ୍ୟରେ ଗୋଷ୍ଠୀ ଭୋଜନ ଓ ଗୋଷ୍ଠୀ ସତ୍‌ସଙ୍ଗ ହୋଇଥିଲା । ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ବଲ୍କଲଧାରୀ ସନ୍ଥ, ୫ ଶହରୁ ଊର୍ଦ୍ଧ୍ୱ ସାଧୁ ଓ ୨ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ସମସ୍ତ ସାଧୁ ଓ ଶ୍ରଦ୍ଧାଳୁ ଏକତ୍ର ଭୋଜନ କରିବା ସହ ଭଜନ ଗାଇ ଧୁନୀମନ୍ଦିର, ଆଶ୍ରମ ମଣ୍ଡଳ, ନୀତି ମନ୍ଦିର ଦେଇ ଗାଦି ମନ୍ଦିର ଚତୁଃପାର୍ଶ୍ୱରେ ଭଜନ ଜଣାଣ କରିବା ସହ ଶରଣ ଦର୍ଶନ କରି ନିଜ ନିଜ ଅଞ୍ଚଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ବଲ୍କଲଧାରୀ ମହିମା ସମାଜ ସଭାପତି ଶୁକଦେବ ବାବା, ସମ୍ପାଦକ ନିତ୍ୟାନନ୍ଦ ବାବା, ପରିଚାଳନା କମିଟି ସଦସ୍ୟ ପ୍ରସନ୍ନ ବାବା, ପ୍ରମୋଦ ବାବା, ଶଙ୍କର୍ଷଣ ବାବା, ଗଦାଧର ବାବା, ଦୀନବନ୍ଧୁ ବାବା, ପ୍ରଭାସ ବାବା, ସାଧୁ ଅନାମ ଦାସ, ଚୈତନ୍ୟ ଦାସ, ଶ୍ରୀକାନ୍ତ ଦାସ ପ୍ରମୁଖ ଗୋଷ୍ଠୀ ଭୋଜନ ଓ ଗୋଷ୍ଠୀ ସତସଙ୍ଗ ପରିଚାଳନା କରିଥିଲେ ।

ସୂଚନାଯୋଗ୍ୟ, ଗୋଷ୍ଠୀ ସତସଙ୍ଗ ହେଉଛି ମହିମା ସମାଜ ସାଧୁସନ୍ଥମାନଙ୍କ ଏକ ପରମ୍ପରା । ଏହି ପରମ୍ପରାରେ ନୂତନ ଭାବେ ଡୋର, କୌପୀନ ଓ ବଲ୍କଲ ଧାରଣ କରିଥିଲେ ସନ୍ନ୍ୟାସୀମାନେ ଏହି ଦିନ ଗୋଷ୍ଠୀଭୁକ୍ତ ହୋଇ ଏକତ୍ର ଭୋଜନ କରିବା ସହ ପରସ୍ପରକୁ ଖୁଆଇ ଛୋଟବଡ଼, ଉଚ୍ଚନୀଚ ମନସ୍କତାଠାରୁ ଊର୍ଦ୍ଧ୍ୱରେ ରହି ଗୁରୁଶିଷ୍ୟ ପରମ୍ପରାକୁ ବଜାୟ ରଖିଥାନ୍ତି । ମହିମା ସ୍ୱାମୀଙ୍କ ସମୟରୁ ଏହା ପ୍ରଚଳିତ ହୋଇଆସୁଛି । ଚଳିତ ବର୍ଷ ୨୨ ଜଣ ବୈରାଗୀ ଡୋର କୌପୀନ ଗ୍ରହଣ କରି ଗୋଷ୍ଠୀଭୁକ୍ତ ହୋଇଥାନ୍ତି । ଦୀର୍ଘ ୧ ସପ୍ତାହ ହେଲା ମହିମା ମେଳାରେ ଯୋଗଦେଇଥିବା ପରିବ୍ରାଜକ ସନ୍ନ୍ୟାସୀମାନେ ନିଜ ନିଜ ଅଞ୍ଚଳକୁ ପ୍ରତ୍ୟାବର୍ତ୍ତନ କରି ଧର୍ମପ୍ରଚାରରେ ବ୍ରତୀ ରହିବେ ।

# ଧାନମଣ୍ଡିରେ ଅଖା ଟଙ୍କା ଯାଉଛି କୁଆଡ଼େ !

ଭୁବନ, ୬ ।୨(ସମିସ)



ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକରେ ଥିବା ବିଭିନ୍ନ ଧାନମଣ୍ଡିରେ ଅଖା ସହିତ ଧାନ ଦିଆଯାଉଥିବା ବେଳେ ସରକାରଙ୍କ ନିୟମ ଅନୁସାରେ ଅଖା ଟଙ୍କା ଚାଷୀଙ୍କୁ ଫେରସ୍ତ କରାଯିବା କଥା । ତେବେ ଭୁବନ ବ୍ଲକରେ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଉ ନ ଥିବା ବେଳେ ଚାଷୀଙ୍କ ଅଖା ପଇସା ଖାଉଛି କିଏ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଚଳିତ ବର୍ଷ ବନ୍ୟା, ବାତ୍ୟା କି ମରୁଡ଼ିର ପ୍ରଭାବ ନ ଥିଲା ଓ ଖୁବ ଭଲ ଅମଳ ଯୋଗୁଁ ଭଲ ଦି ପଇସା ପାଇବେ ବୋଲି ଚାଷୀମାନେ ଆଶା ବାନ୍ଧିଥିଲେ । ମାତ୍ର ଏହି ଆଶା ନିରାଶାରେ ପରିଣତ ହୋଇଛି । ମିଲରଙ୍କ କାରସାଦିରେ ପ୍ରଶାସନ ଫସିଯାଇଥିବା ବେଳେ ବାହୁନି କାନ୍ଦିବା ଛଡ଼ା ଚାଷୀ ପାଖରେ ଅନ୍ୟ ଉପାୟ ନାହିଁ । ଚାଷୀଙ୍କୁ ଶୋଷଣ କରିବା ଲାଗି ମିଲରଙ୍କ ଇଚ୍ଛା ପୂରଣ ହେଉଛି । ଏଥିପାଇଁ ଆରମ୍ଭରୁ ହିଁ ଯୋଜନାବଦ୍ଧ ଭାବେ କାରସାଦି ହୋଇଥିଲା ବୋଲି ଚର୍ଚ୍ଚା ଚାଲିଛି ।

ଧାନକିଣା ପ୍ରକ୍ରିୟାକୁ ତର୍ଜମା କଲେ ଏଭଳି ଚର୍ଚ୍ଚା ଅମୂଳକ ନୁହେଁ ବୋଲି ମଧ୍ୟ ବୁଝାପଡୁଛି । ପ୍ରଶାସନ ଡିସେମ୍ବରରେ ଧାନ ସଂଗ୍ରହ କମିଟି ବୈଠକ ଡାକିଥିଲା । ଅଧିକ ଅମଳକୁ ଦୃଷ୍ଟିରେ ରଖି ସଅଳ ଧାନକିଣା ପାଇଁ କଥା ଉଠିଥିଲେ ବି ଜାନୁଆରୀ ୧୨ରେ ଧାନ କିଣାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା । ମିଲରଙ୍କ ପ୍ରଥମ କାରସାଦି ସେହିଦିନ ସଫଳ ହୋଇଥିଲା । କାରଣ ଅମଳ ପରେ ମାସାଧିକ କାଳ ପରେ ୧୫ ପରେ ଧାନମଣ୍ଡିରୁ ଧାନ ଉଠିଲା । କୁଇଣ୍ଟାଲ ପିଛା ୫ କିଲୋ ଯାଏ କଟନୀଛଟନୀ ସବୁଠି ଚାଲିଛି । ଧାନମଣ୍ଡିରେ ଧାନ ମାପ ବେଳେ ୩୦୦, ୫୦୦ କିମ୍ବା ୯୦୦ ଗ୍ରାମ ଧାନକୁ ହିସାବକୁ ନିଆଯାଉନାହିଁ । ଚାଷୀମାନେ ଯେତେ ପ୍ରତିବାଦ କଲେ ମଧ୍ୟ କିଛି ଲାଭ ନାହିଁ । ପରିସ୍ଥିତି ଏମିତି ସୃଷ୍ଟି କରାଯାଇଛି ଯେ କଟନୀଛଟନୀକୁ ନେଇ ଚାଷୀ ଆଉ ଜୋରଦାର ପ୍ରତିବାଦ କରିବା ଅବସ୍ଥାରେ ନାହିଁ । ଅଧିକ ଅମଳ ସାଙ୍ଗକୁ ବିଳମ୍ବରେ ଧାନକିଣା ଚାଷୀକୁ ବ୍ୟସ୍ତ କରିଛି ।

## ଢେଙ୍କାନାଳ ବିଜେଡି ଜିଲ୍ଲା କମିଟି ଗଠିତ

# ୨୯ ସାଧାରଣ ସମ୍ପାଦକ, ୧୭ ସମ୍ପାଦକ ମନୋନୀତ

ଢେଙ୍କାନାଳ, ୬ ।୨(ସମିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଢେଙ୍କାନାଳ ଜିଲ୍ଲା ବିଜେଡି କମିଟି ଗଠିତ ହୋଇଛି । କମିଟିରେ ମୋଟ ୨୯ ଜଣ ସାଧାରଣ ସମ୍ପାଦକ ଓ ୧୭ ଜଣ ସମ୍ପାଦକ ରହିଛନ୍ତି । ଶଙ୍ଖ ଭବନରୁ ପ୍ରକାଶିତ ବିଜ୍ଞପ୍ତିରେ ସାଧାରଣ ସମ୍ପାଦକ ଭାବେ ପରଜଙ୍ଗ ବିଧାନସଭା କ୍ଷେତ୍ରର ଅଶୋକ ବେହେରା, ଢେଙ୍କାନାଳ ବିଧାନସଭା କ୍ଷେତ୍ରର ତିଳୋତ୍ତମା ଚୌଧୁରୀ, ଦେବାଶିଷ ମିଶ୍ର, ମହମ୍ମଦ ଆଫଜଲ, କାମାକ୍ଷାନଗର ବିଧାନସଭା କ୍ଷେତ୍ରର ହିମାଂଶୁ ଶେଖର ମହାପାତ୍ର, ସୁଧାକର ସାହୁ, ପରଜଙ୍ଗ ବିଧାନସଭା କ୍ଷେତ୍ରର ଗୌତମ ପାଣି, ହିନ୍ଦୋଳ ବିଧାନସଭା କ୍ଷେତ୍ରର ମମତାଞ୍ଜଳି ବେହେରା, ଢେଙ୍କାନାଳ ବିଧାନସଭା କ୍ଷେତ୍ରର ଅଜୟ ଭଞ୍ଜ ମନୋନୀତ ହୋଇଛନ୍ତି ।

ସେହିପରି ଢେଙ୍କାନାଳ ବିଧାନସଭା କ୍ଷେତ୍ରର ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ମିଶ୍ର, ଅଭିନ୍ନ ପଣ୍ଡା, କାମାକ୍ଷାନଗରର ନରେନ୍ଦ୍ର କୁମାର ସାହୁ, ଶୁଭ ପଣ୍ଡା, ସୋମନାଥ ମହାରଣା, ଢେଙ୍କାନାଳର ଅଶୋକ କୁମାର ପରିଡ଼ା, ପରଜଙ୍ଗର ଭ୍ରମରବର ସାସମଲ, କାମାକ୍ଷାନଗର ଅଭିମନ୍ୟୁ ବେହେରା, ପ୍ରେମାନନ୍ଦ ସାହୁ, ପରଜଙ୍ଗ ରମେଶ ଚନ୍ଦ୍ର ମିଶ୍ର, ଢେଙ୍କାନାଳର ନବକିଶୋର ସାମଲ, କାମାକ୍ଷାନଗର ରଞ୍ଜିତ ମଲ୍ଲିକ, ଅଜୟ ସେଠୀ, ଢେଙ୍କାନାଳର ବିଶ୍ୱନାଥ ବେହେରା, ହିନ୍ଦୋଳର ଚକ୍ରଧର ଦାସ, ରମେଶ ସାହୁ, କାମାକ୍ଷାନଗର ଦିଲୀପ ସେଣ୍ଠ, ହିନ୍ଦୋଳର ସସ୍ମିତା ମହାନ୍ତି, ସସ୍ମିତା ନାଏକ, ଢେଙ୍କାନାଳ ପ୍ରକାଶ ଚନ୍ଦ୍ର କୁଅଁର, କୋଷାଧକ୍ଷ ଭାବେ ପରଜଙ୍ଗର ବାବୁଲି ମହାଭୋଇ ମନୋନୀତ ହୋଇଛନ୍ତି । ସମ୍ପାଦକ ଭାବେ ପରଜଙ୍ଗର ନିର୍ମଳ ବାରିକ, ଢେଙ୍କାନାଳ ରଞ୍ଜନ ନାଏକ, ପରଜଙ୍ଗର ସର୍ବେଶ୍ୱର ବିଶ୍ୱାଳ, ଢେଙ୍କାନାଳ ସ୍ୱପ୍ନଦୂତ ନାଏକ, ପରଜଙ୍ଗ ଗୁଣନିଧି ସାହୁ, ଢେଙ୍କାନାଳ ସଞ୍ଜୀବ ମଲ୍ଲିକ, ସୁଶାନ୍ତ ଜେନା, କାମାକ୍ଷାନଗର ବାବୁଲି ରାଉତ, ପରଜଙ୍ଗ ପ୍ରିୟଦର୍ଶୀ ବିଶ୍ୱାଳ, କାମାକ୍ଷାନଗର ପିଣ୍ଟୁ ଦାସ, ବିଶ୍ୱଜିତ ବାରିକ, ହିନ୍ଦୋଳ ପ୍ରଶାନ୍ତ ଦାସ, ରୀତା ପ୍ରଧାନ, ଅଭିରାମ ଦଳେଇ, ପ୍ରତାପ କୁମାର ସାହୁ, ସଞ୍ଜୁକ୍ତା ବେହେରା, ଅନନ୍ତ ନାଏକଙ୍କୁ ମନୋନୀତ କରାଯାଇଛି ।

# କର୍ମଚାରୀଙ୍କୁ ଟାଟା ଷ୍ଟିଲର ସହଯୋଗ

ଖଜୁରିଆକଟା, ୬ ।୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀ ମେରାମୁଣ୍ଡଳୀସ୍ଥିତ ଟାଟା ଷ୍ଟିଲ୍ ଟେକ୍ନିକାଲ୍ ସର୍ଭିସେସ୍ ଲିମିଟେଡ୍‌ର କର୍ମଚାରୀ ଲକ୍ଷ୍ମଣ ନାଏକଙ୍କ ପରିବାର ପକ୍ଷରୁ କରାଯାଇଥିବା ଅଭିଯୋଗ ସମ୍ପର୍କରେ ଟାଟା ଷ୍ଟିଲ୍ ପଦକ୍ଷେପ ନେବାକୁ ଘୋଷଣା କରିଛି । ଏକ ପ୍ରେସ ବିବୃତିରେ କମ୍ପାନୀ ପକ୍ଷରୁ କୁହାଯାଇଛି ଲକ୍ଷ୍ମଣ କାର୍ଯ୍ୟକ୍ଷେତ୍ରରେ ଆହତ ହେବା ନେଇ ପରିବାର ପକ୍ଷରୁ କରାଯାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ । କମ୍ପାନୀର କୌଣସି ରେକର୍ଡରେ ଏଭଳି ଦୁର୍ଘଟଣାର ସୂଚନା ନାହିଁ । ମେକାନିକାଲ୍ ମେଣ୍ଟେନାନ୍ସ, ବିଓଏଫ୍ ବିଭାଗରେ କାର୍ଯ୍ୟରତ ଲକ୍ଷ୍ମଣ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ୨୦୨୫ ଫେବୃଆରୀରୁ ଅନୁପସ୍ଥିତ ଅଛନ୍ତି । ସେ ଅସୁସ୍ଥ ହେବା ପରଠାରୁ ହିଁ ତାଙ୍କ ପରିବାର ସହ କମ୍ପାନୀ ନିରନ୍ତର ଯୋଗାଯୋଗରେ ରହିଛି । ନିୟମ ଅନୁଯାୟୀ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି । ସେ ସ୍ନାୟୁଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବା ସୂଚନା ପାଇବା ପରେ ତାଙ୍କ ଚିକିତ୍ସା ଯେପରି ବାଧାପ୍ରାପ୍ତ ନ ହେବ ସେଥିପାଇଁ କମ୍ପାନୀ ପଲିସି ଅନୁସାରେ ତାଙ୍କୁ ମେଡିକାଲ ଇନସ୍ୟୁରାନ୍ସ ସୁବିଧା ଯୋଗାଇ ଦିଆଯାଉଛି । ଲକ୍ଷ୍ମଣଙ୍କ ପରିବାର ପକ୍ଷରୁ କରାଯାଇଥିବା କିଛି ଦାବି କମ୍ପାନୀର ନୀତି ଏବଂ ଆଇନଗତ ବ୍ୟବସ୍ଥା ବାହାରେ ରହିଥିଲେ ହେଁ ଟାଟା ଷ୍ଟିଲ୍ ଏବଂ ଟିଏସ୍‌ଟିଏସ୍‌ଏଲ୍ ସର୍ବଦା ସ୍ୱଚ୍ଛତା ଓ ମାନବିକତାର ସହ ନିଜ କର୍ମଚାରୀ ଓ ସେମାନଙ୍କ ପରିବାରକୁ ସହଯୋଗ କରିବା ପାଇଁ ପ୍ରତିବଦ୍ଧ ଥିବା କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି ।




# ପ୍ରାଣୀ କଲ୍ୟାଣ ସମ୍ପର୍କିତ ସଚେତନତା



ଗଁଦିଆ, ୬ ।୨(ସମିସ): ଢେଙ୍କାନାଳ ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ଗଁଦିଆ ବ୍ଲକ ଅନ୍ତର୍ଗତ ସ୍ୱେଚ୍ଛାସେବୀ ସଂଗଠନ ଐରା କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ପ୍ରାଣୀ ପ୍ରାଣୀ କଲ୍ୟାଣ ମାସ ପାଳନ ଉପଲକ୍ଷେ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶ୍ରୀକାନ୍ତ କୁମାର ପରିଡ଼ା, ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ପ୍ରଶିକ୍ଷକ ଡା. ଦେବୀପ୍ରସାଦ ମିଶ୍ର, ଯୋରନ୍ଦା ପ୍ରାଣୀ ଚିକିତ୍ସକ ଡା. ସୁବ୍ରତ ମାର୍ଥା, ସମାଜସେବୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା ଯୋଗଦେଇ ଚାଷୀମାନଙ୍କୁ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସୁବିଧା ସୁଯୋଗ ସମେତ ପ୍ରାଣୀ କଲ୍ୟାଣ ସମ୍ପର୍କରେ ସଚେତନ କରିଥିଲେ । ସରକାରଙ୍କ ପକ୍ଷରୁ ସବସିଡି ବ୍ୟବସ୍ଥା ବିଷୟରେ କହିଥିଲେ । ଚାଷୀମାନେ ଗୋ-ସୁଗମ ପୋର୍ଟାଲରେ ଆବେଦନ କରିବାକୁ ପରାମର୍ଶ ଦେଇଥିଲେ । ଐରା ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଚକ୍ରଧର ପାଣିଗ୍ରାହୀ, ବସନ୍ତ ପାଣି, ସୁଧୀର ପଣ୍ଡା, ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

# ଜାତିସଙ୍ଘ ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ କର୍ମଶାଳା



ଢେଙ୍କାନାଳ, ୬ ।୨(ସମିସ): ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମିଳିତ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟଗୁଡ଼ିକ ଉପରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି । ସୁସ୍ଥାୟୀ ବିକାଶ ସମ୍ପର୍କରେ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା । ପ୍ଲାନିଂ ଏବଂ ଷ୍ଟାଟିଷ୍ଟିକ୍ସ ଡେପୁଟି ଡାଇରେକ୍ଟର ରାଜବଲ୍ଲଭ କରଙ୍କ ମାର୍ଗଦର୍ଶନରେ ଜିଲ୍ଲା ଯୋଜନା ଓ ଅନୁଶ୍ରବଣ ୟୁନିଟ୍ ଦ୍ୱାରା କର୍ମଶାଳା ଆୟୋଜିତ ହୋଇଥିଲା । ମହାବିଦ୍ୟାଳୟ ଅଧ୍ୟକ୍ଷ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଅର୍ଥନୈତିକ ଅନ୍ୱେଷକ ଦେବାଶିଷ ପଟ୍ଟନାୟକ, ସହକାରୀ ନିର୍ଦ୍ଦେଶକ ଏବଂ ଜିଲ୍ଲା ଯୋଜନା କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ । ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ ସରକାରୀ ମହିଳା ମହାବିଦ୍ୟାଳୟ, ସରକାରୀ ପଲିଟେକ୍ନିକ୍ କଲେଜ, ସରକାରୀ ଆଇଟିଆଇ ଏବଂ ଇ-ଟେକ୍ ଆବାସିକ ଡିଗ୍ରୀ କଲେଜ ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ ।

# ଏଲଇଡି ବଲ୍‌ବ ମରାମତି କର୍ମଶାଳା




ଗଁଦିଆ, ୬ ।୨(ସମିସ): ଗଁଦିଆ ବ୍ଲକ ନୂଆଗଡ଼ସ୍ଥିତ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିବେଶ କ୍ଲବ ଓ ଏନର୍ଜି କ୍ଲବ ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରଶ୍ମିବାଳା ସାମଲଙ୍କ ତତ୍ତ୍ୱାବଧାନରେ ପରିବେଶ କ୍ଲବର ମାର୍ଗଦର୍ଶକ ଅଭୟ କୁମାର ଶତପଥୀଙ୍କ ସହଯୋଗରେ ଏଲଇଡି ବଲ୍‌ବ ମରାମତି କର୍ମଶାଳା ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ସାମନ୍ତ, ମୁଖ୍ୟବକ୍ତା ଭାବେ ପରିବେଶବିତ୍ ହରିହର ସାହୁ, ବିଶିଷ୍ଟ ଅତିଥି ଭାବେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ସତ୍ୟାନନ୍ଦ ପାଣି ଯୋଗଦେଇ ଏହି କର୍ମଶାଳା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ଜାଗ୍ରତ କରିବ ବୋଲି ମତବ୍ୟକ୍ତ କରିଥିଲେ । ନୂଆଗଡ଼ ଗ୍ରାମର ଆଶିଷ ରଞ୍ଜନ ପଣ୍ଡା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ବଲ୍‌ବ ମରାମତି ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ । ଶିକ୍ଷୟିତ୍ରୀ ଦୀପିକା ପଡ଼ିଆରୀ, ତପସ୍ୱିନୀ ସାହୁ, ପ୍ରଜ୍ଞାସିନୀ ଶତପଥୀ, ଶିକ୍ଷକ ଅରୁଣ ଧରୁଆ ଓ କର୍ମଚାରୀ ଗୋବର୍ଦ୍ଧନ ବେହେରା ସହଯୋଗ କରିଥିଲେ ।

# ଇନ୍ଦିପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଖଜୁରିଆକଟା, ୬ ।୨(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଇନ୍ଦିପୁର ସରପଞ୍ଚ ଲଳିତା ସାହୁ, ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟ ଶିକ୍ଷା କମିଟି ଅଧ୍ୟକ୍ଷ ଜ୍ୟୋତିଶଙ୍କର ନାୟକ, ଉପାଧ୍ୟକ୍ଷା ବବିତା ସାହୁ, ଏସ୍‌ଏଚଜି ସଭାନେତ୍ରୀ ମାମିଲତା ମହାରଣା ମଞ୍ଚାସୀନ ଥିଲେ । ବନ୍ଦନା ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଦେବେନ୍ଦ୍ର କୁମାର ନାୟକ, ଦିଲୀପ କୁମାର ରାଉତ, ସୁମିତ୍ରା ସେଠୀଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଶିକ୍ଷା ଏବଂ ବିଭିନ୍ନ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ ।

## ଆଭେନ୍ୟୁ ପ୍ଲାଣ୍ଟେସନ ନାମରେ ହରିଲୁଟ୍ ଘଟଣା

# ଅଭିଯୋଗ ପରେ ତଦନ୍ତ ଶୂନ

ହିନ୍ଦୋଳ, ୬ ।୨(ସମିସ)

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନବିଭାଗରେ ଆଭେନ୍ୟୁ ପ୍ଲାଣ୍ଟେସନ ନାମରେ ଲକ୍ଷଲକ୍ଷ ଟଙ୍କା ହରିଲୁଟ ଘଟଣାରେ ଗୋଟିଏ ବର୍ଷ ହେବ ବାରମ୍ବାର ଅଭିଯୋଗ ପରେ ଏଯାଏ କୌଣସି ତଦନ୍ତ କରାଯାଇ ନ ଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ହିନ୍ଦୋଳ ବନବିଭାଗ ଦ୍ୱାରା ହେଉଥିବା ଦୁର୍ନୀତି ବିଷୟରେ ଉପଖଣ୍ଡର ଜନସାଧାରଣରେ ବାରମ୍ବାର ଅଭିଯୋଗ କରିବା ସହ ଏ ନେଇ ମଧ୍ୟ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇଆସୁଛି । ହେଲେ କୌଣସି ତଦନ୍ତ ହେଉ ନ ଥିବା ଦେଖିବାକୁ ମିଳିଛି ।

ହାତୀ ପାଣି ପିଇବା ପାଇଁ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ବିଭାଗ ପକ୍ଷରୁ କେବଳ କାଗଜ କଲମରେ ପୋଖରୀ ଖୋଳାଯାଇଥିବା ଦର୍ଶାଯାଇଛି । ଜଙ୍ଗଲ ପାର୍ଶ୍ୱରେ ଟ୍ରେଞ୍ଚ ଖୋଳିବା ଓ ବନୀକରଣରେ ବିଭିନ୍ନ ଗଛ ଲଗାଇବା ନାମରେ ବିଭାଗ ଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ମିଥ୍ୟା ବିଲ୍ କରାଯାଇଥିବା ଅଭିଯୋଗ ହେଉଛି । ହେଲେ ଦୀର୍ଘ ଗୋଟିଏ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ତଦନ୍ତ ହୋଇପାରିଲା ନାହିଁ । ହିନ୍ଦୋଳ ବନଖଣ୍ଡ ଅଞ୍ଚଳରେ ପ୍ରତେକ ଦିନ ହାତୀ ଆକ୍ରମଣରେ ନିରୀହ ଲୋକଙ୍କ ମୃତ୍ୟୁ ହେବା ଓ କୃଷକମାନଙ୍କ ଉପାର୍ଜିତ ଫସଲକୁ ହାତୀପଲ ଉଜାଡ଼ି ଦେବା ଏବେ ଉପଖଣ୍ଡରେ ନିତିଦିନିଆ ଘଟଣା ପାଲଟିଥିବା ଦେଖିବାକୁ ମିଳୁଛି । ଏ ପର୍ଯ୍ୟନ୍ତ ବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଏ ଦିଗରେ ନିଆଯାଇ ନାହିଁ । ସନ୍ଧ୍ୟା ହେଉ କି ରାତି ଏପରିକି ଦିବାଲୋକରେ ମଧ୍ୟ ହାତୀ ଆକ୍ରମଣ କରୁଛି । ଗତ ଗୋଟିଏ ବର୍ଷ ମଧ୍ୟରେ ଉପଖଣ୍ଡରେ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଛି । ସଞ୍ଜ ନଇଁଲେ ବିଭିନ୍ନ ଗ୍ରାମରେ ତାଟିକବାଟ ପଡ଼ିଯାଉଛି । ହାତୀ ଭୟରେ ଗ୍ରାମାଞ୍ଚଳରେ ରାତି ହେଲେ ଯାହାର ଦେହ ଖରାପ ହେଲେ ଆମ୍ବୁଲାନ୍ସ ମଧ୍ୟ ଗ୍ରାମାଞ୍ଚଳକୁ ଆସିବାକୁ ନାରାଜ ହେଉଛନ୍ତି । କିଛିଦିନ ପୂର୍ବରୁ ବାଘଧରିଆ ଗ୍ରାମରୁ ଗୋଟିଏ ଦିନରେ ୩ ଜଣଙ୍କୁ ଘର ସମ୍ମୁଖରେ ହାତୀ ମାରିଦେଇଥିଲା । ଘଟଣା ପରେ ବିଭାଗପକ୍ଷରୁ ଗ୍ରାମରେ ସୌର ତାରବାଡ଼ ଓ ଗ୍ରାମର ବିଭିନ୍ନ ଅଞ୍ଚଳରେ ସୌର ଲାଇଟ ଲଗାଇବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା । ହେଲେ ଏହି ଘଟଣାକୁ ୬ ମାସ ବିତିଯାଇଥିଲେ ମଧ୍ୟ ବିଭାଗପକ୍ଷରୁ କୌଣସି ପ୍ରତିଶ୍ରୁତି ପାଳନ ହୋଇପାରିଲା ନାହିଁ । ସନ୍ଧ୍ୟା ହେଲେ ଲୋକେ ପଦାକୁ ବାହାରିବା ପାଇଁ ସୁରକ୍ଷିତ ମଣୁନାହାନ୍ତି ।



ଏଥିସହ ଜଙ୍ଗଲ ମାଫିଆ ଓ ଜନ୍ତୁ ଶିକାରୀମାନେ ଖୋଲାଖୋଲି ଜଙ୍ଗଲ ଚୋରି କରିବା ସହ ବାନ୍ୟଜନ୍ତୁ ଶିକାର କରୁଛନ୍ତି । ଏ ସବୁ ରୋକିବାରେ ବନବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଆଭେନ୍ୟୁ ପ୍ଲାଣ୍ଟେସନ, ବନୀକରଣ ଓ ପୋଖରୀ ଖୋଳାରେ ବିଭାଗ ଦ୍ୱାରା କୋଟି କୋଟି ଟଙ୍କା ହରିଲୁଟ ହୋଇଥିବା ଅଭିଯୋଗ ହୋଇଆସୁଛି । ମନରେଗା ଯୋଜନାରେ ୨ ବର୍ଷ ପୂର୍ବରୁ ଆଭେନ୍ୟୁ ପ୍ଲାଣ୍ଟେସନ ନାମରେ ଦୁଦୁରୁକୋଟ ପଞ୍ଚାୟତର ଦୁଦୁରୁକୋଟଠାରୁ ସାନହିନ୍ଦୋଳ ପର୍ଯ୍ୟନ୍ତ ୫ କିଲୋମିଟର ରାସ୍ତାର ଉଭୟ ପାର୍ଶ୍ୱରେ ଚାରାରୋପଣ କରାଯାଇଥିବା ଦର୍ଶାଯାଇଛି । କାର୍ଯ୍ୟର କୋଡ୍ ନମ୍ବର ୨୪୦୭୦୧୫/୧୦୮୪୯୦୭୯ ଏବଂ ଅଟକଳ ପରିମାଣ ୬୨୩୦୨୩ ଟଙ୍କା ହୋଇଥିବାବେଳେ ଶ୍ରମିକଙ୍କ ମଜୁରି ବାବଦ ୨୪୫୫୮୦ ଟଙ୍କା ଓ ସାମଗ୍ରୀ କିଣା ବାବଦ ୩୭୪୧୭୩ ଟଙ୍କା ଖର୍ଚ୍ଚ କରାଯାଇଥିବା ଦର୍ଶାଯାଇଛି । ହେଲେ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କଲେ ବାସ୍ତବ ଚିତ୍ର ଓଲଟା । ନା ହୋଇଛି ଚାରାରୋପଣ ନା ଅନ୍ୟ କାର୍ଯ୍ୟ । କେତୋଟି ହାତଗଣତି ଗଛ ଲଗାଇ ସରକାରୀ ଅର୍ଥକୁ ଉଠାଇ ନେଇଥିବା ଜଣାପଡ଼ିଛି । କିଛି ଶ୍ରମିକଙ୍କ ଆକାଉଣ୍ଟକୁ ଟଙ୍କା ପଠାଇ ପରବର୍ତ୍ତୀ ସମୟରେ ସେହି ଟଙ୍କାକୁ ବିଭାଗୀୟ କର୍ମଚାରୀ ହାତେଇ ନେଇଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି । ସାମଗ୍ରୀ କିଣା ବାବଦ ଟଙ୍କା ମିଥ୍ୟା ବିଲ୍ କରି ହଡ଼ପ କରାଯାଇଥିବା ଅଭିଯୋଗ ହେଉଛି । ଏହିପରି ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ବିଭାଗ ଦ୍ୱାରା କୋଟି କୋଟି ଟଙ୍କା ମିଥ୍ୟା ବିଲ୍ କରାଯାଇଥିବା ଅଭିଯୋଗ ହୋଇଆସୁଛି । ଏଣୁ ହିନ୍ଦୋଳ ବନବିଭାଗ ଦ୍ୱାରା ୪ ମଧ୍ୟରେ ହୋଇଥିବା ବିଭିନ୍ନ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରିବା ପାଇଁ ଉପଖଣ୍ଡର ବୁଦ୍ଧିଜୀବୀ ସମେତ ହିନ୍ଦୋଳ ସାମ୍ବାଦିକ ସଙ୍ଘ ପକ୍ଷରୁ ଦାବି ହେଉଛି । ଏ ସମ୍ପର୍କରେ ହିନ୍ଦୋଳ ବାନାଧିକାରୀ ତ୍ରିଲୋଚନ ଦେହୁରୀଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି ମୁଁ ଖୁବ କମ ଦିନ ହେଲା ହିନ୍ଦୋଳକୁ ଆସିଛି । ଏ ବିଷୟରେ କିଛି ଜାଣିନାହିଁ ବୋଲି ସେ କହିଛନ୍ତି ।

# ଚେକ୍ ବାଉନ୍ସ: ୩ ମାସ ଜେଲ୍‌ଦଣ୍ଡ

ଢେଙ୍କାନାଳ, ୬ ।୨(ସମିସ): ଚେକ ବାଉନ୍ସ ମାମଲାରେ ଅଭିଯୁକ୍ତଙ୍କୁ ୩ ମାସ ଜେଲ ଦଣ୍ଡ ହୋଇଛି । ଢେଙ୍କାନାଳ ସଦର ଥାନା ଚାଉଳିଆ ଗ୍ରାମର ସତ୍ୟବାଦୀ ନାଏକ ୨୦୦୯ରେ ଗଁଦିଆ ଥାନା ଡିହବାଇଁସିଆ ଗ୍ରାମର କାଳିଆ ନାଏକଙ୍କଠାରୁ ଟଙ୍କା ନେଇ ଗୋଟିଏ ଚେକ୍ ଦେଇଥିଲେ । ତେବେ କାଳିଆ ବ୍ୟାଙ୍କରେ ଚେକ୍ ଜମା କରିବା ପରେ ତାହା ବାଉନ୍ସ ହୋଇଥିଲା । ଏ ନେଇ ସେ ଗଁଦିଆ ଜେଏମ୍‌ଏଫ୍‌ସି କୋର୍ଟର ଆଶ୍ରୟ ନେଇଥିଲେ । ଜେଏମଏଫସି ସତ୍ୟବାଦୀଙ୍କୁ ମୁକ୍ତ କରିଦେଇଥିବା ବେଳେ କାଳିଆ ପୁଣି ଥରେ ଜିଲ୍ଲା ସେସନ୍ସ ଜଜଙ୍କ ନିକଟରେ ମାମଲା ରୁଜୁ କରିଥିଲେ । ସେସନ୍ସ ଜଜ ପ୍ରଣବ କୁମାର ରାଉତରାୟ ୧୩୮ ଧାରା ଅନୁସାରେ ସତ୍ୟବାଦୀଙ୍କୁ ୪ ଲକ୍ଷ ଟଙ୍କା ଜରିମାନା କରିବା ସହ ଅନାଦେୟ ୩ମାସ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି ।

# ପ୍ରଧାନଶିକ୍ଷୟିତ୍ରୀଙ୍କ ନାମରେ ଜିଲ୍ଲାପାଳଙ୍କୁ ଅଭିଯୋଗ

ଖଜୁରିଆକଟା, ୬ ।୨(ସମିସ): ଓଡ଼ାପଡ଼ା ବ୍ଲକ କାଳିକାପ୍ରସାଦସ୍ଥିତ ଜନତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଡ. ସବିତା ମହାପାତ୍ରଙ୍କ ମନମାନିକୁ ନେଇ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ଦିଆଯିବାରେ ଅବହେଳା କରାଯାଉଛି । କମିଟି କଥାକୁ ପ୍ରତ୍ୟାଖ୍ୟାନ କରାଯାଉଛି । ବିଦ୍ୟାଳୟର କୌଣସି କାର୍ଯ୍ୟ ସମ୍ପର୍କରେ କମିଟି ଅଧ୍ୟକ୍ଷଙ୍କୁ ଅବଗତ କରାଯାଉନାହିଁ । ସରକାରୀ କାଗଜପତ୍ରର ହିସାବ ମାଗିଲେ ମଧ୍ୟ ଦିଆଯାଉନାହିଁ । ଗତ ୪ ତାରିଖ ଛାତ୍ରଛାତ୍ରୀ, ଅଭିଭାବକ, ଅଧ୍ୟକ୍ଷ ଓ ସ୍ଥାନୀୟ ଲୋକଙ୍କୁ ନେଇ ଏକ ବୈଠକ ହୋଇଥିଲା । ବୈଠକରେ କିଛି ଛାତ୍ରୀ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ କହିଥିଲେ । ପରେ ପ୍ରଧାନଶିକ୍ଷୟିତ୍ରୀ ଏହା ଜାଣି ସେହି ଛାତ୍ରୀମାନଙ୍କୁ ଡାକି ଗାଳିଗୁଲଜ କରିବା ସହ ସମସ୍ତ ଛାତ୍ରଛାତ୍ରୀଙ୍କ ସାମ୍ନାରେ ଅପମାନିତ କରିଥିଲେ ବୋଲି ଛାତ୍ରୀମାନେ ଗଣମାଧ୍ୟମ ସାମ୍ନାରେ ଅଭିଯୋଗ କରିଥିଲେ । ଏପରିକି ସେ ନିଜ ସହକର୍ମୀଙ୍କ ନାମରେ ମିଥ୍ୟା ଆରୋପ ଲଗାଇବାକୁ ମଧ୍ୟ ପଛାଉ ନାହାନ୍ତି । ପ୍ରଧାନଶିକ୍ଷୟିତ୍ରୀଙ୍କ ଏପରି ମନମାନିକୁ ସାଧାରଣରେ ଦୃଢ଼ ନିନ୍ଦା କରାଯାଇଛି । ପ୍ରଧାନଶିକ୍ଷୟିତ୍ରୀଙ୍କୁ ଯଥାଶୀଘ୍ର ଅନ୍ୟତ୍ର ବଦଳି କରିବାକୁ ଦାବି କରିଛନ୍ତି । ନଚେତ୍ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ପଚାରିବାରେ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ମନଗଢ଼ା ବୋଲି ସେ କହିଛନ୍ତି । ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି ।

## ଧାନମଣ୍ଡିରେ କଟ୍‌ନୀଛଟ୍‌ନୀର ପ୍ରତିବାଦ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲା କଂଗ୍ରେସ




ଜଗତସିଂହପୁର,୬।୨(ସମିସ): ଜଗତସିଂହପୁର ଜିଲ୍ଲାରେ ଏବେ ବିଭିନ୍ନ ମଣ୍ଡିରେ ଧାନ କ୍ରୟ ପ୍ରକ୍ରିୟା ଚାଲିଥିବାବେଳେ ମିଲର ଅଭାବ ସାଙ୍ଗକୁ ମନଇଚ୍ଛା କଟନୀ ଛଟନୀ କରାଯାଉଥିବାରୁ ଚାଷୀ ନାନାପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି କେନ୍ଦ୍ର ସରକାର ମନରେଗାର ନାମ ପରିବର୍ତ୍ତନ ସହିତ ଯୋଜନାକୁ ବିକୃତ କରିଥିବା ଅଭିଯୋଗ କରିଛି କଂଗ୍ରେସ। ଏହାର ପ୍ରତିବାଦରେ ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକଙ୍କ ନେତୃତ୍ୱରେ ମନରେଗା ଆଇନର ପୁନଃପ୍ରଚଳନ ଓ ଧାନମଣ୍ଡିରେ ଚାଷୀ ଭୋଗୁଥିବା ସମସ୍ୟାର ସମାଧାନ ଦାବିରେ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଗଣଧାରଣାରେ ବସିଥିଲେ।

ମହାତ୍ମା ଗାନ୍ଧୀ କର୍ମନିଯୁକ୍ତି ଯୋଜନାର ନାମକରଣ ବଦଳାଇବା, ଯୋଜନାର ରୂପରେଖ ବିକୃତ କରିବା ଓ ମନରେଗା ଆଇନରେ ଥିବା ଶ୍ରମିକଙ୍କ ସ୍ୱାଧୀନ ଅଧିକାର ଓ ପଞ୍ଚାୟତର କ୍ଷମତାକୁ କେନ୍ଦ୍ର ସରକାର ଭିବି - ଜି - ରାମ ଜି ସ୍କିମ ମାଧ୍ୟମରେ ନିଜ ହାତକୁ ନେଇଯିବା ସହ ତାକୁ କେନ୍ଦ୍ରର ଇଚ୍ଛାଧୀନ କରି ରଖିବାକୁ ବିରୋଧ କରି କଂଗ୍ରେସ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତତସହିତ ଜିଲ୍ଲାର ଧାନମଣ୍ଡିରେ ଚାଷୀଙ୍କଠାରୁ ଭଲ ଧାନକୁ ଖରାପ ଦର୍ଶାଇ ଜୋର ଜବରଦସ୍ତ ପାଖାପାଖି ୪ କେଜି ଧାନ କାଟି ନିଆଯାଉଛି। ଅଖା ବାବଦକୁ କ୍ୱିଣ୍ଟାଲ ପ୍ରତି ୧.୫ କେଜି ଧାନ କାଟିବା ସତ୍ତ୍ୱେ ଚାଷୀଙ୍କୁ ଚିରା ଫଟା ଅଖା ଦିଆଯାଉଛି। ଜିଲ୍ଲାରେ ଧାନ ସଂଗ୍ରହ ପାଇଁ ମାତ୍ର ଅଳ୍ପ ସଂଖ୍ୟକ ମିଲର ଥିବାରୁ ସେମାନଙ୍କର ଏକଚାଟିଆ ନୀତି ଚାଲୁଥିବାରୁ କଂଗ୍ରେସ ଦଳ ଅଧିକ ସଂଖ୍ୟକ ମିଲକ ନିଯୁକ୍ତ କରିବା ପାଇଁ ଦାବି କରାଯାଇଥିଲା। ଜିଲ୍ଲାରେ ମିଲରଙ୍କ ସଂଖ୍ୟା କମ୍ ଥିବାରୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡି ରହୁଛି। ମଣ୍ଡିରେ କଣ୍ଟା ବାବଦକୁ ସୋସାଇଟି କଣ୍ଟା ଶ୍ରମିକଙ୍କୁ ପାରିଶ୍ରମିକ ଦେଉଥିବା ସତ୍ତ୍ୱେ ଚାଷୀଙ୍କଠୁ ମଧ ଅତିରିକ୍ତ ପଇସା ଆଦାୟ କରାଯାଉଛି। ପରେ ଜିଲ୍ଲା କଂଗ୍ରେସର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ପୃଥକ ପୃଥକ ଦାବି ପତ୍ର ପ୍ରଦାନ କରିଥିଲେ। ଏଥିରେ ଜିଲ୍ଲା କଂଗ୍ରେସ କମିଟିର ଉପ ସଭାପତି ଦିଜବର ଦାସ, ବଲ୍ଲଭାନନ୍ଦ ସ୍ୱାଇଁ, ପ୍ରଶାନ୍ତ ଦାସ, ଅଶ୍ୱିନୀ ସ୍ୱାଇଁ, ମହମ୍ମଦ ଅବଦୁଲ ୱାହିଦ, ଅମ୍ବିକା ପ୍ରସାଦ ଦାସ, ସୁବ୍ରତ ରାୟ, କାର୍ଯ୍ୟକାରୀ ସଦସ୍ୟ ଶ୍ରୀଚରଣ ରାଉତ, ଦୀପ୍ତିରାଣୀ ପ୍ରଧାନ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ବିଦ୍ୟାଧର ବାରିକ, ଶୁଭନାରାୟଣ ନାୟକ, ଜାନକୀ ମହାରଥା, ବାବୁଲି ପଟ୍ଟନାୟକ, ଅଶୋକ ଜେନା, ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ସରୋଜ ପ୍ରଧାନ, ରୂପଶ୍ରୀ ରାଗିଣୀ ଦାସ, ଦିଲ୍ଲୀପ ମାହାର, ଜିତୁ ନାରାୟଣ ସାହୁ, ଧନଞ୍ଜୟ ସୂତାର, ମାନସ ଗୋଛାୟତ, ବୃନ୍ଦାବନ ପ୍ରଧାନ, ପ୍ରହଲ୍ଲାଦ ବିଶ୍ୱାଳ, ଜିଲ୍ଲା କଂଗ୍ରେସ କମିଟି ମୁଖପାତ୍ର ସର୍ବେଶ୍ୱର ପଣ୍ଡା , ସମସ୍ତ ବ୍ଲକ ଓ ନଗର କଂଗ୍ରେସ ସଭାପତି, କଂଗ୍ରେସ ସମର୍ଥିତ ସରପଞ୍ଚ, ସମିତି ସଭ୍ୟ, ଯୁବ କଂଗ୍ରେସ ନେତା ପ୍ରୀତମ ପରିଜା, ସରସ୍ୱତୀ ସାହୁ ଓ ସାଇ ପ୍ରଭଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଜଗତସିଂହପୁର ଜିଲ୍ଲା କମିଟି ନାଁ ଘୋଷଣା କଲା ବିଜେଡି

# ପାରାଦୀପରେ ନୂଆ ସମୀକରଣର ସଙ୍କେତ

ପାରାଦୀପ/ଜଗତସିଂହପୁର, ୬।୨ (ସମିସ): ଜଗତସିଂହପୁର ଜିଲ୍ଲା ବିଜେଡି ସଙ୍ଗଠନକୁ ଅଧିକ ମଜଭୁତ କରିବା ଲକ୍ଷ୍ୟରେ ରାଜ୍ୟ ବିଜେଡି ଅଧିକ ପ୍ରାଧାନ୍ୟ ଦେଇଛି। ଏନେଇ ଶୁକ୍ରବାର ସନ୍ଧ୍ୟାରେ ଘୋଷଣା କରାଯାଇଥିବା ଜିଲ୍ଲା କମିଟିରେ ଜିଲ୍ଲାରୁ ପାରାଦୀପ ମ୍ୟୁନିସିପାଲିଟିକୁ ଅଧିକ ପ୍ରାଧାନ୍ୟ ଦିଆଯିବା ସହିତ ଅନେକ ନୂଆ ମୁହଁକୁ ସୁଯୋଗ ମିଳିଥିବା ଦେଖିବାକୁ ମିଳିଛି। ତେବେ ବିଜୁ ଜନତା ଦଳର ମୁଖିଆ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଗତସିଂହପୁର ଜିଲ୍ଲାର ଜିଲ୍ଲା କମିଟି ଗଠନ କରି ଆଜି ସେମାନଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ଯେହେତୁ ଏଥିରେ ପାରାଦୀପ ପୌରାଞ୍ଚଳ କୁ ଅଧିକ ଗୁରୁତ୍ୱ ଦିଆଯାଇଛି, ତେବେ ଆଗକୁ ପୌର ନିର୍ବାଚନରେ ପାରାଦୀପ ରାଜନୀତି ରେ ନୂଆ ସମିକରଣର ଆଭାସ ଏବେଠୁ ବାରି ହୋଇ ପଡିଛି।ଏହି ଘୋଷଣା ପରେ ପାରାଦୀପ ରାଜନୈତିକ ବାତାବରଣ ଏକ ପ୍ରକାର ଉଷ୍ମ ହୋଇ ଉଠିଛି। ବିଶେଷକରି ଗତ କିଛି ଦିନ ତଳେ ପାରାଦୀପ ନଗର ସଭାପତି ଭାବେ ବରିଷ୍ଠ ବିଜେଡି ନେତା କୁମର ବର ନାୟକଙ୍କୁ ଦଳ ସଭାପତି ଭାବେ ନୂଆ ଦାୟିତ୍ୱ ଦେଇଥିଲା। ଆଜି ଜିଲ୍ଲା କମିଟିରେ କୁମରଙ୍କ ଅନେକ ସହଯୋଗୀ ଙ୍କୁ ଜିଲ୍ଲା ଉପସଭାପତି, ସାଧାରଣ ସମ୍ପାଦକ ଓ ସମ୍ପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମଧ ମିଳିଛି। ଆଗକୁ ପୌର ନିର୍ବାଚନ ଓ ପଞ୍ଚାୟତ ନିର୍ବାଚନ ଥିବାରୁ ପ୍ରକାନ୍ତରେ ଦେଖିଲେ ଆଗାମୀ ନିର୍ବାଚନ ରେ ଦଳର ସାଙ୍ଗଠନିକ ଦାୟିତ୍ୱ ଏକ ପ୍ରକାର ବାପି ସର୍ଖେଲ ଙ୍କ ହାତ ମୁଠା କୁ ଚାଲିଯାଇଛି।ବାପି ଙ୍କର ସମର୍ଥକଙ୍କୁ ଜିଲ୍ଲା କମିଟିରେ ପୁରା ପ୍ରାଧାନ୍ୟ ଦିଆଯାଇଥିବା ଦେଖିବାକୁ ମିଳିଛି। ତେବେ ଆଗକୁ ଏହି ନିର୍ବାଚନ ବୈତରଣୀ କୁ ବାପି କିଭଳି ସାମ୍ନା କରି ଦଳକୁ ପୂର୍ବ ଅବସ୍ଥାରେ ବଜାଇ ରଖିବେ ତାହା ଦେଖିବାକୁ ବାକି ରହିଲା। ଏହି ସବୁ କଥା ଏବେ ଦଳୀୟ କର୍ମୀ ଙ୍କ ମହଲରେ ଏ ପ୍ରକାର ଆଲୋଚନା ଆରମ୍ଭ ହୋଇ ଯାଇଛି। ଆଜି ପ୍ରକାଶିତ ତାଲିକା ଅନୁସାରେ ଜିଲ୍ଲା କମିଟି ରେ ପାରାଦୀପ ପୌରାଞ୍ଚଳ ରୁ ବରିଷ୍ଠ ବିଜେଡି ନେତା ଜ୍ୟୋତିକାନ୍ତ ପରିଡା (ବାପୁ) ଙ୍କୁ ଜିଲ୍ଲା ଉପସଭାପତି ଭାବେ ନିଯୁକ୍ତି ମିଳିଥିବା ବେଳେ ସାଧାରଣ ସମ୍ପାଦକ ଭାବେ ବର୍ତ୍ତମାନର ପାରାଦୀପ ପୌର ପରିଷଦ ର ଉପାଧ୍ୟକ୍ଷା ଙ୍କ ସ୍ୱାମୀ ନରେନ୍ଦ୍ର ରାଉତ, ଚିତ୍ତ ରଞ୍ଜନ ରାଉତରାୟ, ଚିନ୍ମୟ ରଞ୍ଜନ ପରିଡା, ନିରଞ୍ଜନ ପ୍ରଧାନ ଙ୍କୁ ଓ ସମ୍ପାଦକ ଭାବେ ଅନୁପ କୁମାର ସହାଣୀ, ମାନସ ରଞ୍ଜନ ବିଶ୍ୱାଳ, କାମ୍ବଲା ଜଗନ୍ନାଥ ରାଓ ଓ ସୁଶୀଲ ମହାପାତ୍ର, ଅମରେନ୍ଦ୍ର ରାଉତରାୟ ଓ ମାନସ ପରିଡ଼ାଙ୍କୁ ନିଯୁକ୍ତି ମିଳିଛି।



**ଅନେକ ନୂଆ ମୁହଁଙ୍କୁ ସୁଯୋଗ**

## ପ୍ରଶାନ୍ତ ଦାସଙ୍କୁ ଜିଲ୍ଲା କଂଗ୍ରେସ ଉପସଭାପତି



ରଘୁନାଥପୁର,୬।୨(ସମିସ): ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟିରେ ପ୍ରଶାନ୍ତ କୁମାର ଦାସଙ୍କୁ ଜିଲ୍ଲା ଉପସଭାପତି ରୂପେ ମନୋନୀତ କରାଯାଇଛି। ସେ ପୂର୍ବରୁ ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଓ ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏହି ଘୋଷଣା ପରେ ରଘୁନାଥପୁର ବ୍ଲକର କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ରଘୁନାଥପୁର ବ୍ଲକ କଂଗ୍ରେସ କର୍ମୀଙ୍କ ପକ୍ଷରୁ ଶ୍ରୀ ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ତାଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ ପରେ ଦଳର ସଂଗଠନ ଆହୁରି ଦୃଢ ହେବ ବୋଲି କର୍ମୀ ଆଶା ପ୍ରକଟ କରିଛନ୍ତି। ଶ୍ରୀ ଦାସଙ୍କ ସହିତ ବିଶ୍ୱଜିତ ମହାନ୍ତି, ପ୍ରଦୀପ ସ୍ୱାଇଁ, ପ୍ରଦୀପ ନାୟକ, ବିଜୟ ଦାସ, ଅଜିତ ଓଝା, ବିମଳାକାନ୍ତ ଦାସ, ବିଭୁରଞ୍ଜନ ସ୍ୱାଇଁ, ବସନ୍ତ ଦାସ ରାଜ୍ୟ କଂଗ୍ରେସ ଓ ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି।

## ଜିଲ୍ଲା ସ୍ତରୀୟ ବିଶ୍ୱ କର୍କଟ ଦିବସ ପାଳିତ

ଜଗତସିଂହପୁର, ୬।୨(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶ୍ୱ କର୍କଟ ଦିବସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହ ପରିସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାଜେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ପାଳନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ସୁପେରିଟେଣ୍ଡେଣ୍ଟ ଡାକ୍ତର ସରୋଜ କୁମାର ଜେନା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ କୁମାର ବାରିକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଶ୍ମୀରଞ୍ଜନ ପଟ୍ଟନାୟକ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବାସନ୍ତୀ ପାଲ, ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦେବପ୍ରସାଦ ପଣ୍ଡା, ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବରୋଦା ପ୍ରସନ୍ନ ଜେନା ଏବଂ ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ସୋନାଲି ପ୍ରିୟଦର୍ଶିନୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହି ଦିବସର ବାର୍ତ୍ତା "ଅନନ୍ୟ ଓ ସମ୍ମିଳିତ ପ୍ରୟାସ ଉପଯୋଗରେ କର୍କଟ ରୋଗର ନିରାକରଣ" ଉପରେ ଆଲୋଚନା କରିଥିଲେ। କର୍କଟ ରୋଗରେ ପ୍ରତିରୋଧର ଉପାୟ ଅବଲମ୍ବନ, ସଅଳ ଚିହ୍ନଟ ଏବଂ ଉପଯୁକ୍ତ ଚିକିତ୍ସା ଦ୍ୱାରା କର୍କଟରୋଗ ଆରୋଗ୍ୟ ସାଧ୍ୟ। ଏହି ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ନର୍ସିଂ ଅଧିକାରୀ, ସ୍ୱାସ୍ଥ୍ୟ କାଉନସେଲର ଏବଂ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ଡାକ୍ତର ସ୍ମୃତିରଞ୍ଜନ ପଣ୍ଡା ସଭା ପରିଚାଳନା କରିଥିବାବେଳେ ସହାୟକ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ସୁବ୍ରତ କୁମାର ମହାପାତ୍ର ସହଯୋଗ କରିଥିଲେ। ସହାୟକ ମ୍ୟାନେଜର ସୁଜାତା କବି ଧନ୍ୟବାଦ ଅର୍ପଣ କରିଥିଲେ।

## ଅଧ୍ୟାପକ ବସନ୍ତ ମହାନ୍ତିଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର



ବାଲିକୁଦା, ୬।୨(ସମିସ): ବାଲିକୁଦା ବ୍ଲକ୍ ବସନ୍ତ କୁମାର ମହାନ୍ତିଙ୍କୁ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ପ୍ରକୃତି ବନ୍ଧୁ ପୁରସ୍କାର ଜଗତସିଂହପୁର ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର ଅର୍ପଣ କରିଛନ୍ତି। ଶ୍ରୀ ମହାନ୍ତି ଜଣେ ପରିବେଶବିତ ଭାବେ ଦୀର୍ଘ ଦିନ ହେବ ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରୋତ୍ସାହନ ସ୍ୱରୂପ ଦଶ ହଜାର ଟଙ୍କା ସହିତ ପ୍ରମାଣ ପତ୍ର ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ମେହେରଙ୍କ ଠାରୁ ଗ୍ରହଣ କରିଛନ୍ତି। ପୂର୍ବରୁ ଶ୍ରୀ ମହାନ୍ତି ଦୁଇ ଥର ପ୍ରକୃତି ମିତ୍ର ପୁରସ୍କାର, ସ୍ୱେଚ୍ଛାସେବୀ ଅନୁଷ୍ଠାନ "ଜୋସା" ତରଫରୁ ଗ୍ରହଣ କରିଛନ୍ତି। ଶ୍ରୀ ମହାନ୍ତି ଦୀର୍ଘ ୩୩ବର୍ଷ ହେବ ସ୍ୱେଚ୍ଛାସେବୀ ଭାବେ ଅନେକ ଲୋକହିତକର କାର୍ଯ୍ୟକ୍ରମ କରିଛନ୍ତି।

## ବ୍ୟାଙ୍କ୍ ସମ୍ମୁଖରୁ ଶିକ୍ଷୟିତ୍ରୀଙ୍କ ଠାରୁ ଲୁଟ

ତିର୍ତ୍ତୋଲ,୬।୨(ସମିସ): ତିର୍ତ୍ତୋଲ ଥାନା ଅଧୀନ ମଣିଜଙ୍ଗାସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍ ତିର୍ତ୍ତୋଲ ଶାଖା ସମ୍ମୁଖରୁ ଶୁକ୍ରବାର ମଧ୍ୟାହ୍ନରେ ଜଣେ ଶିକ୍ଷୟିତ୍ରୀଙ୍କଠାରୁ ଏକଲକ୍ଷ ଟଙ୍କା ଲୁଟ୍ ହୋଇଥିବାବେଳେ ଲୁଟେରାକୁ ଲୋକେ ଗୋଡେଇ ଗୋଡ଼େଇ ଧରି ପୁଲିସକୁ ହସ୍ତାନ୍ତର କରିଛନ୍ତି। ଶିକ୍ଷୟିତ୍ରୀ ଏକ ଲକ୍ଷ ଟଙ୍କା ପିଏନ୍‌ବି ବ୍ୟାଙ୍କ୍‌ରୁ ଉଠାଇ ବ୍ୟାଙ୍କ୍ ବାହାରକୁ ଆସିଥିବାବେଳେ ପୂର୍ବରୁ ପ୍ରସ୍ତୁତ ଥିବା ତିର୍ତ୍ତୋଲ ଥାନା ଅଧୀନ ପିପ୍ପଳମାଧବ ପଞ୍ଚାୟତ ବଡିଲୋ ଗ୍ରାମର ଲୁଟେରା ଅରବିନ୍ଦ ଦାସ( ଅରୁ) ଶିକ୍ଷୟିତ୍ରୀଙ୍କ ଠାରୁ ଟଙ୍କା ବ୍ୟାଗ ଝାମ୍ପି ନେଇ ଚମ୍ପଟ ମାରିବାକୁ ଚେଷ୍ଟା କରିଥିଲେ। ଶିକ୍ଷୟିତ୍ରୀ ଜଣକ ଚିତ୍କାର କରିବାରୁ ଆଖ ପାଖ ଲୋକେ ଲୁଟେରାକୁ ଗୋଡ଼ାଇ ଥିଲେ। ପରେ ଧରି ପୁଲିସକୁ ଦେଇଥିଲେ। ପୁଲିସ ଲୁଟେରାକୁ ଥାନା କୁ ଆଣି ପଚରାଉଚୁରା ଚଳେଇଛି । ଏନେଇ ଏକ ମାମଲା ରୁଜୁ ହୋଇଛି।

**ଲୁଟେରାକୁ ଗୋଡ଼ାଇ ଧରିଲେ ଲୋକେ**

## ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତିଙ୍କ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ




ଜଗତସିଂହପୁର,୬।୨(ସମିସ): ଲୋକକବି ବାଳକୃଷ୍ଣ ମହାନ୍ତି ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଲୋକକବିଙ୍କ ୩ ଦିନ ଚାଲିଥିବା ଜୟନ୍ତୀ ଉତ୍ସବ ଆଜି ଉଦଯାପିତ ହୋଇଯାଇଛି। ପରିଷଦର ଅଧ୍ୟକ୍ଷ ମହେନ୍ଦ୍ର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଦୈନିକ ସମାଜର ମୁଖ୍ୟ ପରିଚାଳକ, ନାଟ୍ୟକାର ଗୋପୀନାଥ ବାରିକ, ଓଡିଶା ସାହିତ୍ୟ ଏକାଡେମୀର ସହକାରୀ ସଚିବ ସଞ୍ଜୟ କୁମାର ଛୁଆଳସିଂହ, ସଙ୍ଗୀତ ନାଟକ ଏକାଡେମୀର କାର୍ଯ୍ୟକାରୀ ସଭ୍ୟ ପବିତ୍ର କୁମାର ପଟ୍ଟନାୟକ, ଜଗତସିଂହପୁର ତହସିଲଦାର ଅଜୟ କୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ମୃତି ଚାରଣ ସଭାରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସୁବାସ ଚନ୍ଦ୍ର ବେହୁରା ପ୍ରଦାନ କରିଥିବା ସମୟରେ ବେଦପାଠ କରିଥିଲେ ସାଇ ଶ୍ରେୟଂସୀ। ଏ ଅବସରରେ ଲୋକକବି ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତିଙ୍କ ସୁଦୀର୍ଘ ନାଟ୍ୟ ଜୀବନ, ଅଧ୍ୟବସାୟ ଓ ଉଦ୍ୟମ ପ୍ରସଙ୍ଗରେ ବକ୍ତାମାନେ ଅଭିଭାଷଣ ରଖିବା ସହିତ ମଞ୍ଚସଜ୍ଜା, ନାଟକ ରଚନା, ଅଭିନୟ, ନିର୍ଦ୍ଦେଶନା, ସଙ୍ଗୀତ ପରିଚାଳନା କ୍ଷେତ୍ରରେ ଥିବା ବିଶେଷତ୍ୱ ପ୍ରସଙ୍ଗ ଉପରେ ଉପସ୍ଥାପନ କରିବା ସହିତ ଆଗାମୀ ଦିନରେ ଲୋକକବିଙ୍କ ସ୍ମୃତିକୁ ସମଗ୍ର ଓଡ଼ିଶାରେ ପ୍ରଚାର ପ୍ରସାର ପାଇଁ ଉଦ୍ୟମ କରିବା ପାଇଁ ପ୍ରେରଣା ଯୋଗାଇଥିଲେ।

ଉଦଯାପନୀ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଓଡିଶା ସାହିତ୍ୟ ଏକାଡେମୀ ପ୍ରାୟୋଜିତ କବି ସମ୍ମିଳନୀ ବେଶ ଆକର୍ଷଣୀୟ ହୋଇଥିଲା। ବିଶେଷ କରି ନାଟକ, ଚଳଚିତ୍ର, ସଙ୍ଗୀତ ପ୍ରସଙ୍ଗକୁ ନେଇ ଆୟୋଜିତ ଜଣା ଅଜଣା କାର୍ଯ୍ୟକ୍ରମରେ ବହୁ ପ୍ରତିଯୋଗୀ ଯୋଗଦେଇଥିଲେ। ଶେଷରେ ଅବନୀକାନ୍ତ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ଓ ପରେ ପରେ ବାଳକୃଷ୍ଣଙ୍କ ରଚିତ ନାଟକ 'କୁମୁଦ କେଦାର' ପରିବେଷଣ ହୋଇଥିଲା।

## ଅଖିଳ ଭାରତ ବୃହତ୍ ବନ୍ଦର କବାଡି ପ୍ରତିଯୋଗିତା



ପାରାଦୀପ, ୬।୨(ସମିସ): ପାରାଦୀପ ବନ୍ଦର ଓ ଅଖିଳ ଭାରତ ବୃହତ୍ ବନ୍ଦର ଖେଳ ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ପାରାଦୀପର ବିଜୁ କନଭେସନ୍ ସେଣ୍ଟରରେ ୪୧ତମ ଅଖିଳ ଭାରତ ବୃହତ୍ ବନ୍ଦର କବାଡି ପ୍ରତିଯୋଗିତା ଆରମ୍ଭ ହୋଇଛି। ବନ୍ଦର ମୁଖ୍ୟଯନ୍ତ୍ରୀ ଓ ଗୋପବନ୍ଧୁ କ୍ରୀଡ଼ା ସଂସଦର ସଭାପତି ଏଚ ଏସ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବନ୍ଦର ଅଧକ୍ଷ ପି ଏଲ ହରନାଦ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ବନ୍ଦର ଉପାଧକ୍ଷ ଟି ବେଣୁଗୋପାଳ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ସେଠୀ ସ୍ୱାଗତ ଭାଷଣ ରଖିଥିଲେ। ଏହି ପ୍ରତିଯୋଗିତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ପ୍ରତିଯୋଗିତାରେ ଆୟୋଜକ ପାରାଦୀପ ବନ୍ଦର ଛଡ଼ା ଚେନ୍ନାଇ, ଦିନଦୟାଲ, ମୁମ୍ବାଇ, ନ୍ୟୁ ମାଙ୍ଗାଲୋର, ବିଶାଖାପାଟଣା ଓ ଜବାହରଲାଲ ନେହେରୁ ବନ୍ଦର ଅଂଶ ଗ୍ରହଣ କରିଛନ୍ତି। ଉଦଘାଟନୀ ମ୍ୟାଚରେ ପାରାଦୀପ ବନ୍ଦର ଦୀନଦୟାଲ ବନ୍ଦରକୁ ପରାସ୍ତ କରିଥିଲା।

## ଅରଡ଼ାରେ ତ୍ରୟୋଦଶ ଗାୟତ୍ରୀ ଯଜ୍ଞ ଉଦ୍‌ଯାପିତ

ଜଗତସିଂହପୁର,୬।୨(ସମିସ): ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ୍ ଅଧୀନ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତ ଅରଡ଼ା ଗ୍ରାମରେ ତ୍ରୟୋଦଶ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଗୁରୁକୃପା ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି ଯଜ୍ଞ ଭକ୍ତିବାବାଙ୍କ ତତ୍ତ୍ୱାବଧାନରେ ତିନିଦିନ ଧରି ପାଳନ ହୋଇଥିଲା। ପ୍ରଥମ ଦିନ ଦୁଇଶହ ମହିଳା କଳସ ଶୋଭାଯାତ୍ରାରେ ଭାଗ ନେଇଥିଲେ। ଆଖପାଖ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇଥିଲେ। ଗୁରୁକୃପା ଟ୍ରଷ୍ଟର ସମସ୍ତ ସଦସ୍ୟ ସଦସ୍ୟା, ଭକ୍ତି ପରିବାରର ସମସ୍ତ ଭକ୍ତ ଅରଡ଼ା କ୍ଲବର ସମସ୍ତ ସଭ୍ୟ ଓ ଅରଡ଼ା ଗ୍ରାମର ସମସ୍ତ ଜନସାଧାରଣ ଏଥିରେ ସହଯୋଗ କରିଥିଲେ।

## ହାଇସ୍କୁଲ ଏକାଦଶ ବାର୍ଷିକ ପୁରାତନ ବିଦ୍ୟାର୍ଥୀ ସମାବେଶ



କୁଜଙ୍ଗ,୬।୨(ସମିସ): ଆଜିର ସମୟରେ ନିଜର ଲୋକ, ପାରିବାର କୁ ଲୋକେ ବ୍ୟସ୍ତତା ହେଉ କର୍ମ ଜଞ୍ଜାଳ ହେଉ ଭୁଲି ଯାଉଥିବା ବେଳେ ପଙ୍କପାଳ ହାଇ ସ୍କୁଲ ର ୧୯୮୪ ମାଟ୍ରିକ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀମାନେ ନିରବଛିନ୍ନ ନିଜ ସ୍କୁଲକୁ ଯାଇ କୃତଜ୍ଞତା ଜ୍ଞାପନ କରିବା ପୁରୁଣା ସ୍ମୃତିକୁ ସ୍ମରଣ କରିବା ଏକ ପରମ୍ପରା ସୃଷ୍ଟି କରିଛି। ଦୀର୍ଘ ୧୧ ବର୍ଷ ହେଲା ଆସ ଫେରିଯିବା ଚଉରାଶିକୁ ନେଇ କବିତା ପାଠ, ଆଲୋଚନା ଚକ୍ର ଓ ଚାରାରୋପଣ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ମର୍ମରେ ଏହି ବ୍ୟାଚ୍ ଛାତ୍ର ଛାତ୍ରୀ ଲୋକନାଥ ଓଝା, ଚିତ୍ତରଞ୍ଜନ ସାହୁ, ପ୍ରଦୀପ୍ତ କୁମାର ସାହୁ, ଶ୍ରୀକୃଷ୍ଣ ଚନ୍ଦ୍ର ମହାପାତ୍ର, ସନ୍ତୋଷ କୁମାର ସାମନ୍ତରାୟ, ପ୍ରଶାନ୍ତ କୁମାର ପଟ୍ଟନାୟକ, ପ୍ରଦୀପ୍ତ କୁମାର ମିଶ୍ର, ଅଜିତ କୁମାର ବିଶ୍ୱାଳ, କ୍ଷୀରୋଦ କୁମାର ନାୟକ, ଅଶ୍ୱନୀ ନାୟକ, ଚିନ୍ମୟ ନାୟକ, ନୀକୁଞ୍ଜ ପଟନାୟକ, ପ୍ରିୟମ୍ବଦା ଷଡଙ୍ଗୀ, ସଂଘମିତ୍ରା ସାମନ୍ତରାୟ, ମିନର୍ଭା ଦାଶ ଓ ଅବଳା ଦାସ ପ୍ରମୁଖ ଏକାଠି ହୋଇ ନିଜ ପୁରୁଣା ଦିନର ସ୍ମୃତି ସାଉଁଟି ଥିଲେ। ଏହି ଅବସର ରେ ଦିବଂଗତ ଶିକ୍ଷକ ଓ ସହପାଠୀ ଙ୍କ ଉଦ୍ଦେଶ୍ୟ ରେ ନୀରବ ପ୍ରାର୍ଥନା ସହ ତାଙ୍କ ପରିବାବର୍ଗକୁ ସମବେଦନା ଜ୍ଞାପନ କରାଯାଇ ଥିଲା।

## ମେଘମହ୍ଲାର ଦ୍ୱାରା ସମ୍ମାନିତ ହେବେ ତିନି ସାରସ୍ୱତ ପ୍ରତିଭା

କୁଜଙ୍ଗ,୬।୨(ସମିସ): କୁଜଙ୍ଗର ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ଅନୁଷ୍ଠାନ ମେଘମହ୍ଲାର ପଞ୍ଚମ ସାରସ୍ୱତ ଉତ୍ସବରେ ଓଡ଼ିଆ ଭାଷା ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲାର ତିନିଜଣ ସାରସ୍ୱତ ସାଧକ ଡ. ରଘୁ ସାହୁ, ଇଂ ନିର୍ମଳ ଚନ୍ଦ୍ର ରାଉତ ଓ ଶରତ ମହାପାତ୍ରଙ୍କୁ ଯଥାକ୍ରମେ ଆଦିକବି ସାରଳାଦାସ ସାଧନା ସମ୍ମାନ, ଶୁଦ୍ରମୁନି କାବ୍ୟ କବିତା ସମ୍ମାନ, ଆଦିକବି ସାରଳାଦାସ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସଂପାଦିକା ପ୍ରଭାତୀ ମାଝୀ, ସଭାପତି ଡ. କେଶବ ଚନ୍ଦ୍ର ଦଳାଇ ଘୋଷଣା କରିଛନ୍ତି। ଆସନ୍ତା ବାଇଶି ତାରିଖରେ ପାରାଦ୍ୱୀପ ଠାରେ ଅନୁଷ୍ଠିତ ସାରସ୍ୱତ ଉତ୍ସବରେ ସାଂସଦ ବିଭୂପ୍ରସାଦ ତରାଇ, କବି ଡ. ଗଂଜିତା ନାୟକ, ଓଡିଶା ସାହିତ୍ୟ ଏକାଡ଼େମୀ ସଚିବ ଡ. ଚନ୍ଦ୍ର ଶେଖର ହୋତା, କବି ପୀତାମ୍ବର ତରାଇ, ଶ୍ରୀମନ ନାରାୟଣ ମିଶ୍ର ଅତିଥି ଭାବରେ ଯୋଗଦେଇ ପ୍ରତିଭାମାନଙ୍କୁ ସମ୍ମାନିତ କରିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟସ୍ତରୀୟ କବିତାପାଠ ସହିତ ସାହିତ୍ୟକୁ ଜଗତସିଂହପୁର ଜିଲ୍ଲାର ଅବଦାନ ଶୀର୍ଷକ ଆଲୋଚନାଚକ୍ର ରହିଛି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ପ୍ରଦାନ କରାଯାଇ ଯାଇଛି।



## ୨୫ତମ ଆନ୍ତର୍ଜାତିକ ନାଟକ ମହୋତ୍ସବ ଉଦ୍‌ଯାପିତ

# 'ବେଗମ୍' ମଞ୍ଚସ୍ଥ



ପାରାଦୀପ, ୬।୨ (ସମିସ) : ପାରାଦୀପର ଜୟଦେବ ସଦନଠାରେ ଜାତୀୟ ନାଟ୍ୟ ବିଦ୍ୟାଳୟ ଓ କାନମାସ, ପାରାଦୀପର ସହଯୋଗରେ ଆୟୋଜିତ ୨୫ ତମ ଆନ୍ତର୍ଜାତିକ ନାଟକ ମହୋତ୍ସବ "ଭାରତ ରଙ୍ଗ ମହୋତ୍ସବର" ୬ ତାରିଖ ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱରର କଳାକାରମାନେ ସଞ୍ଜୟ ଶାହଙ୍କ ନିର୍ଦ୍ଦେଶନାରେ ପ୍ରମୋଦ ତ୍ରିପାଠୀଙ୍କ ଲିଖିତ ଓଡ଼ିଆ ନାଟକ ବେଗମ୍ ମଞ୍ଚସ୍ତ କରିଥିଲେ। ଆମର ସାମାଜିକ ବ୍ୟବସ୍ଥା ବହୁତ୍ ଅଦ୍ଭୁତ। ଏହି ସମାଜ କେତେବେଳେ କାହାକୁ ସମାଲୋଚନା କରେ ତ କେତେବେଳେ କାହାକୁ ପୁରସ୍କୃତ କରେ। ଲୋଭ ଓ ଲାଭ ପାଇଁ ଲୋକମାନେ କେତେବେଳେ ସାମାଜିକ ବ୍ୟବସ୍ଥାର ପ୍ରତୀକକୁ ଫୁଙ୍କି ଦିଅନ୍ତି। ଆଜିର ମଣିଷ ଏହି କଥା ଭାବିବାକୁ ବାଧ ହୁଏ ଯେ ଯଦି ତାଙ୍କ ଆଗରେ ବହୁତ୍ ଟଙ୍କା ରଖା ଯାଏ ତେବେ ସେ ସାପ ପରି ନିଜର ରଙ୍ଗ ବଦଳାଇଦେବ। ସେଥିପାଇଁ ପୁଜାସ୍ଥଳ, ସ୍କୁଲ, ଆଇନ ପ୍ରବର୍ତ୍ତନ ଅଧିକାରୀ, ଗାଁର ବୟସ୍କ ବ୍ୟକ୍ତି କିମ୍ବା ଗାଁର ମୁଖିଆ ଏପରି ଚିନ୍ତାଧାରାରେ ମତ୍ତ ହୋଇଯାଆନ୍ତି। କେବଳ ସେମାନେ ଜାଣନ୍ତି ଯେ ଶୋଷଣ ଏବଂ ଲୋଭ ଦ୍ୱାରା ସେମାନେ କଣ ପାଇବେ। ସେଥିପାଇଁ ବେଗମ୍ ଶବ୍ଦର ବ୍ୟବହାର କରାଯାଇଛି। ଓଡ଼ିଆ ତଥା ଏକ ଭିନ୍ନ ସ୍ୱାଦର ନାଟକର ଆନନ୍ଦ ନେବା ପାଇଁ ଅଧିକ ନାଟ୍ୟପ୍ରେମି ଦର୍ଶକ ଆଜି ଜୟଦେବ ସଦନରେ ଉପସ୍ଥିତ ଥିଲେ ଏବଂ କଳାକାର ମାନେ ସେମାନଙ୍କର ନିଖୁଣ ଅଭିନୟରେ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନେ କଳାକାରମାନଙ୍କୁ ସମ୍ମାନିତ କରିବା ସଙ୍ଗେ ସଙ୍ଗେ କାନମାସର ନାଟକକୁ ଲୋକାଭିମୁଖୀ କରିବାର ପ୍ରୟାସକୁ ପ୍ରଶଂସା କରିଥିଲେ।

## କବୟିତ୍ରୀ କାଦମ୍ବିନୀଙ୍କୁ ସାହିତ୍ୟ ରତ୍ନ ସମ୍ମାନ



ବିରିଡି, ୬।୨(ସମିସ): ଜଗତସିଂହପୁର ଜିଲ୍ଲା ବିରିଡ଼ି ବ୍ଲକ୍ ଅଧୀନ ବୁଢାପଡ଼ା ଗ୍ରାମର ଆଦର୍ଶ ଶିକ୍ଷୟିତ୍ରୀ, ସମାଜ ସଂସ୍କାରକ ନାରୀକବି ଭାଗବତ ପ୍ରେମୀ ଡ. କାଦମିନୀ ପରିଜାଙ୍କୁ ସାହିତ୍ୟ ରତ୍ନ ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଓଡ଼ିଶା ସଂସ୍କୃତି ସୁରକ୍ଷା ମଞ୍ଚର ସ୍ୱନକ୍ଷେତ୍ର ପାଳନ ଅବସରରେ ଡ. ପରିଜାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିରେ ବରେଣ୍ୟ ଅତିଥିଭାବେ ବିଧାୟକ ବାବୁ ସିଂ, ଶ୍ରୀମନ୍ଦିର ପୁରୀ ଛତିଶା ନିଯୋଗର ମହାନାୟକ ଜନାର୍ଦ୍ଦନ ପଟ୍ଟାଯୋଶୀ ମହାପାତ୍ର, ସଭାପତି ସୁନାକର ବେହେରା, ସମ୍ପାଦକ ଲଲାଟ କେଶରୀ ନାୟକ, ସଙ୍ଗୀତଜ୍ଞ ପ୍ରେମ ଆନନ୍ଦ ଡ. ପରିଜାଙ୍କୁ ସମ୍ମାନିତ କରିଥିଲେ। ତାଙ୍କର ଏହି ସଫଳତା ପାଇଁ ଶ୍ରୀମଦ୍ ଭାଗବତ ଗୀତା ପ୍ରଚାରକ ପଣ୍ଡିତ ପ୍ରଶାନ୍ତ କୁମାର ଶତପଥ, ଆଷାଢ଼ ସାହିତ୍ୟ ସଂସଦର ସଭାପତି ପିତାମ୍ବର ମହାପାତ୍ର ଏବଂ ଅନ୍ୟାନ୍ୟ ବୁଦ୍ଧିଜିବୀ ମହଲରୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ଭୁବନେଶ୍ୱର ସିଟି

● ରୁମ୍ ନ ମିଳିବାକୁ ତୁମୂଳକାଣ୍ଡ

# ଗେଷ୍ଟହାଉସ୍ ମ୍ୟାନେଜରଙ୍କୁ ଅପହରଣ, ଆକ୍ରମଣ

ଭୁବନେଶ୍ୱର, ୬।୨(ସମିସ): ଖଣ୍ଡଗିରି ଅଞ୍ଚଳରେ ଦୁର୍ବୃତ୍ତଙ୍କ ଉନ୍ମତ୍ତ କାଣ୍ଡ। ରୁମ୍ ନ ଦେବାରୁ ଏକ ଗେଷ୍ଟ ହାଉସ୍‌ରେ ପଶି କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ଭଙ୍ଗାରୁଜା କରିଛନ୍ତି। ଗେଷ୍ଟ ହାଉସ୍ ଭିତରେ ଖଣ୍ଡା ବୁଲାଇ ଭୟଭିତ କରାଇଛନ୍ତି। ଏପରିକି ଗେଷ୍ଟ ହାଉସ୍ ମ୍ୟାଜେଜରଙ୍କୁ ଅପହରଣ କରି ନିସ୍ତୁକ ମାଡ଼ ମାରି ରକ୍ତାକ୍ତ କରି ଦେଇଛନ୍ତି। ଏହି ଅଭିଯୋଗରେ ପୁଲିସ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସତ୍ୟଜିତ

## ■ ୧୪ଟି ମୋବାଇଲ୍ ଜବତ; ୫ ଗିରଫ

ବାରିକ, ଅର୍ଜୁନ ମାନା, ମାନସ ରଞ୍ଜନ ପାଇକରାୟ, ଦିପ୍ତୀ ରଞ୍ଜନ ପରିଡ଼ା ଓ ରାଧେଶ୍ୟାମ ବାରିକ। ଅଭିଯୁକ୍ତମାନଙ୍କ ଠାରୁ ୧୪ଟି ମୋବାଇଲ୍ ଏବଂ ଅପରାଧରେ ବ୍ୟବହୃତ ଏକ ସ୍କର୍ପିଓ ଗାଡି ଜବତ ହୋଇଛି। ଯାହାକୁ ନେଇ ଖଣ୍ଡଗିରି ଥାନା ଅଞ୍ଚଳରେ ଆଇନ୍‌ଶୃଙ୍ଖଳା ପରିସ୍ଥିତିକୁ ନେଇ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ଗୋଟିଏ ପଟେ ଖଣ୍ଡଗିରି ଯାତ୍ରା, ଅନ୍ୟପଟେ ଖଣ୍ଡା ଧରି ବୁଲିଲେ



ଅପରାଧୀ। ଭୋର ସମୟରେ କିଛି ୫ଦୁର୍ବୃତ୍ତ ଖଣ୍ଡଗିରି ଅଞ୍ଚଳରେ ଥିବା ଏକ ଗେଷ୍ଟହାଉସ୍‌କୁ ରୁମ୍ ପାଇଁ ଆସିଥିଲେ। ରୁମ୍ ସବୁ ବୁକ୍ ଅଛି, ଏଣୁ ରୁମ୍ ନାହିଁ ବୋଲି କହିବାରୁ ଦୁବୃତ୍ତମାନେ ଯୁକ୍ତିତର୍କ କରିଥିଲେ। ଏହାପରେ ଗେଷ୍ଟ ହାଉସ ଭିତରେ ପଶି ଦୁର୍ବୃତ୍ତମାନେ ଯାହାକୁ ପାଇଲେ ତାକୁ ଆକ୍ରମଣ କରିଥିବାବେଳେ ଟଙ୍କା ଲୁଟିବା ପାଇଁ କର୍ମଚାରୀଙ୍କୁ ପିଟିଥିବା ଅଭିଯୋଗ ହୋଇଛି। ମାରଣାଅସ୍ତ୍ର ଦେଖାଇ କର୍ମଚାରୀଙ୍କୁ ଭୟଭିତ କରିବା ସହ ଭଙ୍ଗାରୁଜା କରିଥିଲେ। ଏପରିକି ଗେଷ୍ଟହାଉସରେ କାର୍ଯ୍ୟରତ ଜଣେ ଯୁବତୀଙ୍କୁ ବି ଏମାନେ ଆକ୍ରମଣ କରିବାକୁ ପଛାଇ ନ ଥିଲେ। ଏହାପରେ ଗେଷ୍ଟ ହାଉସ୍ ମ୍ୟାନେଜରଙ୍କୁ ଅପହରଣ କରି ନେଇ ରକ୍ତାକ୍ତ କରିଦେଇଥିଲେ। ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହା ସହ ଦୁବୃତ୍ତମାନଙ୍କୁ ଚିହ୍ନଟ କରିବାକୁ ସିସିଟିଭି ଯାଞ୍ଚ କରାଯାଇଛି।

ହୋଟେଲ କର୍ମଚାରୀଙ୍କ କହିବା ଅନୁଯାୟୀ, ଗେଷ୍ଟ ହାଉସରେ ୪ରୁ ୫ ଜଣ ଦୁର୍ବୃତ୍ତ ଆସି ପ୍ରଥମେ କ୍ୟାସ୍ କାଉଣ୍ଟରରେ ରଖାଯାଇଥିବା ଟଙ୍କାକୁ ଛଡ଼ାଇ ନେଇଥିଲେ। ଏହାପରେ ବାଧା ଦେବାକୁ ଚେଷ୍ଟା କରିଥିବା ଗେଷ୍ଟ ହାଉସ୍ କର୍ମଚାରୀଙ୍କୁ ମାଡ଼ ମାରି ଗୁରୁତର କରିଥିଲେ। ଘଟଣା ସମ୍ପର୍କରେ ଖଣ୍ଡଗିରି ଥାନା ପୁଲିସ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। ବିଶେଷକରି ଗେଷ୍ଟ ହାଉସ୍ ଓ ହୋଟେଲ୍ ଭଳି ସ୍ଥାନରେ ମହିଳାଙ୍କ ସୁରକ୍ଷା ନେଇ ଜନମାନସରେ ଆଶଙ୍କା ସୃଷ୍ଟି ହୋଇଛି। ସ୍ଥାନୀୟ ବାସିନ୍ଦାମାନେ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ କଡ଼ା ପଦକ୍ଷେପ ଦାବି କରୁଛନ୍ତି।

## ଦୁର୍ଘଟଣାରେ ଯୁବକ ମୃତ

ଯାଁଳା, ୬।୨(ସମିସ): ଗତକାଲି ବିଳମ୍ବିତ ରାତିରେ ଇନଫୋଭ୍ୟାଲି ଥାନା ୧୬ ଜାତୀୟ ରାଜପଥ ଗଙ୍ଗପଡ଼ା ଛକରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟ୍ରକ ଧକ୍କା ଦେବାରୁ ଜଣେ ମୋଟରସାଇକଲ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କନ୍ଧମାଳ ଜିଲ୍ଲା ନୂଆଗାଁ ଅଞ୍ଚଳର ଟିପୁ ଦିଗଲ।

ମିଳିଥିବା ସୂଚନା ଅନୁସାରେ ଗୁରୁବାର ବିଳମ୍ବିତ ରାତିରେ ଟିପୁ ତାଙ୍କ ମୋଟରସାଇକଲ ଯୋଗେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ଗଙ୍ଗପଡ଼ା ଛକ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ସେ ବାଇକ୍ ସହିତ ଘୋଷାଡି ହୋଇ ଡିଭାଇଡର୍‌ରେ ପିଟି ହୋଇଯାଇଥିଲେ। ଦୁର୍ଘଟଣା ଘଟାଇବା ପରେ ଟ୍ରକ୍‌ଟି ସେଠାରୁ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଖୋର୍ଦ୍ଧା ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଇନ୍‌ଫୋଭ୍ୟାଲି ଥାନା ଶବ ଓ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିଥିଲା। ଆଜି ବ୍ୟବଚ୍ଛେଦ ପରେ ଟିପୁଙ୍କ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଖୋଜିବାକୁ ବିଭିନ୍ନ ଚିତ୍ର ଉତ୍ତୋଳନ ଯନ୍ତ୍ର ଯାଞ୍ଚ କରୁଛି।

## ମେ ୨୪ରେ ଲଣ୍ଡନରେ ୫ ଷ୍ଟାର ଫିଲ୍ମ ଆୱାର୍ଡସ




ଭୁବନେଶ୍ୱର, ୬।୨(ସମିସ): ସିଙ୍ଗାପୁର ଓ ଦୁବାଇ ପରି ଅନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳରେ ମର୍ଯ୍ୟାଦାପୂର୍ଣ୍ଣ ୫ ଷ୍ଟାର ଫିଲ୍ମ ଆୱାର୍ଡସ୍ ଆୟୋଜନ କରିବା ପରେ ଆରଆର ଇଭେଣ୍ଟସ୍ ଏବଂ ସିନେ ପ୍ରଡକସନ୍ ପୁଣିଥରେ ଓଡ଼ିଶା ସିନେମା ଓ ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ବିଶ୍ୱ ମଞ୍ଚରେ ପହଞ୍ଚାଇ ଇତିହାସ ସୃଷ୍ଟି କରିବାକୁ ପ୍ରସ୍ତୁତ ହୋଇଛି। ଚଳିତ ବର୍ଷ ଏହି ଭବ୍ୟ ଆୟୋଜନ ମେ ମାସ ୨୪ତାରିଖରେ ଲଣ୍ଡନଠାରେ ଆୟୋଜିତ ହେବ। ଆରଆର ଇଭେଣ୍ଟସ୍ ଏବଂ ସିନେ ପ୍ରଡକସନ୍‌ର ପ୍ରଡ୍ୟୁସର ଓ ମ୍ୟାନେଜିଂ ଡାଇରେକ୍ଟର ରମେଶ ବାରିକଙ୍କ ଦୂରଦର୍ଶୀ ନେତୃତ୍ୱରେ ୫ ଷ୍ଟାର ଫିଲ୍ମ ଆୱାର୍ଡସ୍ ୨୦୨୬ ଆୟୋଜିତ ହେଉଛି। ପାରମ୍ପରିକ ଓ ଆଧୁନିକ - ଦୁଇ ପ୍ରକାର ସାଂସ୍କୃତିକ ଉପାଦାନ ଓଡ଼ିଶାର ପ୍ରେରଣାରେ ଆଧୁନିକ ସିନେମାଟିକ୍ ଉତ୍ସବ ସହିତ ପ୍ରଦର୍ଶିତ ହେବ। ଆକାଶ ଦାସ ନାୟକ, ସବ୍ୟସାଚୀ, ଅର୍ଚ୍ଚିତା ସାହୁ, ଏଲିନା ସମନ୍ତରାୟ, ପୁପିନ୍ଦର ସିଂହ, ଶୀତଲ ପାତ୍ର, ରିୟା ଦେ, ଦିବ୍ୟା ମହାନ୍ତି, ଶିବାନୀ ସଙ୍ଗୀତା, ଶ୍ରୀତମ ଦାସ, ସତ୍ୟଜିତ ପ୍ରଧାନ, ପ୍ରଜ୍ଞା ହୋତା, ମହାଶ୍ୱେତା ରାୟ, ଅମ୍ଲାନ ଦାସ, ବର୍ଷା ପ୍ରିୟଦର୍ଶିନୀଙ୍କ ସହ ଅନେକ ଓଡ଼ିଆ ଫିଲ୍ମ ତାରକାମାନେ ଅନ୍ତର୍ଜାତୀୟ ରେଡ୍ କାର୍ପେଟରେ ରହିବେ।

### ଡାଲଖାଇ ସଙ୍କୀର୍ତ୍ତନ ସମିତିର ସଙ୍କୀର୍ତ୍ତନ ମହୋତ୍ସବ

## ଏକାଠି କୀର୍ତ୍ତନ କଲେ ୨୪ ସଙ୍କୀର୍ତ୍ତନ ମଣ୍ଡଳ

ବାଲିଅନ୍ତା, ୬।୨(ସମିସ): ଲକ୍ଷ୍ମୀସାଗରର ଶ୍ରୀ ଶ୍ରୀ ମା ଡାଲଖାଇ ସଙ୍କୀର୍ତ୍ତନ ସମିତିର ଦ୍ୱାଦଶ ବାର୍ଷିକ ଓଡ଼ିଶୀ ସଙ୍କୀର୍ତ୍ତନ ମହୋତ୍ସବ ସମିତିର ସ୍ଥାୟୀ କାର୍ଯ୍ୟାଳୟ ବାଙ୍କୁଆଳ ବାସୁଆଘାଇ ନଦୀ ପଠାରେ ମହନ୍ତ ଲିଙ୍ଗରାଜ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ଭୁବନେଶ୍ୱର ମଧ୍ୟ, ଏକାମ୍ର ଉତ୍ତର, ଜୟଦେବ ନିର୍ବାଚନ ମଣ୍ଡଳୀର ୨୪ ମଣ୍ଡଳ ସଙ୍କୀର୍ତ୍ତନ ଦଳ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଜଗନ୍ନାଥ ପ୍ରଧାନ, ଶ୍ରୀ ଲକ୍ଷେଶ୍ୱର ସଙ୍କୀର୍ତ୍ତନ ମହାମଣ୍ଡଳୀର ମହନ୍ତ ନଳିନୀ କୁମାର ସ୍ୱାଇଁ, ଅଧିକାରୀ ବିଷ୍ଣୁ ଚରଣ ପରିଡ଼ା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅବସରପ୍ରାପ୍ତ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା, ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧିକାରୀ ପୀତବାସ ସୁନ୍ଦରାୟ, ସମ୍ପାଦକ ହରିହର ପରିଡ଼ା, କୋଷାଧ୍ୟକ୍ଷ ହେମନ୍ତ କୁମାର ପ୍ରଧାନ, ଦାମୋଦର ସାହୁ, ନବ କିଶୋର ସାମନ୍ତରାୟ, ପ୍ରତାପ ଜେନା ପରିଚାଳନା କରିଥିଲେ। ଏହା ପରେ ସମସ୍ତ କଳାକାର, ମୃଦଙ୍ଗୀ, ସଙ୍କୀର୍ତ୍ତନପ୍ରେମୀ ମାନଙ୍କୁ ଉତ୍ତରୀୟ, ଭୋଗ ସମର୍ପଣ କରାଯାଇ ଥିଲା।

## ନାବାଳିକାଙ୍କୁ ଦୁଷ୍କର୍ମକାରୀକୁ ୩ ବର୍ଷ କାରାଦଣ୍ଡ

ଭୁବନେଶ୍ୱର, ୬।୨(ସମିସ): ନାବାଳିକା ଦୁଷ୍କର୍ମକାରୀକୁ ୩ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଅତିରିକ୍ତ ସେସନ ଜଜ୍ କୋର୍ଟ (ପକ୍ସୋ)। କୋର୍ଟ ଏହି ମାମଲାରେ ଅଭିଯୁକ୍ତକୁ ଆର୍ଥିକ ଦଣ୍ଡାଦେଶ ମଧ୍ୟ ପ୍ରଦାନ କରିଛନ୍ତି। ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଦୁଷ୍କର୍ମକାରୀ ହେଲା ସୁଧାଂଶୁ ଶେଖର ସାହୁ। ଏନେଇ ଖୋର୍ଦ୍ଧା ଆଦର୍ଶ ଥାନାରେ ୨୦୨୫ ଜାନୁଆରୀ ମାସରେ ଅଭିଯୋଗ ହୋଇଥିଲା। ମାମଲାକୁ ସରକାରଙ୍କ ପକ୍ଷରୁ ପିପି ସୁବ୍ରତ ପ୍ରିୟଦର୍ଶୀ ପରିଚାଳନା କରୁଥିଲେ।

## ମାଷ୍ଟରମାଇଣ୍ଡ ସନ୍ତୋଷ ଦଳେଇକୁ ମାରାଥନ ଜେରା

ଭୁବନେଶ୍ୱର, ୬।୨(ସମିସ): ବାଲି ଚୋରାଚାଲାଣ ସମ୍ପୃକ୍ତି ନେଇ ଇଡି ମାଷ୍ଟରମାଇଣ୍ଡ ସନ୍ତୋଷ ଦଳେଇ ହାଜର ହେବା ପରେ ତାକୁ ମାରାଥନ ଜେରା କରିଛି। ମୁଖ୍ୟ ଅଭିଯୁକ୍ତ କୃପାସିନ୍ଧୁ ମୁଦୁଲିର ସନ୍ତୋଷ ଘନିଷ୍ଠ ଥିଲା। ଚଢ଼ାଉବେଳେ ଦୁଇଟି ଟ୍ରଙ୍କ ଭର୍ତ୍ତି ଟଙ୍କା ଇଡି ଜବତ କରିଥିଲା। ନକଲି ୱାଇ ଫର୍ମ ଓ କାଗଜପାତ୍ର ମଧ୍ୟ ଇଡି ଜବତ କରିଥିଲା। ପୂର୍ବରୁ ବ୍ରହ୍ମପୁର ବାଲି ମାଫିଆଙ୍କ ଠିକଣାରେ ଇଡି ଚଢାଉ କରିଥିଲା।

## ଭାରତୀୟ ନୌସେନା ୨୦୦୧ ବ୍ୟାଚ୍‌ର ରୌପ୍ୟ ଜୟନ୍ତୀ



ଭୁବନେଶ୍ୱର, ୬।୨(ସମିସ): ଭାରତୀୟ ନୌସେନା (ବ୍ୟାଚ୍୨୦୦୧)ର ରୌପ୍ୟ ଜୟନ୍ତୀ ପୁରୀରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ସ୍ଥାନରୁ ଉକ୍ତ ବ୍ୟାଚ୍‌ର ୪୫୦ ଜଣ ପୂର୍ବତନ ନୌସେନା ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦିନ ଆଇଏନ୍‌ଏସ ଚିଲିକା (୨୦୦୧ ବ୍ୟାଚ୍)ର ପୂର୍ବତନ ପ୍ରଶିକ୍ଷକଙ୍କ ସହିତ ସମୟ ଅତିବାହିତ କରାଯାଇଥିଲା। ସହିଦମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଦ୍ୱିତୀୟଦିନରେ, ଆଇଏନ୍‌ଏସ ଚିଲିକା ପରିଦର୍ଶନ କରିବା ସହ ପ୍ରାରମ୍ଭିକ ନୌସେନା ତାଲିମ ନେଇଥିଲେ। କାର୍ଯ୍ୟକ୍ରମକୁ ସୁଜିତ ଗିରି, ସୁଶୀଲ କର, ତାରାକାନ୍ତ ବେହେରା, ପ୍ରକାଶ କୁମାର ସ୍ୱାଇଁ, ସୁଜିତ ମିଶ୍ର, ଦେବଦତ୍ତ ଦାସ, ବିଭୁ ଜେନା, ସୁକାନ୍ତ ବେହେରା, ଠାକୁର ଜେନା ଏବଂ ସୁଶୀଲ ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ମନରେଗା ଉଚ୍ଛେଦ ପ୍ରସଙ୍ଗ

## ଏଡିଏମଙ୍କୁ ସ୍ମାରକପତ୍ର ଦେଲା ଜିଲ୍ଲା କଂଗ୍ରେସ



ଭୁବନେଶ୍ୱର, ୬।୨(ସମିସ): ପୂର୍ବରୁ ଉପା ସରକାର ଗରିବଙ୍କୁ କର୍ମ ଦେବା ଉଦ୍ଦେଶ୍ୟରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା)ପ୍ରଣୟନ କରିଥିଲେ। ଏହି ଯୋଜନାରେ ଶ୍ରମିକମାନେ ନିଜ ଅଞ୍ଚଳରେ ବର୍ଷକୁ ୧୦୦ ଦିନର କାମ ନିଶ୍ଚିତ ଭାବରେ ପାଇବାର ପ୍ରାବଧାନ ରହିଥିଲା। ସରକାର ଯଦି ଶ୍ରମିକଙ୍କୁ କାମ ମାଗିବାର ୧୫ ଦିନ ଭିତରେ କାମ ଯୋଗାଇ ନ ଦେବେ ତେବେ ସେମାନଙ୍କୁ ଭତ୍ତା ପ୍ରଦାନ କରିବାକୁ ନିୟମ ରହିଥିଲା। ଏଥିରେ ଭାରତ ବର୍ଷର କୋଟି କୋଟି ପୁରୁଷ ଓ ମହିଳା ଶ୍ରମିକ ଉପକୃତ ହୋଇଆସୁଥିଲେ କିନ୍ତୁ ବିଜେପି ସରକାର ଏହି ଯୋଜନାକୁ ପରିବର୍ତ୍ତନ କରି ମହାତ୍ମା ଗାନ୍ଧୀଙ୍କ ନାମ ବାଦ ଦେଇ ଭିବିଗ୍ରାମଜୀ ବିଲ ମାଧ୍ୟମରେ ମହାତ୍ମା ଗାନ୍ଧୀଙ୍କ ନାମକୁ ବାଦ ଦେଇ ପୂର୍ବ ଯୋଜନାର ମୂଳ ଲକ୍ଷ୍ୟରୁ ଶ୍ରମିକମାନଙ୍କୁ ବଞ୍ଚିତ କରିଛନ୍ତି। କଂଗ୍ରେସ ଦଳ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ନାମକୁ ପୁନଶ୍ଚ ରଖାଯାଇ ଉକ୍ତ ଯୋଜନାକୁ ଅପରିବର୍ତ୍ତିତ ଦାବିରେ ସରକାରଙ୍କ ନିକଟରେ ବିକ୍ଷୋଭ, ପ୍ରତିବାଦ ସଭା ଓ ସ୍ମାରକପତ୍ର ପ୍ରଦାନ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଇଆସିଛି। ଏହି କ୍ରମରେ ଆଜି ଅଖିଳ ଭାରତ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ନେତାଗଣ ଭୁବନେଶ୍ୱର ଏଡିଏମଙ୍କ କାର୍ଯ୍ୟାଳୟରେ ଏଡିଏମଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ଏବଂ ପୂର୍ବ ଯୋଜନାକୁ ପ୍ରଣୟନ କରିବାପାଇଁ ପଦକ୍ଷେପ ନେବାକୁ ଦାବି ଉପସ୍ଥାପନ କରିଥିଲେ। ପରେ ଏଡିଏମ ଏ ସମ୍ପର୍କରେ ବିହିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ସୁରେଶ କୁମାର ମହାପାତ୍ର, ଶିବାନନ୍ଦ ରାୟ, କିଶୋର ଜେନା, ବିଶ୍ୱଜିତ ଦାଶ, ପ୍ରଶାନ୍ତ ଚମ୍ପତି, ଅଶୋକ ଦାସ, ଅଭିଲାଷ ମାଣିଆଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ନ୍ୟାୟ ପାଇଁ ରାଜଧାନୀରେ ଘୂରି ବୁଲୁଛନ୍ତି ଦୁଷ୍କର୍ମ ପୀଡ଼ିତା

### ୩ ଥାନା ବୁଲିଲେଣି ଇଞ୍ଜିନିୟରିଂ ଛାତ୍ରୀ; ଏତଲା ରଖୁନି ପୁଲିସ

■ ଭୁବନେଶ୍ୱର, ୬।୨ (ସମିସ): ରାଜଧାନୀରେ ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗ ହୋଇଛି। ଏକ କ୍ଲବ୍‌ରେ କାମ କରୁଥିବା ଜଣେ ଫଟୋଗ୍ରାଫର ତାଙ୍କୁ ଗୋଟିଏ ଦିନ ଝାରପଡା ଅଞ୍ଚଳରେ ଗୃହବନ୍ଦୀ କରି ବହୁବାର ଦୁଷ୍କର୍ମ କରିଛନ୍ତି। ଛାତ୍ରୀଙ୍କୁ ନିସ୍ତୁକ ମାଡ ମାରିବା ସହ ହାତଗୋଡ ବାନ୍ଧି ରଖିଥିଲେ। ଆକ୍ରମଣରେ ଯୁବତୀଙ୍କ ପିଠି, ମୁହଁ ଏବଂ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ପୁଲିସ ପାଖକୁ ଗଲେ ଏସିଡ୍ ପକାଇ ମାରି ଦେବାକୁ ଅଭିଯୁକ୍ତ ଧମକ ଦେଇଥିଲେ। ପୀଡ଼ିତାଙ୍କ ଘର ବ୍ରହ୍ମପୁର ସହରରେ। ନ୍ୟାୟ ପାଇଁ ସେ ବ୍ରହ୍ମପୁରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ୩ଟି ଥାନା ବୁଲି ଆସିଲେଣି। କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା; କୌଣସି ଥାନା ତାଙ୍କ ଏତଲା ରଖୁନାହିଁ କି ମାମଲା ରୁଜୁ କରୁନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଗୋଟିଏ ଥାନା ପୁଲିସ ଆଉ ଗୋଟିଏ ଥାନାକୁ ପଠାଉଛି। ଯାହାଫଳରେ ଛାତ୍ରୀ ଜଣଙ୍କ ନିଜକୁ ଅସହାୟ ମନେ କରୁଛନ୍ତି।



ପୀଡ଼ିତା ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ସେ ବିପିଓ ସଂସ୍ଥାରେ ପାର୍ଟଟାଇମ୍ କାମ କରୁଥିଲେ। ଉକ୍ତ କ୍ଲବ୍‌ରେ କମ୍ପାନୀ କର୍ମଚାରୀମାନେ ଛୁଟିଦିନ ପାର୍ଟିଠାରୁ ଆରମ୍ଭ କରି ଅନ୍ୟ ଜନ୍ମଦିନ ପାର୍ଟି ପାଳନ କରନ୍ତି। ଦେଢ ବର୍ଷ ତଳେ କ୍ଲବ୍‌ର ସମ୍ପୃକ୍ତ ଫଟୋଗ୍ରାଫର ଛାତ୍ରୀଙ୍କ ଫଟୋ ଉଠାଇ ତାଙ୍କ ନିକଟତର ହୋଇଥିଲେ। ପରବର୍ତ୍ତୀ ସମୟରେ ଫଟୋଗ୍ରାଫର ଅବିବାହିତ ବୋଲି ପରିଚୟ ଦେଇ ତାଙ୍କ ପ୍ରେମ ନିବେଦନ କରିବା ସହ ଦେଢ ମାସ ତଳେ କୋର୍ଟରେ ବିବାହ କରିଥିଲେ। ବିବାହ ସମ୍ପର୍କରେ ଫଟୋଗ୍ରାଫର ଛାତ୍ରୀଙ୍କ ମା'ଙ୍କୁ ମଧ୍ୟ ଜଣାଇଥିଲେ। ଏହାସହ ଉଭୟ ସାଙ୍ଗ ହୋଇ ଝାରପଡାରେ ଏକ ଘର ଭଡାନେଇ ଦୁଇମାସ ହେଲା ରହୁଥିଲେ। ହେଲେ ପରବର୍ତ୍ତୀ ସମୟରେ ଫଟୋଗ୍ରାଫରଙ୍କ ସହ ହୋଇଥିବା ବିବାହ ଅବୈଧ ଜାଣିବା ପରେ ସେ ତାଙ୍କଠାରୁ ଦୂରେଇ ରହିବାକୁ ଚେଷ୍ଟା କରିଥିଲେ। ଏଣୁ ଫଟୋଗ୍ରାଫରଙ୍କ ପାଖରୁ ଜାନୁଆରୀ ୩୧ ତାରିଖରେ ଚାଲିଯିବାକୁ କହିଥିଲେ। ହେଲେ ଫଟୋଗ୍ରାଫର ତାଙ୍କୁ ଯିବାକୁ ନ ଦେଇ ତାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ହାତ ଗୋଡ ବାନ୍ଧି ବାରମ୍ବାର ଦୁଷ୍କର୍ମ କରିଥିଲେ। ଖବର ପାଇ ଛାତ୍ରୀଙ୍କ ଭାଇ ତାଙ୍କୁ ଉକ୍ତ ଘରୁ ଉଦ୍ଧାର କରି ବ୍ରହ୍ମପୁର ନେଇ ଏମ୍‌କେସିଜି ହସ୍ପିଟାଲରେ ଚିକିତ୍ସା କରାଇଥିଲେ।

ଏ ସମ୍ପର୍କରେ ପରିବାର ଲୋକେ ପ୍ରଥମେ ବୈଦ୍ୟନାଥପୁର ଥାନାରେ ଗତ ୧ ତାରିଖ ସନ୍ଧ୍ୟା ୬ଟା ବେଳେ ଜଣାଇଥିଲେ। ହେଲେ ଥାନାରେ ଉପସ୍ଥିତ ପୁଲିସ କର୍ମଚାରୀ ମହିଳା ଥାନାକୁ ପଠାଇଥିଲେ। ବ୍ରହ୍ମପୁର ମହିଳା ଥାନା ପୁଲିସ ଘଟଣା ଭୁବନେଶ୍ୱରରେ ଘଟିଛି କହି ପୁଣି ଛାତ୍ରୀଙ୍କୁ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନାକୁ ପଠାଇ ଦେଇଥିଲେ। ଛାତ୍ରୀ ଜଣଙ୍କ ଗତ ୫ ତାରିଖରେ ଆସି ଲକ୍ଷ୍ମୀସାଗର ଥାନାରେ ଏତଲା ଦେଇଥିଲେ। ହେଲେ ଲକ୍ଷ୍ମୀସାଗର ଥାନା ପୁଲିସ ପୁଣି ବ୍ରହ୍ମପୁରକୁ ପଠାଇ ଦେଇଥିଲେ। ମାମଲା ରୁଜୁ କରିବାକୁ ପୁଲିସର ଚାଲିଥିବା ଏଭଳି ଖେଳରେ ଏବେ ଛାତ୍ରୀ ଜଣଙ୍କ ଅସହାୟ ମନେ କରୁଛନ୍ତି। ସରକାର ପ୍ରତ୍ୟେକ ମାମଲାରେ ଏତଲା ରୁଜୁ କରିବାକୁ କହିଥିଲେ ମଧ୍ୟ ସମ୍ବେଦନଶୀଳ ଘଟଣାରେ ପୁଲିସର ଏଭଳି ବ୍ୟବହାର ଆଶ୍ଚର୍ଯ୍ୟ ଚକିତ କରୁଛି।

## ଆଇସିଏମ୍ଏଆଇ-ଭୁବନେଶ୍ୱର ଚାପ୍ଟର ପକ୍ଷରୁ ବଜେଟ ଆଲୋଚନାଚକ୍ର

ଭୁବନେଶ୍ୱର, ୬।୨(ସମିସ): ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ୍ସ ଅଫ ଇଣ୍ଡିଆ (ଆଇସିଏମ୍ଏଆଇ) ଭୁବନେଶ୍ୱର ଚାପ୍ଟର ପକ୍ଷରୁ କେନ୍ଦ୍ରୀୟ ବଜେଟ : ୨୦୨୬-୨୭ ବିଷୟ ସମ୍ପର୍କୀତ ଏକ ପ୍ୟାନେଲ ଆଲୋଚନା ନୟାପଲ୍ଲୀସ୍ଥିତ ସିଏମ୍ଏ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜେଶ କୁମାର ମିଶ୍ର, ଆଇଆର୍‌ଏସ୍, ଆୟକର କମିଶନର (ଆପିଲ-୨) ଯୋଗଦେଇଥିବା ସହ ସିଏମ୍ଏ ଦାମୋଦର ମିଶ୍ର, ଉପାଧ୍ୟକ୍ଷ, ଆଇସିଏମ୍ଏଆଇ-ଇଆଇଆର୍‌ସି ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଲୋଚନାରେ ସିଏ ଅରୁଣ ସାବତ, ସିଏମ୍ଏ ସୁଶୀଳ କୁମାର ପଣ୍ଡା, ଆଇସିଏମ୍ଏଆଇ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ସିଏମ୍ଏ ଶରତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସିଏମ୍ଏ ବରଦା ପ୍ରସନ୍ନ ନାୟକ ଏବଂ ଚାପ୍ଟରର ସଚିବ ସିଏମ୍ଏ ସୌମ୍ୟରଞ୍ଜନ ଜେନା ଧନ୍ୟବାଦ ଅର୍ପଣ ଦେଇଥିଲେ।

### ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ଅଭିଯୁକ୍ତ ସ୍ୱାଇଡର୍ ନିର୍ଦ୍ଦୋଷ

## ପୁଲିସ ତଦନ୍ତ ପ୍ରକ୍ରିୟା ଉପରେ ଉଠିଲା ପ୍ରଶ୍ନ

ଭୁବନେଶ୍ୱର, ୬।୨(ସମିସ): କଂଗ୍ରେସର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ମାମଲାରେ ନିର୍ଦ୍ଦୋଷରେ ଖଲାସ ହୋଇଛି ଅଭିଯୁକ୍ତ ସ୍ୱାଇଡ଼ର। ଆବଶ୍ୟକୀୟ ପ୍ରମାଣର ଅଭାବ ଓ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୩ କୋର୍ଟର ବିଚାରପତି କୌରନିକା ଘୋଷ ସ୍ୱାଇଡର ସତୀଶକୁ ନିର୍ଦ୍ଦୋଷ ବୋଲି କହିଛନ୍ତି। ତେଣୁ ସ୍ୱାଇଡ଼ରକୁ ଗିରଫ ସମୟରେ ପୁଲିସ ଯେଉଁ ସବୁ କାହାଣୀ କହିଥିଲା, ତାହା କ'ଣ ମିଛ ? ଯଦି ପୁଲିସ ନିକଟରେ ସ୍ୱାଇଡ଼ର ବିରୋଧରେ ଯଥେଷ୍ଟ ପ୍ରମାଣ ନ ଥିଲା, ତେବେ ତାକୁ କାହିଁକି ଗିରଫ କରାଯାଇଥିଲା ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ଯଦି ସ୍ୱାଇଡର ଚୋରିରେ ସମ୍ପୃକ୍ତ ନୁହେଁ, ତେବେ କିଏ ଚୋରି କରିଥିଲା ତାହା ପୁଲିସ କାହିଁକି ସ୍ପଷ୍ଟ କରୁନାହିଁ ବୋଲି ପ୍ରଶ୍ନ ଉଠିବା ସହ କମିଶନର ପୁଲିସର ବାହାଦୂରୀ କେବଳ ଫମ୍ପା ନାଟକ ଥିବା ପ୍ରମାଣିତ ହୋଇଛି।


୨୦୨୫ ମସିହାର ଏହି ଚର୍ଚ୍ଚିତ ଚୋରି ଘଟଣା ଉପରୁ ପରଦା ଉଠାଇବା ପାଇଁ କମିଶନରଟ ପୁଲିସ କୁଆଡ଼େ ଦିନରାତି ଏକ କରି ଦେଇଥିଲା। ଏପରିକି ଘଟଣା ଘଟିବା ଠାରୁ ଆରମ୍ଭ କରି ସ୍ୱାଇଡରକୁ ଗିରଫ କରିବା ପର୍ଯ୍ୟନ୍ତ ପ୍ରାୟ ୪ଶହରୁ ଉର୍ଦ୍ଧ୍ୱ ସିସି କ୍ୟାମେରା ଓ ରାଜ୍ୟ ବାହାରର ପ୍ରାୟ ୫୦ରୁ ଉର୍ଦ୍ଧ୍ୱରୁ କୁଖ୍ୟାତ ଅପରାଧୀଙ୍କ ତଥ୍ୟକୁ ଯାଞ୍ଚ କରାଯାଇଥିବା ପୁଲିସ ସେତେବେଳେ କହିଥିଲା। ସ୍ୱାଇଡର ଏକାଧିକ ରାଜ୍ୟ ପୁଲିସ ପାଇଁ ୱାଣ୍ଟେଡ ଥିବା ବେଳେ ଭୁବନେଶ୍ୱର ଅର୍ବାନ ପୁଲିସ ତାକୁ ଧରିବାରେ ସଫଳ ହୋଇପାରିଛି ବୋଲି ପୁଲିସ କମିଶନର ଓ ଡିସିପି ପ୍ରେସମିଟ୍‌ରେ କହିଥିଲେ। ଏହାପରେ କଡା ସୁରକ୍ଷାବଳୟ ମଧ୍ୟରେ ପୁଲିସ ନିରଞ୍ଜନଙ୍କ ଘରୁ ଚୋରି ସିନ୍ ରିକ୍ରିଏସନ କରିଥିଲା। ଏହା ପରେ ବି ଉପଯୁକ୍ତ ପ୍ରମାଣ ଅଭାବରୁ ସ୍ୱାଇଡ଼ର ନିର୍ଦ୍ଦୋଷରେ ଖଲାସ ହେବା କମିଶନରେଟ ପୁଲିସକୁ ଅକଳରେ ପକାଇ ଦେଇଛି।

ଅନ୍ୟପକ୍ଷରେ ୨୦୨୫ରେ ଭୁବନେଶ୍ୱର ଅର୍ବାନ ପୁଲିସ ପକ୍ଷରୁ ପୂର୍ବବର୍ଷ ମାନଙ୍କରେ ବଳକା ଭାବେ ରହିଥିବା ମାମଲା ଗୁଡ଼ିକୁ ଯଥା ସମ୍ଭବ କ୍ଲୋଜ କରିବାକୁ ଡିସିପି ବିଭିନ୍ନ ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ସେଥିପାଇଁ ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ମାମଲାକୁ ତଦନ୍ତକାରୀ ଅଧିକାରୀ ହାଲୁକା ଭାବେ ନେଇ ଅନ୍ୟ ମାମଲା ଭଳି ଏହାକୁ କ୍ଲୋଜ କରିବା ପାଇଁ ପ୍ରମାଣ ଯୋଗାଡ଼ରେ ଅବହେଳା କରିଥିବା ଅଭିଯୋଗ ହୋଇଛି। ସେତେବେଳେ ପୁଲିସ ସ୍ୱାଇଡର ନାମରେ ୩୪ଟି ମାମଲା ଥିବା ବେଳେ ସେ ଜଣେ ପେଶାଦାର ଅପରାଧୀ ବୋଲି କହିଥିଲା; ତଥ୍ୟ ପ୍ରମାଣ ନ ଥିବା ସତ୍ତ୍ୱେ କିପରି ତାକୁ ପେଶାଦାର ଅପରାଧୀ କୁହାଗଲା ତାହା ଆଉ ଏକ ପ୍ରଶ୍ନ। ଅନ୍ୟପକ୍ଷରେ କୋର୍ଟଙ୍କ ଏହି ରାୟ ଉପରେ ପୁଲିସ ପକ୍ଷରୁ ଉପରିସ୍ଥ ଅଦାଲତରେ ଆବେଦନ କରାଯିବ କି ନାହିଁ ତାହା ବି ପୁଲିସ ସ୍ପଷ୍ଟ କରିନାହିଁ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୨୫ ମସିହା ଜାନୁଆରୀ ୨୬ ତାରିଖ ବିଳମ୍ବ ରାତିରେ ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆରସି ଭିଲେଜରେ ଥିବା ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ହୋଇଥିଲା। କଡା ସୁରକ୍ଷାବଳୟ ମଧ୍ୟରେ ଥିବା ନିରଞ୍ଜନଙ୍କ ଘରେ ଚୋର ଅତି ଚତୁରତା ସହ ପ୍ରବେଶ କରି ଘରୁ କୋଟିକୋଟି ଟଙ୍କାର ଅଳଙ୍କାରକ ଚୋରି କରି ନେଇଥିଲା। ସେତେବେଳେ ପୁଲିସ ଏହି ଘଟଣାରେ ସ୍ୱାଇଡ଼ରର ସମ୍ପୃକ୍ତି ଥିବା ସୂଚନା ଦେଇଥିଲା। ସ୍ୱାଇଡର ବିନା କୌଣସି ସାହାରାରେ କାନ୍ଥରେ ଚଢିବାକୁ ସକ୍ଷମ ହୋଇଥାଏ। ସର୍ଟର ଝରକାକୁ ଅତି ସହଜରେ ଖୋଲି ଘରେ ପଶି କଳାକନା ବୁଲାଇବାରେ ବେଶ ଧୂରନ୍ଧର ହୋଇଥିବାରୁ ଏହି ଘଟଣାରେ ତା'ର ସମ୍ପୃକ୍ତି ଥିବା ପୁଲିସ କହିଥିଲା।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ||



ସ୍ୱର୍ଗତ ଭାସ୍କର ମହାରଣା
ରାମନଗର ପ୍ରଥମ ଲେନ, କମାପଲି, ବ୍ରହ୍ମପୁର (ଗଞ୍ଜାମ)

ଆବିର୍ଭାବ : ୧୦.୧୦.୧୯୪୮
ତିରୋଧାନ : ୨୮.୦୧.୨୦୨୬

ବାପା ଆପଣ ଯିବାର ୧୧ ଦିନ ହେଇଗଲା । ଆପଣଙ୍କର ସ୍ନେହ, ଭଲ ପାଇବା, ତ୍ୟାଗ ଆମପାଇଁ ଚିର ସ୍ମରଣୀୟ ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶ୍ରଦ୍ଧାଞ୍ଜଳି ସହ : ପୁତ୍ର ଜଗଦୀଶ, ମହେଶ, ପୁତ୍ରବଧୂ କ୍ରୀଷ୍ଣା, ଝିଅ,ଜୋଇଁ ଓ ନାତି ନାତୁଣୀମାନେ



# ଯାତ୍ରା ମହାକୁମ୍ଭର ଆଜି ବିଦାୟ ରଜନୀ



ଭୁବନେଶ୍ୱର, ୬।୨ (ସମିସ): ଆସନ୍ତାକାଲି ସରିବ ଖଣ୍ଡଗିରିର ଅଘୋଷିତ ଯାତ୍ରା ପ୍ରତିଯୋଗିତା। ୧୧ଦିନ ଧରି ଚାଲିଥିବା ଯାତ୍ରା ମହାକୁମ୍ଭରେ ଯବନିକା ପଡ଼ିବ। କମିଟି ଓ ଅପେରା ପାର୍ଟିଙ୍କ ହାତରେ ମାତ୍ର ଦୁଇ ଦିନ। ଶେଷ ଦୁଇ ଦିନରେ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ଶୁକ୍ରବାର ରାତିରୁ ସମସ୍ତେ ଲାଗି ପଡ଼ିଥିଲେ। ରାତି ଯେତିକି ବଢୁଥିଲା, ଭିଡ କମିବା ପରିବର୍ତ୍ତେ ବଢୁଥିଲା। ଅଘୋଷିତ ଯାତ୍ରା ପ୍ରତିଯୋଗିତାର ଅଲିଖିତ ନିୟମ ମଧ ରହିଛି। ଯେଉଁ ପାର୍ଟି ନିଜ ନାଟକରେ ଅଧିକ ଦିନ ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧିରଖିବ ସେହି ପାର୍ଟି ବର୍ଷକ ପାଇଁ ବେଶ୍ ନାଁ କମାଇବ। ତେଣୁ ସବୁ ପାର୍ଟି ଦର୍ଶକଙ୍କୁ ଆକର୍ଷିତ କରିବା ଲାଗି ଫୁଲ୍ ଦମ୍‌ରେ କସରତ କରୁଛନ୍ତି। ଶେଷ ପର୍ଯ୍ୟାୟ ଲଢ଼େଇ ଦେଖିବାକୁ ଦର୍ଶକଙ୍କ ଭିତରେ ମଧ ବେଶ୍ ଆଗ୍ରହ ଦେଖିବାକୁ ମିଳୁଛି।

ସନାତନ ସେବା ସମିତି ପେଣ୍ଡାଲରେ ଅନ୍ତିମ ପର୍ଯ୍ୟାୟ ଲଢେଇ ଲଢୁଥିବା ସୂର୍ଯ୍ୟମନ୍ଦିର ଦ୍ୱିତୀୟ ଥର ଲାଗି ବହି ବଦଳାଇଛି। ଅର୍ଥାତ୍ ମାତ୍ର ୫ ଦିନ ମଧରେ ତୃତୀୟ ନାଟକ ପରିବେଷଣ କରୁଛି। ଶୁକ୍ରବାର ରାତିରେ ସୂର୍ଯ୍ୟମନ୍ଦିର ତା'ର ୫ମ ରଜନୀରେ ଅରୁଣ ବାରିକଙ୍କ ରଚିତ ଓ ତାପସ ସ୍ୱାଇଁଙ୍କ ନିର୍ଦ୍ଦେଶିତ 'ନଖି ନାନୀ ପୁଅ ଭଗିଆ' ନାଟକ ମଞ୍ଚସ୍ଥ କରିଛି। ହୃଷୀକେଶ, ମାମା, ସିଲୁ, କାଳୀ ଓ ଖଳନାୟକ ଭୂମିକାରେ ଡ୍ୟାନି ଓ ଭିକାରୀ ସ୍ୱାଇଁଙ୍କ କମେଡି ଦର୍ଶକଙ୍କୁ ଆକର୍ଷିତ କରିଛି।

ଇନ୍ଦିରା ସାଂସ୍କୃତିକ ପରିଷଦ ମଞ୍ଚରେ ଶିବାନୀ ଗଣନାଟ୍ୟ 'ଏ ମନ କାଶୀ ବୃନ୍ଦାବନ' ନାଟକ ପରିବେଷଣ କରିଛି। ଗୌର-କାବେରୀଙ୍କ ଅଭିନୟ ସାଙ୍ଗକୁ ବ୍ରଜ ପାଣିଙ୍କ କମେଡି ଓ ଟାହିଆଙ୍କ ଖଳନାୟକ ଚରିତ୍ର ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛି।

ହରେକୃଷ୍ଣ ମହତାବ ପେଣ୍ଡାଲରେ ଖେଳୁଥିବା ତୁଳସୀ ଗଣନାଟ୍ୟ ୭ମ ରାତିରେ ମଧ ସେଇ ନାଟକ ମଞ୍ଚସ୍ଥ କରିଛି। 'ଏଇ ବୋଧେ ଶେଷ ଦେଖା' ବହିକୁ ନେଇ ଅନୁଷ୍ଠାନ ମଇଦାନରେ ଲଢୁଛି। ସାଇ-ସୋନାଲି-ପାୟଲଙ୍କ କ୍ରେଜ୍ ଦର୍ଶକଙ୍କୁ ନାଟକ ଦେଖିବାକୁ ବାଧ୍ୟ କରୁଛି।

କଳିଙ୍ଗ ପେଣ୍ଡାଲରେ ନାଟକ ପରିବେଷଣ କରୁଥିବା କଳିଙ୍ଗ ଗଣନାଟ୍ୟ ତୃତୀୟ ରାତିରେ ମଧ 'ରାଜଧାନୀର ରାଜା ଆଚାର୍ଯ୍ୟ' ବହି ରିପିଟ୍ କରିଛି। ଅଶ୍ୱିନୀ-ବର୍ଷା, ବାପି-ସୋଫିଆ, ଅକ୍ଷୟ-କବିତା, ରଶ୍ମି, ଅକ୍ଷୟଙ୍କ ଅଭିନୟର ଯାଦୁ ଦେଖିବାକୁ ମିଳିଛି।

ମା' ମଙ୍ଗଳା ପେଣ୍ଡାଲରେ ଖେଳୁଥିବା ରଙ୍ଗମହଲ ୫ମ ରାତିରେ ମଧ 'କଟି କଟି ଡବଲ୍ କଟି' ନାଟକ ମଞ୍ଚସ୍ଥ କରିଛି। ପ୍ରତାପ-ଜିତା-ଜୀବନ ଓ ଜୀବନ ପତି-ମାମା-ମୁନୁ ପଣ୍ଡାଙ୍କ ଅଭିନୟ ଦେଖିବାକୁ ସାରା ରାତି ଉଜାଗର ହୋଇଛନ୍ତି ଦର୍ଶକ।

ଅନନ୍ତ କେଶରୀ ଦେବ ପେଣ୍ଡାଲରେ ନାଚୁଥିବା ନାଟ୍ୟ ମଣ୍ଡପ ପଞ୍ଚମ ରଜନୀରେ 'ଲେଡି ଗ୍ୟାଙ୍ଗଷ୍ଟର' ନାଟକ ପରିବେଷଣ କରିଛି। ରାଣୀ ପଣ୍ଡା, ଜୟଶ୍ରୀ (ବିନି) ଓ ସ୍ନେହାଶ୍ରୀ, କମେଡିରେ ଗୁଡୁଙ୍କ ଅଭିନୟ, ଏବଂ ବାବୁଲି ପଣ୍ଡାଙ୍କ ଖଳନାୟକ ଚରିତ୍ର ଦେଖିବାକୁ ମିଳିଛି। ନାଟକ ରିପିଟ୍ ହେଉଥିବା ବେଳେ ଦର୍ଶକଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି।

ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ଯାତ୍ରା ବିଶ୍ୱ ଦରବାର ଚତୁର୍ଥ ରାତିରେ ସେଇ 'ବଦନାମ ଗଳିର ବାଦଶାହା' ନାଟକ ଭେଟି ଦେଇଛି। ସିନେ ଷ୍ଟାର୍ ଲରେନ୍ସ, କମଳ ନନ୍ଦ, ଭାରତୀ, ଗୌର ପାଢ଼ୀ, ସୁକାନ୍ତି ପାଢ଼ୀଙ୍କ ଅଭିନୟ ଓ ଖଳନାୟକ ସତ୍ୟଙ୍କ ଛାତିଥରା ଡାଇଲଗ୍ ଶୁଣିବାକୁ ମିଳୁଛି। ଲଗାତାର ସେଇ ନାଟକ ପରିବେଷଣ ହେଉଥିଲେ ମଧ ଦର୍ଶକଙ୍କ ମଧରେ ଆଗ୍ରହ ବଢୁଥିବା ଦେଖିବାକୁ ମିଳୁଛି।



## ଆଜି କେଉଁ ପେଣ୍ଡାଲରେ କୋଉ ବହି

| | | |
|---|---|---|
| ହରେକୃଷ୍ଣ ମହତାବ ପେଣ୍ଡାଲ | ତୁଳସୀ ଗଣନାଟ୍ୟ | 'ଏଇ ବୋଧେ ଶେଷ ଦେଖା' |
| ସନାତନ ପେଣ୍ଡାଲ | ଅପେରା ସୂର୍ଯ୍ୟମନ୍ଦିର | 'ନଖି ନାନୀ ପୁଅ ଭଗିଆ' |
| ଇନ୍ଦିରା ସାଂସ୍କୃତିକ ପେଣ୍ଡାଲ | ଶିବାନୀ ଗଣନାଟ୍ୟ | ଏ ମନ କାଶୀ ବୃନ୍ଦାବନ |
| ମା ମଙ୍ଗଳା ପେଣ୍ଡାଲ | ଯାତ୍ରା ରଙ୍ଗ ମହଲ | 'କଟି କଟି ଡବଲ୍ କଟି' |
| ଜୟଦୁର୍ଗା ପେଣ୍ଡାଲ | ଯାତ୍ରା ବିଶ୍ୱ ଦରବାର | 'ବଦନାମ ଗଳିର ବାଦଶାହା' |
| କଳିଙ୍ଗ ପେଣ୍ଡାଲ | କଳିଙ୍ଗ ଗଣନାଟ୍ୟ | 'ରାଜଧାନୀର ରାଜା ଆଚାର୍ଯ୍ୟ' |
| ଅନନ୍ତ କେଶରୀ ଦେବ ପେଣ୍ଡାଲ | ଅପେରା ନାଟ୍ୟ ମଣ୍ଡପ | 'ଲେଡି ଗ୍ୟାଙ୍ଗଷ୍ଟର' |

## ଆଜିର କାହାଣୀ
## ନଖି ନାନୀ ପୁଅ ଭଗିଆ

ସନାତନ ସେବା ସମିତି ମଞ୍ଚରେ ଅପେରା ସୂର୍ଯ୍ୟମନ୍ଦିର ପଞ୍ଚମ ରଜନୀରେ ଅରୁଣ ବାରିକଙ୍କ ରଚିତ ଓ ତାପସ ସ୍ୱାଇଁଙ୍କ ନିର୍ଦ୍ଦେଶିତ 'ନଖି ନାନୀ ପୁଅ ଭଗିଆ' ନାଟକ ମଞ୍ଚସ୍ଥ କରିଛି। କାଳୀଙ୍କୁ ନଖି ନାନୀ ଭୂମିକାରେ ଓ ହୃଷୀକେଶଙ୍କୁ ତାଙ୍କ ପୁଅ ଭୂମିକାରେ ଦେଖିବାକୁ ମିଳିଛି। ନଖି ନାନୀ ଅଭାବୀ ହୋଇଥିଲେ ମଧ ଠିକ୍ ରାସ୍ତାରେ ଚାଲିବାକୁ ଶିକ୍ଷା ଦିଏ। ବଡ଼ପୁଅ ଭଗିଆ ମଧ ପରୋପକାରୀ, ଗାଁରେ କିଛି ଅସୁବିଧା ହେଲେ ଆଗରେ ଛିଡ଼ା ହୁଏ। ଭଗିଆର ପ୍ରଥମ ପତ୍ନୀ ମୃତ୍ୟବରଣ କରିଥିବା ବେଳେ ଝିଅଟିଏ ଅଛି। କାହାଣୀର ଖଳନାୟକ ଜଣଙ୍କୁ ହତ୍ୟା କରିବା ବେଳେ ଭଗିଆ ଦେଖି ଦେଉଛି। ଖଳନାୟକ ମଧ ସବୁ ଦୋଷ ଭଗିଆ ମୁଣ୍ଡରେ ଲଦି ଦେଇ ହତ୍ୟାକାରୀ ସଜାଇ ଦେଉଛି। ସେତିକିବେଳେ ଭଗିଆ ବାପାଙ୍କର ହୃଦ୍ ସମ୍ବନ୍ଧୀୟ ରୋଗ ବାହାରୁଛି ଓ ଚିକିତ୍ସା ପାଇଁ ୫ ଲକ୍ଷ ଟଙ୍କା ଦରକାର ବୋଲି ଡାକ୍ତର କହୁଛନ୍ତି। ଖଳନାୟକ ଠିକ୍ ସେତିକିବେଳେ ଭଗିଆକୁ ଟଙ୍କା ଯାଚିବା ସହ ହତ୍ୟା ମାମଲା ନିଜ ଉପରକୁ ନେବାକୁ କହୁଛି। ବାପାଙ୍କ ଚିକିତ୍ସା ପାଇଁ ଭଗିଆ ସବୁକିଛି ତ୍ୟାଗ କରିବା ସହ ଦୋଷ ନିଜ ମୁଣ୍ଡ ଉପରକୁ ନେଇ ଯାଉଛି। ମୃତକଙ୍କ ଭଉଣୀ (ଭଗିଆର ପ୍ରେମିକା) ତାକୁ ଘୃଣା କରିବା ଆରମ୍ଭ କରୁଛନ୍ତି। ଏଥିସହିତ ସପରିବାର ଭଗିଆଙ୍କ ମାଆ ତଥା ନଖି ନାନୀଙ୍କ ପାଖକୁ ଯାଇ ନ୍ୟାୟ ମାଗୁଛନ୍ତି। ମୃତକ ଏକମାତ୍ର ରୋଜଗାରିଆ ପୁଅ ହୋଇଥିବାରୁ ତାଙ୍କ ପତ୍ନୀ ଓ ପରିବାର କିପରି ଚଳିବେ, ସେନେଇ ପ୍ରଶ୍ନ ପଚାରୁଛନ୍ତି। ନଖି ନାନୀ ମଧ ନିଷ୍ପତ୍ତି ନେଉଛନ୍ତି ଯେ, ଭଗିଆ ହିଁ ମୃତକଙ୍କ ବିଧବା ପତ୍ନୀଙ୍କୁ ବିବାହ କରିବ ଓ ସାରା ଜୀବନ ପରିବାରର ବୋଝ ଉଠାଇବ। ଶେଷ ଭାଗରେ ସତ୍ୟ ଉନ୍ମୋଚନ ହେବା ସହ ଭଗିଆ ନିର୍ଦ୍ଦୋଷ ବୋଲି ପ୍ରମାଣିତ ହେଉଛି। ଭଗିଆ ତାଙ୍କ ପ୍ରଥମ ପତ୍ନୀଙ୍କ ଝିଅର ସୁନେଲି ଭବିଷ୍ୟତ ପାଇଁ ଗୋଟିଏ କିଡନୀ ବିକ୍ରି କରି ଦେଉଛନ୍ତି। ହେଲେ ସେହି ଝିଅକୁ ଖଳନାୟକ ହତ୍ୟା କରି ଦେଉଛି। ଭଗିଆ ପ୍ରତିଶୋଧ ନେବାକୁ ଯାଇ ଖଳନାୟକକୁ ମାରି ଦେଉଥିଲେ ମଧ ଖଳନାୟକର ଛୁରା ମାଡ଼ରେ ନିଜେ ପ୍ରାଣ ହରାଉଛନ୍ତି।

## 'ଖଣ୍ଡଗିରି ଭଳି ବଡ଼ ଓ ଶୃଙ୍ଖଳିତ ଯାତ୍ରା ପେଣ୍ଡାଲ ଓଡ଼ିଶାରେ ନାହିଁ'



**ଖଣ୍ଡଗିରି ଯାତ୍ରା ମହାକୁମ୍ଭ ପରିପ୍ରେକ୍ଷୀରେ ଭେଟେରାନ୍ କମେଡିଆନ ଭିକାରୀ ସ୍ୱାଇଁଙ୍କ ସହ 'ସକାଳ' ପ୍ରତିନିଧିଙ୍କ ସାକ୍ଷାତକାର।**

**ଯାତ୍ରାକୁ କେବେ ଓ କିପରି ଆସିଲେ?**

ଉ- ପ୍ରଥମେ ଗାଁରେ ଡ୍ରାମା କରୁଥିଲି। ସେତେବେଳେ ଯେଉଁ ସାର୍ ମୋତେ ଅଭିନୟ ଶିଖାଉଥିଲେ, ସେ ମୋତେ ଯାତ୍ରାକୁ ପଠାଇଥିଲେ। ୨୦୦୪ ମସିହାରେ ମୁଁ ଯାତ୍ରା ଜଗତକୁ ଆସିଲି।

**ଖଣ୍ଡଗିରିକୁ କେବେଠାରୁ ଆସୁଛନ୍ତି ଓ ଏବେ କ'ଣ ଫରକ କ'ଣ ଦେଖୁଛନ୍ତି?**

ଉ- ପ୍ରାୟ ୨୦ ପୂର୍ବେ ଖଣ୍ଡଗିରି ଯାତ୍ରାକୁ ଆସିଲି। ଏତେ ବଡ଼ ଓ ଶୃଙ୍ଖଳିତ ପେଣ୍ଡାଲ ଓଡ଼ିଶାରେ ନାହିଁ, ଯେଉଁଠି ସବୁବର୍ଗର ଲୋକ ଆସି ନାଟକ ଦେଖୁଛନ୍ତି। ସେତେବେଳେ ଏତେ ସାଜସଜ୍ଜା ନ ଥିଲା କି ଏତେ ସଂଖ୍ୟକ ଯୁବ ଦର୍ଶକ ନ ଥିଲେ।

**ଯାତ୍ରାରେ ସୋସିଆଲ ମିଡିଆର ପ୍ରଭାବ କ'ଣ?**

ଉ- ସୋସିଆଲ ମିଡିଆ ଯୋଗୁଁ ଯୋଗାଯୋଗ ସୁବିଧା ହେବା ସହ ଲୋକଙ୍କ ପାଖରେ ପହଞ୍ଚି ପାରୁଛୁ। ଆମ ଅଭିନୟ ଦେଖି ଲୋକମାନେ କମେଣ୍ଟ ଦେଉଛନ୍ତି। ସେହି କମେଣ୍ଟରୁ ଆମେ ଭୁଲ୍ ମଧ ସୁଧାରି ପାରୁଛୁ। ସୋସିଆଲ ମିଡିଆ ନାଟକକୁ ବହୁତ ଆଗକୁ ନେଇ ଯାଇଛି।

**କମେଡିକୁ ନେଇ ନାଟକ କରିହେବ କି?**

ଉ- କମେଡିକୁ ନେଇ ଅନେକ ଚଳଚିତ୍ର ହୋଇଛି, ଆଉ ସେଗୁଡ଼ିକ ହିଟ୍ ମଧ ହୋଇଛି। ତାହାଲେ ନାଟକ କାହିଁ ହେବନାହିଁ? ହସିବା ପାଇଁ କାହାକୁ ଭଲ ନ ଲାଗେ! ଯେତେ ଚିନ୍ତାରେ ଥିଲେ ମଧ କମେଡି ସିନ୍ ଆସିଲେ ଲୋକ ଦୁଃଖ ଭୁଲିଯାଆନ୍ତି। ତେଣୁ କମେଡିକୁ ନେଇ ନାଟକ ହେଲେ ଲୋକ ଦେଖିବେ ଓ ଦର୍ଶକୀୟ ଆଦୃତି ମଧ ବଢ଼ିବ।

**ଯାତ୍ରା ଆପଣଙ୍କ ପରିବାର ଜୀବନରେ ଖରାପ ପ୍ରଭାବ ପକାଇଛି କି?**

ଉ- ନାଁ, ଯାତ୍ରାକୁ ଆସିକି ମୋତେ ଫାଇଦା ମିଳିଛି। ମୁଁ ଯାତ୍ରାକୁ ନ ଆସିଥିଲେ ସାଧାରଣ ଲୋକଙ୍କ ଭଳି ଥାଆନ୍ତି। ଯାତ୍ରା ମୋତେ ପରିଚୟ ଦେଇଛି। ଯାତ୍ରାକୁ ଆସିବାରୁ ଓଡ଼ିଶାର ଅନେକ ଲୋକ ମୋତେ ଜାଣିଛନ୍ତି। ଏହି ପେଶା ମୋ? ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ସହ ବହୁତ ଉନ୍ନତି ଆଣିଛି।

**କାହାଣୀରେ କିଛି ପରିବର୍ତ୍ତନ ହୋଇଛି କି?**

ଉ- ପୂର୍ବ ଅପେକ୍ଷା କାହାଣୀ ଟିକେ କମିଯାଇଛି, କିନ୍ତୁ ଲୋକାଦୃତ ହେଉଛି। ମୋଟାମୋଟି କହିବାକୁ ଗଲେ, ଲୋକଙ୍କ ରୁଚି ଅନୁସାରେ ନାଟକରେ ପରିବର୍ତ୍ତନ ଆସିଛି।

**ନାଟକ ପ୍ରେମୀଙ୍କ ସଂଖ୍ୟା ବଢ଼ିଛି ନା କମିଛି?**

ଉ- ନାଟକ ପ୍ରେମୀଙ୍କ ସଂଖ୍ୟା ବହୁତ ବଢ଼ିଛି। ଆଜିକାର ଯୁବକମାନେ ନାଟକ ଦେଖିବାକୁ ମନ ବଳାଉଛନ୍ତି। କାରଣ ସେମାନେ ଯାହା ଚାହୁଁଛନ୍ତି, ତାହା ନାଟକ ମାଧ୍ୟମରେ ପାଉଛନ୍ତି।

**ଯାତ୍ରାରେ ନାୟକ/ନାୟିକାମାନଙ୍କୁ ଯେମିତି ସମ୍ମାନ ମିଳୁଛି, କମେଡି କଳାକାରଙ୍କୁ ସେତିକି ମିଳୁଛି କି?**

ଉ- ଯେମିତି ଖାଦ୍ୟରେ ଭାତ, ଡାଲି ତରକାରୀ ଓ ଖଟା ଥାଏ। ସେମିତି ନାଟକରେ ହିରୋ ହିରୋଇନ୍ ମାନେ ଭାତ ଡାଲି ହେଲେ କମେଡିଆନ୍ ଖଟା। ସେମାନେ ଏକପ୍ରକାର ନାଟକର ଭାର ମୁଣ୍ଡାଇଛନ୍ତି, ତେଣୁ ଅଧିକ ସମ୍ମାନ ପାଉଛନ୍ତି। ସବୁ ପରେ, ନିଜର ଦକ୍ଷତା ଥିଲେ ଆପଣ ଯେଉଁ ଚରିତ୍ରରେ ଅଭିନୟ କଲେ ମଧ ସମ୍ମାନ ପାଇବେ।

## ଖଣ୍ଡଗିରି ମେଳା



ଖଣ୍ଡଗିରି ଏକ ମେଳା ନୁହେଁ; ଏହା ଆମ ଅଞ୍ଚଳବାସୀଙ୍କ ମଧରେ ସମ୍ପର୍କ ଯୋଡ଼ିବାର ଏକ ମାଧମ। ବର୍ଷକରେ ଥରେ ଆମେ ଚାହିଁ ବସିଥାଉ କେବେ ଖଣ୍ଡଗିରି ମେଳା ଆସିବ। ମେଳାରେ ପଡ଼ିଥିବା ଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳର ୪୦ଟି ଗାଁର ଲୋକେ ଏକାଠି ହୋଇଥାଉ। ସମସ୍ତଙ୍କ ମଧରେ ସମ୍ପର୍କ ରକ୍ଷା କରିବା ସହ ଆତ୍ମୀୟତାର ସହ ଆମ ଅଞ୍ଚଳକୁ ଏକାଠି କରି ରଖିଥାଏ ଏହି ଖଣ୍ଡଗିରି ମେଳା।

-ରାକେଶ କୁମାର ମହାନ୍ତି, ନୂଆଗାଁ



କଟକ ମେଳଣ କହିଲେ ଲୋକେ ଯେମିତି ଐତିହାସିକ ବାଲିଯାତ୍ରାକୁ ବୁଝନ୍ତି। ଆମ ଅଞ୍ଚଳର ବଡ଼ ଯାତ୍ରା ବା ମେଳଣ କହିଲେ ଲୋକେ ଖଣ୍ଡଗିରି କୁମ୍ଭମେଳାକୁ ବୁଝନ୍ତି। ଏହା କେବଳ ବ୍ୟବସାୟିକ ପେଣ୍ଠସ୍ଥଳୀ ନୁହେଁ; ମନୋରଞ୍ଜନ ଏବଂ ଏକାଠି ହେବାର ଏକ ମାଧମ। ଆମ ପିଲାବେଳୁ ପ୍ରାୟ ୪୦ ବର୍ଷ ହେଲା ଖଣ୍ଡଗିରି ମେଳାକୁ ଆସୁଛି। ପିଲାବେଳେ ଗୁରୁଜନମାନଙ୍କ ସହ ଆସୁଥିଲୁ, ଏବେ ଆମେ ଖଣ୍ଡଗିରି ଯାତ୍ରା ଦେଖିବା ପାଇଁ ଆସୁଛି। ପ୍ରତିବର୍ଷ ଦୁଇତିନି ରାତି ଯାତ୍ରା ନାଟକ ନ ଦେଖିଲେ ଯେମିତି ବର୍ଷଟା ଅଧୁରା ରହିଗଲା ଭଳି ଲାଗେ।

-ସଞ୍ଜୟ କୁମାର ସୁବୁଦ୍ଧି (ଭାଲୁ), ବଡ଼ରଘୁନାଥପୁର



ଖଣ୍ଡଗିରି ମେଳା ଭଳି ଏକ ବଡ଼ ସାଂସ୍କୃତିକ ମହାମିଳନ ଆମ ଅଞ୍ଚଳରେ ହେଉଥିବାରୁ ଏହା ଆମ ପାଇଁ କେବଳ ଗର୍ବର ବିଷୟ ନୁହେଁ ଗୌରବର ବିଷୟ। ଆମେ ପିଲାଟି ବେଳୁ ଦେଖି ଆସୁଛି ଭୁବନେଶ୍ୱର ଉପକଣ୍ଠ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଲୋକେ ଖଣ୍ଡଗିରି ମେଳା ଦେଖିବାକୁ ଆସିଥାନ୍ତି। ଏଠାରୁ ବର୍ଷକ ପାଇଁ ଲୋକେ ବିଭିନ୍ନ ଘରକରଣା ଜିନିଷ କ୍ରୟ କରିଥାନ୍ତି। ଏଥି ସହିତ ଏଠାକାର ଯାତ୍ରା ମହାକୁମ୍ଭ ସମଗ୍ର ରାଜ୍ୟରେ ବଡ଼ ପ୍ରତିଯୋଗିତା। ରାଜ୍ୟର ବଡ଼ବଡ଼ ଯାତ୍ରା ପାର୍ଟିଙ୍କ ଏହା ଏକ ମିଳନ ପର୍ବ।

- ପିନାକୀ ସାହୁ, ପାତ୍ରପଡ଼ା

## ଅଷ୍ଟମ ଓଜେଏଲ୍ ଯାତ୍ରା କଳାକାର ସମ୍ମାନ



ଭୁବନେଶ୍ୱର, ୬।୨ (ସମିସ): ଯାତ୍ରା କଳାକାରଙ୍କୁ ଉତ୍ସାହିତ କରିବା ପାଇଁ ଓଡ଼ିଶା ଯାତ୍ରା ଲଭର୍ (ଓଜେଏଲ୍) ପକ୍ଷରୁ ଜୟଦେବ ଭବନ ଠାରେ ଅଷ୍ଟମ ଓଜେଏଲ୍ ଯାତ୍ରା କଳାକାର ସମ୍ମାନ ଉତ୍ସବ ପାଳିତ ହେଇଯାଇଛି। ମୁଖ୍ୟ ଅତିଥି ଭାବେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ସ୍ଥପତି ଶିଳ୍ପୀଗୁରୁ ପଦ୍ମଶ୍ରୀ ପ୍ରଭାକର ମହାରଣା ଓ ମୁଖ୍ୟବକ୍ତା ଭାବେ ସୁଧାଂଶୁ ଶେଖର ରାଉତ ଯୋଗଦେଇଥିଲେ। ବର୍ଷର ଶ୍ରେଷ୍ଠ ଯାତ୍ରା କଳାକାରଙ୍କ ଠାରୁ ଆରମ୍ଭ କରି, ହାସ୍ୟ ଅଭିନେତା, ଖଳନାୟକ, ଉପସ୍ଥାପିକା, ସଙ୍ଗୀତ ନିର୍ଦ୍ଦେଶକ, ନୃତ୍ୟଗୁରୁ ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ରମେଶ ପାଣିଗ୍ରାହୀ, ରାଜେନ୍ଦ୍ର ପତି, ସରୋଜ ମହାପାତ୍ର, ଦେବାଶିଷ ମିଶ୍ର, ଜ୍ୟୋତିଷ ଚନ୍ଦ୍ର ତ୍ରିପାଠୀ ଉପସ୍ଥିତ ଥିଲେ। ଓଜେଏଲ୍ ଅଧକ୍ଷ କାର୍ତ୍ତିକ ସ୍ୱାଇଁ, ସମ୍ପାଦକ ସଞ୍ଜୀବ ସାମଲ, ମୁଖପାତ୍ର ଚିନ୍ମୟ ମିଶ୍ର, ଉମେଶ ସାହୁ, ଓଜେଏଲ୍ ସଞ୍ଜୟ ନାୟକ, ସାଇ ପ୍ରସାଦ, ମାନସ ବାରିକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**ଅସହ୍ୟ ହେଲା ନିର୍ଯାତନା**

## ନାଣ୍ଟୁ ଧଳଙ୍କ ନାଁରେ ଥାନାରେ ମାମଲା

- ଅଭିଯୋଗ କଲେ ଖଳନାୟକ ସାଇ
- ମୋ ପୁଅକୁ ସୁରକ୍ଷା ଦିଆଯାଉ; ସାଇଙ୍କ ମାଆ

ଭୁବନେଶ୍ୱର, ୬।୨ (ସମିସ): ଅନ୍ୟ ଯାତ୍ରା ପାର୍ଟିକୁ ଯିବାକୁ ସ୍ଥିର କରିଥିବାରୁ ନିର୍ଯାତନା ଦେଉଛନ୍ତି ମାଲିକ। କେବଳ ନିର୍ଯାତନା ଦେଉନାହାନ୍ତି, ବରଂ ଗୁଣ୍ଡା ଲଗାଇ ଧମକଚମକ ମଧ ଦେଉଛନ୍ତି। ତୁଳସୀ ଗଣନାଟ୍ୟ ମାଲିକ ଅନନ୍ତ ନାରାୟଣ ଧଳ ଓରଫ୍ ନାଣ୍ଟୁଙ୍କ ବିରୋଧରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଯାତ୍ରା ଅଭିନେତା ସାଇ ସତ୍ୟଜିତ୍ ପଣ୍ଡା। ସାଇ ଖଣ୍ଡଗିରି ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ସାଇ ଗତବର୍ଷ ଅଗଷ୍ଟ ମାସରେ ତୁଳସୀ ଗଣନାଟ୍ୟରେ ଅଭିନୟ କରିବାକୁ ସହ ବର୍ଷକ ପାଇଁ ଚୁକ୍ତି କରିଥିଲେ। ଚଳିତବର୍ଷ ତାଙ୍କ ଚୁକ୍ତି ସରୁଥିବାରୁ ସେ ଅନ୍ୟ ପାର୍ଟିକୁ ଯିବାକୁ ସ୍ଥିର କରିଛନ୍ତି। ତୁଳସୀ ମାଲିକ ନାଣ୍ଟୁ ଧଳ ଏହି ଖବର ଶୁଣିବା ପରେ ସାଇଙ୍କ ଉପରେ ଅତ୍ୟାଚାର ଆରମ୍ଭ କରି ଦେଉଛନ୍ତି। ଗୁଣ୍ଡା ଶ୍ରେଣୀୟ ଲୋକମାନଙ୍କୁ ପଠାଇ ସାଇଙ୍କୁ ପାର୍ଟି ନ ଛାଡ଼ିବାକୁ ଧମକଚମକ ଦେଉଛନ୍ତି। ଏମିତିକି ଅସାମାଜିକ ଯୁବକମାନେ ନାଣ୍ଟୁ ଧଳଙ୍କ ଉପସ୍ଥିତିରେ ସାଇଙ୍କୁ ଧମକାଇବା ସହ ପାର୍ଟି ଛାଡ଼ିଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ଏବେ ଖଣ୍ଡଗିରି ଯାତ୍ରାରେ ତୁଳସୀ ଗଣନାଟ୍ୟ ନାଟକ କରୁଛି। ଗତକାଲି ରାତିରେ ସାଇ ଅଭିନୟ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ଗୁଣ୍ଡାମାନେ ଆସି ଘେରି ଯାଇଥିଲେ। ଠେଲାପେଲା କରିବା ସହ ଧମକଚମକ ଦେଇଥିଲେ। ସାଇ ଭୟଭୀତ ହୋଇ ଚେତା ହରାଇ ବସିଥିଲେ। ସହ କଳାକାର ଓ ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

ଆଜି ସାଇ ଡାକ୍ତରଖାନାରୁ ଆସିବା ପରେ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୁଲିସ ନାଣ୍ଟୁ ଧଳ ଓ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ କରୁଛି। କେବଳ ଏତିକି ନୁହେଁ, ପୁଅକୁ ନିର୍ଯାତନା ଦିଆଯାଉଥିବା ନେଇ ମାଆ ପଦ୍ମିନୀ ଦାଶ ବାଲିପାଟଣା ଥାନାରେ ଏତଲା ଦେଇଛନ୍ତି। ପୁଅର ଜୀବନ ପ୍ରତି ବିପଦ ଥିବାରୁ ତାକୁ ସୁରକ୍ଷା ଦେବାକୁ ପଦ୍ମିନୀ ଦାବି କରିଛନ୍ତି। ସେପଟେ ଯଲିଉଡ କଳାକାର ସାଇ ସତ୍ୟଜିତ୍ ପଣ୍ଡାଙ୍କୁ ଆସନ୍ତାବର୍ଷ ଅପେରା ସୂର୍ଯ୍ୟମନ୍ଦିରରେ ଦେଖିବାକୁ ମିଳିବ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ପ୍ରକାଶ ପାଇଛି। ସାମାଜିକ ଗଣମାଧମରେ ଏନେଇ ଖବର ଭାଇରାଲ ହେଉଛି।

## ବିନା ରିହର୍ସାଲରେ 'ତୋଫାନ'



ଭୁବନେଶ୍ୱର, ୬।୨ (ସମିସ): ହରେକୃଷ୍ଣ ମହତାବ ପେଣ୍ଡାଲରେ ତୁଳସୀ ଗଣନାଟ୍ୟ ସାତ ରାତି ଧରି 'ଏଇ ବୋଧେ ଶେଷ ଦେଖା' ନାଟକ ପରିବେଷଣ କରିଆସୁଛି। ସାଇ ଖଳନାୟକ ଭୂମିକାରେ ଅଭିନୟ କରୁଥିବା ବେଳେ ସୋନାଲି ଓ ପାୟଲ ତାଙ୍କ ପତ୍ନୀ ଚରିତ୍ରରେ ଅଭିନୟ କରୁଥିଲେ। ସେହିପରି ସାଇଙ୍କ ବଡ଼ ଭାଇ ଭୂମିକାରେ ନବାଗତା ତୋଫାନ ସ୍ୱାଇଁ ଅଭିନୟ କରୁଥିଲେ। ହେଲେ ଗୁରୁବାର ରାତିରେ ନାଟକ ଆରମ୍ଭ ହେବାକୁ ଅଳ୍ପ ସମୟ ବାକି ରହିଥିବା ବେଳେ ହଠାତ୍ ସାଇଙ୍କ ଶରୀର ଅସୁସ୍ଥ ହୋଇ ଯାଇଥିଲେ। ସେପଟେ ନାଟକ ଦେଖିବାକୁ ମଞ୍ଚ ଚାରିପଟେ ଦର୍ଶକ ବସି ରହିଥିଲେ। ସାଇଙ୍କ ଅସୁସ୍ଥତା ପରେ ତାଙ୍କ ସ୍ଥାନରେ କିଏ ଅଭିନୟ କରିବେ ତାକୁ ନେଇ ଭାଳେଣି ପଡ଼ିବା ସହ କର୍ତ୍ତୃପକ୍ଷ ଚିନ୍ତାରେ ପଡ଼ି ଯାଇଥିଲେ। ସେହି ସମୟରେ ନାଟକର ରଚୟିତା ତଥା ନିର୍ଦ୍ଦେଶକ ପ୍ରଦୀପ ବେହେରା ସେହି ଚରିତ୍ରରେ ଅଭିନୟ କରିବାକୁ ତୋଫାନଙ୍କୁ ବାଛିଥିଲେ। ତୋଫାନ ମଧ କଥାକୁ କାଟି ନ ପାରି ଅଭିନୟ କରିବାକୁ ନିଷ୍ପତ୍ତି ନେଇଥିଲେ। ସାଇଙ୍କ ଭୂମିକାରେ ଅଭିନୟ କରିବାକୁ ତୋଫାନ ମଞ୍ଚକୁ ଚଢ଼ିଥିଲେ। ଆଉ ବିନା କୌଣସି ରିହର୍ସାଲରେ ସାଇଙ୍କ ଚରିତ୍ରକୁ ଭଲ ଭାବରେ ନିଭାଇଥିଲେ। ସାଇଙ୍କ ଅସୁସ୍ଥତା ଖବର ଶୁଣି ଉଠି ଯାଉଥିବା ଦର୍ଶକ ମଧ ବସିବାକୁ ବାଧ ହୋଇଥିଲେ। ତୋଫାନଙ୍କ ଦମଦାର ଡାଇଲଗ୍ ଦର୍ଶକଙ୍କ ଛାତି ଥରାଇ ଦେଇଥିଲା।



## ଆଜିଠୁ ପ୍ରେମ ସପ୍ତାହ

# ବେଙ୍ଗାଲୁରୁ, ରାୟପୁର ଗୋଲାପରେ ରୋଜ୍ ଡେ'

ଭୁବନେଶ୍ୱର, ୬।୨(ସମିସ): ଆସନ୍ତାକାଲି ଅର୍ଥାତ୍ ଶନିବାର ଠାରୁ ଆରମ୍ଭ ହେବ ପ୍ରେମ ସପ୍ତାହ ବା (ଭାଲେଣ୍ଟାଇନ୍ସ ୱିକ୍)। ଏହି ସପ୍ତାହଟି ବିଶେଷ କରି ପ୍ରେମୀ ଯୁଗଳଙ୍କ ଖାସ୍ ହୋଇଥାଏ। ୭ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ପ୍ରତିଟି ଦିନକୁ ନିଆରା ଢଙ୍ଗରେ ପାଳନ କରିଥାନ୍ତି ପ୍ରେମୀଯୁଗଳ। ସପ୍ତାହର ପ୍ରଥମ ଦିନକୁ ରୋଜ୍ ଡ୍ରେ' ଭାବେ ପାଳନ କରାଯାଇଥାଏ। ଏହି ଦିନରେ ପ୍ରେମୀ ଯୁଗଳ ହୁଅନ୍ତୁ ଅବା ଦମ୍ପତିମାନେ ନିଜ ମନର ମଣିଷକୁ ପ୍ରେମର ପ୍ରତୀକ ଭାବରେ ଗୋଲାପଟିଏ ଦେଇ ଦୁହେଁ ଦୁହିଁଙ୍କ ପାଇଁ ପ୍ରତିଜ୍ଞାବଦ୍ଧ ହୋଇ ଆରମ୍ଭ କରିଥାନ୍ତି ପ୍ରେମର ସମ୍ପର୍କ। ଏଥର ରୋଜ୍ ଡେ' ପାଇଁ ରାଜଧାନୀର ବିଭିନ୍ନ ଫୁଲ ଦୋକାନରେ ଭଳି କି ଭଳି ଗୋଲାପ ଫୁଲର ସମ୍ଭାର ଦେଖିବାକୁ ମିଳିଛି।

ଭାଲେନଟାଇନ୍ ସପ୍ତାହ ଆସିବା ମାତ୍ରେ ଯୁବପିଢ଼ିଙ୍କ ମଧ୍ୟରେ ଭରିଯାଏ ଉତ୍କଣ୍ଠା। ବର୍ତ୍ତମାନ ଏହି ସପ୍ତାହକୁ ସ୍ୱତନ୍ତ୍ର କରିବାକୁ କେବଳ ପ୍ରେମୀଯୁଗଳ ନୁହଁନ୍ତି ବରଂ ବିବାହିତ ଦମ୍ପତିମାନେ ମଧ୍ୟ ଏହି ସପ୍ତାହକୁ ସ୍ୱତନ୍ତ୍ର ଭାବେ ପାଳନ କରୁଥିବା ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଛି। ପତି ପତ୍ନୀଙ୍କ ଫଟୋ ସହିତ ବିଭିନ୍ନ ପ୍ରେମଭରା କୋଟେସନ୍ ସାତ ଦିନ ଧରି ଅପଲୋଡ୍ କରିବା ମଧ୍ୟ ନଜିର ରହିଛି। ତେବେ ସପ୍ତାହର ପ୍ରଥମ ଦିନରେ ମନର ମଣିଷକୁ ଗୋଲାପ ଫୁଲ ଦେଇ ଶୁଭେଚ୍ଛା ଜଣାଇଥାନ୍ତି ସମସ୍ତେ। ଏଥିପାଇଁ ସକାଳୁ ସକାଳୁ ବିଭିନ୍ନ ଫୁଲ ଦୋକାନରେ ଭିଡ଼ ଜମାଉଥିବା ବେଳେ ଫୁଲ ବ୍ୟବସାୟୀମାନେ ମଧ୍ୟ ଭଳି କି ଭଳି ଗୋଲାପ ଆମଦାନୀ କରିଛନ୍ତି। ବିବାହ ଋତୁ ସାଙ୍ଗକୁ ପ୍ରେମ ଋତୁରେ ଭଲ ବ୍ୟବସାୟ କରିବା ଲକ୍ଷ୍ୟରେ ରାଜଧାନୀ ବଜାରରେ ବେଙ୍ଗାଲୁରୁ, ରାୟପୁର, ରାୟପୁର, ନାସିକ୍, ଦିଲ୍ଲୀରୁ ଆମଦାନୀ ହୋଇଛି ସ୍ୱତନ୍ତ୍ର ଗୋଲାପ। ତେବେ ରୋଜ୍ ଡେ'ରେ ନାଲି ଗୋଲାପର ଚାହିଦା ବେଶୀ ରହିଥିବାରୁ ଗୋଲାପ ଗୋଟାଏ ୩୫ରୁ ୪୦ ଟଙ୍କାରେ ବିକ୍ରି ହେବ ବୋଲି ବ୍ୟବସାୟୀମାନେ କହିଛନ୍ତି। ସେହିପରି ଗୋଲାପ ତୋଡ଼ା ୨ଶହ ଟଙ୍କାରୁ ଆରମ୍ଭ ହୋଇ ୨ହଜାର ଟଙ୍କା ପର୍ଯ୍ୟନ୍ତ ରହିବ। ତେବେ ଚଳିତ ବର୍ଷ ଭଲ ବ୍ୟବସାୟ ହେବାର ଆଶା ରଖିଥିବା ବ୍ୟବସାୟୀମାନେ କହିଛନ୍ତି। ଏନେଇ ରାଜଧାନୀ ଫ୍ଲୋରିଷ୍ଟ ଆସୋସିଏସନ୍ ସଭାପତି ବିଭୁତି ଭୂଷଣ ସ୍ୱାଇଁ କହିଛନ୍ତି, ଭୁବନେଶ୍ୱରରେ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଫୁଲ ଦୋକାନ ରହିଥିବା ବେଳେ ପ୍ରାୟ ହଜାର ଗୋଲାପ ବଣ୍ଡଲ୍ ବିକ୍ରି ହେବାର ସମ୍ଭାବନା ରହିଛି। (ଗୋଟିଏ ବଣ୍ଡଲ୍‌ରେ ୨୦ଟି ଗୋଲାପ ରହିଥାଏ)। ତେବେ ଏହି ସମୟରେ ଗୋଲାପ ଗଛ କଟାଯାଇଥାଏ, ତେଣୁ ଆମଦାନୀ କମୁଥିବାରୁ ବର୍ଦ୍ଧିତ ଦର ରହିଥାଏ। ଯେଉଁ ଗୋଲାପ ଗୋଟାକ ୧୫ରୁ ୨୦ ଟଙ୍କା ରହିଥିଲା ରୋଜ୍ ଡେରେ ତାହା ୩୫ରୁ ୪୦ଟଙ୍କାରେ ବ୍ରିକି ହେବ। ତେବେ କୋଲକାତାରୁ ଆସୁଥିବା ଗୋଲାପ ଛୋଟ ଛୋଟ ଥିବାରୁ ଏହି ଗୋଲାପର ଚାହିଦା କମ୍ ରହିଛି। ତେଣୁ ତାର ଦର ୧୫ରୁ ୨୦ ଟଙ୍କା ରହିବ। ସେହିପରି ଗୋଲାପ ତୋଡ଼ା କିମ୍ବା ଅନ୍ୟ ଫୁଲ ତୋଡ଼ାର ମଧ୍ୟ ଚାହିଦା ରହିବ।

ପ୍ରଥମ ଦିନ ଗୋଲା ଦିବସ ଭାବେ ପାଳନ କରାଯାଉଥିବା ବେଳେ ଦ୍ୱିତୀୟ ଦିନକୁ ଅର୍ଥାତ୍ ୮ ତାରିଖକୁ ପ୍ରପୋଜ୍ ଡେ', ୯ ତାରିଖ ଚକୋଲେଟ୍ ଡେ', ୧୦ରେ ଟେଡ଼ି ଡେ', ୧୧ରେ ପ୍ରୋମିଜ୍ ଡେ', ୧୨ରେ ହଗ୍ ଡେ', ୧୩ ରେ କିସ୍ ଡେ' ଏବଂ ସପ୍ତାହର ଶେଷ ଦିନ ଅର୍ଥାତ୍ ୧୪ ତାରିଖରେ ଭାଲେନ୍‌ଟାଇନ୍ସ ଡେ' ପାଳନ କରିଥାନ୍ତି ପ୍ରେମୀଯୁଗଳ।



### ସୋସିଆଲ୍ ମିଡିଆରେ ପ୍ରେମ ସପ୍ତାହ

ବର୍ତ୍ତମାନ ସୋସିଆଲ୍ ମିଡ଼ିଆ ଶୁଭେଚ୍ଛା ଜଣାଇବାର ମାଧ୍ୟମ ପାଲଟିଛି। ଜନ୍ମଦିନ ହେଉ କିମ୍ବା ବିବାହ ବାର୍ଷିକୀ ଭଳି ଇଭେଣ୍ଟର ପ୍ରଥମ ଶୁଭେଚ୍ଛା ଜଣାଇବାକୁ ବର୍ତ୍ତମାନ ଯୁବପିଢୀମାନେ ସୋସିଆଲ ମିଡ଼ିଆକୁ ଆପଣେଇଛନ୍ତି। ପ୍ରେମ ସପ୍ତାହ ଆରମ୍ଭରୁ ରୋଜ୍ ଡ୍ରେ' ପାଇଁ ଗୁରୁବାର ୧୨ଟାରୁ ଆରମ୍ଭ ହୋଇଯାଇଛି ଶୁଭେଚ୍ଛାର ଅପଡେଟ୍। ନିଜ ମନର ମଣିଷ ପାଇଁ ବିଭିନ୍ନ ଆକର୍ଷଣୀୟ ଶୁଭେଚ୍ଛା ବାର୍ତ୍ତା ସହ ଫଟୋ, କୋଟେସନ୍ ସାଙ୍ଗକୁ ଗ୍ରୀଟିଙ୍ଗ୍‌କାର୍ଡ ଫେସ୍‌ବୁକ୍, ହ୍ୱାଟସ୍‌ଆପ୍, ଇଷ୍ଟାଗ୍ରାମ୍, ଏକ୍ସ(ଟ୍ୱିଟର) ଭଳି ସୋସିଆଲ ସାଇଟରେ ଅପ୍‌ଲୋଡ଼ କରାଯାଇଥିବା ଦେଖିବାକୁ ମିଳିଛି।

### ଗୋଲାପ ଗୋଟାକ ୪୦ଟଙ୍କା

### ଉପହାର ଦୋକାନରେ ବଢୁଛି ଭିଡ଼

ଭାଲେନ୍‌ଟାଇନ୍ସ ଡେ ଉପଲକ୍ଷେ ରାଜଧାନୀର ବିଭିନ୍ନ ବ୍ୟବସାୟୀମାନେ ଆକର୍ଷଣୀୟ ଉପହାରମାନ ଆଣିଛନ୍ତି। ଭାଲେନଟାଇନ୍ସ କାର୍ଡ, ବିଭିନ୍ନ କୋଟେସନ୍ ଗିଫ୍ଟ, କପଲ୍ ଗିଫ୍ଟ, ଫଟୋ ଫ୍ରେମ୍ ଆଦି ଉପହାର ରହିଥିବା ବେଳେ ଚଳିତବର୍ଷ ସରପ୍ରାଇଜ୍ ଓ ସିକ୍ରେଟ୍ ଗିଫ୍ଟ ପ୍ରେମୀଯୁଗଳଙ୍କ ପସନ୍ଦ ପାଲଟିଛି। ଏକ ଛୋଟ କାଚ ବୋତଲରେ ବିଭିନ୍ନ ରଙ୍ଗର ହାର୍ଟ ଆକୃତିର ଆକର୍ଷଣୀୟ ଉପହାର ସମେତ ଛୋଟ ଛୋଟ କାଗଜ ରହିଛି। ଯେଉଁଥିରେ ଜଣେ ଅନ୍ୟ ଜଣଙ୍କ ପାଇଁ ବ୍ୟକ୍ତିଗତ ଶୁଭେଚ୍ଛା ଲେଖି ପାରିବେ। ଏହା ସମ୍ପୂର୍ଣ୍ଣ ସିକ୍ରେଟ୍ ରହୁଥିବାରୁ ଏହାର ନାଁ ସିକ୍ରେଟ୍ ଓ ସରପ୍ରାଇଜ୍ ଗିଫ୍ଟ ରଖାଯାଇଥିବା ବ୍ୟବସାୟୀ କହିଛନ୍ତି। ସେହିପରି ବର୍ତ୍ତମାନ ଅନେକ ନିଜ ହାତରେ ଆକର୍ଷଣୀୟ ଉପହାର ବାକ୍ସ ତିଆରି କରୁଥିବା ଦେଖିବାକୁ ମିଳିଛି। ଏହାକୁ ଖୋଲିବା ମାତ୍ରେ ସେଥିରେ ବିଭିନ୍ନ ପ୍ରକାର ଚକୋଲେଟ୍ ଓ ଫଟୋ ସାଙ୍ଗକୁ ପ୍ରେମଭରା କୋଟେସନ୍ ଲେଖା ରହିଥାଏ। ବର୍ତ୍ତମାନ ନିଜ ସାଥୀଙ୍କୁ ଏହି ଉପହାର ଦେବା ଟ୍ରେଣ୍ଡ ଆରମ୍ଭ ହୋଇଛି।

## 'ନୃତ୍ୟଶାଳା' ନୃତ୍ୟରେ ବିମୋହିତ ଦର୍ଶକ



ଭୁବନେଶ୍ୱର, ୬।୨(ସମିସ): ପୁରାଣ ବର୍ଣ୍ଣିତ ପବିତ୍ର ଚିତ୍ରପ୍ରୋଳା ନଦୀପଠା ନଈଗୁଆଁ ଗୋପୀନାଥ ପୁର ବୁଢ଼ୀ ଜାଗୁଳାଇ ପୀଠରେ ୪୨ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ସାଇବାବାଙ୍କ ଚଉଦି ଶୋଭାଯାତ୍ରା ଓ ଦିବାରାତ୍ର ଅଷ୍ଟମପ୍ରହରୀ ନାମ ଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓଡିଶୀ ନୃତ୍ୟରେ ଗଣେଶ ବନ୍ଦନା, ଗୀତଗୋବିନ୍ଦ, ନୀଳଶୈଳ ଓ ମୋକ୍ଷ ନୃତ୍ୟରେ ଦର୍ଶକଙ୍କ କରତାଳିରେ ପ୍ରକମ୍ପିତ ହୋଇ ଉଠିଥିଲା ଖୋଲାମଞ୍ଚ। ନୃତ୍ୟଶାଳା, ସଂସ୍କୃତି କେନ୍ଦ୍ର, କଟକର ଅନ୍ତଃରାଷ୍ଟ୍ରୀୟ ଓଡିଶୀ ନୃତ୍ୟଶିଳ୍ପୀ ଅଧ୍ୟାପକ ଡ. ଚିତ୍ତରଞ୍ଜନ ସାହାଣୀଙ୍କ ଓ ସାଥୀମାନେ ଲଳିତ ଲାବଣ୍ୟ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି ଉପଲକ୍ଷେ ଅନୁଷ୍ଠାନର ସମ୍ପାଦକ ସତ୍ୟଗୋପାଳ ବିଶୋଇ, ବରିଷ୍ଠ ସଦସ୍ୟ ଅନନ୍ତ ମିଶ୍ର, ରଞ୍ଜନକୁମାର ମହାନ୍ତି, ସୁବାସ ସାହୁ, ମୀନକେତନ ଦାସ, ଭରତଚନ୍ଦ୍ର ସାହୁ, ବିଡିଏ ସାଇ ଟ୍ରଷ୍ଟ ଅଧ୍ୟକ୍ଷ ମନ୍ମଥନାଥ ସାମନ୍ତରାୟ ପ୍ରମୁଖ ଯୋଗଦେଇ ନୃତ୍ୟ ଶିଳ୍ପୀଙ୍କୁକ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଟୁଲୁ ନନ୍ଦ ସଂଯୋଜନା କରିଥିଲେ।

## ୨୫ ପ୍ରେକ୍ଷାଳୟରେ 'ମିଡ ନାଇଟ୍'



ଭୁବନେଶ୍ୱର, ୬।୨(ସମିସ): ହରର୍ ଫିଲ୍ମ 'ମିଡ୍ ନାଇଟ୍'ର ପ୍ରିମିୟର ଶ୍ରୀୟା ସିନେପ୍ଲେକ୍ସ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ରାଜ୍ୟର ୨୫ଟି ପ୍ରେକ୍ଷାଳୟରେ ଏହି ସିନେମା ମୁକ୍ତିଲାଭ କରିଛି। ମନୁ ଦ୍ୱିବେଦୀ ଫିଲ୍ମସ୍ ନିବେଦିତ 'ମିଡ୍ ନାଇଟ୍' ଚଳଚ୍ଚିତ୍ରରେ ମନୁ ଦ୍ୱିବେଦୀ ନିଜେ ନିର୍ଦ୍ଦେଶକ ଏବଂ ନାୟକ ଭୂମିକାରେ ଅଭିନୟ କରିଛନ୍ତି। ଏଥିରେ ସେ ଉଭୟ ବାପା ଓ ପୁଅ ଚରିତ୍ରରେ ଅଭିନୟ କରିଛନ୍ତି। ଫିଲ୍ମରେ ୨ଟି ଗୀତ ରହିଛି। ଡ. ନିର୍ମଳ ନାୟକଙ୍କ ଲେଖା ଏବଂ ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀଙ୍କ ସଂଯୋଜନାରେ ପ୍ରସ୍ତୁତ ଏହି ଗୀତକୁ ଗାଇଛନ୍ତି ଅସୀମା ପଣ୍ଡା। ଅମୀୟ କୁମାର ଦ୍ୱିବେଦୀଙ୍କ ପ୍ରଯୋଜନା ଏବଂ ଅନୁପ କୁମାର ଦ୍ୱିବେଦୀଙ୍କ ରଚିତ କାହାଣୀ ପାଇଁ ସଂଳାପ ରଚିନା କରିଛନ୍ତି ଡ. ରଜନୀ ରଞ୍ଜନ। ବିଭିନ୍ନ ଭୂମିକାରେ ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ଅକ୍ଷୟ ବସ୍ତିଆ, ବିରେନ ମିଶ୍ର, ଡାଏନା, ଆଲିଆ, ପ୍ରିୟା, ସସ୍ମିତା ଏବଂ ସୁଧାଂଶୁବାଳା ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

## ପ୍ରତାପଶାସନ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲିଅନ୍ତା, ୬।୨(ସମିସ): ବାଲକାଟି ପ୍ରତାପଶାସନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ତଥା ପୁରସ୍କାର ବିତରଣ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଲୁ ଚରଣ ବେହେରା ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷକ ଶିବ ନାରାୟଣ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ବାଲିଅନ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭକ୍ତବତ୍ସଳ ମହାପାତ୍ର ମୁଖ୍ୟ ଅତିଥି ଓ ପଣ୍ଡିତ ବ୍ରଜ କିଶୋର ମହାନ୍ତି ମୁଖ୍ୟବକ୍ତା, ସୁବ୍ରତ କୁମାର ମହାନ୍ତି, ବେଣୁଧର ଭୋଇ, କୈଳାଶ ଖଟେଇ, ସମିତି ସଭ୍ୟ ଗଙ୍ଗାଧର ମାହାରୀ, ପଞ୍ଚଶଖା ଶିକ୍ଷା? ସେତୁ କମିଟି ସଭାପତି ସବିତା ମହାପାତ୍ର, ବିଜୟ ଲକ୍ଷ୍ମୀ ମିଶ୍ର, ବସନ୍ତ ମଞ୍ଜରୀ ମହାପାତ୍ର ଓ ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୁଷ୍ପଲତା ମହାପାତ୍ର ଓ ଶାନ୍ତନୁ ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ବିଜେବି କଲେଜ ଛାତ୍ରୀ ତମନ୍ନା ଭୋଇଙ୍କୁ ଖଣ୍ଡପଡ଼ା ଟ୍ରଫି

ଭୁବନେଶ୍ୱର, ୬।୨(ସମିସ): ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ଛାତ୍ରୀ ତମନ୍ନା ଭୋଇଙ୍କୁ ଖଣ୍ଡପଡ଼ା ଟ୍ରଫି ସମ୍ମାନ ପ୍ରଦାନ କରାଯାଇଛି। କଲେଜ ପରିସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ବେଷ୍ଟ ଅଲ୍‌ରାଉଣ୍ଡ ଛାତ୍ରୀ ଭାବେ କଲେଜର ଅଧ୍ୟକ୍ଷା ପ୍ରଫେସର ଝୁମ୍‌କି ରଥ ତାଙ୍କୁ ଏହି ଟ୍ରଫି ପ୍ରଦାନ କରିଛନ୍ତି। ଶିକ୍ଷାଗତ ଦକ୍ଷତା, ନେତୃତ୍ୱ ଏବଂ ସାମଗ୍ରିକ ଉତ୍କର୍ଷତାକୁ ଦୃଷ୍ଟିରେ ରଖି ପ୍ରତି ବର୍ଷ ଏହି ଟ୍ରଫି ପ୍ରଦାନ କରାଯାଉଛି। ପୂର୍ବତନ ବାଚସ୍ପତି ତଥା ମନ୍ତ୍ରୀ ରାଜା ବିଭୁତି ଭୁଷଣ ସିଂହ ମର୍ଦ୍ଦରାଜ ଓ ରାଣୀ ଦେବକୀ ଦେବୀଙ୍କ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଉଛି। ତାଙ୍କ ଆବର୍ତ୍ତମାନରେ ତାଙ୍କ ପୁଅ ପୂର୍ବତନ ବିଧାୟକ ତଥା ଖଣ୍ଡପଡ଼ା ରାଜା ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରୀ ତମନ୍ନାଙ୍କୁ ଉତ୍ସାହିତ କରିଛନ୍ତି। ସେହିପରି ବିଜେବି କଲେଜ ପୁରାତନ ଛାତ୍ରସଂଘ 'ବିଜେବି ଫ୍ରେଣ୍ଡସ' ପକ୍ଷରୁ ସମ୍ପାଦକ ସତ୍ୟବ୍ରତ ଧୂପାଳ ଉପସ୍ଥିତ ରହି ତମନ୍ନାଙ୍କୁ ଏକ ସ୍ୱତନ୍ତ୍ର ଟ୍ରଫି ପ୍ରଦାନ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ଦିଗରେ ଏହା ସହାୟକ ହେବ ବୋଲି ଅଧ୍ୟକ୍ଷା ପ୍ରଫେସର ରଥ ମତବ୍ୟକ୍ତ କରିଛନ୍ତି।



## ଭୁବନେଶ୍ୱରରେ ବଲିଉଡ ଷ୍ଟାର ମନୋଜ ପାହୱା ଓ କୁମୁଦ ମିଶ୍ର



ଭୁବନେଶ୍ୱର, ୬।୨(ସମିସ): ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା ନିଆରା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ଓଡ଼ିଶା ଦେଶ ବିଦେଶରେ ବି ପରିଚିତ ବୋଲି କହିଛନ୍ତି ବଲିଉଡ ଅଭିନେତା ମନୋଜ ପାହୱା ଏବଂ କୁମୁଦ ମିଶ୍ର। ଉଭୟଙ୍କ ଅଭିନୀତ ହିନ୍ଦୀ ଚଳଚ୍ଚିତ୍ର 'ଅଶି' ପ୍ରଚାର ଅଭିଯାନର ନିମନ୍ତେ ଭୁବନେଶ୍ୱରରେ ପହଞ୍ଚି ଉଭୟ ବିଭିନ୍ନ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗନେଇ ଫିଲ୍ମର ପ୍ରମୋସନ୍ କରିଛନ୍ତି। ଏହି ପ୍ରଚାର କାର୍ଯ୍ୟକ୍ରମ ମଡର୍ଣ୍ଣ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ପରିଦର୍ଶନରୁ ଆରମ୍ଭ ହୋଇଥିବା ବେଳେ ପରେ ମହାରାଜା ହଲ୍‌ରେ 'ଅଶି'ର ଏକ ସ୍ୱତନ୍ତ୍ର ସ୍କ୍ରିନିଂ କରାଯାଇଥିଲା। ଏହି ଉପଲକ୍ଷେ ଗଣମାଧ୍ୟମ ସହ ଏକ ଆଲୋଚନାରେ ଉଭୟ ଓଡ଼ିଶାକୁ ପ୍ରଶଂସା କରିଛନ୍ତି। ଏଥିରେ ତାପସୀ ପନ୍ନୁ ମୁଖ୍ୟ ଭୂମିକାରେ ଥିବା ବେଳେ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଅନୁଭବ ସିହ୍ନା। ଗୁଲଶନ କୁମାର ଏବଂ ଟି-ସିରିଜ ଦ୍ୱାରା ବନାରସ ମିଡିଆୱାର୍କସ ସହଯୋଗରେ ନିର୍ମିତ ଏହି ଚଳଚ୍ଚିତ୍ର ଦର୍ଶକଙ୍କୁ ନିଶ୍ଚିତ ଭଲ ଲାଗିବ ବୋଲି ଉଭୟ ଆଶାବ୍ୟକ୍ତ କରିଛନ୍ତି। ଏହା ଆସନ୍ତା ୨୦ ତାରିଖରେ ସାରା ଦେଶରେ ମୁକ୍ତିଲାଭ କରିବ।

## ବ୍ଲକସ୍ତରୀୟ ଉପଭୋକ୍ତା ସଚେତନତା

ଭୁବନେଶ୍ୱର, ୬।୨(ସମିସ): ବ୍ଲକସ୍ତରୀୟ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ପ୍ରତିଷ୍ଠାନ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ଓଡ଼ିଶା ସରକାର ଓ ଗୃହ ଉଦ୍ୟୋଗ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ମଞ୍ଚ ପରିସର, କେ-୮ କଳିଙ୍ଗ ନଗର ଠାରେ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଗୃହ ଉଦ୍ୟୋଗ ଟ୍ରଷ୍ଟ ଅଧ୍ୟକ୍ଷା ଜେ. ମିନା ଆଚାର୍ଯ୍ୟ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ବୃନ୍ଦାବନ ବସ୍ତିଆ, ସମ୍ପାଦକ ଦାସରଥ ସାହୁ, ଅବସରପ୍ରାପ୍ତ ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ ଶିବବ୍ରତ ଦାଶ, ରାଜ୍ୟ ଉପଭୋକ୍ତା ସଚେତନତା ପ୍ରତିଷ୍ଠାନର ମୁଖ୍ୟ ପରିଚାଳକ ସଞ୍ଜୟକୁମାର ମହାନ୍ତି, ସଂଯୁକ୍ତ ନିୟନ୍ତ୍ରକ, ବୈଧ ମାପ ବିଜ୍ଞାନ ହରିଶଙ୍କର ପଟ୍ଟନାୟକ ସମେତ ମାନକ ପଦୋନ୍ନତି ଅଧିକାରୀ ଭାରତୀୟ ମାନକ ବ୍ୟୁରୋ। ସ୍ୱପ୍ନିଲ ପ୍ରତାପ ପ୍ରମୁଖ କର୍ମଶାଳାରେ ଉପଭୋକ୍ତାଙ୍କ ଅଧିକାର କର୍ତ୍ତବ୍ୟ ଓଜନ ମାପ ସମ୍ପର୍କରେ

## ସତ୍ୟନଗର ଲେଡିଜ୍ ଫୋରମ୍ ପକ୍ଷରୁ କର୍କଟ ଦିବସ

ଭୁବନେଶ୍ୱର, ୬।୨(ସମିସ): ସତ୍ୟନଗର ଲେଡିଜ୍ ଫୋରମ୍ ତରଫରୁ ବିଶ୍ୱ କର୍କଟ ଦିବସ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଭୁବନେଶ୍ୱରରେ ଥିବା ବିଭିନ୍ନ ହସ୍ପିଟାଲର ପରିଚିତ ଡାକ୍ତରମାନେ ଆସି କର୍କଟ ରୋଗର ସଚେତନତା ବିଷୟରେ ଛାତ୍ରଛାତ୍ରୀଙ୍କୁ ଏକ ସଚେତନତାର ବାର୍ତ୍ତା ପଦାନ କରିଥିଲେ। କାର୍ଯ୍ୟକ୍ରମରେ ଏହି କର୍କଟ ରୋଗର ବିଷୟବସ୍ତୁକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସତ୍ୟନଗର ଲେଡିଜ୍ ଫୋରମ୍‌ର ସମସ୍ତ ସଦସ୍ୟାମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସୁରଭି ତ୍ରିପାଠୀ ଦାଶ, ଏବଂ ସୋଭେଦିତା ରାୟ ଧନ୍ୟବାଦ ଦେଇଥିଲେ।



## ସୁପ୍ରିୟା ପଣ୍ଡା ପାଇବେ 'ଦ୍ୱାଦଶ ଜଗଦୀଶ କଥା ସମ୍ମାନ'

ଭୁବନେଶ୍ୱର, ୬।୨(ସମିସ): ଜଗଦୀଶ ମହାନ୍ତିଙ୍କ ସ୍ମୃତିରେ ଗଠିତ ଜଗଦୀଶ ମହାନ୍ତି ଟ୍ରଷ୍ଟ ତରଫରୁ ୨୦୨୬ ମସିହା ପାଇଁ ସମ୍ମାନଜନକ 'ଜଗଦୀଶ କଥା ସମ୍ମାନ' ଘୋଷଣା କରାଯାଇଛି। ଏହି ପୁରସ୍କାର ପାଇଁ ଚଳିତବର୍ଷ ଗାଳ୍ପିକା ତଥା ଔପନ୍ୟାସିକା ସୁପ୍ରିୟା ପଣ୍ଡା ମନୋନୀତ ହୋଇଛନ୍ତି। ସେହିପରି ଯୁବଗାଳ୍ପିକମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରଦାନ କରାଯାଉଥିବା 'ଜଗଦୀଶ ଯୁବ ସମ୍ମାନ' ପାଇଁ ଚଳିତବର୍ଷ ଯୋଗ୍ୟ ବିବେଚିତ ହୋଇଛନ୍ତି ଗାଳ୍ପିକ ଶାନ୍ତନୁ ନାୟକ। ଆଗାମୀ ଫେବୃଆରୀ ୧୭ରେ ବୁଦ୍ଧମନ୍ଦିରଠାରେ ଆୟୋଜିତ ହେବାକୁଥିବା 'ଜଗଦୀଶ ଜୟନ୍ତୀ' ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ। ଏନେଇ ଟ୍ରଷ୍ଟର ଅଧ୍ୟକ୍ଷା ଡ. ସରୋଜିନୀ ସାହୁ ଏବଂ ସମ୍ପାଦକ ସରୋଜ ବଳ ସୂଚନା ଦେଇଛନ୍ତି।

## ସନ୍ନ୍ୟାସୀ ବାଳକାନନ୍ଦ ଦାସଙ୍କ ପରଲୋକ



ଭୁବନେଶ୍ୱର, ୬।୨(ସମିସ): ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ପରମ ଶିଷ୍ୟ, ୟୁନିଟ - ୯ ବୈକୁଣ୍ଠ ସରଣୀ ସ୍ଥିତ ଏକାମ୍ର ସତ୍ୟସେବାଶ୍ରମର ସନ୍ନ୍ୟାସୀ ବାବାଜୀ ବାଳକାନନ୍ଦ ଦାସଙ୍କ ୭୫ ବର୍ଷ ବୟସରେ ବୁଧବାର ରାତ୍ର ଘଟିକା ସମୟରେ ପରଲୋକ ହୋଇଯାଇଛି। ତାଙ୍କ ପାର୍ଥିବ ଶରୀରକୁ ଏକାମ୍ର ସତ୍ୟସେବାଶ୍ରମ ପରିସରରେ ଦର୍ଶନ ପାଇଁ ରଖାଯାଇଥିଲା। ତାଙ୍କର ବହୁ ଲେଖା ଉତ୍କଳ ପ୍ରସଙ୍ଗ, ଜଲୋକା ବାଣୀ ଏବଂ ଅନ୍ୟାନ୍ୟ ପତ୍ରିକାରେ ପ୍ରକାଶିତ ହୋଇଛି। ତାଙ୍କ ଦିବ୍ୟଲୋକ ଗମନରେ ବହୁ ସାଧୁ ସନ୍ଥ ଯୋଗଦେଇଥିବାବେଳେ ଭକ୍ତ ଶ୍ରଦ୍ଧାଳୁ ମାନେ ତାଙ୍କର ବ୍ରହ୍ମଲୀନ ପାଇଁ ଶ୍ରୀ ଶ୍ରୀରାଧାମୋହନ୍ଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ସୂଚନା ଯୋଗ୍ୟ ଯେ ତାଙ୍କର ସମାଧି ପ୍ରତିଷ୍ଠା ଆସନ୍ତା ୨୪ ତାରିଖ ମଙ୍ଗଳବାର (୨୧ ଦିନ) ଜଲୋକାରେ ଏବଂ ଦିବ୍ୟଲୋକ ଗମନ ମହୋତ୍ସବ ଆସନ୍ତା ମାସ ୬ ତାରିଖ (୩୧ ଦିନ) ଭୁବନେଶ୍ୱରର ୟୁନିଟ-୯ ବୈକୁଣ୍ଠ ସରଣୀ ସ୍ଥିତ ଏକାମ୍ର ସତ୍ୟ ସେବାଶ୍ରମ ଠାରେ ଅନୁଷ୍ଠିତ ହେବ।

## ଏସଏସ୍‌ଇପିଡି ବିଭାଗର ନୂତନ ପ୍ରମୁଖ ଶାସନସଚିବ ଭାବେ କାର୍ଯ୍ୟଭାର ଗ୍ରହଣ

ଭୁବନେଶ୍ୱର, ୬।୨(ସମିସ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ସୁରେଶ କୁମାର ବଶିଷ୍ଠ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଭାଗର ନିର୍ଦ୍ଦେଶିକା ସୁଶ୍ରୀ ପାରୁଲ ପଟାୱରୀ, ସ୍ୱତନ୍ତ୍ର ଶାସନ ସଚିବ ସୁଶ୍ରୀ ରଜନୀ ଜାନୀ, ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଜୟଶ୍ରୀ ତ୍ରିପାଠୀ, ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ, ସୋନିଆ ବେହେରାଙ୍କ ସମେତ ବିଭାଗର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଧଉଳି-କଳିଙ୍ଗ ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୬।୨(ସମିସ): ଐତିହାସିକ ଧଉଳିର ପାଦଦେଶରେ ଓଡ଼ିଶା ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଏବଂ ଆର୍ଟ ଭିଜନ୍ ମିଳିତ ସହଯୋଗରେ '୨୨ତମ ଧଉଳି-କଳିଙ୍ଗ ମହୋତ୍ସବ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ଭାରତୀୟ ନୃତ୍ୟ ଓ ସଙ୍ଗୀତ ପରମ୍ପରାରେ ସମ୍ପୃକ୍ତ ଥିବା ୩୦୦ରୁ ଊର୍ଦ୍ଧ୍ୱ କଳାକାର ଅଂଶଗ୍ରହଣ କରିବେ। ଚଳିତ ବର୍ଷ ଧଉଳି-କଳିଙ୍ଗ ମହୋତ୍ସବ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ବର୍ଷ ପାଳନ କରୁଥିବା ବେଳେ ପ୍ରତିବର୍ଷ ପରି ଏ ବର୍ଷ ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଦ୍ୱାରା ପ୍ରଦତ୍ତ 'ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ ୨୦୨୬' ବିଶିଷ୍ଟ ଓଡିଶୀ ନୃତ୍ୟାଙ୍ଗନା ସିକତା ଦାସ, ନାଟ୍ୟ ବ୍ୟକ୍ତିତ୍ୱ ମନ୍ମଥ କୁମାର ଶତପଥୀ, କଣ୍ଠଶିଳ୍ପୀ ଗୁରୁ କେଶବ ଚନ୍ଦ୍ର ରାଉତ ଏବଂ ନୃତ୍ୟ ଗବେଷକ ଡ. ଚିତ୍ତ ରଞ୍ଜନ ମଲ୍ଲିଆଙ୍କୁ ପ୍ରଦାନ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟାଙ୍ଗନା ଦେବମିତ୍ରା ସେନଗୁପ୍ତ ଓଡ଼ିଶୀ ନୃତ୍ୟନାଟିକା ସ୍ନେହମୟୀ ଗଙ୍ଗା ପରିବେଷଣ କରିଥିଲେ। ଶେଷ ଉପସ୍ଥାପନା ଥିଲା ସୁଶାନ୍ତ ମହାତୋ ଏବଂ କାଳିପଦା ଛଉ ନୃତ୍ୟ ସମିତିଙ୍କ ଦ୍ୱାରା ପୁରୁଲିଆ ଛଉ ନୃତ୍ୟ। ସନ୍ଧ୍ୟାରେ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ, ବିଶିଷ୍ଟ ସଙ୍ଗୀତଜ୍ଞ ତଥା ଓଡିଶୀ କଣ୍ଠଶିଳ୍ପୀ ଗୁରୁ (ପ୍ରଫେସର) ରାମହରି ଦାସ, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ଧଉଳିର ସରପଞ୍ଚ ଚନ୍ଦନ ମଲ୍ଲିକ, ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସମ୍ପାଦିକା ଗୁରୁ ଡ. ଅରୁଣା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ଏବଂ ଡ. ନାଜିଆ ଆଲାମ ସଞ୍ଚାଳନା କରିଥିଲେ।



ସକାଳ
THE SAKALA



# ଇବ ସେତୁ-ବିଶିଉକ୍ରା ରାସ୍ତା ମରାମତି ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

## ଭାରୀଯାନ ଚଳାଚଳରେ ଅଙ୍କୁଶ ନ ଲାଗିଲେ ରାସ୍ତାରୋକ

ଝାରସୁଗୁଡ଼ା, ୬।୨(ସମିସ)



ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ରମ୍ପେଲା ପଞ୍ଚାୟତ ଅଧୀନ ଇବ ସେତୁ ଠାରୁ ବିଶିଉକ୍ରା ବସଷ୍ଟାଣ୍ଡ ଯାଏଁ ଭାରୀଯାନ ଚଳାଚଳ ଫଳରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏନେଇ ଶୁକ୍ରବାର ବିଜେଡି ନେତ୍ରୀ ତଥା ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତିଙ୍କ ନେତୃତ୍ୱରେ ରମ୍ପେଲା ପଞ୍ଚାୟତର ସରପଞ୍ଚ, ସମସ୍ତ ୱାର୍ଡ ସଭ୍ୟ ଏବଂ ଶତାଧିକ ଜନସାଧାରଣ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରାସ୍ତାର ପୁନଃ ନିର୍ମାଣ ସହ ଭାରୀଯାନ ଚଳାଚଳ ଉପରେ ଅଙ୍କୁଶ ଲଗାଇବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହ ୭ ଦିନ ମଧ୍ୟରେ ସମସ୍ୟା ସମାଧାନ ନହେଲେ ରାସ୍ତାରୋକ କରିବା ନେଇ ଚେତାବନୀ ଦେଇଛନ୍ତି। ଇବ ସେତୁ-ବିଶିଉକ୍ରା ବସଷ୍ଟାଣ୍ଡ ରାସ୍ତା ଉପରେ ପ୍ରତିଦିନ ହଜାର ହଜାର ଲୋକ ନିର୍ଭର କରିଥାନ୍ତି। କିନ୍ତୁ ବିଗତ କିଛି ବର୍ଷ ହେଲା ଏହି ରାସ୍ତାରେ କ୍ଷମତା ଠାରୁ ଅଧିକ କୋଇଲା ଓ ପାଉଁଶ ବୋଝେଇ ଭାରୀଯାନ ଚଳାଚଳ କରୁଛି। ଫଳରେ ରାସ୍ତାରେ ବଡ ବଡ ଖାଲ ସୃଷ୍ଟି ହେବା ସହିତ ପାଉଁଶ ଓ କୋଇଲା ଗୁଣ୍ଡ ପଡ଼ି ରାସ୍ତାରେ ପ୍ରଦୂଷଣ ହେଉଛି। ଫଳରେ ଏହି ରାସ୍ତାରେ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟି ଅମୂଲ୍ୟ ଧନଜୀବନ ନଷ୍ଟ ହେଉଛି। ବିଶେଷତଃ ବାଇକ ଆରୋହୀଙ୍କ ପାଇଁ ରାସ୍ତାଟି ମରଣଯନ୍ତା ପାଲଟିଛି। ବେଆଇନ ଭାବେ ରାସ୍ତାକଡରେ ଶହ ଶହ ଟ୍ରକ ଛିଡା ହେବାଫଳରେ ଜରୁରୀକାଳୀନ ସେବା ମଧ୍ୟ ଅନେକ ସମୟରେ ବାଧାପ୍ରାପ୍ତ ହେଉଥିବା ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏଣୁ ଆସନ୍ତା ୭ଦିନ ମଧ୍ୟରେ ଏହି ରାସ୍ତାର ନିର୍ମାଣ ଓ କମ୍ପାନୀ ମାନଙ୍କର କୋଇଲା ବୋଝେଇ ଭାରୀଯାନ ନିୟନ୍ତ୍ରଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ରମ୍ପେଲା ପଞ୍ଚାୟତ ସମେତ ସ୍ଥାନୀୟ ଅଞ୍ଚଳବାସୀ ଉଭୟ ସେତୁ ନିକଟରେ ଥିବା ବିଟ ହାଉସରେ ରାସ୍ତା ଅବରୋଧ କରିବା ନେଇ ଚେତାବନୀ ଦେଇଛନ୍ତି। ଏହାସହ ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ, ବରଗଡ଼ ସାଂସଦ, ମାନବଧିକାର କମିଶନ, ଆରଡିସି ସମ୍ବଲପୁର, ବିଧାୟକ ବ୍ରଜରାଜନଗର, ତହସିଲଦାର ଲଖନପୁର, ଏସପି ଝାରସୁଗୁଡ଼ା, ଆରଟିଓ ଝାରସୁଗୁଡ଼ାଙ୍କୁ ପ୍ରଦାନ କରାଯାଇଛି ଓ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ବିଜେଡି ନେତ୍ରୀ ତଥା ପୂର୍ବତନ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ରମ୍ପେଲା ସରପଞ୍ଚ ବିମଳା କିଷାନ, ସଙ୍ଗୀତା ଭୁଏ, ପ୍ରତିମା ଭୋଇ, ପ୍ରଭାସିନୀ ଛୁରିଆ ପ୍ରମୁଖଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଷ୍ଟେସନ ମ୍ୟାନେଜରଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ

**ଝାରସୁଗୁଡ଼ା, ୬।୨(ସମିସ):** ଦକ୍ଷିଣ ପୂର୍ବ ହାୱାଡା-ବମ୍ବେ ମୁଖ୍ୟ ରେଳପଥ ଚକ୍ରଧରପୁର ଡିଭିଜନ ଅଧୀନ ଧୁତରା ଷ୍ଟେସନରେ ଯାତ୍ରୀଙ୍କୁ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି। ରାସ୍ତାରୁ ଷ୍ଟେସନକୁ ଗଲା ବେଳେ



ନିର୍ଦ୍ଦିଷ୍ଟ ପ୍ରବେଶଦ୍ୱାରଟିଏ ନାହିଁ। ଷ୍ଟେସନର ଚାରି ପାର୍ଶ୍ୱରେ ଗଛଲତା ଜଙ୍ଗଲ ପରି ଘେରି ରହିଛି। ଷ୍ଟେସନରେ ବିଜୁଳି ଆଲୁଅ ବ୍ୟବସ୍ଥା ଠିକ ନାହିଁ। ଏହା ଯାତ୍ରୀଙ୍କ ପାଇଁ ବଡ ସମସ୍ୟାର କାରଣ ହେବାସହ ଯାତ୍ରୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଷ୍ଟେସନରେ ୧୦ ଏଚପିର ପାଣି ପମ୍ପ ସହ ବଡ ବଡ ଚାରି ପାଞ୍ଚଟି ପାଣି ଟାଙ୍କି ଲାଗିଛି; ମାତ୍ର ଦୀର୍ଘ ୫ ବର୍ଷ ହେଲା ଷ୍ଟେସନରେ ପିଇବା ପାଣିର ଯୋଗାଡ଼ ଅସମ୍ଭବ ହୋଇ ପଡ଼ିଛି। ପ୍ଲାଟଫର୍ମରେ ଥିବା ଗଛମାନଙ୍କରେ ଉଇହୁଙ୍କା ସହ ଅନାବନା ଗଛମାନ ପୁରିରହିଛି। ଷ୍ଟେସନରେ ତିନି ଚାରି ମହଲା ବଡ ବଡ କୋଠା ସହ ୨-୨ଟି ଡାକବାଜି ଯନ୍ତ୍ର ଲାଗିଛି। ହେଲେ ସୁଦ୍ଧା ଟ୍ରେନର ଗମନାଗମନର ସୂଚନା ପ୍ରଚାର ଠିକ୍‌ରେ ଶୁଣିବାକୁ ମିଳୁନାହିଁ। ପାଞ୍ଚ ଛଅଟି ପ୍ଲାଟଫର୍ମ ରହିଛି କିନ୍ତୁ ବସିବା ପାଇଁ ଠିକ ଭାବେ ସିଟ ନାହିଁ। ଷ୍ଟେସନରୁ ମାତ୍ର ଶହେ ମିଟର ନିକଟରେ ଥିବା

**ରେଳଯାତ୍ରା ସମସ୍ୟା**

ଧୁତରା ଅଲଟ୍ରାଟେକ ସିମେଣ୍ଟ କାରଖାନାରୁ ରେଳବିଭାଗକୁ ମାସରେ ପାଞ୍ଚ କୋଟିର ଉର୍ଦ୍ଧ୍ୱ ରାଜସ୍ୱ ଆଦାୟ ହେଉଛି। ତଥାପି କାରଖାନା କର୍ମଚାରୀଙ୍କ ରେଳରେ ଗମନାଗମରେ ସୁବିଧା ହୋଇ ପାରୁ ନାହିଁ। ଧୁତରା ରେଳଷ୍ଟେସନ ଉପରେ ଧୁତରା ତଥା ଆଖପାଖ ଅଞ୍ଚଳବାସୀ ନିର୍ଭର କରୁଥିବା ବେଳେ ଷ୍ଟେସନଟି ଜର୍ଜରିତ ଅବସ୍ଥାରେ ପଡ଼ି ରହିଛି। ଏଣୁ ଏହାକୁ ନେଇ ଆଜି ଅପରାହ୍ଣ ୫ ଟାରେ ଗାଁର କେତେକ ବରିଷ୍ଠ ଓ ବିଶିଷ୍ଟ ତଥା ଯୁବଗୋଷ୍ଠୀ ସହ ଷ୍ଟେସନ ମ୍ୟାନେଜର ଅରୁଣ କାଙ୍ଗାରୀ ସହିତ ଆଲୋଚନାକରି ସମସ୍ୟାଗୁଡିକୁ ଅବଗତ କରିଥିଲେ।

# ଟାଟା ପାୱାର ପକ୍ଷରୁ ଉପଭୋକ୍ତାଙ୍କୁ ପୁରସ୍କାର



**ପଦ୍ମପୁର, ୬।୨(ସମିସ):** ଟାଟା ପାୱାର ବିଦ୍ୟୁତ ବିଭାଗ ତରଫରୁ ପଦ୍ମପୁର ଅଫିସ ଠାରେ ଖୁଲଜା ସିମ ସିମ ମାସିକ ପୁରସ୍କାର ଯୋଜନାର ଆୟୋଜିତ ହୋଇଛି। ଯେଉଁ ବିଦ୍ୟୁତ ଉପଭୋକ୍ତା ତାଙ୍କର ବିଦ୍ୟୁତ ଶୁଳ୍କ ବକେୟା ରଖୁ ନ ଥିବେ, ଟାଟା ପାୱାର ପକ୍ଷରୁ ତାଙ୍କୁ ଚିହ୍ନଟ କରି ଖୁଲଜା ସିମ ସିମ ଯୋଜନାରେ ପୁରସ୍କୃତ କରାହୋଇଛି। ଏହି ଯୋଜନାରେ ପଦ୍ମପୁର ଶାନ୍ତି ନଗର ବାସିନ୍ଦା ଘନଶ୍ୟାମ ପୁଞ୍ଜିଙ୍କୁ କମ୍ପାନୀ (ଟିପିଡବ୍ଲ୍ୟୁଓଡିଏଲ୍) ତରଫରୁ ଗୋଟିଏ ନେକବ୍ୟାଣ୍ଡ ବ୍ଲୁଟୁଥ ଚତୁର୍ଥ ପୁରସ୍କାର ଭାବେ ପ୍ରଦାନ କରାହୋଇଛି। ପୁରସ୍କାର ପାଇବା ପରେ ଶ୍ରୀ ପୁଞ୍ଜି ବିଦ୍ୟୁତ କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଜନସାଧାରଣଙ୍କୁ ଠିକ୍ ସମୟରେ ବିଦ୍ୟୁତ ଦେୟ ଦେଇ ଏହି ଯୋଜନାର ଲାଭ ଉଠାଇବାକୁ ଅନୁରୋଧ କରିଥିଲେ।

# କୃଷକ ସ୍ୱାର୍ଥରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ବାତିଲ ଦାବି



**ଝାରବନ୍ଧ, ୬।୨(ସମିସ):** ଦେଶୀ କୃଷକମାନଙ୍କ ହିତ ସୁରକ୍ଷା ପାଇଁ ଭାରତ-ଆମେରିକା କୃଷିଜାତ ବାଣିଜ୍ୟ ଚୁକ୍ତିକୁ ବାତିଲ କରିବା ଦାବିରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଝାରବନ୍ଧ ତହସିଲଦାରଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଛି। ମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ କୁହାଯାଇଛି ଯେ, ଭାରତ କୃଷିପ୍ରଧାନ ଦେଶ ହେଲେ ମଧ୍ୟ କୃଷକମାନେ ନ୍ୟାୟ ସଂଗତ ଫସଲ ମୂଲ୍ୟରୁ ବଞ୍ଚିତ ହେଉଛନ୍ତି। ବଜାର ବ୍ୟବସ୍ଥାର ଦୂରବସ୍ଥା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସୁରକ୍ଷା ବ୍ୟବସ୍ଥାର ଅଭାବ ଓ ସରକାରୀ ସବସିଡି ବଣ୍ଟନରେ ଅନିୟମିତତା କୃଷକମାନଙ୍କୁ ଆର୍ଥିକ ଭାବେ ଅସ୍ଥିର କରିଛି। ସେମାନେ ଅଭିଯୋଗ କରିଛନ୍ତି ଯେ, ଆମେରିକାରେ ଭାରୀ ସବସିଡି ସହିତ ଉତ୍ପାଦିତ ମକା, ସେଉ, ଗହମ, କପାସ, ସୋୟାବିନ ଓ ଦୁଗ୍ଧଜାତ ପଦାର୍ଥ କମ ଦାମରେ ଭାରତୀୟ ବଜାରକୁ ପ୍ରବେଶ କଲେ ଦେଶୀ କୃଷକମାନେ ଅସୁବିଧାରେ ପଡ଼ିବେ। ଏହାର ପରିଣାମରେ କୃଷକମାନେ ଋଣରେ ବୁଡି ଚାଷ ଛାଡିବାକୁ ବାଧ ହେବାର ସମ୍ଭାବନା ଥିବା କୁହାଯାଇଛି। କୃଷକଙ୍କ ହିତରେ ଫସଲର ନ୍ୟୁନତମ ସମର୍ଥନ ମୂଲ୍ୟକୁ ଆଇନଗତ ଗାରେଣ୍ଟି ଦେବା ସହିତ ସୁଦୃଢ଼ ବଜାର ବ୍ୟବସ୍ଥା ଗଠନ କରିବାକୁ ମୋର୍ଚ୍ଚା ପକ୍ଷରୁ ଜୋର ଦିଆଯାଇଛି। ଉକ୍ତ ବାଣିଜ୍ୟ ଚୁକ୍ତି କୃଷି ଓ କୃଷକ ବିରୋଧୀ ଥିବାରୁ ଏହାକୁ ତୁରନ୍ତ ବାତିଲ କରିବାକୁ ଦାବି ହୋଇଛି। ଏହି ସମୟରେ ରମେଶ ମହାପାତ୍ର, ଅରବିନ୍ଦ ପଣ୍ଡା ଓ ଆଇନ ପରାମର୍ଶଦାତା ଅଜିତ ଶତପଥୀ ଉପସ୍ଥିତ ଥିଲେ।

**ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କିଷାନ ମୋର୍ଚ୍ଚାର ଦାବିପତ୍ର**

# ଆନ୍ତଃ ଜିଲ୍ଲା ଯୁବ ବିନିମୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବରଗଡ଼, ୬।୨(ସମିସ):** ଭାରତ ସରକାରଙ୍କ ଯୁବ ଏବଂ ଖେଳ ମନ୍ତ୍ରଣାଳୟର ଅଧୀନରେ କାର୍ଯ୍ୟ କରୁଥିବା 'ମେରା ଯୁବ ଭାରତ' ବରଗଡ଼ ଦ୍ୱାରା ୫ ଦିବସୀୟ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଭିଡି ପ୍ଲେସରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ମଧୁଛନ୍ଦା ସାହୁ, ବୟନିକା ନିର୍ଦ୍ଦେଶକ ସଞ୍ଜୟ ମେହେର, ତ୍ରିଲୋଚନ ଶତପଥୀ, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ମୋହନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଯୁବ କେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ କମଳ ସା ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରାୟ ୩୭ ଜଣ ଯୁବ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଜିଲ୍ଲା ଭିତରେ ଭାଷା, ସାହିତ୍ୟ, କଳା, ସଂସ୍କୃତି, ପରମ୍ପରା, ଇତିହାସର ଆଦାନ ପ୍ରଦାନ ଶିବିରର ମୂଳ ଉଦ୍ଦେଶ୍ୟ ଥିଲା। ମୁଖ୍ୟ ଅତିଥି ଶ୍ରୀ ଆଚାର୍ଯ୍ୟ ଯୁବଗୋଷ୍ଠୀଙ୍କୁ ନିଶା ନିବାରଣ ଦ୍ୱାରା ସୁସ୍ଥ ସମାଜ ଗଠନ ପାଇଁ ପ୍ରେରଣା ଦେଇଥିଲେ। ମୁଖ୍ୟବକ୍ତା ସ୍ୱାବଲମ୍ବୀ ହେବାପାଇଁ ଆହ୍ୱାନ ଦେଇଥିଲେ। ବୟନିକା ତରଫରୁ ହାତ ବୁଣା ରୁମାଲ୍ ସମସ୍ତଙ୍କୁ ବଣ୍ଟନ ହୋଇଥିଲା। କାର୍ଯ୍ୟକ୍ରମରେ ମେରା ଯୁବ ଭାରତର ସ୍ୱେଚ୍ଛାସେବୀ ଅନିଲ ସାହୁ, ଆଶୀର୍ବାଦ ମହାପାତ୍ର, ଦୁର୍ଯ୍ୟୋଧନ ପାଣ୍ଡେ, ଛନ୍ଦାଚରଣ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ତ୍ରିଲୋଚନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଲଖମରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ପରୀକ୍ଷା ପେ ଚର୍ଚ୍ଚା'

**ପଦ୍ମପୁର, ୬।୨ (ସମିସ):** ପଦ୍ମପୁର ଉପଖଣ୍ଡ ଲଖମରା ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ମାସରେ ହେବାକୁ ଥିବା ବୋର୍ଡ ପରୀକ୍ଷାରେ ବିଦ୍ୟାର୍ଥୀଙ୍କ ଦିଗଦର୍ଶନ ପାଇଁ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଜମଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଇତିହାସ ଅଧ୍ୟାପକ ବିରଜା ପ୍ରସାଦ ଦଳପତ, ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରର ଇଂରାଜୀ ଅଧ୍ୟାପକ ସମୀର ନାଗ, ଅର୍ଥନୀତି ଅଧ୍ୟାପକ ଲଲାଟେନ୍ଦୁ ପ୍ରଧାନ, ତୋରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷା ବିଭାଗ ଅଧ୍ୟାପିକା ଜୁଲନା ପତି ଓ ଝାରବନ୍ଧ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ମନୋଜ ସାଗର ଯୋଗ ଦେଇଥିଲେ। ବିଦ୍ୟାର୍ଥୀଙ୍କୁ ପରୀକ୍ଷା ପ୍ରସ୍ତୁତି ସମ୍ବନ୍ଧୀୟ ଆଲୋଚନା ଦିଗଦର୍ଶନ ଦେଇଥିଲେ। ଅଧ୍ୟାପକ, ଅଧ୍ୟାପିକା ମାନେ ବିଦ୍ୟାର୍ଥୀଙ୍କ ସନ୍ଦେହ ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଧର୍ମେନ୍ଦ୍ର ଖମାରୀ ସଂଯୋଜନା କରିଥିବା ବେଳେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

# ନାବାଳିକା ନିଖୋଜ ଘଟଣାରେ ଯୁବକ କୋର୍ଟ ଚାଲାଣ

**ଭେଡେନ, ୬।୨(ସମିସ):** ଭେଡେନ ଥାନା ଅଧୀନ ଚିଚିଣ୍ଡା ଗାଁର ଏକ ନାବାଳିକା ଝିଅ ନିଖୋଜ ଘଟଣାରେ ପପଙ୍ଗା ଗାଁର ଭାବଗ୍ରାହୀ ଛୁରିଆ (୨୫)କୁ ଭେଡେନ ପୁଲିସ ଗିରଫ କରି



କୋର୍ଟ ଚାଲାଣ କରିଛି। ଗତ ଜାନୁଆରୀ ୪ରେ ନାବାଳିକା ଜଣକ ନିଜ ଘରୁ ନିଖୋଜ ହୋଇଯାଇଥିଲେ। ମାସେରୁ ଅଧିକ ହେବ ଘରଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଝିଅକୁ ପାଇ ନଥିଲେ। ନିଖୋଜ ନାବାଳିକାର ବାପା ଏନେଇ ଭେଡେନ ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଭେଡେନ ଥାନା ଅଧିକାରୀ ଶଶୀଭୂଷଣ ମିଶ୍ରଙ୍କ ନିର୍ଦ୍ଦେଶରେ ଏସଆଇ ଦୀପକ ସାହୁ ଓ ପୁଲିସ ଟିମ ତଦନ୍ତ କରିଥିଲେ। ବିଶେଷସୂତ୍ରରୁ ଖବର ପାଇ ପୁଲିସ ପପଙ୍ଗା ଗାଁର ଭାବଗ୍ରାହୀ ଛୁରିଆର ଘରୁ ଝିଅକୁ ଉଦ୍ଧାର କରି ଅଭିଯୁକ୍ତକୁ ଗିରଫ କରି ଭେଡେନ ଥାନାକୁ ଆଣିଥିଲେ। ଭେଡେନ ଥାନାରେ ଏକ ମାମଲା ରୁଜୁ କରି ଆଜି ଯୁବକକୁ କୋର୍ଟ ଚାଲାଣ କରାଯାଇଛି।

# ଜନ୍ମାଜୟ ବହିଦାରଙ୍କ ପରଲୋକ

**କୋଲାବିରା, ୬।୨(ସମିସ):** କୋଲାବିରା ଜମିଦାରପଡ଼ା ନିବାସୀ ସେବା ନିବୃତ ଆଦର୍ଶ ଶିକ୍ଷକ ତଥା କୋଲାବିରା ଗାଁର ସର୍ବ ବରିଷ୍ଠ ନାଗରିକ ଜନ୍ମାଜୟ ବହିଦାରଙ୍କ ୯୫ ବର୍ଷ ବୟସରେ ପରଲୋକ ହୋଇଛି। ଅଳ୍ପ କିଛିଦିନ ହେଲା ସେ



ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଭୋଗ କରୁଥିଲେ। ୧୯୮୬ ମସିହାରେ ସେ ପ୍ରଧାନଶିକ୍ଷକ ଭାବେ ସେବା ନିବୃତ ହୋଇଥିଲେ। ଅବସର ପରେ ସେ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ସହିତ ଜଡିତରହି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ନିୟୋଜିତ ଥିଲେ। କୋଲାବିରାରେ ସହିଦ କରୁଣାକର ସ୍ମୃତି ଟ୍ରଷ୍ଟ ଗଠନ ସହିତ ଟ୍ରଷ୍ଟର ମାର୍ଗଦର୍ଶକ ଭାବେ ରହିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଦୁଇପୁଅ ସମେତ ଝିଅ ତଥା ନାତୀ ନାତୁଣି ଉପସ୍ଥିତ ଥିଲେ। କୋଲାବିରା ତେଲେନ ନଦୀକୂଳ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ ପୁଅ ବେଲା ମୁଖାଗ୍ନି ଦେଇଥିଲେ। ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂ, ସୁଶିଲ ଦାସ, ବୀରେନ୍ଦ୍ର ମହାପାତ୍ର, ଅଶୋକ ବେହେରା, ନବୀନ ଚନ୍ଦ୍ର ନାଏକ, ମନୋଜ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ଗ୍ରାମବାସୀ ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରସାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ଜଙ୍ଗଲ ନିଆଁ ନିରାକରଣ ପାଇଁ ସଚେତନତା

**ଝାରସୁଗୁଡ଼ା, ୬।୨(ସମିସ):** ଝାରସୁଗୁଡ଼ା ବନଖଣ୍ଡ ବାଗଡ଼ିହି ବନାଞ୍ଚଳ ଅଧୀନରେ ଥିବା ବିଭିନ୍ନ ବନ ସୁରକ୍ଷା ସମିତି ତଥା ଗାଁ ମାନଙ୍କରେ ବାଗଡ଼ିହି ବନାଞ୍ଚଳ ଅଧିକାରିଣୀ ବନ୍ଦନା ପସାୟତଙ୍କ ତତ୍ତ୍ୱାବଧାନରେ ଜଙ୍ଗଲ ନିଆଁ ନିରାକରଣ ଏବଂ ସଚେତନତା ନିମନ୍ତେ ସଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ଏଥିପାଇଁ ପାଲା ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଉଛି। ଏହି ପରିପ୍ରେକ୍ଷିରେ ଶୁକ୍ରବାର ତାଳମୁଣ୍ଡା ସେକ୍ସନ ଅଧୀନ ବରହାମୁଷା, ବଡଡୁରିଆମ ଏବଂ ବାଗଡ଼ିହି ସେକ୍ସନ ଅଧୀନ ବାବୁଛିପିଡିହି,



କାଦୋବାହଳ ଗାଁରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ କିପରି ବାଗଡ଼ିହି ବନାଞ୍ଚଳ ଅଧୀନରେ ଥିବା ଜଙ୍ଗଲ ମାନଙ୍କରେ ନିଆଁ ନ ଲାଗିବ ତାକୁ ଆଖି ଆଗରେ ରଖି ସଚେତନତା ସୃଷ୍ଟି କରାଯାଉଛି। 'ଆସନ୍ତୁ ସମସ୍ତେ ମିଳିମିଶି ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ଦେବା' ବୋଲି ଆହ୍ୱାନ ଦିଆଯାଇଛି। କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀଣି ବନ୍ଦନା ପସାୟତ, ଖୁନ୍ତାମାଲ ସରପଞ୍ଚ ସବ୍ୟସାଚୀ ସାହୁ, ତିଳେଇମାଲ ସରପଞ୍ଚ ଟିକେଶ୍ୱର କଣ୍ଟା ଏବଂ ବାବୁଛିପିଡିହି ସରପଞ୍ଚ ମନୋଜ ବୁଦୁଲା ଯୋଗଦେଇଥିବା ବେଳେ ସେକ୍ସନ ଫରେଷ୍ଟର ଅମୀର ପଟେଲ, ହରେନ୍ଦ୍ର ସାହୁ, ମୁରାରୀ ସାହୁ, ଟିମ ଲିଡର ଚୁଡାମଣି ବେହେରା ଏବଂ ବାଗଡ଼ିହି ବନାଞ୍ଚଳର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ 'ଯଶସ୍ୱୀ ଭବ' ସମାରୋହ

**ବରଗଡ଼, ୬।୨(ସମିସ):** ବରଗଡ଼ର ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ 'ଯଶସ୍ୱୀ ଭବ' ନାମକ ଆଶୀର୍ବାଦ ସମାରୋହ ଆୟୋଜିତ ହୋଇଯାଇଛି। ଆରମ୍ଭରେ ଛାତ୍ରଛାତ୍ରୀ ଭଜନ ପ୍ରସ୍ତୁତ କରିଥିଲେ। ଶିକ୍ଷକ ମାନେ ନିଜ ନିଜର ଉଦ୍‌ବୋଧନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ସୁବ୍ରତ ସାର୍, ନିକିତା ମ୍ୟାଡମ୍, ନାୟକ ସାର୍, ବିରଜୁ ସାର୍, ଗୀତା ମ୍ୟାଡମ୍, ରେଣୁ ମ୍ୟାଡମ୍, ଦେବବ୍ରତ ସାର୍, ହର୍ଷଲ ସାର୍ ଓ ଶଶୀ ସାର୍ ଛାତ୍ରଛାତ୍ରୀଙ୍କୁ ଜୀବନରେ ଶିଷ୍ଟାଚାର, ପରିଶ୍ରମ ଓ ସଂସ୍କାରର ଗୁରୁତ୍ୱ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାୱଡିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ଡାଇରେକ୍ଟର ସିଦ୍ଧାର୍ଥ ସାୱଡିଆ, ଏକାଡେମୀକ କୋର୍ଡିନେଟର ସୀମା ସାହୁ ମଧ୍ୟ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ଜାତୀୟ ସଙ୍ଗୀତ ଗାନ ସହ କାର୍ଯ୍ୟକ୍ରମର ପରିସମାପ୍ତି ହୋଇଥିଲା।




# ଆଜିଠୁଁ ତାଳପଦରରେ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

**ବିଜେପୁର, ୬।୨(ସମିସ):** କଳା, ସାହିତ୍ୟ, ସଂସ୍କୃତିର ପୁନଃରୁଦ୍ଧାର ସହ ପ୍ରଚାର ପ୍ରସାର କରିବା ଦିଗରେ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ତାଳପଦର ଗାଁରେ ଆୟୋଜିତ ଉତ୍ତାଳଗଡ଼ ଉଚ୍ଛବ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଛି। ଗ୍ରାମାଞ୍ଚଳର ବିଶୁଦ୍ଧ ସଂସ୍କୃତିରେ ନାଟକ ଓ ଲୋକକଳାର ମିଳନରେ ଦୀର୍ଘ ୧୬ ବର୍ଷ ହେଲା ଆୟୋଜିତ ହେଉଥିବା ଏହି ମହୋତ୍ସବ ଆଜିଠାରୁ ପ୍ରାରମ୍ଭ ହେଉଛି। ଏଠାକାର ଯୁବଗୋଷ୍ଠୀଙ୍କ ଉଦ୍ୟମରେ ତଥା ଉତ୍ତାଳଗଡ଼ ନାଟ୍ୟ ସଂସଦର ଆୟୋଜନରେ ୨୦୦୪ ମସିହାରୁ ଏହି ନାଟକ ସଂସ୍କୃତି ମହୋତ୍ସବ ଆୟୋଜିତ ହେଉଛି। ଆର୍ଥିକ ଅସୁବିଧା ଥିଲେ ହେଁ କିଛି ନାଟ୍ୟପ୍ରେମୀଙ୍କ ସହଯୋଗରେ ବହୁ କଷ୍ଟରେ ମହୋତ୍ସବ ଆୟୋଜିତ ହୋଇ ଆସୁଛି। ଏହି ଅଞ୍ଚଳର ପୁରାତନ ନାମ 'ଉତ୍ତାଳଗଡ଼'କୁ ଆଧାର କରି ଏହି ଉତ୍ସବର ଏଭଳି ନାମକରଣ ହୋଇଛି। ସମ୍ବଲପୁରୀ-କୋଶଳି ଭାଷାର ନାଟକ, ଲୋକନୃତ୍ୟ, ଲୋକଗୀତ, ସହିତ ସମ୍ମାନ ସମ୍ବର୍ଦ୍ଧନା ପର୍ବ, ଆଲୋଚନା ଚକ୍ର ଆଦିର ସମନ୍ୱୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏଥିରେ ୨ଶହରୁ ଅଧିକ କଳାକାର ଅଂଶଗ୍ରହଣ କରିବେ। ସର୍ବନିମ୍ନ ୧୦୦୦ ଦର୍ଶକଙ୍କ ପାଇଁ ପ୍ରେକ୍ଷାଳୟରେ ବସି ନାଟକ ଦେଖିବା ବ୍ୟବସ୍ଥା କରାଯାଇଛି। ଆଜି ଶନିବାର ପ୍ରଥମ ଦିବସରେ ଅଦୃଶ୍ୟ ନାଟ୍ୟ ଆଶ୍ରମ ସମ୍ବଲପୁରର ନାଟକ "ଫେର ସେ ଶ୍ରବଣ', ଦହିତା ମହାବିଦ୍ୟାଳୟର 'ନୂଆଁଖାଇର ଭାବ', ଡ୍ରାମା ଚେତନା ସୋହେଲାର 'ବୁକା' ଏବଂ ଦ୍ୱିତୀୟ ଦିବସରେ ଲୁ ପଦ୍ମପୁରର 'ବଳିଦାନ', ବିଣାପାଣି ନାଟ୍ୟ ସଂସଦ ବଡକର୍ଲେ ସୋନପୁରର 'ଗୁଟେରାତିର କଥା' ସମ୍ବଲପୁର ବିଶ୍ୱବିଦ୍ୟାଳୟର ପରଫର୍ମି ଆର୍ଟ ବିଭାଗର 'ଶକୁନ୍ତଳା' ନାଟକ ପ୍ରଦର୍ଶିତ ହେବ।



## ଜଙ୍ଗଲ ଜମି ଦଖଲ ବିରୋଧି ପ୍ରତିବାଦ ସଭା

# ଏପସିଲନ କମ୍ପାନୀକୁ ଇଞ୍ଚେ ଜଙ୍ଗଲ ଜମି ଛଡ଼ାଯିବନି

ଝାରସୁଗୁଡ଼ା, ୬।୨(ସମିସ)

ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଶ୍ରିପୁରା ସ୍ଥିତ ଏପସିଲନ କମ୍ପାନୀର ବେଆଇନ ଜଙ୍ଗଲ ଜମି ଦଖଲକୁ ନେଇ ଶୁକ୍ରବାର କମ୍ପାନୀ ସମ୍ମୁଖରେ ଶ୍ରିପୁରା ଗ୍ରାମବାସୀ ପ୍ରତିବାଦ ସଭା ସହିତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରତିବାଦ ସଭାରେ ଓଡ଼ିଶାର ବରିଷ୍ଠ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାଙ୍କ ସହିତ ଶତାଧିକ ଗ୍ରାମବାସୀ ଏବଂ ବହୁ ପରିବେଶପ୍ରେମୀ ଯୋଗ ଦେଇଥିଲେ। ଏପସିଲନ କମ୍ପାନୀ ଜିଲ୍ଲା ପ୍ରଶାସନର ବିନା ଅନୁମତିରେ ଶ୍ରିପୁରା ଗାଁରେ ଥିବା ଜଙ୍ଗଲ ଜମିକୁ ବେଆଇନ ଭାବେ ଦଖଲଥିଲା। ଶ୍ରିପୁରା ଗ୍ରାମବାସୀ ରାଷ୍ଟ୍ରପତି, କେନ୍ଦ୍ରୀୟ ମାନବ ଅଧିକାର କମିଶନ, ମୁଖ୍ୟମନ୍ତ୍ରୀ, ଜଙ୍ଗଲ ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ବାରମ୍ବାର ଦାବିପତ୍ର ଦେଇଛନ୍ତି। ଘଟଣାର ତଦନ୍ତ ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳ ରାଜ୍ୟ ବନ ବିଭାଗ ଜିଲ୍ଲା ବନଖଣ୍ଡ ଅଧିକାରୀ ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅଧିକାରୀ ଦ୍ୱୟ କୌଣସି ତଦନ୍ତ ନ କରି ନୀରବ ରହି ଯାଇଥିଲେ। ଏହାପରେ ଶ୍ରିପୁରା ଗ୍ରାମବାସୀ ଜାନୁଆରୀ ୧୫ରେ ଗାଁସଭା କରିଥିଲେ। ଗତ ଫେବୃଆରୀ ୨ରେ ଉକ୍ତ ଜଙ୍ଗଲ ଜମିର ସୁରକ୍ଷା ସହିତ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଥିଲେ। ଆଜି ପୁଣି ଶ୍ରିପୁରା ଗ୍ରାମବାସୀ, ଜନ




ପ୍ରତିନିଧି ଏକଜୁଟ ହୋଇ ଏପସିଲନ କମ୍ପାନୀ ସମ୍ମୁଖରେ କମ୍ପାନୀ ଦ୍ୱାରା ବେଆଇନ ଜଙ୍ଗଲ ଜମିଦଖଲ, ରୋପଣ କରାଯାଇଥିବା ବୃକ୍ଷକୁ କ୍ଷତି ପହଞ୍ଚାଇବା ବିରୋଧ ବିକ୍ଷୋଭ ଏବଂ ପ୍ରତିବାଦ ସଭା କରିଥିଲେ। ଓଡ଼ିଶାର ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା ପ୍ରତିବାଦ ସଭାରେ ଯୋଗ ଦେଇଥିଲେ। ଜିଲ୍ଲାରେ ଜଙ୍ଗଲ ଜମିକୁ କମ୍ପାନୀ ଗୁଡ଼ିକ ବେଆଇନ ଦଖଲ କରିବା ସହିତ ଲୋଲୁପ ଦୃଷ୍ଟି ପକାଇଛନ୍ତି ବୋଲି ମତ ପ୍ରକାଶ କରିଥିଲେ। ଜିଲ୍ଲାରେ ପରିବେଶ ପ୍ରଦୂଷଣ ବଢୁ ଥିବାରୁ ଏପସିଲନ କମ୍ପାନୀକୁ ଆରମ୍ଭରୁ ବିରୋଧ କରିବାର ଦରକାର ଥିଲା ବୋଲି କହିଥିଲେ। ଏହାସହ ଆଗାମୀ ଦିନରେ ଶ୍ରିପୁରା ଗ୍ରାମବାସୀ ଏକଜୁଟ ହୋଇ ଏପସିଲନ କମ୍ପାନୀ କବଳରୁ ଜଙ୍ଗଲ ଜମିକୁ ସୁରକ୍ଷା ଦେବାକୁ କହିଥିଲେ। ଶ୍ରିପୁରା ଗ୍ରାମବାସୀଙ୍କ ଏହି ଜଙ୍ଗଲ ଜମି ସୁରକ୍ଷା କାର୍ଯ୍ୟରେ ରାଜ୍ୟର ସମସ୍ତ ପ୍ରକୃତିପ୍ରେମୀ, ପରିବେଶବିତ ସାଥିରେ ରହି ସହଯୋଗ ପ୍ରଦାନ କରିବୁ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଜିଲ୍ଲା ପ୍ରଶାସନ ଶ୍ରିପୁରା ଗ୍ରାମବାସୀଙ୍କୁ ଏହି ମହତ କାର୍ଯ୍ୟରେ ସହଯୋଗ କରନ୍ତୁ ବୋଲି ପ୍ରଶାସନକୁ ଅନୁରୋଧ କରିଥିଲେ। ଶ୍ରିପୁରା ପଞ୍ଚାୟତ ସରପଞ୍ଚ ଯଶୋବନ୍ତୀ ପାଣ୍ଡେ ଏପସିଲନ କମ୍ପାନୀକୁ ଏକ ଇଞ୍ଚ ଜଙ୍ଗଲ ଜମି ଛଡାଯିବ ନାହିଁ ବୋଲି କହିଛନ୍ତି। ପରିବେଶବିତ ଅନନ୍ତ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ଦିଗାମ୍ବର ମାଝୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ମିନତୀ ପାତ୍ର ଦେଶ ଓ ଜାତିର ସମ୍ପତ୍ତି ଏହି ଜଙ୍ଗଲ ଜମି ସୁରକ୍ଷା ଶେଷ ରକ୍ତ ବିନ୍ଦୁ ପର୍ଯ୍ୟନ୍ତ କରାଯିବ ଏବଂ ଆଗାମୀ ପିଢ଼ି ଯେପରି ପ୍ରଦୂଷଣ କବଳରେ ନ ପଡ଼ିବେ ସେଥିପାଇଁ ପ୍ରୟାସ ଜାରିରହିବ ବୋଲି ମତ ପ୍ରକାଶ କରିଛନ୍ତି। ଏହି ବିକ୍ଷୋଭ ଓ ପ୍ରତିବାଦ ସଭାରେ ଶ୍ରିପୁରା ଗାଁର ୫ ଶହରୁ ଅଧିକ ପୁରୁଷ ମହିଳା ଯୋଗ ଦୋଇଥିଲେ। ଜଙ୍ଗଲ ଜମି ଓ ରୋପଣ କରାଯାଇଥିବା ବୃକ୍ଷ ଗୁଡିକୁ ଆଜୀବନ ସୁରକ୍ଷା ଦେବା ପାଇଁ ଶପଥ ନେଇଥିଲେ।

**ଜଙ୍ଗଲ ଜମିରେ ବୃକ୍ଷରୋପଣ କରାଯିବ**

**ସମ୍ବଲପୁର ମହାନଗର ନିଗମ**

# ତିନିଦିନ ହେଲା ଉଠୁନି ଅଳିଆ




ଫାଇଲ ଫଟୋ

**ସମ୍ବଲପୁର, ୬।୨ (ସମିସ)**

ସମ୍ବଲପୁର ମହାନଗର ନିଗମ ଏବେ ଆବର୍ଜନାର ସହର ହୋଇଯାଇଛି। ରାସ୍ତାଘାଟରେ କୁଢ଼ କୁଢ଼ ଆବର୍ଜନା। ଘର ମାନଙ୍କରେ ଜମା ହେଲାଣି ଅଳିଆ। ତିନିଦିନ ହେଲା ଆସୁନି ଘରକୁ ଘର ସଂଗ୍ରହ ଗାଡ଼ି। ରାସ୍ତା ଉପରୁ ଉଠାଉଥିବା ଟ୍ରାକ୍ଟର ବି ଆସୁନି। ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ସମ୍ବଲପୁର ମହାନଗରରେ ପ୍ରତିଦିନ ପାଖାପାଖି ୧୯୦ ରୁ ୨୦୦ ଟନ୍ ଅଳିଆ ସଂଗ୍ରହ ହୋଇଥାଏ। ଦୁଇମାସର ଦରମା ପାଇନଥିବାରୁ ଚାଳକମାନେ ତିନିଦିନ ହେଲା କାର୍ଯ୍ୟବନ୍ଦ କରି ଧର୍ମଘଟ କରୁଛନ୍ତି। ଏନେଇ ସେମାନେ ମହାନଗର ନିଗମ ଆୟୁକ୍ତଙ୍କୁ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ତିନୋଟି ସଂସ୍ଥା ଘରକୁ ଘର ଅଳିଆ ଉଠାଇବା ସହ ରାସ୍ତାଉପରୁ ଅଳିଆ ସଂଗ୍ରହ କରିବା ଗାଡ଼ି ଚାଳନା ପାଇଁ ତିନୋଟି ସଂସ୍ଥା ମାନବସମ୍ବଳ ଯୋଗାଇଥାନ୍ତି। ପ୍ରତିଟି ଗାଡ଼ିରେ ଜଣେ ଚାଳକ ଓ ଜଣେ ଲୋଡର୍ ରହନ୍ତି। ମହାନଗର ନିଗମର ଗାଡ଼ି ସହିତ ତେଲ ମଧ୍ୟ ମହାନଗର ନିଗମ ଦେଇଥାଏ। ତିନୋଟି ସଂସ୍ଥା ମଧ୍ୟରୁ ଗୋଟିଏ ସଂସ୍ଥା ଘରକୁ ଘର ସଂଗ୍ରହ କରୁଥିବା ୫୮ଟି ଟାଟା-ଏସିଇ ଗାଡ଼ି, ୪ଟି ଟ୍ରାକ୍ଟର, ୩ଟି ଡ୍ରେନ କ୍ଲିନର ଗାଡ଼ି ସକାଶେ ମାନବସମ୍ବଳ ଯୋଗାଉଛି। ଉକ୍ତ ସଂସ୍ଥା ନିୟମିତ ଭାବେ ଦରମା ଦେଉନଥିବା ଚାଳକମାନେ ଅଭିଯୋଗ କରି ଧର୍ମଘଟ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ଅନୁଯାୟୀ, ପ୍ରତିମାସରେ ସଠିକ୍ ସମୟରେ ଦରମା ନଦେବା,

- **ଚାରିଆଡ଼େ କୁଢ଼ କୁଢ଼ ଆବର୍ଜନା**
- **ଧର୍ମଘଟରେ ୬୫ ଗାଡ଼ି ଚାଳକ**
- **୨ ମାସ ହେଲା ପାଇନାହାନ୍ତି ଦରମା**

ସଂସ୍ଥା ସ୍ପଷ୍ଟ କରୁନି ତାଙ୍କ ମାସିକ ପାରିଶ୍ରମିକ କେତେ ଓ ପ୍ରତି ମାସରେ ଦିନେ ଦୁଇଦିନର ଦରମା ସଂସ୍ଥା କାଟିଦେଉଛି। ଚାଳକ ଓ ଲୋଡର୍‌ମାନେ ଡିସେମ୍ବର ଓ ଜାନୁଆରୀର ଦରମା ପାଇନଥିବା ଅଭିଯୋଗ କରିଛନ୍ତି। ଏପରିକି କର୍ମଚାରୀମାନଙ୍କ ଇପିଏଫ୍ ଓ ଏସ୍‌ଆଇ କଟିବା ନେଇ ମଧ୍ୟ ତଥ୍ୟ ଦେଉନଥିବା କହିଛନ୍ତି। ଟ୍ରାକ୍ଟର ଚାଳକ ମାନଙ୍କ ଧର୍ମଘଟ ଗତ ୩ ତାରିଖ ଆରମ୍ଭ ହୋଇଥିବାବେଳେ ଘରକୁ ଘର ଯାଉଥିବା ଗାଡ଼ିଗୁଡ଼ିକ ଗତ ୪ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଅନ୍ୟ ଦୁଇଟି ମାନବସମ୍ବଳ ସଂସ୍ଥା ଅଧିନରେ ଯଥାକ୍ରମେ ୩୦ ଓ ୨୨ଟି ଟାଟା-ଏସିଇ ଗାଡ଼ି ରହିଛି। ସେଗୁଡ଼ିକ ଘରକୁ ଘର ସଂଗ୍ରହ କାର୍ଯ୍ୟ କରୁଥିଲେ ମଧ୍ୟ ସହରର ବହୁକାଂଶରେ ଆବର୍ଜନା ନଉଠିବା କାରଣରୁ ରାସ୍ତାଘାଟ ଓ ଘରମାନଙ୍କରେ ଅଳିଆ ଜମା ହେଲାଣି। ଏପରିସ୍ଥଳେ ଲୋକେ ରାସ୍ତା ଉପରେ ଅଳିଆ ଫିଙ୍ଗିବାକୁ ବାଧ ହେବେ। ଏନେଇ ମହାନଗର ନିଗମ ଆୟୁକ୍ତଙ୍କ ମତାମତ ମିଳିପାରିନାହିଁ।

ସମ୍ବଲପୁର ନାଗରିକ କଲ୍ୟାଣ ସମିତି ସଭାପତି ମହେନ୍ଦ୍ର କୁମାର ମିଶ୍ର କହିଛନ୍ତି, ରାସ୍ତାଘାଟରେ ଅଳିଆ ଜମାହେବା ଦ୍ୱାରା ଜଣ୍ଡିସ ଭଳି ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ରହିଛି। ମହାନଗର ନିଗମ ଏଭଳି ଭାବେ ଘରୋଇ ମାନବସମ୍ବଳ ସେବାସଂସ୍ଥାକୁ ଦାୟିତ୍ୱ ନଦେଇ ନିଜସ୍ୱ ଭାବେ ଗାଡ଼ି ଚାଳକ ଓ ଲୋଡର୍ ମାନଙ୍କୁ ନିୟୋଜିତ କରିବା କଥା। ନଚେତ୍ ବାରମ୍ବାର ଏଭଳି ସମସ୍ୟା ସୃଷ୍ଟି ହେବ ବୋଲି ଶ୍ରୀ ମିଶ୍ର ମହାନଗର ନିଗମ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ସମ୍ବଲପୁର କୋର୍ଟରେ ପୁଲିସର ହାଇଆଲର୍ଟ

**ସମ୍ବଲପୁର, ୬।୨ (ସମିସ) :** କଟକ, ପୁରୀ, ଫୁଲବାଣୀ ଆଦି ବିଭିନ୍ନ ଜିଲ୍ଲା କୋର୍ଟକୁ ବୋମା ଧମକ ପରେ ସମ୍ବଲପୁର ଜିଲ୍ଲା କୋର୍ଟରେ ସୁରକ୍ଷା ବ୍ୟବସ୍ଥା ବଢ଼ିଛି। ସମ୍ବଲପୁର ପୁଲିସ ପକ୍ଷରୁ ତ୍ୱରିତ୍ୱ ପଦକ୍ଷେପ ନେଇ କୋର୍ଟ ପରିସର ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚରେ ବମ୍ ସ୍କ୍ୱାଡ ଓ ଡଗ୍ ସ୍କ୍ୱାଡ ସାମିଲ ଥିବାବେଳେ ମେଟାଲ ଡିଟେକ୍ଟର, ଅପଟିକାଲ ଫାଇବର୍ ସ୍କୋପ ଆଦି ଉପକରଣ ବ୍ୟବହାର କରାଯାଇଥିଲା। ପୁଲିସ ଜିଲ୍ଲା କୋର୍ଟର ଦୁଇମହଲା କୋଠା ସହ ପରିସର ପୁଲିସ ତନ୍ନ ତନ୍ନ କରି ଯାଞ୍ଚ କରିଥିଲା। ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର, ସଦର ଏସ୍‌ଡିପିଓ ତୋଫାନ ବାଗ, ଟାଉନ ଥାନାଧିକାରୀ ସୁବ୍ରତ କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ।



ଉଲ୍ଲେଖଯୋଗ୍ୟ ଯେ, ଗତ ଜାନୁଆରୀ ୯ ତାରିଖରେ ସମ୍ବଲପୁର ଜିଲ୍ଲା କୋର୍ଟକୁ ବୋମାରେ ଉଡ଼ାଇଦେବାକୁ ଧମକ ଇ-ମେଲ ଆସିଥିଲା। ସେତେବେଳେ କେବଳ ସମ୍ବଲପୁର ନୁହେଁ ଏହାସହ କଟକ ଓ ଦେବଗଡ଼ ଜିଲ୍ଲାକୁ ମଧ୍ୟ ଏହି ଧମକ ଆସିଥିଲା। ସମ୍ବଲପୁର ପୁଲିସ ପକ୍ଷରୁ ତୁରନ୍ତ ଅଦାଲତ ପରିସରକୁ ଖାଲି କରାଯାଇ ବୋମା ସ୍କ୍ୱାଡ୍ ଓ ସନ୍ଧାନୀ କୁକୁର ଦ୍ୱାରା ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲା। ଯାଞ୍ଚ କରିବାସହ ସବୁକିଛି ସୁରକ୍ଷିତ ବୋଲି ନିଶ୍ଚିତ କରାଯାଇଥିଲା। ଏହାପରେ ଅପରାହ୍ଣ ପ୍ରାୟ ୩ଟାରୁ ଅଦାଲତ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର କହିଛନ୍ତି, ବାରମ୍ବାର ଏଭଳି ବୋମା ଧମକ ବିଶେଷକରି କୋର୍ଟକଚେରୀକୁ ଦେବା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ସମ୍ବଲପୁର ଜିଲ୍ଲା ଓକିଲ ସଂଘରେ ବର୍ତ୍ତମାନ ପାଖାପାଖି ୬ ଶହ ଓକିଲ କାର୍ଯ୍ୟରତ। ତାହାସହ ପ୍ରାୟ ୧ ହଜାରରୁ ଅଧିକ ବିଚାରପତି ଏବଂ କର୍ମଚାରୀ କୋର୍ଟରେ ଉପସ୍ଥିତ ଅଛନ୍ତି। ସମସ୍ତଙ୍କ ମନରେ ଏକ ଆଶଙ୍କା ସୃଷ୍ଟି ହେଉଛି, ସମସ୍ତେ ଭିତତ୍ରସ୍ତ ହେଉଛନ୍ତି। ଗାଁଗହଳିରୁ ଆସି କୋର୍ଟରେ ପହଞ୍ଚିଥିବା ଲୋକଙ୍କ ଭିତରେ ଏକ ଭିନ୍ନ ପରିସ୍ଥିତି ସୃଷ୍ଟି ହେଉଛି। ଜନସାଧାରଣଙ୍କୁ ସୁରକ୍ଷିତ ରଖିବା ପାଇଁ ପୁଲିସ, ଓକିଲ ସମସ୍ତେ ମିଳିମିଶି ଆଲୋଚନା କରିବାସହ ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ ମତ ରଖିଛନ୍ତି।

# ମନରେଗା ବନାମ ଭିବି- ଜି ରାମ ଜି ଆଇନ ସମ୍ବନ୍ଧିୟ ଆଲୋଚନା

**ଜମନକିରା, ୬।୨(ସମିସ):** ବିକଶିତ ଭାରତ ରୋଜଗାର ଏବଂ ଆଜିବିକା ମିଶନ (ଗ୍ରାମୀଣ)ପାଇଁ ଗ୍ୟାରେଣ୍ଟି ଭିବି- ଜି ରାମ ଜି ଆଇନ-୨୦୨୫ ଅନୁଯାୟୀ ଛଅ ସପ୍ତାହୀୟ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି। କାର୍ଯ୍ୟସୂଚୀ ଅନୁଯାୟୀ ଶୁକ୍ରବାର ଜମନକିରା ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ ରବୀନ୍ଦ୍ର ସେଠୀଙ୍କ ଅଧକ୍ଷତାରେ ଗଣମାଧମ ସହିତ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଆଲୋଚନାର ବିଷୟବସ୍ତୁ 'ମିଥ୍ୟା ବନାମ ସତ୍ୟ' ଏବଂ 'ନିଯୁକ୍ତିରୁ ସମ୍ପତ୍ତି ପର୍ଯ୍ୟନ୍ତ'। ଆଲୋଚନା କାଳରେ ଭିବି-ଜି ରାମ ଜି ଆଇନ, ୨୦୨୫ ଅନୁଯାୟୀ ୧୨୫ ଦିନର ନିଯୁକ୍ତିର ବୈଧାନିକ ଗ୍ୟାରେଣ୍ଟି, ଠିକ୍ ସମୟରେ ମଜୁରୀ ପ୍ରଦାନ ଏବଂ ବିଳମ୍ବ ପାଇଁ କ୍ଷତିପୂରଣ ବ୍ୟବସ୍ଥା, ବେରୋଜଗାରୀ ଭତ୍ତା ପାଇଁ ଦୃଢ଼ ପଦକ୍ଷେପ, ଗ୍ରାମସଭା ଦ୍ୱାରା ବିକଶିତ ପଞ୍ଚାୟତ ଯୋଜନା ପ୍ରସ୍ତୁତ, ବିକଶିତ ପଞ୍ଚାୟତ ଯୋଜନାରେ ସମସ୍ତ ଯୋଜନାର ସମନ୍ୱୟ, ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ସଶକ୍ତିକରଣ, ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର, ପଞ୍ଚାୟତିରାଜ ପ୍ରତିଷ୍ଠାନମାନଙ୍କର ଭୂମିକା ଓ ନୂତନ ଆଇନ ଅନୁଯାୟୀ ସୃଷ୍ଟି ହେବାକୁ ଥିବା ଗ୍ରାମୀଣ ସମ୍ପତ୍ତିର ବିଭିନ୍ନ ଉଦାହରଣ ସମ୍ପର୍କରେ ସ୍ପଷ୍ଟ ବ୍ୟାଖ୍ୟା ଦିଆଯାଇଥିଲା।କାର୍ଯ୍ୟକ୍ରମରେ ଜଳ ସୁରକ୍ଷା, ଗ୍ରାମୀଣ ମୌଳିକ ଭିତ୍ତିଭୂମିର ବିକାଶ, ଜୀବିକାଉନ୍ନତି ଏବଂ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ବିଶେଷ ଗୁରୁତ୍ୱ ଦିଆଯାଇଥିବା ଉଲ୍ଲେଖ କରାଯାଇଛି। ଗ୍ରାମାଞ୍ଚଳ ଲୋକଙ୍କୁ ନୂତନ ଆଇନ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ବିଡିଓ ଶ୍ରୀ ସେଠୀ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଜମନକିରା ବ୍ଲକର ସମସ୍ତ ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ।ବ୍ଲକ ପ୍ରଶାସନ ତରଫରୁ ସତ୍ୟଜିତ ସାହୁ ଏଇଇ, ମନୋଜ କୁମାର ଭୋଇ ଏପିଓ, ଶାନ୍ତନୁ ଗରନାୟକ, ସୁମିତ ସାହୁ, ଅଜିତ କୁମାର ବେହେରା ସହକାରୀ ଯନ୍ତ୍ରୀ, ପ୍ରଦୀପ୍ତ କୁମାର ମିଶ୍ର କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ। ଶେଷରେ ଏପିଓ ମନୋଜ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



# ଚୋରି ମାମଲାରେ ୩ ଗିରଫ

**ସମ୍ବଲପୁର, ୬।୨ (ସମିସ) :** ବୁର୍ଲା ଥାନା ଅନ୍ତର୍ଗତ ଡକ୍ଟର୍ସ କଲୋନୀରେ ଭିମସାର ସହାୟକ ପ୍ରଫେସରଙ୍କ ଘରେ ଚୋରି ମାମଲାର ତଦନ୍ତ କରି ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ଚୋରି ସାମଗ୍ରୀ ଜବତ କରିଛି।

ସୂଚନା ଅନୁଯାୟୀ, ଗତ ୧ ତାରିଖ ସହାୟକ ପ୍ରଫେସର ତାଙ୍କ କ୍ୱାର୍ଟର୍ସରେ ତାଲା ପକାଇ ତାଙ୍କ ପୈତୃକ ଗ୍ରାମକୁ ଯାଇଥିଲେ। ୩ ତାରିଖ ପୂର୍ବାହ୍ଣ ସାଢ଼େ ୧୧ଟା ବେଳକୁ ଫେରି ଆସି ଦେଖିଲେ ଯେ ତାଙ୍କ କ୍ୱାଟର୍‌ର କବାଟ ଭିତରୁ ବନ୍ଦ ରହିଛି। ତେଣୁ, ସେ ପୁଲିସକୁ ଖବର ଦେଲେ ଏବଂ ପୁଲିସ ଉପସ୍ଥିତିରେ କବାଟ ଖୋଲି ଦେଖାଗଲା ଯେ ପଛପାର୍ଶ୍ୱର କବାଟ ଭଙ୍ଗା ଏବଂ ଗୋଟିଏ ଟିଭି, ସେଟ୍ ଅପ୍ ବାକ୍ସ, ଗୋଟିଏ ଲାପଟପ୍, ଗୋଟିଏ ଆଇ-ଫୋନ୍, କଳା ରଙ୍ଗର ବୁଲେଟ୍ ମୋଟର ସାଇକଲ, ଦୁଇଟି ଗ୍ୟାସ୍ ସିଲିଣ୍ଡର, ଦୁଇଟି ସାର୍ଟ, କିଛି ରୋଷେଇ ସାମଗ୍ରୀ ଏବଂ ନଗଦ ୪୫ ହଜାର ଟଙ୍କା ଚୋରି ହୋଇଛି। ବୁର୍ଲା ପୁଲିସ କେସ ନଂ.୫୪/୩.୨.୨୬ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ମାମଲାର ପର୍ଦ୍ଦାଫାସ କରି ବୁର୍ଲା ଥାନା ଅନ୍ତର୍ଗତ ପିଡବ୍ଲୁଡି କଲୋନୀର ଅଭିଯୁକ୍ତ ପ୍ରକାଶ ସୁନା (୨୫), ସୁଶୀଲ ନାଏକ (୨୧) ଓ ବିନୋଦ କୁମ୍ଭାର (୨୧)କୁ ଗିରଫ କରି ସେମାନଙ୍କଠାରୁ କେତେକ ଚୋରି ସାମଗ୍ରୀ ଜବତ କରିଛି। ଉପରୋକ୍ତ ତିନିଜଣଙ୍କ ନାମରେ ପୂର୍ବରୁ ବୁର୍ଲା ଥାନାରେ ଏକାଧିକ ଅପରାଧିକ ମାମଲା ରହିଥିବା ପୁଲିସ ସୂଚନା ଦେଇଛି।



# ବାୟୋ-ମେଡିକାଲ ୱେଷ୍ଟ ପରିଚାଳନାକୁ ନେଇ ନୋଟିସ

**ସମ୍ବଲପୁର, ୬।୨ (ସମିସ) :** ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ହସପିଟାଲ ରୋଡ୍‌ରେ ଥିବା ଡେଣ୍ଟାଲ କେୟାର୍‌କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହି ସଂସ୍ଥା ନାମରେ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଅଭିଯୋଗ ହୋଇଥିଲା। ଉପରୋକ୍ତ ସଂସ୍ଥା ବୋର୍ଡଠାରୁ ବାୟୋ-ମେଡିକାଲ ୱେଷ୍ଟ (ବିଏମ୍‌ଡବ୍ଲୁ)କୁ ନେଇ ଅନୁମତି ନଆଣି ସ୍ୱାସ୍ଥ୍ୟଯତ୍ନ ଫେସିଲିଟି ଚଳାଉଥିଲେ। ଏହାସହ ବିଏମ୍‌ଡବ୍ଲୁ ପୃଥକୀକରଣ ଏବଂ ପରିଚାଳନା କରାଯାଉନଥିବା ତଦନ୍ତରୁ ଜଣାପଡ଼ିଛି। ଏହି ବାୟୋ-ମେଡିକାଲ ୱେଷ୍ଟକୁ ନିଷ୍କାସନ (ଡିସପୋଜାଲ୍) କରିବା ପାଇଁ ସିବିଏମ୍‌ଡବ୍ଲୁଟିଏଫ୍ ଅପରେଟର ସହ ଚୁକ୍ତି ନଥିବା କୁହାଯାଇଛି। ଏଗୁଡ଼ିକ ବାୟୋ ମେଡିକାଲ ୱେଷ୍ଟ ମେନେଜମେଣ୍ଟ ରୁଲ୍‌ସ, ୨୦୧୬ ଏବଂ ତାହାର ସଂଶୋଧନର ଉଲ୍ଲଂଘନ। ଏଣୁ ୧୫ ଦିନ ମଧ୍ୟରେ ଏହାର ଜବାବ ରଖିବାକୁ ଆଞ୍ଚଳିକ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୬୦୮ ତା ୬.୨.୨୦୨୬ରେ ନିର୍ଦ୍ଦେଶ ଦିଆଯାଇଛି।

# ୮ରେ 'ସାଥୀ'ର ଦ୍ୱିତୀୟ ପ୍ରତିଷ୍ଠା ସମାରୋହ

**ସମ୍ବଲପୁର, ୬।୨ (ସମିସ):** ଆସନ୍ତା ୮ ତାରିଖରେ ସମାଜସେବୀ ସଂସ୍ଥା 'ସାଥୀ ଚାରିଟେବୁଲ ଟ୍ରଷ୍ଟ' ତରଫରୁ ଏହାର ଦ୍ୱିତୀୟ ପ୍ରତିଷ୍ଠା ଦିବସ ପାଳନ କରିବ। ସାଥୀ ଚାରିଟେବୁଲ ଟ୍ରଷ୍ଟ କାର୍ଯ୍ୟକାରୀ ଅଧକ୍ଷ ସିଦ୍ଧାର୍ଥ ସାହା। ପ୍ରତିଷ୍ଠା ଉତ୍ସବ ସମାରୋହରେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅର୍ଥ ଓ ଉତ୍ତମ ଚିକିତ୍ସା ଅଭାବରୁ କେହି ଯେପରି କ୍ୟାନସରରେ ମୃତ୍ୟୁବରଣ ନ କରନ୍ତୁ, ଅର୍ଥ ପାଇଁ କେହି ଯେପରି ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତୁ, ସେଥିପାଇଁ ସାଥୀ ଚାରିଟେବୁଲ ଟ୍ରଷ୍ଟ ତାର ସମାଜସେବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ବର୍ଷୀୟାନ କ୍ରୀଡାବିତ, ପ୍ରତିଷ୍ଠିତ ଶିକ୍ଷକ, ଡାକ୍ତର, ନର୍ସ, ମହାନଗନିଗମ କର୍ମଚାରୀ ଆଦିଙ୍କୁ 'ସାଥୀ ସମ୍ମାନ'ରେ ସମ୍ମାନିତ କରାଯିବ ବୋଲି ଶ୍ରୀ ସାହା ସୂଚନା ଦେଇଛନ୍ତି।

ମହାନଗନିଗମ ଅଞ୍ଚଳର କିଛି ବିଧବା ଓ ଅସହାୟ ମହିଳାଙ୍କୁ ସ୍ୱାବଲମ୍ବୀ ଓ ରୋଜଗାରକ୍ଷମ କରିବା ଉଦ୍ଦେଶ୍ୟରେ ଚଳିତବର୍ଷ ୩୫ଟି ସିଲେଇ ମେସିନ୍, ୩୦ ଜଣ ଶାରିରୀକ ଅକ୍ଷମଙ୍କୁ ହ୍ୱିଲଚେୟାର, ୱାକର ପ୍ରଦାନ କରିବାସହ ଏବଂ ୧୦ ଜଣ କ୍ୟାନସର ପୀଡ଼ିତଙ୍କୁ ନଗଦ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହଯୋଗ ଦିଆଯିବ। ସହରର ପ୍ରତିଷ୍ଠିତ ସମାଜସେବୀ ସଂସ୍ଥା ଗୁଡ଼ିକ ସହ ମିଶି ଟ୍ରଷ୍ଟ ତାର ପ୍ରତିଟି ସେବାକୁ ଘରେ ଘରେ ପହଞ୍ଚାଇବା ପାଇଁ ଚେଷ୍ଟା ଜାରି ରଖିବ। ଏହିକ୍ରମରେ ଆସନ୍ତା କିଛିଦିନ ମଧ୍ୟରେ ମହନଗର ନିଗମର ପ୍ରତିଟି ୱାର୍ଡରେ ସାଥୀ ସହଯୋଗ କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି ଶ୍ରୀ ସାହା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ଶିକ୍ଷା ସହାୟତା ବ୍ୟତୀତ ସାଥୀ ଚାରିଟେବୁଲ ଟ୍ରଷ୍ଟ ବିଭିନ୍ନ ସମୟରେ କିଛି ଧାର୍ମିକ କାର୍ଯ୍ୟ ଉପରେ ମଧ୍ୟ ଗୁରୁତ୍ୱ ଦେଉଛି। ସମ୍ବଲପୁର ସହରର ଯୁବ ପିଢ଼ି କିପରି ନିଶାଠାରୁ ଦୂରେଇ ରହି ନିଜ ପରିବାର ସହ ସୁଖ ଶାନ୍ତିରେ ରହିପାରିବେ ସେଦିଗରେ ନିରନ୍ତର ପ୍ରୟାସ ମଧ୍ୟ ଜାରି ରଖିଥିବା ଶ୍ରୀ ସାହା ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟ କୋଷାଧକ୍ଷ ସମରଜିତ ପଟ୍ଟନାୟକ, ସଭ୍ୟ ମଧୁସୂଦନ ମିତ୍ର, ମଣ୍ଟୁ ଦୁବେ, ଶିବ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ।




# ଅଟଳ ପେନ୍‌ସନ୍ ଯୋଜନା ବିସ୍ତାର କାର୍ଯ୍ୟକ୍ରମ

**ସମ୍ବଲପୁର, ୬।୨ (ସମିସ):** ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଅଟଳ ପେନସନ ଯୋଜନା ବିସ୍ତାର କାର୍ଯ୍ୟକ୍ରମ (ଅଟଳ ପେନସନ ଯୋଜନା ଆଉଟ୍‌ରିଚ୍ ପ୍ରୋଗ୍ରାମ) ଆୟୋଜିତ ହୋଇଯାଇଛି। ପେନସନ ଫଣ୍ଡ ବିନିୟାମକ ଏବଂ ବିକାଶ ପ୍ରାଧିକରଣଙ୍କ ନିର୍ଦ୍ଦେଶରେ ରାଜ୍ୟସ୍ତରୀୟ ବ୍ୟାଙ୍କସମୂହ ସମିତି ତତ୍ତ୍ୱାବଧାନରେ ଅଗ୍ରଣୀ ବ୍ୟାଙ୍କ (ଲିଡ୍ ବ୍ୟାଙ୍କ) ଭାରତୀୟ ଷ୍ଟେଟ ବ୍ୟାଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସମ୍ବଲପୁର ଜିଲ୍ଲାର କୋଣ ଅନୁକୋଣରୁ ବ୍ୟାଙ୍କ ଅଧିକାରୀ, ଗ୍ରାହକ ସେବା କେନ୍ଦ୍ର ପରିଚାଳକ (ସିଏସ୍‌ପି), ଏପିୱାଇ ଉପଭୋକ୍ତା ଓ ଜନସାଧାରଣ ବହୁସଂଖ୍ୟାରେ ସଭାରେ ଅଂଶଗ୍ରହଣ କରିଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ପ୍ରବନ୍ଧକ ମାନସ ରଞ୍ଜନ ପ୍ରଧାନ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଏହାପରେ ରାଜ୍ୟସ୍ତରୀୟ ବ୍ୟାଙ୍କସମୂହ ସମିତିର ଲିଙ୍ଗରାଜ ନାୟକ ସଭାର ଉଦ୍ଦେଶ୍ୟ, ଅଟଳ ପେନସନ ଯୋଜନାରେ ରାଜ୍ୟର ଭାଗୀଦାରିତା, ସମ୍ବଲପୁର ଜିଲ୍ଲାର ଲକ୍ଷ୍ୟ ହାସଲ ଆଦି ବିଷୟରେ ସୂଚନା ଦେଇଥିଲେ। ଜିଲ୍ଲା ପରିଷଦ ସମ୍ବଲପୁରର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ତାଙ୍କ ଉଦବୋଧନରେ ସବୁ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ସମସ୍ତଙ୍କର ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ପିଏଫ୍‌ଆର୍‌ଡିଏର ମୁଖ୍ୟ ମହାପ୍ରବନ୍ଧକ ଓ ଭାରପ୍ରାପ୍ତ ଚେୟାରମ୍ୟାନ ପ୍ରଭେଶ କୁମାର ଏହି ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପିଏଫ୍‌ଆଡିଏର ସହାୟକ ମହାପ୍ରବନ୍ଧକ ଶିବିକା ସିଙ୍ଘଲ କମ୍ପ୍ୟୁଟର ଉପସ୍ଥାପନା ମାଧ୍ୟମରେ ବିଭିନ୍ନ ଉଦାହରଣ ସହିତ ଯୋଜନାର ଟିକିନିଖି ବିବରଣୀ ପରିବେଷଣ କରିଥିଲେ। ସବୁ ଜିଜ୍ଞାସାର ପ୍ରାଞ୍ଜଳ ସମାଧାନ ପିଏଫ୍‌ଆର୍‌ଡିଏ ଅଧିକାରୀଙ୍କ ଦ୍ୱାରା ପ୍ରଶ୍ନୋତ୍ତର ମାଧ୍ୟମରେ ହୋଇଥିଲା। ଶେଷରେ ନାବାର୍ଡର ସହାୟକ ମହାପ୍ରବନ୍ଧକ ଧୀରେନ୍ଦ୍ର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




# ସମ୍ବଲପୁର ରେଳମଣ୍ଡଳ ଆନ୍ତଃବିଭାଗୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ସମ୍ବଲପୁର, ୬।୨(ସମିସ)**


ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ, ସମ୍ବଲପୁର ପକ୍ଷରୁ ସମ୍ବଲପୁରର ରେଳନଗରସ୍ଥିତ ରେଳବାଇ ଷ୍ଟାଡିୟମରେ ଆନ୍ତଃବିଭାଗୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ସମ୍ବଲପୁର ମଣ୍ଡଳର ସମସ୍ତ ବିଭାଗର ଦଳଗୁଡ଼ିକ ଏହି ବହୁବିଧ କ୍ରୀଡା କାର୍ଯ୍ୟକ୍ରମରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧରୀ ଯୋଗ ଦେଇଥିଲେ। ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ, ସମ୍ବଲପୁରର ଅଧକ୍ଷା ବିନ୍ଦୁ ଚୌଧରୀ ଏବଂ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବିଭିନ୍ନ ଇଭେଣ୍ଟର ବିଜେତା ଏବଂ ଉପବିଜେତାଙ୍କୁ ମୁଖ୍ୟ ଅତିଥି ଏବଂସମ୍ମାନିତ ଅତିଥି ମାନେ ପୁରସ୍କାର ଏବଂ ଟ୍ରଫି ବଣ୍ଟନ କରିଥିଲେ। ଆନ୍ତଃବିଭାଗୀୟ କ୍ରିକେଟ ପ୍ରତିଯୋଗିତାରେ, ଇଞ୍ଜିନିୟରିଂ ଏବଂ ଅପରେଟିଂ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଇଞ୍ଜିନିୟରିଂ ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୬ ୱିକେଟ୍ ହରାଇ ୧୫୭ ରନ୍ କରିଥିଲା। ଜବାବରେ, ଅପରେଟିଂ ଦଳ ଲକ୍ଷ୍ୟକୁ ସଫଳତାର ସହ ପିଛା କରି ୧୩.୪ ଓଭରରେ ୬ ୱିକେଟ୍ ହରାଇ ୧୫୮ ରନ୍ କରିଥିଲା ଏବଂ ଫାଇନାଲ୍ ମ୍ୟାଚ୍ ୪ ୱିକେଟ୍ ରେ ଜିତିଥିଲା। ଅପରେଟିଂ ଦଳର ଜ୍ଞାନରଞ୍ଜନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି, ସିରିଜର ଶ୍ରେଷ୍ଠ ବ୍ୟାଟ୍‌ସମ୍ୟାନ୍ ଏବଂ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ କରାଯାଇଥିଲା ଏବଂ ଇଞ୍ଜିନିୟରିଂ ଦଳର ଦିଲୀପ ଭୋଇଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ବୋଲର ଭାବରେ ପୁରସ୍କୃତ କରାଯାଇଥିଲା। ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ, ଆରପିଏଫ୍ ଏବଂ ବାଣିଜ୍ୟିକ ଦଳ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା, ଯେଉଁଠାରେ ବାଣିଜ୍ୟିକ ଦଳ ୩-୦ ରେ ବିଜୟୀ ହୋଇଥିଲା। ବାଣିଜ୍ୟିକ ଦଳର ରବିଙ୍କୁ ଶ୍ରେଷ୍ଠ ଆଟାକର, ଆରପିଏଫ୍‌ର ଚନ୍ଦନ ପ୍ରଧାନଙ୍କୁ ଶ୍ରେଷ୍ଠ ଅଲ୍-ରାଉଣ୍ଡର ଏବଂ ବାଣିଜ୍ୟିକ ଦଳର ସବୁଜ ପ୍ରଧାନଙ୍କୁ ଶ୍ରେଷ୍ଠ ସେଟର୍ ପୁରସ୍କାର ମିଳିଥିଲା। ଲନ୍ ଟେନିସ୍ (ଡବଲ୍ସ)ରେ, ଅଖିଳେଶ ତ୍ରିପାଠୀ ଓ ମହେନ୍ଦ୍ର ପାଲ ସିଂହ ଫାଇନାଲରେ ତତ୍ତ୍ୱାଦର୍ଶୀ ସାହୁ ଓ ଶରତ କୁମାର ବୁଡାଙ୍କୁ ପରାସ୍ତ କରିଥିଲେ। ବ୍ୟାଡମିଣ୍ଟନ (ଡବଲ୍ସ)ରେ ଅତନୁ ଚକ୍ରବର୍ତ୍ତୀ ଓ ପ୍ରବୋଧ ପଣ୍ଡା ଫାଇନାଲ ମ୍ୟାଚ ଜିତିଥିଲେ। ପୁରୁଷ ଟେବୁଲ ଟେନିସ୍ (ସିଙ୍ଗଲ୍ସ)ରେ ମହେନ୍ଦ୍ର ପାଲ ସିଂହ ଟାଇଟଲ ଜିତିଥିଲେ। ମହିଳା କଲ୍ୟାଣ ସଂଗଠନର ବ୍ୟାଡମିଣ୍ଟନ (ଡବଲ୍ସ)ରେ ନିରଜା ମହାପାତ୍ର ଓ ବିଜୟଲକ୍ଷ୍ମୀ ମେହେର ବିଜେତା ହୋଇଥିଲେ। ମହିଳା କର୍ମଚାରୀଙ୍କ ସ୍ୱତନ୍ତ୍ର ଇଭେଣ୍ଟରେ, ସୌଭାଗ୍ୟ ସେନାପତି ବେଲୁନ ଏବଂ କପ୍ ଇଭେଣ୍ଟରେ ପ୍ରଥମ ସ୍ଥାନ, ମାରିଆ କୁଜୁର ଅବଜେକ୍ଟ ଡିଟେକ୍ଟିଂ ଇଭେଣ୍ଟରେ ବିଜୟୀ ଏବଂ ସତାକ୍ଷୀ ସିହ୍ନା ପଜଲ୍ ସଲଭିଙ୍ଗ ଇଭେଣ୍ଟରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ କ୍ରୀଡା ଅଧିକାରୀ ରିତେଶ ମେହେର ସଫଳତାର ସହିତ ସଂଯୋଜନା କରିଥିଲେ। ଏହି ଅବସରରେ କ୍ରୀଡା ସଚିବ ଆଲୋକ ରଞ୍ଜନ ପଣ୍ଡା, ସୁବ୍ରତ ଚାନ୍ଦ ଏବଂ ସତ୍ୟବ୍ରତ ସେଠ, ସହକାରୀ ସଚିବ, ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ।




# ସମ୍ବଲପୁର 'ଡଗ୍ ଶୋ'ରେ ଭାଗନେବେ ୨୫ ପ୍ରଜାତି



**ସମ୍ବଲପୁର, ୬।୨ (ସମିସ):** ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡ଼ିଆରେ ଆସନ୍ତା ୮ ତାରିଖ ଅପରାହ୍ଣ ୨ଟାରୁ 'ଡଗ ଶୋ' ଆୟୋଜିତ ହେବ। ପ୍ରାୟ ୨୫ ପ୍ରଜାତିର ଶ୍ୱାନ ପ୍ରଦର୍ଶନୀରେ ଯୋଗଦେବେ ବୋଲି ପ୍ରଦର୍ଶନୀ ଆୟୋଜକ ହ୍ୟାଣ୍ଡଲୁମ୍ ସିଟି କେନାଇନ୍ କ୍ଲବ ସଭାପତି ବିଶ୍ୱରଞ୍ଜନ ତ୍ରିପାଠୀ ସୂଚନା ଦେଇଛନ୍ତି।ପ୍ରଦର୍ଶନୀରେ ବିଭିନ୍ନ ରାଜ୍ୟର ପ୍ରାୟ ୧୨୦ରୁ ଊର୍ଦ୍ଧ୍ୱ ଉଚ୍ଚ ପ୍ରଶିକ୍ଷିତ ଶ୍ୱାନ ଅଂଶଗ୍ରହଣ କରିବେ ବୋଲି ଆଶାପ୍ରକାଶ କରାଯାଇଛି। ପ୍ରଦର୍ଶନୀରେ ତିନୋଟି ବର୍ଗରେ ଶ୍ରେଷ୍ଠ ବିବେଚିତ ଶ୍ୱାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। ପ୍ରଥମ ପୁରସ୍କାର ୧୦ ହଜାର, ଦ୍ୱିତୀୟ ପୁରସ୍କାର ୭ ହଜାର ଓ ତୃତୀୟ ପୁରସ୍କାର ୩ ହଜାର ଟଙ୍କା ସହ ଟ୍ରଫି ଓ ଶ୍ୱାନ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯିବ।ପ୍ରଦର୍ଶନୀକୁ ଋଷିଆର ପ୍ରସିଦ୍ଧ ଶ୍ୱାନ ପ୍ରଶିକ୍ଷକ ଡେରିନା ନୋଭିକୋଭା ଉଦଘାଟନ କରିବା ସହ ବିଚାରକ ଭାବେ ଯୋଗଦେବେ ବୋଲି ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି। ଏହିଦିନ ସକାଳେ ଆଣ୍ଟି-ରାବିଜ୍ ଭ୍ୟାକସିନ ମାଗଣା ଦିଆଯିବ। ସାମ୍ବାଦିକ ସମ୍ମିଳନୀରେ କେନାଇନ୍ କ୍ଲବ ସମ୍ପାଦକ ପ୍ରତ୍ୟୁଷ ଦେବତା, ସଞ୍ଜିବ ପାଢ଼ୀ, ଜ୍ୟୋତି ରଞ୍ଜନ ପୂଜାରୀ, ପ୍ରଶାନ୍ତ ବେହେରା ଓ ଉପଦେଷ୍ଟା ଭାବେ ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା ଉପସ୍ଥିତ ଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ||

ସ୍ୱର୍ଗତ ଭାସ୍କର ମହାରଣା
ରାମନଗର ପ୍ରଥମ ଲେନ, କମାପଲି, ବ୍ରହ୍ମପୁର (ଗଞ୍ଜାମ)
ଆବିର୍ଭାବ : ୧୦.୧୦.୧୯୪୮
ତିରୋଧାନ : ୨୮.୦୧.୨୦୨୬
ବାପା ଆପଣ ଯିବାର ୧୧ ଦିନ ହେଇଗଲା । ଆପଣଙ୍କର ସ୍ନେହ, ଭଲ ପାଇବା, ତ୍ୟାଗ ଆମପାଇଁ ଚିର ସ୍ମରଣୀୟ ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳି ସହ : ପୁତ୍ର ଜଗଦୀଶ, ମହେଶ, ପୁତ୍ରବଧୂ କ୍ରୀଷ୍ଣା, ଝିଅ,ଜୋଇଁ ଓ ନାତି ନାତୁଣୀମାନେ

# ହାତୀ ମୃତ୍ୟୁର ତଦନ୍ତ ଦାୟିତ୍ୱରେ ଏସିଏଫ୍ ବାଘ

ଭବାନୀପାଟଣା, ୬।୨(ସମିସ)

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡର ବେଲଘର ରେଞ୍ଜ ଝିରିପାଣି ପଞ୍ଚାୟତର ସିମିଲିପଦର ନିକଟସ୍ଥ ମୁଣ୍ଡୁଟିଜଙ୍ଗଲରେ ଗତ ମାସ ୫ତାରିଖରେ ଏକ ହାତୀର ମୃତ୍ୟୁ ଘଟିଥିଲା। ଇତିମଧ୍ୟରେ ଏକ ମାସ ବିତିଯାଇଥିବା ସତ୍ତ୍ୱେ ଏହି ମାମଲାରେ ନିଲମ୍ବିତ ଡେପୁଟି ରେଞ୍ଜର ବିନୟ କୁମାର ବିଶିର ପତ୍ତା ପାଉନି ବାଲିଗୁଡା ବନ ବିଭାଗ। ହାତୀ ମୃତ୍ୟୁକୁ ନେଇ ଭୁଲ ତଥ୍ୟ ଦେଇଥିବା ଏସିଏଫ୍ ସୂର୍ଯ୍ୟକାନ୍ତ ବେହେରାଙ୍କୁ ନିଲମ୍ବିତ କରାଯାଇଛି। ଅନ୍ୟପକ୍ଷରେ ବନ୍ୟପ୍ରାଣୀ ଏସିଏଫ୍ ମନୋରଞ୍ଜନ ବାଘଙ୍କୁ ସ୍ୱର୍ଣକାତର ହାତୀ ମୃତ୍ୟୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ହାତୀକୁ ୩୨ଖଣ୍ଡ କରାଯାଇଥିଲା କିଛି ବେଲଘର ରେଞ୍ଜ ଅଞ୍ଚଳରେ ପୋତା ଯାଇଥିବା ବେଳେ ଶରୀରର ମୁଖ୍ୟ ଅଂଶ ଗୁଡ଼ିକ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ତହଁସିର ଗ୍ରାମ ନିକଟରେ ସାତ ଫୁଟ ଗାତଖୋଳି ଡେପୁଟି ରେଞ୍ଜର ନିଜ କର୍ମଚାରୀଙ୍କ ସହଯୋଗରେ ପୋତିଥିଲେ। ୨୦ ଜାନୁଆରୀରେ ଡିଏଫ୍ଓ ବାଲିଗୁଡ଼ା ଏବଂ ଜେଟିଏଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହାତୀ ମୃତ୍ୟୁର କରୁଣ ସ୍ଥିତିକୁ ଅନୁଧ୍ୟାନ କରିଥିଲେ। ସେହି ଦିନରୁ ଡେପୁଟି ରେଞ୍ଜର ଫେରାର ହୋଇଯାଇ ଆତ୍ମଗୋପନ କରିଥିବା କୁହାଯାଉଛି। ତଦନ୍ତକାରୀ ଅଧିକାରୀ ଇତିମଧ୍ୟରେ ୪ଜଣ



ଶିକାରୀ, ବ୍ୟବହାର ହୋଇଥିବା ଗାଡ଼ି ଡ୍ରାଇଭର ଏବଂ ମାଲିକଙ୍କୁ ଗିରଫ କରିଛନ୍ତି। ଶିକାରୀଙ୍କ ଠାରୁ ଜିଆଇ ତାର, ଦେଶୀ ବନ୍ଧୁକ, କୁଟୁରା ଖପୁରୀ, ଛାଲ, ଗୋଡ, ଇଲେକ୍ଟ୍ରିକ ୱାଇର ଏମିତି ଅନେକ ସାମଗ୍ରୀ ଶିକାରୀଙ୍କ ନିକଟରୁ ଜବତ ହୋଇଥିବା ଦର୍ଶାଯାଇଛି। କଳାହାଣ୍ଡି ଜିଲ୍ଲାରୁ ସୁକୁନାଭଟା ଅଞ୍ଚଳର ଗାଡ଼ି ଡ୍ରାଇଭର ଅଲେଖ ହିଆଲ ଓ ଦୁଷ୍ମନ୍ତ ପୋଡଙ୍କୁ ଉଠାଇ ଗିରଫ କରିବା ସହିତ ଗାଡ଼ି ଦୁଇଟି ଜବତ କରିଛି। ହାତୀମୃତ୍ୟୁ ଘଟଣାର ତଦନ୍ତ କରୁ କରୁ କୁଟୁରା ଶିକାର ମଧ ହୋଇଥିବା ବନ ବିଭାଗ ବହୁ ବିଲମ୍ବରେ ଜାଣିପାରିଲେ। ପ୍ରଶ୍ନ ଉଠୁଛି ହାତୀ ମୃତ୍ୟୁ ସମ୍ପର୍କରେ ପ୍ରଥମେ କିଏ ଦେଖିଥିଲା ତାହା ଏଯାବତ୍ କାହିଁକି ସ୍ପଷ୍ଟ ହେଉନି। ଜାନୁଆରୀ ୫ତାରିଖରେ ହାତୀ ମରିଛି ବୋଲି ବନ ବିଭାଗ ସ୍ୱୀକାର କରୁଥିବା ସତ୍ତ୍ୱେ ୧୪ ଜାନୁଆରୀରେ

**ଡେପୁଟୀ ରେଞ୍ଜରଙ୍କ ପତ୍ତା ପାଉନି ବନ ବିଭାଗ**

**୮ ଗିରଫ; କଳାହାଣ୍ଡି ଜିଲ୍ଲାରୁ ଦୁଇ**

ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ଓ ୧୭ ତାରିଖରେ ଗୁମା ସରପଞ୍ଚ ସଞ୍ଜୁ ମଲ୍ଲିକ ହାତୀ ମୃତ୍ୟୁ ଘଟଣା ସତ ବୋଲି ଡିଏଫ୍ଓଙ୍କୁ ଲିଖିତ ଆକାରରେ ଜଣାଇବା ଭିତରେ ଅନେକ ଦିନ ବିତିସାରିଛି। ଆରସିସିଏଫ୍ ବାଲିଗୁଡା ଆସି ଡେପୁଟି ରେଞ୍ଜରଙ୍କୁ ନିଲମ୍ବିତ କରିଥିଲେ। ପରେ ଡିଏଫ୍ଓ ଏବଂ ଜଏଣ୍ଟ ଟାସ୍କ ଫୋର୍ସ ଉଭୟ ଘଟଣା ସ୍ଥଳରେ ପହଞ୍ଚି ସାମ୍ପଲ ସଂଗ୍ରହ କରିବା ସହ କଳାହାଣ୍ଡି ପ୍ରାଣୀ ସମ୍ପଦ ବିଭାଗ ଡାକ୍ତର ଦଳ ତହଁସିର ଯାଇ ସାମ୍ପଲ କରି ଫେରିବା କାର୍ଯ୍ୟ ଶେଷ ପରେ ତଦନ୍ତକାରୀ ଅଧିକାରୀ ୮ଜଣଙ୍କୁ ଗିରଫ ଓ ଗାଡ଼ି ଜବତ କରି ନୀରବ ରହିଛନ୍ତି। ଗିରଫ ଶିକାରୀମାନେ ନିର୍ଦ୍ଦିଷ୍ଟଭାବେ ସେ ହାତୀକୁ ମାରିଥିବା ସ୍ୱୀକାର କରିଥିଲେ କି? ମୃତ ହାତୀର ଶବ ବ୍ୟବଚ୍ଛେଦ ଦିଗ ପ୍ରତି ବନ ବିଭାଗ କେମିତି ଦେଖୁଛି। ହାତୀ ବଞ୍ଚିଥିଲେ ଜଙ୍ଗଲର କିନ୍ତୁ ବନ୍ୟପ୍ରାଣୀର ମୃତ୍ୟୁ ଘଟିଲେ ବନ ବିଭାଗର ମୁଣ୍ଡ ବିନ୍ଧାର କାରଣ ହୋଇପଡେ। ତେବେ ଗୋଟେ ହାତୀ ମରିବା, ମରିଯିବା ପରେ କେଉଁ ସାହସରେ ୩୨ଖଣ୍ଡ କରାଯିବା କଥା ଚିନ୍ତାକଲେ ସବୁ ବିଷୟ ସହଜରେ ଗ୍ରହଣ କରିହେଉନି। ଝିରିପାଣି ସେକ୍ସନର ଫରେଷ୍ଟର ଓ ଗାର୍ଡମାନେ କେମିତି ଜାଣିପାରିଲେ ନାହିଁ ତାହା ମଧ ତଦନ୍ତ ପରିସରକୁ ଅଣାଯିବା ଉଚିତ୍ ନୁହେଁ କି? ସ୍କ୍ୱାର୍ଡ ଟିମ୍‌ର ୮ଜଣଙ୍କୁ ପଚରାଉଚରା ଚାଲିଥିବା ଭଲ। କିନ୍ତୁ ବିଭାଗର ଗଜ ସାଥୀ କ୍ୟାମେରା ଆପ ଏତେ ସବୁ ବ୍ୟବସ୍ଥା କେଉଁଠି ନା କେଉଁଠି ନିଶ୍ଚିତ ଫେଲ ମାରିଛି ବୋଲି କୁହାଯାଇପାରେ। ସବୁଠାରୁ ବଡ କଥା ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ କହୁଛନ୍ତି ଯେ ବିଦ୍ୟୁତ୍ ଆଘାତରୁ ହାତୀ ମୃତ୍ୟୁ ସମ୍ପର୍କରେ କେହି ବନ ବିଭାଗ ପକ୍ଷରୁ ସୂଚନା ଟିକେ ଦେଇନାହାନ୍ତି। ତାହା ଯଦି ସତ, କିଏ ସତ କହୁଛି କିଏ ମିଛ କହି ଚାଲିଛି ତଦନ୍ତର ଆବଶ୍ୟକତା ଜରୁରୀ।

# ୧୨ ଧର୍ମଘଟକୁ କେନ୍ଦୁପତ୍ର କର୍ମଚାରୀ ସଂଘ ଓ କୃଷକ ସଂଗଠନର ସମର୍ଥନ

**ସମ୍ବଲପୁର, ୬।୨ (ସମିସ) :** କେନ୍ଦ୍ର ସରକାର ଶ୍ରମିକ, କୃଷକ, ବ୍ୟାଙ୍କ, ବୀମା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏବଂ କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀ ଓ ଅସଂଗଠିତ କର୍ମଚାରୀ ମାନଙ୍କ ସକାଶେ ଶ୍ରମବିରୋଧୀ ବିଲ ଆଣିଛନ୍ତି। ତନ୍ମଧ୍ୟରେ ୪ଟି ଲେବର କୋଡ୍ କରିବା, କାର୍ଯ୍ୟ ସମୟ ଅବଧି ୮ ଘଣ୍ଟାରୁ ୧୨ ଘଣ୍ଟାକୁ ବୃଦ୍ଧି କରିବା, କମ୍‌ସଂଖ୍ୟକ କାର୍ଯ୍ୟରତ ଶ୍ରମିକମାନେ ଶ୍ରମ ଆଇନ ପରିସର ଭୁକ୍ତ ନହେବା ତଥା ଶ୍ରମ ଆଇନରୁ ବଞ୍ଚିତ ହେବା ପ୍ରମୁଖ ଦାବି ଗୁଡ଼ିକ ଉପରେ ଦେଶର ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ପକ୍ଷରୁ ଚଳିତ ମାସ ୧୨ ତାରିଖ ଦେଶରେ ଧର୍ମଘଟ ଘୋଷଣା କରିଛନ୍ତି। ସମାଜର ପ୍ରତ୍ୟେକ ବର୍ଗର ଲୋକ ସମର୍ଥନ କରି ଧର୍ମଘଟକୁ ସଫଳ କରିବା ପାଇଁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ସଭାପତି ବିଜୟ କୁମାର ମହାନ୍ତି, ଉପସଭାପତି ଗୋକୁଳ ମେହେର, ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି, ସମ୍ପାଦକ ମହମ୍ମଦ ମୃତୁଜା ପ୍ରମୁଖ ଆହ୍ୱାନ ଦେଇଛନ୍ତି।

ଆସନ୍ତା ୧୨ ତାରିଖ ଭାରତ ବନ୍ଦକୁ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ତରଫରୁ ସମର୍ଥନ ଘୋଷଣା କରାଯାଇଛି। ଜିଲ୍ଲା କୃଷକ ସଂଗଠନ ସଭାପତି ବ୍ୟାମକେଶ ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଗାମୀ ୧୨ ତାରିଖ ଶ୍ରମିକ ସଂଗଠନ ଓ ସଂଯୁକ୍ତ କିସାନ ମୋର୍ଚ୍ଚା ତରଫରୁ ଆହୂତ ଭାରତ ବନ୍ଦକୁ ସମର୍ଥନ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାର ତରଫରୁ ନିର୍ମିତ ଶ୍ରମିକ ବିରୋଧୀ କୋର୍ଡ୍, ଏନଆରଜିଏସ କୁ ଦୁର୍ବଳ କରିବାର ମସୁଧାସହ ମହାତ୍ମା ଗାନ୍ଧୀ ନାଁ କୁ ହଟେଇବା, ଚାଷୀ ବିରୋଧୀ ବିହନ ବିଲ, ସ୍ୱାମୀନାଥନ ସୁପାରିଶକୁ କାର୍ଯ୍ୟକାରୀ ନ କରିବା, ଖାଉଟି ବିରୋଧୀ ବିଦ୍ୟୁତ ବିଲ ଆଦି ପ୍ରସଙ୍ଗ ନେଇ ବୈଠକରେ ଆଲୋଚନା ହେଇଥିଲା। ସମ୍ବଲପୁର ଜିଲ୍ଲାରେ ଧାନ ବିକ୍ରି ସମସ୍ୟା ଜାରିଥିବା ବେଳେ ଜିଲ୍ଲାରେ କୃଷି ମେଳା ଆୟୋଜନର ଯୋଜନାକୁ ବୈଠକରେ ନିନ୍ଦା କରାଯାଇଛି। ବୈଠକରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ପ୍ରବକ୍ତା ସରୋଜ, ଜିଲ୍ଲା କୃଷକ ସଙ୍ଗଠନର ପୂର୍ବତନ ସଭାପତି ଉମେଶ ମିଶ୍ର, ତରଣୀ ଭୋଇ, ଯୋଗେଶ ଭୋଇ, ବିପିନ ଭୂଏ, ଜଗଦା ନନ୍ଦ, ବଂଶୀଧର ପ୍ରଧାନ, ଭୈରବ ପ୍ରଧାନ, ଅଶ୍ୱିନୀ ହୋତା, କାଶୀ ବିଶ୍ୱନାଥ, ଦୋଳଗୋବିନ୍ଦ ନାୟକ, ସନ୍ତୋଷ ତେଲେଙ୍ଗା, ନାଟୁ ବିଶ୍ୱାଳ, ସନ୍ତୋଷ ପ୍ରଧାନ, ସୁଶାନ୍ତ ପଣ୍ଡା ପ୍ରମୁଖ ବହୁଚାଷୀ ଯୋଗ ଦେଇଥିଲେ।

# ରକ୍ତଦାନ ଓ ଚକ୍ଷୁ ପରୀକ୍ଷା ଶିବିର

**ରେଢ଼ାଖୋଲ, ୬।୨ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ବଡ଼ମାଳ ହାଇସ୍କୁଲ ଖେଳପଡ଼ିଆରେ ଶୁକ୍ରବାର ଟିକିରା ଗୋସେଇଁ ଯୁବକ ସଂଘ ଏବଂ ସ୍ୱେଚ୍ଛାସେବୀ ସଂଗଠନ ସେବାର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଅତିଥି ଭାବରେ ବଡ଼ମାଳ କଲେଜ ଅଧ୍ୟକ୍ଷ ରାଜେଶ ଦାସ, ସମବାୟ ସମିତି ସମ୍ପାଦକ ଅଗସ୍ତି ଧଳ, ଫାଣ୍ଡି ଅଧିକାରୀ ତପନ ପ୍ରଧାନ ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୫୧ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ। ସେବା ସଂଗଠନର ସଭାପତି ଅମର ତଣ୍ଡିଆ, ଲକ୍ଷ୍ମୀଧର ମହାପାତ୍ର, ଟିକିରାଗୋସେଇଁ ଯୁବକ ସଂଘ ସଭାପତି ଧର୍ମୁଧର ପ୍ରଧାନ, ସମ୍ପାଦକ ରାଜକିଶୋର ପ୍ରଧାନ ପ୍ରମୁଖ କର୍ମକର୍ତ୍ତା ଶିବିର ପରିଚାଳନା କରିଥିଲେ। ସମ୍ବଲପୁର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ର ରକ୍ତଭଣ୍ଡାର ତରଫରୁ ରକ୍ତ ସଂଗ୍ରହ କରାଯାଇଥିଲା। ସେହିପରି ବଡ଼ମାଳ ମହୋତ୍ସବ ଦହନା ଉପଲକ୍ଷେ ଟିକିରା ଗୋସେଇଁ ଯୁବକ



ସଂଘ ବଡ଼ମାଳ ଆନୁକୂଲ୍ୟରେ ଉକ୍ତ ସ୍ଥାନରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୮୭ ଜଣଙ୍କ ନିଃଶୁଳ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୪୦ ଜଣଙ୍କୁ ନିଃଶୁଳ୍କ ଚଷମା ପ୍ରଦାନ କାରାଯାଇଥିବା ବେଳେ ୩ ଜଣଙ୍କ ମାଗଣା ଅସ୍ତ୍ରୋପଚାର ପାଇଁ ମହାନଦୀ ନେତ୍ର ଚିକିତ୍ସାଳୟ, ପଣ୍ଡାପାଲି ସୋନପୁରକୁ ପ୍ରେରଣ କରାଯାଇଥିଲା। ଶିବିରକୁ ବଡ଼ମାଳ ଜୟ ଜଗନ୍ନାଥ କଲେଜ ଅଧ୍ୟକ୍ଷ ରାଜେଶ ଦାସ, ବଡ଼ମାଳ ସମବାୟ ସମିତି ର ସମ୍ପାଦକ ଅଗସ୍ତି କୁମାର ଧଳ, ବଡ଼ମାଳ ଫାଣ୍ଡି ଅଧିକାରୀ ତପନ ପ୍ରଧାନ ଯୋଗ ଦେଇ ଉଦଘାଟନ କରିଥିଲେ। ପଣ୍ଡାପାଲି ସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟ ଓ ଟିକିରା ଗୋସେଇଁ ଯୁବକ ସଂଘ ର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ସମ୍ପାଦନା ହୋଇଥିଲା।

### କୁଚିଣ୍ଡା ଭିଜନ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପଞ୍ଚମ ଦିବସରେ ବ୍ରଜରାଜନଗର ବିଜୟୀ

**କୁଚିଣ୍ଡା, ୬।୨(ସମିସ):** କୁଚିଣ୍ଡା ମୁକୁନ୍ଦୀ ଷ୍ଟାଡିୟମରେ ଚାଲିଥବା କୁଚିଣ୍ଡା ଭିଜନ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସରେ ଆମ୍ବିସନ କ୍ଲବ୍ ବ୍ରଜରାଜନଗର ଏବଂ ଆଦର୍ଶ କ୍ରିକେଟ



ଏକାଡେମୀ ଜୁନିଅର ରାଜଗାମ୍ଭୁର ମଧ୍ୟରେ ମ୍ୟାଚ୍ ହୋଇଥିଲା। ରାଜଗାମ୍ଭୁର ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବା ନିଷ୍ପତ୍ତି ନେଇଥିଲେ। ବ୍ରଜରାଜନଗର ଦଳ ୨୪.୧ ଓଭରରେ ୧୯୫/୧୦ ରନ କରିଥିଲେ। ଜବାବରେ ରାଜଗାମ୍ଭୁର ଦଳ ୧୮ ଓଭରରେ ୧୧୧/୧୦ ରନ କରିଥିଲେ। ବ୍ରଜରାଜନଗର ଦଳ ୮୪ ରନରେ ବିଜୟୀ ହୋଇଥିଲା। ବ୍ରଜରାଜନଗର ଦଳର ଲକି ଗୁପ୍ତା ୫୪ ରନ, ବିଶାଲ ପ୍ରସାଦ ୩୪ ରନ, ସୁଫିୟାନ ଖାନ ୪ଟି ୱିକେଟ ନେଇଥିଲେ। ରାଜଗାମ୍ଭୁର ଦଳର ଅଭିଷେକ ସାହୁ ୫୭ ରନ, ଆର୍ତିକ ସାହୁ ୪ଟି ୱିକେଟ ନେଇଥିଲେ। ବ୍ରଜରାଜନଗର ଦଳର ସୁଫିୟାନ ଖାନ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମ୍ୟାଚ୍‌କୁ ଓସିଏ ସିକୃତି ପ୍ରାପ୍ତ ଅମ୍ପାୟର ଏମଡି ଇଶାକ ଏବଂ ସଚିନ ଲାକ୍ରା ପରିଚାଳନା କରିଥିଲେ। ଆଜିର ମ୍ୟାଚ୍‌କୁ ପଞ୍ଜାବ ନେସନାଲ ବ୍ୟାଙ୍କ କୁଚିଣ୍ଡା ଶାଖା ପରିଚାଳକ ପ୍ରମିସ ପଟେଲ ଏବଂ ଏଚଡିଏଫସି ବ୍ୟାଙ୍କ କୁଚିଣ୍ଡା ଶାଖା ପରିଚାଳକ ବିଶ୍ୱନାଥ ଘୋଷ ଶୁଭାରମ୍ଭ କରିଥିଲେ। ମ୍ୟାଚ୍ ସମାପନ ପରେ ପୁରସ୍କାର ବିତରଣି ସମାରୋହରେ ବିଜେଡି ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି, କୁଚିଣ୍ଡା ବରିଷ୍ଠ ନାଗରିକ ସଂଘ ସଭାପତି ଧୀରେନ୍ଦ୍ର ମହାନ୍ତି, ଡାକ୍ତର ଧୀରେନ୍ଦ୍ର ପଣ୍ଡା, ସୁଧାଂଶୁ ମହାନ୍ତି, ମୁନା ପଟ୍ଟନାୟକ ଉପସ୍ଥିତ ରହି ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ସ୍ୱର୍ଗତ ଶୁଭମ ପଟନାୟକଙ୍କ ସ୍ମୃତିରେ ପ୍ରଦାନ କରାଯାଇଥିଲା। କୁଚିଣ୍ଡା ଭିଜନ କୁଚିଣ୍ଡା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସଭାପତି ନଳିନୀକାନ୍ତ ମହାନ୍ତି, ଉପସଭାପତି ଅମିତ ମିଶ୍ର, ସାଧାରଣ ସମ୍ପାଦକ ଉଦିତ ରଞ୍ଜନ ଦଶଭାୟା, ମହେଶ ରାୟ, ହିମାଂଶୁ ପଟ୍ଟନାୟକ, ରାଧେଶ୍ୟାମ କଉଡ଼ି, ଭକ୍ତ ଜେନା, ଦିବ୍ୟ ପ୍ରକାଶ ମହାପାତ୍ର, ଯତୀନ ପଟେଲ, ଦିଲୀପ ପ୍ରଧାନ, ରାଜେଶ ଶର୍ମା, ଏମଡି ଆଫ୍ରୋଯ ପ୍ରମୁଖ ଉପସ୍ଥିତ ଥିଲେ।

# ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍ ଓଡିଏଫ୍+ ଏବଂ ଏନ୍‌ଓଡବ୍ଲୁ କଭରେଜ୍ ୧୫ଟି ରାଜସ୍ୱ ଗ୍ରାମକୁ ବିସ୍ତାର କରିଛି

**ସମ୍ବଲପୁର, ୬।୨ (ସମିସ):** ଜେଏସ୍‌ଡବ୍ଲୁବିପିଏସ୍‌ଏଲ୍‌ର ସିଏସ୍‌ଆର୍ ଶାଖା ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍ ଏହାର ଜଳ, ପରିମଳ ଏବଂ ସ୍ୱଚ୍ଛତା (ଡବ୍ଲୁଏସ୍‌ଏଚ୍) ପଦକ୍ଷେପ ଅଧୀନରେ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଖୋଲା ମଳତ୍ୟାଗ ମୁକ୍ତ (ଓଡିଏଫ୍+) ଏବଂ ଖୋଲା ଅଳିଆ ନାହିଁ (ନୋ ଓପନ୍ ୱେଷ୍ଟ -ଏନ୍‌ଓଡବ୍ଲୁ) କଭରେଜ୍ ୧୪ ରୁ ୧୫ ରାଜସ୍ୱ ଗ୍ରାମକୁ ବିସ୍ତାର କରିଛି, ଯାହା ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ସର୍ବଶେଷ ଘୋଷଣା ସମାରୋହ ୪ ତାରିଖ ଠେଲକୋଲୋଇ ଗ୍ରାମରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ତିନୋଟି ଗାଁ - ଗୋଣ୍ଡପଡ଼ା, ପିଡିଏଫ୍ କଲୋନି ଏବଂ ବ୍ରାହ୍ମଣପଡ଼ା - କୁ ଜିଲ୍ଲା ଅଧିକାରୀଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବରେ ଓଡିଏଫ୍ ଏବଂ ଏନ୍‌ଓଡବ୍ଲୁ ଘୋଷଣା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଫିଡ୍‌ବେକ୍ ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟ, ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍‌ର କାର୍ଯ୍ୟାନ୍ୱୟନ ସହଯୋଗୀ ଦ୍ୱାରା ସମ୍ପ୍ରଦାୟ ସଦସ୍ୟ, ଆଗଧାଡ଼ିର କର୍ମୀ ଏବଂ ସ୍ଥାନୀୟ ଅଂଶୀଦାରମାନଙ୍କ ସକ୍ରିୟ ଅଂଶଗ୍ରହଣ ସହିତ ଆୟୋଜିତ ହୋଇଥିଲା। ଏହି ସଫଳତା ଗ୍ରାମ କମିଟି, ପିଆର୍‌ଆଇ



ପ୍ରତିନିଧି ଏବଂ ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍ କ୍ଷେତ୍ର ଦଳ ଦ୍ୱାରା ସମର୍ଥିତ ନିରନ୍ତର ସମ୍ପ୍ରଦାୟ-ନେତୃତ୍ୱାଧୀନ ପରିମଳ ପ୍ରୟାସକୁ ପ୍ରତିଫଳିତ କରେ। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶାଳ ରାଜ, ମୁଖ୍ୟ-ଜେଏସ୍‌ଡବ୍ଲୁ ଫାଉଣ୍ଡେସନ (ସମ୍ବଲପୁର ଏବଂ ଝାରସୁଗୁଡ଼ା), ଦେନିଶ ନାୟକ, ଡିଜିଏମ୍ - ପିଆର୍ ଓ ଲିଆସନିଙ୍ଗ ଏବଂ ପ୍ରମୋଦ ପାତ୍ର, ମ୍ୟାନେଜର - ପିଆର୍ ଓ ଲିଆସନିଙ୍ଗ, ଜେଏସ୍‌ଡବ୍ଲୁ ବିପିଏସ୍‌ଏଲ୍ ପ୍ଲାଣ୍ଟଭ୍‌କ ସହିତ ରେଙ୍ଗାଲି ଏବିଡିଓ, ଠେଲକୋଲୋଇ ସରପଞ୍ଚ, ଠେଲକୋଲୋଇ ଥାନାଧିକାରୀଙ୍କ ପ୍ରତିନିଧି, ଜିଲ୍ଲା ପରିମଳ ପରାମର୍ଶଦାତା ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ତୃଣମୂଳସ୍ତରୀୟ ପରିମଳ ଆନ୍ଦୋଳନକୁ ସୁଦୃଢ଼ କରିବାରେ ସେମାନଙ୍କର ଉତ୍ସର୍ଗୀକୃତ ଅବଦାନକୁ ସ୍ୱୀକୃତି ଦେବା ପାଇଁ ନିଗରାନୀ କମିଟି ସଦସ୍ୟ, ପରିମଳ କର୍ମୀ ଏବଂ ସ୍ୱଚ୍ଛ ସୈନିକମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହା ଓଡିଏଫ୍ ଏବଂ ଏନ୍‌ଓଡବ୍ଲୁ ସ୍ଥିତି ବଜାୟ ରଖିବା ଏବଂ ଏକ ସ୍ୱଚ୍ଛ, ସୁସ୍ଥ ଜୀବନଯାପନ ପରିବେଶ ସୁନିଶ୍ଚିତ କରିବା ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଥିଲା।

# ରୋଟାରୀ କ୍ଲବ୍ କବାଡ଼ି ପ୍ରତିଯୋଗିତା

**ସମ୍ବଲପୁର, ୬।୨ (ସମିସ) :** ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୧ର 'ସ୍ୱର୍ଦ୍ଧା' କାର୍ଯ୍ୟକ୍ରମ ଅଧିନରେ ରୋଟାରୀ କ୍ଲବ୍ ସମ୍ବଲପୁର ଗ୍ରେଟର ଆନୁକୂଲ୍ୟରେ ଆଜି ସ୍ଥାନୀୟ ଅନାମିକା କ୍ଲବ୍‌ଠାରେ ବାଳିକା କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଦୁତିକା ସାହୁ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ଗୋପାଳମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିଥିଲା। ଉଭୟ ଦଳର ନେତୃତ୍ୱ ସେମାନଙ୍କ ଇଣ୍ଟରାକ୍ଟ କ୍ଲବ୍ ଦ୍ୱାରା ନିଆଯାଇଥିଲା। ଏହି ତିନି ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ଚମତ୍କାର କ୍ରୀଡ଼ା ପ୍ରଦର୍ଶନ କରି ଦୁତିକା ସାହୁ ବାଳିକା ଉଚ୍ଚ ବିଦ୍ୟାଳୟ ଦଳ ବିଜୟୀ ହୋଇ ଟ୍ରଫି ହାସଲ କରିଛି। କାର୍ଯ୍ୟକ୍ରମରେ ଉର୍ମିଳା ବେହେରା ଅଧ୍ୟକ୍ଷତା କରିଥିଲେ। କ୍ଲବ୍ ସଭାପତି ରାଜୀବ ଜୈନ, ସମ୍ପାଦକ ସଞ୍ଜୟ ମିତ୍ତଲ ଏବଂ ଡିଷ୍ଟ୍ରିକ୍ଟ ଇଣ୍ଟରାକ୍ଟ ଅଧ୍ୟକ୍ଷ ଉତ୍ତମ ଗର୍ଗ ପ୍ରମୁଖ ଯୋଗ ଦେଇଥିଲେ। ଏହାବ୍ୟତୀତ ସଭ୍ୟସଭ୍ୟା ବିଲାଲ ମଲ୍ଲିକ, ପ୍ରଶାନ୍ତ ରଥ, ରବି ମିଶ୍ର, ସୁଚିସ୍ମିତା ଷଡ଼ଙ୍ଗୀ, ଲକ୍ଷ୍ମୀପ୍ରିୟା ପ୍ରଧାନ, ଈଷା ପାଢ଼ୀ, ଗୀତମ ସିଂ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।




# ସୁବର୍ଣ୍ଣପାଲି ଆଦିବାସୀ ବାଳିକା ହଷ୍ଟେଲ ପାଚେରି ଭଙ୍ଗା; ଛାତ୍ରୀ ଅସୁରକ୍ଷିତ



**ଜମନକିରା, ୬।୨(ସମିସ):** ଜମନକିରା ବ୍ଲକ ସୁବର୍ଣ୍ଣପାଲି ହାଇସ୍କୁଲର ୧୦୦ଶଯ୍ୟା ବିଶିଷ୍ଟ ଆଦିବାସୀ ବାଳିକା ହଷ୍ଟେଲ ଯେଉଁ ହଷ୍ଟେଲ ଗାଁରୁ ନୀରବ ଛିନ୍ନ ଜାଗାରେ ନିର୍ମିତ ହୋଇଛି। ଦୁଇ ଜଣ ସିସିଏ ଓ ଜଣେ ମେଟ୍ରନ ଝିଅମାନଙ୍କୁ ନେଇ ରହୁଛନ୍ତି। କୌଣସି ଜଗୁଆଳି ବା ଶିକ୍ଷକ ଶିକ୍ଷୟିତ୍ରୀ ନଥାଇ ଗୁରୁଦାୟିତ୍ୱ ବହନ କରୁଛନ୍ତି। କିନ୍ତୁ ଦୁଃଖର କଥା ଆଜକୁ ୬/୭ ମାସ ହେଲାଣି ହଷ୍ଟେଲ ପାଚେରି ପ୍ରାୟ ଲମ୍ବ ୫୦୦/୬୦୦ ମିଟର ହେବ ଭାଙ୍ଗି ପଡ଼ିଛି। ଏଥିପ୍ରତି କାହାରି ଦୃଷ୍ଟି ନାହିଁ। ଆଗରୁ ବିଭିନ୍ନ ଖବର କାଗଜରେ ତାର ଦୃଷ୍ଟି ଗୋଚର ପାଇ ପ୍ରକାଶ କରାଯାଇଥିଲା। ଆଉ ଦୁଇ ମାସପରେ ପରୀକ୍ଷା ସରିଲେ ହଷ୍ଟେଲରୁ ଛାତ୍ରୀମାନେ ଚାଲିଯିବେ। ଗାଈଗୋରୁ ଆ‡ାସ୍ଥଳ ହେବ ହଷ୍ଟେଲ। ତେଣୁ ଗୁରୁତ୍ୱ ପୁର୍ଣ ଭାବି ତୁରନ୍ତ ପାଚେରୀ ନିର୍ମାଣ ପାଇଁ ପ୍ରଶାସନକୁ ଜନସାଧାରଣ ଅନୁରୋଧ କରିଛନ୍ତି।

**ମିଳୁନି କେନ୍ଦ୍ର ପରିବେଶ ମଞ୍ଜୁରୀ**

# ଅଧାରେ ଅଟକିଛି ଅପର ଉଦନ୍ତୀ ବ୍ୟାରେଜ୍ ପ୍ରକଳ୍ପ

ସିନାପାଲି, ୬।୨(ସମିସ)

ନୂଆପଡ଼ା ଜିଲ୍ଲା ସିନାପାଲି ଦେଇ ପ୍ରବାହିତ ଉଦନ୍ତୀ ନଦୀରେ ଅପର ଉଦନ୍ତୀ ବ୍ୟାରେଜ ପ୍ରକଳ୍ପ ନିର୍ମାଣକୁ ନେଇ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବିକୁ ଯଥାର୍ଥ ମନକରି ଗୋର୍ଲା ଗ୍ରାମ ନିକଟସ୍ଥ ଗୋଏସିଲ ସ୍ଥାନରେ ହେବା ନେଇ ଚୂଡ଼ାନ୍ତ ହୋଇ ପୂର୍ବ ରାଜ୍ୟ ସରକାରଙ୍କ ଜଳସମ୍ପଦ ମନ୍ତ୍ରୀ ଶୁଭ ଦେଇଥିବା ବେଳେ ସର୍ଭେ କାର୍ଯ୍ୟ ପ୍ରାୟ ସରିଯାଇଥିବା ବେଳେ ଅଞ୍ଚଳର ଜନସାଧାରଣଙ୍କୁ ନେଇ ଗ୍ରାମ ସଭାକାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିଲା। ହେଲେ ସେତେବେଳର କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ତରଫରୁ ମଞ୍ଜୁରୀ ମିଳିଲାନି ବୋଲି ପ୍ରକଳ୍ପ କାର୍ଯ୍ୟ ଅଟକି ଯାଇଥିଲା ବୋଲି ଅଞ୍ଚଳର ଜନସାଧାରଣ, ଚାଷୀ ତଥା ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇବା ସହ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଶାସନ ଚାଲିଛି। ହେଲେ ପ୍ରକଳ୍ପର ଗତି କୁଆଡେ ଯାଉଛ ତାକୁ ନେଇ ଅଞ୍ଚଳର ଜନସାଧାରଣ ଆଶା ଓ ଆଶଙ୍କାରେ ରହିଛନ୍ତି। ପ୍ରକଳ୍ପ ନିର୍ମାଣ କରିବାକୁ ଅଞ୍ଚଳର ଜନସାଧାରଣ ବହୁବାର ଆନ୍ଦୋଳନକୁ ଓହ୍ଲାଇ ଅନେକ ଥର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ସ୍ଥାନୀୟ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମଧ ଅଞ୍ଚଳର ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଧାନ ସଭା ଗୃହରେ ମଧ ପ୍ରଶ୍ନ ଉଠାଇଥିଲେ। ହେଲେ ବର୍ତ୍ତମାନ

**ପୂର୍ବ ସରକାର ଅମଳରେ ହୋଇଥିଲା ସ୍ଥାନ ଚିହ୍ନଟ ଓ ସର୍ଭେ କାମ**

**ସରକାର ପରିବର୍ତ୍ତନ ପରେ ବଦଳିବ କି ପ୍ରକଳ୍ପର ଭାଗ୍ୟ**

ସରକାର ପରିବର୍ତ୍ତନ ପରେ ପ୍ରକଳ୍ପର ଭାଗ୍ୟ ବଦଳିବ ନା ନାଲିଫିତା ତଳେ ଚାପି ହୋଇ ରହିଯିବ ପ୍ରଶ୍ନ ଉଠିଛି। ଏହାକୁ ନେଇ ପୁଣି ଥରେ ଦିଲ୍ଲୀରେ କେନ୍ଦ୍ରୀୟ ଜଳ ଆୟୋଗ ଡାଇରେକ୍ଟର ନିରଜ କୁମାର ଶର୍ମାଙ୍କୁ ବିକଶିତ କଳାହାଣ୍ଡି ନୂଆପଡ଼ାର ଅଧ୍ୟକ୍ଷ ଡ଼.ଭବାନୀ ଶଙ୍କର ନିଆଲ ଦିଲ୍ଲୀସ୍ଥିତ ସିଡବ୍ଲୁସି କାର୍ଯ୍ୟାଳୟରେ ସାକ୍ଷାତ କରି ଲୋୟର ଉଦନ୍ତି ଏବଂ ଅପର ଉଦନ୍ତି ପ୍ରଜେକ୍ଟ ଉପରେ ଚର୍ଚ୍ଚା କରିଛନ୍ତି। ଅପର୍ ଉଦନ୍ତୀ ବ୍ୟାରେଜ୍ ପ୍ରକଳ୍ପ ଏହି ପ୍ରସ୍ତାବିତ ପ୍ରକଳ୍ପଟି ମହାନଦୀ ବେସିନର ତେଲ୍ ଉପବେସିନରେ ଯୋଜନା କରାଯାଇଛି। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ପଟିଆଲପଡ଼ା ଗ୍ରାମ (ଗୋଏସିଲ) ନିକଟରେ ଉଦନ୍ତୀ ନଦୀ ଉପରେ



ବ୍ୟାରେଜ୍ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଏହାଦ୍ୱାରା ନୂଆପଡ଼ା ଜିଲ୍ଲାର ସିନାପାଲି ଏବଂ ବୋଡେନ୍ ବ୍ଲକର ୮ହଜାର ହେକ୍ଟର ଜମିକୁ ଜଳସେଚନ କରାଯାଇପାରିବ। ଲୋୟର ଉଦନ୍ତୀ ଜଳସେଚନ ପ୍ରକଳ୍ପ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ବୋର୍ଡି ଗ୍ରାମ ନିକଟରେ ଉଦନ୍ତୀ ନଦୀ ଉପରେ ବ୍ୟାରେଜ୍ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ପ୍ରସ୍ତାବିତ ବ୍ୟାରେଜ୍ ସ୍ଥଳରେ ନଦୀର ସମୁଦାୟ ଜଳଧାରା ଅଞ୍ଚଳ ହେଉଛି ୨୦୪୩ ବର୍ଗ କିଲୋମିଟର, ଯେଉଁଥିରୁ ୯୧୯ ବର୍ଗ କିଲୋମିଟର ଛତିଶଗଡ଼ରେ ଏବଂ ୧୧୨୪ ବର୍ଗ କିଲୋମିଟର ଓଡ଼ିଶାରେ ଅବସ୍ଥିତ। ଏହି ପ୍ରକଳ୍ପର ଉପର ମୁଣ୍ଡରେ ପଟିଆଲପଡ଼ା ଠାରେ 'ଅପର୍ ଉଦନ୍ତୀ ଜଳସେଚନ ପ୍ରକଳ୍ପ' ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଅପର୍ ଉଦନ୍ତୀ ପ୍ରକଳ୍ପର ଜଳଧାରା ଅଞ୍ଚଳ (୧୦୪୪ ବର୍ଗ କିଲୋମିଟର)କୁ ବାଦ୍ ଦେଲା ପରେ, ଲୋୟର୍ ଉଦନ୍ତୀ ପ୍ରକଳ୍ପ ପାଇଁ ୯୯୯ବର୍ଗ କିଲୋମିଟର ମୁକ୍ତ ଜଳଧାରା ଅଞ୍ଚଳ ଉପଲବ୍ଧ ହେବ (ଓଡ଼ିଶାରେ ୮୦୫ ବର୍ଗ କିଲୋମିଟର ଏବଂଛତିଶଗଡ଼ରେ ୧୯୪ ବର୍ଗ କିଲୋମିଟର)। ମହାନଦୀ ଏକ ଆନ୍ତଃରାଜ୍ୟ ନଦୀ। ୧.୮.୧୯୮୨ରେ ନୂଆଦିଲ୍ଲୀଠାରେ ଛତିଶଗଡ଼ (ତତ୍କାଳୀନ ମଧ୍ୟପ୍ରଦେଶ) ଏବଂ ଓଡ଼ିଶା ମଧ୍ୟରେ ହୋଇଥିବା ଚୁକ୍ତି ଅନୁଯାୟୀ, ଉପର ମୁଣ୍ଡର ବିକାଶ ପାଇଁ ୨୦%ଜଳଧାରା ଅଞ୍ଚଳ ସଂରକ୍ଷିତ ରଖାଯିବ। ତେଣୁ, ୨୦% ଉପଯୋଗ ପରେ ଓଡ଼ିଶାର ବ୍ୟବହାର ପାଇଁ ସମୁଦାୟ ୯୬୦ ବର୍ଗ କିଲୋମିଟର (ଛତିଶଗଡ଼ର ୧୫୫ ବର୍ଗ କିଲୋମିଟର ଏବଂ ଓଡ଼ିଶାର ୮୦୫ ବର୍ଗ କିଲୋମିଟର) ଜଳଧାରା ଅଞ୍ଚଳରୁ ଜଳ ଉପଲବ୍ଧ ହେବ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା, ଭବାନୀପାଟଣା ଏବଂ ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ଼ ଭଳି ଚିରମରୁଡ଼ି ପ୍ରପୀଡ଼ିତ ଅଞ୍ଚଳର୧୨ହଜାର ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ମିଳିବ। ଏହା ସ୍ଥାୟୀ ଖାଦ୍ୟ ଶସ୍ୟ ଉତ୍ପାଦନ ନିଶ୍ଚିତ କରିବା ସହ ସେଚାଞ୍ଚଳର ଲୋକଙ୍କ ସାମାଜିକ, ଅର୍ଥନୈତିକ ସ୍ଥିତିରେ ସୁଧାର ଆଣିବ। ସୂଚନା ଯୋଗ୍ୟଯେ ଏହି ଦୁଇଟି ପ୍ରମୁଖ ଦାବି ଯାହା କଳାହାଣ୍ଡି ନୂଆପଡ଼ା ଜିଲ୍ଲାର ଷାଠିଏ ଦଶକର ପ୍ରମୁଖ ଦାବି ଭିତରେ ଅନ୍ୟତମ। ଏହା ଉପରେ ଭାରତ ସରକାର କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସିଆର ପାଟିଲ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିକଶିତ କଳାହାଣ୍ଡି ଅଧ୍ୟକ୍ଷ ଡ଼. ନିଆଲ ସ୍ମାରକପତ୍ର ଦେଇସାରିଛନ୍ତି।

## ହରାରେ ଗ୍ରାଉଣ୍ଡରେ ହରର୍ ଶୋ'

# ଆୟୁଷ ବାହିନୀଙ୍କ ବିଶ୍ୱବିଜୟ




### ବୈଭବ ଝଡ଼; ସ୍କୋରର୍ ବିଚଳିତ

ଫାଇନାଲରେ ବୈଭବ ସୂର୍ଯ୍ୟବଂଶୀ ବିଧ୍ୱଂସୀ ଶତକୀୟ ପାଳି ଖେଳିଥିଲେ। ମାତ୍ର ୮୦ଟି ବଲ ଖେଳିଥିବା ସୂର୍ଯ୍ୟବଂଶୀ ରେକର୍ଡ ୧୭୫ ରନ କରିଥିଲେ। ଯେଉଁଥିରେ ସେ ଇଂଲଣ୍ଡ ବୋଲରଙ୍କୁ ନିର୍ଦ୍ଦୁମ ପ୍ରହାର କରି ୧୫ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ବୈଭବ କ୍ରମାଗତ ଭାବେ ଏଭଳି ବାଉଣ୍ଡରୀ ମାରି ଚାଲିଥିଲେ ଯେ ସ୍କୋରିଂ ଦାୟିତ୍ୱରେ ଥିବା ସ୍କୋରର ଅପଡେଟ୍ କରିବାରେ କିଛି ସମୟ ଦ୍ୱନ୍ଦରେ ପଡ଼ିଯାଇଥିଲେ।



### କୈଫ୍‌ଙ୍କଠାରୁ ଆୟୁଷଙ୍କ ପର୍ଯ୍ୟନ୍ତ

୧୯ ବର୍ଷରୁ କମ୍ ବିଶ୍ୱକପ୍ ଇତିହାସରେ ଭାରତ ୬ଷ୍ଠଥର ଲାଗି ଚାମ୍ପିଅନ ହୋଇଛି। ୨୦୦୦ ମସିହାରେ ମହମ୍ମଦ କୈଫଙ୍କ ନେତୃତ୍ୱରେ ଭାରତ ସର୍ବପ୍ରଥମଥର ଲାଗି ବିଶ୍ୱକପ୍ ବିଜୟୀ ହୋଇଥିଲା। ଏହାପରେ ବିରାଟ କୋହଲି (୨୦୦୮), ଉନ୍ମୁକ୍ତ ଚାନ୍ଦ (୨୦୧୨), ପୃଥ୍ୱୀ ଶ' (୨୦୧୮), ଯଶ ଦୟାଲ (୨୦୨୨) ଓ ଆୟୁଷ ମହାତ୍ରେ ବିଭିନ୍ନ ସଂସ୍କରଣରେ ନେତୃତ୍ୱ ନେଇ ଭାରତକୁ ବିଶ୍ୱକପ୍ ଟ୍ରଫି ଭେଟି ଦେଇଥିଲେ।





■ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ

### ବୈଭବ ୬ଷ୍ଠ ଭାରତୀୟ

୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍‌ରେ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ହେବାରେ ବୈଭବ ସୂର୍ଯ୍ୟବଂଶୀ ୬ଷ୍ଠ ଭାରତୀୟ କ୍ରିକେଟର୍ ହୋଇଛନ୍ତି। ୨୦୦୦ ମସିହାରେ ମହମ୍ମଦ କୈଫ୍‌ଙ୍କ ନେତୃତ୍ୱରେ ଭାରତ ପ୍ରଥମଥର ଏହି ୟୁଥ୍ ବିଶ୍ୱକପ୍ ଟ୍ରଫି ଜିତିଥିଲା। ସେହି ସଂସ୍କରଣରେ ଯୁବରାଜ ସିଂହଙ୍କୁ ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହାପରେ ୨୦୦୪ରେ ଶିଖର ଧାୱନ, ୨୦୦୬ରେ ଚେତେଶ୍ୱର ପୂଜାରା, ୨୦୧୮ ରେ ଶୁବମନ ଗିଲ୍, ୨୦୨୦ରେ ଯଶସ୍ୱୀ ଜୟସ୍ୱାଲ ଏହି ପୁରସ୍କାର ହାସଲ କରିଥିଲେ। ବୈଭବ ଏହି ବିଶ୍ୱକପ୍‌ରେ ୭ଟି ମ୍ୟାଚରୁ ମୋଟ୍ ୪୩୯ ରନ ସଂଗ୍ରହ କରିଥିଲେ। ମ୍ୟାଚ୍ ପିଛା ତାଙ୍କ ଆଭରେଜ ୬୨.୭୧ ରହିଥିଲା। ବିଶ୍ୱକପ୍‌ରେ ବୈଭବ ଏକାକୀ ୩୦ଟି ଛକା ଓ ୪୧ଟି ଚୌକା ମାରିଛନ୍ତି। ତେବେ ଇଂଲଣ୍ଡର ବେନ୍ ମାୟର୍ସ ୭ଟି ମ୍ୟାଚରୁ ସର୍ବାଧିକ ୪୪୪ ରନ କରି ତାଲିକାର ଶୀର୍ଷରେ ରହିଛନ୍ତି।








### ୟୁଥ୍ ବିଶ୍ୱକପ୍‌ରେ କାହିଁକି ପୁରସ୍କାର ଦେଉନି ଆଇସିସି

୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍‌ର ୧୬ତମ ସଂସ୍କରଣରେ ଭାରତୀୟ ୟୁଥ୍ ଦଳ ଚାମ୍ପିଅନ ହୋଇଛି। ତେବେ ଆୟୁଷ ମହାତ୍ରେଙ୍କ ନେତୃତ୍ୱାଧୀନ ଭାରତ କେବଳ ବିଶ୍ୱକପ୍ ଟ୍ରଫି ହାସଲ କରିଥିଲା। ଆୟୋଜକ ତଥା ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ଚାମ୍ପିଅନ ଦଳକୁ ଆର୍ଥିକ ପୁରସ୍କାର ବାବଦକୁ ଟଙ୍କାଟିଏ ମଧ୍ୟ ପ୍ରଦାନ କରି ନ ଥିଲା। ଯେତେବେଳେ କି ୨୦୨୪ ଟି-୨୦ ବିଶ୍ୱକପ ଚାମ୍ପିଅନ ହୋଇଥିବା ରୋହିତ ଶର୍ମାଙ୍କ ଦଳକୁ ଆଇସିସି ୨.୪୫ ମିଲିୟନ ଡଲାର (ସେ ସମୟରେ ୨୦.୪୨ କୋଟି ଟଙ୍କା) ପ୍ରଦାନ କରିଥିଲା। ଆଇସିସି ଯୁବ କ୍ରିକେଟର୍‌ଙ୍କ ମାର୍ଗଦର୍ଶନ ପାଇଁ ଏକ ବିକାଶମୂଳକ କାର୍ଯ୍ୟକ୍ରମ ଭାବରେ ୧୯ ବର୍ଷରୁ କମ୍ ବିଶ୍ୱକପ୍‌କୁ ଦେଖିଥାଏ। ତେଣୁ ୟୁଥ୍ ବିଶ୍ୱକପ୍‌ରେ ଚାମ୍ପିଅନ ଦଳକୁ ଆର୍ଥିକ ପୁରସ୍କାର ପ୍ରଦାନ କରି ନ ଥାଏ। ଏହା ପଛର କାରଣ ହେଉଛି ଯେ ଆଇସିସି ରାଜସ୍ୱର ଏକ ଅଂଶ କ୍ରିକେଟ୍ ବିକାଶ ପାଣ୍ଠି ଭାବରେ ପ୍ରତ୍ୟେକ ଦେଶ ପାଇଥାନ୍ତି। ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ୍ ବିକାଶର ଏକ ଅଂଶ ହୋଇଥିବାରୁ ଏଥିରେ ଚାମ୍ପିଅନ ଦଳକୁ ପୁରସ୍କାର ଦେବା ଅର୍ଥ ସେମାନଙ୍କୁ ଦ୍ୱିଗୁଣ ପୁରସ୍କୃତ କରିବା।

ତେବେ ଆଇସିସି ନିକଟରୁ ଆର୍ଥିକ ପୁରସ୍କାର ପାଇ ନ ଥିଲେ ମଧ୍ୟ ଅତୀତରେ ଚାମ୍ପିଅନ ହୋଇଥିବା ୟୁଥ ଭାରତୀୟ ଦଳକୁ ବିସିସିଆଇ ବ୍ୟକ୍ତିଗତ ପୁରସ୍କାର ଦେଇ ଖୁସି କରିଥାଏ। ୨୦୦୦ରେ ସର୍ବପ୍ରଥମଥର ୟୁଥ ବିଶ୍ୱକପ୍ ଜିତିବା ପରେ ପ୍ରତି ଖେଳାଳିଙ୍କୁ ସ୍କାରକୀ ଦେଇ ପ୍ରୋତ୍ସାହିତ କରାଯାଇଥିଲା। ସେହିଭଳି ୨୦୦୮ରେ ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତ ଯେବେବେଳେ ୨ୟଥର ଟ୍ରଫି ଜିତିଲା ପ୍ରତି ଖେଳାଳିଙ୍କୁ ବିସିସିଆଇ ୧୫ ଲକ୍ଷ ଟଙ୍କା ଦେଇଥିଲା। ୨୦୨୦ରେ ଚାମ୍ପିଅନ ପ୍ରତି ଖେଳାଳିଙ୍କୁ ୨୦ଲକ୍ଷ, ୨୦୧୮ ରେ ୩୦ ଲକ୍ଷ, ୨୦୨୨ରେ ପ୍ରତି ଖେଳାଳିଙ୍କୁ ୪୦ ଲକ୍ଷ ଟଙ୍କା ଦେଇଥିଲା।









## ଜଙ୍ଗଲ ଜମି ପଟ୍ଟା ଦେବାକୁ ଗ୍ରାମସଭା

# ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ ଦାବି

କୋରେଇ,୬ ।୨(ସମିସ)



ଜଙ୍ଗଲ ଜମି ଉପରେ ବସବାସ କରି ଜୀବିକା ନିର୍ବାହ କରୁଥିବା ପରିବାର ଗୁଡ଼ିକ ପକ୍ଷରୁ ଜଙ୍ଗଲ ଜମି ପଟ୍ଟା ପାଇଁ ୨୦୨୩ରୁ ଆବେଦନ ପତ୍ର ଦାଖଲ ହୋଇଛି। ଯୁଗ୍ମ କମିଟି ଦ୍ୱାରା ଯାଞ୍ଚ କରି ପଟ୍ଟା ଦେବାରେ ଯାଜପୁର ଜିଲ୍ଲା ପ୍ରଶାସନ ଫେଲ୍ ମାରିଛି। ଯାହାକୁ ନେଇ ଗୋହିରାଗାଡ଼ିଆ (ଭାଲୁକାହୁଡି )ଜଙ୍ଗଲ ଅଧିକାର କମିଟି ଆହ୍ୱାନରେ ଶୁକ୍ରବାର ମଧ୍ୟାହ୍ନରେ କୋରେଇ ବ୍ଲକ୍ ବ୍ୟାସନଗର ତହସିଲ ଅଧୀନ ଗୋହିରାଗାଡ଼ିଆ (ଭାଲୁକା ହୁଡ଼ି)ଠାରେ ଯାଜପୁରରୋଡ଼ ବନଖଣ୍ଡ ଅଧିକାରୀ ଏମଡିସାକିର ହୁସେନ, ପଛିକୋଟ ରାଜସ୍ୱ ନିରୀକ୍ଷକ ସୁଧି ରଂଜନ ମଲ୍ଲିକ,ପାଟରଙ୍ଗା ଗ୍ରାମ ପଞ୍ଚାୟତ ସରପଞ୍ଚ ସରପଞ୍ଚ ରଞ୍ଜନ କୁମାର ଦାସ, ସମିତି ସଭ୍ୟ କୁଶ ମୁଣ୍ଡାଙ୍କ ଉପସ୍ଥିତି ରେ ଯୁଗ୍ମ କମିଟି ତଦନ୍ତ ସହ ଗ୍ରାମବାସୀ ଙ୍କୁ ନେଇ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସୂଚନା ଯୋଗ୍ୟ ଗୋହିରା ଗାଡ଼ିଆ (ଭାଲୁକାହୁଡି) ଠାରେ ଜଙ୍ଗଲ ଜମି ଉପରେ ବସବାସକରି ଜଙ୍ଗଲ ଜମି ଉପରେ ନିର୍ଭର କରୁଥିବା ପରିବାର ଗୁଡିକୁ ଜଙ୍ଗଲ ଅଧିକାର ଆଇନ ୨୦୦୬ ନିର୍ଦ୍ଦେଶା ବଳି ଅନୁଯାୟୀ ଜଙ୍ଗଲ ଜମି ଅଧିକାର ସ୍ୱୀକୃତି (ପଟ୍ଟା)ଆବେଦନ ର ଅଢେଇ ବର୍ଷ ପରେ ମଧ ପ୍ରଦାନ କରାଯାଇ ପାରିନାହିଁ। ଜଙ୍ଗଲ ଜମି ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ପରିବାର ଗୁଡ଼ିକ ଜମିପଟ୍ଟା ପାଇଁ ସ୍ଥାନୀୟ ତହସିଲଦାରଙ୍କ ଠାରୁ ଉପ ଜିଲ୍ଲାପାଳ, ଜିଲ୍ଲାପାଳଙ୍କ ନିକଟରେ ଆବେଦନ ସହ ଦାବି ପରେ ଦାବି କରି ଆସୁଥିଲେ ବି ଜିଲ୍ଲା ପ୍ରଶାସନ ସେମାନଙ୍କ ପ୍ରତି ଆଖିବୁଜି ଦେଇଥିବା ଅଭିଯୋଗ ଆଣି ଜଙ୍ଗଲ ଅଧିକାର କମିଟି ଗ୍ରାମସଭା ଡାକି ଅବିଳମ୍ବେ ପଟ୍ଟା ଦେବାକୁ ଦାବି ଉପସ୍ଥାପନ କରିଥିବା ଦେଖିବାକୁ ମିଳିଛି। ଯୁଗ୍ମ କମିଟି ଅଧିକାରୀମାନେ ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ଆବେଦନ ପତ୍ର ଗୁଡିକୁ ଯାଞ୍ଚ କରିବା ସହ ପଟ୍ଟା ପ୍ରଦାନ ପାଇଁ ସର୍ଭେ, ଟ୍ରେସ୍ ମ୍ୟାପ ଭଳି ବାକି ଅଧାପନ୍ତରିଆ ହୋଇ ପଡି ରହିଥିବା କାମ ଗୁଡିକୁ ଅବିଳମ୍ବେ ସାରିବାକୁ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଏପଟେ ଜଙ୍ଗଲ ଅଧିକାର ଆଇନ ନିର୍ଦ୍ଦେଶାବଳି ଅନୁଯାୟି ଜଙ୍ଗଲ ଜମିରେ ବସତି ସହ ଜୀବିକା ନିର୍ବାହ କରୁଥିବା ପରିବାର ଗୁଡିକୁ ଚିହ୍ନଟ କରି ଜମି ଅଧିକାର ସ୍ୱୀକୃତି (ପଟ୍ଟା) ଦେବାର ନିୟମ କୁ ଖୋଦ ଜିଲ୍ଲା ପ୍ରଶାସନ ଉଲଘଂନ କରୁଛି ଫଳରେ ଏଠାକାର ସାନ୍ତାଳ, ମୁଣ୍ଡା ସମ୍ପ୍ରଦାୟ ଭଳି ପରିବାର ଗୁଡିକ ଜଙ୍ଗଲ ଅଧିକାର ଆଇନର ସ୍ୱାଦ ପାଇ ବାରୁ ବଞ୍ଚିତ ହୋଇ ରହୁଥିବା ଅଭିଯୋଗ ହେଉଛି। ଏଥିପାଇଁ ଶୁକ୍ରବାର ଦିନ ଯାଜପୁର ଜିଲ୍ଲା ବ୍ୟାସନଗର ତହସିଲ ଅଧିନ ଗୋହିରାଗାଡ଼ିଆ (ଭାଲୁକୁହୁଡି)ରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏହି ଗ୍ରାମ ସଭା ରେ ପାଟରଙ୍ଗା ସରପଞ୍ଚ ରଞ୍ଜନ କୁମାର ଦାସଙ୍କ ସହ କୋରେଇ ବ୍ଲକ ପଛିକୋଟ ରାଜସ୍ୱ ନିରୀକ୍ଷକ ସୁଧି ରଞ୍ଜନ ମଲ୍ଲିକ, ଯାଜପୁରରୋଡ଼ ବନ ଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ଫରେଷ୍ଟର ଏମଡି ସାକିର ହୁସେନ ପାଟରଙ୍ଗା ଗ୍ରାମ ପଞ୍ଚାୟତର ସମିତି ସଭ୍ୟ କୁଶ ମୁଣ୍ଡାଙ୍କ ସହ ଉକ୍ତ ଆଇନକୁ କାର୍ଯ୍ୟକାରୀ କରିବା ନିମନ୍ତେ ନିୟୋଜିତ ହୋଇଥିବା ଏନଜିଓ ସଂସ୍ଥା ଅଧିକାରୀ, ଗୋହିରାଗାଡ଼ିଆ (ଭାଲୁକାହୁଡି) ଗ୍ରାମବାସୀ, ଜଙ୍ଗଲ ଅଧିକାର କମିଟି ସଭ୍ୟ ସଭ୍ୟା, ସିଭିଲ ସୋସାଇଟି ର ବିଶ୍ୱନାଥ ପାତ୍ର ପ୍ରମୁଖ ଙ୍କ ଉପସ୍ଥିତି ରେ ଗ୍ରାମ ସଭା ଅନୁଷ୍ଠିତ ହୋଇଯାଇଛି। ଏଥ?ରେ ୬୯ ଟି ଆବେଦନ ପତ୍ର ର ଯାଞ୍ଚ କରିବା ସହ ଆବେଦନ କରିନଥିବା ବ୍ୟକ୍ତି ମାନେ ଅବିଳମ୍ବେ ଆବେଦନ କରିବା ପରେ ଟ୍ରେସ ମ୍ୟାପ ପ୍ରସ୍ତୁତ କରି ପଟ୍ଟା ଦେବାକୁ ଉପଜିଲ୍ଲାପାଳ, ଜିଲ୍ଲାପାଳ ଯାଜପୁର ଙ୍କ ନିକଟରେ ଦାବୀ କରାଯାଇଛି।

## ଯାଜପୁର କୋର୍ଟକୁ ବୋମାରେ ଉଡ଼ାଇଦେବାକୁ ଧମକ

ଯାଜପୁର,୬ ।୨(ସମିସ): ଶୁକ୍ରବାର ଯାଜପୁରକୋର୍ଟରେ ବୋମା ଆତଙ୍କ ଦେଖିବାକୁ ମିଳିଥିଲା। ଫଳରେ ଅଦାଲତର ବିଚାରପତି, ଓକିଲ ଓ କୋର୍ଟ କାର୍ଯ୍ୟରେ ଆସିଥିବା ସାଧାରଣ ଲୋକ ଭୟଭୀତ ହୋଇପଡ଼ିଥିଲେ। ଜିଲ୍ଲାଜଜ୍ କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଓଡ଼ିଆରେ ଧମକପୂର୍ଣ୍ଣ ମେଲ୍ ଶୁକ୍ରବାର ଦିନ ପୂର୍ବାହ୍ନରେ ଆସିଥିଲା। ଏଲ୍‌ଟିଟିଇ ନାଁରେ ଏହି ଧମକ ପୂର୍ଣ୍ଣ ଇମେଲ ଆସିଥିବା ସୂଚନା ମିଳିଛି। ଜଜ୍, ଓକିଲ, ସାଧାରଣ ଜନତା ସମସ୍ତେ ଭୟଭୀତ ହେବାସହିତ କୋର୍ଟ ପରିସରରୁ ବାହାରି ପଳାଇ ଯାଇଥିଲେ। ଖବରପାଇ କୋର୍ଟ ପରିସରରେ ପୁଲିସ ମୁତୟନ ହେବାସହ ସନ୍ଧାନୀ କୁକୁର ଆସି କୋର୍ଟ ପରିସରକୁ ଭଲ ଭାବରେ ଯାଞ୍ଚ୍ କରିଥିଲା। ଅଗ୍ନିଶମ ବିଭାଗ ମଧ୍ୟ କୋର୍ଟରେ ଆସି କିଛି ସମୟ ପାଇଁ ରହିଥିଲା। ପାଖାପାଖି ଏକ ଘଣ୍ଟା ପର୍ଯ୍ୟନ୍ତ କୋର୍ଟ ବାହାର ଭିତର ସବୁ ସ୍ଥାନରେ ସନ୍ଧାନୀ କୁକୁର ମାଧ୍ୟମରେ ଯାଞ୍ଚ୍ କରାଯିବା ପରେ ବୋମାର କୌଣସି ସନ୍ଧାନ ମିଳି ନ ଥିଲା। ଏହାପରେ ପୁଲିସ ଓ ସନ୍ଧାନୀ କୁକୁର ଫେରି ଯାଇଥିବା ଜଣାପଡ଼ିଛି। ତେବେ ଯାହା ହେଉନା କାହିଁକି କୋର୍ଟକୁ ବୋମାରେ ଉଡ଼ାଇ ଦେବାର ଧମକ ଖବର ପ୍ରଚାରିତ ହେବାପରେ ସମଗ୍ର ଯାଜପୁର ଅଞ୍ଚଳରେ ଏକ ଭୟର ବାତାବରଣ ଖେଳି ଯାଇଥିଲା।

## ଦଶରଥପୁର ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ



କଯାଁଗୋଲା,୬ ।୨(ସମିସ): ଦଶରଥପୁର ବ୍ଲକ୍ ନନ୍ଦିପୁର ପଞ୍ଚାୟତ ଶିରିପୁରା ଗ୍ରାମ ଭଣ୍ଡେଶ୍ୱର ଶିବମନ୍ଦିର ନିକଟରେ ଥିବା କଲ୍ୟାଣ ମଣ୍ଡପରେ ଦଶରଥପୁର ପ୍ରେସ୍‌କ୍ଲବର ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ସଭାପତି ଶଙ୍କର୍ଷଣ କୁଣ୍ଡୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇ ସମାଜକୁ ଦିଗଦର୍ଶନ ଦେବାରେ ସାମ୍ବାଦିକମାନଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ମୁଖ୍ୟବକ୍ତା ଭାବେ ଯାଜପୁର ବିଜେପିର ଯୁବ ନେତା ତଥା ସମାଜ ସେବୀସଂଗ୍ରାମ କେଶରୀ ପାତ୍ର ଯୋଗଦେଇ ଥିଲେ। ସମ୍ମାନୀତ ଅତିଥିଭାବେ ଜିଲ୍ଲାପରିଷଦ ସଭ୍ୟା ମାମିନା ମଲ୍ଲିକ, ଚଷାଖଣ୍ଡ ସରପଞ୍ଚ ପ୍ରତିଭା ମଲ୍ଲିକ, ପ୍ରସିଦ୍ଧ ଚିତ୍ରଶିଳ୍ପୀ ସତ୍ୟଭାମା ମାଝୀ ଯୋଗ ଦେଇ ଥିଲେ। ସାଧାରଣ ସମ୍ପାଦକ ପ୍ରତ୍ୟୁଷ କୁମାର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ସାମ୍ବାଦିକ ମନୋଜ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ସାମ୍ବାଦିକ ପ୍ରଦୀପ ମହାନ୍ତି ସ୍ୱାଗତଭାଷଣ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ସାମଲ ଓ ଉମାକାନ୍ତ ଧଳଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଦଶରଥପୁର ସାମ୍ବାଦିକ ସଂଘ ସଭ୍ୟ ପ୍ରତାପ ମଲ୍ଲିକ, ଅକ୍ଷୟ ପରିଡ଼ା, ପ୍ରତାପ ରଥ, ଅମୁଲ୍ୟ ସାମଲ, ସରୋଜ ନାୟକ, ପ୍ରକାଶ ସାହୁ, ଡ. ଧିରେନ୍ଦ୍ର ମଲ୍ଲିକ, ଶିବ ପ୍ରସାଦ ରଥ ପ୍ରମୁଖ ସହଯୋଗ କରିଥିବାବେଳେ ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ



ଯାଜପୁର ୬ ।୨(ସମିସ): ଯାଜପୁର ବ୍ଲକ୍ ସାନସୁଆର ପଞ୍ଚାୟତ ଅଧୀନ ଛବାଟି ଗ୍ରାମରେ ଥିବା ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲା ଅତିରିକ୍ତ ଲୋକ ସଂପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଦନ୍ତ ଚିକିତ୍ସକ ଡା. ସୁନିଲ ପୃଷ୍ଟି ସମ୍ମାନିତ ଅତିଥି ଭାବେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ଲିଡ୍ ଅଫିସର ସଂପଦ ପାଢ଼ୀ, ସ୍ଥାନୀୟ ସରଂଚପ ସାଗରିକା ଦାସ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସତ୍ୟନାରାୟଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟାଳୟର ସଂପାଦକ ଜିତେନ୍ଦ୍ର କୁମାର ପ୍ରଧାନ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷକ ବାମନ ଚରଣ ପଣ୍ଡା,ବାସଦେ ମଲ୍ଲିକ ଏବଂ ଶିକ୍ଷୟିତ୍ରୀ ସବେହା ପରଭିନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡରେ ପାସ କରିଥିବା ଛାତ୍ର ରିତେଶ କୁମାରଙ୍କ ସମେତ କୃତୀ ଛାତ୍ର ଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ

କଯାଁଗୋଲା,୬ ।୨(ସମିସ): ଦଶରଥପୁର ବ୍ଲକ୍ ନନ୍ଦିପୁର ପଞ୍ଚାୟତର ସାହେବନଗରଠାରେ ୨୫୨ତମ ଅଷ୍ଟପ୍ରହରୀ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଏହି ଅଷ୍ଟପ୍ରହରି ସଂକୀର୍ତ୍ତନ ଦେଖିବା ପାଇଁ ସନ୍ଧ୍ୟାରେ ହଜାର ହଜାର ସଂକୀର୍ତ୍ତନ ପ୍ରେମୀମାନେ ଆସିଥାନ୍ତି। ଏହି ସଂକୀର୍ତ୍ତନରେ କପିଳା, ପାଳଦା, ସାଇଁକୁଳ, ଝୁମ୍ପୁରୀ, ବୃନ୍ଦାବନପୁର ୨୫ ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନପ୍ରେମୀ ସାମିଲ ହୋଇଥାନ୍ତି। ଏହି ସଂକୀର୍ତ୍ତନକୁ ଗ୍ରାମବାସୀଙ୍କ ପକ୍ଷରୁ କପିଳ ଚରଣ ଦାସ, ପୁରସ୍ତମ ଦାସ, ସରୋଜ ଦାସ, କେଦାର ଦାସ, ପ୍ରମୋଦ ଦାସ, ଶରତ ଦାସ ସହ ସମସ୍ତ ଗ୍ରାମବାସୀ ପରିଚାଳନା କରିଥାନ୍ତି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ସୁକିନ୍ଦା,୬ ।୨(ସମିସ): ସୁକିନ୍ଦା ବ୍ଲକ୍ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁକିନ୍ଦା ବିଡିଓ ପ୍ରଜ୍ଞା ପରମିତା ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ବିଡିଓ ରଞ୍ଜନ କୁମାର ବେହେରା, ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ,ପୁର୍ବତନ ଜିଲ୍ଲା ପରିଷଦ ରମଣୀ ରଞ୍ଜନ ବଳସାମନ୍ତ, ଜିଲ୍ଲାପରିଷଦ ପ୍ରତାପ କେଶରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ୍ ୬୫୯ ଜଣ ଭିନ୍ନକ୍ଷମଙ୍କ ନାମ ପଞ୍ଜିକୃତ କରାଯାଇଥିଲା। ଜିଲ୍ଲାର ଅଭିଜ୍ଞ ଡାକ୍ତର ସମସ୍ତ ଆବେଦକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଜଣେ ଭିନ୍ନକ୍ଷମଙ୍କୁ ଟ୍ରାଏ ସାଇକେଲ ଓ ୩ଜଣଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି।

## ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ସରିବାନେଇ ଅନିଶ୍ଚିତତା



ଧର୍ମଶାଳା, ୬। ୨( ସମିସ): ଧର୍ମଶାଳା ବ୍ଲକ୍ ୧୬ନଂ ଜାତୀୟ ରାଜପଥ ବୁଦ୍ଧ ଛକରୁ ଧର୍ମଶାଳା ବଜାର ଦେଇ ବ୍ରାମଣୀ ନଦୀବନ୍ଧକୁ ସଂଯୋଗ କରୁଥିବା ଜଗନ୍ନାଥ ସଡ଼କର ପ୍ରଶସ୍ତୀକରଣ କାମ ୩୦ ମାସ ହେଲା ଆରମ୍ଭ ହୋଇଥିଲେ ମଧ ଅଦ୍ୟବଧି ସମାପ୍ତ ନହେବା ନେଇ ସ୍ଥନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତାକୁ ପ୍ରଶସ୍ତୀକରଣ କରାଯାଇ ଦୁଇଥାକିଆ କରିବା ସହ ୩ ଗୋଟି ସ୍ଥାନରେ ନୂତନ ଛୋଟ ଛୋଟ ପୋଲ ନିର୍ମାଣ କରିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୧୪ କୋଟି ୬୦ ଲକ୍ଷ ଟଙ୍କାରେ ବ୍ୟୟ ଅଟକଳରେ ଟେଣ୍ଡର କରାଯାଇ ଜୈନିକ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଏହି ରାସ୍ତା ନିର୍ମାଣ ପାଇଁ ୨୦୨୩ ଡିସେମ୍ବର ମାସରେ ଶୀଳାନ୍ୟାଶ କରାଯାଇଥିଲା। ଶୀଳାନ୍ୟାଶର କିଛି ମାସ ପରେ ଏହି କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଧର୍ମଶାଳା ବଜାରକୁ ସଂଯୋଗ କରୁଥିବା ଏହି ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟକୁ ଦୀର୍ଘ ୩୦ ମାସ ବିତିଯାଇଥିଲେ ମଧ ତାହା ଅଦ୍ୟାବଧି ସମାପ୍ତ ହୋଇପାରୁ ନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ବେପରୱା ନିତି ଯୋଗୁଁ ରାସ୍ତା କାର୍ଯ୍ୟ ଅଧପନ୍ତରୀଆ ହୋଇ ପଡ଼ିରହିଛି। ଯହା ଫଳରେ ଅନେକ ସମୟରେ ଏହି ରାସ୍ତାରେ ଛୋଡ଼ ବଡ଼ ଦୁର୍ଘଟଣାମାନ ଘଟି ଲୋକେ ଆହତ ହେଉଛନ୍ତି। ରାସ୍ତା କାମକୁ ଯଥାଶୀଘ୍ର ଶେଷ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଓଡ଼ିଶା ପାଠ୍ୟକ୍ରମ ନୀତି ପ୍ରଶିକ୍ଷଣ ଶିବିର



ମଇନ୍ଦା,୬ ।୨(ସମିସ): ବିଂଝାରପୁର ବ୍ଲକ ଅଧୀନ ବରୁଣେଶ୍ୱର ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନସ୍ଥ ବରୁଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡିଶା ପାଠ୍ୟକ୍ରମ ନୀତି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଆଞ୍ଜୁଶ୍ରୀ କର ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସେକେ ନିଜାମୁଦ୍ଦିନ ଯୋଗଦାନ କରିଥିଲେ। ସାଧନକର୍ମୀ ଭାବେ ଜିଲ୍ଲା ପ୍ରଶିକ୍ଷଣ କେନ୍ଦ୍ରର ବରିଷ୍ଠ ସାଧନକର୍ମୀ ଇତିଶ୍ରୀ ବିଶ୍ୱାଳ, ଦେବେନ୍ଦ୍ର ନାୟକ, ଅମୂଲ୍ୟ କୁମାର ସାମଲ, ପ୍ରକାଶ କୁମାର ସାହୁ ଯୋଗଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ୧୦୭ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଜାତୀୟ ଶିକ୍ଷାନିତି ୨୦୨୦ଓ -ଓଡ଼ିଶା ଶିକ୍ଷାନୀତି ୨୦୨୨ଓ ୨୩ ଏବଂ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ନୂତନ ପୁସ୍ତକ ଉପରେ ପ୍ରଶିକ୍ଷଣ ଦିଆଯାଉଛି। ଏହି ପ୍ରଶିକ୍ଷଣ ଶିବିର ପାଞ୍ଚଦିନ ଧରି ଚାଲିବ। ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ରଶ୍ମି ରଞ୍ଜନ ଧଳ, ବିଦ୍ୟାସାଗର ବେହେରା, ବିଶ୍ୱପ୍ରକାଶ ସାମଲ, ପ୍ରମୋଦ ନାୟକ, ଶୁବ୍ରତ ପତି, ପ୍ରିୟଦର୍ଶିନୀ ପରିଡା ଆଦି ସହଯୋଗ କରିଥିଲେ।

## ଫାଇଲେରିଆ ନିରାକରଣ ଓ ସଚେତନତା ଶିବିର




ବ୍ରହ୍ମବରଦା,୬ ।୨(ସମିସ): ରସଲପୁର ବ୍ଲକ୍ ଅଧୀନ ବ୍ରହ୍ମବରଦା ପଞ୍ଚାୟତ ସ୍ଥିତ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟଠାରେ ଜିଲ୍ଲାପ୍ରଶାସନ ପକ୍ଷରୁ ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ ରସଲପୁର ମଣ୍ଡଳ ସହଶିକ୍ଷାଧିକାରୀ ଡଃ ପ୍ରଭଞ୍ଜନ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡ.ରଶ୍ମୀରଞ୍ଜନ ପଶାୟତ ଯୋଗଦାନ କରି କିପରି ଭାବେରେ ଗ୍ରାମ ସମ୍ପୂର୍ଣ୍ଣ ଫାଇଲେରିଆ ମୁକ୍ତ ହୋଇପାରିବ ସେ ନେଇ ବିସ୍ତୃତ ଆଲୋଚନା କରିଥିଲେ। ଫାଇଲେରିଆର ମୂଳୋତ୍ପାଟନ ପାଇଁ ପ୍ରତ୍ୟେକ ବ୍ୟକ୍ତି ସରକାରଙ୍କ ଦ୍ୱାର ପ୍ରଦତ୍ତ ଔଷଧ ସେବନ କରିବା ପାଇଁ ଅନୁରୋଧ କରିଥିଲେ। ସେହିପରି ଭାବେ ସମ୍ମାନିତ ଅତିଥିଭାବେ ବ୍ରହ୍ମବରଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସକ ଡ. ପି.ସୂର୍ଯ୍ୟକାନ୍ତ, ୟୁନାନୀ ଚିକିତ୍ସକ ଡ. ହୁସେନ, ବ୍ରହ୍ମବରଦା ଡିଗ୍ରୀ ମାହାବିଦ୍ୟାଳୟର ଅଧ୍ୟାପକ ମହେଶ୍ୱର ପାଢୀ, ଅଧ୍ୟାପକ ସୌଭାଗ୍ୟ କୁମାର ସାହୁ, ଯୁବ ନେତା ପ୍ରଦୀପ ଦାସ, ପ୍ରଫୁଲ୍ଲ ଗିରି, ଶିକ୍ଷାବିତ ଆଲ୍ଲାଉଦ୍ଦିନ ଖାଁ, ଜୁଲଫିକର ଅଲ୍ଲୀ ଓ ସାମାଜିକ କର୍ମୀ ଅନୀଲ ରାଉତ ପ୍ରମୁଖ ଯୋଗଦାନ କରିଥିଲେ। ଯେପରି ପ୍ରତ୍ୟାକ ଗ୍ରାମର ସମସ୍ତ ଜନସାଧାରଣ ଔଷଧ ସେବନ କରିବେ ସେନେଇ ଛାତ୍ରୀ ଛାତ୍ର ମାନଙ୍କୁ ଅବଗତ କରାଇଥିଲେ। ଆସନ୍ତା ଫେବୃୟାରୀ ମାସ ୧୦ତାରିଖ ଏହି ଔଷଧ ସେବନ କାର୍ଯ୍ୟ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବା ନେଇ ଡ. ପି.ସୂର୍ଯ୍ୟକାନ୍ତ ସୂଚନା ଦେଇଥିବା ବେଳେ ଦୁଇ ବର୍ଷରୁ କମ୍ ଶିଶୁଙ୍କୁ ଔଷଧ ବାରଣ କରାଯାଇଥିବା ଏବଂ ଅନ୍ୟ ସମସ୍ତେ ଫାଇଲେରିଆ ଔଷଧ ସେବନ କରିପାରିବେଲି ସୂଚନା ଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଭିବିଡି. ପରାମର୍ଶଦାତା ବଳଦେବ ନନ୍ଦ, ଭି.ବି.ଡି. ଏସ୍‌ଟିଏସ. ସୌମ୍ୟରଞ୍ଜନ ନନ୍ଦ, ଡି.ଓ. ଭି.ବି.ଡି. ସଂଗ୍ରାମ କେଶରୀ ଷଡ଼ଙ୍ଗୀ, ପୁରୁଷ ସ୍ୱାସ୍ଥ କର୍ମୀ ଗଣେଶ୍ୱର ତିରିଆଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହିଥିଲେ।

## ୧୦୨ ବର୍ଷୀୟ ବୃଦ୍ଧଙ୍କୁ ଘରେ ଚିକିତ୍ସା କଲେ ଡାକ୍ତର

କବାଟବନ୍ଧ,୬ ।୨ (ସମିସ): ଧର୍ମଶାଳା ବ୍ଲକ୍ ଅଧୀନ କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ନିହାର ରଞ୍ଜନ କରଙ୍କ ଘରୋଇ ସ୍ୱାସ୍ଥ୍ୟ ସେବା ସ୍ଥାନୀୟ ଅଞ୍ଚଳରେ ବେଶ ଚର୍ଚ୍ଚା ପାଲଟିଛି। ମେଡ଼ିକାଲକୁ ଆସିବାକୁ ଅକ୍ଷମ ଅନେକ ମହିଳା, ଭିନ୍ନକ୍ଷମ, ଶିଶୁ ଆଦିଙ୍କୁ ଘରେ ପହଞ୍ଚି ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। କେବଳ ରୋଗୀ ସେବା ନୁହେଁ ଅନେକ ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରି



ଶୁକ୍ରବାର ସନ୍ଧ୍ୟାରେ ମେଡିକାଲ ଡ୍ୟୁଟି ସାରି ସ୍ଥାନୀୟ ରାଇଛନ୍ଦା ପଞ୍ଚାୟତ ବାରକଣା ଗ୍ରାମର ପଦନ ସାହୁ ନାମକ ଜଣେ ୧୦୨ ବର୍ଷୀୟ ବୃଦ୍ଧଙ୍କ ଘରେ ପହଞ୍ଚି ଚିକିତ୍ସା ସେବା ଯୋଗାଇ ବେଶ ପ୍ରଶଂସିତ ହୋଇଛନ୍ତି। କେବଳ ଏହି ଜଣେ ରୋଗୀଙ୍କୁ ନୁହେଁ ଏହି ମେଡିକାଲ ଅଧୀନ ରାଇଛନ୍ଦା, ରେଖିଦେଇପୁର, ଅଞ୍ଜିରା, ଚକ୍ରଧରପୁର, ମର୍ଜିତାପୁର, କବାଟବନ୍ଧ, ତାଳଜଙ୍ଗ ଆଦି ଅଞ୍ଚଳରେ ଅନେକ ବୟସାଧିକ, ତଥା ସ୍ଥାନୀୟ ଅଞ୍ଚଳରେ ଅନେକ ସମସ୍ୟାର ସମାଧାନ କରିବାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। କେବଳ ମେଡିକାଲକୁ ଆସୁଥିବା ରୋଗୀ ନୁହେଁ କୌଣସି ଅସୁବିଧା ଯୋଗୁଁ ଚିକିତ୍ସା ପାଇଁ ଆସି ପାରୁ ନ ଥିବା ରୋଗୀଙ୍କୁ ମଧ ସ୍ୱାସ୍ଥ୍ୟ ସେବା ପାଇ ପାରିବେ। ନଜରକୁ ଆସୁଥିବା ସମସ୍ତ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଚେଷ୍ଟା ରହିଥିବା ଡାକ୍ତର ନିହାର ରଞ୍ଜନ କର କହିଛନ୍ତି।

# ଚୋରାମଦ ବିକ୍ରି ପ୍ରତିବାଦରେ ମହିଳାଙ୍କ ଧାରଣା

ଧର୍ମଶାଳା,୬।୨( ସମିସ)



ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ଅଞ୍ଚଳରେ ଚୋରାମଦ କାରବାରକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳାମାନେ ଏକ ଶୋଭାଯାତ୍ରାରେ ଆସି ଜାରକା ଜାମୁବଣିଆଁସ୍ଥିତ ଧର୍ମଶାଳା ଅବକାରୀ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଜାରକା ଅଞ୍ଚଳରେ ଦିନକୁ ଦିନ ଚୋରା ମଦ କାରବାର ବଢୁଥିବା ଯୋଗୁଁ ସେମନଙ୍କ ପରିବାରର ପୁରୁଷ ଲୋକମାନେ କାମଧନ୍ଦାକୁ ନ ଯାଇ ମଦ ପିଇ ମାତଲ ହୋଇ ଘରେ ରହୁଛନ୍ତି। ମଦ୍ୟପାନ ଯୋଗୁଁ ଘରେ ଅଶାନ୍ତି ଲାଗିରହିବା ସହ ପୁରୁଷମାନେ ମହିଳାମାନଙ୍କୁ ମାରଧର କରୁଛନ୍ତି। ଜାରକା ଜାମୁବଣିଆଁସ୍ଥିତ ଧର୍ମଶାଳା ଅବକାରୀ ଥାନା ନିକଟରୁ ମାତ୍ର ପାଂଚ ଶହ ମିଟର ଦୂରରେ ଅନେକ ଲୋକ ବେଆଇନ୍ ଭାବେ ଚୋରା ମଦ ବିକ୍ରି କରୁଥିଲେ ମଧ ପୁଲିସ କିମ୍ବା ଅବକାରୀ ବିଭାଗ କର୍ମଚାରୀମାନେ ସବୁ ଜାଣି ନିରବଦ୍ରଷ୍ଟା ସାଜୁଛନ୍ତି। ଫଳରେ ଚୋରାମଦ ବେପାରୀମାନଙ୍କ ମନବଳ ବୃଦ୍ଧି ପାଉଛି ଏବଂ ସେମାନେ ଅବାଧରେ ମଦବେପାର କରିବାକୁ ଉତ୍ସାହିତ ହେଉଛନ୍ତି। ଜାରକା ଗେଡିସାହିରେ ବ୍ୟାପକ ଚୋରାମଦ କାରବାର ହେଉଥିଲେ ମଧ ସବୁ ଜାଣି ଅବକାରୀ ବିଭାଗ କର୍ମଚାରୀମାନେ ଚୁପ ହୋଇ ବସିରହିଛନ୍ତି। ଫଳରେ ଶହ ହ ପରିବାର ନଷ୍ଟ ହୋଇଯାଉଛି। ଅବକାରୀ ବିଭାଗ ର ଢିଲା ମନୋଭାବ ପାଇଁ ଗାଁ ଗାଁ ରେ ଖୁଲମ୍ ଖୁଲା ମଦ ବେପାର ହେଉଥିବା ମହିଳା ମାନେ ଅଭିଯୋଗ କରିଥିଲେ। ଗ୍ରାରେ ଚାଲିଥିବା ଚୋରାମଦ ବେପାରକୁ ବନ୍ଦ କରିବା ପାଇଁ ମହିଳାମାନେ ଦାବି କରି ଅବକାରୀ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧରଣା ଦେଇଥିଲେ। ଏହି ଧାରଣାରେ ଜାରକା ଅଞ୍ଚଳର କବିତା ପ୍ରଧାନ, ରେବତୀ ସାମଲ, ପାର୍ବତୀ ସାମଲ, ପ୍ରମିଳା ବାରିକ, ପ୍ରେମଲତା ସାମଲ, ରଶ୍ମୀ ଦେଉରୀ, ଲକ୍ଷ୍ମୀ ପରିଡ଼ା, ଶୁଷମା ପରିଡ଼ା, ସୁଜାତା ଦେଉରୀ, ବାରତୀ ପରିଡା ଗୀତା ସାହାଣୀ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ପରେ ସେମାନେ ଜାରକା ଅଞ୍ଚଳରେ ହେଉଥିବା ଚୋରା ମଦ କାରବାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧର୍ମଶାଳା ଅବକାରୀ ବିଭାଗର କର୍ମଚାରୀଙ୍କୁ ଏ ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ।।



ସ୍ୱର୍ଗତ ଭାସ୍କର ମହାରଣା

ରାମନଗର ପ୍ରଥମ ଲେନ, କମାପଲି, ବ୍ରହ୍ମପୁର (ଗଞ୍ଜାମ)

ଆବିର୍ଭାବ : ୧୦.୧୦.୧୯୪୮
ତିରୋଧାନ : ୨୮.୦୧.୨୦୨୬

ବାପା ଆପଣ ଯିବାର ୧୧ ଦିନ ହେଇଗଲା । ଆପଣଙ୍କର ସ୍ନେହ, ଭଲ ପାଇବା, ତ୍ୟାଗ ଆମପାଇଁ ଚିର ସ୍ମରଣୀୟ ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶ୍ରଦ୍ଧାଞ୍ଜଳି ସହ : ପୁତ୍ର ଜଗଦୀଶ, ମହେଶ, ପୁତ୍ରବଧୂ କ୍ରୀଷ୍ଣା, ଝିଅ,ଜୋଇଁ ଓ ନାତି ନାତୁଣୀମାନେ

## ବରିଷ୍ଠ ଖବର କାଗଜ ବିତରକଙ୍କ ବିୟୋଗ

ବ୍ରହ୍ମପୁର,୬ ।୨(ସମିସ): ଅଞ୍ଚଳରେ ଦୀର୍ଘବର୍ଷ ଧରି ଖବର କାଗଜ ବିତରଣ କରୁଥିବା ବରିଷ୍ଠ ବିତରକ ଅଶୋକ ନଗର ୪ର୍ଥ ଗଳିର ପି. ଭେଙ୍କଟ ରାଓ(୬୬)ଙ୍କ ବିୟୋଗ ଘଟିଛି। କିଛିଦିନ ପୂର୍ବେ ଗ୍ୟାସ ଦୁର୍ଘଟଣାରେ ତାଙ୍କ ଶରୀରର କିଛି ଭାଗ ପୋଡ଼ିଯାଇଥିଲା। ସେ ଏମ୍‌କେସିଜି ମେଡ଼ିକାଲର ସେଣ୍ଟ୍ରାଲ ଆଇସିୟୁରେ ଚିକିତ୍ସିତ ହେଉଥିବା ବେଳେ ଶୁକ୍ରବାର ଦିନ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।



ମୃତ ପି. ଭେଙ୍କଟ ରାଓଙ୍କ ଦୀର୍ଘଦିନ ଧରି ସକାଳୁ ଘରେ ଘରେ ଖବର କାଗଜ ପହଞ୍ଚାଇ ଆସୁଥିଲେ। ହଠାତ୍ ତାଙ୍କ ବିୟୋଗ ଅଞ୍ଚଳ ପାଇଁ ଅପୂରଣୀୟ କ୍ଷତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଖବର ପାଇ 'ସକାଳ' ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ, ବିତରକ ରାଧାକୃଷ୍ଣ ରଥ, ବ୍ରହ୍ମପୁର ବିତରକ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ଦୋରା, ସମ୍ପାଦକ ଲିଙ୍ଗରାଜ ଆଚାରୀ, ଉପସଭାପତି ଦୀନବନ୍ଧୁ ସାମନ୍ତରାୟ, କୋଷାଧ୍ୟକ୍ଷ ଭାଗୀରଥି ବେହେରା, ନିରଞ୍ଜନ ନାୟକଙ୍କ ସମେତ ସଂଘର ବହୁ ସଦସ୍ୟ ତାଙ୍କ ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବିଭିନ୍ନ ସାମାଜିକ ସଂଗଠନ ଓ ସ୍ଥାନୀୟ ନାଗରିକ ତାଙ୍କ ଅମର ଆତ୍ମାର ସଦ୍‌ଗତି ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ସୁନାପୁର ବେଳାଭୂମି ମହୋତ୍ସବ ଉଦ୍‌ଯାପିତ

# ଅରୁଣିତା କାଞ୍ଜିଲାଲ୍‌ଙ୍କ ଗୀତରେ ମନ୍ତ୍ରମୁଗ୍ଧ ଶ୍ରୋତା








ବ୍ରହ୍ମପୁର,୬।୨(ସମିସ)

- ବାହୁଦାରେ ପ୍ରତିଷ୍ଠା ହେବ ଏକ ବୃହତ ବନ୍ଦର : ଶିଳ୍ପ ମନ୍ତ୍ରୀ
- ସୁନାପୁର ବେଳାଭୂମି ମହୋତ୍ସବ ଚିକିଟିର ଅର୍ଥନୈତିକ ପ୍ରଗତିର ବାର୍ତ୍ତାବହ

ବହୁ ବର୍ଷ ପରେ ଆରମ୍ଭ ହୋଇଥିବା ସୁନାପୁର ବେଳାଭୂମି ମହୋତ୍ସବ ଉଦଯାପିତ ହୋଇଛି। ଉଦଯାପନୀ ସନ୍ଧ୍ୟାରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଏବଂ ସୋରଡା ବିଧାୟକ ନୀଳମଣି ବିଷୋୟୀ, ଚିକିଟି ବିଧାୟକ ତଥା ମହୋତ୍ସବର ସଭାପତି ମନୋରଞ୍ଜନ ଦ୍ୟାନ ସାମନ୍ତରା, ସାଂସଦଙ୍କ ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା, ବିଜେପି ଜିଲ୍ଲା ସଭାପତି ସରୋଜ ସାବତ, ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର, ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ବ୍ରହ୍ମପୁର ଏସ୍‌ପି କୁମାର ପୃଷ୍ଟି, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ ଡା. ସର୍ବଣା ବିବେକ ଏମ, ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ମୁଖ୍ୟଅତିଥି ଶ୍ରୀ ସ୍ୱାଇଁ କହିଥିଲେ ଯେ, ପର୍ଯ୍ୟଟନକୁ ଗତି ଦେବାକୁ ଆୟୋଜିତ ଏହି ମହୋତ୍ସବ କେବଳ ଚିକିଟିର ନୁହଁ ଏହା ଗଞ୍ଜାମର ଗୌରବ। ଗଞ୍ଜାମର ପ୍ରଗତି ପାଇଁ ବାହୁଦାଠାରେ ଏକ ବୃହତ ବନ୍ଦର ନିର୍ମାଣ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ବନ୍ଦର ପ୍ରତିଷ୍ଠା ହେଲେ ଗଞ୍ଜାମରେ ପୋର୍ଟ ଓ ଆନୁସଙ୍ଗିକ ଶିଳ୍ପ ଗଢ଼ିଉଠିବ ଓ ଗଞ୍ଜାମବାସୀ ଲାଭାନ୍ୱିତ ହେବେ। ଏହାସହିତ ବେଳାଭୂମିର ସୌନ୍ଦର୍ଯ୍ୟକରଣ ଓ ଖଣିଜ ଶିଳ୍ପର ବିକାଶ ପାଇଁ କେନ୍ଦ୍ର ବଜେଟରେ ବହୁତ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଥିଲେ। ଓଡ଼ିଶାର ଅର୍ଥନୀତିକୁ ୨୦୩୬ ସୁଦ୍ଧା ୧.୫ ଟ୍ରିଲିୟନ ଅର୍ଥନୀତିରେ ପରିଣତ କରିବା ଓ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ରାଜ୍ୟ ସରକାର ସଂକଳ୍ପବଦ୍ଧ। ସେହି ଅବଲୋକନରେ ପ୍ରତି ଜିଲ୍ଲାରେ ସେଣ୍ଟର ଅଫ ଏକ୍ସଲେନ୍ସ ପ୍ରତିଷ୍ଠା କରାଯାଉଛି ବୋଲି ସେ କହିଥିଲେ। ଭୁବନେଶ୍ୱର ଭଳି ବ୍ରହ୍ମପୁରରେ ମଧ୍ୟ ଏକ ୱାର୍ଲଡ ସ୍କିଲ ସେଣ୍ଟର ପ୍ରତିଷ୍ଠା କରାଯାଇ ସ୍ଥାନୀୟ ଯୁବକଯୁବତୀମାନଙ୍କୁ ପାରଙ୍ଗମ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ। ତୃତୀୟ ଦିବସରେ ଇଣ୍ଡିଆନ୍ ଆଇଡଲ୍ ଜରିଆରେ ସାରା ଦେଶରେ ନାଁ କମେଇଥିବା ଗାୟିକା ଅରୁଣିତା କାଞ୍ଜିଲାଲଙ୍କ ସୁମଧୁର ଗୀତରେ ମନ୍ତ୍ରମୁଗ୍ଧ ହେଲେ ଶ୍ରୋତା। ସେହିଭଳି ବହୁ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ କଣ୍ଠଶିଳ୍ପୀ ସ୍ୱୟମ, ଅଭିନେତା ଆକାଶ ଓ ରୋମାଞ୍ଚଳି ଦର୍ଶକଙ୍କୁ ଝୁମାଇଥିଲେ।

### ପୀତବାସ ପଣ୍ଡା ହତ୍ୟା ମାମଲା

# ଭିସିରେ ହାଜର ହେଲେ ୧୬ ଅଭିଯୁକ୍ତ

- ଶୂନ୍ୟ ଓ ରାଜେନ୍ଦ୍ରର ଜାମିନ ଆବେଦନର ଶୁଣାଣି ଶେଷ, ରାୟ ସଂରକ୍ଷିତ
- ୯ରେ ହେବ ମାମଲାର କମିଟ୍‌ମେଣ୍ଟ
- ଜିଲ୍ଲା କୋର୍ଟରେ ସୁନିଲଙ୍କ ସମେତ ୫ ଅଭିଯୁକ୍ତଙ୍କ ଜାମିନ ଆବେଦନ

ବ୍ରହ୍ମପୁର,୬।୨(ସମିସ): ଆଜି ପୀତବାସ ପଣ୍ଡା ହତ୍ୟା ମାମଲାର କମିଟ୍‌ମେଣ୍ଟ ପାଇଁ କୋର୍ଟଙ୍କ ପକ୍ଷରୁ ଦିନ ଧାର୍ଯ୍ୟ ହୋଇଥିଲା। ଏଥିପାଇଁ ବ୍ରହ୍ମପୁର ଜେଲରୁ ବିକ୍ରମ କୁମାର ପଣ୍ଡାଙ୍କ ସମେତ ୧୪ ଅଭିଯୁକ୍ତ ଓ ଫୁଲବାଣୀ ଜେଲରୁ ପିଣ୍ଟୁ ଦାଶ ଓ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲରୁ ମଦନ ଦଳାଇ ଆଦି ମୋଟ ୧୬ ଅଭିଯୁକ୍ତ ଆଭାସୀରେ ହାଜର ହୋଇଥିଲେ। ମଦନ ଦଳାଇଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେତୁ ସେ ବର୍ତ୍ତମାନ ମେଡ଼ିକାଲରେ ଅଛନ୍ତି। ଗତ ୨ ତାରିଖରେ ପୀତବାସ ପଣ୍ଡା ହତ୍ୟା ମାମଲାର ଜିଲ୍ଲା କୋର୍ଟରେ କମିଟମେଣ୍ଟ ରହିଥିଲା। ଏଥିପାଇଁ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ୧୫ଜଣ ଅଭିଯୁକ୍ତ କଡ଼ା ସୁରକ୍ଷା ବଳୟରେ କୋର୍ଟରେ ହଜାର ହୋଇଥିଲେ। ଅଭିଯୁକ୍ତ ମଦନ କୋର୍ଟରେ ଅନୁପସ୍ଥିତ ହେତୁ ଆଜି ରହିଥିଲା ଏହି ମାମଲାର କମିଟମେଣ୍ଟ। ୧୬ଜଣ ଅଭିଯୁକ୍ତ ଭିସିରେ ହାଜର ହେବା ପରେ ଆସନ୍ତା ୯ ତାରିଖକୁ ଏହି ହତ୍ୟା ମାମଲାର କମିଟମେଣ୍ଟ ତାରିଖ କୋର୍ଟ ଧାର୍ଯ୍ୟ କରିଥିବା ଜଣାପଡ଼ିଛି। ସେପଟେ ଆଜି ଜିଲ୍ଲାଜଜ୍‌ଙ୍କ କୋର୍ଟରେ ଶୂନ୍ୟ ଚନ୍ଦ୍ର ଦାଶ ଓ ରାଜେନ୍ଦ୍ର କୁମାର ସାହୁଙ୍କ ଜାମିନ ଆବେଦନ ପିଟିସନର ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ରହିଛି। ଆସନ୍ତା ୯ରେ ସଂରକ୍ଷିତ ରାୟପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ଅଭିଯୁକ୍ତ ସୁନୀଲ କୁମାର ହୋତା, ବିପିନ ସ୍ୱାଇଁ, ସୀମାଞ୍ଚଳ ନାଇକ, କୁନ୍ଦନ କୁମାର, ଶିଶୁପାଳ କୁମାର ପାଶୱାନ ଆଦି ୫ଜଣ ଅଭିଯୁକ୍ତ ତାଙ୍କ ଓକିଲ ଚକ୍ରପାଣି ନାହାକଙ୍କ ଦ୍ୱାରା ଜିଲ୍ଲା କୋର୍ଟରେ ଜାମିନ ଆବେଦନ କରିଛନ୍ତି। ଏହି ଜାମିନ ଆବେଦନର ଶୁଣାଣି ଆସନ୍ତା ୯ତାରିଖ ହେବ।

ସୂଚନା ପ୍ରକାରରେ ସ୍ୱାସ୍ଥ୍ୟବସ୍ଥା ଖରାପ ହେତୁ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି ହୋଇଥିବା ଅଭିଯୁକ୍ତ ମଦନ ଦଳାଇ ଆଜି ସନ୍ଧ୍ୟାରେ ସୁସ୍ଥ ହୋଇ ଡ଼ିସଚାର୍ଜ ହୋଇଥିଲେ। ପୁଲିସର କଡା ସୁରକ୍ଷାରେ ମଦନକୁ ଜେଲକୁ ଅଣାଯାଇଛି।

### ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ ସମ୍ମୁଖରେ ବିକ୍ଷୋଭ

# ସମସ୍ୟା ସମାଧାନ ନ ହେଲେ ଅଫିସରେ ତାଲା ପକାଇବାକୁ ଚେତାବନୀ




ବ୍ରହ୍ମପୁର,୬ ।୨(ସମିସ): ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ଆବାହକ ଆଇନଜୀବୀ ଅବନୀ ଗୟା ଓ ସମାଜସେବୀ ମନୋଜ ତରାଇଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ପ୍ରାଣୀ ଚିକିତ୍ସାଳୟରେ ଉପଯୁକ୍ତ ଚିକିତ୍ସା ନପାଇ ଗାଇ, ଷଣ୍ଢଙ୍କ ମୃତ୍ୟୁ ହେବା ଅତ୍ୟନ୍ତ ସ୍ୱର୍ଶକାତର କଥା ବୋଲି କୁହାଯାଇଥିଲା। ଗଞ୍ଜାମ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟରେ ଔଷଧର ଓଭରଡୋଜ୍ ବା ମାତ୍ରାଧିକ ଔଷଧ ଦେବା ଓ ଗୋଟିଏ ସିରିଞ୍ଜରେ ବିଭିନ୍ନ ପଶୁଙ୍କୁ ଇଞ୍ଜେକ୍ସନ ଦିଆଯାଉଥିବା ଅଭିଯୋଗ ହୋଇଛି। ଅଭିଯୋଗର ତଦନ୍ତ କରି ଦୋଷୀଙ୍କୁ ଗିରଫ କରାଯିବାକୁ ଦାବି ହୋଇଛି। ଏନେଇ ଟାଉନ୍ ଥାନାରେ ଅଭିଯୋଗ କରାଯାଇଛି।

ସେହିପରି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟରେ ଇନ୍‌ଡୋର ବିଭାଗ ଖୋଲିବା, ନିୟମିତ ସମସ୍ତ ଆବଶ୍ୟକୀୟ ଔଷଧ ଯୋଗାଇବା, ଚିକିତ୍ସାଧୀନ ପ୍ରାଣୀଙ୍କ ପାଇଁ ଖାଦ୍ୟ ଯୋଗାଣ, ସରକାରୀ ଯୋଗାଣ ଔଷଧକୁ ଅନ୍ୟତ୍ର ବିକ୍ରି କରି କମିଶନ କାରବାର ବନ୍ଦ କରିବା, ସ୍ୱେଚ୍ଛାସେବୀ ପଶୁପ୍ରେମୀଙ୍କୁ ଧମକ ଦେବା ବନ୍ଦ କରିବା, ପଲିଥିନ୍ ନିଷିଦ୍ଧ, ଗୋଶାଳାରେ କ୍ୟାମେରା ଲଗାଇବା ଓ କାର୍ଯ୍ୟ ସମୟରେ ଅନୁପସ୍ଥିତ ରହୁଥିବା କର୍ମଚାରୀଙ୍କୁ ତଦାରଖ ଲାଗି ବାୟୋମେଟ୍ରିକ୍ ଲାଗୁ କରିବା ଭଳି ବିଭିନ୍ନ ଦାବି କରାଯାଇଥିଲା। ବିକ୍ଷୋଭରେ ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମାଜସେବୀ କୁନି କୁମାରୀ ଦେବୀ, ଶିକ୍ଷକ ସଙ୍ଗଠନ ନେତା ଆଶୋକ ଦଳାଇ, ଶ୍ୟାମ ସୁନ୍ଦର ଖାଡ଼ାଙ୍ଗା, ଯୁବନେତା ସ୍ମୃତି ରଞ୍ଜନ ତରାଇ, କିଶୋର ସ୍ୱାଇଁ, ବି. ମଣିକଣ୍ଠ, ଓମ୍ ପ୍ରକାଶ ଜେନା, ରୁଦ୍ର ମାଧବ, ଅଜୟ ପାଣଗ୍ରାହୀ, ଶ୍ରୀକାନ୍ତ ପାଳ, ଶ୍ୟାମଘନ ପରଦେଶୀ, ମହେଶ ଗୌଡ଼, କାଳିଆ ଜେନା, ଶ୍ୟାମଘନ ଦଳାଇ, ଆଦିତ୍ୟ ପ୍ରସାଦ ଓ ଶ୍ରୀକାନ୍ତ ଗୌଡ଼ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୀଳକଣ୍ଠନଗରରେ ଆରାଧନାଙ୍କୁ ସମ୍ବର୍ଦ୍ଧନା



ବ୍ରହ୍ମପୁର,୬।୨(ସମିସ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୀଳକଣ୍ଠ ନଗର ପରିସରରେ ଗତ ୭୭ତମ ଗଣତନ୍ତ୍ର ଦିବସ ଅବସରରେ ଦିଲ୍ଲୀର କର୍ତ୍ତବ୍ୟ ପଥଠାରେ "ରି ପବ୍ଲିକ ଡ଼େ କଣ୍ଟିଜେଣ୍ଟ' ଭାବରେ ଯୋଗଦେଇ ବିଦ୍ୟାଳୟ ତଥା ରାଜ୍ୟ ପାଇଁ ଗୌରବ ଆଣିଥିବା ସୁଶ୍ରୀ ଆରାଧନା ସାହୁଙ୍କୁ ବିଦ୍ୟାଳୟ ପରିଚାଳନା ସମିତି ତରଫରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ପରିଚାଳନା ସମିତିର ସଭାପତି ଡଃ. ଜୀବାନନ୍ଦ ତ୍ରିପାଠୀ। ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାମନ୍ଦିର ମାଧ୍ୟମିକ ସ୍ତରର ପ୍ରାନ୍ତ ସଂଯୋଜକ କୈଳାଶ ଚନ୍ଦ୍ର ପାଣିଗ୍ରାହୀ, ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ଅଧ୍ୟକ୍ଷ ଏସ୍. ମୋହନ ରାଓ ପ୍ରମୁଖ ମଞ୍ଚାସିନ ଥିଲେ। ଏନ୍‌ସିସିର ସର୍ବୋଚ୍ଚ ଶିବିର ଆରଡ଼ିସିରେ ଯୋଗ ଦେଇଥିବାରୁ ସମସ୍ତ ମାନ୍ୟଗଣ୍ୟ ଅତିଥି ଆରାଧନା ସାହୁଙ୍କର ଭୂୟସୀ ପ୍ରଶଂସା କରିଥିଲେ। ବିଦ୍ୟାଳୟର ସହ ପ୍ରଧାନାଚାର୍ଯ୍ୟ ଜଟେଶ୍ୱର କର, ଅବସରପ୍ରାପ୍ତ ଏ.ଏନ୍.ଓ ଶାନ୍ତନୁ କୁମାର ବେହେରା, ବରିଷ୍ଠ ଆଚାର୍ଯ୍ୟ ଦୀନବନ୍ଧୁ ମହାପାତ୍ର ସମେତ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ତରଫରୁ ବରିଷ୍ଠ ଆଚାର୍ଯ୍ୟା ବିଶ୍ୱେଶ୍ୱରୀ ସାହୁ ଉପସ୍ଥିତ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଇକ୍ ଚୋରି ପ୍ରତିବାଦରେ ଛାତ୍ରଙ୍କ ବିକ୍ଷୋଭ



ବ୍ରହ୍ମପୁର,୬ ।୨(ସମିସ): ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରୁ ବାଇକ୍ ଚୋରିକୁ ନେଇ ତାତିଛନ୍ତି ଛାତ୍ରଗୋଷ୍ଠୀ। ବାରମ୍ବାର ଏପରି ଘଟଣା ଘଟୁଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର ଦାବି କରି ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି ଛାତ୍ରଛାତ୍ରୀ। ବିଦ୍ୟାଳୟର ଯୁକ୍ତଦୁଇ ଦ୍ୱିତୀୟ ବର୍ଷର ଛାତ୍ର ଜଣଙ୍କ ସମ୍ପର୍କୀୟଙ୍କ ବାଇକ୍‌ଟି ଚୋରି ହୋଇଯାଇଥିଲା। ସେମାନେ ଏନେଇ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିବାବେଳେ ଏହାକୁ ଗୁରୁତ୍ୱ ଦିଆଯାଉନଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି। କ୍ୟାମ୍ପସରେ ସିସି କ୍ୟାମେରା ସହ ଆବଶ୍ୟକୀୟ ସୁରକ୍ଷା ସହ ନିରାପତ୍ତାକୁ ପ୍ରାଥମିକତା ଦେବାକୁ ବିଦ୍ୟାର୍ଥୀ ଦାବି କରି ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଛନ୍ତି।

### ବ୍ରହ୍ମପୁର ସିଲ୍କ ସିଟି ଫେଷ୍ଟିଭାଲ ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ

# ଆୟୋଜନରେ 'ବିଇଡିଏ'କୁ ଗୁରୁତ୍ୱ 'ବିଇଏମ୍‌ସି'କୁ ଉପେକ୍ଷା

ବ୍ରହ୍ମପୁର,୬ ।୨(ସମିସ)



- ଉତ୍ସବ ଓ ମେଳା ଆୟୋଜନର ଉଭୟ ସ୍ଥାନ ଓ ତାରିଖକୁ ନେଇ ପୁଣି ଦ୍ୱନ୍ଦ୍ୱ
- ବୈଠକରେ ସାମିଲ ହେଲେ ବିଜେପି ଜିଲ୍ଲା ସଭାପତି, ମେୟରଙ୍କୁ ଖବର ନାହିଁ

ଉଦ୍‌ଯାପିତ ହୋଇଯାଇଛି ଉଭୟ ଗୋପାଳପୁର ଓ ସୁନାପୁର ବେଳାଭୂମି ମହୋତ୍ସବ। ବର୍ତ୍ତମାନ ଅପେକ୍ଷା ପ୍ରସ୍ତାବିତ ବ୍ରହ୍ମପୁର ସିଲ୍କ ସିଟି ଫେଷ୍ଟିଭାଲକୁ। ପ୍ରଶାସନ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ଫେଷ୍ଟିଭାଲ ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ଯଦିଓ ପୂର୍ବରୁ ଏଥିପାଇଁ ସ୍ଥାନୀୟ ଇଂଜିନିୟରିଂ ସ୍କୁଲ ଖେଳପଡ଼ିଆରେ ଫେବୃଆରୀ ୧୦ରୁ ୧୬ତାରିଖ ଏକ ସପ୍ତାହ ଧରି ଉତ୍ସବ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ବିଭିନ୍ନ କାରଣରୁ ପୂର୍ବ ନିର୍ଦ୍ଧାରିତ ସ୍ଥାନ ଓ ତାରିଖରେ ଉତ୍ସବ ଆୟୋଜନକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ବର୍ତ୍ତମାନ ଏହି ଉତ୍ସବ ଫେବୃଆରୀ ପରିବର୍ତ୍ତେ ମାର୍ଚ୍ଚ ପ୍ରଥମ ସପ୍ତାହରେ କରିବାକୁ ଯୋଜନା ରହିଥିବା ବେଳେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜନ ପାଇଁ ଚିନ୍ତା କରାଯାଉଛି। ଇଂଜିନିୟରିଂ ସ୍କୁଲ ଖେଳପଡ଼ିଆ ଗୋପାଳପୁର ନିର୍ବାଚନମଣ୍ଡଳୀରେ ଆସୁଥିବା ବେଳେ ସେଠାରେ ବ୍ରହ୍ମପୁର ସିଲ୍କ ସିଟି ଫେଷ୍ଟିଭାଲ କରିବା ଉଚିତ ହେବନାହିଁ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।

ଫେଷ୍ଟିଭାଲରେ ହେବାକୁ ଥିବା ବିଭିନ୍ନ ଦିଗକୁ ନେଇ ବିଇଡିଏ ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରସ୍ତୁତି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ତେବେ ପ୍ରଶାସନ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ଉତ୍ସବର ପ୍ରସ୍ତୁତିକୁ ନେଇ ସରଗରମ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କାରଣ ଗୋପାଳପୁର ବିଧାୟକ ତଥା ଖଣି ଓ ପରିବହନ ମନ୍ତ୍ରୀଙ୍କ ଦ୍ୱାରା ଗୋପାଳପୁର ବେଳାଭୂମି ମହୋତ୍ସବ ପରେ ଚିକିଟି ବିଧାୟକଙ୍କ ଦ୍ୱାରା ସୁନାପୁର ବେଳାଭୂମି ମହୋତ୍ସବର ଶେଷ ପରେ ବର୍ତ୍ତମାନ ପାଳି ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ପାଳି। ପ୍ରତିଯୋଗିତାମୂଳକ ଭାବେ ଚାଲିଥିବା ଏହି ମହୋତ୍ସବ ଓ ମେଳା ଆୟୋଜନରେ କାହାକୁ କେତେ ସଫଳତା ମିଳୁଛି ତାକୁ ନେଇ ଚାଲିଛି ଚର୍ଚ୍ଚା। ଏଭଳି ପରିସ୍ଥିତିରେ ସିଲ୍କସିଟି ଫେଷ୍ଟିଭାଲର ସଫଳତାକୁ ନେଇ ବିଧାୟକ କେ. ଅନୀଲ କୁମାରଙ୍କ ପାଇଁ ଏକ ଚାଲେଞ୍ଜ କହିଲେ ଅତ୍ୟୁକ୍ତି ହେବନାହିଁ। ଅନ୍ୟପକ୍ଷରେ ପ୍ରଶାସନ ଦ୍ୱାରା ଆୟୋଜିତ ହେବାକୁ ଥିବା ମହୋତ୍ସବର ପ୍ରସ୍ତୁତି ବୈଠକରେ ଯଦିଓ ବିଜେପିର ଜିଲ୍ଲା ସଭାପତି ସରୋଜ କୁମାର ସାବତ ରହି ବିଭିନ୍ନ ପ୍ରସଙ୍ଗରେ ପ୍ରସ୍ତାବ ଦେଇଥିଲେ ମାତ୍ର ବୈଠକ ନେଇ ବ୍ରହ୍ମପୁର ମେୟରଙ୍କୁ ସୂଚନା ମଧ୍ୟ ଦିଆଯାଇନଥିବା ସମସ୍ତଙ୍କୁ ଚକିତ କରିଛି। ସମସ୍ତ ମହୋତ୍ସବରେ ବିଇଏମସିର ଅଧିକାରୀ ଓ ଯନ୍ତ୍ରପାତି ନିୟୋଜିତ ହୋଇଥିବା ବେଳେ ସିଲ୍କ ସିଟି ଫେଷ୍ଟିଭାଲରେ ମଧ୍ୟ ସମାନ ବ୍ୟବସ୍ଥା ରହିବ। ତେବେ ଏନେଇ ଖୋଦ୍ ବିଇଏମସିର ମୁଖ୍ୟ ତଥା ମେୟର ସଂଘମିତ୍ରା ଦଳେଇଙ୍କୁ ଅନ୍ଧାରରେ ରଖାଯିବା ଅତ୍ୟନ୍ତ ଚିନ୍ତାର ବିଷୟ। ଏଥିରୁ ସ୍ପଷ୍ଟ ଅନୁମେୟ ହେଉଛି ସବୁ କ୍ଷେତ୍ରରେ ବିଇଡିଏକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ବିଜେଡି ହାତରେ ଥିବା ବିଇଏମ୍‌ସିକୁ ଜାଣିଶୁଣି ଅଣଦେଖା କରାଯାଉଛି।

ଏନେଇ ମେୟରଙ୍କୁ ପଚାରିବାରେ ତାଙ୍କୁ ଏନେଇ କେହି ସୂଚନା ଦେଇନଥିବା ସ୍ପଷ୍ଟ କରିଛନ୍ତି। ଏପରିକି ବ୍ରହ୍ମପୁର ସିଲ୍କ ସିଟି ଫେଷ୍ଟିଭାଲ ହେଉଥିବା ନେଇ ମଧ୍ୟ ତାଙ୍କ ନିକଟରେ ଖବର ନଥିବା ସିଧାସଳଖ କହିଛନ୍ତି। ବିଇଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ସମେତ ବିଇଡିଏ ଉପାଧ୍ୟକ୍ଷ ତଥା ବିଇଏମସି କମିଶନର ପ୍ରଥମେଷ ଅରବିନ୍ଦ ରାଜେଶିର୍କେର୍, ବିଇଡିଏ ସଚିବ ରମେଶ ହାଂସଦା, ବିଜେପି ଜିଲ୍ଲା ସଭାପତି ସରୋଜ କୁମାର ସାବତ, ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଳା ଓ ପ୍ରଦୀପ କୁମାର ନାୟକ, ଟାଉନ ଏସଡିପିଓ ପ୍ରିୟସ ରଂଜନ ଛୋଟରାୟ, ଟଠାଉନ ଥାନା ଇନ୍ସପେକ୍ଟର ସୌଭାଗ୍ୟ କୁମାର ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# 'ପରୀକ୍ଷା ପେ ଚର୍ଚ୍ଚା'ରେ ବ୍ରହ୍ମପୁର ଛାତ୍ରୀ

ବ୍ରହ୍ମପୁର,୬ ।୨(ସମିସ): 'ପରୀକ୍ଷାପେଚର୍ଚ୍ଚା' ଓ ବୀର ଗାଥା ଭଳି ଜାତୀୟ କାର୍ଯ୍ୟକ୍ରମରେ ଚମକିଛନ୍ତି ବ୍ରହ୍ମପୁରର ନବମ ଶ୍ରେଣୀ ଛାତ୍ରୀ ବିନ୍ଦ୍ରାରାଣୀ ପଣ୍ଡା। ବିନ୍ଦ୍ରା ହେଉଛନ୍ତି ସ୍ଥାନୀୟ ଗୋଷାଣିନୂଆଗାଁ ନିବାସୀ ଜିତେନ୍ଦ୍ର କୁମାର ପଣ୍ଡା ଓ ନମିତାରାଣୀ ପାଠୀଙ୍କ ଝିଅ। ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମରେ ବିନ୍ଦ୍ରାରାଣୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ଆଲୋଚନା କରିଛନ୍ତି। ସେହିଭଳି ଜାତୀୟତାବୋଧକ କାର୍ଯ୍ୟକ୍ରମ ବୀର ଗାଥା-୫.୦ରେ ଯୋଗଦେଇ ବିନ୍ଦ୍ରା ସମ୍ବର୍ଦ୍ଧିତ ହେବା ସହିତ ୧୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ପାଇଛନ୍ତି। ଉଭୟ କାର୍ଯ୍ୟକ୍ରମରେ ସଫଳତା ହାସଲ କରି ଫେରିବା ପରେ ବିନ୍ଦ୍ରାଙ୍କୁ ତାଙ୍କ ବିଦ୍ୟାଳୟ କେ.ସି. ପବ୍ଲିକ ସ୍କୁଲରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିନ୍ଦ୍ରାଙ୍କ ସଫଳତା ପାଇଁ କେ.ସି.ପବ୍ଲିକ ସ୍କୁଲ ବେଶ ଗର୍ବିତ ବୋଲି କହିଛନ୍ତି ଅଧ୍ୟକ୍ଷ ଅଶୋକ କୁମାର ମିଶ୍ର। ଅନ୍‌ଲାଇନରେ ଆବେଦନ ପରେ ପଞ୍ଜୀକରଣ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିନ୍ଦ୍ରା ପ୍ରଶ୍ନ କରିଥିଲେ। କାର୍ଯ୍ୟକ୍ରମରେ ସମଗ୍ର ଦେଶରୁ ମୋଟ ୩୭ଜଣ ଛାତ୍ରଛାତ୍ରୀ ଚୟନ ହୋଇଥିବା ବେଳେ ଓଡିଶାରୁ ଜଣେମାତ୍ର ଛାତ୍ରୀ ଭାବେ ବିନ୍ଦ୍ରା ସୁଯୋଗ ପାଇଥିଲେ। ଗତ ୨୨ତାରିଖରେ ନୂଆଦିଲ୍ଲୀ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପରୀକ୍ଷା ସମୟରେ ଟାଇମ୍ ମ୍ୟାନେଜମେଣ୍ଟ ଓ ଭୟର କିଭଳି ସମ୍ମୁଖୀନ ହେବେ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରଶ୍ନର ଉତ୍ତର ଦେଇ ବିନ୍ଦ୍ରା କହିଥିଲେ 'ବି ଏ ୱାରିଅର, ନଟ ଏ ଓରିଅର'। ସେହିଭଳି ବୀର ଗାଥା କାର୍ଯ୍ୟକ୍ରମରେ ସମଗ୍ର ଦେଶରୁ ମୋଟ ୧କୋଟି ୯୦ଲକ୍ଷ ଛାତ୍ରଛାତ୍ରୀ ଭାଗ ନେଇଥିବା ବେଳେ ସେଥିମଧ୍ୟରୁ ବିନ୍ଦ୍ରା ଅନ୍ୟତମ। ଏଥିପାଇଁ ୪ଟି ବର୍ଗରେ ହୋଇଥିବା ପ୍ରତିଯୋଗିତାରୁ ବିନ୍ଦ୍ରା ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତାଙ୍କ ଅଙ୍କିତ ଚିତ୍ର ବିଶ୍ୱର ସୁପର ୧୦୦ ମଧ୍ୟରେ ମନୋନୀତ ହୋଇଥିଲା। ଏକ ବିଶେଷ କାର୍ଯ୍ୟକ୍ରମରେ ଭାରତୀୟ ସେନା ବାହିନୀର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ବିନ୍ଦ୍ରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ପିଏମଶ୍ରୀ ବାଲେଶ୍ୱର ଜିଲ୍ଲା ସ୍କୁଲରେ ପୁରସ୍କାର ବିତରଣ ଉତ୍ସବ



ବାଲେଶ୍ୱର,୬।୨(ସମିସ): ପିଏମଶ୍ରୀ ଜିଲ୍ଲା ସ୍କୁଲରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ସୁବାସ ଚନ୍ଦ୍ର ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ୧୭୫ ବର୍ଷ ପୂର୍ବରୁ ଜିଲ୍ଲା ସ୍କୁଲର ପ୍ରତିଷ୍ଠା ପଛରେ ବହୁ ଇତିହାସ ରହିଛି ବୋଲି କହିଥିଲେ। ବାଲେଶ୍ୱର ପୌରପାଳିକା ନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି, ଜିଲ୍ଲା ସ୍କୁଲ ପୁରାତନ ଛାତ୍ର ସଂସଦ ସଭାପତି ଡାକ୍ତର ସୁରେନ୍ଦ୍ର ନାଥ ସାହୁ, କାଉନସିଲର ସତ୍ୟ ଶିବ ସୁନ୍ଦର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ପ୍ରଧାନ ଏହି ଉତ୍ସବରେ ସଭାପତିତ୍ୱ କରିଥିବାବେଳେ ବରିଷ୍ଠ ଶିକ୍ଷକ ଆଦିକନ୍ଦ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପି ସୁସ୍ମିତା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ପରେ ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଶାନ୍ତ ମଲ୍ଲିକ, ଭାଗ୍ୟଶ୍ରୀ ସାହୁ, ସୋନାଲି ମହାନ୍ତି, ଶୁଭସ୍ମିତା ମହାନ୍ତି, ଅନିତା ସିଂ, ଦେଶପ୍ରିୟା ବିଶ୍ୱାଳ, ଲିପି ପୁଷ୍ପା ବେହେରା, ରଞ୍ଜିତା ରାଣୀ ପାଣା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ତିନି ବ୍ଲକ୍‌ରେ ସାପକାମୁଡ଼ା ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ

ବାଲେଶ୍ୱର, ୬।୨(ସମିସ)




## ସାପକାମୁଡ଼ା ରୋଗୀର ତ୍ୱରିତ ଚିକିତ୍ସା ଓ ପରିଚାଳନା ସମ୍ପର୍କିତ କର୍ମଶାଳା

କ୍ରମାଗତ ଭାବେ ରାଜ୍ୟରେ ସାପ କାମୁଡ଼ାରେ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଛି। ବାଲେଶ୍ୱର ଜିଲ୍ଲାରେ ମଧ୍ୟ ଏହାର ସଂଖ୍ୟା କମ୍ ନୁହେଁ। କେତେବେଳେ ଚିକିତ୍ସା ଅବହେଳା ନ ହେଲେ ସବୁଠି ଆଣ୍ଟି ସ୍ନେକ ଭେନମ୍ ନ ମିଳିବା ଯୋଗୁଁ ସାପ କାମୁଡା ଆକ୍ରାନ୍ତଙ୍କ ମୃତ୍ୟୁ ମଧ୍ୟ ହୋଇଯାଉଛି। ସାପକାମୁଡା ରୋଗୀଙ୍କୁ କାମୁଡିବାର ଏକ ଘଣ୍ଟା ଭିତରେ (ଗୋଲ୍ଡେନ ସମୟ) ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦେଲେ ରୋଗୀଙ୍କୁ ବଞ୍ଚାଇବା ସମ୍ଭବ ହେବ। ସେହି ସମୟ ଭିତରେ ଚିକିତ୍ସା ଆରମ୍ଭ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ସାପକାମୁଡାର ତ୍ୱରିତ ଚିକିତ୍ସା ଓ ପରିଚାଳନା ଉପରେ ଭେଷଜ ଓ ଶିଶୁ ରୋଗ ବିଶେଷଜ୍ଞ, ଚିକିତ୍ସାଳୟ ଅଧୀକ୍ଷକମାନଙ୍କ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଇସିଏମଆର-ଆରଏମଆରସି, ଭୁବନେଶ୍ୱର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କର୍ମଶାଳାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଭାତ କୁମାର ବେହେରା ଉଦଘାଟନ କରିଥିଲେ। ଜିଲ୍ଲାର ସମସ୍ତ ୭୧ ଟି ପ୍ରାଥମିକ ଚିକିତ୍ସାଳୟ ସ୍ତରରେ ମଧ୍ୟ ସାପକାମୁଡାର ଔଷଧ (ଆଣ୍ଟି ସ୍ନେକ ଭେନମ୍) ଉପଲବ୍ଧ ହେବା ସହିତ ଚିକିତ୍ସକଙ୍କୁ ତାଲିମ ମଧ୍ୟ ଦିଆଯାଇଛି ବୋଲି ସୂଚନା ଦେଇଥିଲେ। ୧୭ ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହି ତ୍ୱରିତ ଚିକିତ୍ସା ସବୁବେଳେ ପ୍ରଦାନ କରାଯାଉଛି ବୋଲି କହିଥିଲେ। କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱରର ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ରଞ୍ଜନ କୁମାର ରାଜ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ସାପ କାମୁଡାର ଆଧୁନିକ ଚିକିତ୍ସା ପଦ୍ଧତି ସମ୍ପର୍କରେ ତାଲିମ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକ୍ଷକ ତଥା ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ଅମୂଲ୍ୟ କୁମାର ଦାସ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର କର, ରାଜ୍ୟ ଅତିରିକ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସମନ୍ୱିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଡା. ଅଶୋକ ପାଇକରାୟ, ରାଜ୍ୟ ଯୁଗ୍ମ ନିର୍ଦ୍ଦେଶକ ଡା. ସୁରଜିତ ଗରାବଡୁ, ଆଂଚଳିକ ଭେଷଜ ଗବେଷଣା କେନ୍ଦ୍ର ଭୁବନେଶ୍ୱରର ବରିଷ୍ଠ ବୈଜ୍ଞାନିକ ଡା. ଶ୍ରୀକାନ୍ତ କାନୁନଗୋ, ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ଚକ୍ରଧର ଜେନା ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମହାମାରୀ ରୋଗ ବିଶେଷଜ୍ଞ ଡା. ଅରୂପ ଅଭିଷେକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସୂଚନାଯୋଗ୍ୟ, ବାଲେଶ୍ୱର ଜିଲ୍ଲାରେ ବସ୍ତା, ସୋର, ବାଲିଆପାଳ ବ୍ଲକରେ ସାପକାମୁଡା ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ। ସେଥିପାଇଁ ଲୋକଙ୍କୁ ସଚେତନ କରାଇବା ପାଇଁ ଏହି ସବୁ ବ୍ଲକରେ ସମସ୍ତ ଚିକିତ୍ସକ ଓ ଆୟୁଷ ଡାକ୍ତରମାନଙ୍କୁ ରାଜ୍ୟର ତାଲିମ ଦିଆଯାଇଛି। ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର ଭୁବନେଶ୍ୱର ଏକ ଗବେଷଣା କାର୍ଯ୍ୟକ୍ରମ ଆରମ୍ଭ କରିବା ସମ୍ପର୍କରେ ବୈଜ୍ଞାନିକ ଅନିମେଷ ଜେନା ସୂଚନା ଦେଇଥିଲେ। ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ତଥା ଓମସାର ରାଜ୍ୟ ସମ୍ପାଦକ ଡା. ସଂଜୀବ ପ୍ରଧାନ, ଡା. ସୁମିତ୍ରା ଦେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଣୁଜୀବ ବିଜ୍ଞାନୀ ଦେବସ୍ମୀତା ରାୟ ମହାପାତ୍ର, ଦୋଳ ଗୋବିନ୍ଦ ବେହେରା, ବିକ୍ରମ ବିଶ୍ୱାଳ, ଆରଏମଆରସି ଭୁବନେଶ୍ୱରର ଡା. ପ୍ରଶାନ୍ତି ଜ୍ୟୋତି ମହାନ୍ତି, ଡା. ପ୍ରୀତିମୟୀ ସେଠୀ, ଡା. ସମୀର ସାହୁ, ଡା ମନସ୍ୱିନୀ ନାୟକ, ସ୍ୱାଗତିକା ପତି, ସୁଶାନ୍ତ ବ୍ରହ୍ମା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସେମାନଙ୍କର ମତ ରଖିଥିଲେ। ଶେଷରେ ଡ. ଅନିମେଷ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ରବୀନ୍ଦ୍ର ଦର୍ଶନ କାର୍ଯ୍ୟକ୍ରମ




ବାଲେଶ୍ୱର, ୬।୨(ସମିସ): ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ଓ ବାଲେଶ୍ୱର ଓଡ଼ିଆ ଭାଷାବିକାଶ ଆନ୍ଦୋଳନର ମିଳିତ ଆନୁକୂଲ୍ୟରେ ଶାନ୍ତିନିକେତନର ଭାଷା ଭବନରେ ଦିବସବ୍ୟାପି ରବୀନ୍ଦ୍ର ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗ ମୁଖ୍ୟ ତଥା ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ରଫେସର ସବିତା ପ୍ରଧାନ ଆସରକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଉଦ୍‌ବୋଧନ ଦେଇ ଶାନ୍ତିକାନନ ଓ ଶାନ୍ତିନିକେତନ ମଧ୍ୟରେ ଥିବା ସାମଞ୍ଜସ୍ୟକୁ ଶ୍ରୋତାମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ, ବିଶିଷ୍ଟ କବି ଡ. ହରିଶ୍ଚନ୍ଦ୍ର ବେହେରା, ଶାନ୍ତିନିକେତନ ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଡ. ଇନ୍ଦ୍ରମଣି ସାହୁ ରବୀନ୍ଦ୍ରନାଥଙ୍କ ସାହିତ୍ୟକୃତି, ସ୍ୱାଧୀନତା ସଂଗ୍ରାମ ପାଇଁ ତାଙ୍କର ଅବଦାନ, ଓଡ଼ିଶା ସହ ରବୀନ୍ଦ୍ରନାଥଙ୍କ ସଂପର୍କ ତଥା ବିଶ୍ୱକବି ଓ ବ୍ୟାସକବିଙ୍କ ମଧ୍ୟରେ ଏକ ତୁଳନାତ୍ମକ ଆଲୋଚନାକୁ ନିବନ୍ଧ ଆକାରରେ ପାଠ କରିଥିଲେ। ବିଶ୍ୱଭାରତୀର ଛାତ୍ର ଶ୍ରୀତମ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଶ୍ୱବିଦ୍ୟାଳୟ ଛାତ୍ରୀମାନେ ଡ. ରବୀନ୍ଦ୍ର କୁମାର ଦାସଙ୍କ ନିର୍ଦ୍ଦେଶନାରେ ଫକୀରମୋହନ, ଗଙ୍ଗାଧର ଓ ମଧୁସୂଦନ ଦାସଙ୍କ କବିତାର ଏକ ମିଶ୍ରିତ ଅଂଶକୁ ଗାନ କରିଥିଲେ। ପ୍ରଫେସର ସବିତା ପ୍ରଧାନଙ୍କ ଦ୍ୱାରା ପ୍ରଦତ୍ତ "ଉଡ଼ିବାକୁ ଡେଣା ପ୍ରସାରିଲି ଯେ ଆକାଶ କାହିଁ ଶୀର୍ଷକୀୟ ଏକ ବାକ୍ୟାଂଶକୁ କବିମାନେ ଏକତ୍ର କବିତା ଭାବରେ ରଚନା କରିଥିଲେ। ସେହି କବିତାଗୁଡ଼ିକୁ କବି ଦୀପକ ବୋଷ ଓ ସଂଗଠନ ସଂପାଦକ ତପନ ରାୟ ସଂଯୋଜନା କରିଥିଲେ। କବିତା ପାଠୋତ୍ସବରେ ୧୨୫ଜଣ କବି କବିତା ପାଠ କରିଥିଲେ। ଡ. ଶରତ କୁମାର ଜେନା ଏକତ୍ର କବିତା ଓ ସାଂପ୍ରତିକ କବିତା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅପରାହ୍ନରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଦ୍ୱାରା ରଚିତ, ନିରଂଜନ ରାଉତଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ କଲ୍ୟାଣୀ ନନ୍ଦଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ "ଧୂର୍ଜଟୀ ଓ ଭାନୁସିଂହର ଗାଥା' ନାମରେ ଏକ ନାଟକ ମଞ୍ଚସ୍ଥ କରାଯାଇଥିଲା। ଏହି ନାଟକରେ ବାସନ୍ତୀ ଦେ, ଅର୍ଚ୍ଚନା କର, କବିତା ଜେନା, ସ୍ନିଗ୍ଧା ସାମନ୍ତରାୟ, ତୃପ୍ତିରାଣୀ ପାତ୍ର, କୃଷ୍ଣା ପ୍ରଧାନ, ସୁନାମଣି ଜେନା, ଶାନ୍ତି ବିଶି, ଶାନ୍ତିଲତା ପଣ୍ଡା, ପୁଷ୍ପଲତା ଚକ୍ରବର୍ତ୍ତୀ, ମମତା ଦାସ, କଲ୍ୟାଣୀ ନନ୍ଦ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ବେଣୁଧର ସାହୁ, ପ୍ରଫୁଲ୍ଲ ଦାସ, ପଣ୍ଡିତ ସଂଜୟ ପଣ୍ଡା, ଜୁମରନାଥ ପାତ୍ର, ପ୍ରଭାକର ସାହୁ ଓ ଡ. ସାରଙ୍ଗଧର ତ୍ରିପାଠୀ ଅଭିନୟରେ ଅଂଶଗ୍ରହଣ କରିଥିଲେ। ଡ. ଲକ୍ଷ୍ମଣ ଚରଣ ବିଶ୍?ାଳ ସ୍ମାରକ ଭୂମିକା ନିର୍ବାହ କରିଥିଲେ। ଓଡ଼ିଆ ଭାଷାବିକାଶ ଆନ୍ଦୋଳନ ତରଫରୁ ଫକୀରମୋହନଙ୍କ ଏକ ପ୍ରତିମୂର୍ତ୍ତି ବିଭାଗୀୟ ମୁଖ୍ୟଙ୍କୁ ସମର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଫେସର ମନୋରଂଜନ ପ୍ରଧାନ, ନିବାରଣ ଜେନା, ମମତା ମହାପାତ୍ର, ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ, ଅଂଜଳି ପଣ୍ଡା, ଶରତ କୁମାର ମହାପାତ୍ର, ଡ. ଶିରୀଶଚନ୍ଦ୍ର ଜେନା, ଡ. ରମାକାନ୍ତ ନାୟକ, ଡ. କ୍ଷିତୀଶ୍ୱର ଦାଶ, ଡ. ଭାଗବତ ପ୍ରସାଦ ଦାସ, ଅରୁଣ ଚାଟ୍ଟାର୍ଜୀ, ଗଗନ ଦଲାଇ, ଡ. ରତ୍ନାକର ସିଂହ ପ୍ରମୁଖ ରବୀନ୍ଦ୍ର ଦର୍ଶନ ଯାତ୍ରୀ ଅଂଶଗ୍ରହଣ କରିଥିଲେ।

## ପୁରୁଣା ବାଲେଶ୍ୱର ପ୍ରିମିଅର୍ ଲିଗ୍

# ୭ ଟିମ୍ ପାଇଁ ହେଲା ଖେଳାଳି ଚୟନ




ବାଲେଶ୍ୱର, ୬।୨(ସମିସ): ପୁରୁଣା ବାଲେଶ୍ୱର ପ୍ରିମିଅର୍ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱାଦଶ ସଂସ୍କରଣ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପୁରୁଣା ବାଲେଶ୍ୱର କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଆସନ୍ତା ୧୮ ତାରିଖରୁ ଆରମ୍ଭ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ଶିବ ନନ୍ଦନ ପାନ୍ଥର ଟିମ୍ ,ଏନ.ସି.ସି ଟାଇଗର, ବଜରଙ୍ଗି ଇଲେଭେନ, ଜଗନ୍ନାଥ ୱାରିଅର୍, ଏମ.ସି.ସି ଇଲେଭେନ୍, ମାଁ ସିତୁଲା ଇଲେଭେନ, ଭାଇରସ ଟିମ୍ ପ୍ରଭୃତି ମୋଟ ୭ଟି ଟିମ୍ ଅଂଶଗ୍ରହଣ କରିବେ। ଏହି ପରିପ୍ରେକ୍ଷୀରେ ଟିମଗୁଡ଼ିକ ପାଇଁ ଖେଳାଳି ଚୟନ ପ୍ରକ୍ରିୟା ସ୍ଥାନୀୟ ପବିତ୍ର ରିସ୍ତା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଖେଳାଳି ଚୟନ ପ୍ରକ୍ରିୟାରେ ପ୍ରତ୍ୟେକ ଟିମର ମେଣ୍ଟର ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆସୋସିଏସନ ସଭାପତି ମନ୍ମଥ ସ୍ୱାଇଁ ଓ ସମ୍ପାଦକ ସୁକାନ୍ତ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳାଳି ଚୟନ ପ୍ରକ୍ରିୟା ପରିଚାଳିତ ହୋଇଥିଲା। ଏଥିପାଇଁ ପୁରୁଣା ବାଲେଶ୍ୱର ଅଂଚଳରୁ ମୋଟ ୧୩୦ ଜଣ ଖେଳାଳିଙ୍କ ନାମ ବିଚାରକୁ ନିଆଯାଇଥିଲା। ସେମାନଙ୍କୁ ଭିନ୍ନ ଭିନ୍ନ ଟିମରେ ସାମିଲ ପାଇଁ ଏହି ଚୟନ ପ୍ରକ୍ରିୟା ଆୟୋଜିତ ହୋଇଥିବା ଆସୋସିଏସନର କର୍ମକର୍ତ୍ତା ସୂଚନା ଦେଇଥିଲେ। ପ୍ରାୟ ଦେଢ଼ ମାସ ଧରି ପିବିସି ଫିଲ୍ଡ, ଅଟାନକ ଫିଲ୍ଡ ଓ ଗବଗାଁ ଫିଲ୍ଡରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଆଇପିଏଲ ଢାଞ୍ଚାରେ ପ୍ରତ୍ୟେକ ମ୍ୟାଚ୍ ୧୫ ଓଭର ବିଶିଷ୍ଟ ହେବ। ଟୁର୍ଣ୍ଣାମେଣ୍ଟର ଚମ୍ପିୟାନ ଦଳକୁ ଟ୍ରଫି ସହ ୩୦ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୨୦ହଜାର ଟଙ୍କା ପୁରସ୍କାର ଅର୍ଥ ରାଶି ପ୍ରଦାନ କରାଯିବ। ଏହା ସହିତ ମ୍ୟାନ ଅଫ ଦି ସିରିଜ୍, ପ୍ରତ୍ୟେକ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ୍, ବେଷ୍ଟ ବ୍ୟାଟର ଓ ବେଷ୍ଟ ବୋଲରଙ୍କୁ ପୁରସ୍କୃତ କରାଯିବ। ରାଜେଶ ବେହେରା, ରମେଶ ଦାସ, ଅରୁଣ କୁମାର ବେହେରା, ଜୟଦେବ, ମନ୍ମଥ ପାତ୍ର, ଅଶ୍ୱିନ, ଜଗଦୀଶ, ଗୟାଧର, ଚିକୁନ୍, ଅନିଲ, ସୁରେଶ, ଲିକନ, ରାଜୁ, ପିଙ୍କୁ ପ୍ରମୁଖ ପୁରୁଣା ବାଲେଶ୍ୱର କ୍ରିକେଟ ଆସୋସିଏସନର କର୍ମକର୍ତ୍ତା ଓ ସଦସ୍ୟମାନେ ଖେଳାଳି ଚୟନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଇନଜୀବୀଙ୍କ ଶାନ୍ତିପୂର୍ଣ୍ଣ ଧାରଣା

ବାଲେଶ୍ୱର, ୬।୨ (ସମିସ): କଚେରୀ ହତା ପରିସରରେ ଆଇନଜୀବୀମାନଙ୍କ ପକ୍ଷରୁ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ଏହି ଗଣଧାରଣାରେ ବରିଷ୍ଠ ଆଇନଜୀବୀ ସମୀର ଦେ ସଭାପତିତ୍ୱ କରିଥିଲେ। ସଭା ଆରମ୍ଭରେ ବରିଷ୍ଠ ଆଇନଜୀବୀ ନିତ୍ୟ ନାରାୟଣ ପ୍ରହରାଜ, ରବିନ୍ଦ୍ର ନାଥ ବେହେରା, ଦୀପ୍ତିକାନ୍ତ ମିଶ୍ର ପ୍ରମୁଖ ମଧୁବାବୁଙ୍କ ପ୍ରତିମୂର୍ତ୍ତି ପୁଷ୍ପମାଲ୍ୟ ଦେଇ ସ୍ମୃତିଚାରଣ କରିଥିଲେ। ଦୀର୍ଘ ଦିନ ଧରି ବାଲେଶ୍ୱର ବାର ଆସୋସିଏସନ୍ ସାଧାରଣ ପରିଷଦ ବୈଠକ ନ ଡାକିବା, ବରାଦୀ ଦରଖାସ୍ତ ଶହ ଶହ ଓକିଲ ଦସ୍ତଖତ କରିଦେଇଥିଲେ ମଧ୍ୟ ଦରଖାସ୍ତ ପାଇ ନୀରବ ବସିବା, କ୍ରିକେଟ ଖେଳକୁ ପୂର୍ବ ଦିନ ବାତିଲ କରାଇବା, ବାର ଆସୋସିଏସନ୍‌ର ଆୟବ୍ୟୟ ର ହିସାବ କିତାବ ସାଧାରଣ ପରିଷଦ ବୈଠକରେ ଦାଖଲ ନକରିବା, ସର୍ବୋପରି ୨୦୨୫ ଜୁନ, ଜୁଲାଇ ମାସ ପୁଲିସ ନିଷ୍କ୍ରିୟତା ଯୋଗୁଁ ଚାଲିଥିବା ଆନ୍ଦୋଳନକୁ ଭଣ୍ଡୁର କରାଇ ସାରା ଓଡ଼ିଶାରେ ବାଲେଶ୍ୱର ଓକିଲ ସଂଘ ମିଳିତ କରାଇଥିବା ବିରୋଧରେ ଏହି ଶାନ୍ତିପୂର୍ଣ୍ଣ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଏହି ଗଣଧାରଣାକୁ ସମସ୍ତ ଆଇନଜୀବୀ ସମର୍ଥନ ଜଣାଇଥିଲେ। ବହୁ ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ। ଆଇନଜୀବୀ ସଂଘ ସମ୍ପାଦକ ଧାରଣା ସ୍ଥଳରେ ପହଞ୍ଚି ଧାରଣାରତ ଓକିଲମାନଙ୍କୁ ଧାରଣା ସ୍ଥଳରୁ ଉଠିବା ପାଇଁ ଅନୁରୋଧ କରିଥିଲେ ଓ ଧାରଣା ନିମନ୍ତେ ଦିଆଯାଇଥିବା ସ୍ମାରକପତ୍ରରେ ଉଲ୍ଲେଖିତ ସମସ୍ତ ତଥ୍ୟ ଯୁକ୍ତିଯୁକ୍ତ ଓ ଆସନ୍ତା ୨୧ ତାରିଖ ସୁଦ୍ଧା ସାଧାରଣ ପରିଷଦ ବୈଠକ ଡକାଇ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି କହିଥିଲେ। ବରିଷ୍ଠ ଆଇନଜୀବୀ ପ୍ରତାପ ଚନ୍ଦ୍ର ପଣ୍ଡା, ବିପ୍ଳବ କେଶରୀ ଦେଓ, ପ୍ରଦୀପ କୁମାର, ସମରେନ୍ଦ୍ର ନାଥ ଦାସ, ଗୋପିନାଥ ମହାନ୍ତି, କୈଳାସ ଚନ୍ଦ୍ର ସେଠୀ, ନବ କୁମାର ପଣ୍ଡା, ରବୀନ୍ଦ୍ର ନାଥ ବେହେରା, କୃଷ୍ଣଚନ୍ଦ୍ର ଦାଶ, ଦୀପ୍ତି କାନ୍ତ, ନିରଞ୍ଜନ ପ୍ରଧାନ, ପ୍ରଶାନ୍ତ ପ୍ରଧାନ ପ୍ରମୁଖଙ୍କ ପରିମର୍ଶକ୍ରମେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଶ୍ରୀରାଧାକୃଷ୍ଣ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ




ବାଲେଶ୍ୱର, ୬।୨(ସମିସ): ମୋତିଗଞ୍ଜ ବଜାରସ୍ଥିତ ଶ୍ରୀ ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟରେ ଏନର୍ଜି କ୍ଲବର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମଧୁସ୍ମିତା ନାୟକଙ୍କ ଅଧକ୍ଷ୍ୟତାରେ ଆୟୋଜିତ ଏହି ଉତ୍ସବରେ ବାଲେଶ୍ୱର ବିଇଡି କଲେଜର ଅଧ୍ୟାପିକା ଡ଼. ନିବେଦିତା ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ଏନର୍ଜି କ୍ଲବର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ଅନୀତା ଦାସ, ବନଜା ନାୟକ ଓ ଗୀତିସୁଧା ମହାନ୍ତି ନିଜର ବକ୍ତବ୍ୟ ରଖିଥିଲେ। ଏନର୍ଜି କ୍ଲବର ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ଦୁର୍ଘଟଣାରେ ଅଟୋ ଯାତ୍ରୀ ଗୁରୁତର

ସିମୁଳିଆ, ୬।୨ (ସମିସ): ଭଦ୍ରକରୁ ଅଟୋ ଯୋଗେ ଘରକୁ ଫେରୁଥିବା ସମୟରେ ଜାତୀୟ ରାଜପଥରେ ଅଜଣା ଗାଡି ଧକ୍କାରେ ଅଟୋ ଚାଳକ ସମେତ ଯାତ୍ରୀ ଗୁରୁତର ହୋଇଛନ୍ତି। ଭଦ୍ରକରୁ ଅଟୋ ଯୋଗେ ଘରକୁ ଫେରୁଥିବା ସମୟରେ ୧୬ନଂ ଜାତୀୟ ରାଜପଥର ମଞ୍ଜୁରୀପୁର ବିହାରୀ ପେଟ୍ରୋଲ ପମ୍ପ ନିକଟରେ ଏକ ଅଜଣା ଗାଡି ଅଟୋଟିକୁ ଧକ୍କା ଦେଇ ଚାଲି ଯାଇଥିଲା । ଅଟୋରେ ଥିବା ଚାଳକ ଦିଲ୍ଲୀପ ମଲ୍ଲିକଙ୍କ ଆଖି ମାଡ଼ ହୋଇ ଗୁରୁତର ଆହତ ହୋଇଥିବା ବେଳେ ଅଟୋରେ ଥିବା ଦୁଇ ଜଣ ଯାତ୍ରୀ ବାସୁଦେବପୁର ବ୍ଲକ କୃଷ୍ଣପୁର ଅଞ୍ଚଳର ସୁରେନ୍ଦ୍ର ସାମଲ ଓ ବିଦେଇପୁର ଅଞ୍ଚଳର ସତ୍ୟବ୍ରତ ବିଶ୍ୱାଳ ଗୁରୁତର ଆହତ ହୋଇଥିଲେ । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭଦ୍ରକ ମେଡିକାଲକୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି । ଖବର ପାଇ ସିମୁଳିଆ ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

# ରକ୍ତଦାନ ଶିବିର



ବାଲେଶ୍ୱର, ୬।୨(ସମିସ): ପୁତ୍ର ଜନ୍ମଦିନରେ ପିତା ପ୍ରଦୀପ କୁମାର ବେଜ ଏବଂ ତାଙ୍କ ପରିବାରବର୍ଗ ଓ ସାଙ୍ଗସାଥୀମାନଙ୍କୁ ନେଇ ରକ୍ତଦାନ ଶିବିର କରି ଉଦାହରଣ ସୃଷ୍ଟି କରିଛନ୍ତି। ସହରର ଆଇଟିଆଇରେ ରହୁଥିବା ପ୍ରଦୀପ କୁମାର ବେଜଙ୍କ ଫାର୍ମାସିଷ୍ଟ ପଢୁଥିବା ପୁତ୍ର ଆଦ୍ୟା ଆଶୁତୋଷଙ୍କ ଜନ୍ମଦିନ ଥିବାବେଳେ ଏକ ରକ୍ତଦାନ ଶିବିର ଜିଲ୍ଲା ବ୍ଲଡବ୍ୟାଙ୍କ ପରିସରରେ ଆୟୋଜନ କରିଥିଲେ। ଏହି ଶିବିରକୁ ବିଜେଡ଼ିର ବରିଷ୍ଠ ନେତା ରଂଜନ ବାଗ ଉଦ୍‌ଘାଟନ କରିଥିଲେ। ପ୍ରାକ୍ତନ ଉପନଗରପାଳ ମନୋଜ କୁମାର ରାଉତ, ରାଜ୍ୟ ବିଜୁ ଯୁବଜନତା ଦଳର ସାଧାରଣ ସମ୍ପାଦକ ଧିରେନ ନାୟକ, ଟାଉନ ମହିଳା ଜନତାଦଳର ସଭାପତି ମୀନା ମହାନ୍ତି, କାଉନସିଲର ସେକ୍ ଆୟୁବ, ଶ୍ରମିକ ନେତା ଅଭିଜିତ ଦାସ, ବିଜେଡ଼ିର ଜିଲ୍ଲା ଛାତ୍ରନେତା ବିଭୁଦତ୍ତ ପରିଡ଼ା ପ୍ରମୁଖ ଏହି ଶିବିରରେ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକାଶ ବେହେରା, ସୌଭାଗ୍ୟ ଖୁଣ୍ଟିଆ, ହୃଷିକେଶ ବେହେରା, ହର୍ଷ ଖଣ୍ଡେଲୱାଲ, ମଳୟ ରଂଜନ ବିଶ୍ୱାଳ, ଅଂଶୁମାନ ପ୍ରଧାନ, ପ୍ରୀତପ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସ୍ୱାସ୍ଥ୍ୟ ସଚେତନତା ଶିବିର ନିମନ୍ତେ ପ୍ରସ୍ତୁତି ବୈଠକ



ବାଲେଶ୍ୱର, ୬।୨ (ସମିସ): ଆସନ୍ତା ୨୧ ତାରିଖରେ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ବାଲେଶ୍ୱର ଲୟର୍ସ କ୍ଲବ ଆନୁକୂଲ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ କନଫରେନ୍ସ ହଲରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ସ୍ୱାସ୍ଥ୍ୟ ଶିବିରରେ ଓଡ଼ିଶାର ସୁନାମଧନ୍ୟ ଡାକ୍ତର ସମୁହ ଉପସ୍ଥିତ ରହି ରୋଗୀମାନଙ୍କୁ ନିଃଶୁଳ୍କ ପରୀକ୍ଷା ଓ କିପରି ଏକ ନିରୋଗ ଜୀବନ ଯାପନ କରିପାରିବେ ସେ ସଂକ୍ରାନ୍ତରେ ପରାମର୍ଶ ଦେବେ। ଏନେଇ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଇନଜୀବୀ ରଘୁନାଥ ପ୍ରଧାନ, ଦେବୀ ପ୍ରସାଦ ମହାପାତ୍ର, ଦୁର୍ଗା ଦାଶ, ଶଶାଙ୍କ ଶେଖର ପଣ୍ଡା, ସାହିରୁଲ ହକ, ବାଦଲ ବେହେରା, କୁମାର କଶ୍ୟପ, ନୃସିଂହ ପଟ୍ଟନାୟକ, ଶାନ୍ତନୁ ରାଉତ, ସମରେଶ ସାହୁ, ଗୀତେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ କଲ୍ୟାଣ ପରିଷଦର ବୈଠକ

ସିମୁଳିଆ, ୬।୨ (ସମିସ): ବାଟି ପଞ୍ଚାୟତରେ ବୟସ୍କ ନାଗରିକ କଲ୍ୟାଣ ପରିଷଦର ବୈଠକ ବେଦପୁର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରମାକାନ୍ତ ଅଗସ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ଥାୟୀ କମିଟି ଗଠନ କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ବ୍ଲକ କମିଟିରୁ ବୀରେନ୍ଦ୍ର ନାୟକ ଓ ଉପେନ୍ଦ୍ର ବିଶ୍ୱାଳ ଯୋଗ ଦେଇ ସର୍ବସମ୍ମତି କ୍ରମେ ସଭାପତି ଭାବେ ଗଣନାଥ ସାହୁ, ଉପସଭାପତି ମୁରଲୀଧର ମହାପାତ୍ର, ସମ୍ପାଦକ ମହେଶ୍ୱର ବିଶ୍ୱାଳ, ସହସମ୍ପାଦକ ମନୋରଞ୍ଜନ ଦାସ, ସଂଗଠନ ସମ୍ପାଦକ ରମାକାନ୍ତ ପାତ୍ର, କୋଷାଧ୍ୟକ୍ଷ ଦାଶରଥି ଦାସଙ୍କୁ ମନୋନୀତ କରିଥିଲେ। କାର୍ଯ୍ୟକାରୀ ସଭ୍ୟ ଭାବେ ଖଗେନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ସନାତନ ବେହେରା, ଭୋଳାନାଥ ବେହେରା, ଭଗବାନ ପାତ୍ର ଓ ଉପଦେଷ୍ଟା ଭାବେ ରମାକାନ୍ତ ଅଗସ୍ତି, ବୁଦ୍ଧିରାମ ବିଶ୍ୱାଳ, ଜଗବନ୍ଧୁ ଜେନା, ତ୍ରୈଲୋକ୍ୟ ଜେନାଙ୍କୁ ମନୋନୀତ କରାଯାଇଥିଲା।

## 'ସ୍ରଷ୍ଟା'ର ରାଜ୍ୟସ୍ତରୀୟ ବାର୍ଷିକ ନାଟକ ମହୋତ୍ସବ

# ପଞ୍ଚମ ସନ୍ଧ୍ୟାରେ ନାଟକ 'ଜନ୍ମମାଟି' ମଞ୍ଚସ୍ଥ

ବାଲେଶ୍ୱର, ୬।୨(ସମିସ)



ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ନାଟ୍ୟାନୁଷ୍ଠାନ 'ସ୍ରଷ୍ଟା'ର ୪୮ ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ପଞ୍ଚମ ସନ୍ଧ୍ୟା ଆୟୋଜିତ ହୋଇଯାଇଛି। ଏହି ସନ୍ଧ୍ୟାରେ ସଂସ୍କାରକ, ସଂଗଠକ ସ୍ୱର୍ଗତ ହିମାଂଶୁ ଦାସଙ୍କୁ ଉତ୍ସର୍ଗ କରାଯାଇଥିଲା। ତାଙ୍କର ପୁତ୍ର ସଂଗ୍ରାମ ଦାସ ଓ ସଞ୍ଜୟ ଦାସ ପ୍ରୋଯୋଜନା କରିଥିଲେ। ଗାନ୍ଧୀ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଶିଷ୍ଟ ସ୍ତମ୍ଭକାର ଫକୀରମୋହନ ସାହିତ୍ୟ ପରିଷଦ ସଭାପତି ଡ.ସୁବାସ ପାତ୍ର ଓ ସମ୍ମାନିତ ଅତିଥି ଭାବେ 'ସ୍ରଷ୍ଟା' ଉପସଭାପତି ପ୍ରସନ୍ନ କୁମାର ଦାସ ମତବ୍ୟକ୍ତ କରିଥିଲେ। 'ସ୍ରଷ୍ଟା' ସମ୍ପାଦକ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଅନୁଷ୍ଠାନ ସଭାପତି ଆଲୋକ କୁମାର ସାହୁ ପୌରୋହିତ୍ୟ କରିଥିଲେ। ବାଲେଶ୍ୱର ଦର୍ପଣର ନିର୍ଦ୍ଦେଶକ ବ୍ରହ୍ମନାଥ ରଥ ମଞ୍ଚ ପରିଚାଳନା କରିଥିବା ବେଳେ ନାଟ୍ୟକାର ପୀତାମ୍ବର ଦାସ ଶେଷକଥା କରିଥିଲେ। ପରେ ରାଉରକେଲା 'ସମ୍ପର୍କ' ନାଟ୍ୟାନୁଷ୍ଠାନର ନାଟକ ନାଟ୍ୟକାର ପଦ୍ମଶ୍ରୀ ମନୋରଞ୍ଜନ ଦାସଙ୍କ ଲିଖିତ ଓ ଭାସ୍କର ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶିତ ନାଟକ 'ଜନ୍ମମାଟି' ମଞ୍ଚସ୍ଥ ହୋଇଥିଲା। ଏହି ନାଟକରେ ବିଜୟ ପାତ୍ର, ଭାସ୍କର ମହାପାତ୍ର, ସୁରେନ୍ଦ୍ର ପାଢ଼ୀ, ବିବେକାନନ୍ଦ ଦାସ, ପ୍ରଳୟ ଶତପଥୀ, ସୁଦେଷ୍ଣ ରାଉତ, ପୁଷ୍ପା ବିଶୋଇ, ଶକ୍ତି ମିଶ୍ର, ସସ୍ମିତା ବେକ୍, ଶୁଭଶ୍ରୀ ସ୍ୱାଇଁ, ଶ୍ରେୟସି ପ୍ରଧାନ, ପ୍ରତିଥି, କଲ୍ୟାଣୀ, ସତ୍ୟବ୍ରତ ଦାସ ପ୍ରମୁଖଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲା। 'ସ୍ରଷ୍ଟା'ର ଦିବାକର ମହାନ୍ତି, ଗୌରୀ ଶଙ୍କର ସାହାଣୀ, ସମରାଇ କର, ସଂଗ୍ରାମ ମହାନ୍ତି, ରାମ ଚନ୍ଦ୍ର ମହାପାତ୍ର, ସରୋଜ ରାଉତ, ରତିକାନ୍ତ ମଲିକ, ମଦନ ମୋହନ ସାହୁ, ଅଜିତ ପଣ୍ଡା, ପୁଷ୍ପିତା ପାଢ଼ୀ, ଗିରିଜା ଶଙ୍କର କର, ପ୍ରଦୀପ ଶତପଥି, ରଶ୍ମି ରଞ୍ଜନ ଦାସ, ବିଶ୍ୱଜିତ୍ ମହାପାତ୍ର, ମନୋରଞ୍ଜନ ଦାସ, ସ୍ୱାଗତିକା ବାରିକ, ସ୍ୱାତୀ ସ୍ମିତା ଦାସ, ସୁମନା ପରିଡ଼ା, ସ୍ୱାତୀ ପଣ୍ଡା, ଋତୁରାଜ ବାରିକ, ସୌରଜିତ୍ ସାହୁ, ଅନୁଭା ଶତପଥୀ, ସନ୍ତୋଷ କମିଳା ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ଶୋଷଣ, କନଷ୍ଟେବଲ ଗିରଫ

କେନ୍ଦ୍ରାପଡ଼ା,୬।୨(ସମିସ): ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ଦୀର୍ଘଦିନ ଧରି ଶୋଷଣ କରିବା ଅଭିଯୋଗରେ ଜଣେ ପୁଲିସ କନଷ୍ଟେବଲଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା କନଷ୍ଟେବଲ ସ୍ମୃତିରଞ୍ଜନ ଖୁଣ୍ଟିଆ ତନ୍ତିଆପାଳ ଥାନାରେ କାର୍ଯ୍ୟରତ ଥିବା ସୂଚନା ମିଳିଛି। ସେ ପାଟକୁରା ଥାନା ଅଧୀନ ଅରିମୂଳ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି। ଅଭିଯୋଗ ମୁତାବକ, ମାର୍ଶାଘାଇ ଥାନା ଅଧୀନ ହାତିଆ ଗ୍ରାମର ଜଣେ ଯୁବତୀଙ୍କ ସହ ସ୍ମୃତିରଞ୍ଜନଙ୍କର ସୋସିଆଲ ମିଡିଆ ମାଧ୍ୟମରେ ପରିଚୟ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିଥିଲା। କନଷ୍ଟେବଲ ସ୍ମୃତିରଞ୍ଜନ ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବିଭିନ୍ନ ସ୍ଥାନକୁ ନେଇ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଛି। ପରବର୍ତ୍ତୀ ସମୟରେ କନଷ୍ଟେବଲ ବିବାହିତ ଓ ତାଙ୍କର ଦୁଇଟି ସନ୍ତାନ ଥିବା କଥା ଯୁବତୀ ଜାଣିବା ପରେ ସେ ତାଙ୍କଠାରୁ ଦୂରେଇ ଯାଇଥିଲେ। ତେବେ କନଷ୍ଟେବଲ ପୁଣିଥରେ ଯୁବତୀଙ୍କୁ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲେ। ଯୁବତୀ ମନା କରିବାରୁ ସେ ତାଙ୍କୁ ଜୀବନ ମାରିଦେବାକୁ ଧମକ ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏଥିସହିତ ଗତ ୧ ତାରିଖରେ କନଷ୍ଟେବଲ ଓ ତାଙ୍କର ଜଣେ ସାଥୀ ସୁନାଇଲୋ ଅଞ୍ଚଳରେ ପୀଡ଼ିତା ରହୁଥିବା ଭଡ଼ା ଘରକୁ ପହଞ୍ଚି ତାଙ୍କୁ ମାଡ଼ ମାରିବା ସହ ମୋବାଇଲ ଫୋନ ଛଡାଇ ନେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ କାହାକୁ ଜଣାଇଲେ ଜୀବନରୁ ମାରିଦେବା ସହ ଅଶ୍ଳୀଳ ଭିଡିଓ ଭାଇରଲ କରିବାକୁ ଧମକ ଦେଇଥିବା ପୀଡ଼ିତା ଅଭିଯୋଗ କରିଛନ୍ତି। ଏ ନେଇ ପୀଡ଼ିତା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ମାମଲା ରୁଜୁ କରି କନଷ୍ଟେବଲ ସ୍ମୃତିରଞ୍ଜନ ଖୁଣ୍ଟିଆଙ୍କୁ ଗିରଫ କରିଛି। ଘଟଣା ସମ୍ପର୍କରେ ପୁଲିସ ଅଧିକ ତଦନ୍ତ ଚଳାଇଥିବା ସୂଚନା ମିଳିଛି। ଏ ଘଟଣା ସାଧାରଣ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ସୃଷ୍ଟି କରିଥିବାବେଳେ ପୁଲିସ ବିଭାଗ ଛବି ଉପରେ ପ୍ରଶ୍ନ ଉଠାଇଛି।



# ବେଣୀପୁର-ଛୋଟି ବିରୂପା ନଦୀବନ୍ଧ ରାସ୍ତା ଶୋଚନୀୟ

ପଞ୍ଚୁପାଣ୍ଡବ,୬।୨(ସମିସ)



- ବ୍ଲକରୁ ବେଣୀପୁର ଗାଁକୁ ଲକ୍ଷ୍ମୀ ବସ୍ ଯାତାୟାତ ବନ୍ଦ
- ରାସ୍ତା ମରାମତିକୁ ଦୁଇମାସ ଗଲାନି

ଡେରାବିଶ ବ୍ଲକ୍ ବେଣୀପୁର-ଛୋଟି ବିରୂପା ନଦୀବନ୍ଧ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଫଳରେ ବ୍ଲକ୍‌ରୁ ବେଣୀପୁର ଗାଁକୁ ଲକ୍ଷ୍ମୀ ବସ୍ ଚଳାଚଳ ବନ୍ଦ ହୋଇଯାଇଛି। ଲକ୍ଷ୍ମୀ ବସ୍ ଚଳାଚଳ ପାଇଁ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଦାବି କରିଥିଲେ। ଏଥିପାଇଁ ପ୍ରଶାସନ ପକ୍ଷରୁ କିଛିଦିନ ତଳେ ଲକ୍ଷ୍ମୀ ବସ୍ ଯାତାୟାତ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ତେବେ ରାସ୍ତାର ଅବସ୍ଥା ମରଣଯନ୍ତା ପାଲଟିଥିବାରୁ ମାତ୍ର ପାଞ୍ଚ ଦିନ ଧରି ଚାଲିବା ପରେ ପୁଣି ବସ୍ ବନ୍ଦ ହୋଇଥିବା ଅଭିଯୋଗ ହେଉଛି।

ଉକ୍ତ ରାସ୍ତା ମରାମତିକୁ ଦୁଇ ମାସ ପୂରିନି, ଗୋଡ଼ି ଉଠି ଏଣେତେଣେ ହୋଇ ପଡ଼ି ରହି ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏହି ରାସ୍ତା ଦୀର୍ଘଦିନ ଧରି ମରଣଯନ୍ତା ପାଲଟିଥିଲା। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ ଓ 'ସକାଳ' ଖବରକାଗଜରେ ବାରମ୍ବାର ଖବର ପ୍ରସାରିତ ହେବା ପରେ ପ୍ରଶାସନ ପକ୍ଷରୁ ରାସ୍ତାକୁ ତିନି ମାସ ତଳେ ମରାମତି କରାଯାଇଥିଲା। ବେଣୀପୁର ଲକ୍ ପୋଲରୁ ଆରମ୍ଭ କରି ଇନ୍ଦୁପୁର ପର୍ଯ୍ୟନ୍ତ ଏହି ରାସ୍ତାକୁ ଆରଡି ବିଭାଗ ପକ୍ଷରୁ ମରାମତି ହୋଇଥିଲା। ଦୁଇ ମାସ ପରେ ଏହି ରାସ୍ତା ପୁଣି ମରଣଯନ୍ତା ପାଲଟିଥିବା ଅଭିଯୋଗ ହେଉଛି। ରାସ୍ତାରୁ ମେଟାଲ ଉଠି ଏଣେ ତେଣେ ପଡି ରହିଥିବା ଦେଖିବାକୁ ମିଳୁଛି। ଏହି ରାସ୍ତାରେ ଯାନବାହନ ଚଳାଚଳ ବେଳେ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାର ଗୋଟିଏ ପଟେ ଯିବାକୁ ହେଲେ ବେଣୀପୁରରୁ ଇନ୍ଦୁପୁର ଓ ଆର ପଟକୁ ଗଲେ ଇନ୍ଦୁପୁରରୁ ବାଲିଚନ୍ଦ୍ରପୁରକୁ ଶହ ଶହ ଗାଡ଼ି ଚଳାଚଳ କରୁଛି। ଏହି ରାସ୍ତାରେ ଚାରିଚକିଆ ଗାଡ଼ି ସହ ବସ୍ କଟକ ଓ ଭୁବନେଶ୍ୱର ଯିବା ଆସିବା କରୁଥିବାବେଳେ କେନ୍ଦ୍ରାପଡ଼ାକୁ ସ୍କୁଲ, କଲେଜ, ଡାକ୍ତରଖାନା ଓ ବିଭିନ୍ନ ମନ୍ଦିରକୁ ଲୋକେ ଯାତାୟାତ କରୁଛନ୍ତି। ରାସ୍ତାଟି ଜଳ ସମ୍ପଦ ବିଭାଗ ଅଧୀନରେ ଥିବାରୁ ଆର୍ ଆଣ୍ଡ ବି ପକ୍ଷରୁ ରାସ୍ତା କାମ ହେବା ଜଣାପଡ଼ିଛି। କିନ୍ତୁ ଏହି ବିଭାଗ ରାସ୍ତାର କାମ ବିଳମ୍ବ କରୁଥିବାରୁ ଯିବା ଆସିବା କରିବାକୁ ଲୋକେ ବିଭିନ୍ନ ସମସ୍ୟାରେ ପଡ଼ିଛନ୍ତି। ଏହାର ତଦନ୍ତ କରାଯାଇ ଶୀଘ୍ର ରାସ୍ତା ମରାମତି କରିବା ସହ ଲକ୍ଷ୍ମୀ ବସ୍ ବେଣୀପୁର ଗାଁକୁ ଯାତାୟାତ କରିବା ପାଇଁ ଛୋଟି, ବେଣୀପୁର ଓ ମଙ୍ଗଳପୁର ପଞ୍ଚାୟତର ଲୋକେ ଦାବି କରିଛନ୍ତି।

# ନଦୀ କୂଳରୁ ଅତଡ଼ା ଧସିଲା

ମହାକାଳପଡ଼ା,୬।୨(ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ କଂସାର ବଡ଼ଦାଣ୍ଡିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଂସାର ଗ୍ରାମର ନଦୀକୂଳରୁ ଅତଡ଼ା ଧସିଛି। ବିଜୟନଗରଠାରୁ ବଗଗହଣ ଯାଏଁ ନଦୀ କୂଳର ସୁରକ୍ଷା ପାଇଁ ଲୁଣାନଦୀ ତଟବନ୍ଧ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟରେ ପଥର ବିଛା କାର୍ଯ୍ୟ ଚାଲିଛି। ଛୋଟ ଛୋଟ ପଥରରେ କାମ ହେଉଥିବାରୁ ଜଳସ୍ରୋତରେ ପଥର ଭାସି ଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ଫଳରେ ନଦୀକୂଳରୁ ଅତଡ଼ା ଧସିଛି। ଏମିତି ଘଟଣା କଂସାର ନଦୀବନ୍ଧ ନିକଟରେ ଦେଖିବାକୁ ମିଳିଛି। ଶହେ ମିଟର ଭଳି ନଦୀ ଅତଡ଼ା ଧସିପଡିଥିବା ଦେଖିବାକୁ ମିଳିଛି। ଛୋଟ ଛୋଟ ପଥରରେ ପଥର ବିଛା କାମ କରିବାକୁ ନେଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଘଟଣାରେ ପ୍ରଶାସନ ପକ୍ଷରୁ କ'ଣ ପଦକ୍ଷେପ ଗ୍ରହଣ କରାଯାଉଛି, ତାହା ଦେଖିବାକୁ ବାକି ରହିଲା।



# ନାଟ୍ୟକାର ଦୀପକ ଜେନାଙ୍କୁ ସମ୍ବର୍ଦ୍ଧନା

ରାଜକନିକା,୬।୨(ସମିସ): ସାରା ଓଡ଼ିଶାରେ ନିଜର ନାଟ୍ୟ ରଚନା ପାଇଁ ସୁନାମ ଆଣିଥିବା ନାଟ୍ୟକାର ଦୀପକ କୁମାର ଜେନାଙ୍କୁ କନିକାର ବଜରପୁରର ବଳି-ବାସୁଳି ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଚଳିତ ବର୍ଷ ଦେବୀ ମାନବ ବିବାହର ୪ ଦିନିଆ ଗଣପର୍ବର ଗତକାଲି ଶେଷ ସାଂସ୍କୃତିକ ସନ୍ଧ୍ୟାରେ ନାଟ୍ୟକାର ଦୀପକଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ତେବେ ଅଲୌକିକ ପରମ୍ପରାରେ ସମୃଦ୍ଧ କନିକାର ଏହି ଗଣପର୍ବରେ ନିଜକୁ ସାମିଲ କରି ନାଟ୍ୟକାର ଦୀପକ ବେଶ ଭାବବିହ୍ୱଳ ହୋଇଥିଲେ। ଯାଜପୁର ଜିଲ୍ଲା ବରୁଣେଶ୍ୱର କଲେଜର ଓଡ଼ିଆ ଅଧ୍ୟାପକ ଥିବା ଦୀପକ ଜଣେ ସଫଳ ଓ ସୁନାମଧନ୍ୟ ନାଟ୍ୟକାର ଭାବେ ଏଯାବତ ୧୧୬ଟି ଯାତ୍ରା ନାଟକ, ୧୮ ଟି ଫିଲ୍ମରେ ସଂଳାପ ରଚନା କରିବା ସହ ଲିମକା ବୁକ ଅଫ୍ ରେକର୍ଡରେ ନିଜ କୃତିତ୍ୱକୁ ସାମିଲ କରିବାକୁ ଯାଉଛନ୍ତି। ଦୂରଦର୍ଶନ ସହ ବିଭିନ୍ନ କ୍ଷୁଦ୍ର ନାଟିକା ରଚନା କରିବାରେ ମସଗୁଲ ରହିଥିବା ଦୀପକଙ୍କ ଚଳିତ ଯାତ୍ରା ଋତୁରେ ୧୮ ନାଟକ ପରିବେଷଣ ହେଉଥିବାବେଳେ ଆଗାମୀ ସିଜିନ ପାଇଁ ୮ ଟି ନାଟକ ପ୍ରସ୍ତୁତ ସରିଥିବା ସେ ପ୍ରକାଶ କରିଛନ୍ତି। ଚଳିତ ଯାତ୍ରାରେ ତୁ ମୋ ବଜରଙ୍ଗୀ, ନ'ଙ୍କ ଦୁର୍ଭିକ୍ଷ, ଜାନୁଆର, ହାଇଦର, ଲେଡି ଗ୍ୟାଙ୍ଗଷ୍ଟାର, ତୁ ମୋ ଭାଗ୍ୟରେ ନାହୁଁ ଭଳି ହିଟ ନାଟକ ଭେଟି ଦେଇଥିବା ନାଟ୍ୟକାରଙ୍କୁ ପୂଜକ ରାଜକିଶୋର ଦାଶ ସମ୍ବର୍ଦ୍ଧିତ କରିଥିଲେ।



# ୨୦୨୭ ଜନଗଣନା ପାଇଁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର



କେନ୍ଦ୍ରାପଡ଼ା,୬।୨(ସମିସ): ଆସନ୍ତା ୨୦୨୭ର ପ୍ରଥମ ପର୍ଯ୍ୟାୟ ଜନଗଣନାକୁ ସୁଚାରୁରୂପେ ସମ୍ପାଦନ କରିବା ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲାରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଜନଗଣନା ସମ୍ପର୍କିତ ଅଧିକାରୀଙ୍କୁ ନେଇ ସମୀକ୍ଷା ସହ ପ୍ରଶିକ୍ଷଣ ଦିଆଯାଇଥିଲା। ୨୦୧୧ ପରେ ପ୍ରାୟ ୧୫ ବର୍ଷ ବ୍ୟବଧାନରେ ଦେଶବ୍ୟାପୀ ଜନଗଣନା ହେବାକୁ ଯାଉଥିବାରୁ ଏହାର ଗୁରୁତ୍ୱ ଅଧିକ ବଢ଼ିଛି। ଏହି ପ୍ରଶିକ୍ଷଣ ଶିବିରରେ ଅଧ୍ୟକ୍ଷତା କରିଥିବା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲିକ ଜନଗଣନା କାର୍ଯ୍ୟକୁ ସଠିକ ଓ ଦାୟିତ୍ୱବାନ ଭାବେ ସମ୍ପାଦନ କରିବାକୁ ସମସ୍ତ ଅଧିକାରୀଙ୍କୁ ଆହ୍ୱାନ ଜଣାଇଥିଲେ। ସଠିକ ତଥ୍ୟ ସଂଗ୍ରହ ଦ୍ୱାରା ସରକାରୀ ଯୋଜନା ଓ ନୀତି ନିର୍ଦ୍ଧାରଣରେ ଜନଗଣନାର ମହତ୍ତ୍ୱ ଅତ୍ୟନ୍ତ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ପ୍ରଶିକ୍ଷଣ ଶିବିରରେ ଜନଗଣନା ପ୍ରକ୍ରିୟା, ତଥ୍ୟ ସଂଗ୍ରହ ପ୍ରଣାଳୀ, ତଥ୍ୟର ସଠିକତା ଓ କାର୍ଯ୍ୟ ନିଷ୍ପାଦନ ସମୟରେ ଅନୁସରଣୀୟ ନିୟମାବଳୀ ସମ୍ପର୍କରେ ଅଧିକାରୀଙ୍କୁ ବିସ୍ତୃତ ଅବଗତ କରାଯାଇଥିଲା। ଜନଗଣନା ସମୟରେ ଲୋକଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ ସଫଳ କରିବାକୁ ମଧ୍ୟ ଜୋର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଡିଡି ପ୍ଲାନିଂ ଆରତୀ ନାୟକ, କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାସଙ୍କ ସମେତ ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ଓ ଡେପୁଟି କଲେକ୍ଟର ଉପସ୍ଥିତ ଥିଲେ। ଜନଗଣନା ପ୍ରକ୍ରିୟାକୁ ସୁଚାରୁ ଓ ସ୍ୱଚ୍ଛ ଭାବେ ସମ୍ପାଦନ କରିବା ପାଇଁ ଏହି ପ୍ରଶିକ୍ଷଣ ଶିବିର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ପ୍ରଶାସନ ପକ୍ଷରୁ ଆଶା ବ୍ୟକ୍ତ କରାଯାଇଛି।

# କେନ୍ଦ୍ରୀୟ ପଣ୍ୟାଗାରରେ ଅଗ୍ନିକାଣ୍ଡ

ମହାକାଳପଡ଼ା,୬।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ଅଧୀନସ୍ଥ ମସାକଣି ପଡିଆରେ ଅବସ୍ଥିତ କେନ୍ଦ୍ରୀୟ ପଣ୍ୟାଗାରରେ ଆଜି ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ପଣ୍ୟାଗାର ଭିତରେ ସଞ୍ଚିତ ସିଡ୍ ଅଏଲ୍‌ରେ ହଠାତ୍ ନିଆଁ ଲାଗିବାରୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଗ୍ନିକାଣ୍ଡ ପରେ ପଣ୍ୟାଗାର ମଧ୍ୟରୁ ଘନ ଓ ବିଷାକ୍ତ ଧୂଆଁ ବାହାରିଥିବାରୁ ଆଖପାଖ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା। ଧୂଆଁର ପ୍ରଭାବରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ତୁରନ୍ତ ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ପହଞ୍ଚି ନିଆଁ ଲିଭା କାର୍ଯ୍ୟ ଆରମ୍ଭ କରିଥିଲେ। ଅଗ୍ନିଶମ କର୍ମଚାରୀ ଦୀର୍ଘ ସମୟ ଧରି ପ୍ରୟାସ କରି ନିଆଁକୁ ନିୟନ୍ତ୍ରଣ କରିଥିଲେ। ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ଏପର୍ଯ୍ୟନ୍ତ ସ୍ପଷ୍ଟ ତଥ୍ୟ ମିଳି ନ ଥିବାବେଳେ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଏହି ଅଗ୍ନିକାଣ୍ଡରେ କେତେ ପରିମାଣର ସମ୍ପତ୍ତି କ୍ଷତି ହୋଇଛି, ତାହାର ଆକଳନ କରାଯାଇନାହିଁ।



# ଶିକ୍ଷାବିତ୍ ଧରଣୀଧର ନାୟକଙ୍କ ସ୍ମୃତିଚାରଣ ସଭା

ଗୋବିନ୍ଦପୁର, ୬।୨(ସମିସ): ସୁନ୍ଦରପୁର ଗ୍ରାମର ଶିକ୍ଷାବିତ୍ ଧରଣୀଧର ନାୟକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛଇ। ଶିକ୍ଷାବିତ୍ ଗଦାଧର ପଢ଼ିହାରୀଙ୍କ ଅଧ୍ୟକ୍ଷତାରେ ତାଙ୍କ ସୁନ୍ଦରପୁର ବାସଭବନରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ବିଷ୍ଣୁଚରଣ ସାହାଣୀ, ଖରସ୍ରୋତା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବ୍ରଜକିଶୋର ସାହୁ, ସରପଞ୍ଚ ସୁଚିତ୍ରା ମଲ୍ଲିକ, ସରପଞ୍ଚ ଅଟଳ ବିହାରୀ ନାୟକ, ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁଚରଣ ସୂତାର, ନିରଞ୍ଜନ ବେହେରା, ସମିତି ସଭ୍ୟ ସନ୍ତୋଷ ବେହୁରିଆ, ଶିକ୍ଷାବିତ୍ ପୁରୁଷୋତ୍ତମ ରଥ, ଆଡଭୋକେଟ ଅଜାମ୍ବର ମଲ୍ଲିକ, ପ୍ରାକ୍ତନ ଅଧ୍ୟକ୍ଷ ଡ. ବିଜୟ ନାୟକ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ପୂର୍ବତନ ପ୍ରଧାନଶିକ୍ଷକ ସାଧୁଚରଣ ସାମଲ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏ ଅବସରରେ ଧରଣୀଧର ନାୟକ ସ୍ମୃତି ସମ୍ମାନ ପାଞ୍ଚଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିଲା। ପଣ୍ଡିତ ବନମାଳୀ ପତି ବେଦ ପାଠ କରିଥିଲେ।

# ପଟ୍ଟାମୁଣ୍ଡାଇ କଲେଜରେ ପଦାର୍ଥ ବିଜ୍ଞାନ ଆଲୋଚନାଚକ୍ର



ପଟ୍ଟାମୁଣ୍ଡାଇ,୬।୨(ସମିସ): ପଟ୍ଟାମୁଣ୍ଡାଇ କଲେଜ ଓ କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜ ମିଳିତ ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ କଲେଜରେ 'ପ୍ରୟୋଗାତ୍ମକ ପଦାର୍ଥ ବିଜ୍ଞାନ ଓ ଏହାର ସାମାଜିକ ଗୁରୁତ୍ୱ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ନାନୋ ଟେକ୍ନୋଲୋଜି ମ୍ୟାଟେରିଆଲ ରିସର୍ଚ୍ଚ କ୍ଷେତ୍ରରେ ଭାରତର ସୁପ୍ରସିଦ୍ଧ ବୈଜ୍ଞାନିକ ଇନଷ୍ଟିଚ୍ୟୁଟ ଅଫ ଫିଜିକ୍ସର ଅଧ୍ୟକ୍ଷ ପ୍ରଫେସର ଡ କରୁଣାକର ନନ୍ଦ, ବୈଜ୍ଞାନିକ ଡ କ୍ଷୀରୋଦ ପାତ୍ର ଓ ବୈଜ୍ଞାନିକ ଡ ମୃତ୍ୟୁଞ୍ଜୟ ଭୂୟାଁ ରିସୋର୍ସ ପର୍ସନ ଭାବେ ଯୋଗଦେଇ ବିଷୟଭିତ୍ତିକ ତାତ୍ତ୍ୱିକ ଆଲୋଚନା କରିଥିଲେ। ଅଧ୍ୟକ୍ଷ ପ୍ରଫେସର ପାତ୍ର ସ୍ୱାଗତ ଭାଷଣ, ଆଲୋଚନାଚକ୍ରର ଆବାହକ ପଟ୍ଟାମୁଣ୍ଡାଇ କଲେଜ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ ରମେଶ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହଆବାହକ କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପୁହାଣ ସନ୍ଦର୍ଭ ପାଠ କରିଥିଲେ। କଲେଜ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ସୁଭାଶିଷ ମିଶ୍ର ଆଲୋଚନାଚକ୍ରର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଏହି ଆଲୋଚନାଚକ୍ରରେ ପ୍ରାଧ୍ୟାପକ ପ୍ରଶାନ୍ତ ଧଳ, ଅଧ୍ୟାପକ ରାକେଶ ପ୍ରଧାନ, ଦୋଳଗୋବିନ୍ଦ ଚୌଧୁରୀ, ଡ. ଅଟଳ ବିହାରୀ ପଣ୍ଡା, ଚିତ୍ତରଞ୍ଜନ ସ୍ୱାଇଁ, ବିଭୁପଦ ରାୟ, ବ୍ରହ୍ମାନନ୍ଦ ସେଠୀ, ପ୍ରଦୋଷ ପାଣି, ଅଧ୍ୟାପିକା ମୋନାଲିସା ଖଟୁଆ, ମଧୁସ୍ମିତା ରାଉତ, ଅଲିଭା ପାଣିଗ୍ରାହୀ, ସ୍ନିଗ୍ଧା ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ମାର୍ଶାଘାଇ କଲେଜ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଡ. ପ୍ରଭାତ ରଞ୍ଜନ ଲେଙ୍କା ଧନ୍ୟବାଦ ଦେଇଥିଲେ। ଏ ଅବସରରେ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ କଲେଜର ପଦାର୍ଥ ବିଜ୍ଞାନ ବିଭାଗ ପୂର୍ବତନ ମୁଖ୍ୟ ପ୍ରାଧ୍ୟାପକ ରାମଚନ୍ଦ୍ର ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା।

# ଥାନା ସମ୍ମୁଖ ସଫା କଲେ ଥାନାବାବୁ



ମହାକାଳପଡ଼ା, ୬।୨(ସମିସ): ମହାକାଳପଡ଼ା ଥାନା ଏଏସଆଇ ଦଶରଥ ମହାରଣା ଥାନା ସମ୍ମୁଖରେ ସଫେଇ କାର୍ଯ୍ୟ କରିଛନ୍ତି। ଥାନା ଆଗରେ ଜରି, କାଗଜ ଆଦି ଅଳିଆ ପଡିଥିବା ଦେଖି ସେ ନିଜେ ଝାଡୁ ଧରି ଅଳିଆ ସଫା କରିଥିବା ଆଜି ଦେଖିବାକୁ ମିଳିଛି। ଥାନା କାମ ବ୍ୟତୀତ ସ୍ୱଚ୍ଛତା ପ୍ରତି ମହାରଣା ବାବୁଙ୍କ ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି। ଦଶରଥ ମହାରଣା ଜଣେ କର୍ତ୍ତବ୍ୟନିଷ୍ଠ ଓ ଦାୟିତ୍ୱବାନ ପୁଲିସ ଅଫିସର ଭାବେ ଥାନା ଅଞ୍ଚଳରେ ବେଶ୍ ଜଣାଶୁଣା।

# ବ୍ରଜବନ୍ଧୁ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

ଡେରାବିଶ, ୬।୨(ସମିସ): କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବଣହରା ଗ୍ରାମର ବ୍ରଜବନ୍ଧୁ ମିଶ୍ରଙ୍କ ଦ୍ୱାଦଶାହ ଅବସରରେ ସ୍ମୃତିଚାରାଣ ସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ କର୍ମଚାରୀ ସଂଘର ବରିଷ୍ଠ ସଦସ୍ୟ ନିରଞ୍ଜନ ସ୍ୱାଇଁଙ୍କ ସଭାପତିତ୍ୱ ଓ ମଦନମୋହନ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତ ମିଶ୍ରଙ୍କ ପରିବାରର ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଜଣାଇଥିଲେ। ସ୍ୱର୍ଗତ ମିଶ୍ରଙ୍କ ସହପାଠୀ ରମେଶ ପତି, ପୁରୁଷୋତ୍ତମ ସ୍ୱାଇଁ, ଶ୍ରୀଧର ମହାରଣା, ପ୍ରମୋଦ ସାହୁ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅଶ୍ୱିନୀ ମିଶ୍ର, ରବିନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ସ୍ୱାଇଁ, ଉତ୍ତମ ପ୍ରଧାନ, ସମାଜସେବୀ ରାଜେଶ ପଣ୍ଡା, ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

# କରିମୂଳ ବିଦ୍ୟାଳୟର କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ

ଡେରାବିଶ,୬।୨(ସମିସ): ଖମୋଳ ପଞ୍ଚାୟତ ଅନ୍ତର୍ଗତ କରିମୂଳ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷାବିତ୍ ସଚ୍ଚିକାନ୍ତ ତ୍ରିପାଠୀ ସଭାପତିତ୍ୱ କରିଥିବାବେଳେ ଅବସରପ୍ରାପ୍ତ ସିଆରସିସି ଲଲାଟେନ୍ଦୁ ଭୂୟାଁ ମୁଖ୍ୟଅତିଥି, ବ୍ଲକ୍ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ମୁଖ୍ୟବକ୍ତା, ବ୍ଲକ୍ ସହକାରୀ ଶିକ୍ଷାଧିକାରୀ ସଚ୍ଚିକାନ୍ତ ମିଶ୍ର, ବିଆରସିସି ଦେବଦତ୍ତ ଶତପଥୀ, ସରପଞ୍ଚ ତୃପ୍ତିମୟୀ କର, ସମିତିସଭ୍ୟା ଅକ୍ଷୟ ନାୟକ, ଖଗେଶ୍ୱର ନାଥ, ଶରତ ଆଚାର୍ଯ୍ୟ ଓ ପ୍ରକାଶ ଚନ୍ଦ୍ର ରାଉତ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ କନକଲତା ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରମୋଦ ମଲ୍ଲ ସଭା ସଂଯୋଜନା କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ଅର୍ଚ୍ଚନା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚଳନା କମିଟି ସଭାପତି ସୁବୋଧ ସ୍ୱାଇଁ, ୱାର୍ଡ ସଭ୍ୟ ଅହଲ୍ୟା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା।

# ବର୍ଷିଆନ ନେତାଙ୍କୁ ପଟ୍ଟାମୁଣ୍ଡାଇରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



ପଟ୍ଟାମୁଣ୍ଡାଇ,୬।୨(ସମିସ): ରାଜନଗର ନିର୍ବାଚନମଣ୍ଡଳୀର ବର୍ଷିଆନ ନେତା ବିଧାୟକ ପ୍ରାର୍ଥୀ, କୃଷି ଶିଳ୍ପ ନିଗମ ପ୍ରାକ୍ତନ ଅଧ୍ୟକ୍ଷ ତଥା ରାଜନଗର ବ୍ଲକର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କୃତ୍ତିବାସ ପାତ୍ରଙ୍କ ଆଜି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ କିଶୋର ତରାଇ, ଅଲେଖ ଜେନା, ଅଂଶୁମାନ ମହାନ୍ତି, ରାଜନଗର ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରା, ବରିଷ୍ଠ ନେତା ଡା. ବାସୁଦେବ ପାତ୍ର, ବର୍ଷିଆନ ନେତା ନୃସିଂହ ଆଚାର୍ଯ୍ୟ, ବିଜୟ କେତନ ସ୍ୱାଇଁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ଭୁବନେଶ୍ୱରରୁ ତାଙ୍କ ମରଶରୀର ରାଜନଗର ଅଭିମୁଖେ ଯିବାବେଳେ ପଟ୍ଟାମୁଣ୍ଡାଇର ବିଭିନ୍ନ ସ୍ଥାନରେ ଦିବଂଗତ ନେତା କୃତ୍ତିବାସ ପାତ୍ରଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ମେଡିକାଲ ଛକରେ ରାଜନଗର ବିଧାୟକ ଧ୍ରୁବ ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ରାଜ୍ୟ ମହିଳା ବିଜେଡି ଉପସଭାପତି ରିଜୱାନା ବେଗମ, ରାଜ୍ୟ ବିଜେଡି ସମ୍ପାଦକ ରାଜେଶ ପଣ୍ଡା, ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢା ଲେଙ୍କା, କାଉନସିଲର ପ୍ରଶାନ୍ତ ବାରିକ, ରାଧାରମଣ ଆଇଟିଆଇ ନିର୍ଦ୍ଦେଶକ ନିରଞ୍ଜନ ପଟ୍ଟନାୟକ, ସଂଖ୍ୟାଲଘୁ ସଂଗଠକ ଏମଡି ପପୁ, ରାଜ୍ୟ ବିଜେଡି ସମ୍ପାଦକ ବୈବ୍ରତ ବିଶ୍ୱାଳ, ୧୩ନଂ କାଉନସିଲର ପ୍ରତିନିଧି ନିରାକାର ସାହୁ, ବାଇପାସ ଛକଠାରେ ରାଜନଗର ବ୍ଲକ ପୂର୍ବତନ ଅଧ୍ୟକ୍ଷ ସୁରେନ୍ଦ୍ର ରାଉତ, ପଟ୍ଟାମୁଣ୍ଡାଇ ବ୍ଲକ ପୂର୍ବତନ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ, ବରିଷ୍ଠ ବିଜେପି ନେତା ମିଟୁ ମନୋଜ ନାୟକ, ଆଡ଼ଭୋକେଟ ଶିଶିର ମଲିକ, ଯୁବ ନେତା ପରେଶ ସାହୁ, ଜିଲ୍ଲା କଂଗ୍ରେସ ଉପସଭାପତି ସତ୍ୟପ୍ରିୟ ସାମଲ, ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ପ୍ରକାଶ ମହାନ୍ତି, ପୂର୍ବତନ ସଭାପତି ଧନେଶ୍ୱର ଦାସ, ରାଜନଗର ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ରାଉତ, ବସଷ୍ଟାଣ୍ଡ ଛକରେ ବରିଷ୍ଠ ନେତା ଶତ୍ରୁଘ୍ନ ପାତ୍ର, ଆଡ଼ଭୋକେଟ ବିଜ୍ଞାନ ଜେନା, ନିମାଇଁ ରଣା, ୨୦ନଂ କାଉନସିଲର ପ୍ରତିନିଧି ପ୍ରଭାତ ମଲିକ ପ୍ରମୁଖ ଶବାଧାରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ବରିଷ୍ଠ ରାଜନେତା କୃତ୍ତିବାସ ପାତ୍ରଙ୍କ ପରଲୋକ

ରାଜନଗର, ୬।୨(ସମିସ)




ବର୍ଷିଆନ ସଂଗ୍ରାମୀ ତଥା ବିଜେଡି ନେତା କୃତ୍ତିବାସ ପାତ୍ରଙ୍କ ପରଲୋକ ହୋଇଯାଇଛି। ଆଜି ସକାଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ୮୧ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଛି। ତାଙ୍କ ମୃତ୍ୟୁ ଖବର ସମଗ୍ର ରାଜନଗରରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ସ୍ୱର୍ଗତ ପାତ୍ର ୧୯୮୫ରେ ରାଜନଗର ପଞ୍ଚାୟତ ସମିତିର ଅଧ୍ୟକ୍ଷ ହୋଇଥିଲେ। ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସହ ସାକ୍ଷାତ ପରେ କଂଗ୍ରେସରେ ଯୋଗ ଦେଇଥିଲେ। ୧୯୯୫ରେ କଂଗ୍ରେସ ଟିକେଟ ଓ ୨୦୦୪ରେ ବିଜେଡି ଟିକେଟରେ ରାଜନଗର ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରାସ୍ତ ହୋଇଥିଲେ। ଦୁଇଥର ନଳିନୀକାନ୍ତ ମହାନ୍ତିଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୨୦୦୪ରୁ ୨୦୦୯ ଯାଏଁ ଫିସଫେଡର ଅଧ୍ୟକ୍ଷ, ୨୦୦୯ରେ ଆଗ୍ରୋ ଏଣ୍ଡଷ୍ଟ୍ରି କର୍ପୋରେସନର ଅଧ୍ୟକ୍ଷ, ୨୦୧୮ରେ ଆପିକଲ ଅଧ୍ୟକ୍ଷ, ୨୦୨୧ରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିଲେ। ୨୦୧୦ରେ କେନ୍ଦ୍ରାପଡା ଜିଲ୍ଲା ବିଜେଡି ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଆଜି ତାଙ୍କର ମରଶରୀରକୁ ଶଙ୍ଖ ଭବନକୁ ଅଣାଯାଇଥିଲା। ସେଠାରେ ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା , ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ଅଶୋକ ପଣ୍ଡା, ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଅଲେଖ କୁମାର ଜେନା, କିଶୋର ଚନ୍ଦ୍ର ତରାଇ, ଯୁବନେତା ରାଜେଶ କୁମାର ପଣ୍ଡା, ବୈବର୍ତ୍ତ ବିଶ୍ୱାଳ ପ୍ରମୁଖ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ମରଶରୀରକୁ ଶଙ୍ଖ ଭବନରୁ କେନ୍ଦ୍ରାପଡା ଜିଲ୍ଲା ବିଜେଡି କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଳ, ଯୁବ ବିଜେଡି ସଭାପତି ରାଜେଶ ଦାସଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। କେନ୍ଦ୍ରାପଡାରେ ସମାଜସେବୀ ଗନ୍ଧର୍ବ ନାୟକ, ପଟ୍ଟାମୁଣ୍ଡାଇରେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ମ୍ୟୁନସିପାଲିଟି ଅଧ୍ୟକ୍ଷ ହେମନ୍ତ ସାହୁ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ ରାଜନଗର ପଞ୍ଚାୟତ ସମିତିକୁ ଅଣାଯାଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର, ଉପଧ୍ୟକ୍ଷ ଗଣେଶ ଗୁଡିଆ, ବିଡିଓ ତିଳୋତ୍ତମା ପୃଷ୍ଟି ପ୍ରମୁଖ ଶେଷ ଦର୍ଶନ କରିଥିଲେ। ସରପଞ୍ଚ ଅଶୋକ ମହାନ୍ତି, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ସରପଞ୍ଚ ଶୈଳେନ୍ଦ୍ର ମିଶ୍ର, ଚିତ୍ତରଞ୍ଜନ ପଣ୍ଡା, ଆଇନଜୀବୀ ନଳିନୀକାନ୍ତ ମଙ୍ଗରାଜ, ବରିଷ୍ଠ ନେତା ବିଜୟ ନାୟକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ମରଶରୀରକୁ ରାଜନଗର ବଜାର ପରିକ୍ରମା କରାଯିବ ପରେ ସାନବଡଗୋପାଳପୁର, ଭଟପଡା, ଖଣ୍ଡେଇପଡା, ଫିରିକିଦାଣ୍ଡି, ଟାଙ୍ଗଣଡେିଳା ଗାଁ ପରିକ୍ରମା କରାଯାଇ ତାଙ୍କର ଜନ୍ମମାଟି ମଧ୍ୟପଡା ଗାଁକୁ ନିଆଯାଇଥିଲା। ବାଟରେ ରାଜନଗରବାସୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ନିଜ ବାଡିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଦେବାଶିଷ ପାତ୍ର ଓ ଝିଅଜ୍ୱାଇଁ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ।

ଶ୍ରୀକ୍ଷେତ୍ର ସିଟି

୬/୨/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୮,୦୫,୮୪୦/- ସୁନା:୦୮.୪୦୦ ଗ୍ରାମ୍ ରୁପା: ୦୮.୦୦୦ ଗ୍ରାମ୍



● ବିଏମ୍ଏସ୍‌ର ଅଖିଳ ଭାରତୀୟ ସମ୍ମିଳନୀ ଉଦ୍‌ଘାଟିତ

# ଭାରତୀୟ ସଂସ୍କୃତିରେ ଶ୍ରମର ସର୍ବୋଚ୍ଚ ମର୍ଯ୍ୟାଦା ରହିଛି

ପୁରୀ,୬।୨(ସମିସ): ପ୍ରଯୁକ୍ତି ବିଦ୍ୟା ଓ ଦକ୍ଷତା ବିକାଶ ଦ୍ୱାରା ଶ୍ରମିକଙ୍କର କଲ୍ୟାଣ ହେବ। ଏଥିସହିତ ଦେଶର ଭବିଷ୍ୟତ ଅଭିବୃଦ୍ଧିକୁ ସଶକ୍ତ କରିବାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶୁକ୍ରବାର ବଗଲା ଧର୍ମଶାଳା ପରିସରରେ ଭାରତୀୟ ମଜଦୁର ସଂଘ (ବିଏମ୍ଏସ୍)ର ୨୧ ତମ ତ୍ରିବାର୍ଷିକ ଜାତୀୟ ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଭାରତୀୟ ସଂସ୍କୃତିରେ ଶ୍ରମର ସର୍ବୋଚ୍ଚ ମର୍ଯ୍ୟାଦା ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ୍ପରାର ଉଦାହରଣ ଦେଇ ସେ କହିଥିଲେ, କୌଣସି କାମକୁ ଛୋଟ କିମ୍ବା ବଡ଼ ବୋଲି ବିବେଚନା କରାଯାଏ ନାହିଁ। କାରଣ ଏହି ଦର୍ଶନ ଶ୍ରମ ସମ୍ପର୍କ ଏବଂ ନୀତି ନିର୍ଦ୍ଧାରଣକୁ ମାର୍ଗଦର୍ଶନ କରେ। କୃତ୍ରିମ ବୁଦ୍ଧିମତ୍ତା, ସ୍ୱୟଂଚାଳିତତା ଏବଂ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଭଳି ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା ଶ୍ରମ ବଜାରକୁ ପରିବର୍ତ୍ତନ କରୁଛି। ଏହି ସବୁ ଟେକ୍‌ନୋଲୋଜି ସହ ଅପ୍‌ଡେଟ ରହିବା ପାଇଁ ଶ୍ରମିକମାନଙ୍କୁ ପୁନଃଦକ୍ଷ ଏବଂ ଉନ୍ନତ କରିବା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ଏବଂ ଶିଳ୍ପ ଆବଶ୍ୟକତା ବିଷୟରେ କହି ପ୍ରଧାନମନ୍ତ୍ରୀଙ୍କ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ।



ଏବେ ରାଜ୍ୟରେ ଶିଳ୍ପକୁ ଯଥେଷ୍ଟ ପ୍ରୋତ୍ସାହନ ମିଳୁଛି। ବିଗତ ୨୦ ମାସ ମଧ୍ୟରେ ୨.୫ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ ହୋଇଛି ଏବଂ ଆଗାମୀ ବର୍ଷଗୁଡ଼ିକରେ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ବିନିଯୋଗ ଆଶା କରାଯାଉଛି। ଶ୍ରମ ସଂସ୍କାର ଉପରେ ମଧ ଆଲୋକପାତ କରି କହିଥିଲେ ଯେ, ପୁରୁଣା ଶ୍ରମ ଆଇନକୁ ବଦଳାଇଥିବା ୪ଟି ଶ୍ରମ ସଂହିତା ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ ସୁବିଧା ଏବଂ ଶ୍ରମିକମାନଙ୍କ ପାଇଁ ଓଭରଟାଇମ୍ ବ୍ୟବସ୍ଥାକୁ ସୁଦୃଢ଼ କରିଛି। ସରକାର ଓଡ଼ିଶାରେ ଶ୍ରମିକ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଓଡ଼ିଶା କୋଠା ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ, ୫.୧ ନିୟୁତରୁ ଅଧିକ ଶ୍ରମିକଙ୍କୁ ସୁବିଧା ପ୍ରଦାନ କରାଯାଉଛି, ଯେଉଁଥିରେ ସେମାନଙ୍କ ପିଲାମାନଙ୍କ ପାଇଁ ଶିକ୍ଷା ଏବଂ ବିବାହ ସହାୟତା ଏବଂ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ୬ ଲକ୍ଷ ପର୍ଯ୍ୟନ୍ତ କ୍ଷତିପୂରଣ ଅନ୍ତର୍ଭୁକ୍ତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶ୍ରମିକ ସଂଗଠନଗୁଡ଼ିକ ପରିବର୍ତ୍ତିତ ଶ୍ରମ ବଜାରରେ ଏକ ଗଠନମୂଳକ ଭୂମିକା ଗ୍ରହଣ କରିବା, ଶ୍ରମିକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ଏବଂ ପୁନଃ ଦକ୍ଷତା ବୃଦ୍ଧି ପଦକ୍ଷେପକୁ ସକ୍ରିୟ ଭାବରେ ସମର୍ଥନ କରିବା ଉଚିତ। ୨୦୩୬ ସୁଦ୍ଧା ଓଡ଼ିଶା ଏକ ସମୃଦ୍ଧ ରାଜ୍ୟ ଏବଂ ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ର ଆଡକୁ ଅଗ୍ରସର ହେଉଛି। ଏହାକୁ ହାସଲ କରିବାରେ ଶ୍ରମିକମାନେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ। ସରକାର ଶ୍ରମିକଙ୍କ ସମ୍ମାନ, ସୁରକ୍ଷା ଏବଂ ଭବିଷ୍ୟତକୁ ରକ୍ଷା କରିବା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

● ପ୍ରଯୁକ୍ତି ବିଦ୍ୟା, ଦକ୍ଷତା ବିକାଶ ଦ୍ୱାରା ଶ୍ରମିକ କଲ୍ୟାଣ ହେବ

● ଜଗନ୍ନାଥ ସଂସ୍କୃତି କୌଣସି କାମକୁ ଛୋଟ ବଡ଼ ଭାବେ ନାହିଁ

ପୂର୍ବାହ୍ନରେ ଉଦ୍‌ଘାଟନୀ ଅଧିବେଶନରେ କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ଡ. ମନସୁଖ ମାଣ୍ଡଭିଆ ଯୋଗଦେଇ କହିଥିଲେ ଯେ, ଦେଶର ପୁନଃ ନିର୍ମାଣରେ ଶ୍ରମଶକ୍ତି ଏବଂ ଯୁବଶକ୍ତିର ଅବଦାନ ସର୍ବୋଚ୍ଚ। କେବଳ ଶ୍ରମଶକ୍ତି ଏବଂ ଯୁବଶକ୍ତିର ଶକ୍ତି ମାଧ୍ୟମରେ ଦେଶକୁ ଏକ ବିକଶିତ ରାଷ୍ଟ୍ର କରିବାର ସ୍ୱପ୍ନ ସାକାର ହୋଇପାରିବ। ଭାରତ ଏକ ଶକ୍ତିଶାଳୀ ଦେଶ, କିନ୍ତୁ ଦୀର୍ଘ ସମୟ ପରାଧୀନତା ଯୋଗୁ ଏହାର ଚମକ ହ୍ରାସ ପାଇଛି। ତଥାପି, ଶ୍ରମଶକ୍ତି ଏବଂ ଯୁବଶକ୍ତି ପାଇଁ ଧନ୍ୟବାଦ। ଆମେ ଭାରତକୁ ପୁଣିଥରେ ମଜବୁତ କରିବା ପାଇଁ ଚେଷ୍ଟା କରୁଛୁ। ଭାରତୀୟ ମଜଦୁର ସଂଘ ଶ୍ରମ ଓ ଶ୍ରମିକଙ୍କ ସ୍ୱାର୍ଥ ପାଇଁ କଥା କହୁଛି। ଶ୍ରମିକ ଏବଂ ଶ୍ରମିକଙ୍କ ସ୍ୱାର୍ଥ ପାଇଁ ବିଏମ୍ଏସ କେନ୍ଦ୍ର ସରକାରଙ୍କୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛି। କେନ୍ଦ୍ର ସରକାର ଏହି ପରାମର୍ଶଗୁଡ଼ିକୁ ଗମ୍ଭୀରତାର ସହ ବିଚାର କରୁଛନ୍ତି। ଏହି ସମ୍ମିଳନୀରୁ ବାହାରିଥିବା ଚିନ୍ତାଧାରା ଏବଂ ପରାମର୍ଶଗୁଡ଼ିକୁ ମଧ ସରକାର ପ୍ରାଥମିକତା ଦେବେ। ବିଏମ୍ଏସ୍ କେବଳ ଭାରତର ସର୍ବବୃହତ ଶ୍ରମିକ ସଙ୍ଗଠନ ନୁହେଁ ବରଂ ବିଶ୍ୱର ସର୍ବବୃହତ ସଙ୍ଗଠନ ମଧ୍ୟରୁ ଗୋଟିଏ। ଏହି କାର୍ଯ୍ୟକ୍ରମରେ ବିଏମ୍ଏସ୍ ସଭାପତି ହିରଣ୍ମୟ ପାଣ୍ଡ୍ୟା, ଯୁଗ୍ମ ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ପାଣ୍ଡେ, ସାଧାରଣ ସମ୍ପାଦକ ଶ୍ରୀ ରବିନ୍ଦ୍ର ହିମେତେ, ଶ୍ରମ ବିଶେଷଜ୍ଞ ଯୁକି ଓଟ୍‌ସୁଜିଙ୍କ ସମେତ ବିଭିନ୍ନ ଦେଶର ଶ୍ରମିକ ସଂଘର ପ୍ରତିନିଧୀ ଯୋଗଦେଇଥିଲେ। ଉଦଘାଟନୀ ଅଧିବେଶନରେ ଆର୍‌ଏସଏସ୍‌ର ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟ ବି. ଭଗୈୟା, ଏଫଏନଆରପି, ରୁଷର ସଭାପତି ସେର୍ଗେଇ ଚେର୍ନଗାଏଭ, ଆଇଏଲଓ ପ୍ରତିନିଧି ମିସିକୋ ମିୟାମୋଟୋ ପ୍ରମୁଖ ଯୋଗଦେଇଥିଲେ।

● ବଡ଼ଦାଣ୍ଡରେ ଶାକାହାର ଶୋଭାଯାତ୍ରା

# ସବୁ ପ୍ରାଣୀଙ୍କ ଭିତରେ ଜଗନ୍ନାଥ ଅଛନ୍ତି

ପୁରୀ,୬।୨(ସମିସ): ଧ୍ୟାନ ଯୋଗ ଟ୍ରଷ୍ଟ ଭୁବନେଶ୍ୱର ଏବଂ ପିରାମିଡ ସ୍ପିରିଚୁଆଲ ସୋସାଇଟି ମୁଭମେଣ୍ଟ ତରଫରୁ ଶୁକ୍ରବାର ଗୁଣ୍ଡିଚା ମନ୍ଦିରଠାରୁ ଟାଉନ୍ ଥାନା ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ସାକାହାର ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆନ୍ଧ୍ର ଏବଂ ତେଲେଙ୍ଗାନା ପ୍ରଦେଶର ବିଭିନ୍ନ ସ୍ଥାନରୁ ଦୁଇଶହରୁ ଅଧିକ ସଂଖ୍ୟାରେ ଏବଂ କ୍ରିୟା ଯୋଗ ଜ୍ଞାନପ୍ରଭା ମିଶନ, ପ୍ରଜ୍ଞାନ ମିଶନ, ଗାୟତ୍ରୀ ଶକ୍ତି ପୀଠ, ନିରଞ୍ଜନ ମିଶନ, ଶ୍ରୀ ସତ୍ୟ ସାଇ ସେବା ସମିତି, ଦିବ୍ୟ ଜୀବନ ସଂଘ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ, ପିରାମିଡ ମେଡିଟେଶନ ଚ୍ୟାନେଲ, ତେଲୁଗୁ, ଇସ୍କନ, ଭାରତୀୟ ଯୋଗ ସଂସ୍ଥାନ ଆଦି ପୁରୀର



ଅନେକ ସଂସ୍ଥାର ସଦସ୍ୟ ଓ ସଦସ୍ୟା ବହୁମାତ୍ରାରେ ଯୋଗଦେଇଥିଲେ। ପ୍ରାରମ୍ଭରେ ଧ୍ୟାନ କରାଯାଇଥିଲା। ଶଙ୍ଖ ଓ ହୁଳହୁଳି ନାଦ ସହ ଶୋଭାଯାତ୍ରା ଆରମ୍ଭ କରାଯାଇଥିଲା। ଅହିଂସା ପରମ ଧର୍ମ, ଜିବେ ଦୟାର ସ୍ଲୋଗାନ ଏବଂ ପଶୁ ଆମର ମିତ୍ର, ଖାଦ୍ୟ ନୁହନ୍ତିର ପ୍ଲାକାଡ ଧରି ଶୋଭଯାତ୍ରାରେ ସାମିଲ ହୋଇଥିଲେ। ବିଭିନ୍ନ ଆଧାତ୍ମିକ ସଙ୍ଗଠନର ମିଳିତ ପ୍ରୟାସରେ ପୁରୀ ଭଳି ପବିତ୍ର ଧାମକୁ ଆମିଷ ମୁକ୍ତ କରିବାର ସଚେତନତା ଉଦ୍ଦେଶ୍ୟରେ ଏହି ଶୋଭାଯାତ୍ରା କରାଯାଇଥିଲା। ନିରାମିଷ ଭୋଜନ ଜଗନ୍ନାଥଙ୍କ ଭୋଜନ, ସବୁ ପ୍ରାଣୀମାନଙ୍କ ଭିତରେ ଜଗନ୍ନାଥ ଅଛନ୍ତି, ତେଣୁ ଆମିଷ ଭୋଜନ ମାନବ ଭୋଜନ ନୁହେଁ ଏବଂ ଜୀବହତ୍ୟା ମହାପାପ ବୋଲି ଶୋଭା ଯାତ୍ରାର ସଂଘଟିକା ଇପ୍ସିତା ପୂଜାରୀ କହିଥିଲେ।

# ଅତିରିକ୍ତ ସଚିବଙ୍କ ମଣ୍ଡି ପରିଦର୍ଶନ

ପୁରୀ,୬।୨(ସମିସ): ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ସଚିବ ଡ. ଚିତ୍ରସେନ ରାଉତ ଶୁକ୍ରବାର ପୁରୀ ଜିଲ୍ଲାର ବିଭିନ୍ନ ପାକ୍ସ ବା ଧାନ ମଣ୍ଡି ପରିଦର୍ଶନ କରିଛନ୍ତି। ସେ ନିମାପଡା ବ୍ଲକର କପିଳେଶ୍ୱର ପାକ୍ସ ଓ ଗୋପ ବ୍ଲକର ନୟାହାଟ ପାକ୍ସ ପରିଦର୍ଶନ କରିବା ସହ ଚାଷୀଙ୍କ ସହ ଆଲୋଚନା କରିଥିଲେ। କୌଣସି ପରିସ୍ଥିତିରେ ଚାଷୀ ଯେପରି ହଇରାଣ ହରକତ ନ ହୁଅନ୍ତି, ମଣ୍ଡି ମାନଙ୍କରେ ସେମାନଙ୍କ ପାଇଁ ବିବିଧ ଆନୁଷଙ୍ଗିକ ସୁବିଧା କରିବା, ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଧାନ



ସଂଗ୍ରହ କରିବାକୁ ଡ. ରାଉତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ସମବାୟ ବିଭାଗର ଯୁଗ୍ମ ସଚିବ ଲିଙ୍ଗରାଜ ନାୟକ, ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ ସାହୁ, ଡିଆର୍‌ସିଏସ୍ ସରୋଜିନୀ ଜେନା, ନିମାପଡ଼ା ଯୋଗାଣ ନିରୀକ୍ଷକ, ପାକ୍ସ ସେକ୍ରେଟାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୧୦,୨୧୮ ଚାଷୀଙ୍କଠାରୁ ୩,୯୭,୩୪୮ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିବା ବେଳେ ୭୨,୩୦,୯୬,୦୦୩ ଟଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯାଇଛି ବୋଲି ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି।

# ଏନ୍‌ଡିସି ଅଧିକାରୀଙ୍କ ବୈଠକରେ ଯୋଜନା କାର୍ଯ୍ୟାନ୍ୱୟନର ସମୀକ୍ଷା

ପୁରୀ,୬।୨(ସମିସ): ଏନଡିସି ବା ନ୍ୟାଶନାଲ ଡିଫେନ୍ସ କଲେଜର ୧୭ ଜଣିଆ ଟିମ୍ ବିଶିଷ୍ଟ ଅଧିକାରୀଙ୍କ ଏକ ସମୀକ୍ଷା ବୈଠକ ଶୁକ୍ରବାର ସର୍କିଟ ହାଉସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର ସମୀକ୍ଷା କରାଯାଇଥିଲା। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରି ସମସ୍ତଙ୍କୁ ସ୍ୱାଗତ ସହ ବିଭିନ୍ନ ଯୋଜନାରେ ଜିଲ୍ଲାର ସ୍ଥିତି ଓ କାର୍ଯ୍ୟ କାରିତା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଣୟନ ହେଉଥିବା କେନ୍ଦ୍ର ଓ ରାଜ୍ୟ ଯୋଜନା ଗୁଡିକର ସଫଳ ରୂପାୟନ, ମାର୍ଗଦର୍ଶିକା ଆଧାରରେ ହିତାଧିକାରୀ ଚୟନ, କାର୍ଯ୍ୟାନ୍ୱୟନ, କ୍ଷେତ୍ର ପରିଦର୍ଶନ, ତଦାରଖ, ସମୀକ୍ଷା ଓ ମୂଲ୍ୟାଙ୍କନ ବ୍ୟବସ୍ଥା ସମ୍ପର୍କରେ ଜିଲ୍ଲାପାଳ ବିଷଦ ଭାବେ ଏନଡିସି ଟିମ୍‌କୁ ଅବଗତ କରାଇଥିଲେ। ଟିମ୍‌ର ନେତୃତ୍ୱ ନେଉଥିବା ମେଜର ସି.ପି. ଶର୍ମା ଓ ଅନ୍ୟ ସଦସ୍ୟମାନେ ଯୋଜନା ଗୁଡିକର ରୂପରେଖ, କାର୍ଯ୍ୟକାରିତା ଇତ୍ୟାଦି ସମ୍ପର୍କରେ ବିବିଧ ଜିଜ୍ଞାସା କରିଥିଲେ। ଜିଲ୍ଲାପାଳ ଶ୍ରୀ ପରିଡା ଓ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଏହି ଜିଜ୍ଞାସା ଗୁଡିକର ଉତ୍ତର ରଖିଥିଲେ।



ଏଥିରେ ଜିଲ୍ଲା ଶିଳ୍ପ କେନ୍ଦ୍ର, ବ୍ୟାଙ୍କ ସମୂହ, ଜିଲ୍ଲା ସମାଜ କଲ୍ୟାଣ, ଜିଲ୍ଲା ମୁଖ୍ୟ କୃଷି, ପ୍ରାଣୀ ସମ୍ପଦ, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ଶିକ୍ଷା, ଟିପିସିଓଡିଏଲ, ଗ୍ରାମ୍ୟ ଉନ୍ନୟନ, ଜିଲ୍ଲା ପରିଷଦ, ପୁରୀ ପୌରପାଳିକା ଓ ୱାଟକୋର ଅଧିକାରୀମାନେ ତଥ୍ୟ ଉପସ୍ଥାପନ କରିଥିଲେ। ଏହା ଉପରେ ସମୀକ୍ଷା କରି ଏନଡିସିର ସଦସ୍ୟ ରାଜେଶ ଯତନ ଏନ, ବ୍ରଜେଶ କୁମାର ସିଂ, ବ୍ରିଗେଡିଏର ଆର ମିନହାସ, ବ୍ରିଗେଡିଏର ପି.ଆର୍. ଚୌହାନ, ବ୍ରିଗେଡିଏର ଭାରତ ଭୂଷଣ, ବ୍ରିଗେଡିଏର ସୁମିତ କାପୁର, ବ୍ରିଗେଡିଏର ଭି.ସି.ଏମ୍. ମିତଲ, କର୍ଣ୍ଣେଲ କର୍ମା ଲିୱାଙ୍ଗ, କର୍ଣ୍ଣେଲ ଜୀବନ କାର୍କି, କର୍ଣ୍ଣେଲ ଜବ ଖଣ୍ଡନବୟତ ଡାନ୍‌ଡୋଗଦର୍ଜ, କର୍ଣ୍ଣେଲ ହରହାନେସ ଖାନଭେଲୟାନ, ନିରଞ୍ଜନ ସିସି, ଏୟାର କମେଡ ଏସ୍.ଭି. ସିଦୋର, ଏୟାର କମେଡ ପ୍ରଶାନ୍ତ, ଏୟାର କମେଡ ଦୁଲ୍ଲୀପ, ଏୟାର କମେଡ ସନ୍ତୋଷ ହେସ୍‌ପଲ ପ୍ରମୁଖ ବିବିଧ ପ୍ରଶ୍ନ କରିଥିଲେ।

ଜିଲ୍ଲାପାଳ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଏହାର ସନ୍ତୋଷଜନକ ଉତ୍ତର ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଏନଡିସି ପକ୍ଷରୁ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଜିଲ୍ଲାପାଳ ଏନଡିସିର ମୁଖ୍ୟ ଓ ଅନ୍ୟ ସମସ୍ତ ସଦସ୍ୟଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ନୋଡାଲ ଅଫିସର ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ ମହାରଣା, ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

# ୧୪ ଇନ୍ସପେକ୍ଟର, ଏସ୍‌ଆଇଙ୍କ ବଦଳି

ପୁରୀ,୬।୨(ସମିସ): ପୁରୀ ଜିଲ୍ଲାର ୧୩ ଜଣ ଇନ୍ସପେକ୍ଟର ଏବଂ ଜଣେ ଏସ୍‌ଆଇଙ୍କ ବଦଳି ହୋଇଛି। ବଳଙ୍ଗା ଥାନାର ଏସ୍‌ଆଇ ମମତା ବିଶ୍ୱାଳଙ୍କର ଡେଲାଙ୍ଗ ଥାନାର ଓଆଇସି ଭାବେ ବଦଳି ହୋଇଥିବାବେଳେ ପୁରୀ ମୁଖ୍ୟାଳୟର ଇନ୍ସପେକ୍ଟର ଶୋଭରାଜ ପ୍ରିୟଦର୍ଶୀ ମହାନ୍ତିଙ୍କର ଚାରିଛକ ଥାନା, ମୁଖ୍ୟାଳୟର ଇନ୍ସପେକ୍ଟର ସରସ୍ୱତୀ ସାହୁଙ୍କର ଚନ୍ଦ୍ରଭାଗା ମେରାଇନ ଥାନା, ବଳଙ୍ଗା ଥାନାର ଇନ୍ସପେକ୍ଟର ଦିବ୍ୟରଞ୍ଜନ ପଣ୍ଡାଙ୍କର ଚନ୍ଦନପୁର ଥାନା, ଚନ୍ଦ୍ରଭାଗା ମେରାଇନ ଥାନାର ଇନ୍ସପେକ୍ଟର ସସ୍ମିତା ସାହୁଙ୍କର ବଳଙ୍ଗା ଥାନା, ଚନ୍ଦନପୁର ଥାନା ଇନ୍ସପେକ୍ଟର ଭୁବନମୋହନ ସାମନ୍ତରାୟଙ୍କର ମୁଖ୍ୟାଳୟ, ଅସ୍ତରଙ୍ଗ ଥାନା ଇନ୍ସପେକ୍ଟର ଦୁର୍ଗାଚରଣ ମହାପାତ୍ରଙ୍କର ଗୋପ ଥାନା, ଗୋପ ଥାନା ଇନ୍ସପେକ୍ଟର ପ୍ରଶାନ୍ତ କୁମାର ପଢିହାରୀଙ୍କର କୋଣାର୍କ ଥାନା, କୋଣାର୍କ ଥାନା ଇନ୍ସପେକ୍ଟର ପୂର୍ଣ୍ଣଚନ୍ଦ୍ର ସେଠୀଙ୍କର ପିପିଲି ଥାନା, ଆଇଏସିଏଡବ୍ଲ୍ୟୁର ଇନ୍ସପେକ୍ଟର ବିଦିତା ନାୟକ ଅସ୍ତରଙ୍ଗ ଥାନା, ମୁଖ୍ୟାଳୟର ଇନ୍ସପେକ୍ଟର ବିଚିତ୍ରାନନ୍ଦ ପ୍ରଧାନ କୃଷ୍ଣପ୍ରସାଦ ଥାନା, ମୁଖ୍ୟାଳୟର ଇନ୍ସପେକ୍ଟର ଶାନ୍ତନୁ କୁମାର ପ୍ରଧାନଙ୍କର ଗଡିଶାଗୋଡା ଥାନା, ଗଡ଼ିଶାଗୋଡା ଥାନା ଇନ୍ସପେକ୍ଟର ସୁଧୀର କୁମାର ଦାସଙ୍କର ଟ୍ରାଫିକ ଥାନା, ନିମାପଡ଼ା ଥାନା ଇନ୍ସପେକ୍ଟର ରୀତା ବେହେରାଙ୍କର ନିମାପଡ଼ା ଥାନାର ଅତିରିକ୍ତ ଆଇଆଇସି ଭାବେ ବଦଳି କରାଯାଇଛି।

# ପୁରୀ ବଜାରକୁ ପ୍ରବେଶ କଲା ଚେତକ୍ ସି୨୫

ପୁରୀ,୬।୨(ସମିସ): ପୁରୀ ବଜାରକୁ ପ୍ରବେଶ କରିଛି ବଜାଜ୍‌ର ଇଲେକ୍ଟ୍ରି ସ୍କୁଟର 'ଚେତକ୍ ସି୨୫'। ଶୁକ୍ରବାର ନବକଳେବର ରୋଡସ୍ଥିତ ଏମ୍ଏସ୍‌ବି ଅଟୋମେଟିଭ ପ୍ରାଇଭେଟ ଲିମିଟେଡ୍ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବଜାଜ୍ ଅଟୋ ଲିମିଟେଡର ଏରିଆ ସେଲ୍ସ ମ୍ୟାନେଜର ରଣିତ ମାଲ୍‌ହୋତ୍ରା, ଏମ୍ଏସ୍‌ବି ଅଟୋମେଟିଭ ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ମନ୍‌ସୁର ବକ୍ସ ଏବଂ ନିର୍ଦ୍ଦେଶିକା ସାଇରା ବାନୁ ଏହି ସ୍କୁଟରକୁ ଉନ୍ମୋଚନ କରିଥିଲେ। ବର୍ତ୍ତମାନ ବାଇକ୍ ଅପେକ୍ଷା ସ୍କୁଟରର ଚାହିଦା ବଢିଲାଣି। ବିଶେଷକରି ଯୁବଗୋଷ୍ଠୀ, କଲେଜ ଛାତ୍ରଛାତ୍ରୀ ମଧ୍ୟ ଇଭି ସ୍କୁଟର ଚଳାଇବାକୁ ଆଗ୍ରହ ପ୍ରକାଶ କଲେଣି। ଏହାକୁ ନଜରରେ ରଖି ବଜାଜ କମ୍ପାନୀ ଜବରଦସ୍ତ ଫିଚର ସହ ଚେତକ ସି୨୫କୁ ବଜାରକୁ ଛାଡିଛି। ଆଧୁନିକ ଜ୍ଞାନକୌଶଳ ସହିତ ଅତୁଳନୀୟ ରେଞ୍ଜ ତଥା ଅବିସ୍ମରଣୀୟ ବିଶ୍ୱସନୀୟତାକୁ ନେଇ ଏହା ବଜାରକୁ ଆସିଛି। ସ୍ପୋର୍ଟି କ୍ୟାରେକ୍ଟର ଫ୍ୟୁଚରଷ୍ଟିକ୍ ଷ୍ଟ୍ରକ୍‌ଚର ସହିତ ଏହାର ଡିଜାଇନ ବେଶ୍ ଆକର୍ଷଣୀୟ ରହିଛି। ଏହି ଇଲେକ୍ଟ୍ରିକ୍ ସ୍କୁଟର ଯାହା ମେଟାଲ ବଡିରେ ଆସିଛି। ବଜାରରେ ଚାଲିଥିବା ଟ୍ରେଣ୍ଡ ଅନୁସାରେ ଓ ସମସ୍ତ ବର୍ଗଙ୍କୁ ପସନ୍ଦ ଆସିଲା ଭଳି ଏହି ସ୍କୁଟରଟିକୁ ତିଆରି କରାଯାଇଛି। ବିଶେଷକରି ଛାତ୍ରଛାତ୍ରୀ ଏବଂ କର୍ମଜୀବୀ ମହିଳାଙ୍କ ପାଇଁ ଏହା ଯିବାଆସିବାରେ ବେଶ୍ ସୁବିଧା ହେବ।




ସ୍କୁଟରର ଉଭୟ ଆଗ ଏବଂ ପଛ ଚକ ଟ୍ୟୁବଲେସ ଟାୟାର ସହିତ ଆଗ ଡିସ୍ ବ୍ରେକ୍ ରହିଛି। ଏହାର ଗ୍ରାଉଣ୍ଡ କ୍ଲିୟରାନ୍ସ ମଧ୍ୟ ଭଲ ଅଛି। ବ୍ୟାଟେରୀ ଥରେ ଚାର୍ଜ ହେଲେ ୯୦ରୁ ୯୫ କିଲୋମିଟର ପର୍ଯ୍ୟନ୍ତ ଗଡିବ। ୨ ଘଣ୍ଟା ୨୫ ମିନିଟ୍‌ରେ ୮୦ ପ୍ରତିଶତ ଏବଂ ୩ ଘଣ୍ଟା ୪୫ ମିନିଟରେ ବ୍ୟାଟେରୀ ଫୁଲ୍ ଚାର୍ଜ ହେବ। ଘଣ୍ଟାକୁ ୫୫ କିମି ବେଗରେ ଦୌଡିପାରିବ ଚେତକ୍ ସି୨୫। ତେବେ ଏହି ସ୍କୁଟର ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିବ। ପୁରୀର ଗଳିକନ୍ଦିରେ ଏହି ସ୍କୁଟର ଚାଳକଙ୍କ ପାଇଁ ବେଶ୍ ସୁବିଧା ହେବ ବୋଲି କହିଛନ୍ତି ଏହାର ଏମ୍‌ଡି ମନ୍‌ସୁର ବକ୍ସ।

# ଶ୍ରୀସଦାଶିବ ପରିସରରେ ଜ୍ୟୋତିଷ ସମ୍ମିଳନୀ ଉଦ୍‌ଘାଟିତ

ପୁରୀ,୬।୨(ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରର ଜ୍ୟୋତିଷ ବିଭାଗ ଏବଂ ଧ୍ରୁବଜ୍ୟୋତି ଗବେଷଣା ପ୍ରତିଷ୍ଠାନ ମିଳିତ ଆନୁକୂଲ୍ୟରେ 'ଭାରତୀୟ ଜ୍ଞାନ ପରମ୍ପରାରେ ରୋଗ ବିଚାର' ଶୀର୍ଷକ ଦ୍ୱି-ଦିବସୀୟ ଆନ୍ତର୍ଜାତୀୟ ଜ୍ୟୋତିଷ ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ଅଧ୍ୟକ୍ଷତା କରି ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର କାର୍ଯ୍ୟକ୍ରମର ସଫଳତା କାମନା କରିବା ସହ ଭାରତୀୟ ଜ୍ଞାନ ପରମ୍ପରାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ଜିଲ୍ଲା ବିଜେପି ସଭାପତି ଡା. ଦେବେନ୍ଦ୍ର ନାଥ ତରାଇ ଏବଂ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଉତ୍ତରାଖଣ୍ଡ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦେବୀପ୍ରସାଦ ତ୍ରିପାଠୀ ଆୟୁର୍ବେଦ, ହୋମିଓପାଥି ଓ ଏଲୋପାଥି ଚିକିତ୍ସା ବିଜ୍ଞାନ ପରି ଜ୍ୟୋତିଷ ଶାସ୍ତ୍ରରେ ମଧ ରୋଗର ସଠିକ୍ ନିରୂପଣ, ନିଦାନ ଓ ନିରାକରଣର ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରି ପ୍ରତିଷ୍ଠାନର ସଚିବ ଡ. ସସ୍ମିତା ମିଶ୍ର ରୋଗ ନିରୂପଣରେ ଜ୍ୟୋତିଷର ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ। ଜ୍ୟୋତିଷ ବିଭାଗ ଅଧ୍ୟକ୍ଷ ପ୍ରଫେସର ବିଶ୍ୱରଞ୍ଜନ ପତି ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ଡ. ଚକ୍ରଧର କର ବେଦପାଠ କରିଥିଲେ। ଏଥିରେ ଡ. ଦୀପ୍ତି ରଞ୍ଜନ ପଣ୍ଡାଙ୍କ ଲିଖିତ ପୁସ୍ତକ 'ଜ୍ୟୋତିଷାମୃତ' ଉନ୍ମୋଚିତ ହୋଇଥିଲା। ଜଗଦୀଶ ମିଶ୍ର, ପ୍ରିୟଦର୍ଶିନୀ ବେହେରା, ମୋନାଲିସା ତ୍ରିପାଠୀଙ୍କ ସମେତ ଅନେକ ଜ୍ୟୋତିର୍ବିଜ୍ଞାନୀଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରୀନିବାସ ଘଟୁଆରୀ ଓଡ଼ିଶୀ ନୃତ୍ୟରେ 'ଶକୁନି' ଅଭିନୟ ପରିବେଷଣ କରିଥିଲେ। ଆମେରିକା, ଜର୍ମାନୀ, ବାଂଲାଦେଶ, ଶ୍ରୀଲଙ୍କା ଏବଂ ଭାରତର ବିଭିନ୍ନ ପ୍ରାନ୍ତରୁ ପ୍ରତିଭାଗୀମାନେ ଏଥିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଶ୍ୟାମ ପ୍ରକାଶ ସେନାପତି ଓ ସୁଦଶା ପଣ୍ଡା ସଞ୍ଚାଳନ କରିଥିବାବେଳେ ଡ. ବିଜୟଲକ୍ଷ୍ମୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଆଜିଠୁ ଓଡ଼ିଶା-ଜାପାନ ଫେଷ୍ଟିଭାଲ

# ଜାପାନ କଳାକାରଙ୍କ ନୃତ୍ୟରେ ଦୁଲୁକିବ ପୁରୀ

ପୁରୀ,୬।୨(ସମିସ): ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର ପକ୍ଷରୁ ଆସନ୍ତା ଶନିବାର ଓ ରବିବାର ଦୁଇଦିନ ଧରି ତାଳବଣିଆ ପଡ଼ିଆଠାରେ ଅନୁଷ୍ଠିତ ହେବ ଓଡ଼ିଶା-ଜାପାନ ପର୍ବ। ଏହି ପର୍ବରେ ଗୋଟିଏ ମଞ୍ଚରେ ଜାପାନ ଏବଂ ଓଡ଼ିଶାର କଳାକାରମାନେ ନିଜ ନିଜ ଦେଶର କଳା, ସଂସ୍କୃତିର ଝଲକ ପ୍ରଦର୍ଶନ କରିବେ। ଫଳରେ ଦୁଇ ଦେଶର କଳା ସଂସ୍କୃତିର ଭାବ ବିନିମୟ ହୋଇପାରିବା ସହ ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି ସେଣ୍ଟରର ସଭାପତି ଶ୍ରୀମନ୍ତ କୁମାର ଦାଶ ପ୍ରେସ୍ ଇସ୍ତାହାର ଜରିଆରେ ସୂଚନା ଦେଇଛନ୍ତି। ଏହି ପର୍ବରେ ଜାପାନ କଳାକାରଙ୍କ ନୃତ୍ୟ ସଙ୍ଗୀତକୁ ପାଖରୁ ଦେଖିବାର ସୁଯୋଗ ପାଇବେ ପୁରୀବାସୀ ଏବଂ ପର୍ଯ୍ୟଟକ। ବିଦେଶୀ କଳାକାରଙ୍କ ନୃତ୍ୟଗୀତରେ ଦୁଲିକିବ ପୁରୀ ସହର। ଏଥିରେ ସାମିଲ ହୋଇ ଦୁଇ ଦେଶର କଳାକାରଙ୍କ ନିଖୁଣ କଳାକୁ ଉପଭୋଗ କରିବା ସହିତ ପର୍ଯ୍ୟଟନ, ଶିକ୍ଷା, କଳା, ସଂସ୍କୃତି, ବାଣିଜ୍ୟକୁ ନେଇ ଖୋଲିଥିବା ଷ୍ଟଲ ମଧ ବୁଲିପାରିବେ ବୋଲି ସେଣ୍ଟରର ସଭାପତି ଶ୍ରୀ ଦାଶ କହିଛନ୍ତି।

# ଗାନ୍ଧୀ ଶିଳ୍ପ ବଜାର ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

ପୁରୀ,୬।୨(ସମିସ): ସ୍ଥାନୀୟ ନୀଳାଚଳ ଅର୍ବାନ ହାଟ ପରିସରରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଗାନ୍ଧୀ ଶିଳ୍ପ ବଜାର ହସ୍ତଶିଳ୍ପ ପ୍ରଦର୍ଶନୀ। ଭାରତ ସରକାରଙ୍କ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ଏବଂ ଅନୁଗୁଳସ୍ଥିତ ଲାଇଫ୍ କେୟାର ସଙ୍ଗଠନ ପକ୍ଷରୁ ଆୟୋଜିତ ଏହି ପ୍ରଦର୍ଶନୀ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ଭାରତ ସରକାରଙ୍କ ହସ୍ତଶିଳ୍ପ ମନ୍ତ୍ରଣାଳୟର ଆଞ୍ଚଳିକ ନିର୍ଦ୍ଦେଶକ ସନ୍ଦୀପ କୁମାର ଶିଳ୍ପୀମାନଙ୍କ ପ୍ରତିଭାର ପ୍ରଦର୍ଶନ, ଉତ୍ପାଦର ବିକ୍ରି ଓ ଆର୍‌ଠିକ ସମୃଦ୍ଧି ପାଇଁ ଏହି ପ୍ରଦର୍ଶନୀ ବିଶେଷ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କହିଥିଲେ। ଦେଶର ବିଭିନ୍ନ ସ୍ଥାନରେ କଳାକାର, ଶିଳ୍ପୀମାନଙ୍କ ଉତ୍ପାଦର ବଜାର ସୃଷ୍ଟି ଏହାର ଲକ୍ଷ୍ୟ। ଅଧିକରୁ ଅଧିକ ଶିଳ୍ପୀଙ୍କୁ ଏଥିରେ ସାମିଲ ପାଇଁ ସେ ଅନୁରୋଧ କରିଥିଲେ। ଅତିରିକ୍ତ ନିର୍ଦ୍ଦେଶକ ଭୂବନ ଭାସ୍କର ଏହି ପ୍ରଦର୍ଶନୀକୁ ବର୍ଷ ସାରା ଆୟୋଜନ ମାଧ୍ୟମରେ ଶିଳ୍ପୀ ମାନଙ୍କୁ ଉତ୍ସାହିତ କରିବା, କାର୍ଯ୍ୟକ୍ରମକୁ ଅଧିକ ପ୍ରଚାର ପ୍ରସାର କରିବା, ଗ୍ରାମାଞ୍ଚଳର ଅଧିକ ଉତ୍ପାଦକୁ ଚିହ୍ନଟ କରି ପ୍ରଦର୍ଶନୀରେ ସାମିଲ ପାଇଁ ପରାମର୍ଶ ଦେଇଥିଲେ।



ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ହସ୍ତଶିଳ୍ପ ଉପ ନିର୍ଦ୍ଦେଶକ ବିଷ୍ଣୁପଦ ମାରାଣ୍ଡି, ଏଚପିଓ ବୀର ଭାରତ, ପ୍ରମେନ୍ଦ୍ର ସିହ୍ନା ପ୍ରମୁଖ ଯୋଗଦେଇ କଳା, କଳାକାର ଓ ଶିଳ୍ପୀମାନଙ୍କ ଆର୍ଥିକ ମଜ୍‌ବୁତରେ ଏହି ପ୍ରଦର୍ଶନୀ ସହାୟକ ହେବା ସହ ସେମାନଙ୍କ ପାଇଁ ଥିବା ସରକାରୀ ବ୍ୟବସ୍ଥା, ସହାୟତା ଓ ସହଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଆୟୋଜକ ଚନ୍ଦନ କୁମାର ଅମାତ ସ୍ୱାଗତ କରିଥିବା ବେଳେ ବରିଷ୍ଠ ଶିଳ୍ପୀ କୃଷ୍ଣଚନ୍ଦ୍ର ମହାନ୍ତି ମଞ୍ଚ ସଞ୍ଚାଳନ କରିଥିଲେ। କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ପରିଡା ଓ ଅନ୍ୟମାନେ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ପରେ ଅତିଥିମାନେ ପ୍ରଦର୍ଶନୀରେ ଲାଗିଥିବା ୪୦ଟି ଷ୍ଟଲ ପରିଦର୍ଶନ କରିଥିଲେ।

# ଉଠୁନି ଧାନ: ଚିନ୍ତାରେ ଚାଷୀ ଓ ସୋସାଇଟି କର୍ତ୍ତୃପକ୍ଷ

ଧାମନଗର,୬ ।୨(ସମିସ): ଧାମନଗର ବ୍ଲକ ଏବଂ ଏନ୍ଏସି ଅଞ୍ଚଳରେ ବିଭିନ୍ନ ସମବାୟ ସମିତିରେ ଧାନ କିଣା ପାଇଁ ଗତ ମାସ ୫ ତାରିଖରେ ବିଭିନ୍ନ ଯାଗାରେ ପୂଜା କରାଯାଇ ମଣ୍ଡି ଖୋଲାଯାଇଥିଲା । କିନ୍ତୁ ପ୍ରଶାସନ ଓ ମିଲରଙ୍କ ମଧ୍ୟରେ କଟ୍‌ନୀଛଟ୍‌ନୀକୁ ନେଇ କୌଣସି ଅବଧି ଅନୁସାରେ ସମିତିରେ ଧାନ ଦେବାକୁ ଆରମ୍ଭ କରିଥିଲେ । କିନ୍ତୁ ମିଲରମାନେ ସମିତିରୁ ଠିକ୍ ସମୟରେ ଧାନ ଉଠାଉ ନଥିବାରୁ ସେଠାରେ ଖରା କାକରରେ ମାସ ମାସ ଧରି ଧାନ ପାହାଡ଼ ଉଚ୍ଚରେ ପଡ଼ିରହିଛି । ଯାହାକୁ ନେଇ ଏବେ ଚିନ୍ତାରେ ଚାଷୀ ଏବଂ ସମ୍ପାଦକ । କାରଣ



ନିଷ୍ପତ୍ତି ହୋଇ ପାରୁନଥିବାରୁ ବିଭିନ୍ନ ସମବାୟ ସମିତିରେ ଧାନ କିଣାର ବିଳମ୍ବ ପରିଲକ୍ଷିତ ହୋଇଥିଲା । ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ସହିତ ଟୋକନ ଅବଧି ସରିବାର ଭୟକୁ ନେଇ ବିଭିନ୍ନ ସମିତି ଆଗରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ମଧ୍ୟ ନେଇଥିଲେ । ଯାହା ଫଳରେ ଗତ ଜାନୁୟାରୀ ୨୫ ତାରିଖ ପାଖରୁ ସମସ୍ତ ସମିତିରେ ଧାନ କିଣିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେବାପରେ ମିଲର, ପ୍ରଶାସନ, ସମିତି ସମ୍ପାଦକଙ୍କ ସହମତିରେ ଧାନ କିଣା ସ୍ୱାଭାବିକ ହୋଇଥିଲା । ଫଳରେ ଚାଷୀମାନେ ପାଇଥିବା ଟୋକନର ସମୟ ମଝିରେ ମଝିରେ ପାଗର ପରିବର୍ତ୍ତନ ଦେଖିବାକୁ ମିଳୁଛି । ଯଦି ଅସରାଏ ବର୍ଷା ହୋଇଯିବ, ଧାନ ନଷ୍ଟ ହୋଇଯିବ । ସେଥିପାଇଁ ଦାୟୀ କିଏ ରହିବ ବୋଲି ପ୍ରଶ୍ନ ଉଠୁଛି । ତେଣୁ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ତୁରନ୍ତ ବାହାର ଜିଲ୍ଲାରୁ ମିଲରଙ୍କୁ ଡାକି ଧାନ ଉଠାଇବାକୁ ନିର୍ଦ୍ଦେଶ ଦେଲେ ଚାଷୀମାନେ ସଠିକ ଭାବରେ ଧାନ ବିକିବା ସହିତ ଉପୁଜିଥିବା ସମସ୍ୟାର ସମାଧାନ ହୋଇପାରିବ ବୋଲି ବିଭିନ୍ନ ସମିତିର ସମ୍ପାଦକମାନେ ମତାମତ ଦେଇଛନ୍ତି । ତେଣୁ ଜିଲ୍ଲାପାଳ ଉକ୍ତ ସମସ୍ୟା ପ୍ରତି ଗୁରୁତ୍ୱ ଦୋକୁ ଚାଷୀମାନେ ଦାବି କରିଛନ୍ତି ।

## ମଣ୍ଡି ବୁଲୁଛନ୍ତି ଅଧିକାରୀ; ବେଫିକର ମିଲର୍

ବାରିକପୁର,୬ ।୨(ସମିସ): ଚଳିତ ବର୍ଷ ଖରିଫ ଧାନ କ୍ରୟ ବ୍ୟବସ୍ଥା ଜଟିଳ ଆଡ଼କୁ ଗତି କରୁଥିବା ଜଣାପଡ଼ିଛି । ପ୍ରଥମେ ମଣ୍ଡି ଖୋଲିବା ବିଳମ୍ବ ହୋଇଥିବା ବେଳେ କେଉଁଠି ମିଲର ଗାଡ଼ି ପଠାଉ ନାହିଁ ତ ପୁଣି କେଉଁଠି କର୍ତ୍ତୃପକ୍ଷ ଫୋନ ଉଠାଉ ନାହାନ୍ତି । ଏପଟେ ଦୈନିକ ଅଧିକାରୀମାନେ ମଣ୍ଡି ପରିଦର୍ଶନ କରୁଥିବାବେଳେ ଏବେ ସଠିକ ଭାବେ ଧାନ କ୍ରୟ ହେଉନାହିଁ । ଫଳରେ ହଜାର ହଜାର ଚାଷୀ ଏବେ ସରକାରୀ ଭାବେ ଶସ୍ୟ ବିକ୍ରି କରିପାରିବେ କି ନାହିଁ ତାହାକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି । ପ୍ରାପ୍ତ ସୂଚନା ମୁତାବକ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ମଣ୍ଡିରେ ଏବେ ନିୟମିତ ଭାବେ ଧାନ



କିଣା ହେଉନାହିଁ । ପାଖାପାଖି ୧୨ ହଜାର କୃଷକଙ୍କ ଠାରୁ ୬ ଲକ୍ଷ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ସରକାରୀ ଭାବେ ଚାଷୀ ପଞ୍ଜୀକରଣ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ୩୬ ହଜାର ୩୩୯ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ସରକାରୀ ଭାବେ ସ୍ୱୀକୃତି ମିଳିଛି । ଅଦ୍ୟାବଧି ମୋଟ ୯୩ ହଜାର ୩୦ ଶସ୍ୟ ଚାଷୀ ମଣ୍ଡିରେ ଦେଇଥିବା ବେଳେ ସେଥିରୁ ୫୬ ହଜାର ୭ ଶହ ୨୩ କ୍ୱିଣ୍ଟାଲ ମିଲର ନେଇଛି । ବାକି ଧାନ ବିଭିନ୍ନ ମଣ୍ଡିରେ ପଡ଼ିରହିଛି । ଏବେ ମଣ୍ଡି ପରିଚାଳକ ଓ ଦାୟିତ୍ୱରେ ଥିବା ଅଧିକାରୀମାନେ ନାଚାର ହୋଇଛନ୍ତି । ମିଲର କିନ୍ତୁ ବେଫିକର ହୋଇଛନ୍ତି । ଅଘୋଷିତ କଟ୍‌ନୀଛଟ୍‌ନୀ ଭିତରେ ଚାଷୀ ଧାନ ଦେଉଥିଲେ ମଧ୍ୟ କେଉଁ କାରଣ ପାଇଁ ପ୍ରଶାସନ ଓ ମିଲର ସ୍ଥାଣୁ ଭଳି କାର୍ଯ୍ୟ କରୁଛନ୍ତି ତାହା ଜଣା ପଡୁନାହିଁ । ଏପଟେ କେତେକ ଚାଷୀଙ୍କ ଟୋକନ ଅବଧି ମଧ୍ୟ ଶେଷ ହେବାକୁ ବସିଛି । ପଞ୍ଜୀକରଣ ହୋଇଥିବା ପରିମାଣ ଅନୁସାରେ ସରକାର ଧାନ କିଣିବେ ନାହିଁ ବୋଲି କୁହାଯାଉଛି । ତେଣୁ ଏପରି ସ୍ଥଳେ ସମସ୍ତ ଚାଷୀ ଧାନ ବିକି ପାରିବେ କି ନାହିଁ ତାକୁ ନେଇ ସନ୍ଦେହ ଦେଖାଦେଇଛି ।

## ବିପର୍ଯ୍ୟୟ ପରିଚାଳନା କର୍ମଶାଳା

ବାରିକପୁର,୬ ।୨(ସମିସ):ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ଜଳହରି ବାତ୍ୟା ଆଶ୍ରୟସ୍ଥଳୀ ଠାରେ ନେତାଜୀ ଯୁବକ ସଂଘ ଓ ରିଲିଆନ୍ସ ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ଏକ ଦୁଇ ଦିନିଆ ବିପର୍ଯ୍ୟୟ ପରିଚାଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଯୁବକ ସଂଘ ସଭାପତି ହରେକୃଷ୍ଣ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡାକ୍ତର ଦେବଦତ୍ତ ପାଣିଗ୍ରାହୀ, ତପନ ବେହେରା, କାର୍ଯ୍ୟକ୍ରମ ସଂଯୋଜକ ବ୍ରଜେନ୍ଦ୍ର ସେନାପତି, ଯୁବକ ସଂଘ ସମ୍ପାଦକ ବିଶ୍ୱମ୍ବର ସାହୁ, ଯୁବନେତା ମୋହନ ରାୟ ପ୍ରମୁଖ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ କେଉଁ ଭଳି ପଦକ୍ଷେପ ଗ୍ରହଣ କରାଯିବ ସେନେଇ ଏଥିରେ ପ୍ରାୟ ୫୦ ଜଣ ଆଶା ଦିଦି ଓ ଏସିଏମ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଫାଉଣ୍ଡେସନ କର୍ମଚାରୀ ମୋହିତ ଚୌଧୁରୀ ଓ ମୁର୍ସାଦା ଆଲାମ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଆୟୋଜିତ କର୍ମଶାଳାକୁ ପାର୍ଥସାରଥି ବେହେରା, ବୀଣାପାଣି ମଙ୍ଗଳ, ଅଜୟ ଜେନା, ଉମାକାନ୍ତ ସେଠୀ ପ୍ରମୁଖ ପରିଚାଳନା କରିଥିଲେ ।

## ଭଦ୍ରକର ଗୌରବ ବଢ଼ାଇଲେ ଲକ୍ଷ୍ମିତା ପଣ୍ଡା




ଭଦ୍ରକ,୬ ।୨(ସମିସ): ଭଦ୍ରକ ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ୯ମ ଶ୍ରେଣୀ ଛାତ୍ରୀ ଲକ୍ଷ୍ମିତା ପଣ୍ଡା ୨୦୨୬ ସାଧାରଣତନ୍ତ୍ର ଦିବସରେ ଭାଗନେଇ ଦିଲ୍ଲୀରୁ ଭଦ୍ରକ ଫେରିଆସିଛନ୍ତି । ସମଗ୍ର ଓଡ଼ିଶାର ୧୨୭ଜଣ ଏନ୍‌ସିସି କ୍ୟାଡେଟ୍ ୭୭ ତମ ସାଧାରଣତନ୍ତ୍ର ଦିବସରେ ଭାଗ ନେଇଥିବାବେଳେ ଭଦ୍ରକ ସହର ନରୀପୁର(ଅସ୍ତଳ) ଗାଁର ଯୁବ ବ୍ୟବସାୟୀ ରାକେଶ ପଣ୍ଡା ଓ ଶିକ୍ଷୟିତ୍ରୀ ଅମ୍ରିତା ବିଶ୍ୱାଳ ପଣ୍ଡାଙ୍କ ଏକମାତ୍ର କନ୍ୟା ଲକ୍ଷ୍ମିତା ପଣ୍ଡା ଶ୍ରେଷ୍ଠ କ୍ୟାଡେଟ ଭାବରେ ପୁରସ୍କୃତ ହେଇ ସ୍କୁଲ ତଥା ଭଦ୍ରକର ଗୌରବ ବୃଦ୍ଧି କରିଛନ୍ତି । ଲକ୍ଷ୍ମିତା ଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କ ରାଲିରେ ଯୋଗଦେବା ସହିତ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ତାଙ୍କ ବାସ ଭବନରେ ସାକ୍ଷାତ କରିଥିଲେ । ଲକ୍ଷ୍ମିତା ଲେଖିଥିବା ଓଡ଼ିଶା ବିଷୟରେ ଗୀତ ସମସ୍ତ କ୍ୟାଡେଟ ଗାନ କରିଥିଲେ । ଲକ୍ଷ୍ମିତାଙ୍କ ଏହି କାର୍ଯ୍ୟକୁ ନେଇ ଓଡ଼ିଶାର କଳିଙ୍ଗ ଷ୍ଟାଡିୟମରେ କମାଣ୍ଡାର ବିକ୍ରମ ସିଂ ଓ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତା ସ୍ୱାଇଁ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଲକ୍ଷ୍ମିତାଙ୍କ ଏହି କାର୍ଯ୍ୟକୁ ଭଦ୍ରକର ସାଧାରଣରେ ତଥା ସ୍କୁଲରେ ପ୍ରଶଂସା କରିବା ସହ ତାଙ୍କ ଉଜ୍ୱଳ ଭବିଷ୍ୟତ ଲାଗି ଶୁଭ ମନାସିଛନ୍ତି ।

## ସ୍କର୍ପିଓରେ ଷଣ୍ଢ ଚାଲାଣ

ଦୋଳସାହି,୬ ।୨(ସମିସ): ତିହିଡ଼ି ପୋଲିସ ପକ୍ଷରୁ ଏକ ସ୍କର୍ପିଓରେ ଷଣ୍ଢ ଚାଲାଣ ହେଉଥିବା ବେଳେ ଏହାକୁ ଅଟକ ରଖିବା ସହ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି । ସୂଚନା ମୁତାବକ ତିହିଡ଼ି ଥାନା ଅଧିନ




କାଁପଡା ପଂଚାୟତରେ ଗୁରୁବାର ବିଳମ୍ବିତ ରାତ୍ରିରେ ଏକ ସ୍କର୍ପିଓ ଗାଡ଼ିରେ ଷଣ୍ଢ ଚାଲାଣ ହେଉଥିବା ନେଇ କାଁପଡା ଗ୍ରାମବାସୀଙ୍କ ପକ୍ଷରୁ ଅଟକ ରଖି ତିହିଡ଼ି ପୋଲିସ କୁ ସୂଚନା ପ୍ରଦାନ କରିଥିଲେ । ସୂଚନା ପାଇ ତିହିଡ଼ି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ସ୍କର୍ପିଓ ରେ ୩ଟି ଷଣ୍ଢ ଥିବା ଦେଖିବାକୁ ପାଇଥିଲା ବେଳେ ଏହି ଷଣ୍ଢଙ୍କୁ ପୋଲିସ ଛାଡି ଦେଇଥିଲା । ଏହାର ଡ୍ରାଇଭର ଓ ସହଯୋଗୀ ଫେରାର ହୋଇ ଯାଇଥିବା ପୋଲିସ ପକ୍ଷରୁ ସୁଚନା ମିଳିଛି । ତେବେ ପୋଲିସ ଉକ୍ତ ସ୍କର୍ପିଓ ଗାଡ଼ି କୁ ଜବତ କରିବା ସହ ଥାନା ରେ ଏକ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି ।

## ବିଜେଡି ନେତାଙ୍କ ଆଶୁ ଆରୋଗ୍ୟ କାମନା

ଦୋଳସାହି,୬ ।୨(ସମିସ): ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ପଞ୍ଚାୟତ ର ବିଜେଡି ସଭାପତି ପ୍ରମୋଦ କୁମାର ନାୟକ ହୃଦଘାତରେ ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇ ଚିକିତ୍ସିତ ଅଛନ୍ତି । ସେ ଏବେ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ପ୍ରମୋଦ ଙ୍କ ଅସୁସ୍ଥତା ଖବର ପାଇ ପଞ୍ଚାୟତର ବିଭିନ୍ନ ମହଲରେ ତାଙ୍କର ଆରୋଗ୍ୟ କାମନା



କରାଯାଉଛି । ତାଙ୍କ ଅସୁସ୍ଥତା ଖବର ପାଇ ଗୁଆମାଳ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ପ୍ରଦୀପ ପଣ୍ଡା, ନିରଞ୍ଜନ ମିଶ୍ର, ସୁରେଶ ଚନ୍ଦ୍ର ଯେନା, ଭକ୍ତହରି ଯେନା ଓ ଅର୍ଜୁନ ଜେନା ପ୍ରମୁଖ ତାଙ୍କୁ ଭେଟି ତାଙ୍କ ର ଆରୋଗ୍ୟ କାମନା କରିଛନ୍ତି ।

## ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସଭା

ବାରିକପୁର,୬ ।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଡଗରପଡ଼ା କରୁଣାକର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ସେନାପତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶିକ୍ଷକ ପ୍ରମୋଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ କାଞ୍ଚନବାଳା ପାତ୍ର, ସିଆରସିସି ବିଶ୍ୱ ରଞ୍ଜନ ଷେଣ୍ଢ, ମୁଖ୍ୟ ବକ୍ତା ଭାବେ ସ୍ତମ୍ଭକାର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ରୋଟାରିଆନ ଅଜିତ କୁମାର ଦାସ, ସମିତି ସଭ୍ୟ ପ୍ରତାପ ଚନ୍ଦ୍ର ଦ୍ୱିବେଦୀ, ଶିକ୍ଷାବିତ ଶରତ ଚନ୍ଦ୍ର କୁଣ୍ଡୁ, ପୁରୁଷୋତ୍ତମ ଧଳ, ନିରଞ୍ଜନ ଓଝା, ଅଚ୍ୟୁତାନନ୍ଦ ପଳତା, ଅକ୍ଷୟ ବେହେରା ପ୍ରମୁଖ ଯୋଗଦେଇ ଶ୍ରୀ ସେନାପତିଙ୍କ କର୍ମମୟ ଜୀବନ ସମ୍ପର୍କରେ ମତ ଦେବା ସହିତ ଶିକ୍ଷା ଓ ଶିକ୍ଷକତାର ଅବସର ନାହିଁ ବୋଲି କହିଥିଲେ । ବରିଷ୍ଠ ଶିକ୍ଷକ ଅରୁଣ ବେଉରିଆ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଉମାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟ,ଗ୍ରାମବାସୀ, ପୁରାତନ ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କ ଦ୍ୱାରା ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜଣା ଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ ।

## ବିଦ୍ୟାଳୟରେ ପଶି ଛାତ୍ରଛାତ୍ରୀଙ୍କୁ ଆକ୍ରମଣ; ଜଣେ ଅଟକ



ଦୋବଲ,୬ ।୨(ସମିସ):ଦୋବଲ ନିକଟସ୍ଥ ସୋହଡ଼ା ପଞ୍ଚାୟତ କଣ୍ଟାପାରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ମଧ୍ୟାହ୍ନ ସମୟରେ ଜଣେ ମଦ୍ୟପ ପଶି ଛାତ୍ରଛାତ୍ରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଅଭିଯୁକ୍ତ ଜଣକ ସ୍ଥାନୀୟ ଗ୍ରାମର ସନାତନ ସୂତାର ବୋଲି ଜଣାପଡ଼ିଛି । ପ୍ରକାଶ ଥାଉକି ମଧ୍ୟାହ୍ନ ଭୋଜନ ସମୟରେ ଛାତ୍ରଛାତ୍ରୀ ସ୍କୁଲ ପରିସରରେ ଥିବାବେଳେ ସନାତନ ମଦ୍ୟପାନ କରି ସ୍କୁଲରେ ପହଞ୍ଚି ଶିକ୍ଷକଙ୍କୁ ଗାଳିଗୁଲଜ କରି ପିଲାମାନଙ୍କୁ ଆକ୍ରମଣ କରିଥିଲା । ଏହି ଘଟଣାରେ ୫ମ ଶ୍ରେଣୀର ୩ଜଣ ଛାତ୍ର ଜଗନଜିତ ଗାହାଣ, ପ୍ରିୟତମ ପ୍ରକାଶ ଆଚାର୍ଯ୍ୟ ଓ ଶାନ୍ତନୁ ଶତପଥୀକୁ ଆକ୍ରମଣ କରିଥିଲା । ଏଥିରେ ପିଲାଙ୍କର ଦେହରେ ମାଡ଼ ଚିହ୍ନ ଥିବା ସହ ଡ୍ରେସ୍ ଚିରିଯାଇଥିଲା । ଘଟଣା ସମୟରେ ସ୍ଥାନୀୟ ଯୁବକମାନେ ପହଞ୍ଚି ମଦ୍ୟପ ଯୁବକକୁ କାବୁ କରି ଧାମନଗର ପୁଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ଏଏସ୍ଆଇ ନରେନ୍ଦ୍ର ରାଉତ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଥାନାକୁ ନେଇ ଅଟକ ରଖି ତଦନ୍ତ ଆରମ୍ଭ କରିଛନ୍ତି । ତେବେ ଏହି ଘଟଣାକୁ ନେଇ ଅଭିଭାବକ ଓ ସ୍ଥାନୀୟ ବାସୀଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ପ୍ରକାଶ ପାଇଛି ।

## ଉପଭୋକ୍ତା ସଚେତନତା ରଥକୁ ସ୍ୱାଗତ

ବାରିକପୁର,୬ ।୨(ସମିସ): ନୂଆଦିଲ୍ଲୀରୁ ବାହାରିଥିବା ଉପଭୋକ୍ତା ସଚେତନତା ଭାରତ ଯାତ୍ରା ରଥକୁ ଆଜି ଭଣ୍ଡାରିପୋଖରୀ ବ୍ଲକ୍ ବାଲି ପୋଖରୀସ୍ଥିତ ଶୁକଦେବ ଜେନା ହାଇସ୍କୁଲ ଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ସ୍ଥାନୀୟ ଜନସାଧାରଣ, ଛାତ୍ରଛାତ୍ରୀ ଓ ଉପଭୋକ୍ତା ମାନେ ଶୋଭାଯାତ୍ରାରେ ବାହାରି ଉକ୍ତ ରଥକୁ ସ୍ୱାଗତ କରିଥିଲେ । ପରେ ପ୍ରଧାନଶିକ୍ଷକ ଭଗବାନ ପ୍ରଧାନଙ୍କ



ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତୀୟ ମାନକ ବ୍ୟୁରୋର କାର୍ଯ୍ୟକାରିଣୀ ସଦସ୍ୟ ଡ.ଅନନ୍ତ ଶର୍ମା, ସିସିଆଇର କାର୍ଯ୍ୟକାରୀ ସଭାପତି ସେଲଭେରାଜ ଜୀ, ଉପଭୋକ୍ତା ସୁରକ୍ଷା ଅଭିଯାନ ଓଡ଼ିଶାର ସମ୍ପାଦକ ଗୋବିନ୍ଦ ଓଝା, ସ୍ୱପଳିନି ପ୍ରତାପ, ଅମିତ କୁମାର, ଅତିରିକ୍ତ ଶାସନ ସଚିବ ଅକ୍ଷୟ ମଲିକ, ସିସିଆଇର ନିର୍ଦ୍ଦେଶକ କୈଳାସ ଖେମୱାଟ, ଯୁଗ୍ମ ସମ୍ପାଦକ ବିଜୟଲକ୍ଷ୍ମୀ ମହାପାତ୍ର, ବରିଷ୍ଠ ଉପଭୋକ୍ତା କର୍ମୀ ହୃଷିକେଶ ପଣ୍ଡା, ରବି ମହାନ୍ତି, ଶ୍ରୀନିବାସ ସାହୁ, ଆଲୁମୁନି ସଭାପତି ସଞ୍ଜୀବ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଖାଉଟିମାନଙ୍କ ଅଧିକାର ଓ କର୍ତ୍ତବ୍ୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ସ୍ଥାନୀୟ ସରପଞ୍ଚ ଅକ୍ଷୟ ତ୍ରିପାଠୀ ଧନ୍ୟବାଦ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ । ଉପଭୋକ୍ତା ସଚେତନତା ଭାରତ ଯାତ୍ରା ରଥ ପଶ୍ଚିମ ବଙ୍ଗ ଅଭିମୁଖେ ଯାତ୍ରା କରିଥିବା ଜଣାପଡ଼ିଛି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ବନ୍ତ/ଆଗରପଡ଼ା,୬।୨(ସମିସ): ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ କାଦବରାଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୦ ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ମାନସ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆଗରପଡ଼ାର ଅଧକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ପ୍ରବଚକ ପଣ୍ଡିତ ସଂଗ୍ରାମ



ଆଚାର୍ଯ୍ୟ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରଦୀପ ପଲାଇ, ବାଙ୍କତିରା ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଶୋକ କୁମାର ପାତ୍ର, ବିଦ୍ୟାଳୟ ସଭାପତି ଦେବେନ୍ଦ୍ର ପଲାଇ, ସମ୍ପାଦକ ପୁଷ୍ପଲତା ଗିରି, ସମାଜସେବୀ ଇଂ ଅଭିମନ୍ୟୁ ଗିରି ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ ପ୍ରଧାନ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସିଆରସିସି ନିରଞ୍ଜନ ଖିଲାର ଅତିଥି ପରିଚୟ ଓ ଗୁରୁମା ସୁମିତ୍ରା ପେଢ଼ି ଧନ୍ୟବାଦ୍ ଅର୍ପଣ କରିଥିଲେ । ଶିଶୁ ବିଦ୍ୟା ମନ୍ଦିରର ଶିକ୍ଷା ଓ କ୍ରୀଡା କ୍ଷେତ୍ରରେ ଉତ୍ତୀର୍ଣ୍ଣ ଛାତ୍ର ଛାତ୍ରୀଙ୍କୁ ପ୍ରତିଭା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ପୂର୍ବ ପରିଚାଳନା କମିଟିର ସଦସ୍ୟ ଓ ବର୍ତ୍ତମାନର ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୋ÷କନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଗାୟତ୍ରୀ ପଲାଇ, ପ୍ରିୟଙ୍କା ନାୟକ, ସଜନୀ ଲେଙ୍କା, ଚିନ୍ମୟୀ ରାଉତ, ମିତାରାଣୀ ତ୍ରିପାଠୀ, ଦିପ୍ତିମୟୀ ବାରିକ୍, ଅନୀମା ବେହେରା, ଅନସ୍ୱୟା ସେଠୀ, ପ୍ଲାବିନୀ ପାଣି ଓ ଅପା ପାର୍ବତୀ ଜେନାଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା ଓ ପରିଚାଳନା କମିଟିର ସଦସ୍ୟ ଓ ସଦସ୍ୟା ସହଯୋଗ କରିଥିଲେ ।

**ମନ ଜିଣୁଛି ନଟରାଜ ନାଟ୍ୟ ମହୋତ୍ସବ**

## ଦ୍ୱିତୀୟ ସନ୍ଧ୍ୟାରେ ‘ଅପଦାର୍ଥ’ ମଞ୍ଚସ୍ଥ

ଭଦ୍ରକ,୬ ।୨(ସମିସ): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାର ଓ ସଂଗୀତ ନାଟକ ଏକାଡେମୀ ଓଡ଼ିଶା ମିଳିତ ସହଯୋଗରେ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ଭଦ୍ରକର ଦ୍ୱାବିଂଶ ତମ ଚାରି ଦିବସୀୟ ନାଟ୍ୟ ମହୋତ୍ସବ ୨୦୨୬ରେ ତାର ନାଟ୍ୟ ମହୋତ୍ସବର ୨ୟ ସନ୍ଧ୍ୟାରେ ଦର୍ଶକଙ୍କ ମନ ଜିଣିଛି । ପ୍ରଥମ ଦିନରେ ଅଭୂତପୂର୍ବ ସଫଳତା ପରେ ଦ୍ୱିତୀୟ ଦିବସରେ ବାରିପଦାର ନାଟ୍ୟ ଅନୁଷ୍ଠାନ ରୂପାନ୍ତର ତାର ନାଟକ “ଅପଦାର୍ଥ” ପରିବେଷଣ କରିଥିଲା । ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ନାଟକ ଓ ପରେଶ ସାହୁଙ୍କ ନିର୍ଦ୍ଦେଶିତ “ଅପଦାର୍ଥ” ନାଟକଟି ଦର୍ଶକଙ୍କ ମନମୋହିଥିଲା । ନାଟ୍ୟ ମହୋତ୍ସବର ଦ୍ୱତୀୟ ଦିବସରେ ସଭାପତିତ୍ୱ କରିଥିଲେ ବିଶିଷ୍ଟ ନାଟ୍ୟକାର ଡ.ସୁଧାଂଶୁ ନାୟକ । ଭଦ୍ରକ ଗୁଇନ୍ଦା ବିଭାଗର ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ନାଟକକୁ ଭଲ ପାଉଥିବା ଦର୍ଶକଙ୍କୁ ଶୁଭେଚ୍ଛା ଜଣାଇଥିଲେ । କଳା ସଂସ୍କୃତିର ମାଟି ଭଦ୍ରକ କଳାକୁ ବଞ୍ଚାଇ ରଖିବା ପାଇଁ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ । ଆଗାମୀ ଦିନରେ କିପରି ନାଟକ ଦର୍ଶକଙ୍କ ଆଦୃତ ହେବ ସେ ନେଇ ଅତିରିକ୍ତ ଏସ୍‌ପି ଶ୍ରୀ ଦ୍ୱିବେଦୀ ଆଲୋଚନା କରିଥିଲେ । ନାଟ୍ୟ ଅନୁଷ୍ଠାନ ପକ୍ଷରୁ ଦୁଇ ନାଟ୍ୟକାର ଗୌରାଙ୍ଗ ବାରିକ ଓ ସଂଗୀତ ନିର୍ଦ୍ଦେଶକ କେଶବ



ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିଭଳି ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ବାଦଲ ଶିକଦାରଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ବର୍ତ୍ତମାନର ସମୟରେ ବୋହୂ କିପରି ନିଜ ଶାଶୁ ଶଶୁରଙ୍କୁ ଅତ୍ୟାଚାର କରୁଛି, ନିଜ ସ୍ୱାମୀଙ୍କୁ କିପରି ଅତ୍ୟାଚାର କରୁଛି କିପରି ସ୍ୱାମୀ ଅପଦାର୍ଥ ହୋଇଯାଇଛି ସମାଜରେ ହେଉଥିବା ଘଟଣାବଳୀକୁ ନେଇ ନାଟକ “ଅପାଦାର୍ଥ”ଟି ପର୍ଯ୍ୟବେଷିତ । ମଞ୍ଚ ପରିଚାଳନାରେ ଉପ ସଭାପତି ଶିବ ପ୍ରସାଦ, ସମ୍ପାଦକ ଦେବବ୍ରତ ମହାନ୍ତି, ପ୍ରଦୀପ ବାରିକ, କମଳଲୋଚନ ପଣ୍ଡା, ବୃନ୍ଦାବନ ସାହୁ, ଶୁଭେନ୍ଦୁ ସାହୁ, ନିର୍ମଳ ପରିଡ଼ା, ମନୋଜ ମିଶ୍ର ଭବେଶ ସାହୁ, କିରଣ ପଣ୍ଡା ସହଯୋଗ କରିଥିଲେ ।

## ପୁଲିସର ନିର୍ଯାତନା; ଏସ୍‌ପିଙ୍କୁ ଫେରାଦ ହେଲେ ବରିଷ୍ଠ ନାଗରିକ

ଭଦ୍ରକ,୬ ।୨(ସମିସ)

ଭଦ୍ରକ ଜିଲ୍ଲା ପୀରହାଟ ଥାନା ପୁଣି ଚର୍ଚ୍ଚାର ପରିସରକୁ ଆସିଛି । ଏହି ଥାନା ଅଧିକାରୀଣୀଙ୍କ ନାମରେ ଉଠିଛି ସଙ୍ଗୀନ ଅଭିଯୋଗ । ଏହାକୁ ନେଇ ଭଦ୍ରକ ଏସ୍‌ପିଙ୍କ ନିକଟରେ ଜଣେ ବରିଷ୍ଠ ନାଗରିକ ତଥା ପକ୍ଷାଘାତ ରୋଗୀ ଅଭିଯୋଗ କରିଛନ୍ତି । ଅଭିଯୋଗକାରୀ ହେଉଛନ୍ତି, ତିହିଡି ଥାନା ଅଧୀନ କୋହ୍ଲ ଗାଁର ଭୀମସେନ ମହାଳିକ । ସେ ଜଣେ ପକ୍ଷଘାତ ରେଗୀ ତଥା ବରିଷ୍ଠ ନାଗରିକ । ଏହି ଗାଁର ସେ ଜଣେ ଗରିବ ଜନଜାତି ବର୍ଗର । ଯାହାଙ୍କର ବୟସ ୬୦ ବର୍ଷରୁ ଅଧିକ ହେବ । ଭୀମସେନଙ୍କ ପୁଅ ଗତ ୨୦୨୫ ଡିସେମ୍ବର ମାସରେ ନିଖୋଜ ହୋଇଥିଲେ । ପ୍ରାୟ ୧ମାସ ପରେ ସେ ଘରକୁ ଫେରିଥିଲେ । ତାଙ୍କ ପୁଅ ଗଲାବେଳେ କହିଗଲା ବାପା ମୁଁ ଯାଉଛି ବିଦେଶ । ମୋତେ ଆଉ ଖୋଜିବ ନାହିଁ । ସେ ଯିବା ସମୟରେ ଏକ ଲିଖିତ କାଗଜ ଦେଇଗଲା । ନିରକ୍ଷର ଭୀମସେନ ଗାଁ ଲୋକାଙ୍କୁ ସେହି କାଗଜ ଦେଖାଇବା ପରେ ଜାଣିଲା ତାଙ୍କ ୨୬ ବର୍ଷୀୟ ପୁଅ ସୁଦର୍ଶନ ମହାଳିକ ବିବାହ କରିସାରିଛି । ପୀରହାଟ ଥାନା ମଙ୍ଗଳପୁର ଗାଁର ପ୍ରଭାତ ପାତ୍ରଙ୍କ ୨୧ ବର୍ଷୀୟା ଝିଅଙ୍କୁ ସେ କୋର୍ଟରେ ବିବାହ କରିଛି । ଏ ସମ୍ପର୍କତ ଅନ୍ୟ କାଗଜପତ୍ର ମଧ୍ୟ ସେ ଦେଇଗଲା ।




ପ୍ରଭାତ ପାତ୍ର ଏହି ବିବାହକୁ ବିରୋଧ କରି ପୀରହାଟ ଥାନାରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ମୂଳେ ପୀରହାଟ ଥାନା ଅଧିକାରିଣୀ ଭୀମସେନଙ୍କୁ ଥାନାକୁ ଡକାଇ ଥିଲେ । ଭୀମସେନ ଜଣେ ବିପତ୍ନୀକ । ଏଣୁ ସେ ନିଜ ଘରେ ତାଙ୍କର ଜଣେ ବିବାହିତା ଓ ଅନ୍ୟ ଜଣେ ଅବିବାହିତ ଝିଅଙ୍କ ସହିତ ରହୁଛନ୍ତି । ଗତ ୩ ତାରିଖରେ ପୀରହାଟ ଥାନା ପୁଲିସ ବିଳମ୍ବିତ ରାତିରେ ଭୀମସେନଙ୍କ ଘରେ ପହଞ୍ଚି ତାଙ୍କୁ ବିଭିନ୍ନ ଅଶ୍ରାବ୍ୟ ଭାଷାରେ ଗାଳି କରିବା ସହିତ ଧମକ ଚମକ ଦେଇଥିଲେ । ସେ ଶୋଇଥିବା ଘରକୁ ପଶି ତାଙ୍କର ମଶାରୀ ଦଉଡ଼ିକୁ ଅନ୍ୟ ପୁଲିସ କର୍ମଚାରୀ ଛିଡ଼ାଇ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି । ଏପରି ନିର୍ଯାତନା ଅଭିଯୋଗ ଚଳିତ ମାସ ୪ତାରିଖରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚାଇଛନ୍ତି ଭୀମସେନ । ବାପ ଝିଅ ଦୁହେଁ ଭଦ୍ରକ ଯାଇ ଏହି ଅଭିଯୋଗ କରିଛନ୍ତି । ଏହି ଥାନା ପୁଲିସ ଅନେକ ବାର ଭୀମସେନଙ୍କ ପରିବାରକୁ ହଇରାଣ ହରକତ କରୁଥିବା ଅଭିଯୋଗରେ ଉଲ୍ଲେଖ କରିବା ସହ ତାଙ୍କୁ ନ୍ୟାୟ ଦେବାକୁ ଅନୁରୋଧ କରିଛନ୍ତି । ବିବାହ ସମ୍ପର୍କିତ କାଗଜପତ୍ର ଭୀମସେନ ପୀରହାଟ ଥାନାରେ ବି ଦାଖଲ କରିସାରିଛନ୍ତି ।

# ହିଡ଼ସିଂହ ଜଳସେଚନ ପ୍ରକଳ୍ପକୁ ମିଳିଲା ପରିବେଶୀୟ ମଞ୍ଜୁରୀ

ଅନୁଗୋଳ,୬ ।୨(ସମିସ)




ହିଡ଼ସିଂହ ଜଳସେଚନ ପ୍ରକଳ୍ପକୁ କେନ୍ଦ୍ର ସରକାର ପରିବେଶୀୟ ମଞ୍ଜୁରୀ ଦେବା ପରେ ଏହାର ନିର୍ମାଣ ନେଇ ଗତ ୪ ଦଶନ୍ଧି ଧରି ଯେଉଁ ଅଚଳାବସ୍ଥା ରହିଥିଲା ତାହା ଏବେ ଦୂର ହୋଇଛି। ଶୁକ୍ରବାର ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଅନୁଗୋଳ ଫରେଷ୍ଟ ଡିଭିଜନ କରଡ଼ସିଂହ ଗାଁ ନିକଟରେ ବ୍ରାହ୍ମଣୀ ନଦୀ ଉପରେ ଏହି ପ୍ରକଳ୍ପ ତିଆରି ହେବ। ଏହି ଡ୍ୟାମ୍ ୯୩୩ ମିଟର ଲମ୍ବ ଓ ପ୍ରାୟ ୩୩ ମିଟର ଉଚ୍ଚ ହେବ। ପ୍ରାୟ ୪୩୭ ହେକ୍ଟର ଜମି ଏଥିପାଇଁ ଆବଶ୍ୟକ ହେଉଥିବା ବେଳେ ପ୍ରାୟ ୮୮ ହେକ୍ଟର ଜଙ୍ଗଲ ଜମି ଡାଇଭର୍ସନ କରାଯିବ। ଏହି ପ୍ରକଳ୍ପ ନିର୍ମାଣ ପାଇଁ ପ୍ରାୟ ୨୪୫୪୯.୨୬ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ବିଧାୟକ ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକଳ୍ପକୁ ବନ୍ତଳାବାସୀ ସମର୍ଥନ କରୁଥିବା ବେଳେ ଜିଲ୍ଲାରେ ଜଳସେଚନ ବ୍ୟବସ୍ଥାର ଅଧିକ ଉନ୍ନତି ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେପି ସଭାପତି ଯଯାତି


## ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ବିଧାୟକ

ପଟ୍ଟନାୟକ, ସାଧାରଣ ସମ୍ପାଦକ ପ୍ରଭାତ ପ୍ରଧାନଙ୍କ ସମେତ ବରିଷ୍ଠ ନେତା ବିଜୟ ପ୍ରଧାନ, ଭକ୍ତିପ୍ରସାଦ ଦାସ, ଆଇନଜୀବୀ ଦିଲୀପ ଦାସ, ସୁନୀଲ ସାହୁ, ମୀରା ଗଡ଼ନାୟକ ଓ ଅନ୍ୟ ବହୁ ନେତା ଯୋଗଦେଇଥିଲେ।

● ପଦ୍ମଶ୍ରୀ ବାବା ବଳିଆଙ୍କ ତାଳଚେର ଗସ୍ତ

# ବଢ଼ି ଚାଲିଥିବା ପ୍ରଦୂଷଣ ନେଇ ଉଦବେଗ

ବିକ୍ରମପୁର,୬ ।୨(ସମିସ): ପଦ୍ମଶ୍ରୀ ବାବା ବଳିଆ ଶୁକ୍ରବାର ତାଳଚେର ଗସ୍ତ କରି ଏଠାରେ ବୃଦ୍ଧି ପାଉଥିବା ପରିବେଶ ପ୍ରଦୂଷଣ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ତାଳଚେର ଅନନ୍ତ ପରିବାର ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ବାବା ବଳିଆ ଯୋଗଦେଇ କହିଲେ, ଯେ ତାଳଚେର ଅଞ୍ଚଳରେ ପ୍ରଦୂଷଣ ଏକ ଗୁରୁତର ସମସ୍ୟା ହୋଇଛି। ଏହାର ନିରାକରଣ ପାଇଁ ସମସ୍ତଙ୍କ ସଚେତନତା ଓ ସହଯୋଗ ଆବଶ୍ୟକ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରତିଦିନ ଖାଦ୍ୟରେ ଅଳ୍ପ କମ୍‌ରେ ଗୋଟିଏ କଦଳୀ ଅନ୍ତର୍ଭୁକ୍ତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ପରିବେଶ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ କରିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି। ପ୍ରତ୍ୟେକେ ଅତି କମ୍‌ରେ ୫ଟି ଗଛ ଲଗାଇବାକୁ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ପରିବେଶ ସୁରକ୍ଷା ଦିଗରେ କଠୋର ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଆଜିକାଲି କେତେକ ଲୋକ ଗାଈକୁ କେବଳ ଦୁଗ୍ଧ ବ୍ୟବସାୟ ପାଇଁ ବ୍ୟବହାର କରି ପରେ ସେମାନଙ୍କୁ ରାସ୍ତାରେ ଛାଡ଼ି ଦେଉଛନ୍ତି। ଖାଦ୍ୟ ଅଭାବରୁ ଗାଈମାନେ ରାସ୍ତାରେ ପଡ଼ିଥିବା ପଲିଥିନ୍ ଖାଉଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟ ନଷ୍ଟ ହେଉଛି। ଏଥିପାଇଁ ସେମାନଙ୍କ ଦୁଗ୍ଧ ମଣିଷ ପାଇଁ ମଧ୍ୟ ହାନିକାରକ ହୋଇଯାଉଛି। ଭାରତ ସରକାର ଗାଈକୁ ଜାତୀୟ ପଶୁ ଘୋଷଣା କରି ଗୋବଂଶର ସୁରକ୍ଷା ଦିଗରେ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।



# ଅନୁଗୋଳ ଏନ୍‌ଏସି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଅନୁଗୋଳ,୬ ।୨(ସମିସ): ଅନୁଗୋଳ ଏନ୍‌ଏସି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ଅଳକାନନ୍ଦାଙ୍କ ପୌରୋହିତ୍ୟରେ



ଆୟୋଜିତ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ମୁଖ୍ୟଅତିଥି ରୂପେ ଯୋଗ ଦେଇ ପିଲାମାନେ ନିଜ ପ୍ରତିଭାର ବିକାଶ କରି ଶ୍ରେଷ୍ଠତା ହାସଲ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ରୂପେ ଶିଶୁ ମଙ୍ଗଳ କମିଟି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି ଯୋଗଦେଇ ଶିଶୁମାନଙ୍କ ଅଧିକାର ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ରୂପେ ସ୍ଥାନୀୟ କାଉନସିଲର ସୁଜାତା ପଲାଇ, ପୂର୍ବତନ କାଉନସିଲର ବଳବୀର ସିଂହ ଏବଂ ସ୍କୁଲ ପରିଚାଳନା କମିଟି ସଭାପତି ରଞ୍ଜନ କୁମାର ବେହେରା ଯୋଗଦେଇଥିଲେ। କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସୁଜାତା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଖେଳ ଶିକ୍ଷକ ଶ୍ରୀବତ୍ସ କୁମାର ମହାପାତ୍ର ସହଯୋଗ କରିଥିଲେ।

ହିଡ଼ସିଙ୍ଗ ଜଳ ପ୍ରକଳ୍ପକୁ ଅନୁମୋଦନ

# ବନ୍ତଳାରେ ଅନୁଗୋଳ ବିଧାୟକଙ୍କୁ ସମ୍ବର୍ଦ୍ଧନା

ଅନୁଗୋଳ,୬ ।୨(ସମିସ): ଅନୁଗୋଳ ନିର୍ବାଚନ ମଣ୍ଡଳୀର ବନ୍ତଳା ଅଞ୍ଚଳରେ ଦୀର୍ଘ ଦିନ ଦାବି ହୋଇଆସୁଥିବା ହିଡ଼ସିଙ୍ଗ ଜଳପ୍ରକଳ୍ପକୁ କାର୍ଯ୍ୟକାରୀ କରିବାକୁ ଭାରତ ସରକାରଙ୍କ ଜଙ୍ଗଲ ପରିବେଶ ମନ୍ତ୍ରାଳୟର ଅନୁମୋଦନ ଲାଭ କରିଥିବାରୁ ବନ୍ତଳା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ପ୍ରଚେଷ୍ଟାରେ ଏହା ସମ୍ଭବ ହୋଇଥିବାରୁ ଶୁକ୍ରବାର ବନ୍ତଳା ଅଞ୍ଚଳବାସୀ ଓ ଦଳୀୟ ନେତୃବୃନ୍ଦ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଧାୟକ ପ୍ରଧାନ ବନ୍ତଳାବାସୀଙ୍କୁ ଏହାର ଶ୍ରେୟ ଦେଇଥିଲେ। ଆଗାମୀ ଦିନରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବନ୍ତଳା ଓ ଏହାର ଆଖପାଖ ଅଞ୍ଚଳଗୁଡ଼ିକ ସବୁଜିମାମୟ ହେବ ବୋଲି କହିଥିଲେ। ସମ୍ବର୍ଦ୍ଧନା ଉତ୍ସବରେ



ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ସାଧାରଣସମ୍ପାଦକ ପ୍ରଭାତ ପ୍ରଧାନ, ବିଜେପି ନେତା ଲକ୍ଷ୍ମଣ ସାହୁ, ହାଡ଼ିବନ୍ଧୁ ଦେହୁରୀ, ସରୋଜ ଜେନା, ହରିଶ ବେହେରା, ବନ୍ତଳା ମଣ୍ଡଳ ସଭାପତି କାହ୍ନୁଚରଣ ପ୍ରଧାନ, ବଡ଼କେରା ମଣ୍ଡଳର ସୁଲଭ ଦେହୁରୀ, ହେମନ୍ତ ବିଶ୍ୱାଳ, ସତ୍ୟାନନ୍ଦ ସାହୁ, ଶଙ୍ଖପୁର ସରପଞ୍ଚ ଜ୍ୟୋତିର୍ମୟୀ ଦେହୁରୀ, ନନ୍ଦାପୁର ସରପଞ୍ଚ ଜଗବନ୍ଧୁ ସାହୁ, ବସଲା ସରପଞ୍ଚ ଚନ୍ଦନ କୁମାର ସାହୁ, ତଳଗଡ଼ ସରପଞ୍ଚ ଅରବିନ୍ଦ ପ୍ରଧାନ, ବାବୁଲି ବେହେରା, ନିର୍ମଳ ପ୍ରଧାନ, ବୁବୁ ସାହୁ, ସୁଶାନ୍ତ ସାହୁଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ଅଟୋ ସଂଘର ବାର୍ଷିକ ଉତ୍ସବ



କିଶୋରନଗର,୬ ।୨(ସମିସ): କିଶୋରନଗର ବ୍ଲକ ବାମୁରର ମା' ମାହେଶ୍ୱରୀ ଅଟୋ ଆସୋସିଏସନର ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଆସୋସିଏସନର ଉପଦେଷ୍ଟା ଅଧ୍ୟାପକ ଜୟକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ସାଂସଦଙ୍କ ପ୍ରତିନିଧି ସରୋଜ କୁମାର ସାହୁ, ମୁଖ୍ୟବକ୍ତା ରୂପେ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ, ସମ୍ମାନିତ ଅତିଥି ରୂପେ କିଶୋରନଗର ଥାନାଧିକାରୀ ବିଭୂତି ଭୂଷଣ ପ୍ରଧାନ, ସଚ୍ଚିଦାନନ୍ଦ ପ୍ରଧାନ, ନଳିନୀ ରଞ୍ଜନ ପ୍ରଧାନ, ସଂଘ ସଭାପତି ମନୋରଞ୍ଜନ ପ୍ରଧାନ, ସମ୍ପାଦକ ମଦନ ସୁନ୍ଦର ଦେହୁରୀ ଓ ପୂଜା କମିଟି ସଭାପତି ଚିନ୍ମୟ ପ୍ରଧାନ, ସମାଜସେବୀ ରତ୍ନାକର ପ୍ରଧାନ ଉପସ୍ଥିତ ଥିଲେ। ରାଜ୍ୟ ଡ୍ରାଇଭର ସଙ୍ଘ ସଭାପତି ପ୍ରଶାନ୍ତ ମେଣ୍ଟୁଲି ଏହାକୁ ଉଦଘାଟନ କରି ନିଶାମୁକ୍ତ ଡ୍ରାଇଭର ସମାଜ ପାଇଁ ଆହ୍ୱାନ ଦେଇଥିଲେ। କର୍ତ୍ତବ୍ୟ, ସମୟାନୁବର୍ତ୍ତିତା, ସହଯୋଗ, ସାମାଜିକ ଉତ୍ତରଦାୟିତ୍ୱର ପ୍ରତିନିଧି ହେଉଛି ଅଟୋ ସଙ୍ଘ ବୋଲି କହିଥିଲେ। ଏହି ଅବସରରେ କ୍ରୀଡ଼ା କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଶ୍ରୁତି ମୁଣ୍ଡା, ସଂଗଠକ ସଚ୍ଚିଦାନନ୍ଦ ପ୍ରଧାନ, କ୍ରୀଡ଼ା ଶିକ୍ଷକ ବସନ୍ତ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ପରାମର୍ଶଦାତା ରୁଦ୍ରନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସଭା ଅନୁଷ୍ଠିତ ହୋଇଥିଲ। ଅଗସ୍ତି ଚରଣ ସାହୁ ସଭା ସଂଯୋଜନା କରିଥିଲେ।

● ଚାଷୀଙ୍କ ଅଧିକାର ପାଇଁ ଲଢ଼େଇ ତୀବ୍ର

# କଣିହାଁରେ ବିଜେଡିର ରଣହୁଙ୍କାର

କଣିହାଁ/ପବିତ୍ରନଗର,୬ ।୨(ସମିସ): ଚାଷୀଙ୍କ ସ୍ୱାର୍ଥକୁ ଅଣଦେଖା କରୁଥିବା ନୀତି ଓ ଅନ୍ୟାୟ ବିରୋଧରେ



ଆସନ୍ତା ୧୧ତାରିଖ ସଡ଼କରୁ ସଦନ ପର୍ଯ୍ୟନ୍ତ ଲଢ଼େଇ କରିବାକୁ ବିଜେଡି କଣିହାଁ ବ୍ଲକରେ ଗର୍ଜନ କରିଛି। ଆସନ୍ତା ଚାଷୀ ସମାବେଶକୁ ଐତିହାସିକ କରିବା ପାଇଁ ପୂର୍ବତନ ପାଲଲହଡ଼ାବିଧାୟକ ମୁକେଶ କୁମାର ପାଲଙ୍କ ନିର୍ଦ୍ଦେଶରେ କଣିହାଁ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ ସାହୁଙ୍କ ସଭାପତିତ୍ୱରେ ମା' ଲୁଧୁଣି ମନ୍ଦିର ପରିସରରେ ଶୁକ୍ରବାର ପୂର୍ବାହ୍ନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଚାଷୀଙ୍କ ଉପରେ ହେଉଥିବା ଅନ୍ୟାୟ, ନ୍ୟାୟସଙ୍ଗତ ଦାମର ଅଭାବ, ସିଚାଇ ବ୍ୟବସ୍ଥାର ବିଫଳତା ଓ କୃଷି ଯୋଜନାରେ ଚାଷୀଙ୍କୁ ବଞ୍ଚିତ କରାଯିବାକୁ ବିଜେଡି କେବେ ବି ସହିବ ନାହିଁ। ଚାଷୀ ସମାବେଶ ମାଧ୍ୟମରେ ସରକାର ଓ ପ୍ରଶାସନକୁ କଣିହାଁ ଓ ଅନୁଗୋଳ ଚାଷୀଙ୍କ ଶକ୍ତି ଦେଖାଇଦିଆଯିବ ବୋଲି ନେତାମାନେ କହିଥିଲେ। ବୈଠକରେ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲ୍ଲା ସମ୍ପାଦକ ପର୍ଶୁରାମ ବିଶ୍ୱାଳ, ବ୍ଲକ ସମ୍ପାଦକ ପ୍ରଭାକର ମହାନ୍ତି, ଯୁବନେତା ସୁବାସ ମହାନ୍ତି, ବାବୁଲା ଶତପଥୀ, ସୌଭାଗ୍ୟ ଚନ୍ଦ୍ର ପ୍ରଧାନଙ୍କ ସମେତ ସମସ୍ତ ପଞ୍ଚାୟତ ସଭାପତି ଉପସ୍ଥିତ ରହି ଗାଁ ଗାଁରୁ ଚାଷୀଙ୍କୁ ସଂଗଠିତ କରିବା ପାଇଁ ଶପଥ ନେଇଥିଲେ। ଯଦି ଚାଷୀଙ୍କ ଦାବିକୁ ଅଣଦେଖା କରାଯାଏ, ତେବେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ଏବଂ ବିଜେଡି ଚାଷୀଙ୍କ ସ୍ୱାର୍ଥ ପାଇଁ ପଛକୁ ହଟିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି।

# ଦୋଳ ମେଳଣ ପ୍ରସ୍ତୁତି ବୈଠକ

କଣିହାଁ,୬ ।୨(ସମିସ): କଣିହାଁ ବ୍ଲକ ରେଙ୍ଗାଲି ଥାନା ଅନ୍ତର୍ଗତ ବଜ୍ରକୋଟ ଗ୍ରାମ ଭୃଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଦୋଳ ମେଳଣ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମାର୍ଚ୍ଚ ୧ରୁ ୩ ତାରିଖ ପର୍ଯ୍ୟନ୍ତ ପୃଥ୍ୱୀରାଜ ଅପେରା ଯାତ୍ରା ପରିବେଷଣ କରିବ। ଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ଆୟୋଜନ କରିବା ପାଇଁ ଆଲୋଚନା କରାଯିବା ସହ ଦାୟିତ୍ୱ ବଣ୍ଟନ କରାଯାଇଛି। ବଜ୍ରକୋଟ ଗ୍ରାମବାସୀଙ୍କ ପକ୍ଷରୁ ଅଞ୍ଚଳବାସୀଙ୍କୁ ମେଳଣ ଯାତ୍ରା ଦେଖିବାକୁ ନିବେଦନ କରାଯାଉଛି।

# କଣିହାଁ ସ୍କୁଲ ପ୍ଲାଟିନମ ଜୁବୁଲି ପ୍ରସ୍ତୁତି ସମୀକ୍ଷା

କଣିହାଁ,୬ ।୨(ସମିସ): ଆସନ୍ତା ୮ରୁ ୧୦ ତାରିଖ ପର୍ଯ୍ୟନ୍ତ କଣିହାଁ ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପାଳିତ ହେବାକୁ ଯାଉଥିବା ପ୍ଲାଟିନମ ଜୁବୁଲି ଉତ୍ସବ। ଏହାକୁ ସଫଳ ଓ ସ୍ମରଣୀୟ



କରିବା ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ଏହି ପରିପ୍ରେକ୍ଷିତରେ ଆୟୋଜିତ ପ୍ରସ୍ତୁତି ବୈଠକରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ବିଧାୟକ ପ୍ରଧାନ ବିଦ୍ୟାଳୟର ଗୌରବମୟ ଐତିହ୍ୟ ଓ ଶିକ୍ଷାକ୍ଷେତ୍ରରେ ତାହାର ଅବଦାନକୁ ସ୍ମରଣ କରି ଏହାକୁ ଏକ ସାମୂହିକ ଉତ୍ସବରେ ପରିଣତ କରିବା ପାଇଁ ଜୋର ଦେଇଥିଲେ। ମଞ୍ଚ ସାଜସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମ, ପୂର୍ବତନ ଛାତ୍ରଛାତ୍ରୀଙ୍କ ସମ୍ମିଳନ, ଅତିଥି ସ୍ୱାଗତ ସହ ସମସ୍ତ ବ୍ୟବସ୍ଥା ସମୟ ମଧ୍ୟରେ ସୁଚାରୁରୂପେ ସମ୍ପନ୍ନ କରିବାକୁ ସମ୍ବନ୍ଧିତ କମିଟିକୁ ନିର୍ଦ୍ଦେଶ ଦେଇଥିଲେ।

# କିଶୋରନଗର ସିଟି ସ୍କୁଲର ବାର୍ଷିକ କ୍ରୀଡ଼ା



କିଶୋରନଗର,୬ ।୨(ସମିସ): ସ୍ଥାନୀୟ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନର ବାର୍ଷିକ କ୍ରୀଡ଼ା ଫେବୃଆରୀ ୩ ଓ ୪ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ମଦନ ସୁନ୍ଦର ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। କ୍ରୀଡ଼ା ସଂଯୋଜକ ସୂରଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପର୍ଶୁରାମ ଛନ୍ଦ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ସେହିପରି ଶିକ୍ଷୟିତ୍ରୀ ଶିବାନୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଶିକ୍ଷାବିତ୍ ହୃଷୀକେଶ ସାହୁ ମୁଖ୍ୟଅତିଥି, ଶିକ୍ଷକ ପ୍ରଶିକ୍ଷକ ସୁବ୍ରତ ପାଣିଗ୍ରାହୀ, କଳା ପ୍ରଶିକ୍ଷକ କମଳ ଲୋଚନ ମହନ୍ତ, ଗ୍ରନ୍ଥାଗାରିକ ବିଭୂତି ଭୂଷଣ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ସଚିବ ବିଶ୍ୱରଞ୍ଜନ ସାହୁ, ଉପସଚିବ ପ୍ରବୀଣ ତୃଣକାନ୍ତ ଦେହୁରୀ, ସହସଚିବ ଆଶିଷ ରଞ୍ଜନ ନାୟକ ଓ ଶୁଭସ୍ମିତା ନାଏକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। କ୍ରୀଡ଼ା ଶିକ୍ଷକ ନବୀନ ବିଶ୍ୱାଳ, ସୋନାଲିକା ବଡ଼ମାଲି ଓ ନୀଳମଣି ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ।

# ଜିଲ୍ଲା ଗ୍ରାମାଞ୍ଚଳ ଫୁଟବଲ ଲିଗ୍: ତଳମୂଳ ଓ ବାଗେଡ଼ିଆ ବିଜୟୀ

ଅନୁଗୋଳ,୬ ।୨(ସମିସ): ପିଟିସି ପଡ଼ିଆରେ ଆୟୋଜିତ ଅନୁଗୋଳ ଜିଲ୍ଲା ଗ୍ରାମାଞ୍ଚଳ ଫୁଟବଲ ଲିଗ୍‌ରେ ଶୁକ୍ରବାର ଦୁଇଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ତଳମୂଳ ଓ ବାଗେଡ଼ିଆ ଦଳ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ତଳମୂଳ ଦଳ ୫-୦ ଗୋଲରେ ଜରପଡ଼ାକୁ ପରାସ୍ତ କରିଛି। ଦ୍ୱିତୀୟ ମ୍ୟାଚ୍ ବାଗେଡ଼ିଆ ଓ ତାଳଚେର ମଧ୍ୟରେ ହୋଇଥିଲା। ବାଗେଡ଼ିଆ ୧-୦ ଗୋଲରେ ବିଜୟୀ ହୋଇଛି। କଂଗ୍ରେସ ନେତା ପ୍ରବୋଧ କୁମାର ସ୍ୱାଇଁ ଓ ରଞ୍ଜନ ଜେନା ଅତିଥି ରୂପେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସଂଘ ସଭାପତି ପବନ ସାହୁ, ସମ୍ପାଦକ ନିଲୁ ସାହୁ ଏବଂ କୋଷାଧ୍ୟକ୍ଷ ବିନୋଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶନିବାର ଜରପଡ଼ା ବନାମ ତାଳଚେର ଓ ତଳମୂଳ ବନାମ ବାଗେଡ଼ିଆ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

# ଭ୍ୟାନ, ବାଇକ ସହ କାର୍ ଜବତ; ୩ ଗିରଫ

ବଇଣ୍ଡା,୬ ।୨(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଓ ହଣ୍ଡପା ପୁଲିସ ଗୁରୁବାର ଦିନ ବିଭିନ୍ନ ଅଞ୍ଚଳରେ ଗାଡ଼ିମଟର ଯାଞ୍ଚ କରିଛି। ହଣ୍ଡପା ପୁଲିସ ହଣ୍ଡପା ଅଞ୍ଚଳରେ ଯାଞ୍ଚ କରି ମଦ୍ୟପାନ କରି ପିକଅପ ଭ୍ୟାନ ଚଳାଉଥିବା ଅଭିଯୋଗରେ ପେଡ଼ିପଥର ଗ୍ରାମର ଗୌତମ ନାୟକଙ୍କୁ ଗିରଫ କରିବା ସହ ତାଙ୍କ ଭ୍ୟାନ ଜବତ କରିଛି। ସେହିପରି ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ କିଶୋରନଗର ଥାନା ରାମଚନ୍ଦ୍ରପୁର ଅଞ୍ଚଳର ହୀରା ବେହେରାଙ୍କୁ ଗିରଫ କରାଯାଇଛି। ତାଙ୍କ ବାଇକ ଜବତ କରାଯାଇଛି। ଠାକୁରଗଡ଼ ପୁଲିସ ଠାକୁରଗଡ଼ ଅଞ୍ଚଳରେ ଗାଡ଼ି ଯାଞ୍ଚ କରୁଥିବା ବେଳେ ମଦ୍ୟପାନ କରି କାର୍ ଚଳାଉଥିବା ଅଭିଯୋଗରେ ରେଢ଼ାଖୋଲ ଅଞ୍ଚଳର ପଞ୍ଚାନନ ଭୋଇଙ୍କୁ ଗିରଫ କରିବା ସହ ତାଙ୍କ କାର ଜବତ କରିଛି। ସେହିପରି ସାନ ରୋହିଲା ଗ୍ରାମର ଭାସ୍କର ତାଣ୍ଡିଆଙ୍କୁ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ ଗିରଫ କରାଯାଇଛି। ଏଥିସହ ତାଙ୍କ ବାଇକ ଜବତ ହୋଇଛି।

# ଡକାୟତି ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ଅନୁଗୋଳ,୬ ।୨(ସମିସ): ଡକାୟତି ମାମଲାରେ ସମ୍ପୃକ୍ତ ରହି ଦୀର୍ଘଦିନ ହେଲା ପୁଲିସକୁ ଚକମା ଦେଖାଇ ଫେରାର ଥିବା ଅଭିଯୁକ୍ତକୁ ନାଲକୋ ଥାନା ପୁଲିସ ଗୁରୁବାର କୁରୁଡୋଲ ଗ୍ରାମରୁ ଗିରଫ କରିଛି। ପୁଲିସ ଅତର୍କିତ ଚଢ଼ଉ କରିଥିବା ବେଳେ ଅଭିଯୁକ୍ତ ଦୌଡ଼ି ପଳାଇବାକ ଉଦ୍ୟମ କରିଥିଲା। ତେବେ ପୁଲିସ ତାକୁ ଗୋଡ଼ାଇ ଧରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ନାଲକୋନଗର ଥାନା କୁରୁଡୋଲ ଗ୍ରାମର ଦୁଃଖିଆ ନାଏକଙ୍କ ପୁଅ ଦୁର୍ଯ୍ୟୋଧନ ନାଏକ। ଦୁର୍ଯ୍ୟୋଧନ ବିରୋଧରେ ଡକାୟତି ମାମଲାରେ ୨୦୧୬ରେ ହଣ୍ଡାପା ଥାନାରେ ମାମଲା ରୁଜୁ ହୋଇଥିଲା। ସେହିଦିନଠାରୁ ସେ ଫେରାର ହୋଇଯାଇଥିଲା। ଏ ନେଇ ୨୦୨୩ ଅକ୍ଟୋବର ୩ରେ ତା' ବିରୋଧରେ ଆଠମଲ୍ଲିକ କୋର୍ଟରୁ ୱରେଣ୍ଟ ଜାରି ହୋଇଥିଲା।

# ଗଛପଡ଼ି ଜେସିବି ହେଲପର ମୃତ

କଣିହାଁ,୬ ।୨(ସମିସ): କଣିହାଁ ବ୍ଲକ ସମଲ ଥାନା ଝୁଲାଖୁଣ୍ଟିଆ ଗ୍ରାମରେ ଶୁକ୍ରବାର ଅପରାହ୍ନରେ ରାସ୍ତାକାମ ବେଳେ ଗଛପଡ଼ିବାରୁ କାମରେ ନିୟୋଜିତ ଜେସିବିର ହେଲପରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅର୍କିଲ ଗ୍ରାମର ନୃସିଂହ ସେଠୀ (୨୨)। ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ କ୍ଷତିପୂରଣ ଦାବିରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ମୃତଦେହ ଉଠିନାହିଁ। ସୂଚନାଯୋଗ୍ୟ ପରାବିଲଠାରୁ ଡେରାଗୋଳା ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଏକ ଠିକାସଂସ୍ଥା ଦ୍ୱାରା ଜାରି ରହିଛି। ଝୁଲାଖୁଣ୍ଟିଆ ଗ୍ରାମ ନିକଟରେ ରାସ୍ତା ପ୍ରଶସ୍ତୀକରଣ ପାଇଁ ରାସ୍ତା କଡ଼ରେ ଥିବା ଗଛଗୁଡ଼ିକୁ ଜେସିବି ଦ୍ୱାରା ହଟା ଯାଉଥିବା ବେଳେ ଏହି ଘଟଣା ଘଟିଛି।

# ଡାହାଣୀ ସନ୍ଦେହରେ ନିର୍ଯାତନା ସମ୍ପର୍କିତ ସଚେତନତା

ଅନୁଗୋଳ,୬ ।୨(ସମିସ): ଅନୁଗୋଳ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ମିଳିତ ଆନୁକୂଲ୍ୟରେ ଡାହାଣୀ ସନ୍ଦେହରେ ନିର୍ଯାତନା ସମ୍ପର୍କିତ ସଚେତନତା କର୍ମଶାଳା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ



ପ୍ରୀତିମୟ କାର୍ମଶାଳାକୁ ଶୁଭାରମ୍ଭ କରିଥିଲେ। ଅନ୍ଧବିଶ୍ୱାସ ଯୋଗୁଁ ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିଷୟରେ ସମସ୍ତ ଗ୍ରାମରେ ଅଙ୍ଗନବାଡ଼ି କର୍ମୀଙ୍କ ଦ୍ୱାରା ସଚେତନତା କରିବା ପାଇଁ ସିଡିପିଓମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ପ୍ରୋଗ୍ରାମ ଅଧିକାରୀ, ସ୍ଥାନୀୟ ପୁଲିସ୍ ଅଧିକାରୀ, ଜିଲ୍ଲା ସଂଯୋଜିକା, ବଡ଼ହିଂସ ସରପଞ୍ଚ, ସମସ୍ତ ସିଡିପିଓ, ସୁପରଭାଇଜର, ଆଶାକର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀ, ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀ, ଅଙ୍ଗନବାଡ଼ି କର୍ମୀ ଏବଂ କିଶୋରୀ ବାଳିକା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କଲ୍ୟାଣ କିଶୋର ମହାନ୍ତି ଯୋଗଦେଇ ଅନ୍ଧବିଶ୍ୱାସ ଯୋଗୁଁ ମହିଳାମାନଙ୍କ ଉପରେ ହେଉଥିବା ହିଂସା ଓ ନିର୍ଯାତନା ରୋକିବାକୁ ଓଡ଼ିଶା ଡାହାଣୀ ଶିକାର ପ୍ରତିରୋଧ ଅଧିନିୟମ-୨୦୧୩ ବିଷୟରେ ବୁଝାଇଥିଲେ। ଜିଲ୍ଲା ସୁରକ୍ଷା ଅଧିକାରୀ ରୁନୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ଲାଉପାଳ ଜଳଭଣ୍ଡାରରେ ପକ୍ଷୀ ଗଣନା

# ୩୫ ପ୍ରଜାତିର ପକ୍ଷୀ ସମେତ ୧୪ ପ୍ରଜାତିର ବିଦେଶୀ ପକ୍ଷୀ

ଅନୁଗୋଳ,୬ ।୨(ସମିସ)

ଓଡ଼ିଶା ଜୈବବିବିଧତା ବୋର୍ଡ ପକ୍ଷରୁ ଅନୁଗୋଳ ଜିଲ୍ଲା ମାଧପୁର ନିକଟ ଲାଉପାଳ ଜଳଭଣ୍ଡାରରେ ଏସିଆନ୍ ଜଳଚର ପକ୍ଷୀ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପକ୍ଷୀ ଗଣନା କାର୍ଯ୍ୟକ୍ରମରେ ସ୍ଥାନୀୟ ମାଧପୁର, କୁଦଗାଁ ଏବଂ ଲୁଣହାଣ୍ଡି ଜୈବବିବିଧତା ପରିଚାଳନା ସମିତି କର୍ମକର୍ତ୍ତା ଏବଂ ବନ ବିଭାଗ କର୍ମଚାରୀ ସାମିଲ ହୋଇଥିଲେ। ଆଠମଲ୍ଲିକ ବନଖଣ୍ଡ ଏବଂ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ପକ୍ଷରୁ ସମସ୍ତ ସହଯୋଗ କରାଯାଇଥିଲା। ଜଳଭଣ୍ଡାର ଦୁଇ ପାର୍ଶ୍ୱରେ ଥିବା ଘାସ ଓ ଦଳ ଅଞ୍ଚଳକୁ ବୁଲି ଗଣନାକାରୀମାନେ ଗଣନା କରିଥିଲେ। ଜଳଭଣ୍ଡାରରେ ୩୫ ପ୍ରଜାତିର ପକ୍ଷୀ ଦୃଶ୍ୟମାନ ହୋଇଥିବା ବେଳେ ୧୪ ପ୍ରକାରର




ବିଦେଶାଗତ ପକ୍ଷୀ ଥିଲେ। ସମୁଦାୟ ୧୯୭୨ ପକ୍ଷୀ ଥିବା ଜଣାପଡ଼ିଛି। ମାଧପୁର ବନପାଳ ସନ୍ତୋଷ ନାୟକ, ଓଡ଼ିଶା ଜୈବବିବିଧତା ବୋର୍ଡର ଗବେଷକ ସିନୁ ଆରାଧନା, ଲକ୍ଷ୍ମୀପ୍ରିୟା ଦାସ, ଶ୍ରୀମା ସାଇ ମା, ଓମପ୍ରକାଶ ମହାନ୍ତି ଏବଂ ପକ୍ଷୀପ୍ରେମୀ ବୀରେନ୍ କୁମାର ପ୍ରଧାନ, ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ସଂଯୋଜକ ପ୍ରିୟବ୍ରତ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପକ୍ଷୀ ଗଣନା କରାଯାଇଥିଲା।

ବିଦେଶାଗତ ପକ୍ଷୀଙ୍କ ମଧ୍ୟରେ ରେଡ୍ କ୍ରେଷ୍ଟେଡ୍ ପୋଚାଡ, କମନ୍ ସାଣ୍ଡ ପାଇପର୍, ଲିଟଲ୍ ରିଙ୍ଗ୍‌ଡ୍ ପ୍ଲୋଭର୍, ବ୍ଲାକ୍ ବିଲଡ୍ ଟର୍ନ, ନର୍ଦନ ପିଣ୍ଟେଲ୍ ରହିଛନ୍ତି। ସେହିପରି କଟନ୍ ପିଗମି ଗୁସ୍, କଟନଟିଲ୍ ମଧ୍ୟ ପକ୍ଷୀ ଦେଖିବାକୁ ମିଳିଥିଲା। ପକ୍ଷୀ ଗଣନା ପରେ ବିଏମସିର ଅଂଶଗ୍ରହଣକାରୀଙ୍କୁ ପକ୍ଷୀଙ୍କ ବ୍ୟବହାରିକ ଚଳଣି, ଖାଦ୍ୟପାନୀୟ, ପ୍ରକୃତି ପାଇଁ ରହିଥିବା ସନ୍ତୁଳନ ପ୍ରକ୍ରିୟା ସହିତ ଆମ ସଂସ୍କୃତି ଐତିହ୍ୟ ସହିତ ରହିଥିବା ସମ୍ପର୍କ ଉପରେ ଆଲୋଚନା କରିଥିଲେ।

ପକ୍ଷୀଙ୍କ ପାଇଁ ରହିଥିବା ବିପଦ ଏବଂ ବିପଦରୁ ଉଦ୍ଧାର କାର୍ଯ୍ୟକ୍ରମ ଓ ସଂରକ୍ଷଣର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଗ୍ରାମବାସୀମାନେ ପକ୍ଷୀଙ୍କ ବିଷୟରେ ଅଧିକ ଜାଣିବା ଏବଂ ସେମାନଙ୍କ ସଂରକ୍ଷଣରେ ସହଯୋଗ କରାଯିବା ଉପରେ ଆଲୋଚନା କରାଯାଇଥିଲା। ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ପକ୍ଷରୁ ଲିକୁନ ପ୍ରଧାନ ଏବଂ ବିନୟ ସାହୁ ସହଯୋଗ କରିଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ॥



ସ୍ୱର୍ଗତ ଭାସ୍କର ମହାରଣା
ରାମନଗର ପ୍ରଥମ ଲେନ, କମାପଲି, ବ୍ରହ୍ମପୁର (ଗଞ୍ଜାମ)
ଆବିର୍ଭାବ : ୧୦.୧୦.୧୯୪୮
ତିରୋଧାନ : ୨୮.୦୧.୨୦୨୬
ବାପା ଆପଣ ଯିବାର ୧୧ ଦିନ ହେଇଗଲା ।
ଆପଣଙ୍କର ସ୍ନେହ, ଭଲ ପାଇବା, ତ୍ୟାଗ ଆମପାଇଁ
ଚିର ସ୍ମରଣୀୟ ହୋଇ ରହିବ । ଆପଣଙ୍କ ଅମର
ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ
ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳି ସହ : ପୁତ୍ର ଜଗଦୀଶ,
ମହେଶ, ପୁତ୍ରବଧୂ କ୍ରୀଷ୍ଣା,
ଝିଅ,ଜୋଇଁ ଓ ନାତି ନାତୁଣୀମାନେ

# ମନରେଗା ଆଇନକୁ ପୁନଃ କାର୍ଯ୍ୟକ୍ଷମ ପାଇଁ ଦାବି



ମୁରିବାହାଲ,୬ ।୨(ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ୍ କଂଗ୍ରେସ କମିଟିର ସଭାପତି ଗିରିଧାରୀ ସାହୁଙ୍କ ନେତୃତ୍ୱରେ ଶୁକ୍ରବାର ବିଡିଓ ବାସନ୍ତି ସେଠିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସରକାର ମନରୋଗା ଆଇନ ୨୦୦୫କୁ ବନ୍ଦ କରିଦେଇ ବିଭି-ଜୀରାମ-ଜୀ ଯୋଜନ ଚଳାଇଛନ୍ତି।ଏହି ନୂତନ ଆଇନ କୋଟି କୋଟି ଶ୍ରମିକଙ୍କ ଉପରେ ଲାତ ଓ ଗରିବ ଲୋକଙ୍କର କାମ ମାଗିବାର ଅଧିକାରକୁ ଛଡେଇ ନେଇ ଯାଉଛି।ଏସସି/ ଏସଟି/ ଓବିସି ସମାଜର ଶ୍ରମିକଙ୍କୁ ସାମାଜିକ ନ୍ୟାୟରୁ ବଞ୍ଚିତ କରୁଛି।ମନରେଗା ଆଇନରେ ଶ୍ରମିକ ମଜୁରିର ସମ୍ପୂର୍ଣ୍ଣ ବଜେଟ କେନ୍ଦ୍ର ସରକାର ଦେଉଥିଲେ। ନୂଆ ଆଇନରେ କେନ୍ଦ୍ର ସରକାର ୬୦%ବଜେଟ ଦେବେ ଏବଂ ୪୦% ରାଜ୍ୟ ସରକାରଙ୍କୁ ଦେବାକୁ ପଡିବ।ଜିଏସ୍‌ଟି ଓ କେନ୍ଦ୍ରୀୟ ସେସ୍ ମାଧ୍ୟମରେ ପ୍ରତିବର୍ଷ ୫ ଲକ୍ଷ କୋଟି ଟଙ୍କା ଆଦାୟ କରିବା ପରେ ମଧ ରାଜ୍ୟମାନଙ୍କ ପାଖରେ ଟଙ୍କା ନାହିଁ। ରାଜ୍ୟ ଟଙ୍କା ଦେଇ ପାରିବେ ନାହିଁ, ଶ୍ରମିକ ରୋଜଗାର ପାଇପାରିବେ ନାହିଁ।ତେଣୁ କେନ୍ଦ୍ର ସରକାର ବିଭି-ଜୀରାମ-ଜୀ ବିଲକୁ ପ୍ରତ୍ୟାହାର କରି ତୁରନ୍ତ ଐତିହାସିକ ମନରେଗା ଆଇନକୁ ପୁନଃ ସ୍ଥାପନ କରିବା ପାଇଁ କଂଗ୍ରେସ ତରଫରୁ ଦାବି କରାଯାଇଛି।ଦାବିପତ୍ର ଦେବା ସମୟରେ ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ପାଣିଗ୍ରାହୀ,ଡିସିସି ସମ୍ପାଦକ ଯଦୁପତି ଅଗସ୍ତି,ବିଭିଷଣ ମହାନନ୍ଦ,ସମିତି ସଭ୍ୟ ଭିମସେନ ବାଗ,ଜିତେନ ହାତୀ, ବିଷ୍ଣୁ ସାହୁ,ନରେନ୍ଦ୍ର ବନଛୋର, ବୁଲୁ ବିଶି,ଗୁରମେଲ ସିଂ ଭାଟିଆ,ସତ୍ୟ ହାତୀ, ମାଧବ ସାହୁ,ଯୁଧା ନାଗ ପ୍ରମୁଖ ଉପସ୍ଥିତ ଥିଲେ।ବିଡିଓଙ୍କ ଶ୍ରୀମତୀ ସେଠୀଙ୍କ ଅନୁପସ୍ଥିତିରେ ସେକ୍ସନ ଅଫିସର ରାଜେନ୍ଦ୍ର ନାୟକ ଦାବିପତ୍ର ଗ୍ରହଣ କରିଥିଲେ।

## ଖଇର ଓ କେନ୍ଦୁ ଚାଲାଣରେ ଲାଗି ପାରୁନି ରୋକ୍

# ମାଫିଆ-ବନ ବିଭାଗର ଛକାପଞ୍ଝା ଖେଳ

ବଲାଙ୍ଗିର,୬।୨(ସମିସ)

ବଲାଙ୍ଗିର ଜିଲ୍ଲାରେ ଖଇର ଓ କେନ୍ଦୁ କାଠର ବେଆଇନ ଚାଲାଣ ରୋକିବାରେ ସଂପୂର୍ଣ୍ଣ ଭାବେ ବିଫଳ ହୋଇଛି ବଲାଙ୍ଗିର ବନ ବିଭାଗ। ବିଶେଷ କରି କଣ୍ଟାବାଞ୍ଜି, ମୁରିବାହାଲ, ସଇଁନ୍ତଲା ଓ ଦେଓଗାଁ ରେଞ୍ଜ ଅଞ୍ଚଳରୁ ଏହି ବେଆଇନ ଚୋରାଚାଲାଣ ଗତ କିଛି ବର୍ଷ ହେଲା ଚାଲିଥିବା ବେଳେ ବନ ବିଭାଗ ଚଢ଼ଉ ଚୋରା ଚାଲାଣ ରୋକିବାରେ ପର୍ଯ୍ୟାପ୍ତ ନଥିବା ସ୍ପଷ୍ଟ ହୋଇଛି। ଗତ ଦୁଇ ମାସ ଭିତରେ ବହୁ ସଂଖ୍ୟାରେ ଚଢ଼ଉ କରାଯାଇ ଚାଲାଣ ହେଉଥିବା ଗାଡି ଜବତ ହୋଇଛି, ବହୁ ପରିମାଣର ଖଇର ଓ କେନ୍ଦୁ କାଠ ମଧ ଜବତ ହୋଇଛି କିନ୍ତୁ ମାଷ୍ଟରମାଇଣ୍ଡ ଧରାପଡୁନଥିବାରୁ ଚାଲାଣକୁ ସଂପୂର୍ଣ୍ଣ ଭାବେ ବନ୍ଦ କରିବାରେ ବନ ବିଭାଗ ସଫଳ ହୋଇନଥିବା ଆଲୋଚନା ହେଉଛି।ଏହା ସହିତ ଚାଲାଣକାରୀ ସହ କିଛି ଅସାଧୁ କର୍ମଚାରୀ ଙ୍କ ଗୁପ୍ତ ମେଣ୍ଟ ମଧ ଚାଲାଣ ରୋକିନପାରିବା ଦିଗରେ ଅସ୍ତ୍ର ଭାବେ ବ୍ୟବହୃତ ହେଉଥିବା ଅଭିଯୋଗ ହୋଇଛି।

ବିଗତ କିଛି ବର୍ଷ ହେଲା ବଲାଙ୍ଗିର ଜିଲ୍ଲାରୁ ପଶ୍ଚିମବଙ୍ଗ, ରାୟପୁର ଦେଇ ବିଦେଶକୁ ଖଇର ଓ କେନ୍ଦୁ କାଠ ଚାଲାଣ ହେଉଥିବା ଅଭିଯୋଗ ହୋଇଛି।ଏହି ଅଭିଯୋଗକୁ ବନବିଭାଗ ପକ୍ଷରୁ କରାଯାଉଥିବା ଚଢଉ ହିଁ ସ୍ପଷ୍ଟ କରିଆସିଛି।ଏହାକୁ ରୋକିବାରେ ବନ



ବିଭାଗ ସଂପୂର୍ଣ୍ଣ ଭାବେ ବିଫଳ ହୋଇଛି। କିନ୍ତୁ କାହିଁକି ? ନିୟମିତ ଚଢଉ, ଚାଲାଣ ହେଉଥିବା ଗାଡି, ବିପୁଳ ପରିମାଣର କାଠଗଣ୍ଡି ଜବତ ହେଉଥିବା ସତ୍ତ୍ୱେ ଏହାକୁ ନା ବନ ବିଭାଗ ରୋକିପାରିଛି ନା ଚାଲାଣକାରୀମାନେ ବନ ବିଭାଗ ଚଢଉକୁ ଭୟ କରୁଛନ୍ତି। ଗତ ଦୁଇ ତିନି ମାସ ଭିତରେ ବନ ବିଭାଗ ପକ୍ଷରୁ କରାଯାଇଥିବା ଚଢଉ ଉପରେ ନଜର ପକାଇଲେ ଜିଲ୍ଲାରୁ ଜଙ୍ଗଲରୁ କିଭଳି ବିଦେଶକୁ ଚାଲାଣ ହେଉଛି ତାହା ସ୍ପଷ୍ଟ ଭାବେ ଅନୁମାନ କରାଯାଇପାରେ। ବିଭାଗୀୟ ସୂଚନା ଅନୁସାରେ ଗତ ୬ ତାରିଖରେ କଣ୍ଟାବାଞ୍ଜି ରେଞ୍ଜ ବାଲଦାସ ଗାଁ ନିକଟରେ କଣ୍ଟାବାଞ୍ଜି ଓ ମୁରିବାହାଲ ରେଞ୍ଜ ପକ୍ଷରୁ ଚଢଉ କରାଯାଇ ଗାଡି ନଂ ସିଜି-୧୧ ବିଏଚ-୦୩୮୬ରେ

**● ନିୟମିତ ଚଢାଉ ପରେ ବି ଚାଲାଣରେ ଲାଗୁନି ବ୍ରେକ୍**

**● ଅସାଧୁ କର୍ମଚାରୀଙ୍କ ସହଯୋଗରେ ଚାଲିଛି ବେପାର**

୮୦କୁଇଣ୍ଟାଲ ଖଇର କାଠ ଜବତ ହୋଇଛି। ଜାନୁୟାରୀ ୨୯ ତାରିଖରେ ସଇଁନ୍ତଲା ଓ ଦେଓଗାଁ ରେଞ୍ଜ ପକ୍ଷରୁ ଚଢଉ କରାଯାଇ ସଇଁନ୍ତଲା ସେକ୍ସନ କନ୍ଦକେଲ ଗାଁ ରେଳ କ୍ରସିଂ ନିକଟରୁ ଗାଡି ନଂଡବ୍ଲୁବି-୭୮୫୭୩ରୁ ପ୍ରାୟ ୬୬କୁଇଣ୍ଟାଲ, ଜାନୁୟାରୀ ୨୪ ତାରିଖରେ କଣ୍ଟାବାଞ୍ଜି ରେଞ୍ଜ ଢୋଲମାନ୍ଦଲ ସେକ୍ସନ ତେନ୍ତୁଲିଖୁଣ୍ଟି ଗାଁ ନିକଟରୁ ଗାଡି ନଂସିଜି୦୭ସିକେ-୮୯୫୪ରୁ ବିପୁଳ ପରିମାଣର ଖଇର କାଠ ଜବତ ହୋଇଥିଲା। ସେହିପରି ଜାନୁୟାରୀ ୨୦ ତାରିଖରେ ହରିଶଙ୍କର ରେଞ୍ଜ ଫୁଲକିମୁଣ୍ଡା ଗାଁ ନିକଟରୁ ଗାଡି ନଂ-ଓଡି ୦୩ ଏସ -୭୫୪୨ରୁ ୧୦କୁଇଣ୍ଟାଲ ଖଇର କାଠ ଜବତ ହୋଇଥିଲା। ଡିସେମ୍ବର ୨୯ ତାରିଖରେ ମୁରିବାହାଲ ରେଞ୍ଜ ଇଚ୍ଛାପୁର ଗାଁ ନିକଟରେ ଗାଡି ନଂ -ଓଡି ୦୩ ୱାଇ-୪୭୯୯ରୁ୧୯ ଟି କେନ୍ଦୁ ଗଣ୍ଡି ଜବତ ହୋଇଥିଲା। ଡିସେମ୍ବର ୨୬ ତାରିଖରେ କଣ୍ଟାବାଞ୍ଜି କାଦୋଭସା ଗାଁ ନିକଟରେ ଗାଡି ନଂ-ଓଡି ୦୭ ସି-୪୮୮୮ରୁ ୫୩ ଟି କେନ୍ଦୁ ଗଣ୍ଡି ଜବତ ହୋଇଥିବା ବେଳେ ଏହାର ଦୁଇ ଦିନ ପୂର୍ବରୁ କଣ୍ଟାବାଞ୍ଜି ରେଞ୍ଜ ଲର୍କି ସେକ୍ସନ ଖରଖରା ଗାଁ ନିକଟରେ ଗାଡି ନଂ-ଓଆର୦୨-ଏ ୮୩୬୫ରୁ ୧୫କଣ୍ଡାଲ ଖଇର କାଠ ବନ ବିଭାଗ ଜବତ କରିଥିଲା। ଏହି ସବୁ ଘଟଣା କେବଳ ଉଦାହରଣ ମାତ୍ର ଏହିଭଳି ଅନେକ ଚଢଉ କରାଯାଇ ଗାଡି, ଖଇର ଓ କେନ୍ଦୁ ଗଣ୍ଡି ଜବତ ହୋଇଛି। ତଥାପି ରୋକିବାରେ ବିଫଳ ହୋଇଛି ବନ ବିଭାଗ। ଏହାର କାରଣ ହେଉଛି ପ୍ରାୟତଃ ୯୦ ପ୍ରତିଶତ ଚଢଉରେ କେବଳ ଗାଡି ଓ କାଠଗଣ୍ଡି ବନ ବିଭାଗ ଧରିବାରେ ସଫଳ ହୋଇଥିବା ବେଳେ ଏହାକୁ ଚାଲାଣ କରୁଥିବା ମୁଖ୍ୟମାଫିଆକୁ ବନ ବିଭାଗ ଗିରଫ କରିପାରିନାହିଁ।ଏହି କାରବାରେ ପାଟଣାଗଡ, ବରଗଡ ଓ ସମ୍ବଲପୁର ପ୍ରାୟ ଚାରିରୁ ପାଞ୍ଚ ଜଣ ମାଫିଆ ସକ୍ରୀୟ ଥିବା ବେଳେ ସେମାନଙ୍କ ବିଷୟରେ ବନ ବିଭାଗ ପାଖରେ ଖବର ମଧ ରହିଛି। ଏକାଧିକ ଘଟଣା ରେ ତାଙ୍କ ନାମ ମଧ ତଦନ୍ତ ପରିସରଭୁକ୍ତ ରହିଛି କିନ୍ତୁ ବନ ବିଭାଗ ସେମାନଙ୍କୁ ଧରିବାରେ ନା ସଫଳ ହୋଇଛି ନା ଧରିବା ପାଇଁ ଚେଷ୍ଟା କରିଛି। ଯାହାଫଳରେ ଯେତେ ଚଢଉ ହେଲେ ବି ଏହି ମାଫିଆମାନେ ବନ ବିଭାଗ ଆଖିରେ ଧୂଳି ଦେଇ ଚାଲାଣ ଚଳାଇଛନ୍ତି। ଏପରିକି କିଛି ଅସାଧୁ ବନ କର୍ମଚାରୀଙ୍କୁ ହାତ କରି ବନ ବିଭାଗକୁ ଚାଲାଣ ଖବର ଦେଇ ସିନେମା ଷ୍ଟାଇଲେ ଅନ୍ୟବାଟ ଦେଇ ମଧ ଚାଲାଣ କରୁଥିବା ଜଣାପଡିଛି। ତେବେ ମାଫିଆଙ୍କୁ ଧରିବା ପାଇଁ ବନ ବିଭାଗ ଓ ପୁଲିସ ବିଭାଗର ମିଳିତ ଟିମ୍ ଉଦ୍ୟମ କଲେ ହୁଏତ ବଲାଙ୍ଗିର ଜିଲ୍ଲାରୁ ହେଉଥିବା ବେଆଇନ ଚାଲାଣ ରୋକାଯାଇପାରିବ ବୋଲି ସବୁଜ ରକ୍ଷକମାନେ ମତ ରଖିଛନ୍ତି।

# ● ନାବାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହତ୍ୟା ଅଭିଯୋଗ ଆଣିଲେ ପରିବାର



କଣ୍ଟାବାଞ୍ଜି,୬ ।୨(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନୂଆପଡ଼ାରେ ରହୁଥିବା ହରି ବଛାଙ୍କ ୧୫ ବର୍ଷର ପୁଅଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଠାବ ହୋଇଛି। ଘରନିକଟରେ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ମୃତ ଦେହ ଉଦ୍ଧାର କରାଯାଇଥିବା ବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରୁଛି। ହରି ବଛାଙ୍କ ପୁଅ ଫକୀର ବଛା ପାଠ ଛାଡି ବୁଲାବୁଲି କରିବା ସହ କିଛି କାମ କରି ଘର ଚଳେଇବାରେ ସହଯୋଗ କରିଥାଏ। ଫକିର କାମ କରିବାକୁ ଯାଉଛି ବୋଲି ଘରଲୋକଙ୍କୁ କହି ଯାଇଥିଲା। ରାତିରେ ଘରକୁ ଫେରିନଥିବା ବେଳେ ଘର ଲୋକ ଫୋନ କରିଥିଲେ ହେଲେ ଫକୀର ଫୋନ ଉଠାଇନଥିଲା।ଶୁକ୍ରବାର ସକାଳୁ ହରି ବଛା ଘର ପାଖ ଏକ ଗଛରେ ମୃତଦେହ ଝୁଲୁଥିବା ଦେଖିବାକୁ ପାଇ ଉଦ୍ଧାର କରିଥିଲେ। କଣ୍ଟାବାଞ୍ଜି ପୁଲିସ ଶବ ଜବତ କରି ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ମୃତ ନାବାଳକଙ୍କ ବାପା ହରି ବଛା ଅଭିଯୋଗ ପରେ ଘଟଣା ଅଧିକ ତଦନ୍ତ ଆରମ୍ଭ କରିଛି କଣ୍ଟାବାଞ୍ଜି ପୁଲିସ।

## ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘର ବୈଠକ

# ଦାବି ପୂରଣ ନହେଲେ ମାଟ୍ରିକ ପରୀକ୍ଷାରେ ଅସହଯୋଗ

ବଲାଙ୍ଗିର,୬ ।୨(ସମିସ):ଓଡିଶା ସରକାରୀ ହାଇସ୍କୁଲରେ ଏନ୍‌ପିଏସ୍ ଶିକ୍ଷକମାନଙ୍କ ଦିର୍ଘ ଦିନ ଧରି ସରକାରଙ୍କୁ ଦାବି ଜଣାଇ ଆସୁଥିଲେ ମଧ ସରକାର ଶୁଣୁ ନାହାନ୍ତି। ତେଣୁ ବଲାଙ୍ଗିର ଜିଲ୍ଲାର ଏନ୍‌ପିଏସ୍ ଶିକ୍ଷକମାନେ ଚଳିତ ମାଟ୍ରିକ ପରୀକ୍ଷାରେ ଅସହଯୋଗ ତଥା ପରୀକ୍ଷା ସମୟରେ ଆନ୍ଦୋଳନରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାର ୨୦୨୨ ମସିହା ଅକ୍ଟୋବର ମାସରେ କଣ୍ଟ୍ରାକ୍ଟୁଏଲ ରିଏପିଲ ରୁଲ ୨୦୨୨ ଆଣିଲେ ଓ ସମଗ୍ର ରାଜ୍ୟରୁ ଚିକ୍ତି ଭିତ୍ତିକ



ଚାକିରି ଯୁଗର ଅବସାନ ହେଲା ବୋଲି ଘୋଷଣା କଲେ। ମାତ୍ର ରୁଲରେ ଅନେକ ଅସଙ୍ଗତି ଥିବା କଥା ସରକାର ସ୍ୱୀକାର କରୁଥିବା ବେଳେ ଅସଙ୍ଗତି ଦୂର ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ୨୦୦୪ ରୁ ୨୦୧୩ ମସିହା ମଧ୍ୟରେ ନିଯୁକ୍ତ ଶିକ୍ଷକମାନଙ୍କ ୬ ବର୍ଷର ଚୁକ୍ତି ଅବଧିକୁ ମୂଳ ଚାକିରିରେ ଗଣନା ତଥା ୬ ନୋସନାଲ ଇନକ୍ରିମେଣ୍ଟପ୍ରଦାନ ଦାବିକୁ ଓଡିଶା ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘ ସରକାରଙ୍କ ଦୃଷ୍ଟିକୁ ଆଣିଥିଲେ। ଏ ବିଷୟରେ ବହୁବାର ଆଲୋଚନା ହୋଇଛି ମାତ୍ର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ୨୦୨୫ ସେପ୍ଟେମ୍ବର ୨୨ ଓ ୨୩ ତାରିଖରେ ସଂଘର ଆନ୍ଦୋଳନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସହ ଆଲୋଚନା ସମୟରେ ସରକାର ନିର୍ଭର ପ୍ରତିଶ୍ରୁତି ଦେଇ ଆନ୍ଦୋଳନରୁ ବିରତ ରହିବାକୁ ନିବେଦନ କଲେ କିନ୍ତୁ ଆଲୋଚନା ଆଲୋଚନାରେ ହିଁ ରହିଗଲା। ସରକାର ପ୍ରତିଶ୍ରୁତି ପୂରଣ ପାଇଁ ପଦକ୍ଷେପ ଗ୍ରହଣ କଲେ ନାହିଁ। ଅନ୍ୟପକ୍ଷରେ ଗଣଶିକ୍ଷା ମନ୍ତ୍ରୀଙ୍କୁ ସଂଘ ତରଫରୁ ବାରମ୍ବାର ଭେଟି ସମସ୍ୟା ବିଷୟରେ ଅବଗତ କରାଯାଇଛି ମାତ୍ର କେବଳ ସମୟ ନେଇ କିଛି କାମ କରାଯାଇନାହିଁ। ସରକାରଙ୍କ ତରଫରୁ ୨୦୨୨ ଅକ୍ଟୋବର ମାସରୁ କେବଳ ଆଶ୍ୱାସନା ଦେଇ ଆନ୍ଦୋଳନରୁ ବିରତ ରହିବାକୁ ନିବେଦନ କରାଯାଉଛି। ଦିର୍ଘ ୩ ବର୍ଷରୁ ଅଧିକ ସମୟ ଧରି ବାରମ୍ବାର ସରକାରଙ୍କ ଦୃଷ୍ଟିକୁ ଆଣିବା ପରେ କେବଳ ଆଶ୍ୱାସନା ଦେଇ ଭଣ୍ଡାଇ ଦେବାକୁ ଚେଷ୍ଟା କରାଯାଇଛି। ତେଣୁ ଆଉ ଆଶ୍ୱାସନା ରେ ବିଶ୍ୱାସ ନ କରି ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ ଅସହଯୋଗ ନୀତିକୁ ଆପଣେଇ ବାକୁ ସଂଘ ବାଧ ହେଉଛି। ହେଉଛି ଓ ଆଗାମୀ ବିଧାନସଭା ସମୟରେ ଆନ୍ଦୋଳନ କରିବା ପାଇଁ ବଲାଙ୍ଗିର ଜିଲ୍ଲା ଏନ୍‌ପିଏସ୍ ଶିକ୍ଷକମାନେ ଆଗାମୀ ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ଭୁବନେଶ୍ୱର ଲୋୟର ପିଏମ୍‌ଜି ରେ ହେବାକୁ ଥିବା ଆନ୍ଦୋଳନରେ ସମସ୍ତେ ଯୋଗ ଦେବେ ବୋଲି ବଲାଙ୍ଗିର ସଂଘ ତରଫରୁ ସଭାପତି ରାଜ କୁମାର ଭୋଇ, ସଂପାଦକ ବୀର କିଶୋର ସୁନା, ଦ୍ୟୁତି ରଂଜନ ମହାଲିଙ୍ଗ, ନରେଶ ଦ୍ୱାରି, ହିମାଂଶୁ ସେନାପତି, ବିଘ୍ନରାଜ ସାହୁ, ଶରତ ନାଗ, କପିଳେଶ୍ୱର କୁମ୍ଭାର, ଶେଷଦେବ ସାହୁ ପ୍ରମୁଖ ଜଣାଇଛନ୍ତି।

# ବେଲପଡା କଲେଜରେ ସଚେତନତା କାର୍ଯ୍ୟକ୍ରମ




ବେଲପଡା,୬ ।୨(ସମିସ): ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ନୋଡାଲ ଅଫିସର ପ୍ରମୋଦ କୁମାର ବରିହାଙ୍କ ଆବାହନକ୍ରମେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଚେତନତା ସଭାରେ ଓଡ଼ିଆ ବିଭାଗମୁଖ୍ୟ ମନୋଜ କୁମାର ମହାଖୁଡ଼ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଅଧ୍ୟାପକ ସଞ୍ଜୟ ନନ୍ଦ, ବିଷୟ ବିଶାରଦ ଭାବେ ନିଜ ନିଜ ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ। ଇତିହାସ ବିଭାଗ ଅଧ୍ୟାପକ ସୁଦାମ ଚନ୍ଦ୍ର ମହାପାତ୍ର ମଞ୍ଚ ପରିଚାଳନା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

# ଦେଓଗାଁରେ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ



ଦେଓଗାଁ,୬।୨(ସମିସ):ଦେଓଗାଁ ବ୍ଲକ୍ ଦେଓଗାଁ ମିଶନଶକ୍ତି କୋଠାରେ ସ୍ଥାନୀୟ ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଆନୂକୁଲ୍ୟରେ ସିଡିପିଓ ମିନତି ମିଶ୍ରଙ୍କ ଅଧ୍ୟକ୍ଷତାରେ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସବିଆଇର ବିଶ୍ୱଜିତ ନନ୍ଦ,ଜରାସିଂହା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକ ରଞ୍ଜନ ମିଶ୍ର, ଆଇନଜୀବୀ ମନୋଜ କୁମାର ଦୀପ ପ୍ରମୁଖ ଯୋଗଦେଇ ଆର୍ଥିକ ସାକ୍ଷରତା,ବ୍ୟାଙ୍କ ପରିଚାଳନା, ସଞ୍ଚୟ,ସୁକନ୍ୟା ସମୃଦ୍ଧି, ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନା, ଆଇନଗତ ଅଧିକାର ଉପରେ ଆଲୋକପାତ କରିଥିଲେ। କିଶୋରୀ ବାଳିକା, ସ୍ୱୟଂ ସହାୟକ ଦଳର ସଦସ୍ୟା, ଆଶାକର୍ମୀ, ସିଆରପିସିଏମ, ଅଙ୍ଗନୱାଡିକର୍ମୀ, ସୁପରଭାଇଜର, ଶିକ୍ଷୟିତ୍ରୀ, ମହିଳା ଜନପ୍ରତିନିଧି ଉପସ୍ଥିତ ଥିଲେ। ପ୍ରଶ୍ନୋତ୍ତର ମାଧ୍ୟମରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବଲାଙ୍ଗିର,୬ ।୨(ସମିସ): ଗାନ୍ଧୀନଗରପଡାସ୍ଥିତ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନଶିକ୍ଷୟିତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତଥା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇ,ମୁଖ୍ୟବକ୍ତା ଭାବେ ଜିଲ୍ଲା କ୍ରୀଡା ଶିକ୍ଷାଧିକାରୀ ପ୍ରଦୀପ ପାତ୍ର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷୟିତ୍ରୀ ଯାଜ୍ଞସିନୀ ମହାପାତ୍ର,ସୋମନାଞ୍ଜଳି ସାହୁ, ରଶ୍ମିତା ଦାଶ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବରୁ ସକାଳେ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ଦିପ୍ତିମୟୀ ବେହେରା ଓ ଶିକ୍ଷକ ସୁରେଶ ବାରିକଙ୍କ ନେତୃତ୍ୱରେ ନଗର ପରିକ୍ରମା କରି ପାଟଣେଶ୍ୱରୀ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରିଥିଲା। କ୍ରୀଡା ଶିକ୍ଷୟିତ୍ରୀ ଶ୍ରୀମତୀ ବେହେରା ବାର୍ଷିକ ବିବରଣୀ ପଠନ ସହ ଶପଥ ପାଠ କରେଇଥିଲେ। ବରିଷ୍ଠ ଶିକ୍ଷକ ସୁରେଶ ବାରିକ ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଶିକ୍ଷୟିତ୍ରୀ ସବିତା ମିଶ୍ର।

## ଜରାସିଂହା ନେତ୍ରଭାନୁ ହାଇସ୍କୁଲର ପ୍ଲାଟିନମ ଜୁବୁଲି

# ସମାଜ ଜାଗ୍ରତ ହେଲେ ଦେଶର ସାମଗ୍ରିକ ବିକାଶ ସୁନିଶ୍ଚିତ





ଦେଓଗାଁ,୬।୨(ସମିସ)

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଜରାସିଂହା ନେତ୍ରଭାନୁ ହାଇସ୍କୁଲର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ପ୍ଲାଟିନମ ଜୁବୁଲି ମହୋତ୍ସବ ଶୁକ୍ରବାର ଦ୍ୱିତିୟ ଦିବସ। ଏହି ଦିବସରେ କମିଟୀ ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଓଡିଶା ପ୍ରଦେଶ କଂଗ୍ରେସ କମିଟୀ ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ସମାଜ ଜାଗ୍ରତ ହେଲେ ଦେଶର ସାମାଗ୍ରୀକ ବିକାଶ ସୁନିଶ୍ଚିତ ବୋଲି କହିବାସହ କାହାର ସମାଲୋଚନା ନକରି ନିଜ ଅନ୍ତର୍ନିହୀତ ପ୍ରତିଭାର ବିକାଶଦିଗରେ ଅଗ୍ରସର ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଶିକ୍ଷାମନ୍ତ୍ରୀ ଜୟଦେବ ଜେନା ଯୋଗଦେଇ ଦଳମତ ନିର୍ବିଶେଷରେ ଶିକ୍ଷାର ଉନ୍ନତି ପାଇଁ ସମସ୍ତେ ଚେଷ୍ଟିତ ହେଲେ ହିଁ ବିକଶିତ ରାଷ୍ଟ୍ର ନିର୍ମାଣ ସମ୍ଭବପର ବୋଲି ମତପ୍ରକାଶ କରିଥିଲେ। ଅନ୍ୟତନ ଅତିଥିମଧ୍ୟରେ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ବିନୋଦ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପୁରାତନଛାତ୍ର ସ୍ୱର୍ଗତ ରବିନ୍ଦ୍ରନାଥ ପାଢ଼ି,ବ୍ରଜ କିଶୋର ସିଂ ଦେଓ, ଫକିରୋ ମୋହନ ସାହୁଙ୍କୁ ମରଣୋତ୍ତର ସମ୍ମାନପୂର୍ବକ ତାଙ୍କ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେପରୀ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ସାହୁ, ରଥିନ୍ଦ୍ରନାଥ ପାଢ଼ି,ଅଶୋକ କୁମାର ମେହେର,ବିଶିଷ୍ଟ କ୍ରୀଡାବିତ ଅଶୋକ କୁମାର ଥନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଦିଲିପ କୁମାର ପୁଟେଲ ଙ୍କ ସଂଯୋଜନାରେ ସ୍ଥାନୀୟ ହାଇସ୍କୁଲ ଓ କଲେଜର ଛାତ୍ରୀ ମାନଙ୍କ ଦ୍ୱାରା ଦଶାବତାର ନୃତ୍ୟ, ଆମଘାଟର ସଂଚାର ଓ ଜିଲ୍ଲା ତଥା ଜିଲ୍ଲା ବାହାର କଳାକାରଙ୍କ ଦ୍ୱାରା ପାରମ୍ପାରିକ ଲୋକକଳା କୁନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ହାଇସ୍କୁଲର ପରିଚାଳନା କମିଟୀ , ଆଲୁମିନି ,ଉତ୍ସବ ପରିଚାଳନା କମିଟୀ ତଥା ଗ୍ରାମବାସୀ ସହଯୋଗ କରୁଛନ୍ତି।

# ନକ ଆଉଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କଣ୍ଟାବାଞ୍ଜି,୬ ।୨(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ହାଇସ୍କୁଲ ଖେଳପଡ଼ିଆରେ ଏନ୍‌ଏସ୍‌ବି କ୍ରିକେଟ କ୍ଲବ୍ ପକ୍ଷରୁ ସନାତନ ତାଣ୍ଡି ଓ ବିନୋଦ ତାଣ୍ଡି ସ୍ମୃତିରେ ଶୁକ୍ରବାର ସର୍ବଭାରତୀୟ ନକ ଆଉଟ୍ କ୍ରିକେଟ୍ ଟୁର୍ଣ୍ଣାର୍ମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ସ୍ୱେଚ୍ଛାସେବୀ ସଂଗଠନ ସଭାପତି ଶାନ୍ତନୁ ବିଭାର ଯୋଗଦେଇ ଉଦ୍‌ଘାଟନ କରିଥିଲେ।

ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରୁ ଖେଳାଳିମାନେ ଖେଳ ପ୍ରଦର୍ଶନ କରିବେ। ଆସନ୍ତା ୧୦ ତାରିଖ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।